

ତୃତୀୟ ବର୍ଷ ଚୈତ୍ର ଦ୍ୱିତୀୟ ସଂଖ୍ୟା

ବାର୍ଷିକ ମୂଲ୍ୟ ୨୪. ଟଙ୍କା
ପ୍ରତିସଂଖ୍ୟା ଦଶ ଅଣା

ସମ୍ପାଦକ
କୁମାର ବ୍ରଜେନ୍ଦ୍ର ନାରାୟଣ ସିଂହ ଦେବ

Digitized by srujanika@gmail.com

କୋଶଳ କଳାମଣ୍ଡଳର ମୁଖପତ୍ର

ଓଡ଼ିଶା ସରକାରଙ୍କ ପତ୍ର ନଂ ୫୧୬/-ଅର୍ ତା ୩ | ୨ | ୧୯୪୭ ମତେ

'ଚତୁରଙ୍ଗ'

ଓଡ଼ିଶା ବରଗୀୟ ପ୍ରତ୍ୟେକ ଅନୁଷ୍ଠାନ ପାଇଁ

ଗୃହୀତ ହୋଇଛି

# ସୂଚୀ


| ବିଷୟ | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|
| ୧ ପ୍ରେମ ଓ ପଣ୍ୟ. | ଶ୍ରୀ କୃଷ୍ଣଚରଣ ବେହେରା | ୪୩ |
| ୨ ନଷ୍ଟନୀଡ | ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ରୀ ଏମ. ଲିଟ୍ | ୪୪ |
| ୩ କାବ୍ୟ ଶିଳ୍ପର ପ୍ରାଣ ପ୍ରତିଷ୍ଠା | ଅଧ୍ୟାପକ ଶ୍ରୀ ଚିନ୍ତାମଣି ଦାଶ ଏମ୍ ଏ. | ୪୫ |
| ୪ ଜୀବନର ମୂଲ୍ୟ | ଲେଖକ:- ସ୍ୱାମୀ ଶିବାନନ୍ଦ; ଅନୁବାଦିକା ଶ୍ରୀମତୀ ବସନ୍ତ କୁମାରୀ ଦେବୀ | ୪୯ |
| ୫ ପ୍ରବବାହୁଡ଼ର ଭଙ୍ଗା ଇସ୍ତାହାର | ଅଧ୍ୟାପକ ଶ୍ରୀ ଗୋଲକ ବିହାରୀ ଧଳ | ୫୪ |
| ୬ କବିତା | ଶ୍ରୀ ଗଗନ ବିହାରୀ ମହାନ୍ତି-ଏମ୍ ଏ | ୫୮ |
| ୭ ସଂଗୀତ | ଶ୍ରୀ ମନ୍ମଥ ମୋହନ ବେହେରା | ୬୧ |
| ୮ ସଂଜ୍ଞା ଜାଲ | ଶ୍ରୀ ଦଣ୍ଡପାଣି ମିଶ୍ର | ୬୨ |
| ୯ ଶାନ୍ତିନିକେତନରେ ବୃକ୍ଷରୋପଣ | ଶ୍ରୀ ଦେବେନ୍ଦ୍ରନାଥ ପ୍ରଧାନ | ୬୦ |
| ୧୦ ଓଡ଼ିଶୀ କଳା | ଶ୍ରୀ ଚକ୍ରନାରାୟଣ ସାହୁ | ୬୪ |
| ୧୧ ଦୂନାଇଲ | ଶ୍ରୀ ନବକିଶୋର ଦାସ | ୬୮ |
| ୧୨ ହସଶେଫାଳୀ | ଶ୍ରୀ ରସାନନ୍ଦ ସାହୁ | ୭୨ |
| ୧୩ ପୁରପାସ | | ୭୨ |


Digitized by srujanika@gmail.com

# ଚତୁରଙ୍ଗ

ନାଟ୍ୟ-ସଙ୍ଗୀତ-ତତ୍ତ୍ୱଜ୍ଞାଃ ଯେ ସାହିତ୍ୟ-ବିଶାରଦାଃ

କଳାସୁ କୁଶଳାଃ ସର୍ବେ ମହୀୟନ୍ତାଂ ମହୀତଳେ ॥

ତୃତୀୟ ବର୍ଷ ✱ ଚୈତ୍ର, ମୀନ ମାର୍ଚ୍ଚ ୧୯୫୦ ✱ ଦ୍ୱିତୀୟ ସଂଖ୍ୟା


## ପ୍ରେମ ଓ ପଣ୍ୟ

ଶ୍ରୀ କୃଷ୍ଣଚରଣ ବେହେରା

ନଦୀ ତୀର ବନେ ମୃଗୟାରେ ରତ
କଳିଙ୍ଗ ରାଜ କୁମାର
ଦେଖିଲେ ନଦୀରେ ସୁନାର ବୋଇତ
ଭାସିଯାଏ ଥର ଥର ।
ବୋଇତେ ବସିଛି ହିଂସୁଳ ଶେଯରେ
କିଏ ସେ ରାଜକୁମାରୀ ?
ମନ ଭୁଲା ରୂପ, କରୁଣ ଚାହାଁଣି
ସ୍ୱରଗୋକ ଅପସରୀ ?
କୁମାରଙ୍କୁ ଦେଖି ସେ ନବ ସୁନ୍ଦରୀ
ଦେଖାଇଲା 'ପଦ୍ମଫୁଲ'
ପୁଣି ଦେଖାଇଲା 'ମତ୍ସ୍ୟ ଛବି' ଏକ,
କିଏ ବୁଝିବ ତା' ମୂଲ ?
କୁମାର ପାଗଳ ହେଲେ,
କି ଅଲୁହା କଥା କହିଲା ସେ ଜେମା
ବୁଝି ଥାଆନ୍ତେ କି ହେଲେ !
ଅହରହ ଖୋଜି ଭାବିଲେ କୁମାର
ସେ ରାଜ ନନ୍ଦନୀ ବାଳା

ସମ୍ଭବ କି କେବେ ଅନ୍ଧେର ମୋତିର
ଅପୂର୍ବ ବରଣ ମାଳା ?
ଦୂର ତୀର ପାର ମିଶିବ କି କେବେ
ଦୁରନ୍ତ ସାଗର କୋଳେ !
ଆକାଶ ଜହ୍ନଆ, ଚଲକୋର ମାଛ
ଏକ ହେବ କେଉଁ କାଳେ ?
ରାଜ ଅନ୍ତଃପୁର ହେଲା କାରାଗାର,
ଖିଆ, ପିଅ ହେଲା ବିଷ;
ମହିମା ଜାଣିଲେ, ରାଣୀ ମା' ଶୁଣିଲେ
କରାଯିବ କହ କସ ?
ଶେଷେ ସାର କଥା ଜାଣି
ମନ୍ତ୍ରୀ, ବଣିକ; କହୁଅଲ ସୁ
ଖୋଜି ଗଲେ ହେମାମଣି ।
ମନ୍ତ୍ରୀ, ପୁତ୍ର ରାଜ ନୀତ ପେସା,
ସେହି ବଳେ ପାଏ ଖୋଜି,
'ପଦ୍ମଫୁଲ' ଓ 'ମତ୍ସ୍ୟର ଛବି'—
ମର୍ମ ବୁଝିଲ ଭେଜି !

Digitized by srujanika@gmail.com

'ମତ୍ସ୍ୟ ଛବି' କୁ ବୁଝିଲା ବଣିକ
ମତ୍ସ୍ୟ ବଣିଜ ଭାର,
ରକ୍ଷିତା ଯୁବତୀ ବୋଲି ସେ ତାହାର
ପ୍ରଭୁରେ ମହାଦର !
ଛଇଅଲ ପୁଅ ଭାବିଲା ସେ କନ୍ୟା
ଉଜ୍ଜୟିନୀରେ ପଦ୍ମ ବଣେ
ମତ୍ସ୍ୟ ବ୍ୟବସାୟ କରେ; ଗୋପନେ କୁମାରେ
ଡାକଗଲା ସେହିଠାରେ !
ସରଳେ ନ ବୁଝିବଲେ
ଏମିତି କେତେ ଦେଶେ; ଖୋଜିଲେ; କନ୍ୟାର
ସନ୍ଧାନ ନାହିଁ ମିଳେ ।।
ଏଣେ ସେ ନୃପରାଜ ନିଜେ ବାହାରିଲେ
ହୃଦୟ ରାଣୀ ସନ୍ଧାନେ
'ପଦ୍ମଫୁଲ' ଓ 'ମତ୍ସ୍ୟର ଛବି'
ନାଚିଲା ହୃଦୟ ମନେ,।
ମତ୍ସ୍ୟ ଛବିକୁ ବୁଝିଲେ କୁମାର
ମତ୍ସ୍ୟ ଦେଶ କେମା ବତୀ,
ପଦ୍ମ ଫୁଲର ଗୁମ୍ଫ, ଗନ୍ଧ ନେଇ
ନାମ ତାର ପଦ୍ମାବତୀ
ପକ୍ଷୀରାଜ ଅଶ୍ୱେ ଚଢ଼ିଣ କୁମାର
ମତ୍ସ୍ୟ ଦେଶ କେମା ପୁରେ
ଦେଖିଲେ ତାଙ୍କର ମାନସୀ ପ୍ରତିମା
ତାଙ୍କ ପାଇଁ ଚାହିଁ ଥିଲେ
ହେଲା ମଧୁର ମିଳନ
ହୃଦୟେ ହୃଦୟ ପ୍ରେମେ ପ୍ରେମ ମିଶି
ବାନ୍ଧ ପଡିଗଲେ ଯେନ !!

---

## ନଷ୍ଟ ନୀଡ

( ଲେଖକ:- ସୂର୍ଯ୍ୟନାରାୟଣ ପାତ୍ରୀ ଏମ୍. ଇଡ )

ନଷ୍ଟ ନୀଡ କପୋତର,
ନିର୍ମଳର ଚନ୍ଦ୍ରାଲୋକେ ଏକାନ୍ତେ କପୋତୀ ମଗ୍ନ
ବିଷାଦର ଗଭୀର ଅତଳେ ।
କାହିଁ କିହେ ଅର୍ଥହୀନ ଗାନ ଏହି ବ୍ୟଥା ବିହଙ୍ଗର ?
ନୁହେଁ ବନ୍ଧୁ ନୁହେଁ ତାହା କେବେ ।
ସମ୍ରାଟର ଧର ସମ୍ରାଟର ପଦ-
ବ ତଳ ମଣିହର୍ମ୍ୟ ଅକସ୍ମାତ ଭୂମିକମ୍ପେ
ଏ ଧୂଳିସାତ୍
ମହେନ୍ଦ୍ର ସେ ଧ୍ରୁବ ପଦ ଦାରିଦ୍ର୍ୟ ପଙ୍କାର
ସେ ଦୁଃଖର ନ୍ୟୂନ ଏହା ନୁହେଁ କିଛି ।
ଅମରର ଇନ୍ଦ୍ର ପଦ ଅଚମ୍ବିତେ ହୁଏ ସ୍ୱର୍ଗଚ୍ୟୁତ ---
ପାତାଳ ଅନ୍ଧକାରେ ରହେ ମ୍ଳାନ ଅଜ୍ଞାତ ପ୍ରବାସ ...
ସେ ଯନ୍ତ୍ରଣା ସମ ।
ଅର୍ଦ୍ଧଶତାବ୍ଦୀର ଶ୍ରମେ ସୁବିପୁଳ ସାମ୍ରାଜ୍ୟ ସଂପଦେ
ଜାହାଙ୍ଗୀର ଐଶ୍ୱର୍ଯ୍ୟ ସମ୍ରାଟ
ଯମୁନା ତୀରେ ତାଜମହଲ
ଯାଣିବିକ ନିବାସ ତେ ଯେ ପଦରେ କୁଏ ଭସ୍ମସାତ •
ଜାଣିବି ଯେ ବେଦନା ସାହାଜାହାନ-ହୃଦୟାତ୍ମା ପରିଚେ
ସେ ବ୍ୟଥାର କାହିଁ ରାଗିଣୀ ଝଂକାରଇ ତା ଅନ୍ତରେ ।
କହିଁ ଜାଣ ସଖା ?
ନ ଥିଲା ଏ ଖାଲି ନୀଡ଼
ଏ ଥିଲା ତା ପ୍ରଣୟର ସାଧନା ମନ୍ଦିର ।
ନିର୍ଦ୍ଦୟ ନିଷାଦ ଶରେ ନିହତ ଦୟିତ ବକ୍ଷେ
ଏକାକିନୀ ବିରହିଣୀ କେତେ ଜ୍ୟୋତ୍ସ୍ନା ତାରକିତ ରାତ୍ର
ଜାଗିଛି ବିରଲେ ଏହି ନଷ୍ଟ ନୀଡେ
ପ୍ରିୟଧ୍ୟାନେ ଗଣ୍ଡ କରି ଆର୍ଦ୍ର ଅଶ୍ରୁ ଜଳେ ।
କେତେ ଶତ ରଜନୀର ତରଳ ଆଳାପ
ଅବ୍ୟକ୍ତ ପ୍ରେମ ସଂବେଦନ
ଚଞ୍ଚଳ ଚଞ୍ଚୁର ତଟେ ଚପଳ ଚୁମ୍ବନ ପୁଣି ଦୃଢ଼ ଆଲିଙ୍ଗନ
ତାର ମଧୁ ସକରୁଣ ସ୍ମୃତି ଜଡ଼ିତ ଏ ନଷ୍ଟ ନୀଡେ ।
କ୍ଷୁରେ ତେଣୁ ସର୍ବହରା କ୍ରନ୍ଦସୀ କପୋତୀ !
ଝୁରେ ଯଥା ପୂଜାରିଣୀ
ଦେବହୀନ ମନ୍ଦିରର ଭଗ୍ନ ସ୍ତୂପ କୂଳେ
ଝୁରେ ଯଥା କୁମୁଦିନୀ ନଷ୍ଟ କୋଷେ ଚନ୍ଦ୍ର ଅସ୍ତ ଲଗ୍ନେ
ଚୂର୍ଣ୍ଣି ହେଲେ ଚନ୍ଦ୍ରକାର ଶେଷଚିହ୍ନ ତପନର
ଚଣ୍ଡକିରଣରେ !!

Digitized by srujanika@gmail.com

# କାବ୍ୟକଳାର ପ୍ରାଣ ଓ ପ୍ରତିଷ୍ଠା

ଅଧ୍ୟାପକ-ଶ୍ରୀ ଚନ୍ଦ୍ରମଣି ଦାଶ ଏମ୍ ଏ.

ପ୍ରାଚୀନ ଭାରତର ରସ ବାଦୀ ଓ ଆଲଂକାରିକ ପଣ୍ଡିତମାନେ କାବ୍ୟର ନିର୍ଦ୍ଦେଶ କରିବାକୁ ଯାଇ କହିଅଛନ୍ତି ଏହା "ରସାତ୍ମକ ବାକ୍ୟ"। ଏ ଯୁଗର ବିଶ୍ୱକବି ରବୀନ୍ଦ୍ରନାଥ କାବ୍ୟର ଏହି ବ୍ୟାପକ ଓ ବିସ୍ତୃତ ସଂଜ୍ଞାକୁ କୃତଜ୍ଞତାର ସହିତ ସମର୍ଥନ କରିବାକୁ ଯାଇ କହିଅଛନ୍ତି "ଏହା ଅପେକ୍ଷା ସଂକ୍ଷିପ୍ତ ଅଥଚ ବ୍ୟାପକ ସଂଜ୍ଞା କାବ୍ୟର ମୁଁ ଆଉ ଅନ୍ୟ କୌଣସି ଶାସ୍ତ୍ରରେ ଦେଖି ନାହିଁ। ଅବଶ୍ୟ 'ରସ' କାହାକୁ କୁହାଯାଏ ତାକୁ ବୁଝାଇବାର ଶକ୍ତି କାହାର ନାହିଁ। ଏହି 'ରସ' ଅନିର୍ବଚନୀୟ। ରବୀନ୍ଦ୍ରନାଥଙ୍କ ମତରେ ଯାହା ହୃଦୟ ଭିତରେ କୌଣସି ନା କୌଣସି ଭାବରେ ପ୍ରକାଶ ପାଏ ତାହା ରସ। ଶୁଷ୍କ ଜ୍ଞାନର ସାହାଯ୍ୟରେ ଯାହା ପ୍ରକାଶ ପାଏ ତାହା ରସ ନୁହେଁ। ରସ ଜ୍ଞାନର ବିଷୟ ନୁହେଁ, ଏହା ବୁଦ୍ଧିଗ୍ରାହ୍ୟ ନୁହେଁ। ଏହାକୁ ହୃଦୟରେ ଅନୁଭବ କରିବାକୁ ହେବ। ଏହି ରସାସ୍ୱାଦନ ହୃଦୟର ଅନୁଭୂତିର କଥା। ଏହା ମନୁଷ୍ୟର ପ୍ରାତ୍ୟହିକ ପ୍ରୟୋଜନର ଅତୀତ। ଯାହା ଅନାବଶ୍ୟକ ଭାବରେ ଆପଣାର ଆନନ୍ଦ ବ୍ୟକ୍ତ କରେ କିମ୍ବା ଯାହା ମାନବର ସର୍ବପ୍ରକାର ପ୍ରୟୋଜନକୁ ଅତିକ୍ରମ କରି ବାହାରକୁ ଧାବିତ ହୁଏ, ତାହାହିଁ ରସ, ଏବଂ ଏହାହିଁ ରବୀନ୍ଦ୍ରନାଥଙ୍କ ମତରେ କାବ୍ୟର ପ୍ରାଣ। ମନୁଷ୍ୟ ପ୍ରାଣରେ ଯେତେବେଳେ ଅନୁଭୂତି କିମ୍ବା ଉଦ୍‌ବେଗ ଉଚ୍ଛ୍ୱସିତ ଓ ଉଦ୍‌ବେଳିତ ହୋଇଉଠେ, ସେତେବେଳେ ସେ ତାକୁ ଭାଷାରେ ପ୍ରକାଶ ନ କରି ରହିପାରେ ନାହିଁ। ଅନୁଭୂତି ରସରୂପ ଲାଭ କରେ ସେହିଠାରେ ଯେଉଁଠାରେ ସେ ବ୍ୟକ୍ତିର ହୃଦୟରୁ ନିଃସ୍ୟନ୍ଦିତ ହୋଇ ବିଶ୍ୱର ସହିତ ମିଳିତ ହେବାକୁ ଇଚ୍ଛାକରେ। ସେଥିପାଇଁ ଆନନ୍ଦ ବର୍ଦ୍ଧନ ଓ ଅଭିନବ ଗୁପ୍ତ ପ୍ରଭୃତି ରସ-ବିଚାରକମାନେ କହି ଅଛନ୍ତି କାବ୍ୟର ଅର୍ଥ 'ସହୃଦୟଶ୍ଲାଘ୍ୟ'। ଅର୍ଥାତ୍ କବି ଯାହା ପ୍ରକାଶ କରେ ତାହା ସେତିକି ବେଳେ କେବଳ ସାର୍ଥକତା ଲାଭ କରେ, ଯେତେବେଳେ ସହୃଦୟ ବ୍ୟକ୍ତି ତାହାକୁ ଆଦର କରେ। ବିଶ୍ୱର ସଙ୍ଗେ ବ୍ୟକ୍ତିର ଅନୁଭୂତିର ଏହି ଯେଉଁ ସମ୍ମିଳନ, ଏହାହିଁ ସାହିତ୍ୟ। ଯେଉଁଠାରେ ମନୁଷ୍ୟ ନିଃସଙ୍ଗ, ଏକାକୀ ସେଠାରେ ତାର ପ୍ରକାଶ ନାହିଁ। ଏହି ମିଳନ କ୍ରିୟାକୁ କେହି କେହି ରସଜ୍ଞ ପଣ୍ଡିତ 'ସ୍ୱକୀକରଣ' କିମ୍ବା 'ସାଧାରଣୀ କରଣ' କହନ୍ତି। ଅନୁଭୂତି ପ୍ରକାଶର ଉତ୍ସବ କାବ୍ୟର ପ୍ରାଣ। ଏହି ପ୍ରକାଶବଳରେ ଅନୁଭୂତି ଆପଣାର ସୀମାବଦ୍ଧ ରୂପରୁ ମୁକ୍ତିଲାଭ କରି ବିଶ୍ୱ ଜଗତର ଗୋଚରୀଭୂତ ହୁଏ। କାମ ମୋହିତ କ୍ରୌଞ୍ଚ କ୍ରୌଞ୍ଚୀ ମଧ୍ୟରୁ ଗୋଟିଏ ବ୍ୟାଧ ଦ୍ୱାରା ନିହତ ହେବାର ଦେଖି ବାଲ୍ମୀକି ଶୋକାଭିଭୂତ ହୋଇ ଶ୍ଳୋକ ରଚନା କଲେ:—

ମା' ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀ ସମାଃ
ଯତ୍‌କ୍ରୌଞ୍ଚ ମିଥୁନାଦେକମବଧୀଃ କାମମୋହିତଃ।

ଏହି ଶୋକାର୍ତ୍ତ ଶ୍ଳୋକ ଯେତେବେଳେ ତାଙ୍କ କଣ୍ଠରୁ ନିଃସୃତ ହେଲା, ସେତେବେଳେ ଏହା ଆଉ ମୁନିଙ୍କର ବ୍ୟକ୍ତିଗତ ଶୋକ ହୋଇ ରହିଲା ନାହିଁ। ଯଦି ତାହା ମୁନିଙ୍କର ବ୍ୟକ୍ତିଗତ ଶୋକ ହୋଇଥାନ୍ତା, ତେବେ ତାହା କଦାପି 'ଶ୍ଳୋକତ୍ୱ' ଲାଭ କରି ପାରି ନ ଥାନ୍ତା। ସେହି ଦୁଃଖାନୁଭୂତି କବିଙ୍କ ହୃଦୟରୁ ଉଚ୍ଛୁଳିତ ହୋଇ ବିଶ୍ୱ ସହିତ ମିଶିଗଲା। ଏହି ଶ୍ଳୋକର କରୁଣ ରସ ରୂପ ବର୍ତ୍ତମାନ ହୋଇ ପଡ଼ିଲା ମୁନିଙ୍କ ଓ ରସଜ୍ଞ ଲୋକର ଯୌଥ ସମ୍ପଦ। ବ୍ୟାଧ ଯେ କାମମୋହିତ କ୍ରୌଞ୍ଚ ମିଥୁନ ମଧ୍ୟରୁ ଗୋଟିକୁ ବଧକଲା, ଏହା ତମସାତୀରର କୌଣସି ନିର୍ଦ୍ଦିଷ୍ଟ ସମୟରେ ଗୋଟିଏ ବିଚ୍ଛିନ୍ନ ଘଟଣା। କିନ୍ତୁ ବାଲ୍ମୀକି ଏହାକୁ ଦେଖିଲେ ଶାଶ୍ୱତକାଳର ପାର୍ଶ୍ୱଭୂମିରେ। ପ୍ର

Digitized by srujanika@gmail.com

ସହୃଦ ପଣ୍ଡିତ ହେବାର କବିଙ୍କର ଯେଉଁ ମୂଳୀଭୂତ ଆକାଂକ୍ଷା ତାହାହିଁ ଏହି ଶ୍ଳୋକକୁ ଏବଂ ତା ସଙ୍ଗେ ସଙ୍ଗେ ରାମାୟଣକୁ ଅମରତ୍ୱ ଦାନ କରିଅଛି ସେହିଯୋଗୁଁ ରାମାୟଣ ଆଜି ବ୍ୟକ୍ତି ବିଶେଷର, କାଳ ବିଶେଷର ଦେଶ ସ୍ଥାନ ବିଶେଷର ସାମଗ୍ରୀ ନୁହେଁ । ଏହା ଆଜି ବିଶ୍ୱ ଜଗତର ଚିର ଆଦରର ସମ୍ପଦ । ପାଶ୍ଚାତ୍ୟ ଦେଶର ସାହିତ୍ୟ-ସମାଲୋଚକ ସୁପଣ୍ଡିତ ମାଥ୍ୟୁ ଅର୍ନୋଲ୍ଡ ବୋଧହୁଏ ଏହି କଥା ଲକ୍ଷ୍ୟ କରି କହିଥିଲେ କାବ୍ୟର ପ୍ରାଣ — 'Eternal Passion, Eternal Pain'

ଏଥିରୁ ସ୍ପଷ୍ଟ ବୁଝାଗଲା ରସହିଁ କାବ୍ୟର ପ୍ରାଣ । ଯେଉଁ କବିର ରସବୋଧ ଅର୍ଥାତ୍ ଅନୁଭୂତ ପ୍ରବଣତା ଯେତେ ବେଶୀ, ତାଙ୍କ କାବ୍ୟ କବିତାରେ ରସ-ପ୍ରବାହ ସେତିକି ସୁସ୍ପଷ୍ଟ ଏବଂ ପାଠକର ହୃଦୟ-ତନ୍ତ୍ରୀକୁ ଝଙ୍କୃତ କରିବାକୁ ସେ ସେତିକି ସମର୍ଥ । ଆଲଂକାରିକ 'ସାହିତ୍ୟ ଦର୍ପଣ'କାର ବିଶ୍ୱନାଥ କବିରାଜଙ୍କର ବହୁପୂର୍ବେ 'କୁନ୍ତଳ' ନାମକ ଆଉ ଜଣେ ବିଦଗ୍ଧ ପଣ୍ଡିତ 'ବ୍ୟକ୍ତି ବିବେକ' ନାମରେ ଗୋଟିଏ ଉପାଦେୟ ଅଳଂକାର ଶାସ୍ତ୍ର ଲେଖିଥିଲେ । ସୁଲେଖକ ଅଧ୍ୟାପକ ରାଜକିଶୋର ରାୟ କୌଣସି ସଂଖ୍ୟାର 'ନବ-ଭାରତ'ରେ ଏହି 'କୁନ୍ତଳ'ଙ୍କର କାବ୍ୟାଦର୍ଶ ସମ୍ବନ୍ଧରେ ଗୋଟିଏ ସୁଚିନ୍ତିତ ପ୍ରବନ୍ଧ ଲେଖିଅଛନ୍ତି । କିନ୍ତୁ 'କୁନ୍ତଳ'ଙ୍କ ମତରେ କାବ୍ୟର ପ୍ରାଣ କଣ ସେ ବିଷୟରେ ବିଶେଷ କିଛି ସେ ଉଲ୍ଲେଖ କରି ନାହାନ୍ତି । 'କୁନ୍ତଳ' କାବ୍ୟର ପ୍ରାଣ ସମ୍ବନ୍ଧରେ ଲେଖିଅଛନ୍ତି 'ବକ୍ରୋକ୍ତି କାବ୍ୟ-ଜୀବିତଂ' 'ବକ୍ରୋକ୍ତି' କାବ୍ୟର ପ୍ରାଣ । ଅବଶ୍ୟ ଏହି 'ବକ୍ରୋକ୍ତି' ବିଷୟ ତାଙ୍କ ପ୍ରବନ୍ଧରେ ଉଲ୍ଲେଖିତ ଅଛି । କିନ୍ତୁ ତାର ସ୍ୱରୂପ ସେଥିରେ ସ୍ପଷ୍ଟ ହୋଇ ଉଠିପାରିନାହିଁ । ସଂସ୍କୃତ ସାହିତ୍ୟରୁ ଗୋଟିଏ ଦୁଇଟି ଶ୍ଳୋକର ଉଦାହରଣ ଦେଲେ ବୁଝାଯିବ ଏହି 'ବକ୍ରୋକ୍ତି' କଣ ?

'ଲତାନୂତନ [illegible] ପରିମ୍ଳାନୋ ହିମକରଃ
ଶ୍ରିୟଂ [illegible] କୁବଲୟାତ୍
ଧୂମ୍ରାତେ ବନ୍ଧୂକଂ [illegible] ପବନଃ
[illegible]'ରେ ପୁଣ୍ୟଂ ପରିଣମତ କସ୍ୟାପି 'କୃତନଃ'

କୌଣସି ସ୍ତ୍ରୀର ସ୍ୱାମୀ ବିଦେଶକୁ ଯାଇଛି । ସେ ଦୁଆର ମୁହଁରେ ହାତଦେଇ ସେହି କଥା ଭାବୁଛି । ଆଖିରୁ ତାର ଟପ୍ ଟପ୍ ହୋଇ ଲୁହ ବିନ୍ଦୁ ଖସି ପଡୁଛି । ନାକରୁ ଦୀର୍ଘ ନିଃଶ୍ୱାସ ବାହାରୁଛି । ଗ୍ରୀଷ୍ମରେ ତାର ଓଠ ଥରି ଉଠୁଛି । ଏହିସବୁ ଦୃଶ୍ୟ ଦେଖି କବିଙ୍କର ମନ କହୁଛି ଧନ୍ୟ ସେହି ପୁରୁଷ ଯେ ଏହିପରି ସାଧ୍ୱୀ ଓ ପତିପ୍ରାଣା ସ୍ତ୍ରୀର କର ଧାରଣ କରିଅଛି । ଏତେ ଗୁଡ଼ିଏ କଥା ଏହି ଶ୍ଳୋକଟିରେ ନିଗୂଢ଼ ଭାବରେ ଅଭିବ୍ୟକ୍ତ ହୋଇଥିଲେ ସୁଦ୍ଧା ଶ୍ଳୋକର କୌଣସି ଶବ୍ଦର ଆକ୍ଷରିକ ଅର୍ଥରୁ ଏହି ଭାବ ପ୍ରତୀତ ହେଉନାହିଁ । ବିରହ-ବ୍ୟଥା ବ୍ୟଞ୍ଜକ ଶବ୍ଦ ବିନ୍ୟାସ ଓ କ୍ରିୟା ପ୍ରକ୍ରିୟାର ଅନ୍ତରାଳରେ ବିରହିଣୀର ଏହି ନିଗୂଢ଼ ମନୋବେଦନା ପ୍ରଚ୍ଛନ୍ନ ଭାବରେ ଲୁକ୍କାୟିତ ଅଛି । କବି କେବଳ ଧ୍ୱନି ସଂକେତ ଓ ସୂଚନା ଦ୍ୱାରା ଏହି ପ୍ରୋଷିତ ଭର୍ତ୍ତୃକାର ଦୁଃଖ ଓ ବେଦନା ବର୍ଣ୍ଣନା କରି ଅଛନ୍ତି । ଭାଷାର ସଂଯମ ଓ ଶବ୍ଦ-ଶିଳ୍ପର ଅପୂର୍ବ ସମନ୍ୱୟରେ କେବଳ ଶୃଙ୍ଗାର ରସ ନୁହେଁ ପାଠକ ମନରେ ଅପରିସୀମ କରୁଣ ରସର ଉଦ୍ରେକ ହେଉଅଛି । ଏହି ଶ୍ଳୋକରେ କବିର ଅନୁଭୂତ ଯେପରି ସୁସ୍ପଷ୍ଟ ଓ ସୁବ୍ୟକ୍ତ, ପାଠକର ପ୍ରାଣ ମଧ୍ୟ ରସରେ ସେହିପରି ସଂଜୀବିତ ଓ ଉଲ୍ଲସିତ ହୋଇ ଉଠେ । ଏହାହିଁ ବକ୍ରୋକ୍ତି, ଏହାହିଁ 'କୁନ୍ତଳ'ଙ୍କ ମତରେ କାବ୍ୟର 'ଜୀବିତ' । କାବ୍ୟର ଉପାଦାନ ଭାଷା ଓ ଭାବ । ହୃଦୟର ଅନୁଭୂତ ଗମ୍ଭୀର ହେଲେ ଭାଷା ସେହି ଅନୁପାତରେ ଅନବଦ୍ୟ ଓ ମନ୍ତ୍ରସ୍ପର୍ଶୀ ହେବା ସ୍ୱାଭାବିକ । ସେହିପରି ଆଉ ଗୋଟିଏ ଶ୍ଳୋକର ତାତ୍ପର୍ଯ୍ୟ ହେଉଛି ସକାଳ ହେବାରୁ ସୂର୍ଯ୍ୟ କିରଣ ପଦ୍ମଫୁଲ ମଧ୍ୟରେ ପ୍ରବେଶ କଲା । ଏଠାରେ ସୂର୍ଯ୍ୟଙ୍କୁ ନାୟକ ଏବଂ ପଦ୍ମକୁ ନାୟିକା ରୂପେ କଳ୍ପନା କରାଯାଇଅଛି । ପଦ୍ମର ଦ୍ୱାର ରକ୍ଷକ ସ୍ୱରୂପ ଭ୍ରମରମାନେ ଗୁଞ୍ଜୁ ଗୁଞ୍ଜୁ କହୁଥିଲେ ସୁଦ୍ଧା ସେମାନେ ଲକ୍ଷ୍ମୀ ରବି-

Digitized by srujanika@gmail.com

କିରଣକୁ ଟେକି ପାରିଲେ ନାହିଁ । ସେ ଧାଳସ୍ତମ୍ଭଙ୍କ ଅସି ପଦ୍ମିନୀଙ୍କର ଲୀଳାଗୃହରେ ପ୍ରବେଶ କଲା । ପକ୍ଷବନ୍ତ ରାଜହଂସମାନେ ରବି କିରଣର ଏ ଦୁର୍ନୀତି ଓ ଦୁଃସାହସ ଦେଖି ଭୀତ ହୋଇ ଉଡ଼ିଲେ । ରବି କିରଣକୁ କ୍ଷମା ନ କରି ସେମାନେ ଅନ୍ୟ କରନ୍ତେ କଣ ? ରବି କିରଣ ସଙ୍ଗେ ଯୁଝିବାକୁ ତାଙ୍କର ଶକ୍ତି ସାମର୍ଥ୍ୟ କେତେ ? ପକ୍ଷବନ୍ତ ହୋଇ ମଧ୍ୟ ରାଜହଂସମାନଙ୍କ ପେଟରେ କେବେ ରବି କିରଣର ଦୁଃସାହସିକତାର କୌଣସି ପ୍ରତିକାର ବିଧାନ କରି ପାରିଲେ ନାହିଁ ତେବେ ଅଉ ଗୃହ କଣ ? କିଏ ତାଙ୍କର ସତୀତ୍ୱ ରକ୍ଷା କରିବ ? କିଏ ତାଙ୍କର ଶରଣ୍ୟ ହେବ ? ଏହିପରି ଭାବି ନିଷ୍ପାରେ କୁମୁଦନୀ ମୂର୍ଚ୍ଛିତା ହୋଇ ପଡ଼ିଲେ ।

ଶ୍ଳୋକଟି ଏହି—

'ଲକ୍ଷ୍ମୀଲୀଳା ଗୃହାଣାଃ ଦିନକର କିରଣୈଃ କ୍ଷ୍ମାମୟୀନାଂ ହୃଣାଂ
ମେତେତେ ନାମ୍ବୁଜଦୌବାରକମୁଖର ଧାଳତ୍ରାଳମନୁର୍ବିଶନ୍ତ
ପଶ୍ୟନ୍ତ୍ୟୋ ରାଜହଂସା ଅପିଯଦ ଉଦାଦଂ ପକ୍ଷବନ୍ତ କ୍ଷମନ୍ତେ
ତସ୍ୟାଧନ୍ୟା ଶରଣ୍ୟଃ କମିତ କୁମୁଦନୀ ମୋହମାରଜଦାର'

ଏହି ଶ୍ଳୋକରେ ଶୃଙ୍ଗାର ରସର ଅଭିବ୍ୟକ୍ତି ଅଛି ସତ୍ୟ, କିନ୍ତୁ ତାହା ପ୍ରଚ୍ଛନ୍ନ ଓ ସଂଯତ ଭାବରେ ବିନ୍ୟସ୍ତ ହୋଇଅଛି । ରସର ଆଭାସ ମାତ୍ର ଅଛି । ପ୍ରେମିକର ପ୍ରତେଷ୍ଟାରେ କୌଣସି ଉଲଗ୍ନ, କଳୁଷ, ଆଭାସ ବର୍ଣ୍ଣନା ନାହିଁ । ରସର ପୂର୍ଣ୍ଣ ବିକାଶ କିମ୍ବା ଉତ୍କର୍ଷ କାବ୍ୟ-ଶିଳ୍ପର ପ୍ରାଣ ନାହିଁ । ଇଙ୍ଗିତ, ସୂଚନା, ଧ୍ୱନି କିମ୍ବା ବ୍ୟଞ୍ଜନାରେ ରସ ନିଜର ଅନୁଭୂତି ଓ କଳ୍ପନାକୁ ଅଭିବ୍ୟକ୍ତ କରି ପାଠକ ହୃଦୟକୁ ଗଭୀର ରସାନୁଭୂତିରେ ସଞ୍ଜୀବିତ କରେ । ପାଠକ ସ୍ତବ୍ଧ ହୋଇ ଚିନ୍ତା କରିବାକୁ ଅବସର ପାଏ ତାର ହୃଦୟରେ ଗଭୀର ରେଖାପାତ ହୁଏ । ସେଉଁ ଶ୍ଳାଘ୍ୟ ଜନ ସମାଦୃତ କାବ୍ୟ ମୂଲ୍ୟ ନିରୂପଣର ପ୍ରଧାନ ମାପକାଠି, ତାହାକୁ ଏହି ଇଙ୍ଗିତ ଦ୍ୱାରା ଲାଭ କରାଯାଏ । ...କାଳି ଓଡ଼ିଆ କାବ୍ୟ ... ପ୍ରେମ-

ଲମ୍ପଟା ବର୍ଣ୍ଣନାର ଆତିଶଯ୍ୟ ପ୍ରାୟ ସର୍ବତ୍ର ପରିଲକ୍ଷିତ ହୁଏ । ଯୌନକ୍ଷୁଧା କିମ୍ବା ମିଳନର ଅନେକ ଅଶ୍ଳୀଳ ପରମାଣର ସ୍ପଷ୍ଟପଣ ଓ ବିସ୍ତୀର୍ଣ୍ଣ ବର୍ଣ୍ଣନା ଦେଖିବାକୁ ମିଳେ । ଭାବର ଉଚ୍ଛ୍ୱାସ, କାବ୍ୟର ଗୁଣ, କିନ୍ତୁ ଉଚ୍ଛ୍ୱାସର ଆତିଶଯ୍ୟ କାବ୍ୟର ଦୋଷ । ସେହି କାବ୍ୟର ଶିଳ୍ପ-କଳା ଅନବଦ୍ୟ ଯହିଁରେ ନାୟକ ନାୟିକା ସଂଯତ, ସରଳ ଓ ସମ୍ବଳ ଭାଷାରେ ନିଜ ନିଜ ହୃଦୟର ଗୋପନ ବ୍ୟଥା ପ୍ରକାଶ କରିଥାନ୍ତି । ଅତି ନାଟକୀୟତା ... ବହୁତ ପ୍ରକାଶରେ ସୀମାତିକ୍ରମ କଳାସଂଯମର ବନ୍ଧନକୁ ନଷ୍ଟ କରିପକାଏ, ରସାନୁଭୂତି ପରିବର୍ତ୍ତିରେ ଏହା ପାଠକ ମନରେ ଅରୁଚି ଓ ବିତୃଷ୍ଣାର ଉଦ୍ରେକ କରେ । ଏଥିକୁ କେହି କେହି କହନ୍ତି 'ରସଭଙ୍ଗ' ଏହି ରସ-ଭଙ୍ଗୀ କାବ୍ୟର ମାଧୁର୍ଯ୍ୟକୁ ବିନଷ୍ଟ କରିଦିଏ, ଯେଉଁ କାବ୍ୟରେ ମନୁଷ୍ୟର ଦୁଃଖ ପ୍ରକଟିତ ହୁଏ ତାର ନୀରବ ବେଦନା ଓ ନୀରବ ସହନଶୀଳତାର ମଧ୍ୟରେ ସେହି କାବ୍ୟରେ ମନୁଷ୍ୟ ଜୀବନର ଟ୍ରାଜେଡ଼ି ସୁରୁଚି ଓ ସୂକ୍ଷ୍ମ ଭାବରେ ପ୍ରକାଶିତ ହୋଇଥାଏ ।

କାଳର ରୁଚି ଅନୁସାରେ ଉପେନ୍ଦ୍ର ଭଞ୍ଜ ପ୍ରଭୃତି ଯେଉଁ ଅଶ୍ଳୀଳଭାବ ବ୍ୟଞ୍ଜକ କାବ୍ୟସବୁ ଲେଖିଥିଲେ ସେଥିରେ ଅନେକ ସ୍ଥଳରେ ... କଳା-ସଂଯମର ଅଭାବ ବିଶେଷ ଭାବରେ ପରିଲକ୍ଷିତ ହୁଏ । ଲାବଣ୍ୟବତୀର ଯୌବନ ବର୍ଣ୍ଣନା ଓ ... ସହିତ ତାଙ୍କର ପ୍ରଥମ ମିଳନରେ ବର୍ଣ୍ଣନା ବିଶେଷ ଏହି ସଂଯମହୀନତାର ଦୃଷ୍ଟାନ୍ତ ନିଦର୍ଶନ । କାବ୍ୟ ପ୍ରତି ଆଜି ଲୋକଙ୍କର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇଅଛି । ମନୁଷ୍ୟ ଜୀବନର ଅନନ୍ତ ଜଟିଳତା ଓ ଜଟିଳତା, ତାର ବିଭିନ୍ନ ପ୍ରବୃତ୍ତିର ଘାତ ସଂଘାତ, ସମାଜ ସଙ୍ଗେ ସହିତ ବ୍ୟକ୍ତିର ସଂଘର୍ଷ ଓ ତାର ... ସବୁଦିନର ଦୁର୍ଗତି ମୋଚନ, ଏହି ସବୁ କଥା ଆଜିକାଲି ହୋଇ ପଡ଼ିଛି କାବ୍ୟ କିମ୍ବା ସାହିତ୍ୟର ଗାମ୍ଭୀର୍ଯ୍ୟ ଓ ଉପାଦାନ । ... ଅନୁଭୂତି, ... ... ... ...

Digitized by srujanika@gmail.com

ସାହିତ୍ୟର ଏକମାତ୍ର ବିଷୟ ହୋଇ ପଡ଼ିଛି । ଏହି ଦୃଷ୍ଟିରୁ ବିଚାର କଲେ ଆମେ ଜାଣିପାରିବା ପୃଥିବୀର ନାନା ଦୁଃଖ, ଅତ୍ୟାଚାର, ନିର୍ଯ୍ୟାତନ ଓ ନିର୍ମମ ନିର୍ଯ୍ୟାତନ ଦେଖି ମନୁଷ୍ୟର କବି ପ୍ରାଣ ସ୍ପନ୍ଦିତ ହୋଇ ଉଠେ । ତାର ଭାବପ୍ରବଣ କୋମଳ ପ୍ରାଣ ସହାନୁଭୂତି ଓ ସମବେଦନାରେ ଉଦ୍‌ବେଳ ହୋଇ ଉଠେ, କବି ହୃଦୟରେ ନିଭୃତତମ ପ୍ରଦେଶରୁ କାରୁଣ୍ୟମୂର୍ତ୍ତି ଯେଉଁ ବେଦନାଗ୍ରଥିତ ଅନୁଭୂତି ବିଚ୍ଛୁରିତ ହୁଏ, ତାହା ନିର୍ଯ୍ୟାତିତ, ନିପୀଡ଼ିତ, ଦଳିତ ଓ ପତିତ ଲୋକମାନଙ୍କର ହୃଦୟର ଅପୂର୍ବ ସାମଗ୍ରୀ ହୋଇପଡ଼େ । ସମାଜଶକ୍ତି ବିରୁଦ୍ଧରେ ଏହି କାରୁଣ୍ୟ ଭରପୂର୍ଣ୍ଣ କାବ୍ୟମାନଙ୍କରେ ଯେଉଁ ବିଦ୍ରୋହଭାବ ପ୍ରଚ୍ଛନ୍ନ ହୋଇ ଥାଏ, ତାହା ନିର୍ଯ୍ୟାତିତ ହୃଦୟରେ ବହ୍ନିବର ଅଗ୍ନି ଜାଳିଦିଏ, ସଂଗ୍ରାମ କରିବାର ପ୍ରେରଣା ଯୋଗାଏ ଏବଂ ଶତ ସହସ୍ର ଯୁଗର ପୁଞ୍ଜୀଭୂତ ଜଡ଼ତା, ଅବସାଦ ଓ କ୍ଳୈବ୍ୟ ଅପନୋଦନ କରେ । କାବ୍ୟରେ ଏପରି ଉନ୍ମାଦନାମୟୀ ପ୍ରାଣଶକ୍ତି ନ ଥିଲେ ତାର ଚରମ ସାର୍ଥକତା ଅନ୍ୟ କେଉଁଠାରେ ? କବିସୂର୍ଯ୍ୟ ବଳଦେବ ଡିମ୍ପୁରେ ଲେଖିଅଛନ୍ତି:—

‘ଗୋଡ଼ଖଣି ଖେଦ ହେବାରୁ ଉରଦ ଯିବାର ଉପାୟ କହ’

ସଖୀ ପ୍ରତି ପ୍ରେମାନୁରାଗିଣୀ ସଖୀର ଏହି ଯେଉଁ ସମବେଦନା ଓ ଅନୁକମ୍ପା କବିସୂର୍ଯ୍ୟଙ୍କ ଲେଖନୀରୁ ନିଃସ୍ୟନ୍ଦିତ ହୋଇଅଛି । ଏହାର ପରିସର ଦୁଇଜଣଙ୍କ ମଧ୍ୟରେ ସୀମାବଦ୍ଧ ହେଲେ ସୁଦ୍ଧା ଏଥିରେ ଶାଶ୍ୱତୀ କାବ୍ୟ-ଶକ୍ତି ସୁସ୍ପଷ୍ଟ । କାବ୍ୟକୁ ମର୍ମସ୍ପର୍ଶୀ କରିବା ନିମନ୍ତେ କବିର ଯେଉଁ ବ୍ୟାପ୍ତି ସହାନୁଭୂତି ଲୋଡ଼ା ତାହା ଏହି ଅଳ୍ପ ଗଣ୍ଡିରେ ଅଛି । କବି ଓ ସାଧାରଣ ମନୁଷ୍ୟ ମଧ୍ୟରେ ତାରତମ୍ୟ ହେଉଛି, ଏହି ସାଧାରଣ ମନୁଷ୍ୟ ଅନ୍ୟର ଦୁଃଖ ଦେଖେ ନାହିଁ, ଦେଖିଲେ ମଧ୍ୟ ହୃଦୟର ଅନ୍ତରଙ୍ଗ ସହାନୁଭୂତି ଦେଇ ସେ ଦୁଃଖକୁ ଉପଲବ୍ଧି କରେ ନାହିଁ; ଉପଲବ୍ଧି କଲେ ମଧ୍ୟ ପାଣି ଫୋଟକା ପରି ତାହା ତା ପ୍ରାଣରେ କେବଳ ଅଳ୍ପକାଳ ପାଇଁ ସ୍ଥାୟୀ ହୋଇ ରହେ । ତା ନିଜର ଜଞ୍ଜାଳ ଏତେ ବେଶୀ ଯେ ଅନ୍ୟର ଦୁଃଖ ବୁଝିବାକୁ ତାର ଅବସର କାହିଁ ? କିନ୍ତୁ କାବ୍ୟ ଶିଳ୍ପୀର କଥା ସ୍ୱତନ୍ତ୍ର । ତାର ହୃଦୟର କୋମଳ ତନ୍ତ୍ରୀକୁ ନିର୍ଯ୍ୟାତିତ ଲୋକର ଦୁଃଖ ଓ ବ୍ୟଥା ଆଘାତ କଲେ ସେ ସେଥିରେ ବ୍ୟଥିତ ଓ ମୁହ୍ୟମାନ ହୋଇଉଠେ । ସେ ଅନୁଭବ କରେ ଏହି ସବୁ ଦୁଃଖ ଯେପରି ତାର ଆପଣାର । ଏହି ଦୁଃଖ ଓ ଅନ୍ୟାୟର ପ୍ରତିକାର ନ ହେବା ପର୍ଯ୍ୟନ୍ତ ଯେପରି ତା ଜୀବନରେ କୌଣସି ଶାନ୍ତି ନାହିଁ । ଏହି କାରଣରୁ ଅନେକ କବି ରାଜନୀତିଜ୍ଞ ହୋଇ ପଡ଼ନ୍ତି । ପଣ୍ଡିତ ଜବାହରଲାଲ ନେହେରୁ ଏହାର ପ୍ରକୃଷ୍ଟ ଉଦାହରଣ । ତାଙ୍କର ସମସ୍ତ ଲେଖା ଓ ବକ୍ତୃତାରେ ତାଙ୍କର କବି-ପ୍ରତିଭା ସ୍ଫୁରିତ ହୋଇ ଉଠିଥିବାର ସ୍ପଷ୍ଟ ସୂଚନା ମିଳେ । ଏହିଠାରେହିଁ ସମାଜରେ କବିର ପ୍ରୟୋଜନୀୟତା ଏବଂ ଏହିଠାରେହିଁ ତାର ପ୍ରାଣବାନ୍ କାବ୍ୟର ସାର୍ଥକତା । ସୁପ୍ରସିଦ୍ଧ ଲେଖକ ହୁମାୟୁନ କବିର ନେହେରୁଙ୍କର ସୌନ୍ଦର୍ଯ୍ୟ ବୋଧ (Aesthitic Sensibility) କିମ୍ବା କବି ପ୍ରତିଭା ସମ୍ବନ୍ଧରେ କହିବାକୁ ଯାଇ ଲେଖି ଅଛନ୍ତି । ‘Artists have been attracted to politics either through indignation or sympathy. Indignation againt existing wrongs is dulled with the passage of time in the Common. In the artist it attains an intensity that will no longer let him rest in the world of imagination, sympathy with suffering has the same effect on him’

ଅର୍ଥାତ୍:—

ବିକ୍ଷୋଭ କିମ୍ବା ସହାନୁଭୂତି ଦ୍ୱାରା ଶିଳ୍ପୀଗଣ ରାଜନୀତି ପ୍ରତି ଆକୃଷ୍ଟ ହୋଇଛନ୍ତି । ରହିଥିବା ଅନ୍ୟାୟ ବିରୁଦ୍ଧରେ ବିକ୍ଷୋଭ ସାଧାରଣ ମନୁଷ୍ୟଠାରେ କାଳକ୍ରମରେ ମ୍ଳାନୀଭୂତ ହୋଇଯାଏ । ଶିଳ୍ପୀଠାରେ ଏହି ବିକ୍ଷୋଭ ଏପରି ଏକ ପ୍ରାବଲ୍ୟ ପାଏ, ଯାହା ତାହାକୁ କଳ୍ପନା-ରାଜ୍ୟରେ ସ୍ଥିର ଭାବରେ ବସବାସ କରିବାକୁ ଆଉ ଦିଏ ନାହିଁ । ନିର୍ଯ୍ୟାତନା ପ୍ରତି ସହାନୁଭୂତି ତା ଉପରେ ସମାନ ପ୍ରଭାବ ପକାଏ ।

Digitized by srujanika@gmail.com

ତା ପରେ ସମାଲୋଚକ ଓ ଭାବୁକମାନଙ୍କ ମଧ୍ୟରେ ତର୍କ ବିତର୍କ ଚାଲିଲା କାବ୍ୟର ଚରମ ଲକ୍ଷ୍ୟ ନେଇ । କେହି କେହି କହନ୍ତି 'Art for arts sake' ନୀତି ଅନୁଯାୟୀ ଏହା କେବଳ କବିର ଅନୁଭୂତିର ଅଭିବ୍ୟକ୍ତି । କେବଳ ଚିତ୍ତବିନୋଦନ କରିବା କାବ୍ୟର ଲକ୍ଷ୍ୟ । ଆଉ କେହି କେହି କହନ୍ତି, କାବ୍ୟ ପ୍ରଧାନତଃ ଭାବ ରସମଣ୍ଡିତ ହେଲେ ମଧ୍ୟ ଏହା ପାଠକ ସମ୍ମୁଖରେ ଉଚ୍ଚ ଆଦର୍ଶ ଉପସ୍ଥାପିତ କରି ତାର ଚରିତ୍ର ଗଠନ କରେ । Mathrew Arndol ଏବଂ କବି Wordsworth ଙ୍କ ମତ ଅନୁସାରେ କାବ୍ୟକବିତାର ଚରମ ଲକ୍ଷ୍ୟ Powerful application of ideas to life । ବିଶ୍ୱକବି ରବୀନ୍ଦ୍ରଙ୍କ ମତରେ କାବ୍ୟର କାରବାର ଅସାଧାରଣ ସଙ୍ଗେ । କାବ୍ୟର ମୂଳ ରହିଅଛି ପ୍ରାତ୍ୟହିକ ଜୀବନରେ କିନ୍ତୁ ତାହାର ଫୁଲ ଓ ଫଳ ଅପାର୍ଥିବ । ଏହି ପ୍ରାତ୍ୟହିକ ଜୀବନର ନିବୀଡ଼ ଅନୁଭୂତିର ଅପାର୍ଥିବ ଫଳ ବୋଧହୁଏ ବିଶ୍ୱକବିଙ୍କର 'ନୈବେଦ୍ୟ' କାବ୍ୟ ଗ୍ରନ୍ଥର ଏହି ଅନବଦ୍ୟ ପ୍ରାଣସ୍ପର୍ଶୀ ଅମର ପଂକ୍ତି କେଇଟି —

'ଦାନ ପଟେ ଛବି
ତୋମାର ନିଖିଲଖାନି ଆମି ଲଭିନବ'

କିମ୍ବା ମେହେର କବିଙ୍କର 'ଭକ୍ତ' କବିତାର ଶେଷାଂଶ

'ମୁଁ ତାର ମାତର ମୋର ନୁହେ ବୋଲି
କହିବାକୁ ନାହିଁ ବାଟ

କୁଞ୍ଜ ପାଦଚରଣେ ଅର୍ପଣ କରୁଛି
ଯେଉଁ ତାଙ୍କ ସମ୍ରାଟ ।

କବି-କଳ୍ପନାର ସୁଦୂର ପ୍ରସାରିତ ବିସ୍ତୃତ ପକ୍ଷପୁଟରେ ପ୍ରୋକ୍ତ ପଂକ୍ତିମାନ ପଢ଼ିଲେ ମନେହୁଏ କବିର ଦିବ୍ୟଚକ୍ଷୁ ପୃଥିବୀର ବ୍ୟାବହାରିକ ଜୀବନ ଉପରେ କେବଳ ଆବଦ୍ଧ ନୁହେଁ, ଏହା ଅନନ୍ତପ୍ରସାରୀ ଏବଂ ଅନନ୍ତର ସନ୍ଧାନରେ ଉନ୍ମନା ଓ ଉଦ୍‌ବିଗ୍ନ । ଯାହା କେବଳ ମନୁଷ୍ୟର ପ୍ରୟୋଜନ ମଧ୍ୟରେ ସାର୍ଥକ କିମ୍ବା ସମାପ୍ତ ହୁଏ, ତାହା ବ୍ୟକ୍ତିବିଶେଷର ଭୋଗର ବସ୍ତୁ ହୋଇପାରେ, ତାହା କଦାପି ବିଶ୍ୱମାନବର ଐଶ୍ୱର୍ଯ୍ୟ ହୋଇପାରେ ନାହିଁ । ଜାତିକୁ ଉନ୍ନତ ଓ ବିକଶିତ କରିବା କାବ୍ୟର ଉଦ୍ଦେଶ୍ୟ । ବିଶ୍ୱମାନବର ସମ୍ପଦ ହେବାକୁ ହେଲେ କାବ୍ୟର ପ୍ରାଣକୁ ଏହିପରି ବିସ୍ତୃତ ଓ ପ୍ରସାରିତ କରିବାକୁ ହେବ । ତଥାପି ସାମାଜିକ ଲାଭ କ୍ଷତି ଓ ରାଜନୈତିକ କଳହମିଳନ କିମ୍ବା ତର୍କ ବିତର୍କର ଅନେକ ଉପରେ କାବ୍ୟର ସ୍ଥାନ । କୌଣସି ବ୍ୟକ୍ତି ଗୋଷ୍ଠୀ କିମ୍ବା [illegible] ସାଧନ କରିବା ସକାଶେ କବି ଯେତେବେଳେ ତାର ଲେଖନୀ ଧରିବସେ, ଭାବିନେବାକୁ ହେବ ସେହି ମୁହୂର୍ତ୍ତରୁ ତାର ଆତ୍ମହତ୍ୟାର ପ୍ରଚେଷ୍ଟା ଆରମ୍ଭ ହେଲା । କବିକୁ ମନେ ରଖିବାକୁ ହେବ — Poetry is the record of the best and happiest moments of the happiest and best minds

# ଜୀବନର ମୂଲ୍ୟ


ଲେଖକ-ଯୁଜେନ୍ ଷ୍ଟ୍ରାଇବ୍
ଅନୁବାଦିକା - ଶ୍ରୀମତୀ ବସନ୍ତ କୁମାରୀ ଦେବୀ


(ପୂର୍ବ ପ୍ରକାଶିତ ପରେ)

ସେନାପତି ଫବେସ୍ତୂରଙ୍କ ନାଁ ଶୁଣି ମୁଁ ଚମକି ପଡ଼ିଲି । ଭଦ୍ରଲୋକ ମତେ ଏତେ ବିଚଳିତ ହେବା ଦେଖି କଥା ବନ୍ଦ କରି କାରଣ ଜିଜ୍ଞାସା କଲେ ।

'ନା ମୁଁ ବିଚଳିତ ହୋଇନାହିଁ ତ,'' - କହି ମୁଁ ତାଙ୍କ ପ୍ରଶ୍ନକୁ ବଦଳାଇ ଦେଲି । କିନ୍ତୁ ମନେ ମନେ ଜାଣିଲି ଯେ, ଏହି ବିଦେଶୀ ଗୁଳ୍ପର କଥା ହିଁ

Digitized by srujanika@gmail.com

ହୋଟେଲ୍ ର ବୁଢା ମାଲିକ ମତେ କହୁଥିଲେ । ପୂର୍ବରେ ମାଲିକ୍ ଅଉ ଥରେ କହିବାକୁ ଲାଗିଲେ—

"ମୁଁ ତାଙ୍କୁ ନିଜର ବିଫଳ ଜୀବନର [illegible] କହି ପକାଇ କଥାବାର୍ତ୍ତା କଲି । ମୁଁ କହିଲି, ନିଜ ଆୟୁଷରୁ ଦଶବର୍ଷ ଦେଇଦେବାକୁ ପ୍ରସ୍ତୁତ ଅଛି ମୁଁ, ଯଦି କେହି ମତେ ପ୍ରଥମ ସ୍ତରର ଲେଖକଙ୍କ ମଧ୍ୟରେ ସ୍ଥାନ ଦେଇପାରେ—...ଯୋଗେ (ସେହି ଅଦ୍ଭୁତ ଲୋକର) କହିଲା ମୋ କଥା ଶୁଣି—'ଦଶବର୍ଷ କିଛି ନୁହେଁ ! ତୁମେ କମ୍ ମୂଲ୍ୟର ବସ୍ତୁ ପାଇଁ ବହୁତ ମୂଲ୍ୟ ଦେଉଅଛ ! ହେଉ, ମୁଁ ତୁମ ପ୍ରସ୍ତାବ ଗ୍ରହଣ କରି ନେଉଛି । ତୁମେ ନିଜ ପ୍ରତିଜ୍ଞା ମନେରଖ, ମୁଁ ମୋ ପ୍ରତିଶ୍ରୁତି ମନେ ରଖିବ" ।

"ସେ ଏହିପରି କଥା କହିବା ଦେଖି ମୁଁ ଆଶ୍ଚର୍ଯ୍ୟ ଚକିତ ହେଲି । ପ୍ରଥମେ ଭାବିଲି, ବୃଦ୍ଧ ହୋଇ ଯାଇଥିବାରୁ ତାର ବୁଦ୍ଧି ଲୋପ ହୋଇଯାଇଛି । ମୁଁ ତା କଥାରେ ଧ୍ୟାନ ନ ଦେଇ ଅଳ୍ପ ହସି ଚାଲିଆସିଲି ।... କିଛିଦିନ ପରେ ମୁଁ ରାଜଧାନୀକୁ ଯାତ୍ରା କଲି । ସେଠାରେ ହଠାତ୍ ପ୍ରଖ୍ୟାତ ସାହିତ୍ୟିକଙ୍କ ସଙ୍ଗେ ଘନିଷ୍ଠତା କରିବା ଅବସର ପାଇଗଲି ! ତାଙ୍କ ଉଦାହରଣରୁ ମତେ ଉତ୍ସାହ ଓ ପ୍ରେରଣା ମିଳିଲା । ପୁଣି ମୁଁ କେତୋଟି ପୁସ୍ତକ ପ୍ରକାଶ କଲି ଓ ସେ ସବୁଥିରୁ ବହୁତ ସାଫଲ୍ୟ ଲାଭ କଲି । ଖବର କାଗଜ ଗୁଡ଼ିକ ମୋର ପ୍ରଶଂସାରେ ପଞ୍ଚମୁଖ ହୋଇ ଉଠିଲେ । ଶହ ଶହ ଲୋକ ମୋ ସଙ୍ଗେ ଦେଖା କରିବା ପାଇଁ ଆସିବାକୁ ଲାଗିଲେ । ଯେଉଁ ନୂଆ ନାମରେ ମୁଁ ଲେଖୁଥିଲି ତାହା ଦେଶସାରା ପ୍ରଚୁର ହୋଇଗଲା ।... ତୁମେ ମଧ୍ୟ ମୋ ପୁସ୍ତକ ଓ ଲେଖା ପଢ଼ି ଆକର୍ଷିତ ହୋଇଥିବ ।

ମୁଁ ବିସ୍ମିତ ହୋଇ ପଚାରିଲି—"ତା ହେଲେ ଆପଣ କଣ ଏ ଘରର ମାଲିକ ନୁହନ୍ତି?" ସେ ଗମ୍ଭୀର ଭାବେ ଉତ୍ତର ଦେଲେ—"ନା" !

ମୁଁ ଭାବିବାକୁ ଲାଗିଲି, ତେବେ ଏ କଣ କୌଣସି ପ୍ରସିଦ୍ଧ ଲେଖକ ? ଓ୍ୱାଲ୍‌ଟେୟର ଅଥବା ମୋଣ୍ଟେଲ୍ ? — ଅପରିଚିତ ଭଦ୍ରଲୋକ ଗୋଟିଏ ଗଭୀର ନିଶ୍ୱାସ ନେଇ ଘୃଣା ସୂଚକ ହସ ହସି କହିଲେ—'କିନ୍ତୁ...ସାହିତ୍ୟିକ ପ୍ରସିଦ୍ଧି ମୋ ଚିତ୍ତକୁ ଅଳ୍ପକ ଦିନ ପାଇଁ ତୃପ୍ତ ରଖି ପାରିଲା ନାହିଁ । ମୁଁ ଆହୁରି ଉଚ୍ଚ ଯଶ ପାଇଁ ଇଚ୍ଛୁକ ହୋଇ ଉଠିଲି । ...ଯୋଗେ ମୋ ସଙ୍ଗେ ପେରିସକୁ ଆସିଥିଲା...ସେ ସବୁବେଳେ ମୋ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖୁଥିଲା । ମୁଁ ଦିନେ ତାଙ୍କୁ କହିଲି —ଏହା ବାସ୍ତବରେ ଯଶ ନୁହେଁ ! ଯୁଦ୍ଧରେ ଯେଉଁ ନାଁ ହୁଏ ତା ପରି ଆଉ କେଉଁଥିରେ ହୋଇପାରିବ ନାହିଁ । ଲେଖକ ବା କବି ହେଲେ ଲାଭ କଣ ? ସେନାପତି ହେବାପାଇଁ ମୁଁ ମୋ ଜୀବନରୁ ଆଉ ଦଶବର୍ଷ ଦେଇଦେବାକୁ ପ୍ରସ୍ତୁତ ଅଛି !"...ଯୋଗେ କହିଲା—ଭଲକଥା ! ମୁଁ ମଧ୍ୟ ପ୍ରସ୍ତୁତ । କିନ୍ତୁ ଏହା ସ୍ମରଣ ରଖିଥିବ !

ମୋର ମୁଖ ମଣ୍ଡଳ ଉପରେ ବୋଧହୁଏ ଗଭୀର ଅବିଶ୍ୱାସ ଓ ବିସ୍ମୟର ଭାବ ସ୍ପଷ୍ଟ ହୋଇଥିଲା, କାରଣ ଭଦ୍ରଲୋକ ରହିଯାଇ କହିଲେ—'ଯୁବକ, ମୁଁ ପ୍ରଥମରୁ ତୁମକୁ କହିଥିଲି ଯେ, ତୁମେ ମୋ କାହାଣୀକୁ ବିଶ୍ୱାସ କରି ପାରିବ ନାହିଁ । ମୋ ମତରେ ମଧ୍ୟ ଗୋଟିଏ ଦୁଃସ୍ୱପ୍ନ ପରି ଲାଗୁଛି; କିନ୍ତୁ ମୁଁ ଯେଉଁ ସାଫଲ୍ୟ ଓ ଯଶ ଲାଭ କରିଥିଲି, ତାହା ଦୁଃସ୍ୱପ୍ନ ନୁହେଁ । ମୁଁ ଭୀଷଣ ଯୁଦ୍ଧ କ୍ଷେତ୍ରରେ ହଜାର ହଜାର ସୈନିକଙ୍କ ନେତୃତ୍ୱ ନେଇଛି ! କେତେ ଶତ୍ରୁ ସେନାଙ୍କୁ ନାଶ କରି ତାଙ୍କର ପତାକା ଛଡ଼ାଇ ଆଣିଛି ! ସାରା ଫ୍ରାନ୍ସ ମୋର ବିଜୟ କାହାଣୀ ଶୁଣିଛି ।"

ଭଦ୍ରଲୋକ ଘରର ଏ ପାଖରୁ ସେ ପାଖକୁ ସେ ପାଖରୁ ଏ ପାଖକୁ, ପଦଚାରଣ କରୁ କରୁ ଏ ସବୁ କଥା କହି ଯାଉଥିଲେ । ଭୟ ଓ ବିସ୍ମୟରେ ମୁଁ ଏକା ବେଳେକେ ବିଚଳିତ ହୋଇ ପଡ଼ିଥିଲି । ମୁଁ ଭାବିବାକୁ ଲାଗିଲି "ଯେ କିଏ ସେ ? କଣ

Digitized by srujanika@gmail.com

ସେ କାର୍ଲିନ୍ ? ନା ଏଷ୍ଟେଲ୍ୟା?"

ସେ ମୋ କାନକୁ ଆସି କହିଲେ—'ଯୋଗୋ ନିଜ କଥା ରଖିଲା । କିଛିଦିନ ପରେ ଶୁଖିଲା ପ୍ରସିଦ୍ଧି ମତେ ଆଉ ଭଲ ଲାଗିଲା ନାହିଁ । ମୁଁ କୌଣସି ଖାସ୍ ଜିନିଷ ପାଇବା ପାଇଁ ଉତ୍ସୁକ ହୋଇ ଉଠିଲି । ଜୀବନର ପାଞ୍ଚ ଛ ବର୍ଷ ବିନିମୟରେ ମୁଁ ମୋ ପାଇଁ ଅତୁଳ ଧନସମ୍ପଦ ପ୍ରାର୍ଥନା କଲି ! ଯୋଗୋ ଆନନ୍ଦରେ ରାଜି ହୋଇଗଲା !... ଯୁବକ,! ତୁମେ ବିସ୍ମିତ ହେଉଛ, କିନ୍ତୁ ମୁଁ ଏକ ସମୟରେ ବହୁତ ଧନୀ ଥିଲି । ମୋ ପାଖରେ ନ ଥିଲା କଣ ? ରାଜପ୍ରସାଦ ପରି ଘର, ବଡ଼ ଜମିଦାରୀ,—ସବୁ କିଛି ଥିଲା । ଆଜି ବି ସେ ସବୁ ମୋର ଅଛି । ଯଦି ତୁମର ମୋ କଥାରେ କି ଯୋଗୋର ଅସ୍ତିତ୍ୱ ଉପରେ ସନ୍ଦେହ ହେଉଛି, ତେବେ କିଛି ସମୟ ଅପେକ୍ଷା କର । ଯୋଗୋ ଏବେ ଆସିବ, ଆଉ ତୁମେ ମଧ୍ୟ ଏପରି କିଛି ଦେଖିବ, ଯାହା ତୁମର କଳ୍ପନାତୀତ ! କିନ୍ତୁ ମୋର ଦୁର୍ଭାଗ୍ୟ ବଶତଃ ସେ ସବୁ ତୀବ୍ର ସୁଲଭ ହୋଇ ପଡ଼ିଲା ।"

ଭଦ୍ରଲୋକ ଯାଇ ଘଣ୍ଟା ଦେଖିଲେ,—ତାଙ୍କ ମୁହଁ ଉପରେ ଭୟର ଚିହ୍ନ ସ୍ପଷ୍ଟ ହୋଇ ଦେଖାଦେଲା । ପୁନଶ୍ଚ କହିବାକୁ ଲାଗିଲେ—"ଆଜି ସକାଳେ ଯେତେବେଳେ ମୋ ନିଦ ଭାଙ୍ଗିଲା ସେତେବେଳେ ମୁଁ ଅନୁଭବ କଲି—ଏପରି ଦୁର୍ବଳତା ଯେ ମୋର ଉଠିବା ଶକ୍ତି ମଧ୍ୟ ରହିଲା ନାହିଁ । ଘଣ୍ଟା ବଜାଇବା ପରେ ଯୋଗୋ ଆସିଲା । ମୁଁ ପଚାରିଲି—'ଦେହ ମୋର ଏହିପରି କାହିଁକି ଲାଗୁଛି ?'

"ସେ କହିଲା—'ଏହିପରି ହେବା ସ୍ୱାଭାବିକ ଯେ ! ଆପଣଙ୍କ ସମୟ ନିକଟ ହୋଇ ଆସିଲାଣି' । "ମୁଁ କହିଲି—'ଯାର ଅର୍ଥ' ?...ସେ କହିଲା—'ଅର୍ଥଟା ବୁଝି ପାରୁ ନାହାନ୍ତି ? ଈଶ୍ୱର ଆପଣଙ୍କ ଷାଠିଏ ବର୍ଷ ଆୟୁଷ ଦେଇଥିଲେ, ଆପଣଙ୍କ ତିରିଶ ବର୍ଷ ବୟସରେ ମୁଁ ଆପଣଙ୍କ ସହିତ କାରବାର ଆରମ୍ଭ କରିଥିଲି' !..."ଏଇ ଭଳି ଭୟ ପାଇ ଯାଇ ମୁଁ କହିଲି 'କଣ ତୁ ସତ କଥା କହୁଛୁ' ?...ସେ କହିଲା—'ହଁ, ମୁନିବ, ଆପଣ ପାଞ୍ଚବର୍ଷ ପର୍ଯ୍ୟନ୍ତ ଧନ ମାନ ଓ ସମ୍ପତ୍ତିରେ ଜୀବନ ବିତେଇ ଦେଲେ । ତା'ର ମୂଲ୍ୟ ଆପଣ ନିଜର ପଚିଶି ବର୍ଷର ଆୟୁଷରେ ଭରାଇ ଥିଲେ । ଆପଣଙ୍କ ଆୟୁଷକୁ ମୁଁ ମୂଲ୍ୟ ପେ ନେଇଛି । ଯେ ପଚିଶି ବର୍ଷ କଟିଯାଇ ମୋ ଜୀବନ କାଳ ସହିତ ଯୋଡ଼ି ହୋଇ ଯିବ !!! ..."ମୁଁ କହିଲି ଅଚ୍ଛା ହା ଜଣେ ତୁମ ସହାୟତାର ମୂଲ୍ୟ ?...ଯୋଗୋ ଉତ୍ତର ଦେଲା—'ହଁ, କେବଳ ତୁମକୁ ନୁହେଁ, ଆହୁରି ବହୁତ ଲୋକଙ୍କ ଠାରୁ ମୁଁ ଏହି ମୂଲ୍ୟ ନେଇ ସହାୟତା କରି ଆସୁଛି ! ଫଟେଯୁର୍କ୍ଙ୍କ ନାମ ଶୁଣିଥିବ ? ସେ ମଧ୍ୟ ମୋର ଆଶ୍ରୟରେ ଥିଲେ !'...ମୁଁ ପାଟି କରି କହିଲି—'ଚୁପ୍ ! ଚୁପ୍ ! ଯା କେବେ ହୋଇ ପାରିବ ନାହିଁ !'...ଯୋଗୋ କହିଲା—'ଆପଣ ଯାହା କୁହ, ଭାବି ପାରନ୍ତି, କିନ୍ତୁ ପ୍ରସ୍ତୁତ ହୋଇ ଯାଆନ୍ତୁ – ଆପଣଙ୍କ ଆୟୁ ମାତ୍ର ଆଜି ଆଉ ଘଣ୍ଟାଏ ପରେ ଶେଷ ହେବ !...ମୁଁ କହିଲି—'କଣ ମଜା ଥଟ୍ଟା କରୁଛୁ ?...

'ନା ! ଆପଣ ନିଜେ ହିସାବ କରି ଦେଖି ନିଅନ୍ତୁ, ଆପଣଙ୍କ ବୟସ ଏ ସମୟରେ ପଇଁତିରିଶି ଆଉ ଆପଣ ମୋତେ ବିକି ଦେଇଛନ୍ତି ପଚିଶ ବର୍ଷ ! ସବୁ ମିଶାଇ ଷାଠିଏ ବର୍ଷ ହେଲା ! ଏ ପ୍ରସ୍ତାବ ପ୍ରଥମେ ଆପଣ ହିଁ କରିଥିଲେ, ନିଜ ପ୍ରାପ୍ୟ ଆପଣ ପାଇଗଲେ—ଏବେ ଯାହା ମୋର ପ୍ରାପ୍ୟ ତାହା ମୁଁ ନେବି—' ଏତିକି କହି ଯୋଗୋ ଚାଲିଯିବାକୁ ବସିଲା ।... ମତେ ଲାଗିଲା ମୋର ଶରୀରର ସବୁ ଶକ୍ତି ଯେପରି ନିଃଶେଷ ହୋଇଯାଉଛି – ଆଉ କିଛିକ୍ଷଣ ପରେ ମୋର ଜୀବନ ଶେଷ ହୋଇଯିବ ! ...ମୁଁ ଦୁର୍ବଳ କଣ୍ଠରେ କହି ଉଠିଲି —ଯୋଗୋ, ଯୋଗୋ, ମତେ ଆଉ କିଛି ଘଣ୍ଟା ବଞ୍ଚିବାକୁ ଦେ !' ସେ କହିଲା—'ନା—ନା, ଆପଣଙ୍କ ସମୟ ହେଲେ

Digitized by srujanika@gmail.com

ଯେତିକି ଧୈର୍ଯ୍ୟ ମୋ ଆୟୁଷରୁ ଶେଷ ହୋଇଯିବ ! ଜୀବନର ମୂଲ୍ୟ କଣ, ତାହା ଆପଣଙ୍କଠାରୁ ମୁଁ ଅଧିକ ବୁଝିଛି । ଦୁଇଘଣ୍ଟାର ଆୟୁଷ ତୁଲ୍ୟ କେଉଁ ସମ୍ପତ୍ତି ଅଛି ?’—କଥା କହିବା ଶକ୍ତି ମୋର ଯେପରି ନ ଥିଲା, ଆଖିର ଦୃଷ୍ଟି ମଧ୍ୟ ନିସ୍ତେଜ ହୋଇ ଆସୁଥିଲା, ଛାତି ଭିତରେ ମଧ୍ୟ ବନ୍ଦ ହୋଇ ଯାଉଥିଲା ରକ୍ତ-ପ୍ରବାହ ! ବଡ଼ କଷ୍ଟରେ କହିଲି—‘ଅଚ୍ଛା ଯୋଗୀ, ତୁ ନିଜ ମୂଲ୍ୟ ଫେରାଇ ନେ—ତା’ ନ ହେଲେ ମୋର ସର୍ବନାଶ ହୋଇଛି । ମତେ ଦୁଇଘଣ୍ଟାର ଆୟୁଷ ଦେ—ମୁଁ ନିଜର ସାରା ଜୀବନ—ସମ୍ପତ୍ତି ତତେ ଦେଇ ଦେଉଛି ।’ ଯୋଗୀ କହିଲା—‘ଭଲ-କଥା ! ଆପଣ ସବୁବେଳେ ମୋ ସହିତ ଖୁବ୍ ଭଲ ବ୍ୟବହାର କରୁଥିଲେ, ପ୍ରତିଦାନରେ ମୁଁ ମଧ୍ୟ କିଛି କରିବାକୁ ଚାହେଁ ! ମୁଁ ପ୍ରସ୍ତୁତ !’…ଦେହକୁ ମୋର ଶକ୍ତି ଫେରି ଆସିଲା । ମୁଁ କହିଲି—ଯୋଗୀ ! ଦୁଇଘଣ୍ଟା ବହୁତ କମ୍ ସମୟ - ଅନ୍ତତଃ ଚାରିଘଣ୍ଟା ମତେ ଦେ, ମୁଁ ନିଜର ସାହିତ୍ୟିକ ପ୍ରସିଦ୍ଧି ଓ ଯଶ ସବୁ ଛାଡ଼ୁଛି !’ ହବଶୀ ଯୁବକର ଅଭଙ୍ଗ ଭଙ୍ଗୀ କହିଲା - ଏଥିପାଇଁ ଚାରି ଘଣ୍ଟାର ଆୟୁ ? ଆପଣ ବହୁ - ବେଶୀ ମୂଲ୍ୟ ମାଗୁଛନ୍ତି ! ହେଉ, ମୁଁ ରାଜି ଅଛି ତୁମର ଅନ୍ତିମ ଅନୁରୋଧ ମୁଁ ଠେଲିଦେବି ନାହିଁ—’… ମୁଁ ତା ସାମନାରେ ଠିଆ ହୋଇ କହିଲି — ‘ନା ଯୋଗୀ, ଏହା ମୋର ଅନ୍ତିମ ଅନୁରୋଧ ନୁହେଁ ଆହୁରି ଅଛି—ମତେ ସନ୍ଧ୍ୟା ପର୍ଯ୍ୟନ୍ତ ସମୟ ଦେ ଆଜି ପୂରା-ଦିନ ଟା ମତେ ଦେଇ ଦେ, ସେଥିପାଇଁ ମୁଁ ନିଜର ସାମାଜିକ ଯଶ, ପ୍ରସିଦ୍ଧି, ସବୁକିଛି ଦେବି ତୋତେ ! ତାର ସ୍ମୃତି ମଧ୍ୟ ମନୁଷ୍ୟର ମନରୁ ଲୋପ ହୋଇଯାଉ ସେଥିପ୍ରତି ମୋର ଲକ୍ଷ୍ୟ ନାହିଁ । ଯୋଗୀ, ଏ ଅନୁରୋଧ ମୋର ମାନିନେ ମୁଁ ଆଉ-କିଛି-କିଛି ଚାହେଁ ବି ନାହିଁ ।… ଯୋଗୀ କହିଲା—‘ଆପଣ ମୋ ଉପରେ ଅନ୍ୟାୟ ଅବଦାର କରୁଛନ୍ତି । ହେଉ, ଆଜି ଦିନଟା ଆପଣଙ୍କୁ ଦେଲି । ସନ୍ଧ୍ୟା ବୁଡ଼ିଲେ ଫେରି ମୁଁ ଆସିବି !’ ଯୋଗୀ କହିସାରି ସେ ଚାଲିଗଲା ! ଯୁବକ ! ଆଜିର ଦିନ, ହିଁ ମୋର ଅନ୍ତିମ ଦିବସ !”

ସେ ଫୁଲ ବଗିଚାର ଦୁଆର ପାଖକୁ ଯାଇ ଠିଆ ହେଲେ, ଏବଂ ଚିତ୍କାର କରି କହି ଉଠିଲେ “ହାୟ, ମୁଁ ଏପରି ସୁନ୍ଦର ଆକାଶ, ଏହିପରି ରୂପାସ୍ତୀର୍ଣ୍ଣ ପ୍ରାନ୍ତର, ଏହି ଝରଣା ଏ ସବୁ ଆଉ ଅଧିକ ସମୟ ଦେଖି ପାରିବ ନାହିଁ ! ବସନ୍ତର ସୁଗନ୍ଧି ପବନ ଆଉ ଗ୍ରହଣ କରି ପାରିବ ନାହିଁ । ମୁଁ କେତେ ନିର୍ବୋଧ ! ଈଶ୍ୱର ଏ ସବୁ ଉପହାର ମତେ ଦେଇଥିଲେ, କିନ୍ତୁ ଏ ସବୁ ପ୍ରତି ମୁଁ ସମ୍ପୂର୍ଣ୍ଣ ଅନ୍ଧ ଥିଲି। ଏତେବ ଏବେ ବୁଝି ପାରୁଛି, କିନ୍ତୁ ଏବେ ବୁଝିଲେ ଲାଭ କଣ ? ମୁଁ ଆହୁରି ପଚାଶ ବର୍ଷ ଏ ସବୁ ଉପଭୋଗ କରି ପାରିଥାନ୍ତି - କିନ୍ତୁ ମୋ ଜୀବନ ସମାପ୍ତ ହୋଇଯାଇଛି ! ମୁଁ କେଉଁଥି ପାଇଁ ନିଜର ଅମୂଲ୍ୟ ଜୀବନ ନଷ୍ଟ କଲି ? ମିଥ୍ୟା, ପ୍ରସିଦ୍ଧି ଓ ଯଶ ପାଇଁ ! ଯେ ସବୁ କଣ ? ଏବେ ମୋ ଜୀବନର ସାମାନ୍ୟ କିଛି କାଳପାଇଁ ମୁଁ କଣ ନ ଦେଇ ପାରେ ? କିନ୍ତୁ ଏବେ ମୋ ପାଖରେ ଦେବାର କିଛି ନାହିଁ । ଦୁନିଆରେ ଏବେ ମୋ ପାଇଁ କୌଣସି ଆଶା ନାହିଁ !—”

ସୂର୍ଯ୍ୟଙ୍କ କିରଣ ଆସି ପଡ଼ିଲା ତାଙ୍କ ପାଉଁଶିଆ ଚେହେରା ଉପରେ ! ସେ ପୁଣି କହି ଉଠିଲେ - “ଦେଖ, ଦେଖ କି ସୁନ୍ଦର ! ହାୟ, ମତେ ଏ ସବୁ ଛାଡ଼ି ଯିବାକୁ ହେବ । ତଥାପି ଏ ପର୍ଯ୍ୟନ୍ତ ମୁଁ ଜୀବିତ ଅଛି । ଆଜି ଦିନ-ସାରା ମୁଁ ବଞ୍ଚି ରହିବି ! ଆଜିର ଦିନଟି କେତେ ସୁନ୍ଦର, କେତେ ଉଜ୍ଜ୍ୱଳ ! ଏହା ହିଁ ମୋର ଅନ୍ତିମ ଦିବସ ! ଆଉ-ନାହିଁ !”

ଭଦ୍ରଲୋକ ଚଞ୍ଚଳ ପଦକ୍ଷେପରେ ପାହାଚ ଦେଇ ବଗିଚାକୁ ଓହ୍ଲାଇ ପଡ଼ିଲେ ଓ ଦୌଡ଼ିବାକୁ ଲାଗିଲେ, କିଛି କ୍ଷଣ ପରେ ସେ ମୋ ଦୃଷ୍ଟିର ବାହାରକୁ ଚାଲିଗଲେ ! ତାଙ୍କୁ ଫେରାଇ ଆଣିବାକୁ

Digitized by srujanika@gmail.com

ମୋର ଇଚ୍ଛା ଥିଲେ ମଧ୍ୟ - ମୋର ଦେହରେ ଶକ୍ତି ନ ଥିଲା ! ମୁଁ ବିସ୍ମିତ ଓ ବିଚଳିତ ହୋଇ ସେହି ସୋଫା ଉପରେ ବସି ରହିଲି । କିଛିକ୍ଷଣ ପରେ ମୁଁ ଘର ଭିତରେ ବୁଲିବାକୁ ଲାଗିଲି । ନିଜକୁ ବୁଝାଇବାକୁ ଚେଷ୍ଟା କଲି ଯେ ମୁଁ ସ୍ୱପ୍ନଟିଏ ଦେଖୁନାହିଁ ! ସେହି ସମୟରେ ଅନ୍ୟ ଗୋଟିଏ କବାଟ ଖୋଲିଗଲା ଏବଂ ଗୃହର ଆସି କହିଲା - 'ମୋ ମୁନିବ, ଡ୍ୟୁକ୍ ଆସୁଛନ୍ତି ।' ଗମ୍ଭୀରଂ ଚେହେରାର ଜଣେ ବୃଦ୍ଧ ପରକ୍ଷଣରେ ପ୍ରବେଶ କଲେ ଘର ଭିତରେ । ସେ ମୋ ସଙ୍ଗେ ହାତ ମିଳାଇଲେ, ମତେ ଏତେବେଳ ପର୍ଯ୍ୟନ୍ତ ଅପେକ୍ଷା କରାଇଥିବାରୁ କ୍ଷମା ପ୍ରାର୍ଥନା କଲେ । ସେ କହିଲେ - "ମୁଁ ଘରେ ନ ଥିଲି । ନିଜର ବେମାରିଆ, ଛୋଟ ଭାଇ ସି. କେ. କାଉଣ୍ଟଙ୍କୁ ଖୋଜିବାକୁ ବାହାରକୁ ଯାଇଥିଲି !"

ମୁଁ ପଚାରିଲି - 'କଣ ବେମାର ବଡ଼ ଶକ୍ତ ?' ଡ୍ୟୁକ୍ କହିଲେ - 'ନା ଈଶ୍ୱରଙ୍କ କୃପାରୁ ତାଙ୍କର କୌଣସି ଶାରୀରିକ ରୋଗ ହୋଇନାହିଁ । କିନ୍ତୁ ଯୌବନ ସମୟରେ ଯଶ ଓ ପ୍ରସିଦ୍ଧିର ସ୍ୱପ୍ନରେ ତାଙ୍କର ମନ ବଡ଼ ଉତ୍ତେଜିତ ରହୁଥିଲା । ସେ ସମୟରେ ଥରେ ସେ ବେମାର ପଡ଼ିଲେ-ସେତେବେଳଠୁଁ ତାଙ୍କର ମସ୍ତିଷ୍କ ଖରାପ ହୋଇଗଲା । ତାଙ୍କ ଧାରଣା ହୋଇଗଲା ଯେ ସେ କେବଳ ଗୋଟିଏ ଦିନ ବଞ୍ଚି ରହିବେ । ଯା ପାଗଳାମି ଛଡ଼ା ଆଉ କିଛି ନୁହେଁ ।"

ଏବେ ମୁଁ ସବୁକଥା ସ୍ପଷ୍ଟ ବୁଝି ପାରିଲି ! ଡ୍ୟୁକ୍ କହିଲେ - "ଅଚ୍ଛା, ଏବେ ତୁମ ପାଇଁ କଣ କରାଯାଇ ପାରିବ, ଯା ଭାବିବା କଥା । ସଙ୍ଗେ ସଙ୍ଗେ ଚେଷ୍ଟା ମଧ୍ୟ କରିବ । ଏ ମାସ-ଶେଷରେ ରାଜଧାନୀକୁ ଯାଇ ରାଜ-ସଭାରେ ତୁମର ପରିଚୟ କରାଇ ଦେବା ଦରକାର ।"

ମୁଁ ମୁହଁ ରଙ୍ଗ କରି ଉତ୍ତର ଦେଲି "ଆପଣଙ୍କ ଦୟା ପାଇଁ ହୃଦୟର ଧନ୍ୟବାଦ ! କିନ୍ତୁ ମୁଁ ରାଜ-ସଭାକୁ ଯିବାକୁ ଚାହେଁ ନାହିଁ ।"

ଡ୍ୟୁକ୍ ପଚାରିଲେ କାହିଁକି ରାଜ - ସଭାକୁ ଯିବାକୁ ଚାହୁଁନାହଁ ? ତୁମେ କଣ ଜାଣି - ନାହଁ ଯେ ରାଜ - ସଭାକୁ ଗଲେ କୌଣସି ପ୍ରକାରେ ଉନ୍ନତି ଲାଭ କରି ପାରିବ ନାହିଁ ?"

ମୁଁ କହିଲି — "ହଁ ଏସବୁ ସବୁ ଜାଣି-ମ କହୁଛି !"

କିନ୍ତୁ ତୁମେ କଣ ଜାଣ ନାହିଁ ଯେ ମୋର ସହାୟତାରେ ତୁମେ ବହୁତ ଶୀଘ୍ର ଉନ୍ନତି ଲାଭ କରି ପାରିବ । ଦଶ-ବର୍ଷ ଭିତରେ ତୁମେ ପ୍ରସିଦ୍ଧ ହୋଇଯିବ !"

ମୁଁ କହି-ଉଠିଲି — "ଦଶ-ବର୍ଷ ?"

ଡ୍ୟୁକ୍ ବିସ୍ମିତ ହୋଇ କହିଲେ — "ହଁ ! ଯଶ, ମାନ, ପ୍ରସିଦ୍ଧି — ଏ ସବୁ ପାଇଁ ଦଶ-ବର୍ଷ ଖର୍ଚ୍ଚ କରିବା କଣ ଅଧିକ କି ? ଯାହା ହେଉ, ମୋ ସଙ୍ଗେ ରାଜ-ସଭାକୁ ଚାଲ ।"

ମୁଁ କହିଲି — 'ନା ମହାଶୟ, ମୁଁ ନିଜ ଗାଁ କୁ ଫେରିଯିବାକୁ ନିଶ୍ଚୟ କରି ସାରିଛି । ମୁଁ ଆପଣଙ୍କୁ, ଆପଣଙ୍କ ପରିବାର ପ୍ରତି ହାର୍ଦ୍ଦିକ କୃତଜ୍ଞତା ପ୍ରକାଶ କରୁଛି ।"

ଡ୍ୟୁକ୍ କହିଲେ — "କେତେଡ଼ ମୂର୍ଖାମି ?"

ମୁଁ ଘୋଟଗୋ ଓ ତାର ମାଲିକଙ୍କ କଥା ସ୍ମରଣ କରି ମନେ ମନେ କହିଲି — "ମୁଁ ମୂର୍ଖ ନୁହେଁ, ବୁଦ୍ଧିମାନ !

ତା ପର ଦିନ ମୁଁ ନିଜ ଗାଁ କୁ ଫେରିଗଲି ନିଜ ଘର, ପରିବାର ଓ ଆତ୍ମୀୟ-ସ୍ୱଜନଙ୍କୁ ଦେଖି କେତେ ଯେ ଆନନ୍ଦ ହେଲା, କହି ପାରିବି ନାହିଁ । ଏକ ସପ୍ତାହ ପରେ ମୁଁ ହେନ୍‌ରିଟେଷ୍ଟଙ୍କୁ ବାହା ହେଲି ।

Digitized by srujanika@gmail.com

# ଅନ୍ତବାହିତର ଭଙ୍ଗାସଂସାର

ଅଧ୍ୟାପକ ଶ୍ରୀ ଗୋଲକ ବିହାରୀ ଧଳ

ହୃଦ୍କମ୍ପ ଅସିଲ । ଅଦେଖ ମିଳିଲା-ଟ୍ରାନ୍ସଫର । ବଡ଼ ଅନୁକୂଳ ଭାବରେ ଅବଶ୍ୟ । ଏବେ ଟିକେ ବି ଅସ୍ତୁଷ୍ଟ ହେଉନ । ଏଇବାଗ ହେଲା ଭାବି ଯେଉଁମାନେ ମୋତେ ସ୍ଥାନଚ୍ୟୁତ ହେବାରୁ ମୁଁ ସେମାନଙ୍କୁ ମୋର କୃତଜ୍ଞତା ଦେବାକୁ ମନେ କରିଥିଲି ସେମାନଙ୍କୁ ଗୋଟିଏ ଉତ୍ତର ଦେଇଥିଲି "ଏହିତ ଭଲ ଅଛି ମୁଁ ଯେ ଅବିବାହିତ । ରହିଲି ଗଲେ ଯିବି ନ୍ୟାଗୀପୁ କାହା ପାଇଁ ମୋର ମୁଣ୍ଡବିନ୍ଧା ହେବାର ନାହିଁ ।

ଦୂରର ନୀଳ ସାଗର, ନୀଳ ଲହରୀ, ନୀଳ ଫେଣ, ନୀଳ ଝାଉଁ ବଣ ଶାନ୍ତ ବେଳାର ନାରିକେଳ ପ୍ରତ୍ୟେକ ଥିଲା ମୋର ପ୍ରିୟ ସେହି ବେଳା । ଏହାର ଦୁଇଟି ବର୍ଷର ନିଃସଙ୍ଗ ନିଷ୍ଠୁର ଚକ୍ରରେ ସଂଖ୍ୟା ଗଣି ଯାଇଛି । ଓଡ଼ିଶାର ସେ ପରିଚିତ ସାଗରର ଲୋଲ ତରଙ୍ଗପୁଞ୍ଜ ଦେଖିଲା ପରି ହଠାତ୍ ଟ୍ରାନ୍ସଫର୍ ସମ୍ବଲପୁର-ଓଡ଼ିଶାର ଅପର ପ୍ରାନ୍ତକୁ । ବିନା ଭୂମିର ନିରବଚ୍ଛିନ୍ନ ନୀଳିମା ଭିତରେ ମାନସିକ ବସ୍ ମୋତେ ଏକା ବାହାରେ ଅଭିଜ୍ଞାନରେ ପହଞ୍ଚାଇ ଦେଇ ଜୀବନର ପ୍ରଥମ ଅନୁଭୂତି-ଓଡ଼ିଶା ରାଜ୍ୟରେ ଲବଣ୍ଡ୍ବସ୍ ନାମରେ ନାମ 'କୁଳ' । ବଡ଼ କୌତୁହଳ ଲାଗିଲା । ପ୍ରତ୍ୟେକର ଚେଳାଖାନୀୟ ସ୍ୱାସ୍ଥ୍ୟ, ଦେଶ ପ୍ରସାଧନର ବୈଚିତ୍ର୍ୟ, ନୀଳମେଘୀ ଶାଢ଼ୀରେ ଅପୂର୍ବ କଳା ବିକାଶ ଦେଖି ମୋର ମନଟି କୌତୁହଳୀ ହୋଇ ଉଠିଲା । ନୂତନ ସ୍ଥାନରେ ହେଉଥିବାର ଯେ ପ୍ରାଥମିକ ସଙ୍କୋଚତା ଭାବ ମଣିଷ ଅନୁଭବ କରେ ମୁଁ ତା ଅନୁଭବ କଲି ନାହିଁ । ଚତୁର୍ଦ୍ଦିଗରେ ପାହାଡ଼ ଅରଣ୍ୟାନୀର ବନଜ ସ୍ନିଗ୍ଧ ଛାୟା ମୁଗ୍ଧ ପ୍ରତ୍ୟେକ ମୁକ୍ତ ନାରୀ ଜୀବନ ଯେମିତି ସେହି ମୁକ୍ତ ପ୍ରକୃତିର ଗୋଟାଏ ଅବିଚ୍ଛିନ୍ନ ଅଂଶ ଶ୍ୟାମଳ ପ୍ରକୃତି ଭିତରେ ମୋର ଜୀବନ [illegible]

ସମ୍ବଲପୁରର ପ୍ରସିଦ୍ଧ ଲକ୍ଷ୍ମୀ କଲୋନୀ । ଦେଖିଲି ସେଠି ଲକ୍ଷ୍ମୀ ରହିବାର ଯୋଗ୍ୟ ସ୍ଥାନ ନାହିଁ କିମ୍ବା ତା କଲୋନୀ ନୁହେଁ । ଭାରତକୁ ଇଂରେଜ ସରକାର ଯେମିତି ଅନ୍ତଃସାର ଶୂନ୍ୟ କରି ଛାଡ଼ି ଯାଇଛନ୍ତି ଓଡ଼ିଶା ସେକ୍ରେଟେରୀଏଟ୍ କାରିଗରମାନେ କଲୋନୀଟିକୁ ସେହି ଭଳି ଭାବରେ ଛାଡ଼ି ଯାଇଛନ୍ତି, ମଣିଷ ଜୀବନରେ ଯେତେବେଳେ ପାପ, ଦେବତାଙ୍କ ସହିତ ସୌହାର୍ଦ୍ଦ କରିବାର ସୌଭାଗ୍ୟ ଅଟେ, ସେତେବେଳେ ଲକ୍ଷ୍ମୀ କଲୋନୀରେ ବାସ କରିବାକୁ ପସନ୍ଦ କରେ । ଘର ଟେକ୍ନିକ ମାଷ୍ଟର, ନିତ୍ୟ ପତନୋନ୍ମୁଖୀ, ସଚ୍ଛିଦ୍ର, ବର୍ଷା ଦିନରେ କାଗଜ ଜାଳି ବସିରହିବାକୁ ପଡ଼େ । ରେଭେନ୍ସା କଲେଜରେ ଇଷ୍ଟ ହଷ୍ଟେଲ-ମାନଙ୍କ କଲେଜରେ ପୋଷ୍ଟ ଗ୍ରାଜୁଏଟ୍ ହଷ୍ଟେଲ କମ୍ବା ବାବୁଙ୍କର ସାଧାରଣ ପ୍ରାସାଦର ବିଳାସ ବା ନିରାପତ୍ତା ଏଠି କିଛି ନ ଥାଏ ।

ବର୍ଷା ରାତିରେ ଘର ଭିତରେ ଆମେ ଦୁଇଜଣ ମୁଁ ଆଉ ଦୁଃଖୀ । ସେ ଥିଲା ମୋର ଗୃହଭୃତ୍ୟ । ଏବେ ପୁଣି ସମ୍ବଲପୁରକୁ ମୋର ପରିବର୍ତ୍ତନରେ ସେ ପୂଜାରୀ ପଦରେ ଅଭିଷିକ୍ତ । ନୂତନ ପଦବୀର ମାଦକତା ତାର ପ୍ରତ୍ୟେକ ଅଙ୍ଗଭଙ୍ଗୀରେ ଫୁଟି ଉଠିଛି । ଫୁଲ ସମ୍ବଲପୁର ପରିବର୍ତ୍ତନରେ ପୁରାତନ ପୂଜାରୀ ଠିକ ସମୟରେ ତାର ଅନିଚ୍ଛାର ଇସ୍ତାହାର ଦେଇ ରହିଗଲା । ତା ଫଳରେ ମୋର ସଂସାର ବୃକ୍ଷର ଦୁଇଟି ଡାଳରୁ ଅକାଳରେ ଗୋଟିଏ ଖସିପଡ଼ିଲା ମାତ୍ର ମୁଁ ଦୁଃଖିତ ହେଲିନି, କାରଣ ମୁଁ ଅବିବାହିତ । ସମସ୍ତ ଅସୁବିଧା ଅଭିଯୋଗ ଅଭିମାନ ସତ୍ତ୍ୱେ ଲଣ୍ଠନ ଦାଉଦାଉ ମୋର ଅକ୍ଷୁଣ୍ଣ ରହିଛି ।

ମୋତେ ଏଠି ଭୁଲାଇ ରଖିଥାଏ ମୋ ଦୁଆରେ ନିଆ ବୃନ୍ଦାବନ ପାହାଡ଼ । ତାର ତରଙ୍ଗାୟିତ ନୀଳିମା ମୋତେ ଦେଖାଇ ଦେଉଥାଏ । ଭାବି ଥିଲି ଦୈନନ୍ଦିନ

Digitized by srujanika@gmail.com

ଜୀବନର ସମସ୍ତ ଅଭିଯୋଗ ଠେଲି ଦେଇ ଏଇ ମାଧୁରୀ ଭିତରେ ମୁଁ ପାଗଳ ହୋଇ ଉଠେ । ମାତ୍ର ସ୍ୱପ୍ନ ତ ବାସ୍ତବତା ନୁହେଁ । ଜୀବନଟା ତ ଖାଲି ସ୍ୱପ୍ନ ନୁହେଁ । ପ୍ରତି ମୁହୂର୍ତ୍ତରେ ବାସ୍ତବତାର ଧକ୍କା ଦେଇ ମୋର ସମସ୍ତ ସ୍ୱପ୍ନ ଭାଙ୍ଗେ ଦୁଃଖୀ । ସେ ଗୃହକର୍ତ୍ତ୍ରୀ ସତ, ମାତ୍ର ତାର ଜୀବନର ସ୍ୱପ୍ନ ଥିଲା ଅତି ବଡ଼ । ଲୁଗା ଟିଏ ପିନ୍ଧେ ନାହିଁ । ପିନ୍ଧେ ମାଇଜାମା, ଲଗାଏ ଗେଞ୍ଜି । ମାସକର ଦରମା ଭିତରେ ସାବୁନ, ତେଲ, ବେଲ୍ଟ, ଗୋଲ୍ଡ ବୋତାମ କିଣେ । ସବୁରେ ମୋ ଗୋଡ଼ରେ ହାତ ଦେଇ ଦେଇ ତାର ଛୋଟ ବଡ଼ ଏହି କିଣା ବିକା ଗୁଡ଼ିକର ହିସାବ ତାଲିକା ଦିଏ । ମୁଁ ମନେ ମନେ ହସେ । ମା ତାର ଧାନ କିଣିବା ପାଇଁ ପଇସା ମାଗିଛି ମୁଁ କହିଲେ ସେ ଉପହାସ କରେ ଜୀବନଟା ଖାଲି ତେଲ, ଲୁଣର ବା ପେଜ ପଖାଳର ନୁହେଁ ବୋଲି ସେ ପ୍ରତିବାଦ କରେ । ଦାୟିତ୍ୱହୀନତା ଆମ ଦୁହିଙ୍କର ଗୃହ ସଂସାରର ସାଧାରଣ ଧର୍ମ । ଦୁଃଖୀ ଯେତେବେଳେ ମୁଁ ଉପରକୁ ହାତ ଉଠାଏ ପାଇଜାମାରେ ଯଦି କାଳି ଲାଗିଯାଏ ତେବେ ତାର ସମସ୍ତ ଚିନ୍ତା ଓଲଟ ପାଲଟ ହୋଇ ଯାଏ ! ଅନେକ ଥର ମତେ କହେ, " ବାବୁ, ଅଉ ଚାଳିବି ନାହିଁ ।

ଦଶ ବାଜିଗଲେ ମୁଁ ଚିତ୍କାର କରି ଉଠେ, "ଦେରି ହେଲା ! ଅର୍କ୍ଷଣ୍ଟେ ସ୍ୱରରେ ଉତ୍ତର ଆସେ 'ହେଇଛି' ବେଶ ସାହେବ ପୋଷାକ ତଳେ ବୁଭୁକ୍ଷୁ ମନର ସମସ୍ତ ଅଭିଯୋଗ ଲୁଚାଇ ଚାଲିଲେ । ମୋର ଯେ ଭବିଷ୍ୟତ ଜୀବନର ଗୋଟାଏ ଆଶା ଥାଏ ସେ ଆଶା ମୋତେ ବଞ୍ଚାଇ ରଖେ । ସେ ଯାହା ଖାଏ ଓ ମୁଁ ଯାହା ଖାଏ ତାହା କେବେ କୌଣସି ଭଦ୍ରଲୋକ ଦୃଷ୍ଟିରେ ନ ପଡ଼ିବା ପାଇଁ ଉଭୟେ ଯତ୍ନ କରୁ । ଦୀର୍ଘାୟୁ କାହା ପାଇଁ ସେ ଚିନ୍ତା କରିବାକୁ ପଡ଼େ ନାହିଁ ସେଥିପାଇଁ ଆମେ ଦୁହେଁ ଯାକ ଖୁସୀ । ଏଇ ଏଇ ଛୋଟ ଚାକରୀଟିରେ ପେଟ ପୂରେ ନାହିଁ ବୋଲି ଦୁଃଖୀ ଟିକିଏ ଧୂଇଅଣା ଟେମ୍ପରେଟର । ସେଦିନ ସଚେଷ୍ଟ ହୋଇ କିଏ ହେଉଛି ବୋଲି ଅଣା ହୁଏ । ସେଦିନ ଲୁଗା ଧୁଏ ତେର ଅଣା ହୁଏ, ତାଲୁ ଦଣ ତାର ପେଟ ଆଗରେ କଟିଯାଏ ବାବୁ ଆଜି କିଛି ଅଣା ଗୋଟିଏ ହାପ ପ୍ଲେଟ ଖାଇଛି । ଅନେକ କିଛି ଏବେ ଇଂରାଜୀରେ କହେ । ଗାଁ ଲୋକଙ୍କ ବାବୁଙ୍କ Servant ଅଛି ବୋଲି କହେ ! ଲୋକେ ଭାବନ୍ତି ଏଇ ଦୁଃଖୀଟା ଏମିତି କଣ ବଡ଼ ଗୋଟାଏ ଚାକିରୀ କରୁଛି ।

ସଂନ୍ଧ୍ୟା ବେଳେ ସେ ଯେତେ ବେଳେ ଦର୍ପଣ ରନ୍ଧନ ଶାଳାରେ ଶୋଇ ଯାଇଥାଏ । ମୁଁ ଯେତେବେଳେ ଚିତ୍କାର କରି ଉଠେ କେତେ ଦୂର ଗଲା ! ଆଖି ମଳି ମଳି ଉତ୍ତର ଦିଏ ବାବୁ ଆଜି ତ ମୁଁ ବେଶୀ ଛୋଟି, ଆଜି ତ କାଠ ନାହିଁ ସାହି ପଡ଼ୋଶୀ ସ୍ୱାମୀଙ୍କୁ ଘରେ କେହି କାଠ ଦେବେ ନାହିଁ । ବେଶ ବଡ଼ ଶାଟି ସଜାଇ ଦେଇ ମଶାରୀ ଭିତରେ ମୁଁ ପଡ଼ିଯାଏ । ପାହାଡ଼ ଉପର ଧୀର ହାଓ୍ୱା ମୋର ସଙ୍ଗୀ ମଶାରୀଟିକୁ ସଙ୍ଗେ ସଙ୍ଗେ ଖେଳି ବୁଲେ । ନିଃସଙ୍ଗ ରାତିର ନୀରବତା ଭିତରେ ମନେ ମନେ ଭାବେ ଏଭଳି ଆଉ କେତେଦିନ । ପଡ଼ୋଶୀ ଘରର ରନ୍ଧନଶାଳା ଭିତରୁ ଖାଦ୍ୟଗନ୍ଧ ଭାସିଆସେ, ଦୁଃଖୀ ସେତେବେଳକୁ ନିଦ୍ରାଭିଭୂତ ହୋଇଛନ୍ତି । ତେବେ ମୁଁ ବା ଅବିବାହିତ ଦାୟିତ୍ୱହୀନ ଜୀବନର ପ୍ରଶଂସା କରି ଗୁଣୁ ଗୁଣୁ କରି ଗାଇ ଉଠେ ନ ଗୃହେ ବା ଗୋ ......... ହଠାତ୍ ମୋର ସଙ୍ଗୀତର ସୂତ୍ର ଛିନ୍ନ କରି ଭାସି ଆସେ ପଡ଼ୋଶୀ ଘରର କଣ୍ଠସ୍ୱର । ତମେ କଣ ଭାବୁଛ ଏଟା ଭଲ ହୋଇଛି, 'ହଁ' ଭଲ ! ତମର ଯା ରୁଚି । ବ୍ୟଙ୍ଗ ଭରା ଅଭିବ୍ୟକ୍ତି ମୋ କାନରେ ଲାଗେ ।

ମୋର ସେ ରୁଚି ! ତୁମେ ବୋଧହୁଏ ଜାଣନା ସମ୍ବଲପୁରୀ ଶିଳ୍ପ ଚରମ ବିକାଶ ଏଇ ଶାଢ଼ୀ ଖଣ୍ଡିକରେ ଫୁଟି ଉଠିଛି ।

କଳା, ରୁଚି, ଶିଳ୍ପ ଏଇ ବାକ୍ୟ ...

ମୋତେ କାହିଁକି କହୁ: ଘର ଭିତରଟା ତ କଲେଜ କ୍ଲାସ ନୁହେଁ । ବଡ ବଡ଼ କଥାରେ ଛୋଟ ମନକୁ ଭୁଲେଇବାର ଯେ ଗଳ୍ପବାଜ ସେଠା ତ ଏଠି ନେଇ ବସିଲେ ନାହିଁ ଭାର-ଗ୍ରସ୍ତ ଅନ୍ୟନ ।

୮

ମାଷ୍ଟ୍ରମାନଙ୍କର ସ୍ୱରଟିଏ କହି ଉଠେଲ ।" ୫ ନାମ ଉମେ ତ କଲେଜରେ ନ ପଢି ଖ ଲେଜ ଛାତ୍ରୀ ଭଳି ବକ୍ତୃତା ଆରମ୍ଭ କରି ଦେଇଛ ! ଦୁଇଟି ଦିନ ଯଦି ପଦ ରଜରେ କଲେଜର ପଥର ପାହାଚ ଗୁଡିକୁ ପବିତ୍ର କରିଥାନ୍ତ ତେବେ ? ଆଉ ନ କହୁ ନାହିଁ, କଥା କହୁ ଜାଣି ବୋଲି ତ ପ୍ରଫେସର୍ ।

ନିଦ୍ରୋତ୍ଥିତ ଶିଶୁର କ୍ରନ୍ଦନ ଧ୍ୱନି ହଠାତ କଥା ସ୍ରୋତକୁ ବଦଳାଇ ଦେଲା । ଏଇ ଦେଖ ମ ନିଦଟା ମୁଖିଲା, ଟିକଏ ଉଠାଇ ଅଣ ଭଲ ମୁଁ ଶୋଇବ କମିତ ?" ଜଜ ବିଛଣାଟିରେ ଅଙ୍କାତରେ ହଠାତ୍ ମାତି ମାତି ମୁଁ ଅମ୍ଳ ପ୍ରସାଦ ଅନୁଭବ କରେ ମୋର ସ୍ଫୂର୍ତ୍ତି ନିଜର ଜଡ଼ଦ ଅନେକ କମିଯାଏ ଅବବାହିକର ଚମ୍ପକ ନଷ୍ଟ ନିତ୍ୟ ନିମନ୍ତ୍ର ଘଟିଥିବେ ଜମି ଥିବେ ।

୯

ରୋଷାଇ ଘରର ଧୂଆଁ, ଚୁଲିଫୁଙ୍କା, ପାଣିଅଣା ପ୍ରତ୍ୟେକଟି ବିରକ୍ତିକର ଦୁଃଖ ର ମନଟା ବଦ୍ରୋହ କରି ଉଠେ । ଛୁଟି ଦିନରେ ଚଉଁ ଅମ୍ଳ ପ୍ରସାଦ ଲାଭ କରେ ଥାଇ ସଜାଡିବାରେ, ଯୋଡା ଯୋଡା ନୂଆ ଚରେ ସାଇକେଲ ସଜାଡିବାରେ ପ୍ରତ୍ୟେକଟିର ଗୌରବ ଅନୁଭବ କରେ । ଇସ୍ତ୍ରୀ ଯୋଡାକୁ ଦେଖିବାରେ ଆନନ୍ଦ କରେ । ଆଲେଣ୍ଡରଟା କେଉଁଠି କିଏ ଘରର ଆଲମାରୀଟି କେଉଁଠି ଖାଇବା ଟେବି, ଟେବୁଲ ଉପରେ ଘଣ୍ଟା, କଲମ କେଉଁଠି ରଖିଲେ ଥାଇବ ତା ମୋ ଠାରୁ ଅପେକ୍ଷା ଭଲ ଜାଣେ ଟେବୁଲରେ ଅଧା ପିଆ ଚୋ କାପଟି ଦେଖି ଭଲ କି ପିଇଲ ଅଧା ଦେବି ଖୁଚୁରା ଟଙ୍କା ବା ! ଆମ ଏଇ ଆଲମାରୀ ଦେଖିବାକୁ ଓ ଘରଟାକୁ ସଜାଇବା ପାଇଁ ଖାଲଫୁହା ପରିଶ୍ରମ କରେ । କିନ୍ତୁ ମୋର ଭିତର କଥାଟା ତା ବୁଝିବେଁ ପଡେ ନାହିଁ ମୋର ଉପାସିଆ ଅଭିମାନିଆ ମନର ଅବସ୍ଥା ବିଷୟରେ ସେ କେବେ ଚିନ୍ତା କରେ ବୋଲି ମନେହୁଏ ନାହିଁ । ମୋତେ ଭୋକ ଉପାସରେ ଛାଡିକି ଯିବାପାଇଁ ବିଦାୟ ଦେଲା ବେଳେ ସାଇକେଲର ଅବସ୍ଥା ବିଷୟରେ ପାଞ୍ଚ କଥା କହେ କିନ୍ତୁ ମୋ ଖାଇବା କଥାଟା ଭୁଲରେ ଧରେ ନାହିଁ । ସେଥିପାଇଁ ଯେଉଁ ଦିନ ତରକାରୀରେ ଲୁଣ ଭରା ଥିଥାଏ ବା ଯୋଡ଼ି ଯାଇ ନ ଥାଏ ସେ ଦିନ ମୋର ଭୋଜି ଭାତ ହୁଏ । ପେଟ ପୁରାଇ ଗଣ୍ଡେ ଖାଇବାର ସୁଖ କାହାର ଦେଖିଲେ ମୋର ନିଜର ଅବସ୍ଥା ମନେ ପଡ଼ିଯାଏ । ମୁଣ୍ଡ ଉପରେ ଟଙ୍କା ପେଟ ତଳେ କ୍ଷୁଧା, କୁଃଖା ମୋଟା ଟଙ୍କାର ମୋଟେ ଏହି ଅବସ୍ଥାକୁ ଚାଣି ଅର୍ଣ୍ଣଥ ।

ଆସିଲା ଦିନ, ଆଜକୁ ପଞ୍ଚଗୃହଳଗଣ୍ଡି ସଂଧ୍ୟା କି ଧନ୍ଦାରେ ଭ ଅନ୍ୟ ମନସ୍କ ଭାବରେ ଦୁଃଖ କାଟାଇଛୁ ତା ମୁଁ ଜାଣେ ଓ ସେ ଜାଣେ । କ୍ରମଶଃ ତାର ସ୍ୱପ୍ନ ଗୁଡ଼ିକ ଫୁଟି ଆସିଲା । ସେ କିଣିଲା ପାଇଜାମା, ଧୁନା ବୋତାମ ଲକେଟ୍, ଯବା କୁସୁମ, ଗୋଟାଏ ଟକରେ ଚଢ଼ି ସହରର ତମାମ ବୁଲିଲା । ସେଇ ଦିନ ପିଞ୍ଜରାବଦ୍ଧ ପକ୍ଷୀଟି ପରି ସେ ମୋର ଗୃହସଂସାରରୁ ମୁକ୍ତି ଖୋଜି ବୁଲିଲା । ତାର ଭାବଭଙ୍ଗୀରେ ମୁଁ ବିବ୍ରତ ହୋଇ ପାଇଜାମା ସ୍ଥାନରେ ଟ୍ରାଉଜରର ଆଶା ଦେଖାଇ ଥିଲା ମାତ୍ର ଯେଉଁଠି ହଜାର ହଜାର ଲୋକ ଟ୍ରାଉଜର ପିନ୍ଧି ମଟର ଗାଡ଼ିରେ ଯାନ୍ତି । ସେଠି ପାଇଜାମାପିନ୍ଧି ମଣ୍ଡପର କାନ ଗୋଞ୍ଚି ବସାକୁ ଫେରିବାରେ ଯେ ଗୌରବ ନାହିଁ ଏ କଥା ସେ ବୁଝିଲା । ମନେ ପଡିଲା ଗାଁର ମନ୍ଦିର, ମାଇଆ, ମାଧିଆ ଜୀବ ହାତୀ, ମହାନ୍ତିଘର ଦୋକାନ ଘର, କାଇଁନ ଅଖଡା, ପୋଖରୀ ମାଛଧରା, ସେ ସମସ୍ତ ଦୃଶ୍ୟ ଭିତରେ ଚାଲିଗୋଲ ବୋତାମ ଦିଆ କାମିଜ ଓ ପାଇଜାମା ପିନ୍ଧି ଅନେକଙ୍କଠାରୁ ବାହାବା ନେବାର ସ୍ୱପ୍ନ ତାକୁ ପାଗଳ କରି ତୋଳିଲା । ମୋତେ ଏପରି ଭଲ ନ

Digitized by srujanika@gmail.com

ଯାଏ, ଏମିତି ନ ହେଲେ ମାତ୍ର ମୋଠୁ ମେ ବେଶି ଭଲପାଏ ନିଜ ଗାଁ -ତା ଭିତରେ ତାର ମୋଧାକ ପରିଯାଇଛି ।

ସନ୍ଧ୍ୟା ବେଳେ କଲେଜରୁ ଫେରି ଦେଖିଲି ଦୁଃଖୀ ତାର ପାଇଜାମା ଓ କାମିଜରେ ଦେହକୁ ଘୋଡ଼ାଇ ବ୍ୟଥାର ବ୍ୟଞ୍ଜନା କରି ବିଛଣାରେ ପଡ଼ିଛି । ମୋ ସାଇକଲର ଘଣ୍ଟି ଯୋଡ଼ାର ଘର୍ଷଣ କୌଣସିଟି ତାକୁ ଚେତନା ଦେଲାନି । ନୀରବରେ ପାକଶାଳାର ଦ୍ୱାର ଖୋଲି ପାକ ପରିପାଟିର ଅଭାବ ଦେଖି ମୋର ରାତ୍ରି ଭୋଜନର ଆଶା ନାହିଁ ବୋଲି ବୁଝିନେବାକୁ ବେଶୀ ସମୟ ଲାଗିଲା ନା । ସ୍ୱପ୍ନରେ ଯେତେବେଳେ ତୀର ହୁକବ ଆଉ ବଛଟା ଉପରକୁ ଯାଏ ସେତେବେଳେ ଏଭଳି ଶୁଣିଥିଲି ପାପଲୋ, ଉଃ କଣ କରିବି, ହେଲି ବ୍ୟଥାର ବ୍ୟଞ୍ଜନା । କାଳ ରାତ୍ର ପାହିଗଲା । ସକାଳୁ ଉଠି ଯେଉଁ ଦୃଶ୍ୟ ଦେଖିଲି ବଡ଼ କୌତୁହଳ ଲାଗିଲା । ଦୁଃଖୀ ସୁନ୍ଦର ପୋଷାକ ପିନ୍ଧି ତାର ସମସ୍ତ ଜିନିଷ ବାକ୍ସରେ ଭରି ତଳ ମୁହାଁ ହୋଇ ବସିଛି । ତାର ପଟୋଲୀରେ ଅଳ୍ପ ଅଳ୍ପ ଥିଲା ପାଦରେ ଦୁଇଖଣ୍ଡ ଚପଲ । ସେଥିରୁ ମୁଁ ଅନୁମାନ କଲି ବୋଧହୁଏ ଦୁଃଖୀ ବନ୍ଧୁ ଆଜି ଘରୁ ଗୋଡ କାଟି ମୋଠୁଁ ବିଦାୟ ନେବେ । ମୋର ଅଧୁଆ ମୁହଁ ଓ ସକାଳର ସଜ ମନଟାକୁ ଏତେ ଟିକେ ଭ୍ରୂକ୍ଷେପ ନ କରି ମଥାଟେକି କ୍ଷୀଣ ସ୍ୱରରେ କହିଲା, "ମୁଁ ଅଜ" କରେଁ କଣ ? ମୁଁ ଜାଣି ଜାଣିବ ପଚାରିଲି । ମୁଁ ଯିବି ।

ମନର ଅଭିମାନକୁ ମୁଖ ଭଙ୍ଗୀରେ ମଧ୍ୟ ପ୍ରକାଶ କରିବାକୁ କୁଣ୍ଠା ବୋଧ କଲି । ମୋର ଉଦର ଓ ମନପ୍ରତି ସେ ଯେତେ ଅତ୍ୟାଚାର କରିଛି ସେସବୁ ଯେତିକି ମନରେ ଜାଗି ଉଠିଲା ତା ହାତରେ ମୋର ଭବିଷ୍ୟତ ଯେ ଅନ୍ଧାର ସେ କଥା ମଧ୍ୟ ଜଳ ଜଳ ଦେଖାଗଲା । ଖଲି ପିଲାଟି ଭଳି ମାଷ୍ଟରଙ୍କ ନୋଟ ଖଣ୍ଡେ ତା ହାତକୁ ବଢାଇ ଦେଇ କହିଲି 'ଏଇ ନିଅ' ନୋଟ ଦେଖି ତାର ଆଖିର ଆଲୋକ ଜଳି ଉଠିଲା ମୁଖର ରଙ୍ଗ ବଦଳିଗଲା । ତା ପରେ ସବୁ ନୀରବ, ନିଷ୍ଫଳ ନୀରବତାର ନିସ୍ତବ୍ଧତାକୁ କଟି ବାଗଟି ଧରି ଚପୁଲି ପାଦରେ ଘରୁ ବାହାରି ଗଲା ମୁହଁରେ ଆଶ୍ୱାସନା ଓ ବିଜୟର ଦାମ୍ଭିକତା ନେଇ । ଚପୁଲି ପିନ୍ଧିବା ତା ଜୀବନରେ ଏଇ ପ୍ରଥମ ଥର କି' ଭାଲରେ ତାକୁ ଚୁହିଁ ମୁଁ ମନେ ମନେ ବେଳେ ହସିଲି । ମଣିଷ ବୁଝି ଏମିତି ଥାଆନ୍ତି !!

ଧୀରେ ପଦରେ ଯାଇ ରନ୍ଧନ ଶାଳା ଦେଖିଲି କଳାଧୂଆ ଦେବାଳୟ ଚୂଡାକୁ ଯେମିତି ଲିପ୍ତ ପୁତଃ କରି ଛାଡ଼ି ଯାଇଥିଲା ଦୁଃଖୀ ଠିକ୍ ସେମିତି କରିଛି । କିଛି କାଳିଆ ଛୋଟ ଘଟିକାଠି, କଣ କଡ଼ାଇଟା, ଚଙ୍ଗା କରଚୁଲି ଅଇଠା ବାସନ ପ୍ରତ୍ୟେକଟି ଛିନ୍ନ ଛିନ୍ନ ହୋଇ ପଡ଼ିଛନ୍ତି । ଘର ଭିତରଟା ଯେମିତି ହାଉମାଉ ଲଗାଇ ଯାଇଛି । ନଜର ଅସି ନାମ ଟାଙ୍ଗିଛି ଉପରେ ପଡିଗଲା । ଭବିଷ୍ୟତଟା କି ଭୟଙ୍କର ! ପୂଜାରୀ ଯାଇଥିଲା ଯଥା ସମୟରେ ଇସ୍ତାହାର ଦେଇ । ସଂସାର ବୃକ୍ଷର ଡାଳଟିଏ ମୋର ଛିଣ୍ଡି ଯାଇଥିଲା । ନୀରବରେ ସହିଥିଲି କାରଣ, ସେଥିପାଇଁ ମୁଁ ପ୍ରସ୍ତୁତ ଥିଲି ମାତ୍ର ଦୁଃଖୀ ଅକାଳ ବୈଶାଖୀ ଝଞ୍ଜା ପରି ଦେଖା ଦେଇ ତାର ଉତ୍ତପ୍ତ ଜ୍ୱାଳାରେ ମୋତେ ଜାଳିଦେଇ ଅତର୍କିତ ଭାବରେ ଚାଲିଗଲା । ତାର ଚାଲି ଯିବାରେ ଦ୍ୱିତୀୟ ଡାଳଟି ଛିଡ଼ି ପଡ଼ିଲା । ଅବିବାହିତର ଗୃହ ସଂସାର ଭଙ୍ଗୁର ପ୍ରାୟରେ ମିଶିଗଲା । ମାତ୍ର ଦ୍ୱିତୀୟ ଡାଳ ପାଇଁ ଭାବିବାକୁ ପଡ଼ି ନାହିଁ । ଏହି ସାନ୍ତ୍ୱନା ଏହି ଅସାର ବାଣୀ ତ ଶାଶ୍ୱତ ଅଛି ।

# କବିତା

ଶ୍ରୀ ଗଗନ ବିହାରୀ ମହାନ୍ତି ଏମ୍. ଏ.

ଆମ ସମାଲୋଚକମାନେ ସାହିତ୍ୟ ଏବଂ ତାହାର ଭିନ୍ନ ଭିନ୍ନ ଅଙ୍ଗ ଗୁଡ଼ିକର ସାଧାରଣ ପ୍ରକୃତ ବ୍ୟାଖ୍ୟାନ କରିବା ସମୟରେ 'କବିତା'ର ସ୍ୱରୂପ ସମ୍ପୂର୍ଣ୍ଣରୂପେ ଆଲୋଚନା ନ କରି ଏବଂ ମହାକାବ୍ୟ, କାବ୍ୟ, ଖଣ୍ଡକାବ୍ୟ ପ୍ରଭୃତି ପଦ୍ୟ ସାହିତ୍ୟର ଭିନ୍ନ ଅଙ୍ଗ ମାନଙ୍କ ସହିତ ତାହାର ସାମ୍ୟ ବା ବୈଷମ୍ୟର ସୂଚନା ନ ଦେଇ ଏକ ଗୋଳକଧନ୍ଦାର ସୃଷ୍ଟି କରନ୍ତି । ଯେଉଁମାନେ ଇଂରାଜୀ ସାହିତ୍ୟ ସହିତ ପରିଚିତ ସେମାନେ ଲିରିକ୍ କଣ ଜାଣନ୍ତି । ଏହି ଲିରିକ୍ ବହୁ ପରିମାଣରେ ଆମ ସାହିତ୍ୟରେ ଦେଖା ଗଲେ ସୁଦ୍ଧା ଆମ୍ଭେମାନେ ଏହାର ପରିଭାଷା ଠିକ କରି ନାହୁଁ । ଲିରିକ୍‌କୁ କେହି ଗୀତିକବିତାରୂପେ ଅନୁବାଦ କରିଥାନ୍ତି । ଯଦି ଏହି ଶବ୍ଦଟି ଗ୍ରହଣ କରୁଁ ତେବେ ଯେଉଁ ଅଧୁନିକ ଅଧିକାଂଶ କବିତା ଗୁଡ଼ିକରେ ସଂଗୀତ ପର୍ଯ୍ୟବୌନାହିଁ ସେଗୁଡ଼ିକୁ କଣ କୁହାଯିବ ? ଲିରିକ୍‌ର ପରିଭାଷାରୂପେ 'କବିତା' ଶବ୍ଦକୁ କେବଳ ସୁନ୍ଦର ଭାବରେ ଗ୍ରହଣ କରା ଯାଇପାରେ । କବିତା ପଦ୍ୟ ସାହିତ୍ୟର ଅନ୍ତର୍ଗତ, ମାତ୍ର ମହାକାବ୍ୟ, କାବ୍ୟ ଓ ଖଣ୍ଡକାବ୍ୟ ଠାରୁ ସଂପୂର୍ଣ୍ଣ ପୃଥକ ।

କବିତାରେ ଥାଏ କବିର ହୃଦୟଗତ ଉଚ୍ଛ୍ୱାସ । ସେଥିରେ ଅନ୍ତରର ନିବିଡ଼ ସ୍ପନ୍ଦନ ରୂପ ପାଇ ଥାଏ । ଯେଉଁ ନାତିଦୀର୍ଘ ଅତି ଶୁଦ୍ର ପଦ୍ୟର ସୁମଧୁର ପଦ ବିନ୍ୟାସ ଛନ୍ଦର ଝଙ୍କାର ଏବଂ ପଦାବଳୀର ଶୃଙ୍ଖଳନ ମାଧୁର୍ଯ୍ୟ ମଧ୍ୟରେ କବି ହୃଦୟର ଉଚ୍ଛ୍ୱାସ ବିକେନ୍ଦ୍ରିତ ନ ହୋଇ ସମ୍ୟକ୍ ଭାବରେ ଅଭିବ୍ୟକ୍ତ ହୋଇ ଥାଏ ତାହାହିଁ କବିତା । କବିତାରେ ଗୋଟିଏ ଚିନ୍ତା, ଗୋଟିଏ ଅନୁଭବ ବା ଗୋଟିଏ ଅବସ୍ଥାର ଆଲେଖ୍ୟ ଥାଏ । କବିତାର ଉତ୍ପତ୍ତି ମନରେ ନୁହେଁ ହୃଦୟରେ ଏବଂ ତାହାର ଗତି ମଧ୍ୟ ସେହି ହୃଦୟରେ । ଯେଉଁ ଅନୁଭୂତି କବିତାରେ ରୂପ ପାଇ ଉଠେ ତାହା ପାଠକର ହୃଦୟକୁ ସ୍ପନ୍ଦିତ କରେ ଏବଂ ଅନୁଭୂତିର ପରିସରକୁ ପ୍ରଶସ୍ତ କରେ । କବିତାର ସଂସାର ସୀମାବଦ୍ଧ ନୁହେଁ । କବି ଜୀବନ କାଳ ମଧ୍ୟରେ ବହୁ ସୁନ୍ଦର ସୁନ୍ଦର ବସ୍ତୁ ଦେଖି ଆନନ୍ଦରେ ଅଭିଭୂତ ହୁଅନ୍ତି ଏବଂ ଦୁଃଖ । ବହୁ ଛୋଟ ବଡ ଘଟଣା ତାଙ୍କ ହୃଦୟ ପଟରେ ଗଭୀର ରେଖା ପାତ କରେ । ଏଣୁ କବିତା ପ୍ରକୃତି ମାନବ ଜୀବନ ବା ସାମାଜିକ ସମସ୍ୟା ବିଷୟକ ହୋଇ ପାରେ । କୌଣସିଟିର ବିଷଦ ବର୍ଣ୍ଣନା କବିତାରେ ଦେଖା ଯାଏ ନା— ସେଥିରେ ଦେଖାଯାଏ କେବଳ ସେହିଭାବ ଯାହା କବିଙ୍କୁ ଅନୁପ୍ରାଣିତ କରିଛି । କବି ଭାବରେ ଅନୁପ୍ରାଣିତ ହୋଇ ଅନ୍ୟ ମାନଙ୍କୁ ସେହି ଭାବରେ ଅନୁପ୍ରାଣିତ କରିବା ପାଇଁ ଚେଷ୍ଟା କରନ୍ତି । କବିତା ଭାବାତ୍ମକ ହେଲେ ମଧ୍ୟ ବର୍ଣ୍ଣନାତ୍ମକ ହୋଇପାରେ । ଯେଉଁ ବର୍ଣ୍ଣନାତ୍ମକ ବା, ବିବରଣୀମୂଳକ ଅଂଶରେ ଥାଏ, ଛଳଛଳ ଚଞ୍ଚଳ ଗତି ସଂଯମ ଏବଂ ମାନବଙ୍କ ମନୋବୃତ୍ତି ଗୁଡ଼ିକର ଉଚ୍ଛ୍ୱସିତ ପ୍ରକାଶ ତାହା କବିତାରେ ସଂଖ୍ୟା ଧାରଣ କରେ । କବି ପ୍ରକୃତିର ଏକ କମନୀୟ ଦୃଶ୍ୟକୁ ଯେଉଁ ଦୃଷ୍ଟିରେ ଦେଖି ଥାଆନ୍ତି ସେହି ଦୃଷ୍ଟିରେ କବିତା ରଚନା କରି ଥାଆନ୍ତି । କବିଙ୍କ ଉପଭୋଗରେ ଯଦି ଐକାନ୍ତିକତା ଥାଏ ତେବେ କବିତାଟି ବେଶ ଆଦରର ବସ୍ତୁ ହୁଏ ଏବଂ ତାହାର ଛନ୍ଦେ ଛନ୍ଦେ କବି ମୂର୍ତ୍ତିମାନ ହୋଇ ଉଠନ୍ତି । ଆମ ସାହିତ୍ୟରେ ହେଉ ବା ଯେ କୌଣସି ସାହିତ୍ୟରେ ହେଉ ଯେତେ ପ୍ରକାର କବିତା ଦେଖ ସେଗୁଡ଼ିକର ଭାବ ଭାଷା ତଥା ଅବୟବ ବୈଚିତ୍ର୍ୟ ଏତେ ଅଧିକ ଯେ ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀ ବିଭାଗ ସମ୍ଭବ ପର ନୁହେ ।

ବର୍ତ୍ତମାନ ରସ ଦିଗରୁ କବିତାର ଆଲୋଚନା କରି ବାକୁ ହେବ । ମହାକାବ୍ୟ, କାବ୍ୟ, ବା ଖଣ୍ଡକାବ୍ୟ ବଡ଼ ହେଉ ସାନ ହେଉ ଏକ ଏକ ସଂସାର ସୃଷ୍ଟି କରୁ ଥିବାରୁ ବା ଜୀବନର ସବିଶେଷ ଆଲୋଚନା କରୁଥିବାରୁ ସେ ଗୁଡ଼ିକରେ ଏକ ମୁଖ୍ୟ ରସର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଭିନ୍ନ ଭିନ୍ନ ରସ ମାନଙ୍କରେ ଏକତ୍ର ସମାବେଶ ଦେଖି ବାକୁ ପାଉଁ । ମାତ୍ର କବିତାରେ ଗୋଟିଏ ଭାବ

Digitized by srujanika@gmail.com

ରେ ପ୍ରକାଶ ଥିବା ହେତୁରୁ ଏଥିରେ ଆମେ କେବଳ ଗୋଟିଏ ରସ ଦେଖିବାକୁ ପାଉଁ । ଗୋଟିଏ ବ୍ୟତୀତ ଦୁଇ ତତୋଧିକ ରସର ସମାବେଶ ହେଲେ ଅନୁଭବର ଐକାନ୍ତିକତା ରହେ ନା ଏବଂ ପାଠକକୁ ଅନୁପ୍ରାଣିତ କରି ତାହାର ହୃଦୟରେ ଏକ ଅଲଗା ଗାରଂଟାଣି ଦେବା ପାଇଁ କବିତା କ୍ଷମ ହୁଏ ନା । ସାଧାରଣତଃ କବିତାରେ ଅଧିକ ଶାନ୍ତ, କରୁଣ, ଭକ୍ତି ଏବଂ ବାତ୍ସଲ୍ୟ ରସ ଗୁଡ଼ିକର ପ୍ରାଚୁର୍ଯ୍ୟ ପରିଦୃଷ୍ଟ ହୁଏ ! ହାସ୍ୟ, ରୌଦ୍ର, ବୀର, ଭୟାନକ ଏବଂ ବିଭତ୍ସ ରସମାନଙ୍କରେ ସମାବେଶ କ୍ୱଚିତ୍ ଦେଖାଯାଏ

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଆମ୍ଭେମାନେ ଯେତେ ଯେତେ କବିତା ଦେଖୁଁ ସେଗୁଡ଼ିକ ପ୍ରତ୍ୟେକେ ଗୋଟିଏ ଗୋଟିଏ ଗୀତ । ପ୍ରାଚୀନ ଯୁଗରେ ସାହିତ୍ୟ ଓ ସଂଗୀତର ସମ୍ମିଳନ ଘଟିଥିଲା । ମହାକାବ୍ୟ, କାବ୍ୟ, ଖଣ୍ଡ ବାକ୍ୟ ବା କବିତା ପ୍ରତ୍ୟେକେ ବାଦ୍ୟଯନ୍ତ୍ର ସାହାଯ୍ୟରେ ଗୀତ ହେଉଥିଲା । ଏଣୁ ପ୍ରାଚୀନ ଯୁଗର କବିତା ଗୁଡ଼ିକୁ ଗୀତିକବିତା କହିଲେ କୌଣସି ଭୁଲ ହେବ ନାହିଁ । କବିତା ସଂଗୀତ ହୋଇପାରେ ମାତ୍ର ସଂଗୀତ ସବୁସ୍ଥଳରେ କବିତା ହୋଇ ପାରେ ନାହିଁ । ଏହାର କାରଣ ସଂଗୀତରେ ସ୍ୱର ଭାଷାର ପ୍ରାଧାନ୍ୟ ଏବଂ କବିତାରେ କଥା ଭାଷାର ପ୍ରାଧାନ୍ୟ । ସଂଗୀତରେ ଥାଏ ସ୍ୱରର ମାଧୁର୍ଯ୍ୟ ଏବଂ ମୂର୍ଚ୍ଛନା । ଭାବହୀନ ରଚନା ବା କେବଳ ସା ରେ ଗା ମା ପା ଧା ନି ମଧ୍ୟ ଏହି ମାଧୁରୀ ଏବଂ ମୂର୍ଚ୍ଛନା ବଳରେ ଇନ୍ଦ୍ରିୟ ଆକର୍ଷଣ କରେ, ମାତ୍ର କବିତା ସର୍ବଦା ଭାବ ଅନ୍ୱେଷଣ କରେ । ଅନୁଭବ ବା ସ୍ପନ୍ଦନରେ ଯେଉଁ ଛାନ୍ଦ ନିହିତ ଥାଏ ତାହା ହିଁ କବିତାରେ ରୂପ ପାଇ ଉଠେ । ଏଣୁ ପ୍ରତ୍ୟେକ କବି ପକ୍ଷରେ ସଂଗୀତର ସ୍ୱର ନିୟମ ମାନି ନିଜର ଉଚ୍ଛ୍ୱାସ ପୂର୍ଣ୍ଣ ଭାବେ ପ୍ରକାଶ କରିବା ସବୁବେଳେ ସମ୍ଭବପର ହୁଏ ନାହିଁ ଏଥିପାଇଁ ଅଧିକାଂଶ ପ୍ରାଚୀନ କବିତା ଗୁଡ଼ିକ ପଢ଼ୁଁ ପଢ଼ୁଁ ସେଥିରେ ଛନ୍ଦଭଙ୍ଗ ବା ଯତିଭଙ୍ଗ ପରିଲକ୍ଷିତ ହୁଏ । ମାତ୍ର ପ୍ରତିଭାବାନ୍ କବିମାନଙ୍କ କବିତା ଗୁଡ଼ିକ ସଂଗୀତ ଭାବରେ ଶୁଣିବାକୁ ଯେପରି ମଧୁର, କବିତା ହିସାବରେ ପାଠ କରିବାକୁ ମଧ୍ୟ ସେହିପରି ସୁନ୍ଦର । ପ୍ରାଚୀନ ଗୀତିକବିତା ମଧ୍ୟରେ ଭଜନ, ଚଉତିଶା, ଚଉପଦୀ, ଓ ଜଣାଣ ପ୍ରଧାନ ଭଜନ ଗୁଡ଼ିକ ଭକ୍ତି ରସାତ୍ମକ ଏବଂ ଚଉତିଶା ବା ଚଉପଦୀ ଶୃଙ୍ଗାର ଓ କରୁଣ ରସ ପ୍ରଧାନ । ପ୍ରତ୍ୟେକ ଭଜନ ଏକ ଏକ କବିତା, ମାତ୍ର ପ୍ରତ୍ୟେକ ଚଉତିଶା ବା ଚଉପଦୀ ଏକ ଏକ କବିତା ନୁହେଁ । ଦୀନକୃଷ୍ଣଙ୍କର ଅଭେଦ ଚଉତିଶା ବା ବିମ୍ବୋଧରଙ୍କର ସର୍ବାଙ୍ଗଭୂଷଣ ଚଉତିଶା ଗୋଟିଏ ଗୋଟିଏ ସୁନ୍ଦର ଗୀତିକୋଠୀର କବିତା, ମାତ୍ର ଦାମୋଦର ଦାସଙ୍କର କଳସା ଚଉତିଶା ବା ଜଗନ୍ନାଥ ଦାସଙ୍କର ଅର୍ଥକୋଇଲି ଚଉତିଶାକୁ କବିତା ପର୍ଯ୍ୟାୟ ଦିଆଯାଇ ପାରେ ନାହିଁ । କଳସା ଚଉତିଶା ଏକ କ୍ଷୁଦ୍ର ପଦ୍ୟ ମାତ୍ର ଏବଂ ଅର୍ଥକୋଇଲି ଚଉତିଶା ଏକ ଆଧ୍ୟାତ୍ମିକ ସମାଲୋଚନା ।

ଆଧୁନିକ ଯୁଗ କବିତାର ଯୁଗ । ଏ ଯୁଗରେ କାବ୍ୟ ବା ମହାକାବ୍ୟର ପ୍ରଚାର ନାହିଁ । ଏ ଯୁଗର କବି ନିରତ ଏତେ ବ୍ୟସ୍ତ ଏବଂ ଏତେ ସମସ୍ୟାରେ ସନ୍ନିଲୀନ ଯେ ନିର୍ଜନ ସ୍ଥାନରେ ବସି ରହି କଳ୍ପନାର ଲଗାମ ମୁକ୍ତି ମାର୍ଗରେ ଢିଲା କରିଦେଇ ସମଗ୍ର ଅନୁପ୍ରାସ ପ୍ରୟୋଗରେ ମହାକାବ୍ୟ କାବ୍ୟ ରଚନା କରିବାକୁ ସମୟ ପାଆନ୍ତି ନାହିଁ । ପୁଣି ଅପର ପକ୍ଷରେ ସେସବୁକୁ ଉପଭୋଗ କରିବାପାଇଁ ପାଠକକୁ ମଧ୍ୟ ଅବସର ମିଳୁଥିଲା, ମିଳେ ନା । କବିତାର ବିସ୍ତାର ସଙ୍ଗେ ସଙ୍ଗେ ତାହାର ଚିନ୍ତାର ମଧ୍ୟ ପ୍ରସାର ଘଟୁଅଛି । କବିମାନେ ସର୍ବଦା ପରୀକ୍ଷା କରିବାରେ ବ୍ୟସ୍ତ । ପୁରାତନ ଗଣ୍ଡି ମଧ୍ୟରେ ବାନ୍ଧିହୋଇ ରହିବାପାଇଁ ଆଧୁନିକ କବି ରାଜି ନୁହନ୍ତି । ଏହା ମଧ୍ୟ ନିର୍ଘଣ୍ଟ ସତ୍ୟ ଯେ ଯେଉଁ କବି ଯୁଗ ସହିତ ତାଳ ଦେବାକୁ ଯିବେ ତାଙ୍କୁ ପ୍ରାଚୀନ ଗଣ୍ଡି ଭାଙ୍ଗି ଦେଇ ନୂତନ ଭାବର ସୃଷ୍ଟି କରିବାକୁ ହେବ । ଆଧୁନିକ କବିତାର ବିଭିନ୍ନ ପ୍ରକୃତି ସ୍ଥିର କରିବା ପାଇଁ ଏ କ୍ଷେତ୍ର ପ୍ରଶସ୍ତ ନୁହେଁ । ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ କି ଛନ୍ଦ, କି ଭାବ, କି ଭାଷା ସବୁ ଦିଗରୁ ଆଧୁନିକ କବିତାରେ ବୈଚିତ୍ର୍ୟ ପରିଦୃଷ୍ଟ ହୁଏ ଏବଂ ବୈଚିତ୍ର୍ୟରେ ହିଁ ଆଧୁନିକ କବିତାର ଜୀବନ ନିହିତ ।

Digitized by srujanika@gmail.com

**କବିତାର ଉତ୍ପତ୍ତି :-** ବର୍ତ୍ତମାନ କବିତା, କବିତାରୂପ ପାଇବା ଆଗରୁ କେଉଁ କେଉଁ ଅବସ୍ଥା ମଧ୍ୟ ଦେଇ ଗତି କରେ । ଏହା ମୋର ବ୍ୟକ୍ତିଗତ ଅନୁଭୂତି । ତଥାପି ପ୍ରତ୍ୟେକ କବି ଜଣା ଅଜଣାରେ ଏହି ଅବସ୍ଥାମାନଙ୍କ ମଧ୍ୟ ଦେଇ ଗତି କରନ୍ତି ବୋଲି ମୋର ଧାରଣା । ଜଣେ କବି ଗୋଟିଏ ଦିନର ସୂର୍ଯ୍ୟାସ୍ତ ନେଇ ଏକ କବିତା ରଚନା କଲେ, ରଚନା କରିବା ପୂର୍ବରୁ ତାଙ୍କୁ କେଉଁ କେଉଁ ଅବସ୍ଥା ଦେଇ ଗତି କରିବାକୁ ହୋଇଛି ତାହା ବର୍ତ୍ତମାନ ଦେଖିବାକୁ ହେବ । ଯେ କବିତା ରଚନା କରନ୍ତି ସେ କବି । ସୂର୍ଯ୍ୟାସ୍ତ ସମସ୍ତେ ଦେଖନ୍ତି ମାତ୍ର ସମସ୍ତେ କବିତା ରଚନା କରନ୍ତି ନାହିଁ ବା କବିଙ୍କ ପରି ସୂର୍ଯ୍ୟାସ୍ତରେ ଭାବ ପ୍ରବଣ ହୁଅନ୍ତି ନାହିଁ । ଏଣୁ କବିତା ପାଇଁ ପ୍ରଥମେ ଦରକାର କବିତା ରଚନା କରିବାର ଶକ୍ତି । ସୌନ୍ଦର୍ଯ୍ୟ ବୋଧ, ଜୀବନର ପୂର୍ଣ୍ଣ ଉପଭୋଗ, ଭାବପ୍ରବଣତା, କଳ୍ପନା, ଉପସ୍ଥାପନ ଏବଂ ଭାଷାଜ୍ଞାନ ଏହି କେତେକର ମିଶ୍ରଣରେ ହିଁ କବିତା ରଚନା କରିବାର ଶକ୍ତି ଜନ୍ମଇ । ପୁଣି ସୂର୍ଯ୍ୟାସ୍ତ ନିତି ହେଉଥିଲେ ମଧ୍ୟ କବି ନିତି ସେ ବିଷୟରେ କବିତା ରଚନା କରନ୍ତି ନାହିଁ । ସମୟ ନେଇ କବିତାର ସ୍ଫୁରଣ ହୁଏ । ଏଣୁ ବସ୍ତୁ ସହିତ ସମ୍ମେଳନ ପୂର୍ବରୁ କବିଙ୍କ ହୃଦୟରେ ଏକ ଭାବ କ୍ଷେତ୍ରର ସୃଷ୍ଟି ହୋଇ ସାରିଥାଏ । ଏହି ଭାବ କ୍ଷେତ୍ର କଣ ? କବି ନିଜେ ମଧ୍ୟ ଏହା ଅନୁଭବ କରି ନ ଥାନ୍ତି । ଯେପରି ବୀଜ ବପନ ପୂର୍ବରୁ କ୍ଷେତ୍ର ଉପଯୁକ୍ତ ଭାବରେ କର୍ଷିତ ହୋଇ ପ୍ରସ୍ତୁତ ହୋଇ ଥାଏ ସେହି ପରି ବସ୍ତୁ ଏବଂ କବିଙ୍କ ସମ୍ମେଳନ ପୂର୍ବରୁ ହୃଦୟରେ ଏପରି କ୍ଷେତ୍ର ପ୍ରସ୍ତୁତ ହୋଇଥାଏ ଯହିଁରେ ବସ୍ତୁ ସହଜରେ ପ୍ରବେଶ କରିପାରେ ଏବଂ କବିଙ୍କୁ ଏକ ଅତୀନ୍ଦ୍ରିୟ ସଂସାରକୁ ନେଇ ଯାଇ ପାରେ । ଏହାପରେ କବି ଏବଂ ସୂର୍ଯ୍ୟାସ୍ତର ସମ୍ମେଳନ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ ହୋଇ ସାରିଥିବାରୁ କବି ଆପେ ଆପେ ସୂର୍ଯ୍ୟାସ୍ତର ସୌନ୍ଦର୍ଯ୍ୟରେ ଆହ୍ଲାଦ ଲାଭ କରନ୍ତି । ଆହ୍ଲାଦ ଲାଭ କରୁଁ କରୁଁ କବି ନିଜର ଅଜାଣତରେ ସେହି ପଟରେ ଅଭିଭୂତ ହୋଇ ପଡ଼ନ୍ତି ଏବଂ ଆତ୍ମସତ୍ତା ହରାଇ ଦିଅନ୍ତି । ଏହି ଅବସ୍ଥାକୁ 'ଲୟ' କୁହାଯାଇ ପାରେ । 'ଲୟ' ପରେ କବି ଆତ୍ମଜ୍ଞାନ ନ ଲାଭ କରନ୍ତି ଏବଂ ଇନ୍ଦ୍ରିୟ ଅଗୋଚର ସଂସାରରେ ଭ୍ରମଣ କରି ନିଜକୁ ଖୋଜି ବୁଲନ୍ତି । କୌଣସି କବି ଆତ୍ମଜ୍ଞାନ ଲାଭର ଠିକ୍ ପରେ ପରେ କବିତା ରଚନା କରନ୍ତି । ମାତ୍ର ସେତେବେଳେ ସେ ଭାବପ୍ରବଣତାର, ଆବେଗମୟ ସ୍ରୋତରେ ଭାସି ନିଜକୁ ପୂର୍ଣ୍ଣଭାବେ ଖୋଜି ପାଇ ନ ଥିବାରୁ କବିତାରେ ନିଜକୁ ଶୃଙ୍ଖଳିତ କରିପାରନ୍ତି ନାହିଁ ଏବଂ ଫଳତଃ ଅତି ଭାବପ୍ରବଣତାର ବିକୃତ କଲେ ସାମାଜିକମାନେ ଯେପରି ଭାବାଭିଭୂତ ହୋଇ ପାରନ୍ତି ନାହିଁ ସେପରି ପାଠକମାନେ କବିତାରୁ ରସ ପୂର୍ଣ୍ଣଭାବରେ ଉପଲବ୍ଧି କରି ପାରନ୍ତି ନାହିଁ । ଅନ୍ୟ ପକ୍ଷରେ ଅନ୍ୟାନ୍ୟ କେତେକ କବି ସେ ସମୟରେ କବିତା ରଚନା ନକରି ପରେ କରନ୍ତି । ଏଣୁ ସେମାନଙ୍କୁ ଆଉ କେତେକ ଅବସ୍ଥା ଦେଇ ଗତିକରିବାକୁ ହୁଏ । ନିଜକୁ ଫେରି ପାଇବା ପରେ କବି ସେ ଅନୁଭବର ରୋମନ୍ଥନ କରନ୍ତି ଏବଂ ସମୟ ସମୟରେ ବିଭିନ୍ନ ମନସ୍ତତ୍ତ୍ୱର ଘାତ ପ୍ରତିଘାତ ଯୋଗୁଁ ସେକଥା ଏକବାରେ ଭୁଲିଯାନ୍ତି । ପୁଣି ସମୟ ଆସେ ଯେତେବେଳେ ସେ ନିର୍ଜନତା ପାଇ ସେହି ଅନୁଭୂତିଗୁଡ଼ିକୁ ପୁନର୍ବାର ଅନ୍ତର ମଧ୍ୟରେ ଅଙ୍କନ କରନ୍ତି ଏବଂ ମାନସ ଚକ୍ଷୁରେ ସେହି ଦୃଶ୍ୟ ଦେଖି ତନ୍ମୟ ହୋଇ ଯାନ୍ତି । ଏହା 'ପ୍ରତିବିମ୍ବ' ଅବସ୍ଥା । ଏହି ତନ୍ମୟ ଭାବରୁ ନିଜକୁ ଫେରାଇ ଆଣି ସେ ମନେ ମନେ କବିତା ରଚନା କରି ଚାଲନ୍ତି । ସେତେବେଳେ ହୁଏ ଛନ୍ଦର ଆବିଷ୍କାର । କେଉଁ ଛନ୍ଦରେ ଭାବ ପୂର୍ଣ୍ଣ ଭାବରେ ବିକଶିତ ହୋଇ ଉଠୁଛି ତାହାହିଁ କବି ବାହାର କରନ୍ତି । ଶେଷରେ ସେ ଧରନ୍ତି ଲେଖନୀ । ଏହିପରି ଭାବରେ କବିତାର ଉତ୍ପତ୍ତି ହୁଏ । ପ୍ରାୟ ପ୍ରତ୍ୟେକ କବିତା ଏହି ସବୁ ଅବସ୍ଥା ଦେଇ ଜନ୍ମ ଲଭିଥାଏ । ଏହି ଅବସ୍ଥାମାନଙ୍କ ମଧ୍ୟରେ ପ୍ରଧାନ 'ଲୟ' । ଯେ ଯେତେ ଭାବାଭିଭୂତ ହୋଇ ଥାନ୍ତି ତାଙ୍କର କବିତା ସେତେ ହୃଦୟଗ୍ରାହୀ ହୁଏ ।

ଗଦ୍ୟ ପଦ୍ୟ ଓ କବିତା :- ମୂଳରେ କବିତାର ଯେଉଁ ଅଙ୍ଗ ଦେଖା ହୋଇଛି ସେଥିରେ ଅଛି କବିତାର ଆତ୍ମା ତଥା ରୂପ । ଯଦି ରୂପକୁ ବାଦ୍ ଦେଉଁ ତେବେ ଦେଖିବା ହୃଦୟର ଉଚ୍ଛ୍ୱାସହିଁ କବିତା । କବିତା ଏକ ସାଫଲ୍ୟ । କବି ଯେତେବେଳେ 'ଲୟ' ଅବସ୍ଥାରେ ଥାନ୍ତି ସେତେବେଳେ କାଠଗଡ଼

Digitized by srujanika@gmail.com

ସ୍ଥିର ଭାବ ହୋଇ ନ ଥାନ୍ତି । ସେ ଥାନ୍ତି ସ୍ଥିର । ଯେତେ ଦୁଃଖରେ ଯେପରି ମଣିଷ କାନ୍ଦପାରେ ନାହିଁ ସେହିପରି ଗୁଣ୍ଡଲ୍ୟର ନିବିଡ଼ତାରେ ଅନୁଭବୀ ଚଞ୍ଚଳ ହେବାକୁ ଅକ୍ଷମ ହୁଅନ୍ତି । ସେତେବେଳେ ସେ ଭାବାବିଷ୍ଟ ହୋଇ ରସ ପାନ କରନ୍ତି । କବିତାକୁ ଆମ୍ଭେମାନେ ଯେଉଁ ରୂପରେ ସାଧାରଣତଃ ଆଜି ପର୍ଯ୍ୟନ୍ତ ଦେଖି ଆସିଛୁ, ସେ ରୂପ ହେଉଛି ପଦ୍ୟ, ବର୍ତ୍ତମାନ ବିଚାର କରିବାର କଥା ପଦ୍ୟ ବ୍ୟତୀତ ଗଦ୍ୟ କବିତାର ଆଧାର ହୋଇ ପାରେ କି ନା । ଏ ବିଚାର ପୂର୍ବରୁ ଆମେ ଦେଖିବା ଗଦ୍ୟ ଓ ପଦ୍ୟ ମଧ୍ୟରେ ପାର୍ଥକ୍ୟ କେଉଁଠି ।

ସାଧାରଣତଃ ଆମେ ଯେଉଁ ଭାଷା ବ୍ୟବହାର କରୁ ତାହା ଗଦ୍ୟ, ପଦ୍ୟ ଆମର ନିତ୍ୟ ବ୍ୟବହୃତ ଭାଷା ନୁହେଁ । ଏହା ଏକ ସାହିତ୍ୟିକ ଭାଷା । ଏଣୁ ଅନେକଙ୍କ ମତରେ ଏହା କୃତ୍ରିମ । ମାତ୍ର ସୂକ୍ଷ୍ମ ଦୃଷ୍ଟିରେ ବିଚାର କଲେ ଆମେ ସ୍ପଷ୍ଟ ଦେଖିପାରିବା ଯେ ଯେଉଁ କାରଣରୁ ଆମେ ପଦ୍ୟକୁ କୃତ୍ରିମ କହୁଛୁ ଠିକ୍ ସେହି କାରଣରୁ ଗଦ୍ୟକୁ ମଧ୍ୟ କୃତ୍ରିମ କୁହାଯିବ । କାରଣ, କଥିତ ଭାଷା ଓ ଲିଖିତ ଗଦ୍ୟ ମଧ୍ୟରେ ବହୁ ପ୍ରଭେଦ ପରିଲକ୍ଷିତ ହୁଏ । ପିଲାଟି ଦିନରୁ ଆମ୍ଭମାନଙ୍କୁ ସାଧନା କରି ଗଦ୍ୟ ଲେଖି ଶିଖିବା ପାଇଁ ପଡ଼େ । କିପରି ଭାବରେ ଶବ୍ଦ ଶବ୍ଦ ମଧ୍ୟରେ ସମ୍ବନ୍ଧ ରହିବ, ଅଳଙ୍କାର ଓ ଛନ୍ଦର ପ୍ରୟୋଗ ଅବରୋଧ କରି ଲେଖାକୁ କିପରି ସୌଷ୍ଠବମୟ କରିବାକୁ ହେବ ଏସବୁ ସାଧନା ବିନା ଶିକ୍ଷା କରି ହୁଏ ନାହିଁ । ବ୍ୟାକରଣ ସୂତ୍ରମାନଙ୍କ ପ୍ରତି ସର୍ବଦା ଜାଗରୁକ ନ ହେଲେ ଗଦ୍ୟର ଲେଖାଟି ଶୃଙ୍ଖଳାରହିତ ହୋଇ ପାରେ ନା । ସେହିପରି ମଧ୍ୟ ପଦ୍ୟ ଲେଖିବାପାଇଁ ହେଲେ ସେହିପରି କେତେଗୁଡ଼ିଏ ନିୟମର ବଶବର୍ତ୍ତୀ ହେବାକୁ ହୁଏ । ଏଣୁ କୃତ୍ରିମତା ଦିଗରୁ ବିଚାର କଲେ ଗଦ୍ୟ ଓ ପଦ୍ୟ ମଧ୍ୟରେ ଆମେ କୌଣସି ବିଶେଷ ପାର୍ଥକ୍ୟ ଲକ୍ଷ୍ୟ କରି ପାରିବା ନାହିଁ । ଅଳଙ୍କାର ସମାବେଶ ଛନ୍ଦର ଝଙ୍କାର ଏବଂ ରସ ପରିବେଷଣ ନ ଥିଲେ ଗଦ୍ୟ ପରି ପଦ୍ୟ ମଧ୍ୟ ଶୁଷ୍କ ହୁଏ ଏବଂ ତାହା ପାଠକର ଚିତ୍ତ ଆକର୍ଷଣ କରି ପାରେନା । ତେବେ ଏ ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ କେଉଁଠି ? ପାର୍ଥକ୍ୟ ଏତିକି ଯେ ଗଦ୍ୟ ଠାରୁ ପଦ୍ୟରେ ସଂଯମର ମାତ୍ରା ଅଧିକ ତେବେ ସମୟ ସମୟରେ ପଦ୍ୟରେ ମଧ୍ୟ ଉଚ୍ଛୃଙ୍ଖଳତା ତଥା ଗଦ୍ୟରେ କିବଦ୍ଧ ସଂଯମ ପରିଦୃଷ୍ଟ ଯେ ନ ହୁଏ ତାହା ନୁହେଁ । ତଥାପି ସାଧାରଣ ଭାବରେ ବା ମୋଟାମୋଟି ଭାବରେ ଆଲୋଚନା କଲେ ଆମେ ଗଦ୍ୟଠାରୁ ପଦ୍ୟରେ ଅଧିକ ସଂଯମ ଲକ୍ଷ୍ୟ କରି ପାରିବା । ଏଣୁ ସଂଯମ ଦୃଷ୍ଟିରୁ ଗଦ୍ୟ ଓ ପଦ୍ୟ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ । ପାର୍ଥକ୍ୟ କେବଳ ପ୍ରକାଶ ଭଙ୍ଗୀରେ । ଏହି ଭଙ୍ଗୀକୁ ବାଦ୍ ଦେଲେ ଗଦ୍ୟ ଓ ପଦ୍ୟ ପ୍ରାୟ ସମାନ ।

କବିତା ଏଥିପାଇଁ କେବଳ ପଦ୍ୟ ନୁହେଁ ଗଦ୍ୟକୁ ମଧ୍ୟ ନିଜର ଆଧାର ରୂପେ ବରଣ କରିପାରେ । ଗଦ୍ୟରେ ଛନ୍ଦ ସୁର ଉଚ୍ଛ୍ୱାସ, ସଂଯମର ନିବିଡ଼ ଅନୁଭୂତି ଅବିଚ୍ଛିନ୍ନ ନ ହୋଇ ସହଜରେ ପରିସ୍ଫୁଟ ହୋଇ ପାରେ । ଏହି ଦୃଷ୍ଟିରୁ ବିଚାର କଲେ ଅଧୁନିକ ଗଦ୍ୟ କବିତା ଗୁଡ଼ିକର ମହତ୍ତ୍ୱ ଉପଲବ୍ଧି କରାଯାଇ ପାରିବ । ଛନ୍ଦର ଝଙ୍କାର ନେଇ ଶବ୍ଦାଳଙ୍କାର ତଥା ଅର୍ଥାଳଙ୍କାର ଗୁଡ଼ିକର ପରିବେଷଣ କରି ଗଦ୍ୟରେ ଯେ କବିତା ଲେଖାହୋଇ ପାରିବ ତାହାର ନମୁନା ଆଧୁନିକ କେତେକ କବି ଦେଖାଇ ଅଛନ୍ତି । ଯେପରି ଜଣାଯାଏ ଅତି ନିକଟ ଭବିଷ୍ୟତରେ ଏହି ଗଦ୍ୟ କବିତା ଆଜିକାର ସନ୍ଦେହ ସଂକୁଳ ଓ ଅନିଶ୍ଚିତ ପରିସ୍ଥିତି ଭୋଗ କରି ଏବଂ ସୌଷ୍ଠବମୟ ଶରୀରର ରୂପ ଧାରଣ କରି ପଦ୍ୟ କବିତାର ସ୍ଥାନ ଅଧିକାର କରିବ ।

# ସଙ୍ଗୀତ

ଶ୍ରୀ ମଥୁରାମୋହନ ବେହେରା

( ୨ୟ ବର୍ଷର ଅଷ୍ଟମ ସଂଖ୍ୟାରେ ପ୍ରକାଶିତ ହେବା ପରେ )

| ରାଗ ରାଗିଣୀ, | ବାଦୀ | ସମ୍ବାଦୀ | ବିକୃତସ୍ୱର ଓ ବର୍ଜିତ, ସ୍ୱରମାନଙ୍କ ନାମ ଓ ଉକ୍ତ ରାଗରାଗିଣୀ ଯେଉଁ ଯେଉଁ ରାଗରାଗିଣୀ 'ମିଶ୍ର' ଉତ୍ପନ୍ନ ସେମାନଙ୍କ ନାମ— |
|---|---|---|---|
| କର୍ଣ୍ଣାଟ | ପ | ଧ | |
| କନଡ଼ା | ମ | ଗ | ଗ ଧ ଓ ନି କୋମଳ |
| କର୍ଣ୍ଣାଟ ଗୌଡ଼ | | | ବେଲାବେଲୀ, କର୍ଣ୍ଣାଟ, ଗୌଡ ଯୋଗରେ |
| | | △ | |
| କଲ୍ୟାଣ | ମ | ରେ | କଡ଼ି ମଧ୍ୟମ । ମଧ୍ୟମ ବିବାଦୀ |
| କଲ୍ୟାଣ କାମୋଦ ବା କଲ୍ୟାଣ ବିନୋଦ | | | କଲ୍ୟାଣ ଓ ନଟ ଯୋଗରେ । |
| କଳହଂସ | | | ମଧୁ, ଶଙ୍କର ବିଜୟ ଓ ଅହୀରୀ ମିଶ୍ର |
| କାଳିଙ୍ଗଡ଼ା | ରେ | ମ | ରେ ଓ ଧ କୋମଳ । ରାମକେଲି ଓ ପରଜ ମିଶି ଏହାର ଜନ୍ମ |
| କାଫି | ଧ | ସା | ଗ ଓ ନି କୋମଳ । ଅଣଦସୀ, ଭୈରବୀ ଓ ଲୁଳନା ମିଶ୍ର · |
| କାମୋଦ | ପ | | ନି ଓ କୋମଳ ନି ଉଭୟ ବ୍ୟବହୃତ ହୁଏ । |
| କୁକୁଭ | ଧ | | ରେ, ଗ ଓ ଧ କୋମଳ । |
| କୁମାରୀ | | | ଗୌରୀ ଓ ମାଳଶ୍ରୀ ମିଶ୍ର |
| କେଦାର | ମ | ଷ | ମଧ୍ୟମ ଓ କଡ଼ି ମଧ୍ୟମ ଉଭୟ ବ୍ୟବହୃତ ହୁଏ । |
| କୋଲାହଳ | | | ବିହଙ୍ଗଡ଼, କଲ୍ୟାଣ ଓ କନଡ଼ା ମିଶ୍ର । |
| କୌଶିକ | ସା | | ଗ ଓ ନି କୋମଳ । |
| ଷଟ, ବା, ଖଟ | | | ରେ, ଗ ଧ ଓ ନି କୋମଳ । କଥିତ ଅଛି ଯେ ଏହି ରାଗ ଷଡ଼ାନନ କାର୍ତ୍ତିକେୟଙ୍କ ଷଟ୍ ମୁଖରୁ ଉତ୍ପନ୍ନ ହୋଇଥିବାରୁ ଏହା "ଷଟ୍" ବା "ଖଟ୍" ନାମରେ ଖ୍ୟାତ । କାହାରି କାହାରି ମତରେ, ବସନ୍ତୀ, ଆଶାବରୀ, ତୋଡ଼ୀ ଲଳିତ, ପଞ୍ଚୁଲୀ ଓ ଗାନ୍ଧାର ଏ ଛଅ ରାଗ-ରାଗିଣୀର ସମାଂଶରେ ପ୍ରସ୍ତୁତ ହୋଇଥିବାରୁ ଏହାର ନାମ ଷଟ୍ ବା, ଖଟ୍ ହୋଇ ଅଛି । |
| ଖାମ୍ବାଜ | ଗ | ଧ | ନି ଓ କୋମଳ ନି ଉଭୟ ବ୍ୟବହୃତ ହୁଏ । |
| ଗାର | ସା | | ନି ଓ କୋମଳ ନି ଉଭୟ ବ୍ୟବହୃତ ହୁଏ । |
| ଗୁର୍ଜରୀ | ଗ | ଧ | ରେ, ଗ, ଓ ଧ କୋମଳ ଏବଂ କଡ଼ି ମଧ୍ୟମ । |
| ଗୁଣକେଲୀ | | | ରେ ଓ ଧ କୋମଳ । |
| ଗାରାକାମୋଦ | | | କାମୋଦ ଓ କେଦାରର ଯୋଗରେ |
| ଗୌଡ଼ | ପ | ମ | ଗ ଓ ନି କୋମଳ । |

Digitized by srujanika@gmail.com

| ରାଗରାଗିଣୀ | ବାଦୀ | ସମ୍ବାଦୀ | ବିକୃତ ସ୍ୱର ଓ ବିକୃତ ସ୍ୱରମାନଙ୍କ ନାମ ଓ ଅନ୍ୟ ରାଗରାଗିଣୀ ଯେଉଁ ଯେଉଁ ରାଗରାଗିଣୀ ମିଶି ଉତ୍ପନ୍ନ ସେମାନଙ୍କ ନାମ । |
|---|---|---|---|
| ଗୌଡ଼ ସାରଙ୍ଗ | ରେ | ମ | |
| ଗୌରୀ | ସା | ନି | ରେ ଓ ଧ କୋମଳ । ମ ଓ କଡ଼ି ମ ଉଭୟ ବ୍ୟବହୃତ ହୁଏ |
| ଗନ୍ଧାରବ | ଧ | | |
| ଚନ୍ଦ୍ରାଗୌରୀ | | | ରେ ଓ ଧ କୋମଳ । |
| ଚନ୍ଦ୍ରା ଭୈରବୀ | | | ରେ ଓ ଧ କୋମଳ ଓ କଡ଼ି ମଧ୍ୟମ । |
| ଚୈତୀ | | | ସାମନ୍ତ, ଲଳିତ ଓ ପୂରିଆ ମିଶି । |
| ଛାୟା | | | (ତୈଲଙ୍ଗ ଦେଶରେ, ରେ ଓ ପ ସଂଯୋଗ କରି ଏହାର ଉଦ୍ଭବ ଜାତିରୂପେ ବ୍ୟବହାର କରନ୍ତି, କିନ୍ତୁ ଏହା ସମ୍ପୂର୍ଣ୍ଣ ଜାତି |
| ଛାୟାନଟ | ଧ | ମ | |
| ଜୟଜୟନ୍ତୀ | ଧ | ରେ | ଗ ଓ ନି କୋମଳ । |
| ଜୟତଶ୍ରୀ | | | ରେ ଓ ଧ କୋମଳ, ଏବଂ କଡ଼ି ମଧ୍ୟମ । |
| ଜୟନ୍ତ | | | ରେ କୋମଳ, କଡ଼ି ମଧ୍ୟମ ଓ ପଞ୍ଚମ ବିବାଦୀ । |
| ଟଙ୍କ | | | ଶ୍ରୀ କନଡ଼ା ଓ ଭୈରବ ମିଶି । |
| ଠୁଂରି | | | ମାଲ୍ହ, ଖାମ୍ବାଜ, ଝିଂଝିଟ ଲୟର ଯୋଗରେ । |
| ଦରବାରୀତୋଡ଼ୀ | | | ଆଧୁନିକ ରାଗ । ତୋଡ଼ୀ ଓ କନଡ଼ା ମିଶି । |
| ଦକ୍ଷିଣ ନଟ | | | କୁକୁଭ, ବେଲାବେଲୀ, ପୂରବୀ, ନଟ ଓ କେଦାର ମିଶି |
| ତୋଡ଼ୀ | ଗ | | ଗ, ଧ, ଓ ନି କୋମଳ । ରେ ଅନୁକୋମଳ । |
| ଦେଶ | ଧ | ରେ | |
| ଦେଶମଲ୍ଲାର | ଧ | | ନି ଓ କୋମଳ ନି ଉଭୟ ବ୍ୟବହୃତ ହୁଏ । |
| ଦେଓଗିରି | ଧ | | |
| ଧନାଶ୍ରୀ | ଗ | ସା | ରେ କୋମଳ |
| ଧବଳଶ୍ରୀ | | | ରେ ଓ ଧ କୋମଳ । ଗ ଓ ପ ବିବାଦୀ । |
| ଧାନୀ | ସା ରେ | ମ | ରେ ଓ ଧ କୋମଳ । |
| ନାଟ୍ଟସ ତୋଡ଼ୀ | | | ଆଧୁନିକ । ତୋଡ଼ୀ, ଫୋରଦସ୍ତ ଓ ବଙ୍ଗାଳୀ ମିଶି |
| ନାଗଧ୍ୱନି କନଡ଼ା | | | ଗ କୋମଳ, ନି କୋମଳ ନି ଉଭୟ ବ୍ୟବହୃତ ହୁଏ ଧୈବତ ବିବାଦୀ |
| ପ୍ରଥମମଞ୍ଜରୀ | ପ | | ଗ ଓ ଧ କୋମଳ, କଡ଼ି ମଧ୍ୟମ । |
| ପଞ୍ଚମ | | | ନି କୋମଳ । |
| ପରଜ | ନି | ଗ | ରେ ଓ ଧ କୋମଳ; ଏବଂ କଡ଼ି ମଧ୍ୟମ । |
| ପାହାଡ଼ୀ | | | ନି ଓ କୋମଳ ନି ଉଭୟ ବ୍ୟବହୃତ ହୁଏ । |
| ପିଲୁ | | | ଗ ଓ ଧ କୋମଳ । ମଧ୍ୟମ ଓ କଡ଼ି ମଧ୍ୟମ ଉଭୟ ବ୍ୟବହୃତ ହୁଏ ଆଧୁନିକ ରାଗ, ସର୍ବଦା ଗେୟ । |
| ପୂରବୀ | ଧ | କଡ଼ି ମଧ୍ୟମ | ରେ କୋମଳ । ମ ଓ କଡ଼ି ମ ଉଭୟ ବ୍ୟବହୃତ ହୁଏ । |

Digitized by srujanika@gmail.com

| ରାଗରାଗିଣୀ | ବାଦୀ | ସମ୍ବାଦୀ | ବିକୃତସ୍ୱର ଓ ବର୍ଜିତ ସ୍ୱରମାନଙ୍କ ନାମ ଉକ୍ତ ରାଗରାଗିଣୀ ଯେଉଁ ୨ ରାଗରାଗିଣୀ ମିଶି ଉତ୍ପନ୍ନ ସେମାନଙ୍କ ନାମ । |
|---|---|---|---|
| ପୂରିଆ | ଗ | | ରେ କୋମଳ ଓ ପଞ୍ଚମ ବିବାଦୀ । |
| ଫୋରଦସ୍ତ | | | ଅଧୁନିକ । ପୂରବୀ, ଶ୍ୟାମ ଓ ଗୌଡ ମିଶି । |
| ବସନ୍ତ | ଗ | ସା | ରେ କୋମଳ । ମ ଓ କଡ଼ି ମ ଉଭୟ ବ୍ୟବହୃତ ହୁଏ । |
| ବରାଡ଼ୀ | ସା | | ରେ ଓ ଧ କୋମଳ, କଡ଼ି ମଧ୍ୟମ । ପଞ୍ଚମ ବିବାଦୀ । |
| ବାଗୀଶ୍ୱରୀ | ସା | ମ, | ଗ, ଧ ଓ ନି କୋମଳ ଧାନଶ୍ରୀ ଓ କାନଡ଼ା ମିଶି । |
| ବାରୈଁଆ | ମ | ପ | ଗ ଓ କୋମଳ ଗ ଏବଂ ନି ଓ କୋମଳ ନି ବ୍ୟବହୃତ ହୁଏ । ଅଧୁନିକ ରାଗିଣୀ; ଏହା ହେପାର ରାଗବୋଲି ପ୍ରସିଦ୍ଧ । |
| ବାହାର | ମ | ପ | ଆଧୁନିକ । ଗ, ଧ ଓ ନି କୋମଳ କେହି କେହି ଧୈବତକୁ ବିକୃତ କରନ୍ତି ନାହିଁ । |
| ବିଭାସ | ପ | | ମଧ୍ୟମ ବିବାଦୀ । |
| ବିହାଗ | ଗ | ନି | ନି ଓ କୋମଳ ନି, ଏହାଁ ଶଙ୍କରାଭରଣର ପୂର୍ବ । |
| ବେହାଗ | ଗ | ପ | ବିହାଗଠାରୁ ଏହି ରାଗର ଉତ୍ପତ୍ତି । ରେ ଓ ଧ ବିବାଦୀ । |
| ବେଲାବେଲୀ | ଗ | ରେ | ମଧ୍ୟମ ଓ କଡ଼ି ମଧ୍ୟମ । |
| ବୃନ୍ଦାବନୀସାରଙ୍ଗ | ରେ | ପ | ନି କୋମଳ ଏବଂ ଗ ଓ ଧ ବିବାଦୀ । |
| ଭଟିଆରୀ | ସା | ମ | ରେ ଓ ଧ କୋମଳ । ଏହା ପ୍ରାଚୀନ ରାଗ ନୁହେ । କଥିତ ଅଛି ବିକ୍ରମାଦିତ୍ୟଙ୍କ ସହୋଦର ଭର୍ତ୍ତୃହରି ଏହି ରାଗର ସଙ୍କଳନ କରି ଓ ତାଙ୍କ ନାମରୁ ଭର୍ତ୍ତୃହରି ଅଥବା ଭର୍ତ୍ତୃହାରୀ ବା ଭଟିଆରୀ ନାମ ହୋଇଅଛି । |
| ଭୀମପାଲଶ୍ରୀ ଗ | ପ | ସା | ଗ ଓ ନି କୋମଳ |
| ଭୂପାଳୀ | ଧ | ସା | ପ୍ରକୃତ ମଧ୍ୟମ ବିବାଦୀ |
| ଭୈରବ | ଗ | ସା | ଧ ଓ ନି କୋମଳ ଏବଂ ରେ ଅନୁକୋମଳ । |
| ଭୈରବୀ | ସା | ମ | ରେ, ଗ, ଧ ଓ ନି କୋମଳ । |
| ମଙ୍ଗଳ ଗୁଜରୀ | | | ଶ୍ୟାମ ଗୁଜରୀ ଓ ଗାନ୍ଧାରର ଯୋଗରେ । |
| ମଲ୍ଲାର | ଧ | ରେ | |
| ମନୋହର | | | ମାଲ୍ଲିଆ ଓ ଗୌରୀ ମିଶି । |
| ମଧୁମାଧବୀ | ମ | | ନି ଓ କୋମଳ ନି ଉଭୟ ବ୍ୟବହୃତ । କାହାରି କାହାରି ମତରେ ଗ ଓ ଧ ବିବାଦୀ । ଅଧୁନା କେବଳ ଗାନ୍ଧାର ବିବାଦୀ ବୋଲି ଖାଡ଼ବ ଜାତିରେ ବ୍ୟବହୃତ । |
| ମାଳ | | | ଧାନଶ୍ରୀ, ସିନ୍ଧୁ, ବେଲାବେଲୀ ଓ ମଲ୍ଲାରର ମିଶ୍ରଣରେ । |
| ମାଳୀ | | | ରେ କୋମଳ, କଡ଼ି ମଧ୍ୟମ । ପଞ୍ଚମ ବିବାଦୀ । |
| ମାଳଶ୍ରୀ | ମ | ସା | କଡ଼ି ମଧ୍ୟମ । ରେ ଓ ଧ ବିବାଦୀ । |
| ମାଲକୌଶ | ସା | ଗ | ଗ, ଧ ଓ ନି କୋମଳ । ରେ ଓ ପ ବିବାଦୀ । |
| ମିଆଁ ମଲ୍ଲାର | ଧ | ରେ | କାନଡ଼ା ଓ ମଲ୍ଲାର ମିଶି ଏହାର ଜନ୍ମ । ମିଆଁ ତାନସେନ ଏହି ରାଗ |

Digitized by srujanika@gmail.com

| ରାଗରାଗିଣୀ | ବାଦୀ | ସମ୍ବାଦୀ | ବିକୃତ ସ୍ୱର ଓ ବର୍ଜିତ ସ୍ୱରମାନଙ୍କ ନାମ ଓ ଉକ୍ତ ରାଗରାଗିଣୀ ଯେଉଁ ଯେଉଁ ରାଗରାଗିଣୀ ମିଶ୍ର ଉତ୍ପନ୍ନ ସେମାନଙ୍କ ନାମ । |
|---|---|---|---|
| | | | ସୃଷ୍ଟି କରିଥିବାରୁ ତାଙ୍କ ନାମରେ ଖ୍ୟାତ । |
| ମୂଲତାନୀ; | ମ | | ଗ ଓ ନି କୋମଳ । ରେ ଓ ଧ ଅନୁକୋମଳ । କଡ଼ି ମଧ୍ୟମ । କେହି କେହି କଡ଼ି ମଧ୍ୟମ ପରିବର୍ତ୍ତିରେ ପ୍ରକୃତ ମଧ୍ୟମ ବ୍ୟବହାର କରନ୍ତି । |
| ମେଘ | ମ | ଫ | ଧୈବତ ବିବାଦୀ । ବର୍ଷା ଋତୁର ରାତି ଶେଷରେ ଏହା ଗାନ କରାଯାଏ । |
| ଯୋଗିଆ | ମ | | ରେ ଓ ଧ କୋମଳ । |
| ରେବଗୁପ୍ତ | ମ | | |
| ରାଜହଂସ | Δ | | ମାଳବ, ଶ୍ରୀ ଓ ମନୋହର ମିଶ୍ର । |
| ରାମକେଳୀ | ଧ | ପ | ରେ ଓ ଧ କୋମଳ । |
| ରାଜ ବିଜୟ | ମ | | |
| ଲଳିତ | ପ | | ରେ କୋମଳ । |
| ଲୁମ | ଗ | | |
| ଶଙ୍କର | ସା | ମ | ମ ଓ କଡ଼ି ମ ଉଭୟ ବ୍ୟବହୃତ ହୁଏ । |
| ଶଙ୍କର ଭରଣ | ନି | | ନି ଓ କୋମଳ ନି ଉଭୟ ବ୍ୟବହୃତ ହୁଏ । |
| ଶଙ୍କର ବିଜୟ | | | ମାଳନାଗୌଡ଼ା, ହାମ୍ବୀର ଓ ନଟ ନାରାୟଣମିଶ୍ର । ଏପୂର୍ବ ସ୍ୱରକୁ ବିହୃତ କରି ଶଙ୍କର ଆନନ୍ଦରେ ଏହି ରାଗିଣୀକୁ ସୃଷ୍ଟି କରିଥିଲେ । |
| ଶ୍ରୀରାମ | ସା | ଗ | ରେ ଓ ଧ କୋମଳ ଏବଂ କଡ଼ି ମଧ୍ୟମ । |
| ସାହାନା | ଗ | ଧ | ଗ ଓ ନି କୋମଳ । ଆଧୁନିକ ରାଗିଣୀ । ଉତ୍ତରବାଦୀ ସମୟରେ ଗାନ କରାଯାଏ |
| ସାରଙ୍ଗ | ରେ | ପ | ଗାନ୍ଧାର ଓ ଧୈବତ ବିବାଦୀ । |
| ସିନ୍ଧୁ | ଧ | ରେ | ଗ ଓ ନି କୋମଳ । |
| ସିନ୍ଧୁ ଭୈରବୀ | | | ଗ, ଧ ଓ ନି କୋମଳ । |
| ସୁରଟ | ରେ | ପ | ନି ଓ କୋମଳ ନି ଉଭୟ ବ୍ୟବହୃତ ହୁଏ । |
| ହରଶୃଙ୍ଗାର | ମ | | ନି ଓ କୋମଳ ନି ଉଭୟ ବ୍ୟବହୃତ ହୁଏ । ପଞ୍ଚମ ଓ କୌଶିକୀ ମିଶ୍ର । |
| ହରଷ | | | ଆଧୁନିକ ରାଗିଣୀ, ବେଲାବେଲୀ, ଦେଶୋଟ, ସାରଙ୍ଗ ଶୁଦ୍ଧ, ମଲ୍ଲାର ଓ ଗୌଡ଼ ମିଶ୍ର । |
| ହାମ୍ବୀର | ପ | ସା | ମ ଓ କଡ଼ି ମ ଉଭୟ ବ୍ୟବହୃତ ହୁଏ । |
| ହିନ୍ଦୋଳ | ଗ | ସା | ରେ ଓ ପ ବିବାଦୀ, କଡ଼ି ମଧ୍ୟମ । |
| କ୍ଷେମ କଲ୍ୟାଣ | | | କାନଡ଼ା, ସାରଙ୍ଗ, ଶୁଦ୍ଧ ଏବଂ କଲ୍ୟାଣ ମିଶ୍ର । |

ନାନାଦି ଗ୍ରନ୍ଥରେ ନାନା ରାଗରାଗିଣୀର ସ୍ୱର ଗ୍ରାମ ଭେଦ ମଧ୍ୟ ଦେଖାଯାଏ । ସଙ୍ଗୀତ ନିର୍ଣ୍ଣୟ ଗ୍ରନ୍ଥରେ ରେଖବ ପରିତ୍ୟାଗ କରି ଭୈରବ ରାଗ ଗାନ କରିବାର ବିଧି ନିର୍ଦ୍ଦେଶ କରାଯାଇ ଅଛି; ଯଥା;— 'ଉଲ୍ଲପତକ ସମ୍ପୂର୍ଣ୍ଣୋ ଭୈରବୋ ଋଷଭ ବର୍ଜିତଃ ଇତ୍ୟାଦି । କିନ୍ତୁ ସଙ୍ଗୀତସାର କର୍ତ୍ତା ଭୈରବ ରାଗରେ ରେଖବ ପରିତ୍ୟାଗ କରିବାକୁ କହୁ ନାହାନ୍ତି । ପୁଣି କୌଣସି କୌଣସି ରାଗର ଶାସ୍ତ୍ରାନୁଯାୟୀ ସ୍ୱର ଗ୍ରାମ ସହ ଆମ୍ଭମାନଙ୍କର ଚଳିତ ମତର ଏକତା ପରି ଲକ୍ଷିତ ହୁଏ ନାହିଁ । ଏହିପରି ଅନେକ ପ୍ରକାର ବିଭିନ୍ନତା ଦେଖାଯାଏ ।

Digitized by srujanika@gmail.com

## ରାଗ ରାଗିଣୀ ମାନଙ୍କର ଋତୁବାଦର ନିୟମ ।

ଗ୍ରୀଷ୍ମ ଋତୁରେ ଦୀପକ ବା ପଞ୍ଚମ; ବର୍ଷା କାଳରେ ମେଘ, ଶରତ୍ କାଳରେ ଭୈରବ, ହେମନ୍ତ ଋତୁରେ ମାଲକୌଶ ବା ମାଳବ, ଶିଶିର କାଳରେ ଶ୍ରୀ ବା ନଟନାରାୟଣ ଓ ବସନ୍ତ କାଳରେ ହିନ୍ଦୋଳ ବା ବସନ୍ତ । ଏ ବିଷୟରେ ମତ ଭେଦ ଅନେକ ସ୍ଥଳରେ ଦେଖାଯାଏ । ସମସ୍ତ ରାଗରାଗିଣୀ ନବରସରେ ବିଭକ୍ତ, ଯଥା;—ବୀର (ଉତ୍ସାହ), କରୁଣ (ଶୋକ), ଅଦ୍ଭୁତ (ବିସ୍ମୟ), ରୌଦ୍ର (କ୍ରୋଧ), ଭୟାନକ (ଭୟ), ଆଦ୍ୟ (ଅନୁରାଗ), ହାସ୍ୟ, ବୀଭତ୍ସ (ଜୁଗୁପ୍ସା), ଓ ଶାନ୍ତ (ଶମ) । କେହି କେହି ଶାନ୍ତ ରସକୁ କରୁଣ ରସର ଅନ୍ତର୍ଗତ କରି ସମସ୍ତ ରାଗରାଗିଣୀକୁ ଅଷ୍ଟ ବିଧ ରସରେ ବିଭକ୍ତ କରନ୍ତି ଯଥା:—"ଶୃଙ୍ଗାର ହାସ୍ୟ କରୁଣ ରୌଦ୍ର ବୀର ଭୟାନକାଃ । ବୀଭତ୍ସାଦ୍ଭୁତ । ସଞ୍ଜ୍ଞୌଚ ନାଟ୍ୟେ ଗୃହ୍ୟେ ରସାଃ ସ୍ମୃତାଃ" । ଇତି ଭରତ

ଭୈରବୀ, ବିଭାସ, ଆଲହିଆ, ଦେବଗିରି, କୁକୁଭ, ଯୋଗୀଆ଼ ଗାନ୍ଧାର, ପୂରବୀ ଆଦି କରୁଣ ରସାତ୍ମକ । ହିନ୍ଦୋଲ, ନଟ, ମାଳବ, ଶଙ୍କରା, ପୂରିଆ ପ୍ରଭୃତି ବୀର ରସାତ୍ମକ । କାଲେଂଙ୍ଗା, ପରଜ, କେଦାର, ଲଳିତ ଖଟ, ସୋହିନୀ, ବାହାର ପ୍ରଭୃତି ଅଦ୍ୟାସ୍ୱୋତ୍ମକ । ଭୈରବ, କଲ୍ୟାଣ ଭୂପାଳୀ, ଶ୍ୟାମ, ହାମ୍ବୀର, ଆଡାନା ସାହାନା, ଆଦି ହାସ୍ୟରସାତ୍ମକ । ଏହା ଉତ୍ସବ ଓ ମଙ୍ଗଳ କାର୍ଯ୍ୟରେ ଗାନ କରାଯାଏ । ଇମନ, ବାରୋଁଆ ଇମ୍ନ, ଝିଞ୍ଝି, ଧାନୀ, ଟୋରୀ ଗୌରୀ ପ୍ରଭୃତି ସର୍ବରସାତ୍ମକ ।

ଏ ସମସ୍ତ ବିଷୟରେ ଗ୍ରନ୍ଥଭେଦରେ ମତଭେଦ ଦେଖାଯାଏ । ନାରଦ ସଂହିତାରେ ଉଲ୍ଲେଖ ଅଛି । "ରଙ୍ଗ ଭୂମୌ ନୃପାଜ୍ଞୟାଂ କାଳଦୋଷୋ ନ ବିଦ୍ୟତେ ଅର୍ଥାତ୍ ରଙ୍ଗ ଅଙ୍ଗରେ ବା ରଙ୍ଗ ଭୂମିରେ ସର୍ବଦା ସର୍ବ ପ୍ରକାର ରାଗରାଗିଣୀ ଗାନ କରି ଯାଇପାରେ; ସେଥିରେ ଦୋଷ ନାହିଁ । ପୁଣି କଲ୍ଲିନାଥ କହି ଅଛନ୍ତି । "ଦଶଦଣ୍ଡାତ୍ପରଂ ରାତ୍ରୌ ସର୍ବେଷାଂ ଗାନ ମୀରଣମ୍" । ଅର୍ଥାତ୍ ରାତ୍ରି ଦଶଦଣ୍ଡପରେ ସର୍ବ ସମ୍ବନ୍ଧୀୟ ଯେ ସମସ୍ତ ରାଗରାଗିଣୀ ଅଛି, ସେ ସମସ୍ତ ବିନା ବାଧାରେ ଗାନ କରି ଯାଇ ପାରେ । ସ୍ୱର ଗ୍ରାମ ଓ ରସାଦି ସମ୍ବନ୍ଧରେ ପୁଣି ଚଳିତ ମତ ସହି ଶାସ୍ତ୍ରକର୍ତ୍ତାମାନଙ୍କ ମତର ଐକ୍ୟ ହୁଏ ନାହିଁ । ସଙ୍ଗୀତ ରତ୍ନାକର କର୍ତ୍ତା ଶାରଙ୍ଗଦେବ ଭୈରବୀ ରାଗିଣୀରେ ଗାନ୍ଧାର ବ୍ୟବହାର ହେବ କହି ଅଛନ୍ତି । କିନ୍ତୁ କୋମଳ ଗାନ୍ଧାର ଲାଗିବ ବୋଲି ଏହା କହି ନାହାନ୍ତି । ଦେଶାଚାର ମତରେ ଆମ୍ଭେମାନେ ଭୈରବୀରେ କୋମଳ ଗାନ୍ଧାର ବ୍ୟବହାର କରୁଁ । ଏହିପରି ସ୍ୱରଗ୍ରାମ ଭେଦରେ ରାଗରାଗିଣୀମାନଙ୍କର ନାନାପ୍ରକାର ମୂର୍ତ୍ତି ହୋଇ ପାରିବ ଏଥିପାଇଁ ଏହି ସମସ୍ତ ବିଷୟରେ କେତେ ପରିମାଣରେ ଅମ୍ଭମାନଙ୍କର ଦେଶାଚାର ନିୟମ ସ୍ୱୀକାର କରିବାକୁ ହୁଏ ।

ଦୀପକ ନାମରେ ସଂସ୍କୃତ ମତାନୁସାରୀ ଅନ୍ୟ ଏକ ପ୍ରଧାନ ରାଗ ଥିଲା; ବର୍ତ୍ତମାନ ଏହି ରାଗ ପଞ୍ଚମ ନାମରେ ପ୍ରଚଳିତ ହୋଇଅଛି । ଦୀପକ ଗ୍ରୀଷ୍ମ କାଳର ରାଗ । ଗୁର୍ଜ୍ଜରୀ ନାମରେ ଏକ ରାଗ ଅଛି, ସଙ୍ଗୀତ ଦର୍ପଣରେ ଉକ୍ତ:—ଲୋଭାନ୍ମୋହାଚ୍ଚ ଯଦ୍ଭକେଚିଦ୍ ଗାୟନ୍ତିଚ ବିରାଗତଃ । ସୁରସା ଗୁର୍ଜ୍ଜରୀ ତସ୍ୟ ଦୋଷଂ ହନ୍ତୀତି କଥ୍ୟତେ ।" ଅର୍ଥାତ୍ ଲୋଭ ବା ମୋହ ବଶତଃ ଯଦି କେହି ଏକରାଗ ସମୟରେ ଅନ୍ୟ ଏକରାଗ ଗାନ କରନ୍ତି କିମ୍ବା ରାଗର କୌଣସି ପ୍ରକାର ଅଙ୍ଗହାନି କରନ୍ତି ତାହାହେଲେ ପ୍ରାୟଶ୍ଚିତ୍ତ ସ୍ୱରୂପ ସୁରସା ଗୁର୍ଜ୍ଜରୀ ସେହି ସମୟରେ ଗାନ କରିବା କର୍ତ୍ତବ୍ୟ । ଗୁର୍ଜ୍ଜରୀ, ମାଲଗୁର୍ଜ୍ଜରୀ ବାହାଲ ଗୁର୍ଜ୍ଜରୀ ମଙ୍ଗଳଗୁର୍ଜ୍ଜରୀ, ଶ୍ୟାମଗୁର୍ଜ୍ଜରୀ, ଦକ୍ଷିଣ ଗୁର୍ଜ୍ଜରୀ, ସୌରାଷ୍ଟ୍ରୀ ଗୁର୍ଜ୍ଜରୀ, ମହାରାଷ୍ଟ୍ରୀ ଗୁର୍ଜ୍ଜରୀ ପ୍ରଭୃତି ଅନେକ ପ୍ରକାର ଗୁର୍ଜ୍ଜରୀ ଅଛି ।

ସଂସ୍କୃତ ସଙ୍ଗୀତ ଶାସ୍ତ୍ରାନୁସାରେ ରାଗ ଓ

Digitized by srujanika@gmail.com

ସଙ୍ଗିଣୀ ମାନଙ୍କର ଧ୍ୟାନ ଅଛି । କେଉଁ ରାଗର କି ପ୍ରକାର ବେଶ, କି ପ୍ରକାର ଭୂଷଣ, କି ପ୍ରକାର ମୁକୁଟ ଇତ୍ୟାଦି ବିଷୟମାନ ଧ୍ୟାନରେ ଲେଖା ଅଛି । ଯଥା— "ନୀଳୋତ୍ପଳଂ କର୍ଣ୍ଣ ଯୁଗେ ବହନ୍ତୀ ଶ୍ୟାମା ସୁକେଶୀ ଚ ସୁମଧ୍ୟମାଙ୍ଗୀ; ଇଷଚ୍ଚନ୍ଦ୍ରହାସାମୃତ ରମ୍ୟ ବକ୍ତ୍ରା ସା ଧ୍ୟାନଶ୍ରୀ ପଦ୍ମ ମୁଖୀହି ନେୟା ।" ଇତ୍ୟାଦି । ଏହି ସମସ୍ତ ବୃତ୍ତାନ୍ତ ସୁବିସ୍ତୀର୍ଣ୍ଣ ଏବଂ ଏହି କ୍ଷୁଦ୍ର ଲେଖାଟିରେ ସବୁ ଗୁଡ଼ିକ ପ୍ରକାଶ କରିବା ଅସମ୍ଭବ । ବିଶେଷରେ ତାହାଦ୍ୱାରା ରାଗରାଗିଣୀ ମାନଙ୍କର ସ୍ୱର ଗ୍ରାମ ବୋଧ କିମ୍ବା ଆଳାପ ଜ୍ଞାନର ସମ୍ଭାବନା ଦେଖାଯାଉ ନାହିଁ । ଏଣୁ ଏସମସ୍ତ ବର୍ଣ୍ଣନା କରିବାର ପ୍ରୟାସ କଲି ନାହିଁ ।

# ମଟକା ଡାଳ

ଲେଖକ—ଶ୍ରୀ ଦଣ୍ଡପାଣି ମିଶ୍ର

ଖରା ଅସ୍ତ ଢଳଢଳରେ ଧସେଇ ବିଦାୟ ନେଉଛି । ଧରଣୀର ଗୋଲାପୀ ମୁଖ କଳା ପଡ଼ି ଯାଉଛି । ଅବସାଦ ଭରା କରୁଣ ସଙ୍ଗୀତ ଛୁଟାଇ ମୁଁ ଚାଲେ, ଆଉ ଚାଲୁଛି ।

ମତେ ଆର ଗାଁକୁ ଯିବାକୁ ହେବ । ଆମ ଗାଁ କୁସୁମୀ ନଦୀ । ସେ ବାଟରେ ମର ବନ୍ଧ ଚାଲେ । ତାର ତୀର ଦେଶରେ କେଉଁ କାଳରୁ ଗଛର ଶାଖା ପତ୍ର ଡାଳ ଗଛଟା କେଉଁ ଦିନକୁ ଅନାଇ ବସିଛି ତା ସେ ଜାଣେ । ତାର ପାଦ ଦେଶରେ ପହଞ୍ଚ ନଦୀ ଆର ପାରର କାଳିଆ ଗଛ ଗୁଡ଼ିକୁ ଚାହୁଁଛି ।

ବାବୁ, ବାଟଛାଡ଼, ମୁଁ ଯିବି । ଏ ନିଛାଟିଆ ବାଟରେ ହଠାତ୍ ପଛରୁ ଡାକ ଶୁଣି ଚମକି ଗଲି । ଛାତି ପକ୍ଷ ଉଠିଲା । ପଛରୁ ବାଟ ନେଲା ସେ ନିଶ୍ଚୟ ଜଣେ ନାରୀ-ହଁ ସେହି ଦେଖିଲି ।

ମୋର ବେଶ ପରିପାଟି, ପୋଷାକ ପରିଚ୍ଛଦ ଏ ସବୁ ଦେଖି ମଧ୍ୟ ଏ ଭଲ ମଫସଲ ଗାଁରେ ଏ ନାରୀ ଏପରି କଥା କହିବାକୁ କିପରି ସାହାସ କଲା ? କଥାଟା ମୋ ମୁଣ୍ଡକୁ ଖୁବ୍ ଧରିଲା ।

ଭାବନାର ଶେଷ ହୋଇନି । ବାଟଛୁ ଉଠ ବୋଇଲେ କଣ ଶୁଣୁ ନାହିଁକି ?

ମୋ ମନରେ ବିରକ୍ତିର ସଞ୍ଚାର ହେଲା ଯେତିକି ସନ୍ଦେହ ବି ହେଲା ସେତିକି କିଛି ଏ ଠାଣି ହୋଇ ରହିଲି । ଅସନା ଲୁଗା ଖଣ୍ଡିରୁ ମଇଳା ହୋଇ ପଡ଼ୁଛି ଅଣ୍ଟିରେ କଣ ଅଣ୍ଡିଏ ହାତରେ ବୋତଲ ଯାଉ ଗୋଟିଏ କ୍ଷିଣ । ଏଟା କ ଅଗକୁ ମାଡ଼ିଯିବ---?

କାର୍ଯ୍ୟରେ ଗୁରୁତ୍ୱ ପରେଶ ହେଲା । ଥିର ଆଡେଇ ହୋଇ ଗଲି । ଯାଉ ସେ ତାର ତ ନିଶ୍ଚୟ ମୋ ଅପେକ୍ଷା ଜରୁର କାମ ଥିବ । ସନ୍ଧ୍ୟା ହୋଇଛି କିନା, ଏକୁଟିଆ ବାଟରେ ମନ ବ୍ୟସ୍ତ ହେବା ତ ସ୍ୱାଭାବିକ ।

ସେ ଗଲା ଚାଲି, ଗଲା ନା । ବୁଦ୍ଧି ହାତକୁ ଯାଇ ତାହାକୁ ଅନ୍ୱେଷା କଲି ପରେ ଠିଆ ହେଲି ।

ମତେ କାଳୁ ଅଗର ଚତୁର ଲେ ବ୍ୟଥାଟା ଇବ ।

Digitized by srujanika@gmail.com

ସେଠି ଗାଁ ଯାକର ଏକୋଡ଼ି ଛାତ୍ର । ଗଛ ମୂଳେ ଯେ ଘରେ ଶହେ କଲ ସେଇଠାକରେ ଶେଷ ।

ଗାଁ ବାଲାଙ୍କ ମୁହଁରେ ନିତ୍ୟ ଏ କଥା ପଡ଼େ । ସେଇ ଡରରେ ବୋଧହୁଏ ସେ ଅଟକି ଯାଇଛି । ମୁଁ ଯା ଠିକ କଲି ।

ନଦୀର ପଥର ଧାର ' । ଦୁଇ ହାତ ଆଗେ ସେ ମୂର୍ତ୍ତି ପରି ଦଣ୍ଡାୟମାନ । ପାଖକୁ ଗଲେ ଧମକିଲି । ତାକୁ ପଚାରିଲି ବା ମୁଁ କାହିଁକି ଯାଆନ୍ତି ? ତାର ପାଦଟି ମୋର ଆଡ଼କୁ ପଡ଼ିଲା ଏପରି ଦୃଶ୍ୟରେ ମୁଁ ଖୁବ୍ ଉତ୍ୟକ୍ତ ହୋଇଗଲି । ବଡ଼ବଡ଼ିଲି ଏ କେଉଁ କୁଳଟା----ନିଶସ୍ପୃ ବିପଥ ଗାମିନୀ ନାରୀ—ମନଟା ମୋର ଜଳି ଉଠିଲା । ଯା ଇଚ୍ଛା ତା ବକି ଗଲି ।

ତଥାପି ସେ ନୀରବ ।

କିଛି କ୍ଷଣ ପରେ ପଶ୍ଚରିଲା—ବାବୁ ତୁମର ନାଁ ! ମୁଁ ଜବାବ ନ ଦେଇ ବାଟ ଭାଙ୍ଗି ଚାଲିଲି । ସେ ଦୌଡ଼ି ସେହି ଖଜୁରି ଗଛ ମୂଳେ ବାଟ ଓଗାଳି । କାହିଁକି କେଜାଣି ହୃଦୟର ଧାରା ବଦଳି ଗଲା । ଏକ ମମତା ଯେମିତି ସ୍ନେହ ଯେପରି ମୁଁ ଠିଆ ହୋଇଛି ତା ଅଗରେ ।

ଅତି ସନ୍ତର୍ପଣରେ ସେ ଯେତେଟି ପ୍ରଶ୍ନ କଲା ଏଥର ମୁଁ ତାର ଗୋଟି ଗୋଟି ଜବାବ ଦେଲି ।

ଉଚ୍ଛ୍ୱାସ ମଣିଷକୁ ଚେତାଇ ଦିଏ । ମୁଁ ଲଜ୍ଜାରେ ନଇଁ ଗଲି । ମୋର ଅହଙ୍କାର ଚୂର୍ଣ୍ଣ ହୋଇଗଲା । ଦୀର୍ଘ ୭ ବର୍ଷ ତଳର କେତେ କେତେ ଅପରୂପ ଛବି ମୋ ହୃଦୟରେ ଅଘାତ ସୃଷ୍ଟି କଲା । ଉଣ୍ଡାର ପାହାଡ଼ର ଘନ ସବୁଜ କୁଞ୍ଜ, ମାଳତୀ ତୀରର କମନୀୟ କାନ୍ତି, ଦଣ ମଲ୍ଲାର. ନହେଁ ଚିକ୍କଣ କାଶ, ସବୁ ଗୋଟି ଗୋଟି ଭାସି ଆସିଲା ମୋ ଆଗେ ଆଜିର ଏ ଦିନ ପରି ସେ ଦିନ ତ କେତେ ସନ୍ଧ୍ୟା ଏଇ ନଦୀ ଧାରେ କଟିଛି । ଶ୍ରାବଣ ରାତି ଠାରୁ ବୈଶାଖର ଧୂଆ ଗାଧୁଆ ସବୁ ଆଖି ଆଗରେ ନାଚି ଉଠିଲା ।

ସେଦିନ ଖଣ୍ଡେ ଛୋଟ ମଇଳା ଲୁଗା ପିନ୍ଧି ପୁଙ୍ଗୁଳା ଦେହ ଟିରେ ପେଟ ରିବଲେ ଛୋଟ ଦୁଇଟି ଓଡ଼ାଇ ଚୁଲିଥିଲ ସେଇ ଅଗ୍ନିର ପାହାଡ଼କୁ ସେତେବେଳେ ବାଟ ଗୁହାଁରି ରହୁଥାଏ ଜଣେ ବାଳିକା ତାର ଦର୍ଶନରେ ମୋର ସବୁ ଦୁଃଖ ଦୂର ହୋଇ ଯାଉଥିଲା । ଛୋଟ ଦୁଇଟି ଭାରି ତା ଛାଏଁ ଦେଖିଲେ ତେର ଟିକି ଗୋଟିଏ ମୋର ଦୁଇଟି ଛେଳି କୁ ଘାସ ନୂଆ ବୋଲି ଖୁଆଇ ଖୁଆଇ ଚାଲି ଯାଏ ।

ଦିନେ ଦୁଇ ଦିନ ତ ନୁହେଁ, ଏହିପରି ବର୍ଷ ବର୍ଷ କଟି ଯାଇ ଥିଲା । ତା ବ ପାଖରେ ପାନ୍ତି କି ମତ ? ଏଇ ମୁହୂର୍ତ୍ତରେ ଅନନ୍ତ ଦୂରର ସେହି ସ୍ମୃତିଟା ପରେ ପୁଣି ଆଦାନ କରି ତାକେ, ଯା କୋଳରେ କେତେ ଶୀତ କେତେ ବସନ୍ତ କଟି ଯାଇଥିଲା ।

ସେଥିରେ ସକଳ ବେଦନା ଆରମ୍ଭ ହୋଇବା ଆଗରୁ ସେ ଅଣି ଦିଏ କେତେ ଫଳ ମୂଳ, କଣ୍ଠ ଶୁଖିବା ପୂର୍ବରୁ ସେ ସଜାଡ଼ି ରଖିଥାଏ ପଥରର ଟୋପାରେ ଖିର ଗ୍ରାମର ଗ୍ରାସ ସର୍ବଜାଣ ହବ ସେ ବୁଝିଥିଲା ମୋ ଠାରୁ ବେଶି । ସେ ସବୁର ସ୍ମୃତି ହିଁ ଅଜି ସେହିପରି ରହି ଯାଇଛି ।

ମୁଁ ତାର କଥା ବା କରିଛି । ଗୋଟିଏ ତ ମନେ ନାହିଁ । ପାଇବାର ଅଶା ନ ରଖି ସେ ଯାହା ଦାନ କରି ଅସିଥିଲା ତାର ମୂଲ୍ୟ ଇ ବୁଝି ନାହିଁ ମୁଁ ।

ଦିନେ ଦର୍ଶା ହୋଇ ଛାଡି . ଯାଇଛି ।

Digitized by srujanika@gmail.com

ଗୁଣ୍ଡା ପଥରରେ ଯେଉଁ ପାଣିରେ ନାଳ ମାଣି ସେ ବହିଥାଏ। ଛେଳି ପଲ ଆଗ ବୁଢ଼ା ମାନଙ୍କରେ ଡେରେ ନୁଙ୍କି ଚାଲି ଥାନ୍ତି। ପଚାରିଲି---ଏବେ ଶେଷରେ ଆମେ ଦୁହେଁ ଛେଳେ କଣ କରୁ ନାହେଁ---ଗାଁ ଠାରୁ ନିଜ ଭଲ ଲାଗୁଛି।

ମୁଁ କହିଥିଲି---ହଁ, ଗାଁରେ ଆମେ ଥିଲା ପ୍ରଜା, ଏଠି ରାଜା। ଏ ଖଣ୍ଡ ମଣ୍ଡଳରେ କେତେ କଣ ନାହିଁ ସବୁ ଆମେ ଭୋଗ କରିବାକୁ ସମର୍ଥ।

ତୁମେ ଯିବା ରାଜା ହେବ, ଆଉ ମୁଁ ? ତାହିଁକି ? ତୁମେ ବି ରାଣୀ ହେବ। ସ୍ତ୍ରୀ କହି ମାଳତୀ ଫୁଲର ଡେଉଁଠି ତା ମୁଣ୍ଡରେ ମୁଁ ଗୁଞ୍ଜି ଦେଲି।

ସେ ଦିନ ହସରେ ବଣ ଭାଙ୍ଗି ପଡ଼ିଥିଲା

ଦୀର୍ଘ ବ୍ୟବଧାନ ପରେ ଆଜି ପୁଣି ସେ ଦୁଇଟି ପ୍ରାଣ ମିଳିବ। କିଶୋର କିଶୋରୀ ଆଜି ଯୁବକ ଯୁବତୀ ରୂପେ ଦୁହେଁ ଦୁହିଁଙ୍କ ଅତି ନିକଟରେ ପାଇବେ।

ସେ କହିଲା---ବଡ ଲୋକ ହେଲେ କଣ ଲୋକ ଏହିପରି ସବୁ ଆଗକଥା ଭୁଲି ଯାନ୍ତି।

ଏଥିରେ କି ଯୁକ୍ତି ବା ମୁଁ କରନ୍ତି। କଥାର ମୋଡ଼ ବଦଳାଇ କହିଲି ସେ ସବୁ ଆଉ ମନରେ ଧରନାହିଁ– ମୁଁ ଯେ ତୁମ ନିକଟରେ ଚିର ଋଣୀ।

ବଣର ସବୁଜ ଅଙ୍କେ ବହୁବାର ମିଳନର ଯେଉଁ ଏଦିଁ ଆନନ୍ଦ ଅନୁଭବ କରି କରି ନଥିଲେ ଆଜି ଶୁଭ ବେଳାରେ ପୁଣି ଥରେ ସେ ଆନନ୍ଦ ଅନୁଭବ କଲି ଏଇ ନୂଆ ଛାଞ୍ଚରେ ଘନ ଅନ୍ଧାର ନିର୍ଜନ ପଥ ମଧ୍ୟରେ ଆମେ ଦୁହେଁ ତନ୍ମୟ ହୋଇ କେତେ ଯାଇ ବା ଥିବୁ ? ସେ ମୋ ପାଖକୁ ଚାଲି ଯାଇଛି—ମୁଁ ଛାଡି ଉଠିଲି ଉଠି ପ୍ରାଣ ଭରି ଚୁମ୍ବନ ଦେବା ଆଗରୁ ଡାକିଲି ମଲୁଆ,---

ଏଁ, ଏକଣ ହେଲା !

ତା ହାତରୁ ବୋତଲ ଖସି ତଳେ ଖସି ପଡ଼ିଛି ଅଣ୍ଟିର ଗୁଡ଼ଳ ବନ୍ଦ ହୋଇ ଯାଇଛି। ଡାକିଲେ ଶୁଣୁ ନାହିଁ –ସଂଜ୍ଞାହୀନ।

ସମଗ୍ର ଜଗତ ମୋରି ଆଗେ ଶୂନ୍ୟ କରିଦେଇଛି।

ଯେତେ ଯାହା କଲି କିଛି ହେଲା ନାହିଁ। ମଲୁଆର ସାଇ ପଡ଼ୋଶୀ ଚରି ଘର ଲୋକଙ୍କୁ ଆସିଲେ ସମସ୍ତଙ୍କ ତୁଣ୍ଡରୁ ଶୁଣିଲି---ଧନ ସମ୍ପତ୍ତି, ପିତାପାଣି ବହିଥିଲା। ନୂଆ ପୁଣି ତା ଏତେଦିନ ଯାଏଁ ଭଲ କାହିଁକି ରହିଲା। ବାସ୍ତବ ସହଜ ନୁହେଁ। ଏ ସହର ତଳରେ ତ ଯେଉଁଠା ଘର ବାନ୍ଧି ରହିଛି। ତା ହାତରେ ପଡ଼ିଲେ ତ ମଣିଷ ଗଲା। କେଜାଣି ସ୍ୱମେଡ ଭାଗ୍ୟ ଟାଣ ଥିବ ବୋଇଲେ ସିନା---।

ଯାହା ପରେ ମଲୁଆ କଥା ଭଙ୍ଗ ହେଲା ସେ ଖବର ମୋ ଛଡ଼ା କେହି ଜାଣି ନାହାନ୍ତି।

କିନ୍ତୁ ମୋ ନାଁରେ ବହୁତ ଖବର ଗାଁରେ ଶୁଣା ଗଲାଣି। ବାଟରେ, ହାଟରେ, ଜଳ ତୋଠରେ ବଜାର ବାଟକଡ଼ ଖାଲି ଶୁଣିବ---"ଯେତେ ହେଲେ ବ୍ରାହ୍ମଣ ପିଲା ଛତର ଖାଇ କରି ରାଜା, ଜାଲ କ'ଣ ହୋଇ ଗଲାରେ।" ଏବେ ନନା ମୁଣ୍ଡରେ ହାତ ଦେଇ ବସିଛନ୍ତି। ଆଉ ସାତ ଦିନ ଗଲେ ହିଁ ଝିଅର ବାହାଘର ଗାଁରେ ଏକ ଘରିକିଆ କଲେଣି। ଧୋବା, ଭଣ୍ଡାରୀ, ନାଅ, ପାଣି ସବୁ ମନା। ବାପରେ! ଜାତରୁ ପିବାକଥା!

ହାଣ୍ଡିଘର ପିଲା ମଲୁଆକୁ ମୁଁ ଭୁଲିଛି ଯେ।

Digitized by srujanika@gmail.com

## ଶାନ୍ତିନିକେତନରେ ବୃକ୍ଷରୋପଣ

ଶ୍ରୀ ଦେବେନ୍ଦ୍ର ନାଥ ପ୍ରଧାନ

ଛାତିମ୍ ଗଛତଳେ ଘାସ ଖେଳେ, ଖେଳ ଶେଷକର ଉଡ଼େଇ ଯାଏ । ସେହି ଖେଳ ଓ ଉଡ଼ା ଭିତରେ, ଗଛଟି କେତେ ରକମ ଶାଇଳ ଗଢିନିଏ । ଭୂଇଁଅର ଖେଳ କସରତ୍ ଦେଖି, ହସ କାନ୍ଦେ । ଅନ୍ତରର ଭାବଟିକୁ ପ୍ରକାଶ କରିବା ପାଇଁ, ସେ ଅନେକ ଚେଷ୍ଟାକରେ କିନ୍ତୁ ତାର ଭାଷା କେହି ଧରନ୍ତି ନାହିଁ ଅବା ଧରିବାକୁ ଚେଷ୍ଟା କରନ୍ତି ନା । ତାର ମନକୁ ମନ ସେ ଗୁଲ ଅସୁଚି, ଅସିବ ମଧ୍ୟ । ଭକ୍ତର ଦୁନିଆ ଅତକୁ ସେ ଯେ ଆକ୍ଷେପ କରୁ ନ ଥିବ, ଏ କଥା କିଏ କହିବ !

ଏଠି ଆରତି ଫୁଲ, ଧୂପ, ଚନ୍ଦନର ବାସ ପ୍ରକୃତି ମଧ୍ୟରେ ମୁକ୍ତ ହୃଦୟର ଆଦାନ ପ୍ରଦାନ ଅନ୍ୟ ଅନ୍ୟ ମଣିଷ ସ୍ୱାର୍ଥ ଜାଲରେ ଯୋଡ଼ିଦେଇ ହୋଇ ମୁକ୍ତ ହୃଦୟର ସୂଚନା । ସ୍ୱାର୍ଥ ଜାଲ ଭିତରେ ବୃଦ୍ଧି ହୋଇ, କ୍ଷଣେ ହେଲେ ସେ ଅନ୍ୟ ବାହାର ଫୁଲ ଆଖି ଫେରେଇ ପାରୁ ନା ।

ସେତିକିବେଳେ ପାହାନ୍ତା ତାରା, ସକାଳର ଆସ ଦେଇ ବୋଧହୁଏ ଯାଉଥିଲା । କ୍ଳାନ୍ତ ଶରୀରଟାକୁ ମୁଁ ବିଛଣା ଉପରେ ଲମ୍ବେଇ ଦେଇଥାଏ । ମୋର ମନ ସକଳ ଉତ୍ତରର ଛୋଟ ବଡ଼ କେତେ କଥା ଢେଉ ଉଠୁଥାଏ, ସେ କଥା କଳନା କରିବା ଅସାଧ୍ୟ । କେଉଁ ମୁକ୍ତ କଣ୍ଠର ସଂଗୀତ ବହି ଆସି, ମୋର ମନକୁ ଚମକାଇ ଦେଲା । ମନେହେଲା—ସେଇ ଅଦୂର ନଦୀଶର ସଂଗୀତ ମୋ ପାଖରୁ କଣ ଦାବି କରୁଛି । ଥଇଥି [illegible] ମୁଁ ମଧ୍ୟ ସଂଗୀତ ଅଡ଼କୁ [illegible] । କେଉଁ ଅଜଣା ଶକ୍ତିର [illegible] ଶିଶୁ ବାଳକ, ବାଳିକା ଠାରୁ ଆରମ୍ଭ କରି ଷାଠିଏ ବରଷ ବୁଢା ପର୍ଯ୍ୟନ୍ତ ମୁକୁଳା ବଟଗଛଟାକୁ ଛାଡ଼ି ଦେଇଥାନ୍ତି, ବଟଗଛର ସ୍ୱନ ଯେ କେଉଁଠି ଦୂର ଯାଉଥିଲା; କାହା ପଦ ଛୁଇଁ ଗୁଲ ଆସୁଥିଲା, ସେ କଥା ମୁଁ ଏଇ ଅକ୍ଷରପଂକ୍ତି ହୃଦୟକୁ ପଶେଇ ପାରୁ ନ ଥିଲି । ମୋର ମନ ସେଇ ଅଜଣା ଶକ୍ତି ଅଡ଼କୁ ବିଚାରଣ କରି ଭିତରେ କି ଧନ ପାଇଥିଲା ସେ କଥା ମୁଁ ଭାଷାରେ ପ୍ରକାଶ କରି ପାରୁ ନ । ସଂଗୀତର ସମ୍ପ୍ରେରେ ମନ ଯେପରି ଗୋଟିଏ ଅମୂଲ୍ୟ ରତ୍ନ ହରେଇ ବସିଲା ।

•

ବସାକୁ ଫେରି ଆସି ଦେଖେ ତ ସିନ୍ଦୂରୀ ଆକାଶଟା ପୃଥିବୀ ଅଡ଼କୁ ମାଡ଼ି ଆସୁଛି । ମନ୍ଦିର ଆରମ୍ଭ ହେବାପାଇଁ ଆଉ ଅଳପ ସମୟ ତର ତରରେ, ଶରୀରଟାକୁ ଧୋଇ ଦେଇ, ଚାଲିଲି ସେଇ ମନ୍ଦିର ମନ୍ଦିର ଅଡ଼କୁ । ପହଞ୍ଚି ପାହାଚରେ ପାଦ ଦେବାଉଣୁ, ସଂଗୀତ ଛୁଟି ଆସିଲା । ସଂଗୀତ ସ୍ରୋତ କପଟ ମନଟିକୁ କେଉଁ ଅଡ଼େ ବୋହି ନେଇଥିଲା ଭାବି ପାରୁନା । ସେତେବେଳେ ମୁଁ ନିଜକୁ ଭୁଲିଯାଇ, କେଉଁ ମୁକ୍ତ ଆକାଶରେ ଉଡ଼ୁଥିଲି । ସଂଗୀତ ମୋର ଉପରେ କହି ଗଲା ଯାଉଥିଲା— "ଆମାର ଜୀବନେ ତବ ସେବା ତାଇ ବେଦନାର ଉପହାରେ" । କବି ମନ—ବଟବୃକ୍ଷରେ ଯେଉଁ ଫୁଲ ଗୋଟିକ ଫୁଟାଇଥିଲେ, ସେଇ ଫୁଲଟି ଯେପରି ମୋ ଆଖି ଆଗରେ ନାଚୁଥିଲା । ଦୀପ, ଧୂପ, ଫୁଲର ମହକରେ ମନ ମଧ୍ୟ ମହକି ଉଠୁଥିଲା । ଯେଉଁଆଡ଼େ ଚାହିଁଲେ ଆନନ୍ଦ ବାୟୁ ବରଷୁଥିଲା । ମସ ଆନନ୍ଦ ବାଇରେ ମନ୍ଦିର ବୋଧହୁଏ ଧସୁଥିଲା । ମହର୍ଷି ମହାଶୟଙ୍କ ମନ୍ତ୍ର ଉଚ୍ଚାରଣ, ମନରେ ଭକ୍ତି ରକମ ଆବେଗ ଦେଉଥିଲା । ମନ୍ତ୍ର ପଠର

Digitized by srujanika@gmail.com

ନିଃଶବ୍ଦତାରେ ସଙ୍ଗୀତର ଝଙ୍କାର, ନଜର ଶିଶୁଟିକୁ ଜାଗଲଦେଇ ବୋଧହୁଏ ତାହାରି ପାଦ ଦୁଇଟିକୁ ଖୋଲ ଦୁଲୁଥିବ ।

ବୃକ୍ଷରୋପଣ କଣ ଶାନ୍ତିନିକେତନର ପରବ ? ଏ ପ୍ରଶ୍ନ ଅନେକଙ୍କ ମନରେ ଜାଗିବା ସ୍ୱାଭାବିକ ! ତେଣୁ ବୃକ୍ଷରୋପଣ କଣ କାହିଁକି ହୁଏ, ଏ ବିଷୟରେ ଦି ପଦ ଲେଖିବା ସୁନ୍ଦର ହେବ । ଶାନ୍ତିନିକେତନର ସାଧାରଣ ଜୀବନକୁ ଟିକିଏ ଭଲକରି ଆଖି ପକେଇଲେ, ଏ ପ୍ରଶ୍ନର ଅନେକଟା ସମାଧାନ ହୋଇଯିବ । ଏଠାକାର ଛାତ୍ରମାନେ ଆମପରିକା ଗୃହଚାରିଦିଆ ଘରେ ବାନ୍ଧି ହୋଇ ରହନ୍ତି ନାହିଁ । ଏମାନେ ସକାଳେ, ସୁନ୍ଦର ନୀଳ ଆକାଶ ତଳେ ଏବଂ ଶାଳ ଗଛ ଛାଇର ମୁକ୍ତ ପବନ ଭିତରେ ନୂତନ ପ୍ରାଣ ଟିକୁ ଗଢନ୍ତି । ତେଣୁ ରବୀନ୍ଦ୍ରନାଥ କହିଛନ୍ତି---the nest is Smple, it, has an easy relationship with the sky, the cage is complex and costly, it is too much itself, excommunicating what even lies out silde".

ଛୋଟ ଶିଶୁ ଗଛ ତଳେ ପଢେ, ପ୍ରଥମ କିରଣ ଉପଭୋଗ କରେ ଏବଂ ପ୍ରକୃତି ସହିତ ନିଜର ମୁକ୍ତ ହୃଦୟର ଆଦାନ ପ୍ରଦାନ କରେ । ବସନ୍ତର ମଳୟ ପବନ ଅନୁଭବ କରେ, ଝଡ ପଡର ତା ମୁକ୍ତ ନୟନରେ ପଡେ ଏବଂ ପ୍ରକୃତିର କର୍ଣ୍ଣିକା ଉପର ଦେଖି ସେ ହସେ, ନାଚେ । ଗଛ ଜୀବନର ଗୋଟିଏ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ସକଳ ଅଂଗର ପରିପୂର୍ଣ୍ଣତା ପାଇଁ 'ବୃକ୍ଷ ରୋପଣ' ଗୋଟିଏ ପରବ । ମରୁଭୂମିର ଲତା ଗୋଟିଏ ଋତୁରେ ନାଦ୍ୟ ନେଇ, ଆଉ ନବ୍ଭୁମାନ ଯେମିତି ସଜାଡି ରଖେ, ଶାନ୍ତିନିକେତନ ଠିକ ସେମିତି ତା ଭବିଷ୍ୟତ ପାଇଁ ଏହି ବୃକ୍ଷ ରୋପଣ ସଙ୍ଗେ ତିଆରି ହୋଇଛନ୍ତେ । ଅମଥିତେ ନିଦାନ ଉତ୍ସବ, ଦଶହରାବଦ ଯେପରି ଗୋଟିଏ ଗୋଟିଏ ପରବ । ଶାନ୍ତିନିକେତନ ଜୀବନରେ ବୃକ୍ଷରୋପଣ ଠିକ ସେମିତି ଗୋଟିଏ । କେବଳ ଉଦ୍ଦେଶ୍ୟ ଓ ଧରଣରେ ପ୍ରଭେଦ ।

ବୃକ୍ଷ-ରୋପଣ କାହାରି ଅଗରୁ ମନନ ହୋଇ-ଥାଏ । ପ୍ରତି ବର୍ଷ ଚାରିଗୋଟି ଏ ଜାଗାରେ ନ ହୋଇ ଭିନ୍ନ ଭିନ୍ନ ବର୍ଷରେ ବିଭିନ୍ନ ସ୍ଥଳରେ ହୁଏ । ମନୋନୀତ ସ୍ଥଳଟି ଅତି ସୁନ୍ଦର ଭାବେ ସଜାଡ଼ା । ଅନୁକୂଳ ଗଛଟି ଯେଉଁଠି ଦେଖା ହେବ, ତା'ର ଚାରିଆଡ଼େ ବେଦୀ ଆଉ ଅନେକ ଚିତ୍ରା ଅଙ୍କା ହୋଇଛି । ଯେଉଁ ଗାଛକୁ ରୋପିବ ଛୋଟ, ଛୋଟ ଅଗରୁ ଗୁଡ଼ିଏ ଗାଛ; ସେଇ ଗଛ ଗୋଟା ମାଳସରେ ଗାଛ ଗୁଡ଼ିକର ଗୁରୁତ୍ୱ ଶିଳ୍ପୀ ତାଙ୍କୁ ନୂଆ ଜୀବନ ଦେଇ, ନିଜରଭିତରଥାକୁ ଫୁଟେଇ ଏକ ଅପୂର୍ବ ସୌନ୍ଦର୍ଯ୍ୟ ସୃଷ୍ଟି କରନ୍ତି । ନିଜର ଉପରେଇଲ ମାନେ ମନ ସେଇ ସରଳ ସୁନ୍ଦର ଚିତ୍ରା ଭିତରେ ଲାଗି ରହିଯାଏ । ଏ ଅନୁଭବ, ଲେଖାରେ ତାକୁ ପ୍ରକାଶ କରିବା ସହଜ ନୁହେଁ । ଚିତ୍ରା ସବୁକୁ ନିରେଖିଲେ ମାନେ ଦର୍ଶକର ମନ ଆମ ଦେଶର କୁଡ଼ିଆ ଆଡ଼କୁ ଦଉଡ଼ି ଯାଏ । ସେଇ କୁଡ଼ିଆ ଭିତରେ ଥିବା ସରଳ, ଭକ୍ତିପୂର୍ଣ୍ଣ ଚିତ୍ରା, ମୁରୁଜ ଭିତରେ ମନ୍ତ୍ର ବହିଯାଏ । ସେଇ ଚିତ୍ରା ମୁରୁଜକୁ କ'ଣ କଳା ଭିତରେ ସ୍ଥାନ ଦିଆଯାଇ ନ ପାରେ ! ତା'ର ଭିତରେ କ'ଣ ମନର ନିବେଦନ ଓ ଆନନ୍ଦ ନାହିଁ ! ପଣ୍ଡିତ ଯେଉଁ ଦିନଠୁ ଶସ୍ତା ଜୀବନ ଉପରେ ଯିବାକୁ ଲାଗିଲେଣି, ସେଇ ଦିନଠୁ ଏଇ ଆଦର କମ୍ପି ପ୍ରତି ହୋଇ ଆସିଛି । ସମସ୍ତ ଗାଛ ଗୁଡ଼ିକୁ ଚେଟି ଗୋଟିଏ ବୃତ୍ତ ଶ୍ରେଣୀ ହୋଇ ଥାଏ । ଏହି ବୃତ୍ତ ଭିତରେହିଁ ଚିତ୍ରା, ମୁରୁଜର ସ୍ଥାନ ।

ବୃତ୍ତର ବାହାରେ ଗୋଟିଏ ଦିଗରେ ଅଗ୍ରଣୀ ମହାଶୟଙ୍କ ଆସନ, ଅନ୍ୟ ଦିଗରେ ଉପସ୍ଥିତ ପାଞ୍ଚ ଭୂତମାନଙ୍କର ଆସନ । ଭୂତମାନଙ୍କର ଆସନ ଠିକ ଭୂମି, ଅନ୍ୟକ ଅଗ୍ରଣୀ ମହାଶୟଙ୍କ ଆସନ ଥିବା ।

Digitized by srujanika@gmail.com

ଅଗ୍ନି ଜଣ ଭୂତଙ୍କ ନାମ ଦେଉଛୁ କ୍ଷିତ୍ର, ଅପ୍ ମରୁ, ତେଜ, ବ୍ୟୋମ । ଭୂତମାନଙ୍କ କେବଳ ଗୋଟିଏ ଆସନ । ଛୋଟ ଛୋଟ ପୁଅମାନଙ୍କ ଭୂତ ରୂପରେ ସଜା ହୋଇ ଥାଏ । ସଜ୍ଜିତ ଭୂତମାନେ ପ୍ରକୃତ ଭୂତ ନ ହୋଇ ଥିଲେ ମୁଦ୍ଧା ମନରେ ସେମାନେ ଏକ ପ୍ରକାର ଧାରଣା ଜନ୍ମାଉ ଥାନ୍ତି, ଆସନ ଗୋଟିକ ଅତି ସୁନ୍ଦର ଭାବେ ସୁସଜ୍ଜିତ । ଅନ୍ୟ ପଟେ ଆଗ୍ନେୟଙ୍କ ଆସନ, ତାରି ପାଖରେ ରଥୀନ୍ଦ୍ରନାଥଙ୍କ ସ୍ତ୍ରୀଙ୍କ ଆସନ । ରଥୀନ୍ଦ୍ରନାଥଙ୍କ ସ୍ତ୍ରୀ ସେ ବର୍ଷ ଥିଲେ ପ୍ରଧାନ ଅତିଥି । ସେ ଥିଲେ--ବୃକ୍ଷର ଶୁଭଦାୟିନୀ ସେ । ପ୍ରତ୍ୟେକ ବର୍ଷ ଯେ ସେହି ଜଣେ ଅତିଥି ଆସନ୍ତି--ଏକଥା ମନେକରିବା ଭୁଲ । ଏ ତ ଗଳ୍ପ ଗୋଟିଏ ଅତୀତର ଇତିହାସ । ଆଉ ଗୋଟିଏ ଆଉ ରହିବ । ତାର ମଧ୍ୟ କିଛି କିଛି କାହାଣୀ ଅଛି । ଆମ ଆଡେ ଯେମିତି ବରଯାତ୍ରା ଦେଖିବାକୁ ମିଳେ । ଏଠି ମଧ୍ୟ ଠିକ୍, ସେମିତି ଅନ୍ୟ ଦିଗରୁ ବରଯାତ୍ରୀ ପରି ଆସନ୍ତି ।



ଅନ୍ୟ ଦିଗରେ ନାନା ଫୁଲ, ପତ୍ର ଆଉ ଅନ୍ୟାନ୍ୟ ଅନେକ ରୁଚି ପୂର୍ଣ୍ଣ ଜିନିଷମାନ ନେଇ ଦୋଳିଟି ଗୋଟିଏ ସଜା ହୋଇଥାଏ । ଆମ ଆଡେ ବର ଯେମିତି ଗୋଟିଏ ଦୋଳାରେ ଆସେ, ଠିକ୍ ସେମିତି ସେଠିଏ ଦୋଳିକି ଦେଖିଲେ ଅନୁଭବ ହେବ ନାହିଁ । ତେବେ ତାଙ୍କର ଭିତରେ ଗୋଟିଏ ବୃହତ୍ ପ୍ରଭେଦ ଦେଖାଯାଏ । ଆମ ଆଡ ଦୋଳା ଭିତରେ ବର ମୁକୁଟ ପିନ୍ଧି ବସେ କିନ୍ତୁ ଏଠି ଗୋଟିଏ ଛୋଟ ବୃକ୍ଷ ଫଳ, ପୁଷ୍ପ ସହିତ ଦୋଳିର ... ସ୍ଥାନ ପାନ୍ତି । ବରଯାତ୍ରୀ ଦୋଳା ଯେମିତି ଚାରିଜଣ ଲୋକଙ୍କ ଦ୍ୱାରା ଲକ୍ଷ ସ୍ଥଳକୁ ନିଆହୁଏ ! ଏଠି ଠିକ୍ ସେମିତି ଚାରିଜଣ ପୁଅଙ୍କ ଦ୍ୱାରା ଦୋଳଟି ବୃକ୍ଷରୋପଣ ହେଉଥିବା ସ୍ଥଳକୁ ନିଆ ହୁଏ । ପୁଅ ଚାରିଜଣ ଯାକ ଗୋଟିଏ ଢଙ୍ଗର ବେଶ ହୋଇଥାନ୍ତି । ମୁଣ୍ଡରେ ପଗଡ଼ି, ଦେହରେ ଲୁଗା ଆଉ ଅନ୍ୟାନ୍ୟ ଜିନିଷ । ଦୋଳିକର ଆଗରେ ଦୁଇଜଣ ହିଁଥ କବୁଅଳ ହୋଇ ଯାଉଥାନ୍ତି । ସେଇ ଦୃଶ୍ୟ ଭାଷାରେ ପ୍ରକାଶିବ ସହଜ ନୁହେଁ । ଦୋଳିକି ଆଗରେ ଫୁଲ, ଚନ୍ଦନ ପାଣି ଦିଆହୋଇ ଦୋଳକଟି ଅଗ୍ରସର ହେଉଥାଏ ।

Digitized by srujanika@gmail.com



ଦୋଲକର ଆଗରେ ଝିଅମାନଙ୍କ ଶୋଭା ଯାତ୍ରା । ପ୍ରତ୍ୟେକ ଝିଅ ନିଜ ଇଚ୍ଛାନୁଯାୟୀ ଗୋଟିଏ ଲେଖାଏଁ ବେଶରେ ଭୂଷିତ ହୋଇଥାନ୍ତି । କାହା ମଥାରେ ଫୁଲର ମାଳ, କାହା ଗଳାରେ ଜୁଇ ଫୁଲର ହାର, କାହା ବେଣୀ ଶିଉଳି କୁସୁମରେ ଭରା । ସମସ୍ତଙ୍କ ଦେହରେ ବାସନ୍ତୀ ରଙ୍ଗର ଗୋଟିଏ ପ୍ରକାରର ଲୁଗା । ହଳଦି ବସନ୍ତ ହଳଦିଆ ବେଶ ଧରି; ଶାଖା---ପ୍ରଶାଖାରେ ଖେଳି ଦୁନିଆକୁ ଯେମିତି ନବତ୍ୱର ଆଭାସ ଦିଏ; ବାସନ୍ତୀବେଶୀ ଝିଅମାନେ ମନରେ ଠିକ୍ ସେମିତି ଗୋଟିଏ ନୂତନତ୍ୱର ଆଭାସ ଦେଇଥିଲେ । ଘଣ୍ଟା ପଡ଼ିବାପରେ, ସମସ୍ତ ଝିଅମାନେ ସଜେଇ ସିଧା ଗୋଟିଏ ଧାଡ଼ିରେ ଛିଡ଼ା ହୋଇଗଲେ । ଝିଅମାନଙ୍କ ଶୋଭାଯାତ୍ରାଟି ଦୁ' ଭାଗରେ ବିଭକ୍ତ । ଦୁଇଯାତ୍ରାର ମଝିରେ ଦୋଲକର ସ୍ଥାନ । ହଠାତ୍ ନାଚ ଆରମ୍ଭ ହୋଇ, କ୍ଳାନ୍ତ ପ୍ରାଣ ମନରେ ଯେଉଁ ଆନନ୍ଦ ଦେଇଥିଲା ତାହା ନ ଯାଏ । ସମୟ ସମୟରେ ଶଙ୍ଖର ଗମ୍ଭୀର ଧ୍ୱନି ,ମନକୁ ଚମକେଇ ଦେଉଥାଏ । ଶଙ୍ଖ ପରେ ଧନର ବେହେଲା, ସେତାର ଏସ୍ରାଜ ଆଦିର ମଧୁର ଝଙ୍କାର । ତା'ରି ତାଳରେ ମୃଦଙ୍ଗର ତାଳି, ମାନ । ସବା ଶେଷରେ ସଙ୍ଗୀତର ଦଳ । ସଙ୍ଗୀତର ସ୍ୱରରେ ମୃଦଙ୍ଗ, ସେତାର

ଅଡ ବାଜି ଉଠୁଥାଏ । ସେଇ ବାଦ୍ୟର ତାଳରେ ଝିଅମାନେ ନାଚୁଥାନ୍ତି । ସେଇ ଯାତ୍ରାରି ଅପ[illegible] ସୌନ୍ଦର୍ଯ୍ୟ ଓ ସଙ୍ଗୀତର ଗାମ୍ଭୀର୍ଯ୍ୟ ସମସ୍ତଙ୍କ ମନରେ ଆନନ୍ଦ ରସ ସିଞ୍ଚନ କରୁଥିଲା । କାହାର ମୁହଁରେ ବିଷାଦର ରେଖା ନାହିଁ । ଜହ୍ନ ବୃନ୍ତରେ କର୍ଣ୍ଣ[illegible] ଯେମିତି ନାଚେ, ସମସ୍ତଙ୍କ ମନରେ ସେଇ ନାଚ ଲୁଚି ରହିଥିଲା ।

ଶୋଭାଯାତ୍ରାଟି ଯାଇ ନିର୍ଦ୍ଦିଷ୍ଟ ସ୍ଥଳରେ ପହଞ୍ଚିଲା । ଝିଅମାନେ ବୃତ୍ତ ମଧ୍ୟରେ ନାଚୁଥାନ୍ତି



ଅଳ୍ପ ସମୟ ନ ଯାଉଣୁ ନାଚ ଶେଷ ହେଲା । ପୁଅ ଝିଅମାନେ ସମସ୍ତେ ଗୋଟିଏ ଜାଗାରେ ବ[illegible] ପଡ଼ିଲେ । ପ୍ରଥମେ ପୁଅ, ଝିଅ ସମସ୍ତେ [illegible] ଆହ୍ୱାନ ସଙ୍ଗୀତ ବୋଲିଲେ । ସଙ୍ଗୀତ ଏଠିକାର ଗୋଟିଏ ବୈଶିଷ୍ଟ୍ୟ । ସଙ୍ଗୀତ ପରେ ଅଧ୍ୟ[illegible] ମହାଶୟ, ଗୋଟିଏ ଋତୁର ନାମ ଡାକୁଲେ ଯେତେବେଳେ ନେଇ ଭୂ[illegible] ନାମ ଅଟେ ସେତେବେଳେ ସେ [illegible] ଝିଅ ଅବା ପୁଅ ଆସି ଭୂ[illegible] ମଝିରେ ଦୁ[illegible] ବୋଲି ଗଲି ଯାଉନ୍ତି । ପ୍ରଥମ ଅଧ୍ୟାୟ ନାମ ଡା[illegible] ହେଲା । ଅଧ୍ ଛିଡ଼ା ହେଲା, ତାର ନାମର ଧ[illegible]

Digitized by srujanika@gmail.com

କଥା ବୋଲି ହେଲା । ପରେ ଶେଷରେ ସମସ୍ତ ଭୃତ୍ୟ ନିଜ ନିଜର ଶକ୍ତି ଅନୁଯାୟୀ ନୂତନ ଗଛ ଗୁଡ଼ିକୁ ଶୁଭାଶିଷ ଓ ଶକ୍ତି ଦାନ କଲେ । ତାପରେ ଆଚାର୍ଯ୍ୟ ମହାଶୟ--ଶ୍ଳୋକ ପଢ଼ି, ସମସ୍ତ ଜିନିଷ ଟିକୁ ସରଳ ଭାଷାରେ ବୁଝାଇ ଦେଲେ ଆଗପରି ପରେ ଗୀତ ଆରମ୍ଭ ହେଲା । ସବା ଶେଷରେ ଆଚାର୍ଯ୍ୟ ମହାଶୟ ଓ ରଥୀନ୍ଦ୍ରନାଥଙ୍କ ସ୍ତ୍ରୀ ଆସନ ଛାଡ଼ି ଗୀତ ପାଖକୁ ଆସିଲେ । ଦୋଳିକ ଭିତରୁ ଗୋଟିଏ ଲେଖାଏଁ ବୃକ୍ଷ ଆଣା ହୋଇ, ପ୍ରତ୍ୟେକ ଗାତ ପାଖରେ ରଖା ହେଉଥାଏ । ତାର ପରେ ରଥୀନ୍ଦ୍ରନାଥଙ୍କ ସ୍ତ୍ରୀ ପ୍ରତ୍ୟେକ ଗାତ ଭିତରେ ଟିକିଏ ଲେଖାଏଁ ପାଣି ଦେଉଥିଲେ । ତାର ଅର୍ଥ ବୋଧହୁଏ- ସେ ଗଛ ଗୁଡ଼ିକୁ ନିଜେ ନିଜେ ଅଭିଷେକ କରାଉଥିଲେ । ଏପରି ପାଞ୍ଚଟି ନୂଆ ବୃକ୍ଷ-- ରୋପଣ ଶେଷ ହେଲା ।

କବି ତା ଅନ୍ତର ଖଇଜରେ ପ୍ରତିଦିନ ନୂଆଁ ନୂଆଁ ଛବି ଗଢ଼େ । ପ୍ରତି ସକାଳେ ନୂଆଁ ପ୍ରକୃତି ତା ଆଗରେ ନାଚି ଉଠେ । ଗୋଟିଏ ନୂତନ ଦିନକୁ କବି ନୂଆଁ ବରଷ ବୋଲି ମନେ କରେ, ପ୍ରତ୍ୟେକ ଦିନ ଚାଲିଗଲା ତାରି ଆଗରେ ନୂଆ ହୋଇ ଛାଡ଼ି । ଆଜି ଫୁଲ ଫୁଟି ଝଡ଼ିଗଲା କାଲି ପତର ଝଡ଼ି ନୂଆ ପତର କଅଁଳିଲା । ଏହି ହରେକ ନୂତନତ୍ୱ ମଧ୍ୟରେ, କବି ଦେଖେ ଦୁଇଟି ପାଦ--ଛୁଇଁବାକୁ ଚେଷ୍ଟା କରେ ବ୍ୟର୍ଥ ମନରେ ଫେରେ । ସେଇ ବ୍ୟର୍ଥତା ଫଳରେ କବି ଅନ୍ତର ଗାଇଉଠେ:—

"ଦୟା ଦିଏ ହବେ ଗୋ ମୋର ଜୀବନ ଧୂତେ,
ନଇଲେ କି ଆର ପାରବ ତୋମାର ଚରଣ ଛୁଁତେ"

ନୂତନତା ଭିତରେ ସରଳ ସୌନ୍ଦର୍ଯ୍ୟଟିକୁ ଦେଖେଇବା ପାଇଁ ରବୀନ୍ଦ୍ରନାଥ ଅନେକ ଦୂର ଯାଇ ଛନ୍ତି । ସରଳ, ଓ ପୂର୍ଣ୍ଣ ବାତାବରଣ ଭିତରେ ରବୀନ୍ଦ୍ରନାଥ ଦେଖେଇଛନ୍ତି ଗୋଟିଏ ସଜପୁଷ୍ଟ ଜୀବନ ଯେ ହେଉଛି ତାଙ୍କର ଗୋଟିଏ ବଡ଼ ଦାନ । ଆଜି ଶାନ୍ତିନିକେତନରେ ପରିବର୍ତ୍ତିତ ଶିକ୍ଷା ଚାଲିଛି । ପରିବର୍ତ୍ତନ ବାରି ଦରଖିଲେ, ସେ କାହାକୁ ବାଦ ଦେଇ ଯାଏ ନାହିଁ । ଦୁନିଆ ଭିନ୍ନ ଆକାର ଧାରଣ କରିପାରେ ହେଲେ ବି - ରବୀନ୍ଦ୍ରନାଥଙ୍କ ଦୀପ ଶିଖାଟି କେବେ ମଣିଷ ବୁକୁରୁ ଲିଭିଯାଇ ନ ପାରେ । ନିରାଶା ଭିତରେ ଆଶାର ଆଭାସ - ଅନ୍ଧାର ଭିତରେ ଆଲୁଅ ରେଖା ମଣିଷ ଅନ୍ତରରେ ଚିରଦିନ ଜାଗିରହିଥିବ ।

## ଓଡ଼ିଶୀ କଳା

ଲେଖକ — ଶ୍ରୀ ଚନ୍ଦ୍ର ନାରାୟଣ ଘଟୁଆର

ଉତ୍କଳ କଳାବିତ୍ ନାମରେ ରୂପାନ୍ତର ହିସାବରେ, ଓଡ଼ିଶୀ କଳାର ଉଦ୍ୟମ ବଜାଇ ଅଛନ୍ତି । କଳା କଣ ? — ଏ ବିଷୟ କେବଳ ଆର୍ଯ୍ୟ ପଣ୍ଡିତମାନେ ନୁହନ୍ତି ପାଶ୍ଚାତ୍ୟ ମନୀଷିମାନେ ମଧ୍ୟ ଶେଷ ସିଦ୍ଧାନ୍ତରେ ଏବେ ବି ଉପନୀତ ହୋଇ ପାରି ନାହାନ୍ତି । ଜୀବନରେ ସତ୍ୟ ଏବଂ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତିକୁ କେତେକ କଳା ବୋଲି କହୁ ଥାନ୍ତି ବାସ୍ତବ ଦୃଷ୍ଟିରୁ କଳାର ରୂପ ଯାହା ହେଉ ନା କାହିଁ କି ଏହାର ଆତ୍ମପ୍ରକାଶରେ ହିଁ ଆନନ୍ଦର ସତ୍ତା ନିହିତ ଅଛି । ସେଥିପାଇଁ କେହି କେହି arts for art's sake କହୁଥାନ୍ତି । ତେବେ ଏହାର ପ୍ରାଥମିକ ଲକ୍ଷ୍ୟ ହିସାବରେ ସତ୍ୟ ଏବଂ ଆନନ୍ଦର

Digitized by srujanika@gmail.com

ପ୍ରତୀକ ବୋଲି ସ୍ୱୀକାର କରିବାକୁ ହୁଏ ।

ଏହାର ପ୍ରଧାନ ଉପାଦାନ ହେଉ ସାହିତ୍ୟ, ଚିତ୍ର, ନୃତ୍ୟ, ସଙ୍ଗୀତ ଆଦିର ସୃଷ୍ଟି ବାସ୍ତବତାକୁ ମୂଳଭିତ୍ତି କରି ଆତ୍ମପ୍ରକାଶର ପ୍ରେରଣାରେ ବିଭୋର ହୋଇ ହୃଦୟର ସ୍ୱତଃ ଉତ୍ସୃତ ଭାବରାଶିକୁ କେଉଁଠି ନୀରସ ଶୁଷ୍କ ପାଷାଣର ପ୍ରତିମା ଭିତରେ କେଉଁଠି ଶିଳ୍ପୀର କମନୀୟ ତୂଳିକା ତଳେ, କେଉଁଠି ବା ଲେଖନୀର ସାଧନା ଭିତରେ ମାନବରୂପ ଦେବାକୁ ଯୁଗ ଯୁଗ ଧରି ପ୍ରବଳ ଉଦ୍ୟମ କରି ଆସିଛି । ଏବଂ ଏହା ଯେ କେବଳ ଆମୋଦ ଦୃଷ୍ଟିରୁ ତା ସମ୍ପୂର୍ଣ୍ଣ ଯେ ମାନିବାକୁ ହେବ ନାହିଁ ।

ଗଳ୍ପକାରି କଥା ରଚନା କରେ ନିଜର ଆତ୍ମ-ପ୍ରକାଶକୁ ରୂପ ଦେବାପାଇଁ । ତା ସହିତ ପାଠକର ଅନ୍ତର ସହିତ ଏହାର ଗୋଟିଏ ସୂକ୍ଷ୍ମ ସମ୍ବନ୍ଧ ରଖିବାକୁ ସେ ସର୍ବଦା ତତ୍ପର ହୁଏ । ସେହିପରି କଳାବିତର ହୃଦୟ କନ୍ଦରରେ ଥିବା ଲୁକ୍କାୟିତ ଉଦ୍ଦେଶ୍ୟ ଓ ଶିକ୍ଷାକୁ କଳାର ଅନ୍ୟତମ ଲକ୍ଷ୍ୟ ବୋଲି ପ୍ରମାଣିତ କରାଇ ଦେଇ ଥାଏ ।

ଉପର୍ଯ୍ୟୁକ୍ତ ଦୃଷ୍ଟିକୋଣରୁ ଓଡ଼ିଶୀ କଳାର ସମ୍ୟକ ଆଲୋଚନା କରାଯାଉ । ଲକ୍ଷ୍ୟ ଏବଂ ଶିକ୍ଷା ପ୍ରତି ଦୃକ୍‌ପାତ କରିବା ପୂର୍ବରୁ ପ୍ରତ୍ୟେକଙ୍କ ମନରେ ପ୍ରଶ୍ନ ଉଠିବ ଯେ ଓଡ଼ିଶୀ କଳା କେଉଁ କେଉଁ ବସ୍ତୁରେ ସୀମାବଦ୍ଧ ।

ଓଡ଼ିଆ ସାହିତ୍ୟର ଇତିହାସ ଅଦ୍ୟାବଧି ଲେଖକମାନଙ୍କୁ ଆପଣାଇ ପାରିନାହିଁ । ଯେ କେହି ଏହାର ଲେଖକ ବୋଲି ପରିଗଣିତ ହୁଅନ୍ତୁ ସେମାନଙ୍କ ମଧ୍ୟରେ ତାରିଣୀ ଚରଣ ରଥଙ୍କୁ ବାଦଦେଲେ କେବଳ ଆମ ଚକ୍ଷୁ ସମ୍ମୁଖକୁ ଆସିବେ ଦୁଇଜଣ ଅଣଓଡ଼ିଆ ପ୍ରଥମ ମଣ୍ଡାର ସାହେବ ଏବଂ ଦ୍ୱିତୀୟ ବିଜୟ ଚନ୍ଦ୍ର ମଜୁମଦାର । ଏମାନଙ୍କର ଲେଖନୀ ଓଡ଼ିଆ ସାହିତ୍ୟ ସାମାନ୍ୟ କେତେ ବର୍ଷ ପୂର୍ବରୁ ଓଡ଼ିଆ ସାହିତ୍ୟର ସୂଚନା ଦେଇଛି ମାତ୍ର ପ୍ରଥମ ଯୁଗଯାକୀ ହିସାବରେ ସାରଳା, ଜଗନ୍ନାଥ ଦାସ ଆଦିଙ୍କୁ ପରିତ୍ୟାଗ କଲେ ଆମ ସାହିତ୍ୟର ଇତିହାସ ନୀରବ ।

କିନ୍ତୁ ଓଡ଼ିଶାର ପ୍ରଚଳିତ ନୃତ୍ୟ, ସଙ୍ଗୀତ ଚିତ୍ରବିଦ୍ୟାଦି ସେ ଯୁଗର କଳାକୁ ଜୀବନ୍ତ କରି ପାରିଛି । ଶିଳ୍ପକଳାର ଅଂଶ ବିଶେଷ ହିସାବରେ ଭାସ୍କର୍ଯ୍ୟ କଳା ହିଁ ଶ୍ରେଷ୍ଠ । ଓଡ଼ିଆ ତାର ଭାସ୍କର୍ଯ୍ୟର ଉତ୍କର୍ଷ ଦିନେ ସୁଦୂର ବିଦେଶରେ ବଜାଇଥିଲା ଏକଥା ପ୍ରତ୍ୟେକ ଓଡ଼ିଆ ପ୍ରାଣକୁ ଅଗୋଚରର ନୁହେଁ । ପୁରୀ, ଭୁବନେଶ୍ୱର, କୋଣାର୍କ, ମୁକ୍ତେଶ୍ୱର ଆଦି ମନ୍ଦିରର କାନ୍ଥରେ ଥିବା କଳ୍ପନାବିଳାସୀ ଓଡ଼ିଆରୂପର ମାୟାଜାଲ ବୁଣି ଦେଇଅଛି । ଉତ୍କଳୀୟ ଶିଳ୍ପୀ ତାର ହୃଦୟର ଭାବ ଉତ୍ସକୁ ଜୀବନ୍ତ କରି ଗଢ଼ିଛି ଏହି ପ୍ରସ୍ତର ଖୋଦିତ ମୂର୍ତ୍ତିରାଜିରେ । ଉତ୍କଳୀୟ ଭାସ୍କର୍ଯ୍ୟରେ ଆମେ ଦୃଶ୍ୟ ବର୍ଣ୍ଣନା ଯେତିକି ଦେଖିବାକୁ ନ ପାଉ ତା ଠାରୁ ବେଶି ପାଇଥାଉ ରୂପ ପଶୁ-ମାନବ ମୂର୍ତ୍ତିଗୁଡ଼ିକରେ । ଶିଳ୍ପୀ ତାର ଅଙ୍କିତ ଭାବରାଶିର ପ୍ରତୀକ ରୂପେ ପ୍ରସ୍ତରରେ ଯେଉଁ କଳ୍ପନା ବିଳାସ ସୃଷ୍ଟି କରିପାରିଛି ତାହା ଯୁଗ ଯୁଗ ଧରି ମାନବର ଭାବ ଉତ୍ସ ସହିତ ତାଳ ଦେଇ ଚାଲିବ । ବିକ୍ଷେପ କରି କୋଣାର୍କ ଶିଳ୍ପରେ ସର୍ବ ପରି ସେ ଗଭୀର ରହସ୍ୟମୟ ଆଦର୍ଶ ରୂପ ପାଇଛି ତାହା ପ୍ରତ୍ୟେକ ଭାବପ୍ରବଣ ମାନବ ହିଁ କୋଣାର୍କ ସମୁଦ୍ରସ୍ଥ ବାଲୁକା ରାଶି ଉପରେ ଉପବେଶନ କରି ସହଜେ ଅନୁମାନ କରି ପାରିବ । ସୃଷ୍ଟି ଚିତ୍ର ମାଟିରେ ମଧ୍ୟ ଏପରି ପରିସ୍ଫୁଟ ହେବା ଅସମ୍ଭବ ଯାହା କୋଣାର୍କର କଳାମୁଗ୍ଧ ପ୍ରସ୍ତରରେ ଖୋଦିତ କରାଯାଇଛି ।

ଭାସ୍କର୍ଯ୍ୟର ଅଂଶ ବିଶେଷ ସହିତ ପ୍ରାଚୀନ ଓଡ଼ିଶୀ ଚିତ୍ର ଆମ ଚକ୍ଷୁ ସମ୍ମୁଖକୁ ଆସିଥାଏ । ଚିତ୍ର କଳାରେ ଦୂରକୁ ଅଗ୍ରସର ନ ହୋଇ ସ୍ଥାପତ୍ୟ ମଧ୍ୟ

Digitized by srujanika@gmail.com

ମାନଙ୍କର ଯେଉଁ ପ୍ରତି ଦୃଷ୍ଟି ଆକର୍ଷଣ କଲେ ଏବେ ବି ଚାରୁ ଚିତ୍ରଙ୍କୁ ଅଙ୍କିତ ଲକ୍ଷ୍ମୀ ପୂଜାରେ, ଦକ୍ଷିଣାୟନ ସଂକ୍ରାନ୍ତିରେ, ଗୋମୟ ଲିପ୍ତ କାନ୍ଥରେ, ସ୍ୱ ଚିତ୍ରାଳୀ । ଲକ୍ଷ୍ମୀ ସହିତ, ରାଜ ପରିବାରର ଅମାର, ଶ୍ରେଷ୍ଠୀର ଧନୀଙ୍କର ଛାତ, ଦୋତାଦ ଦୃଶ୍ୟମାନ ଗୃହପାଳିତ ପଶୁ ପକ୍ଷୀ ଚିତ୍ରକଳା ସାହାଯ୍ୟରେ ବିଶେଷ କରି ଗ୍ରାମୀଣ ପର୍ବମାନଙ୍କରେ ଯାହା କୁଳାଙ୍ଗନାମାନେ ଆଙ୍କନ୍ତି ତାହା ପୃଥିବୀର ଯେ କୌଣସି ଚିତ୍ର କଳା ପ୍ରଦର୍ଶନୀରେ ସ୍ଥାନ ପାଇ ପାରନ୍ତା । ସମାଜର ଧନାଢ୍ୟ ପରିବାର ଚିତ୍ର ଏବେ ଚିତ୍ରର ଚିତ୍ରର ଦେଖିବାକୁ ମିଳିବ । କଳାକୁ ଜୀବନ ରୂପ ଦେଇଛନ୍ତି ଏହି ଗୋମୟ ଲିପ୍ତ କାନ୍ଥରେ ଚିତ୍ର ଗଢ଼ରେ ଧଳା ରଙ୍ଗର ଚିତ୍ର ଦେଇପାରିଛନ୍ତି । ଏତଦ୍‌ବ୍ୟତୀତ ଓଡ଼ିଶାର ଛବି କଳାର ଗୌରବ ସର୍ବଦା ଜାଜ୍ଜ୍ୱଲ୍ୟମାନ ହୋଇ ରହି ଆସିଅଛି ।

ନୃତ୍ୟ ସଙ୍ଗୀତ ଏକ ସୁନ୍ଦର ବସ୍ତୁ ହେଲେ ବି କଳାର ଦୁଇଟି ପୃଥକ୍ ଉପାଦାନ । ପୃଥିବୀ ପ୍ରସିଦ୍ଧ ଉଦୟ ଶଙ୍କରଙ୍କ ରାଜକୁମାର ଶୁଭେନ୍ଦୁଙ୍କ ପ୍ରତି ପ୍ରତ୍ୟେକ-ମାନଙ୍କର ଶ୍ରଦ୍ଧାଞ୍ଜଳି ସ୍ୱତଃପ୍ରବୃତ୍ତ ଭାବରେ ଅର୍ପିତ ହୋଇଥାଏ । ମୌନ ନୃତ୍ୟରେ କଳାର ବିକାଶ ପାଇଁ ଉଦୟଶଙ୍କର ପୃଥିବୀ ପ୍ରସିଦ୍ଧି ଲାଭ କରିଛନ୍ତି ମାତ୍ର । ଏ ଧରଣର ମୌନ ନୃତ୍ୟରେ ପ୍ରତ୍ୟେକ ମାନବ ଅନ୍ତରର ଗଭୀର ଭାବର ସମ୍ପର୍କକୁ ରୂପ ପାଇଥିବାର ଅନୁମାନ କରି ଅସ୍ୱୀକାର ହୁଏ ।

ସଙ୍ଗୀତ ସହିତ ତାଳ, ଲୟ, ମାନ ଦେଇ ଆମ ଦେଶର ଗ୍ରାମ ଗହଳରୁ ଆରମ୍ଭ କରି ସହରରେ ଚମକ ଆଣିଥାଏ—ଗୋଟି ପୁଅର ନାଚ । ବାଳକକୁ ନାରୀ ବେଶରେ ସଜାଇ କାହିଁବା ସେ ଦୂର ଅତୀତର କୃଷ୍ଣ ଗୋପୀର ରୂପ ଦେଇ ନୃତ୍ୟାଙ୍ଗଣରେ ଉଭା କରାଇ ଆମ ଜାତି ନୃତ୍ୟ କଳାର ଉତ୍କର୍ଷ ଉପଲବ୍ଧି କରି ଆସୁଛି । କେବଳ ସେତିକି ରେ ଏହାକୁ ସୀମାବଦ୍ଧ କରାଯାଇ ନ ପାରେ । ସଙ୍ଗୀତର ବିମୋହନ ଛନ୍ଦରାଜି-
ସହିତ ପଦର ଉତ୍ଥାନ, ପତନକୁ ମିଳାଇ ଗୀତର ଭାବରାଶିକୁ ନୃତ୍ୟ ଠାଣିରେ ବ୍ୟକ୍ତ କରି ଗୋଟି ପୁଅ ନାଚ ଆମ ଦେଶରେ କଳାକୁ ଜୀବନ୍ତ କରି ପାରିଛି ।

ନୃତ୍ୟ ଭଳି ସଙ୍ଗୀତ ବାଦନ କ୍ରିୟା ମଧ୍ୟ କଳାର ଅଂଶ ବିଶେଷ । ଓଡ଼ିଶୀ ପଖଉଜ ମୃଦଙ୍ଗ ଆଦି ଯନ୍ତ୍ର ଗ୍ରାମ ଭାଗବତ ଟୁଙ୍ଗୀ ଅଖଡ଼ା ଘରଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ସର୍ବତ୍ର ବ୍ୟବହୃତ ହୋଇ ଆସୁଅଛି । ସୀତାର, ବେହେଲା ପରି ବାଦ୍ୟ ଯନ୍ତ୍ରରେ ଯେପରି, ହାସ୍ୟ କରୁଣ ବୀଭତ୍ସାଦି ରସ ପରିସ୍ଫୁଟ ଅନୁମିତ କରି ହୁଏ ସେପରି ଏ ଗୁଡ଼ିକରେ ମଧ୍ୟ ସବୁ କିଛି ପ୍ରତୀୟମାନ ହୋଇପାରେ ।

କଳାଷ୍ଟକରେ ଶେଷତମ ହେଉଛି ସାହିତ୍ୟ । ଏହି ସାହିତ୍ୟ ଆମର ପ୍ରାଚୀନ ଯୁଗରେ କେବଳ ପଦ୍ୟ ସାହିତ୍ୟରେ ସୀମାବଦ୍ଧ ଥିବାରୁ ଗଦ୍ୟରେ କଳାର ଆଭାସ ଆମ ଚକ୍ଷୁ ସମ୍ମୁଖକୁ ଆସି ପାରିନାହିଁ । ସାହିତ୍ୟ କଳାରେ ପ୍ରଥମ କବି ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣଙ୍କ ପରି କଳାବିତ୍ ମାନଙ୍କର ଅମର ଲେଖନୀ ବହୁ କାବ୍ୟ କାବ୍ୟ ଜଗତରେ ଚମକ ଆଣି ଦେଇଛି । ଆଳଙ୍କାରିକ ରଚନାବଳୀରେ ସଙ୍ଗୀତର ମୃଦୁ ମନ୍ଦ ପ୍ରବାହ ସହିତ ସୁମଧୁର ଲଳିତ ଭାବରାଶିର ଅପୂର୍ବ ସମାବେଶ ଓଡ଼ିଆ ସାହିତ୍ୟକୁ ଅମର କରି ଗଢ଼ି ପାରିଛି ।

ଓଡ଼ିଶୀ କଳାର ରୂପ ବର୍ଣ୍ଣନା ପରେ ବିଚାର କରାଯାଉ ଏହାର ଲକ୍ଷ୍ୟ କଣ ଥିଲା ଏବଂ ତାହା ସମ୍ପୂର୍ଣ୍ଣ ସାର୍ଥକ ହୋଇ ପାରିଛି କି ନାହିଁ । କଳାର ଲକ୍ଷ୍ୟ ହିସାବରେ ଏହା ପ୍ରକାଶ୍ୟ ଯେ କଳା ଆଦର୍ଶବାଦୀ ହେବା ସହିତ ବାସ୍ତବତାକୁ ଦୃଷ୍ଟି ଦେଇ ରୂପ ଗଢ଼ିବାର ଚେଷ୍ଟା କରିଥାଏ । ସେ ହିସାବରେ ଦୃକ୍‌ପାତ କଲେ ଜଣାପଡ଼େ ଓଡ଼ିଶୀ କଳାରେ ବାସ୍ତବତା ଭିତରୁ କେଉଁଠି ବାହାରି ଯାଇ ନାହିଁ । ଭାସ୍କର୍ଯ୍ୟ କଳା ଭିତରେ ମାନବ ଶରୀରରେ ବସ୍ତ୍ର, ସିଂହ ମୂର୍ତ୍ତି ଅଥବା ଓଡ଼ିଶୀ

Digitized by srujanika@gmail.com

କଳାରେ ଦୃଶ୍ୟମାନ । ଏହା ବାସ୍ତବତା ସହିତ ସୁସଂଗତ ହୋଇ ନ ପାରିଲେ ବି କେବଳ ଆଧ୍ୟାତ୍ମିକ ଶିକ୍ଷାର ଆଶ୍ରୟ ପାଇଁ ସୃଷ୍ଟ । ଏହା ବ୍ୟତୀତ ଓଡ଼ିଶୀ କଳା କୌଣସିଠାରେ ବାସ୍ତବତାକୁ ଉପେକ୍ଷା କରି ନାହିଁ । ବାସ୍ତବ ଜୀବନ ସହିତ ସଂଶ୍ଳିଷ୍ଟ ହୋଇ ଏହା ଆନନ୍ଦ ପାଇଁ ଶ୍ରେଷ୍ଠ ଯୋଗାଇ ପାରିଛି ।

ପ୍ରାଚୀନ ଓଡ଼ିଶୀ କଳାର ଅନ୍ୟତମ ବସ୍ତୁ ନଗ୍ନତା ଭାସ୍କର୍ଯ୍ୟ କଳା ଭିତ୍ତିରେ ଅନେକ ଯୌନ ବନ୍ଧ ସମ୍ବଳିତ ମୂର୍ତ୍ତି ପରିଲକ୍ଷିତ ହୁଏ, ସାହିତ୍ୟ କ୍ଷେତ୍ରରେ ମଧ୍ୟ କାମ କଳାର ନଗ୍ନ ବର୍ଣ୍ଣନା କମ୍ ନାହିଁ । ଗୋଟିଏ ଶିଳ୍ପ ନୃତ୍ୟ ସ୍ଥଳରେ କ୍ୱଚିତ୍ ଗୁଡ଼ିଏ ବନ୍ଧରୁ ଚିତ୍ର ପ୍ରଦର୍ଶିତ କରଥାଏ । ଏସବୁ ନଗ୍ନ ଚିତ୍ରକୁ ଶିକ୍ଷା ଲକ୍ଷ୍ୟରେ ବୋଲି କହିଲେ ଉପରକ ରକ୍ଷକ ଉଦାସୀନରେ ଘୋଟିତ କଳାରି ମନେ ହୁଏ ।

ଏହି କମନୀୟ ନଗ୍ନ କଳା ପ୍ରାୟ ଓଡ଼ିଶା ଏବଂ ଉତ୍କଳ ଅଂଚଳରେ କେତେକ ପରିମାଣରେ ଦେଖିବାକୁ ମିଳେ । ଅନେକଙ୍କ ପୂର୍ବଜଙ୍କ ମତ ଅନୁସାରେ ଏହି ନଗ୍ନ ମୂର୍ତ୍ତି ଏକ ଧନାତ୍ମକ ପ୍ରତୀକ ଯାହା ଏତେ ଏତେ ବର୍ଷର ମନ୍ଦିର ଏବଂ କାରୁକାର୍ଯ୍ୟ ରାଜକୁ ବଜ୍ରପାତରୁ ରକ୍ଷାର ଲକ୍ଷ୍ୟ ପାଇଁ ସୃଷ୍ଟି କରାଯାଇଛି । ଏହିପରି ନୈତିକ ବାଦରେ ବିଶ୍ୱାସ ରଖି କଳାର ମୂଲ୍ୟ ନିରୂପଣ କରିବା ଯୁକ୍ତିଯୁକ୍ତ ଏବଂ ଯଥାର୍ଥ ନୁହେଁ । ଏତ ଖାଲି ଭାସ୍କର୍ଯ୍ୟ ସମ୍ବନ୍ଧରେ ଦାଆକୁ ବାଡ଼ି ମାର ଗୋଟିଏ ପ୍ରତିକାର । ତେବେ ଓଡ଼ିଶୀ ନଗ୍ନ କଳାର ମୂଲ୍ୟ କଣ ଦ୍ୟର୍ଥତା ଭିତରେ ସୀମାବଦ୍ଧ ହୋଇ ରହିବ ?

ତାହା ହୋଇ ପାରେ ନାହିଁ କଳାବିତ୍ ମାନେ ସ୍ୱୀକାର କରିଛନ୍ତି ଯେ ସୌନ୍ଦର୍ଯ୍ୟର ପ୍ରକୃତ ବିକାଶ ହିଁ ନଗ୍ନତାରେ । ସେଥି ପାଇଁ ପ୍ରାଚୀନ ଶିଳ୍ପୀମାନେ ସୌନ୍ଦର୍ଯ୍ୟର ପ୍ରକୃତ ଉପାସକ ହିସାବରେ ଏହି ନଗ୍ନ ନାରୀ ମୂର୍ତ୍ତି ଗଢ଼ିଛନ୍ତି । ସୌନ୍ଦର୍ଯ୍ୟର ଉପାସକମାନଙ୍କୁ

ଶିକ୍ଷା ଦୃଷ୍ଟିରୁ ଗ୍ରହଣ କରାଯାଇ ନ ପାରେ ।

ବାସ୍ତବ ଦୃଷ୍ଟିରୁ ବିଚାର କଲେ ଦେଖି ପାରିବା ଯେ ଏହା ଭିତରେ ପ୍ରଚ୍ଛନ୍ନ ଭାବରେ ସମାଜ ପ୍ରତି ଗୋଟିଏ ଆଦର୍ଶ ଶିକ୍ଷା ସୂଚନା ଦେଉଅଛି । କେତେକଙ୍କ କହିବାନୁ ଯେ ବ୍ରହ୍ମଚର୍ଯ୍ୟ ପାଇଁ ଏହା ଏକ ପ୍ରକାରାନ୍ତର ଶିକ୍ଷା । କଥାଟା ବିସ୍ମୟ ଶୁଭୁଛନ୍ତି ! କାରଣ କେତେକ ନଗ୍ନ ବନ୍ଧ ମୂର୍ତ୍ତିକୁ ପୁଣି ବ୍ରହ୍ମଚର୍ଯ୍ୟର ଶିକ୍ଷା ପାଇଁ ନିୟୋଗ ହୋଇଥିବାର ଶୁଣି ଉପହାସ କରି ପାରନ୍ତି । ତଥାପି ଏହା ଉପାସକ ଜୀବାତ୍ମାନଙ୍କ ବିରୁଦ୍ଧରେ ଅଭିଯାନ ଚଳାଇବା ପାଇଁ ଯଥେଷ୍ଟ ପ୍ରମାଣ ଯୋଗାଇଛି । ସେମାନଙ୍କ ମତରେ ରତି କିମ୍ବା ଜନନର ମାନବ ସମାଜର ସମସ୍ତ ବଳ ଏବଂ ସୃଷ୍ଟି ନିର୍ଭର କରେ । ଏହି ସମ୍ବନ୍ଧରେ ପ୍ରକୃତ ବ୍ରହ୍ମଚର୍ଯ୍ୟ ପୂର୍ବରୁ — କଳାର ଏ ଦିଗଟା ପ୍ରୟୋଗ କରି ପାରେ । ଏବଂ ଏହାର ପ୍ରୟୋଗ ଦୃଷ୍ଟିରେ କହିଲେ ଦଣ୍ଡନୀୟ ପୁଣି, ସ୍ୱଳ୍ପ, ନାନାଭୋଗ ହେବାର କଥା କେତେକ ଯୌନ ଶାସ୍ତ୍ରରେ ଉଲ୍ଲେଖ ଅଛି ! ଓଡ଼ିଶାର ଗତ ବର୍ଷର ଗଣ ଓଡ଼ିଶାର ଯୁବକ ଯେ ସର୍ବଦା ବ୍ରହ୍ମଚାରୀ ହୋଇ ନ ରହି ପାରିବେ ଏହା ସନ୍ଦେହ କରି ଏଠାରେ ଶିଳ୍ପୀମାନେ ଏହାର ସୃଷ୍ଟି କରି କଳା ମହତ୍ତ୍ୱ ବୃଦ୍ଧି କରି ପାରିଛନ୍ତି । ଏହାର ପ୍ରଲୋଭନରେ ଯୁବକ ବ୍ରହ୍ମଚର୍ଯ୍ୟ ରୂପରେ ସମାଜରେ ଦେଖାଦେଇ ନୀତିର ମଙ୍ଗଳ କରିବ ।

ଅବଶ୍ୟ କଥାଟା ଅସ୍ପଷ୍ଟ ଭାବରେ ମାନି ନେବା ଉଚିତ ହେଲେ ମଧ୍ୟ ଶିକ୍ଷା ଦିଗରୁ ବିଚାର କଲେ ମାନବ ଏହାର ମୂଳ ଉଦ୍ଦେଶ୍ୟରେ ମଧ୍ୟ ନ ହୋଇ ରହି ପାରେ ନାହିଁ । ଯାହାହେଉ ଏ କଳା ଓଡ଼ିଆ ପ୍ରାଣରେ ଶିକ୍ଷାର ପ୍ରସାର କରି ଆଦର୍ଶ ବାଦୀ କରାଇବା ସହିତ ସୌନ୍ଦର୍ଯ୍ୟର ମୂଳକ ମଧ୍ୟ ଜଗାଇ ପାରିଛି ।

ଏତ ଗଲା ଗତ ଶତାବ୍ଦୀ ଓଡ଼ିଶୀ କଳାର ନମୁନା । ଅଧୁନା ଓଡ଼ିଶୀ କଳାପେ କି ଧରଣର ନାମ ଦିଆଯାଉ । ସାହିତ୍ୟିକ କଳାର ଅଙ୍ଗ ପୁଷ୍ଟି

Digitized by srujanika@gmail.com

ଅଭିଜ୍ଞ ଚିତ୍ରକରମାନେ କଳାରେ ସେମାନେ ଉତ୍କଳର ନାମକୁ ଜୀବନ୍ତ ରଖିବା ପାଇଁ ଚେଷ୍ଟା କରୁଛନ୍ତି । ଆଧୁନିକ କବିତା ସଙ୍ଗୀତ ନୂତନ ଭାବର ସମାବେଶ ନେଇ ଭଞ୍ଜୀୟ କ୍ଲିଷ୍ଟ ଶୈଳୀଠାରୁ ପୃଥକ ହେଲେ ମଧ୍ୟ ଯଥେଷ୍ଟ ଉଚ୍ଚ ସ୍ତରକୁ ଉଠିବାକୁ ଆଶା ପାରିନି । ସାହିତ୍ୟରେ ନିଜର ଆସନ ଲୋ ପାଇବା ଚେଷ୍ଟା । କିନ୍ତୁ ସଙ୍ଗୀତର ମର୍ମସ୍ପର୍ଶୀ ଛନ୍ଦ ଝଙ୍କାରରେ ଝଙ୍କାରିତ କରିବାର ଅଭାବ ଯଥେଷ୍ଟ ହୋଇ ଉଠୁଛି । ସ୍ୱର୍ଗତଲାଭ ଦୋଷରୁ ଆଧୁନିକ ଲେଖକ ମାନେ (ବିଶେଷ ... କବିତା ଲେଖକମାନଙ୍କ କଥା ଉଲ୍ଲେଖ ଯୋଗ୍ୟ) ଛନ୍ଦ ହୀନ କବିତା ଲେଖି ... କୁ ... କରି ଦେଇଥିବାରୁ ... ଦଳର ଅଭିଯାନ ସେମାନଙ୍କ ଉପରେ ... ଭାବରେ ଚାଲିଛି ।

ସାହିତ୍ୟ ଛାଡ଼ି କଳାର ଅନ୍ୟାନ୍ୟ ବିଭାଗରେ ଓଡ଼ିଶାର ଯଥେଷ୍ଟ ହ୍ରାସ ଘଟୁଥିବାର ଜଣାପଡେ । ନୃତ୍ୟ କଳା ଓଡ଼ିଶାରୁ ଲୋପ ପାଇଲାଣି । ଆଧୁନିକ ଶିକ୍ଷିତ ସମାଜ ... ପ୍ରଥର ନାଚ ... ହୋଇ ... ପାଶ୍ଚାତ୍ୟ ଭାବଭଙ୍ଗୀରେ ନୃତ୍ୟ ସ୍ଥାନ ପାଉଛି ... ସଙ୍ଗୀତର ସ୍ୱର ଲୟ ସହିତ ତାଳ ଲୟ, ... ସୌନ୍ଦର୍ଯ୍ୟ କଳାର ସୃଷ୍ଟି ହୋଇଥିଲା ସେମାନେ ଲୋପ ପାଇ ଆସୁଛି । ପ୍ରାଚୀନ ଭାସ୍କର୍ଯ୍ୟ, ଶିଳ୍ପ ବାଦ୍ୟାଦିର ବିଲକ୍ଷଣ ଅନ୍ତର୍ଦ୍ଧାନ ହୋଇ ଆସୁଛି । ଧର୍ମ୍ମପରି ଆଉ ଓଡ଼ିଆ ପୁଅ ପଥର ସହିତ ଜୀବନର ଶ୍ରେଷ୍ଠ ସମୟ ଟିକକ ଯୁଦ୍ଧ କରି କଟାଇ ତାକୁ ତତ୍ପର ନୁହେଁ । ଯାନ୍ତ୍ରିକ ଯୁଗରେ ସମୟକୁ ଅତି ମାପରେ ବ୍ୟବହାର କରିବା ପାଇଁ ସର୍ବଦା ବ୍ୟସ୍ତ । ସେଥିପାଇଁ ମଧ୍ୟ ସମାଜର ପ୍ରେରଣା, କି ଉତ୍ସାହ ତାକୁ ମିଳେ ନା ।

କାରଣ ସ୍ୱଳ୍ପ ଏତିକି ମାତ୍ର କୁହାଯାଇ ପାରେ ଓଡ଼ିଶା ପ୍ରାଚୀନ ଉତ୍କଳର ନରପତି ମାନଙ୍କ ଶାସନ ... ଆଉ ବିଦେଶୀ ଶାସକ ହାତରେ ଥିଲା । କଳାର ଧ୍ୟାନ ସାଧନା ... ରାଜାମାନଙ୍କ ... ହୋଇଥାନ୍ତି । ରାଜାମାନଙ୍କ ... ବିଧାନରେ କୋଣାର୍କ ଯେପରି କଳା ରାଜ୍ୟରେ ଯୁଗାନ୍ତର ... ଗୌରବ ... ମୂର୍ତ୍ତି ଦେଇ ପାରିଛି - ସେହିପରି ସାହିତ୍ୟ ମଧ୍ୟ ଲାବଣ୍ୟବତୀର ... ବର୍ଣ୍ଣନା ... ପାଇଛି । ଆଜି ଆଉ ଦେଶ ପରାଧୀନ ନୁହେଁ । ପୁଣି ସେ ସ୍ୱାଧୀନ । ବର୍ତ୍ତମାନ ଦେଶର ଜାତୀୟ ସରକାର ଏହି ବିଲୁପ୍ତ କଳା କୃଷ୍ଟି ପାଇଁ ଗବେଷଣା କେନ୍ଦ୍ରମାନ ସ୍ଥାପିତ କରି କଳାବିତ୍ ମାନଙ୍କୁ ଉତ୍ସାହ ଓ ପ୍ରେରଣା ଦେଇ ପାରିଲେ ଓଡ଼ିଶୀ କଳାର ହୃତ ଗୌରବ ପୁଣି ଫେରି ଆସିବ ।

## ସୁନାଫଳ

### ୪ର୍ଥ ଅଙ୍କ ୧ମ ଦୃଶ୍ୟ

ଶ୍ରୀ କିଶୋର ଦାସ

(ପୂର୍ବ ପ୍ରକାଶିତ ପରେ)

[ ସାଗର ପୁରୀର ଗୋଟିଏ କୋଠରୀ । କୋଠରୀଟି ସୁସଜ୍ଜିତ ... ଏକ ସତରଞ୍ଜି ଉପରେ ବସିଛନ୍ତି ... ନୀଳମଣି, ଚନ୍ଦ୍ରକଳା - ... ସମୟ ସନ୍ଧ୍ୟା । ]

ଚନ୍ଦ୍ରକଳା:- ... ଲାଗି ମୁଁ ବସିଛି ଜଗି
ମୋ ପ୍ରାଣ ଜୀବନେ
(ଏହି ମୋ ସାଙ୍ଗ ଛାଡ଼ିନେ
... ନ ... ପାଶେ

Digitized by srujanika@gmail.com

ଧୀରେ ଲଗନେ ।
ଲଭେ ଆଲୋକ ଅନ୍ଧାର ଦେଖେ (ଟର)
ଗୃହଁ ମୁଁ ବସେ ଏ ନଈ ତୀରେ
'ଭୁଲୁ ମୋ ଭରି ଲୋତକ ଢାଳ'
ଆଁଖିର ସପନେ
(ଏହି ମୋ ସାରା ଜୀବନେ)
ନେଳିଆ ନଭେ ତାରକା ଫୁଲ (ଏଠ)
ଶବ୍ଦେ ଆଁଖିବ ବୋଲି
ବାସନା ଛେଦ ଅନ୍ଧାର ଭେଦ
ନେବ ସେ ମୋତେ ଟୋଳି
(ଖେଳବ ପ୍ରେମ ହୋରି)
ଗାଢ଼ ଅନ୍ଧାର ଭବେ ଘୋଟିଲି (ଟର)
ମାଟିରେ ଦେହ ଲେଟିଲି ଖଣ୍ଡେ
କେଉଁ ଯୁଗର ନିଦ୍ରା ଘୋଟଇ
ଏ ଦୁଇ ନୟନେ
(ଏହି ମୋ ସାରା ଜୀବନେ)

ଲକ୍ଷ୍ମୀ:- କାହିଁକି ଗୋ ? ତମର ମନ ଆଜି ଅର୍ଦ୍ଧୌ ଭଲ ନାହିଁ !
(ବିବେକୀ ନୀରବ ରହିଲେ)
ମୁଁ ଗାଇ ବୋଲିବାକୁ କହିଲି ବୋଲି କଣ ତମେ ଏମିତିକା ମନପୋଡ଼ା ଗୀତ ଟିଏ ଗାଇଲ ?

ବିବେକୀ:- କଂ ଗୀତ ଗାଇବ କହୁନା ନୂଆବୋଉ ! ତମର ସିନା ବର୍ତ୍ତମାନ ମିଳନ ଗୀତ !

ଲକ୍ଷ୍ମୀ:- ମୁଁ ଜାଣେ ଜାଣି ନାହିଁ, ତମ ବେଦନାଟା କାହା ପାଇଁ ? କିଏ ଗୋ ? ... ଦିନ ନାହିଁ ଗତ ନାହିଁ ତାକୁ ବୁଝାଉ ଛନ୍ତି ! ଜାଣଗୋ, ଏମିତି ପୁରୁଷ ମୁଁ କେଉଁଠି ଦେଖି ନ ଥିଲି ? ବାବା କହୁଥିଲେ, ବୁଢ଼ା ମନ୍ତ୍ରୀ କହୁଥିଲେ—ସମସ୍ତେ କହୁଥିଲେ—

ବିବେକୀ:- ଯେଉଁ କଥା ନହେବ, ସେଥିପାଇଁ ପୁଣି ଚେଷ୍ଟା କାହିଁକି ? ମହାରାଜା କାହିଁକି ମୁହଁ ହରାଇଲେ !

ଲକ୍ଷ୍ମୀ:- ଭୁଲିଗଲି ନାଁ ।

ସୁମନ:- (ସଙ୍ଗୀଙ୍କୁ ଧରି ଆସି) ଶୁଭ୍ରହଳା, ... ପେଟିରେ ମହାରାଜା ... ସମ୍ମୁଖରେ, ସମ୍ମତି ଜଣାଇଛନ୍ତି ।
(ବିବେକୀଙ୍କୁ ଦେଖି ଥମି ପଡ଼ିବା)
(ବିବେକୀ ସେ ଘରୁ ଉଠି ପଳାଇଗଲେ । ଲକ୍ଷ୍ମୀ ... ହୋଇ ପଡ଼ିଲେ ।)

ଲକ୍ଷ୍ମୀ:- ସତେ ! ଶୀଘ୍ର ସେ ଶୁଭ କାର୍ଯ୍ୟ ସାରି ଦେବନ୍ତି ! ବିବେକୀଙ୍କର ଆଉଦୌ ମନ ଭଲ ନାହିଁ ।

ସୁମନ:- ହଁ, ଆଉ ମନ କୁହୁଛ ? ... ଏଠି ... ଦେଖା ଦିନ ବି ରହିବେ ନାହିଁ । ଦିବ୍ୟ-ଦୃଷ୍ଟି ତାଙ୍କୁ ... ପଠାଇଛନ୍ତି । ସେ ... କାଳିନ୍ଦୀ-ବନ୍ଧୀ ... । ... ଙ୍କୁ ମୁଁ ଏ ... ଦେଇ ଆସିଛି ।

ଲକ୍ଷ୍ମୀ:- କାଳଜୟୀ କାହାଁନ୍ତି ? ତମେ ସବୁ ... ଜାଣିଛ

ସୁମନ:- ... ସେ କଥା ବୁଝି ନାହାଁନ୍ତି ? କାଳଜୟୀ ... ରେ । ... ସଙ୍ଗରେ ... ଦିବ୍ୟଦୃଷ୍ଟି ... ହୋଇଛନ୍ତି !

ଲକ୍ଷ୍ମୀ:- କି କଥାବାର୍ତ୍ତା ?

ସୁମନ:- ପଛରେ କହିବ ।

ଲକ୍ଷ୍ମୀ:- କାହିଁକି ଏଇ ଛକିଣିକା କହୁନା ! କି ... ଅଛି କି

ସୁମନ:- (ହସି) ନା ହୋ, ... କିଏ ଯିବ ? ତମେ ଶୁଣିଲଣି ?

ଲକ୍ଷ୍ମୀ:- କଥଣ ?

ସୁମନ:- ବାଲି ଦ୍ୱୀପରୁ ଚିଠି ଆସିଛି, ମୋତେ ... ସେଠାକୁ ଯିବାକୁ ହେବ !

ଲକ୍ଷ୍ମୀ:- କେବେ ?

ସୁମନ:- ଆଠ, ଦଶ ଦିନ ମଧ୍ୟରେ ।

ଲକ୍ଷ୍ମୀ:- (ହସ, ପୁଣି ଗମ୍ଭୀର ହୋଇ) ଘର ଲକ୍ଷ୍ମୀ ... ପଡ଼ି ନ ଥିବୁ, ଘର ଲକ୍ଷ୍ମୀ—

ସୁମନ:- (ହସି) ଆମ ... ...

Digitized by srujanika@gmail.com

ଛାଡିବେ ନାହିଁ,
ହିଁ, ସତେ ତମେ ବର୍ଣ୍ଣଜ ଭ୍ରାନ୍ତି ପଥ !
ନାହିଁକି ?
ରାଜ କନ୍ୟାଙ୍କ ହେଲ !
ମଞ୍ଜୁସୁରୀର ସାଧବ ମୁଁ — ମାଲ ବେଣା
ବୋଇତ ମେଳ ରେବ, ସାତ ସମୁଦ୍ରର
ନୀଳ ଲହଡ଼ରେ ଉପରେ ଦେଲେ ମୋ
ବୋଇତ ଉଚ୍ଚରର ନିଶାଣ ଉଡ଼ାଇ ଇଚ୍-
ଥିବ, ଫର୍ଚ୍ଚୁଥିବ ସେତେବେଳେ କି ଦୁଃଖ !
ନିଜେ ପୃଥିବୀ, ନିଜ ମୁ
ହେଉଥିବ ! ରାଜାମାନଙ୍କ ଅଳ୍ପଦୀନଙ୍କ କାମ !
(ହସି) ଏମିତ କାହିଁ କହୁଛ, ରାଜାମାନଙ୍କ
କେତେଙ୍କ ଭାଗ୍ୟରେ ଥାଏ !
ଠିକ୍ ନାହିଁ, କାରଣ ଭଗବାନ ଗୁହାନ୍ତି
ନାହିଁ ଯେ ଲୋକ କାହାକୁ ଅଲୁଧୁଆ ହୁଅନ୍ତୁ
ହଉ, ଆଜ ଘର ଆଡ଼କୁ ଯିବା ?
ମୋତେ କଥା କହିଲ ନାହିଁ ?
କଣ କହିବ ? ବାପା ଡମର ବାଳ୍ୟସଙ୍ଗ
'ଦେବ୍ୟଦ୍ରୁଷ୍ଟି'ଙ୍କ ପାଖକୁ ବାହାରିଲେଣି !
ସତେ ?
ଆଉ କଣ ମୁଁ ମିଛ କହୁଛି ?
କାହିଁକି ?
ସେ ଅନେକ କଥା ।
କନ୍ୟା କିଏ ଚଲେଇବ
ନିଶ୍ଚିନ୍ତ କଥା, ତମେତ ଜାଣ ସୁଶୀଳ ନିହାତ
ପିଲାଲୋକ । ମନ୍ତ୍ରୀ ମାନଙ୍କୁ ମୋର
ବିଶ୍ୱାସ ନାହିଁ —
ପାହିଲେ ବାପା ଯିବେ କେମିତି ?
ମୁଁ ଅଛି କିମ୍ପା ଚଳେନି !
(ଲକ୍ଷ୍ମୀ ନୀରବ ଥାନ୍ତି,
ଆପଣ ଚଳିନ ନଥିଲେ ମୋ କିଛି) ତମାର
ମନ୍ତ୍ର ବିଶ୍ୱାସ ମହାରାଜ । ବିଶ୍ୱମିତ୍ର ଦେବ୍ୟଦ୍ରୁଷ୍ଟିଙ୍କ
ପାଖକୁ ଗଲେ ଆଉ ମଞ୍ଜୁ ପୁରୀକୁ ଫେରି-
ବେ ନାହିଁ । ଦେଖିନି କାଳକେମ୍ପା କଥ

ବାହାରରେ ରହଂ କରି ଉଦାସୀନ ! ମୁଁ
ଜଣ କହିବ କଣ୍ଠ ଭବ ପାରୁ ନାହିଁ ।
ମୋତେ ଆଜ ସେହି କଥା ତମ ବାପା
ତାଙ୍କ କହିଲେ—

**ଲକ୍ଷ୍ମୀ:-** ତମେ କଣ କହିଲ ?

**ସୁମନ:-** ମୁଁ କଣ କହିବ ? ମୁଁ କହିଲ ଯେ ମୁଁ ବାଲିଦ୍ୱୀପ ଯିବି । ଠିକ୍ ଆସିଲଣି । ନୋହିଲେ କୋହିଏ କଉଣ୍ଡର ବ୍ୟବସାୟ ଲକ୍ଷ ଭଳି ଦରଅ ମାଣିବେ ମିଳେଇ ଯିବ —।

**ଲକ୍ଷ୍ମୀ:-** ଠିକ କହୁଛ ।

**ସୁମନ:-** କେବେ ମୋତେ ପୁଟିଖୁରୁରେ ଛାଡି ଦେବ କି ବାଲିଦ୍ୱୀପକୁ ?

**ଲକ୍ଷ୍ମୀ:-** (ଭାବେ) ଏମିତ ଜମ କାଏ ଯାଆନ୍ତୁ ?

**ସୁମନ:-** ତାହା ହେଲ ତମ ବାପାଙ୍କୁ ସନ୍ନ୍ୟାସୀ ହେବାକୁ ଛାଡ଼ିଦେବ ?

**ଲକ୍ଷ୍ମୀ:-** ମୁଁ କଣ କହିଲ ?

**ସୁମନ:-** ସାପ ମରିବ ନାହିଁ, ବାଡି ଭାଙ୍ଗିବ ନାହିଁ ! ତେଲ ସରିବ ନାହିଁ, ପୁଅ ମୁଣ୍ଡ ନନ୍ଦ୍ର ହେବ ନାହିଁ !

**ଲକ୍ଷ୍ମୀ:-** ବାପା ଗଲେ ଦେବ୍ୟଦ୍ରୁଷ୍ଟିଙ୍କୁ ଦେଖି ଫେରିବେ ନାହିଁକି ?

**ସୁମନ:-** ଅସମ୍ଭବ ।

**ଲକ୍ଷ୍ମୀ:-** କାହିଁକି ?

**ସୁମନ:-** ତମେ ଜାଣ ନାହିଁ । ଦେବ୍ୟଦ୍ରୁଷ୍ଟିଙ୍କ ଆଶ୍ରମକୁ ମହାଯୋଗୀ ମହାରାଜା ବିଶ୍ୱମିତ୍ର ଗଲେ ଆଜ ଫେରି ପାରିବେ ନାହିଁ ଦେଖିପାଇଁ ମଞ୍ଜୁସ୍ଥିରେ ରହିଲେଣି ପିଉଛ । ବର୍ଣ୍ଣମାନେ କେବେ କାହିଁକି ଉଚ୍ଛନ୍ନ ! ମୁଖାମ, ସୁମନ ସେମାନେ କିଛି ଜାଣନ୍ତି ନାହିଁ ସେମାନେ ମଧ୍ୟ ମହାରାଜାଙ୍କ ସଙ୍ଗେ ସିବାକୁ ଉଦ୍ୟତ ।

**ଲକ୍ଷ୍ମୀ:-** (ଭାବ) ବଲତେ କଣ କରାଯିବ ?

**ସୁମନ:-** ଏ ବିପଦରୁ ରକ୍ଷା ପାଇବା ପାଇଁ ହେଲେ ତମାତେ ଛାଡ଼ି ଦେବାକୁ ହେବ ।

**ଲକ୍ଷ୍ମୀ:-** ପଞ୍ଚ ନ ମୁଁ ବୁଝୁ ।

Digitized by srujanika@gmail.com

ସୁମନ:- କଣ କରି ଯିବ ?

ଲକ୍ଷ୍ମୀ:- ମୁଁ ନିଜେ ଯାଇ ବାବାଙ୍କୁ କହିବି ।

ସୁମନ:- ଫଳ ବିଶେଷ କିଛି ହେବ ନାହିଁ !

ଲକ୍ଷ୍ମୀ:- ତୁମେ କିମିତି ଜାଣିଲ ?

ସୁମନ:- ହଇ ମା, କୁହ; ମୁଁ କିନ୍ତୁ ସମୁଦ୍ର ଯାତ୍ରା ପାଇଁ ପ୍ରସ୍ତୁତ ହେଲି ।

ଲକ୍ଷ୍ମୀ:- ଏ କଣ କଥା ?

ସୁମନ:- (ସିତାରକୁ ଉଦ୍ଦେଶ୍ୟ କରି) ସାଗରର ତାନ ସମୁଦ୍ର ସଙ୍ଗୀତ ?

[ପ୍ରସ୍ଥାନ]

ଲକ୍ଷ୍ମୀ:- ଲକ୍ଷ୍ମୀର ?

[ପଛେ ପଛେ ଅନୁଗମନ]

## ୪ର୍ଥ ଅଙ୍କ ୨ୟ ଦୃଶ୍ୟ

[ଶାମ୍ବ ପୁରୀର ଅନ୍ୟ ଏକ ସଜ୍ଜିତ କକ୍ଷ । କାଳଜୟୀ ଓ ବିବେକୀ ଆସୀନ । ସଜ୍ଜବେଶୀ ହୋଇ ନାହିଁ । ]

କାଳଜୟୀ: (ହସି) ତୁମେ ଆଜ ବିଜୟିନୀ, ଜୟଗାନ ଗାଉ ନାହିଁ ?

ବିବେକୀ:- (ଲଜ୍ଜାରେ ତଳକୁ ଅନାଇ) ମୁଁ ବିଜୟିନୀ ହେଲେ, ବିଜେତା ତୁମେ ।

କାଳଜୟୀ: ବନ୍ଧନଟାକୁ ଯେ ମୁଁ ଘୃଣା କରେ; ତାହା ନୁହେଁ —

ବିବେକୀ:- ବିବାହଟା କଣ ବନ୍ଧନ ?

କାଳଜୟୀ:- ନୁହେଁ କଣ ?

ବିବେକୀ:- କାହାକୁ ?

କାଳଜୟୀ:- ସବୁ କାହାଁକର ଉତ୍ତର ନାହିଁ ।

ବିବେକୀ:- ତେବେ ନିରର୍ଥକ କାହିଁକି କହ କି ଲଭ ?

କାଳଜୟୀ: ମୁଁ ପରାସ୍ତ ମାନିଲି ।

ବିବେକୀ:- ଏ କଣ ତମର ବିନୟ ନା —

କାଳଜୟୀ:- ବିକ୍ଷିପ୍ତତା ।

ବିବେକୀ:- ମୁଁ ଆଉ ତେବେ କିଛି ହେବି ନାହିଁ

କାଳଜୟୀ:- ନ କୁହ ପଛକେ, ମୁଁ କିନ୍ତୁ ଅତଶୀଗ୍ର କଳ୍ପନା-ବିହାରକୁ ଯିବି, ତୁମେ ତୁମ ବାପ ଘରେ ରହିବ —

ବିବେକୀ:- (ଲଜ୍ଜାରେ ଏବଂ କୁଣ୍ଠାରେ) କାହିଁ !

କାଳଜୟୀ:- କୁହ

ବିବେକୀ:- କଣ କହୁଛ ?

କାଳଜୟୀ: ନା, ମୁଁ ପରା ଯାଉଛି, ତୁମେ ମୋ ସଙ୍ଗରେ ସହଯୋଗିଣୀ ହୋଇ ଯିବ ନା ଏହି ଶାମ୍ବପୁରୀରେ ଅବହେଳିତ ତୁଳସୀ ହୋଇ ରହିବ ?

ବିବେକୀ:- ଏ ପ୍ରଶ୍ନ କଣ ମୋତେ ଆଉ ପଚାରିବାକୁ ଥିଲା ?

କାଳଜୟୀ:- ଏ ପ୍ରଶ୍ନ ପଚାରିବାରେ ଦୋଷ କିଛି ?

ବିବେକୀ:- ଦୋଷ ହେଲ ନାହିଁ

କାଳଜୟୀ:- ତାହାହେଲେ ତୁମେ ରହିବ ଏଠି

ବିବେକୀ:- (କୃତ୍ରିମ ଅଭିମାନରେ) କଣ କହୁଛ ?

କାଳଜୟୀ:- ଶୁଣୁ ନାହଁ କି ତୁମକୁ ?

ବିବେକୀ: ମୁଁ ଶାମ୍ବପୁରୀର ସ୍ୱାଧୀନ-ହଂସୀ, ତମ ଭଳି କଳ୍ପନା କୁଞ୍ଜରେ ମୁଁ ବିଚରଣ କରୁ ନାହିଁ ଶୁଣିବି ନାହିଁ, କାହିଁକି ?

କାଳଜୟୀ: ତେବେ ମୋ ସଙ୍ଗରେ ଯିବ, ଭଲକଥା । କିନ୍ତୁ ଦୁଃଖକୁ ତୋଷରେ ବାନ୍ଧିଥାଅ ।

ବିବେକୀ:- କବିଙ୍କ ହୃଦୟରେ ବାନ୍ଧିଲା ଦିନଠୁଁ ମୋର କେବଳ ସୁଖ ।

କାଳଜୟୀ:- ମର୍ତ୍ତ୍ୟ ପୃଥିବୀର ଦୁଃଖହୀନ ସୁଖ ନାହିଁ ।

ବିବେକୀ:- ସୁନା ଫଳ କଣ ଅଛି ?

କାଳଜୟୀ:- ସବୁ ଅଛି, ସବୁ ନାହିଁ — ସବୁ ମନର ଖେଳ !

ବିବେକୀ:- ଯଦି ଦୁଃଖଟା ମନର ଖେଳ ହୋଇଥାଏ, ମୁଁ ସୁନା-ଫେଣ୍ଟ ନେଇ ଖେଳିବି ନାହିଁ କାହିଁକି ?

କାଳଜୟୀ: ଧିଁ ଯେଉଁତ ବୁଝିବ ! ତୁମେ ଗୋଟିଏ ଗୀତ ଗାଅ ।

ବିବେକୀ: ତମ ମୁହଁରୁ ଟାଣ ଏପେ ଆଦୌ ଶୁଣିଲି ନାହିଁ ।

କାଳଜୟୀ:- ଏଣୁ ଟାଳୁ ଯାଇ ପାରିବ ନାହିଁ । ଶୁଣିଛନା

ମନ୍ତ୍ରୀ ରାଜା ବା ମିତ୍ର ବନ୍ଦ୍ୟ ବୃତ୍ତିଙ୍କ ପାଖକୁ ଯିବାକୁ ଉଦ୍ୟତ ! ତମ ନୂଆ ବୋଉଙ୍କର ତେଣୁ ମୋ ଉପରେ ବଡ଼ ଘୋଷ !

ବିବେକୀ:- ତମେ କଣ କଲ କି ?

କାଳଜୟୀ:- ଯେ ଅବୁଝ ହେବ, ମୁଁ କଣ କହିବ ?

ବିବେକୀ:- ଅଚ୍ଛା, ଧୁନାଫୁଲ ଯେ ମୁଁ ଦେଖିନି ନାହିଁ ।

କାଳଜୟୀ:- ତମେ ଦେଖି ନାହିଁ ? କଳ୍ପନ-ବିହାରକୁ ଚାଲ ମୁଁ ଦେଖାଇ ଦିଏବି ।

ବିବେକୀ:- ତେବେ ଧୁନାଫୁଲ କଳ୍ପନାରେ ଅଚ୍ଛ-ମଂଚ ପୁଷ୍ପିତ ବାସ୍ତବତାରେ ନାହିଁ ?

କାଳଜୟୀ:- କିଏ କହିଲା ?

ବିବେକୀ:- ତେବେ ଠିକ୍ ଦେଖାଇ ଦେଉନା ?

କାଳଜୟୀ: ବିବେକୀଙ୍କୁ ପୁଣି କଣ ଧୁନାଫୁଲ ଦେଖାଇ ଦବାକୁ ହେବ ! ଦୁନିଆର ପ୍ରତି ଦିଗ ପ୍ରଦେଶରେ ଯେ ଧୁନାଫୁଲ ଅଜଣା ଛାଏଁ ଫୁଟି, ଝଡ଼ି ପଡ଼ୁଛି !

ବିବେକୀ: ଦେଖିବାକୁ ଆଖି ଥିଲେତ ?

କାଳଜୟୀ:- ତାହାହେଲେ ମଣିଷର ଗୋଟାଏ ନୁହେଁ ଦୁଇଟି ଆଖି କାହିଁକି ଅଛି ?

ବିବେକୀ:- ଏହି ଅବସ୍ଥାର ପାଇଁ ଶତ ଧନ୍ୟବାଦ !

(ଉଭୟଙ୍କର ହସି ହସି ଅନ୍ୟ କକ୍ଷକୁ ପ୍ରସ୍ଥାନ)

## ୪ର୍ଥ ଅଙ୍କ ୩ ଦୃଶ୍ୟ

[ପୂର୍ବ ରାଜ ପ୍ରାସାଦର ଏକ ସୁସଜ୍ଜିତ କକ୍ଷ । ପୂର୍ବାହ୍ନ । ଘରେ ତେଉଁଟି ଚୌକି । ଗୋଟିକରେ କାଳଜୟୀ ଆସୀନ । ଅନ୍ୟ ଦୁଇଟିରେ ମାନସୀ ଓ ସୁଶୀଳ ସିଛନ୍ତି । ଆଉ କେତୋଟି ଚୌକି ଶୂନ୍ୟ ପଡ଼ିଅଛି ।]

ମାନସୀ:- ସତେ ଆପଣ ଏତେ ଶୀଘ୍ର ଚାଲିଯିବେ ?

କାଳଜୟୀ:- ହଁ, ମା; ତେଣେ ମୋର କଳ୍ପନା-ବିହାର ଶୂନ୍ୟ ପଡ଼ିଥିବ !

ସୁଶୀଳ:- ଆପଣ କଳ୍ପନା-ବିହାର ଏଠି ଖୋଲନ୍ତୁ ନାହିଁ ?

ମାନସୀ:- ମୁଁ ବାପାଙ୍କୁ କହିବି, ସେ ଆପଣଙ୍କ କଳ୍ପନା ବିହାର ପାଇଁ ସବୁ ବନ୍ଦୋବସ୍ତ କରି ଦେବେ !

କାଳଜୟୀ:- (ହସି) କଳ୍ପନା-ବିହାର ଖୋଲିବା ପାଇଁ ବିଶେଷ ବନ୍ଦୋବସ୍ତର ତ କିଛି ପ୍ରୟୋଜନ ନାହିଁ ?

ମାନସୀ:- ଆଉ ?

କାଳଜୟୀ:- ଥାଉ ସେ କଥା (ପିଲାଙ୍କ ମନ ଭୁଲାଇବା ପାଇଁ) ଦେଖିଛନା ଶରତ ଋତୁରେ—

ମାନସୀ:- (କଥା ନ ସରୁଣୁ) ହଁ, ହେମନ୍ତ, ଅଶ୍ୱିନ

ସୁଶୀଳ:- ନା- ଭାଦ୍ରବ, ଅଶ୍ୱୀନ !

(କାଳଜୟୀ ହସିଲେ)

ମାନସୀ:- କଣ ! କିଏ ଠିକ୍ !

କାଳଜୟୀ:- ଉଭୟ

ମାନସୀ:- ଦେଖିଲ ଭାଇ ।

ସୁଶୀଳ:- ମୋର କ'ଣ ଭୁଲ ହେଲାକି ?

ମାନସୀ:- ତମ ମନ ଖରାପ ହେବ ବୋଲି, କବି କଥା ବଦଳାଇ କହିଲେ ନା !

କାଳଜୟୀ:- ମୋ କଥା ଶୁଣିବ ନାହିଁ ?

ମାନସୀ:- ନିଶ୍ଚୟ

ସୁଶୀଳ:- କିଏ କହିଲା ?

ମାନସୀ:- (ହସି) ମୁଁ ପରା !

କାଳଜୟୀ:- ସୁଶୀଳ ତମେ କ'ଣ କହୁଛ ?

ସୁଶୀଳ:- ମୁଁ କହୁଛି, କିଏ କହିଲା ଆପଣଙ୍କ କଥା ନ ଶୁଣିବାକୁ ।

କାଳଜୟୀ:- (ହସି) ସୁଶୀଳ ! ତମେ ଭାରି ଚାଲାଖ ।

ମାନସୀ:- ମହାରାଜଙ୍କ ଜ୍ୟେଷ୍ଠ ପୁତ୍ର !

ସୁଶୀଳ:- (ସୁରଧର ଅଭିନୟ କରିଭଳି) ବଡ଼ ହେଲେ ମୁହିଁ ହେବ ରାଜା···

କାଳଜୟୀ:- ଗୀତଟିଏ ଶିଖିଛ, ବୋଲିଲ !

ସୁଶୀଳ:- ବଡ଼ ହେଲେ ମୁହିଁ ହେବ ତ ରାଜା ପୁଅଭଳି ପାଳିବି ମୁଁ ପରଜା ! ତାଙ୍କ ସୁଖେ ହୋଇବ ସୁଖୀ

ମାନସୀ:- ପ୍ରଜା ଦୁଃଖେ ରାଜାଟି ଦୁଃଖୀ

ସୁଶୀଳ:- ସେମାନଙ୍କ ମୁହିଁ ତୋଷ ସପନେ ଯାଇଁ

Digitized by srujanika@gmail.com

ମାନସୀ:- ପୁଅ ଭଲ ପାଳିବ ମୁଁ ପରଜା !

ସୁଶୀଳ:- ନା, ମ, ଭୁ ନୋହୁ —
ବଡ଼ ହେଲେ ମୁହିଁ ହେବିଟି ରାଜା
(କାଳଜୟୀ ବେଶ୍ ସୁଅରେ ପିଲାମାନଙ୍କ କଥା ଶୁଣୁଥିଲ)

ମାନସୀ:- ହଁ ସେ ଦୁ କ'ଣ ହେଲ ?

ସୁଶୀଳ:- ଦେଖିଛ ନା ଶରତ ଋତୁରେ

କାଳଜୟୀ:- ତୁମେ କହ ?

ସୁଶୀଳ:- କ'ଣ କହିବି ?

ମାନସୀ:- ଶରତ ଋତୁ ବର୍ଣ୍ଣନା ଭାଇ, କୁହନା ?

ସୁଶୀଳ:- ଯାଃ, ଶୁଣ, କବି କହୁଛନ୍ତି !

କାଳଜୟୀ:- ମୁଁ ତ ସେହିଅ କହୁଥିଲ ··· ତୁମେ କୁହ ମାନସୀ !

ମାନସୀ:- ମୁଁ କହିବି ? ନା, ଭାଇ କହନ୍ତୁ ! ଭାଇ, ଭାଇ, ସେ ଦିନ ଯେଉଁ କନିଅର ଫୁଲ ତୋଳି ନ ଥିଲ, ସେ ଗୁଡ଼ାକ ପରି ସୁନା ଫୁଲ ! କପର ବିବେକୀ ଦେଇ ସେ ଦିନ ମିଛ କହିଲ—

ସୁଶୀଳ:- ବିବେକ ଦେଇ ଆମକୁ ଭୁଲେଇ ଦେଲ !

ମାନସୀ:- ଦେଖିଛନା, ସଜ ହୋଇ ଆସୁଥାଏ, ନାଲି ରଂଗଣୀ ଫୁଲ ସବୁ ଆଖି ପିଟାଇ ଅନାଇ ଆସୁଥାନ୍ତି, ଦାଣ୍ଡରେ ଗାଈ ଗୋଠ ଆସୁଥାଏ, ମୁଣ୍ଡ ଉପରେ ନୀଳ ଆକାଶ, ଝେଣ୍ଡେ ଖଣ୍ଡେ ଧଳା ମେଘ ଭାସି ଯାଉ ଥାଆନ୍ତି !

ସୁଶୀଳ:- ଆଉ ଆମେ ଦୁହେଁ ଖେଳୁଥାନ୍ତୁ —

ମାନସୀ:- ହଁ, ସୁନିଆଁ ଦିନ । ଇନ୍ଦ୍ରଦେବଙ୍କ ପୁଅକୁ ଭଗବାନ ବାନ୍ଧି ଦିଅନ୍ତି, ଆଉ ଛାଡ଼ନ୍ତି କେଉଁ ଦିନ ଜାଣ ? ଇନ୍ଦ୍ର ପୂଜା ଦିନ - ଶଚୀଦେଇ କାନ୍ଦନ୍ତି ନୁହଁ ସେଥି ପାଇଁ ଅସରାଏ ଅସରାଏ ମେଘ ହୁଏ; ଆଶିନ ମାସରେ···

ସୁଶୀଳ:- ସୁନା ଜହ୍ନୀ ଫୁଲ କଥା କହୁ ନାହୁଁ ? ସିଅମାନେ ସୁନା ଜହ୍ନୀ ଫୁଲ ତାକୁ ପକାନ୍ତି —

ମାନସୀ:- ହଁ, ଟେକା ଟେକା ବଦଳେ ସୁନା ଜହ୍ନୀ ଖୋଲୁଥାଉ ପଡ଼ିଲେ, ତାହାର ଦେହରେ ପଡ଼ିଲେ ଗୋଟି ଗୋଟି ହୋଇ ସୁନା ଜହ୍ନୀଫୁଲ । ତଆଁଶିଆ ଘର ଦେଖି ଧରଣୀରାଣୀ ଛୁଟି ଖୁସୁଥା ତାଙ୍କ ବସନ୍ତ ···

ସୁଶୀଳ:- ସୁନା ଜହ୍ନୀଫୁଲ ଘର ଚାଳକୁ କାହିଁକି ପକାନ୍ତି ? (ଠିକଏ ରହି) ଘର ସୁନା ପାଲଟିବ, ନୁହେଁ ?

ମାନସୀ:- ଓହୋ, ବୁଝି ନାହଁ ? ସୁନା ପିଲା ଘରେ ଖେଳିବ —

ସୁଶୀଳ:- ଦେଖିଛୁନା, ଧାନବିଲ, ଗାଁ ମୁଣ୍ଡରୁ କେତେ ଅନାଇବ ଖାଲି ଶାଗୁଆ ଧାନ- ମଝିରେ ମଝରେ ପୁଣି ପାଚିଲା ଧାନ ! ନୂଆ ପାଚିଲା ଧାନ ଗନ୍ଧ ଗୁରୁଆଉ ମହକୁ ଥାଏ । ସେହି ଦୂର ନୀଳ ପାହାଡ଼, ତାଳ ଗଛ ଫାଙ୍କରେ କି ସୁନ୍ଦର ! କବି ଆପଣ ଆମ ଏହି ଜୀବନ ନଈରେ ଭାସି ଯିବେନ ···କଳ୍ପନା - ବନ୍ୟାରେ !

ମାନସୀ:- ବିବେକୀ ଦେଇଙ୍କୁ ସଙ୍ଗରେ ନେବନା ? ଭାଇ, ଏଥର ସୁନାଘର ଆମର ହୋଇ ଯିବ ! ଏଥର ଖୁବ୍ ବେଶୀ ସୁନା ଜହ୍ନୀଫୁଲ ଘର ଉପରକୁ ପକାଇବା—

ସୁଶୀଳ: ଓହୋ - ସରଗ ତାରାକୁ, ମଂଚର ଜହ୍ନୀ ଫୁଲ !

ମାନସୀ:- ଭାଇ ତମେ କୁହ ଗପୁଛ ?

ସୁଶୀଳ:- ନଶୁଣ ତେବେ ମୋ କଥା । ଶୁଣିଲୁ ଶୁଣିବୁ କବି ! ଅପଣଙ୍କୁ ବୋଇଲ ବାହୁ ଅଛେ ? ସୁମନ ଭାଇ ବଡ଼ ବାଗରେ ଆହୁଲାରେ ବୋଇତ ବାହୁ ଜାଣନ୍ତି ! ନଈ ମଝିରେ ପାଣି - କି ସୁଅ·· ଶାପମୁଣ୍ଡ ଧଡ଼ାଣ୍ଡ ହୋଇଯିବ, ସେଇଠି ସୁମନଭାଇ ଏମିତ ଡଙ୍ଗା ବାହୁ ନେବେ ତ···

Digitized by srujanika@gmail.com

ମାନସୀ:- ନିବ ! ଅଧଣ୍ଟା ନଈ ବଢ଼ି ବେଳେ କେବେ ଡଙ୍ଗାରେ ଯାଇଛନ୍ତି ?

କାଳଜୟୀ:- ତମେ ଯାଇଛ ?

ସୁଶୀଳ:- ନିଶ୍ଚୟ । ଅନେକ ଥର । ବଢ଼ି ପାଣିରେ ପାଚ ଚଲ ସବୁ ବୁଡ଼ି ଯାଇ ଥାଏ, ଯେଉଁ ଅଡ଼େ ଅନାଇବ ଖାଲି ଗୋଳିଆ ପାଣି । ନଈ ଭସି ଭର ! ଫେଣ, କାଠିକୁଟା କେତେ ଭାସି ଆସୁଥିବ, ସେତିକିବେଳେ ଆମେ ଯାଇଛୁ ସୁମନ ଭାଇଙ୍କ ସଙ୍ଗରେ ଡଙ୍ଗାରେ ବସି ।

ମାନସୀ:- ସୁମନ ଭାଇ ଭାରି ଭଲ ଡଙ୍ଗା ବାହି ଜାଣନ୍ତି !

କାଳଜୟୀ:- ତୁମେ ଜାଣ ନାହିଁ ?

ସୁଶୀଳ:- ମୁଁ, ପିଲାଲୋକ । ବଡ଼ ହେଲେ ନିଶ୍ଚୟ ବାହିବ !

ମାନସୀ:- ଅପଣ ସୁମନ ଭାଇଙ୍କ ଭଳି ସାତ ସମୁଦ୍ର ତେର ନଈ ଡେଇଁ ଭାସିଯିବେ ସେହି ଦୂର ଦ୍ୱୀପକୁ, ବଣିଜ କରିବେ ।

ସୁଶୀଳ:- ଦେଶ ଦେଖିବେ, କେତେ ଜାତି ଲୋକ, କେତେଜାତି ଫୁଲ ଫଳ ଦେଖିବେ, କେତେ ଜାତି ଦରବ ମଣିମାଣିକ ବୋଇତରେ ଭରି ଭାସି ଆସିବେ ଆମ ଜନ୍ମଭୂମିକୁ !

କାଳଜୟୀ:- ଆଜି ତମେ ବଡ଼ ହେଲେ ହେବ ରାଜା !

ମାନସୀ:- ନା, ନା, ମୋ ଭାଇ ସାତ ସମୁଦ୍ର ଡେଇଁ ବୋଇତ ଘେନି ଭାସିଯିବେ, (ସୁଶୀଳ ପ୍ରତି) ଭାଇ, ମୋ ପାଇଁ ଆଣିବ ଗୋଟାଏ କୁଙ୍କୁମ ମଣ୍ଡଳ ତଡ଼େଇ !

ସୁଶୀଳ:- (ମୁଣ୍ଡ ହଲାଇ) ନା, ମୁଁ ରଜା ହେବ । ସୁମନ ଭାଇ ସାଧବ ହେବେ

(ମହାରାଜା ବସୁମିତ୍ରଙ୍କର ପ୍ରବେଶ । କାଳଜୟୀ ଚୌକିରୁ ଉଠି ପଡ଼ିଲେ)

ବସୁମିତ୍ର:- (ହସି) ବସନ୍ତୁ, ବସନ୍ତୁ । (ନିଜେ ବସିପଡ଼ି) ପିଲାଏ ସବୁ କ'ଣ ଗପୁଛନ୍ତି ?

କାଳଜୟୀ:- (ହସି) ପିଲାଏ ସବୁ ଖୁସି ଗପ କରୁଛନ୍ତି ।

ବସୁମିତ୍ର:- ସୁନାଫୁଲ ଦେଖିଲ ଧନୁ, ପିଲାଏ ବେଶ୍ ଖୁସିରେ ଅଛନ୍ତି !

କାଳଜୟୀ:- ବସୁମିତ୍ର ଯେ ଶୁଦ୍ଧ ଆନନ୍ଦରେ ତଳର !

ବସୁମିତ୍ର:- ନିସ୍ତନନ୍ଦ

କାଳଜୟୀ:- ମନର ଭ୍ରମ ।

(ଭୃତ୍ୟ ଜଣେ ପ୍ରବେଶ)

ଭୃତ୍ୟ:- (ବିନୟରେ) ଝୀଙ୍କାସୃତ, ଯେମାଙ୍କୁ ଉଅସୁ ଡ଼ାକରି ଅସିଛୁ ।

ମାନସୀ:- କହୁ ଦେଉଥା, ଅମେ ଯିବୁନାହିଁ ବର୍ତ୍ତମାନ

କାଳଜୟୀ:- ଛି, ଯା, ମା ଡ଼ାକାଇଛନ୍ତି ପରା !

ସୁଶୀଳ:- ଆପଣ ପଳାଇବେ ନାହିଁ ତ ?

କାଳଜୟୀ:- ନା

ବସୁମିତ୍ର:- କେଉଁଠିକି କିଏ ପଳେଇବେ ?

କାଳଜୟୀ:- ପିଲାମାନେ କଳ୍ପନା ବଜାରକୁ ଯିବାକୁ ଚାହାନ୍ତି

ବସୁମିତ୍ର:- ହଉ ହଉ ତୁମେମାନେ ଯା ମୁଁ ତମ ଲାଗି କବିଙ୍କୁ ଅଟକାଇ ରଖିଛି !

(ମାନସୀ, ସୁଶୀଳ ଓ ଭୃତ୍ୟଙ୍କର ପ୍ରସ୍ଥାନ)

କାଳଜୟୀ:- ପିଲା ଦୁଇଟି ବେଶ୍ ସୁଲକ୍ଷଣ !

ବସୁମିତ୍ର:- (ହସି) ସୁନାଫୁଲ ଦେଖିଲ ଧନୁ—

କାଳଜୟୀ:- ଆପଣଙ୍କର ସବୁ କଥାରେ ସେହି ସୁନାଫୁଲ

ବସୁମିତ୍ର:- ମୋତେ ସୁନା-ଫୁଲ ନିଶା ସୁନା-ସ୍ୱପ୍ନ ଆଣିଦେଇଛି !

(କାଳଜୟୀ ନୀରବ ହେଲେ)

ଶୁଣିଲି କବି, ଯେଉଁ ସନ୍ନ୍ୟାସୀଙ୍କ ମଣିର ସ୍ପର୍ଶରେ ମାଟି, ପଥର, ପାଣି ଓ ଫୁଲ ସୁନା ପାଲଟେ, ସେ ସେହି ମଣିକୁ ପଠାଇ ଦେଲେ, କିନ୍ତୁ ସେ ନିଜେ—

କାଳଜୟୀ:- ଦିବ୍ୟ ଭୂଷିତ ଆଶ୍ରମରେ ଅଛନ୍ତି !

ବସୁମିତ୍ର:- ହଁ, ମୁଁ ସେହିକଥା କହୁଛି । ଦିବ୍ୟଦୃଷ୍ଟି ଏହି ମଣିଠାରୁ ଅଧିକ କିଛି ମୂଲ୍ୟବାନ ମଣି ପାଇଛନ୍ତି ବୋଲି ସିନା ଏ ମଣିକୁ ମୋହରି କରୁ ନାହାନ୍ତି ।

Digitized by srujanika@gmail.com

କାଳଜୟୀଃ- ତୋର ପାଇଁ ।

ବିଶ୍ୱମିତ୍ରଃ- [ହସି] ନା, ନା, ମୋତେ ଏ ପିଲା ବଦଳରେ ସନ୍ତୁଷ୍ଟ କରି ପାରିବେ ନାହିଁ । ମୋତେ ଦିବ୍ୟଦୃଷ୍ଟିଙ୍କ ସାକ୍ଷାତ କରାଇ ଦେବାକୁ ହେବ ।

କାଳଜୟୀଃ- ମୋର ତ କିଛି ଆପତ୍ତି ନାହିଁ ? ଆପଣ କଣ ମଞ୍ଜପୁରୀ ଛାଡ଼ି ଚୁଲି ଯିବେ ?

ବିଶ୍ୱମିତ୍ରଃ- ମାଟିର ମଞ୍ଜପୁରୀ ?

କାଳଜୟୀଃ- ସୁନାର ପରା ଦେଖିଲେ ?

ବିଶ୍ୱମିତ୍ରଃ- ସୁନା ଅଉ ମାଟି ଭିତରେ ଫରକ କଣ ?

କାଳଜୟୀଃ- ସେତିକ ବୁଝିଲେତ ?

ବିଶ୍ୱମିତ୍ରଃ- ମୁଁ କଣ ବୁଝିନାହିଁ । ଏ ମଞ୍ଜପୁରୀର ଲୋକେ ସିନା ବୁଝି ନାହାନ୍ତି ।

କାଳଜୟୀଃ- ତେବେ ଆପଣ କେବେ ଦିବ୍ୟଦୃଷ୍ଟିଙ୍କ ଆଶ୍ରମକୁ ଯିବେ ?

ବିଶ୍ୱମିତ୍ରଃ- ଆପଣ ଆପଣଙ୍କ କଳ୍ପନା-ବିହାରକୁ କେବେ ଯିବେ ?

କାଳଜୟୀଃ-ମୁଁ ତ ସର୍ବଦା ଯିବାକୁ ପ୍ରସ୍ତୁତ । କଳ୍ପନା-ବିହାର ଦେଇ ଆପଣ ଦିବ୍ୟଦୃଷ୍ଟିଙ୍କ ପାଖକୁ ଯିବେ···

ବିଶ୍ୱମିତ୍ରଃ ହଁ ସୌନ୍ଦର୍ଯ୍ୟ ଦେଇ ଆତ୍ମବୋଧ । [ରହି] କିନ୍ତୁ ମୋତେ ଏ ମଞ୍ଜପୁରୀରୁ ଲୁଚିକି ପଳାଇ ବାକୁ ହେବ ।

ସୁମନ ଲକ୍ଷ୍ମୀକୁ ଛଡ଼ି ଯୁଦ୍ଧର ବାଲିଦ୍ୱୀପକୁ ପଳାଇବାକୁ ବ୍ୟ..., ଏଣେ ଏ ସାନ ପିଲା ଦୁଇଟି—ବ୍ୟାକୁଳ !

କାଳଜୟୀଃ- ମାୟାଶ୍ରୀ ଅଛନ୍ତିତ ?

ବିଶ୍ୱମିତ୍ରଃ- ସେହିତ ଏକମାତ୍ର ବ୍ୟକ୍ତି !

[କିଛି ସମୟ ରହି]

ମୁଁ ମଞ୍ଜପୁରୀ ଛାଡ଼ିଯିବି, ଏହା ସୁମନର ଇଚ୍ଛା ନୁହେଁ । ତେଣୁ ମୁଁ ମୋ ଯିବାରେ ବାଧା ଦେବାପାଇଁ ସୁମନ ବାହାଘର ନ ପୂରିଲେ ଧରଣ ସେ ପାରିବ ଯିବାକୁ ପ୍ରସ୍ତୁତ—

କାଳଜୟୀଃ- [ଭାବି] ଆପଣ ତେବେବେ ବିଶ୍ରୀମାନ ।ଅନ୍ତୁ !

ବିଶ୍ୱମିତ୍ରଃ- ହଁ, ସେହିଟା ଏକା ସଳଖ ବାଟ । ଆପଣ କଳ୍ପନା-ବିହାର ଛାଡ଼ି ମଞ୍ଜପୁରୀରେ ରହୁ ନାହାନ୍ତି ?

କାଳଜୟୀଃ- ମଞ୍ଜପୁରୀରେ ମୋର ରହିବାର କିଛି ଆପତ୍ତି ନାହିଁ ! ମୁଁ ଯେଉଁଠି ରହିବି, ସେଠାରେ କଳ୍ପନା-ବିହାର ତୋଳିବି

ବିଶ୍ୱମିତ୍ରଃ- ଆପଣ ସିନା କରି !

କାଳଜୟୀଃ- ନା; ସବୁ ମଣିଷ ପୃଥିବୀର ଗୋଟିଏ-ସମ୍ପଦ-ର ସୁନା-ଫୁଲ ଦେଖି ପାରନ୍ତି, କେବଳ ଆଖି ଥିଲେ ହେଲା !

ବିଶ୍ୱମିତ୍ରଃ- [ହସି] ହଁ, ଭଗବାନଙ୍କ ମନୁଷ୍ୟଙ୍କୁ ଯୋଡ଼ାଏ ଲେଖା ଆଖି ଦେଇଛନ୍ତି; କାହାଙ୍କୁ ମନଶ୍ଚକ୍ଷୁ କାହିଁକି ଦେଇଛନ୍ତି ?

କାଳଜୟୀଃ- [ବାଧା ଦେଇ] ମନଶ୍ଚକ୍ଷୁ ସମସ୍ତଙ୍କର ଅଛି ମଣିଷ ତାହାର ବ୍ୟବହାର ନ କଲେ କଏ କରିବ ?

ବିଶ୍ୱମିତ୍ରଃ- ସେ ଯାହାହେଉ, ମୋତେ କିନ୍ତୁ ଆପଣ ଦିବ୍ୟଦୃଷ୍ଟିଙ୍କ ପାଖକୁ ସଙ୍ଗରେ ନେଇ ଯିବେ ?

କାଳଜୟୀଃ- ଆପଣ ବୃଦ୍ଧ ମହାରାଜ ! ଯଦି କାଳପ୍ରସ୍ଥ କରିବାକୁ ଆପଣଙ୍କ ଇଚ୍ଛା, ମୁଁ କାହିଁକି ବାଧା ଦେବି ? ମାତ୍ର ମଞ୍ଜପୁରୀର ଲୋକେ ?

ବିଶ୍ୱମିତ୍ରଃ- ମୁଁ କଣ ଲୋକଙ୍କୁ କାଳ କାଳକୁ ପାଳୁଥିବି

କାଳଜୟୀଃ- ଲୋକମାନେ ମହାରାଜ ବିଶ୍ୱମିତ୍ରଙ୍କ ଠାରୁ ସେହିଆ ଚାହାନ୍ତି ।

ବିଶ୍ୱମିତ୍ରଃ- ନା, ମୁଁ, ନିଶ୍ଚୟ ଆପଣଙ୍କ ସଙ୍ଗରେ ଯିବି ।

କାଳଜୟୀଃ- ସବୁ ଇଚ୍ଛା ହେବ ତେବେ ମୋର ।

ବିଶ୍ୱମିତ୍ରଃ- କାହିଁକି ?

କାଳଜୟୀଃ- ହେବତ । ଆପଣ ଯଦି ଦିବ୍ୟଦୃଷ୍ଟିଙ୍କୁ

Digitized by srujanika@gmail.com

ସାକ୍ଷାତ କରି ପୁଣି ଫେରି ଆସିବେ, ତେବେ ମୁଁ ଆପଣଙ୍କୁ ସଙ୍ଗରେ ନେବି ।

ବଣମିତ୍ରଃ- ଆପଣ ପୁଣି ମୋ ସଙ୍ଗରେ ଫେରି ଆସିବେ ?

କାଳଜୟୀଃ- ମହାରାଜ !

ବଣମିତ୍ରଃ- କଣ କହୁଛନ୍ତି !

କାଳଜୟୀଃ- ମୁଁ ଯେ—

ବଣମିତ୍ରଃ- ସେ କଥା ହେବ ନାହିଁ । ବଣମିତ୍ର ମଞ୍ଚପୁରର ମହାରାଜା ହୋଇବ, ଆଉ ରହିବ କାଳଜୟୀ ରହିବେ କଳ୍ପନା-ରାଜ୍ୟରେ; ଏ କଥା ମୁଁ କରାଇ ଦେବି ନାହିଁ । ମୁଁ ନିଶ୍ଚୟ ଧର୍ମ୍ମ-ବୃଦ୍ଧଙ୍କ ସାକ୍ଷାତ କରି ଫେରି ଆସିବି; ଆପଣଙ୍କୁ ମଧ୍ୟ ମୋ ସଙ୍ଗରେ ମଞ୍ଚପୁରୀକୁ ଫେରି ଆସିବାକୁ ହେବ ।

କାଳଜୟୀଃ- ମହାରାଜ !

ବଣମିତ୍ରଃ- ଆପଣଙ୍କୁ ଛାଡୁଛି କିଏ ? ଦେଖୁନା ମଞ୍ଚପୁରୀରେ ଅର୍ଦ୍ଧ କାଳ କଳାକାରର ତାଣ୍ଡବ ! କିଏ କାଳଜୟୀ ନ ଆସିଲେ ମଞ୍ଚରେ ସୁନାଫୁଲ ଫୁଟାଇବ କିଏ ?

କାଳଜୟୀଃ- ସୁନାଫୁଲତ ଆପେ ଆପେ ଫୁଟେ—

ବଣମିତ୍ରଃ- ଏ ସତ୍ୟ ମଞ୍ଚରେ ପ୍ରଚାର କରିବ କିଏ ?

କାଳଜୟୀଃ- ମହାରାଜ ବଣମିତ୍ର !

ବଣମିତ୍ରଃ- ସେ କ୍ଷମତା ମୋର ନାହିଁ । ତାହାହେଲେ ରାଜସିଂହାସନ ନ ହୋଇ ପ୍ରାଣ-ସିଂହାସନ ମୋର ହୋଇଥାନ୍ତା । କଣ କହୁଛନ୍ତି, କହନ୍ତୁ

କାଳଜୟୀଃ- (ଭାବ ରୁଦ୍ଧ କଣ୍ଠ) ଆସିବି ।

ବଣମିତ୍ରଃ- ଦ୍ୱିଧା କାହିଁକି ? ଆସନ୍ତୁ ଶୀଘ୍ର । ଆଜି ରାତିରେ ଏ ମଞ୍ଚପୁରୀ ଛାଡି ଯିବାକୁ ହେବ । (ଉଭୟ ଚୌକିରୁ ଉଠିଲେ । ବାହାରି ଦାଣ୍ଡରେ ଯିବାକୁ ଉଦ୍ୟତ ବଣମିତ୍ର ଫେରି-ପଡ଼ି) ଲକ୍ଷ୍ମୀ, ସୁମନ ଯେପରି ଏହା ନ ଜାଣନ୍ତି ! [କ୍ରମଶଃ]

## ଶେଫାଳୀ

ଶିବାନନ୍ଦ ସାହୁ

ଗତ ରାତ୍ରର ସକାଳ ସମୀର ବାଜ
ଅଘାତ ନିଶୀଥେ ବର୍ଷା-ଅଶ୍ରୁ ସମ
ଶୀତଳ ଶିଶିର ଟୋପେ ଝରି ଝରି ପଡେ
ଶୁଭ୍ର କୋମଳ ଶେଫାଳିକା ଅନୁପମ ।

ସଦ୍ୟ ବିଧବା କରୁଣ ମୂରତି ତୁଲ
ଝାଉଁଳି ପଡ଼ିଛି ଦୁଃଖେ ଶେଫାଳି ଶିଖା
ନୟନ ତାହାର ଅଶ୍ରୁରେ ଛଳ ଛଳ
ବୁକୁ ତଳେ କିବା ବେଦନା ଲୁଚିଛି ଭରି ।

ତଥାପି ରହିଛି ସାନ୍ତ୍ୱନା ଶେଫାଳୀର;
ବୃଥା ନୁହେଁ ତା'ର ଜୀବନ, ହେଲେହେଁ କ୍ଷୀଣ,
ଗନ୍ଧେ ଆକୁଳ କରିଛି ଜଗତ ହୃଦ,
ରୂପରେ ମୋହୁଛି ପ୍ରେମୀ ତଥା ଉଦାସୀନ ।

ମୋ ଜୀବନ ପଥେ ସନ୍ଧ୍ୟା ନାମିବ ଯେବେ
କି ପାଥେୟ ଧରି ଫେରିବି ଯାତ୍ରାପଥ ?
ଦେଇ ନାହିଁ କିଛୁ, ନେଇଛି କେବଳ ଅଜ ?
ମରଜଗତ ଭୁଲେ ସାନ୍ତ୍ୱନା କାହିଁ ସତେ ?

Digitized by srujanika@gmail.com

# ଯୁଗଧାରା

**କଳିଙ୍ଗ ଐତିହାସିକ ଗବେଷଣା ସମିତିର ବାର୍ଷିକ ଅଧିବେଶନ :--**

ବଲାଙ୍ଗିରର ସାମାଜିକ ଜୀବନରେ ଜାନୁଆରୀ ମାସ ହେଲା ଏକ ଘଟଣା ବହୁଳ ମାସ। ସ୍ଥାନାଭାବରୁ ଆମର ପୂର୍ବ ସଂଖ୍ୟାରେ ଜାନୁଆରୀ ମାସର କେତେଗୁଡ଼ିଏ ବିଶେଷ ଘଟଣାର ଆଲୋଚନା ବାଦ ପଡ଼ିଗଲା । ତେଣୁ ଏହି ସଂଖ୍ୟାରେ ସେ ସବୁର ଆଲୋଚନା କରାଯାଉଛି ।

ଏହି ମାସର ବିଶେଷ ଦିଗକୁ କଳିଙ୍ଗ ଐତିହାସିକ ଗବେଷଣା ସମିତିର ବାର୍ଷିକ ଅଧିବେଶନ ବସିଥିଲା । ଏହି ଅଧିବେଶନର ସର୍ବତୋମୁଖୀ ସାଫଲ୍ୟ ପାଇଁ ଉଦ୍ୟୋକ୍ତା ଓ କର୍ମୀମାନଙ୍କୁ ଆମର ଅଶେଷ ଧନ୍ୟବାଦ ଜଣାଉଛୁ ।

ଏହି ଅଧିବେଶନର ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ନିଜର ଏକାଧିପତ୍ୟ ବିସ୍ତାର କରିଥିଲେ । ସମସ୍ତ ଅନୁଷ୍ଠାନଟିର କେନ୍ଦ୍ର ଥିଲେ ସେହି ଜଣେ । ସେହି ଜଣକୁ ଛାଡ଼ିଦେଲେ ଅନୁଷ୍ଠାନଟିରେ କିଛି ନ ଥିଲା, ଅଥଚ ଅନୁଷ୍ଠାନଟିରେ ସବୁ ଥିଲା କାରଣ ତାର ମୂଳରେ ଥିଲେ ସେହି ଜଣେ । ରେଭରେଣ୍ଡ ହେରାସଙ୍କୁ କପରି ଭାବରେ ପ୍ରଶଂସା କରାଯାଇ ପାରିବ ଆମେ ଭାଷା ପାଉ ନାହୁଁ ।

ମହେଞ୍ଜୋଦାରୋ ଯୁଗର ଭାଷା ମାନବ ଆଜି ଭୁଲି ଯାଉଛି--ସେହି ଭାଷାର ଲିପି କେହି ଜାଣନ୍ତି ନାହିଁ Fathar Harass ସେହି ଲିପିର ପୁନରୁଦ୍ଧାର କରିଛନ୍ତି--ଯେଉଁ ଭାବରେ ସେ ଏହି ଲିପିରୁ ଅର୍ଥ କାଢି ପାରିଛନ୍ତି ତାହା ଶୁଣିଲେ ଆଇ-ମା'ର କାହାଣୀ ଶୁଣିଲା ପରି ମନେ ହୁଏ—ଘଟଣାଟି ଏହି ଯେ ଆଇମା'ର ରୂପକଥାର ଘଟଣା ଗୁଡ଼ିକ ସତ ନୁହେଁ - Father Harass ଙ୍କ ଅର୍ଥ ଉଦ୍ଘାଟନ ଅତି ସତ ଘଟଣା । Father Harass ଙ୍କ ବକ୍ତୃତା ଶୁଣି ସାରିଲେ ମନେ ହୁଏ ଏହି ଲିପି-ଉଦ୍ଧାର ଅତି ସହଜସାଧ୍ୟ ବ୍ୟାପାର ।-"ମୁଁ ମଧ୍ୟ ଚେଷ୍ଟା କରିଥିଲେ ଏହା ଉଦ୍ଧାର କରି ପାରିଥା'ନ୍ତି" ଏହି ଧାରଣା ଶ୍ରୋତାର ମନରେ ଜାତ ହୁଏ । ଶ୍ରୋତୃବର୍ଗଙ୍କ ମନରେ ଏହି ସହଜଭାବୁକତାର ଧାରଣା ହିଁ Father Harass ଙ୍କ ଅର୍ଥ ଉଦ୍ଘାଟନର ଯଥାର୍ଥତା ବିଷୟରେ ଶ୍ରେଷ୍ଠ ପ୍ରମାଣ ।

Father Harass ଆମକୁ କହିଲେ, ମହେଞ୍ଜୋଦାରୋ ଲିପି ଉଦ୍ଧାର କରି ତାହାର ଅର୍ଥ ପଢିବା ପାଇଁ ତାଙ୍କୁ ସେହି ଯୁଗର ଜନ ଅନୁଯାୟୀ ନିଜର ମନକୁ ଗଢ଼ିବାକୁ ପଡ଼ିଥିଲା । ଏହା ସହଜ କଥା ନୁହେ । ଏହା ପାଇଁ ଅଶେଷ ଅଧ୍ୟବସାୟ ଏବଂ ଅଶେଷ ସାଧନାର ଆବଶ୍ୟକ । Father Harass କୃତକାର୍ଯ୍ୟ ହୋଇପାରିଲେ କାରଣ ସେ ସେହିପରି ସାଧନା କରିପାରିଲେ ।

Father Harass ଆମକୁ କହିଲେ ଏ ପର୍ଯ୍ୟନ୍ତ ବସି କେତେକ ଲିପି ପଢ଼ି ପାରି ନାହାନ୍ତି। ଘଣ୍ଟା ଘଣ୍ଟା ଏବଂ ଦିନ ଦିନ ଧରି ସେ ସେହି ଲିପି ଗୁଡ଼ିକର କଥା ଭାବନ୍ତି । ଆମର ସନ୍ଦେହ ନାହିଁ ଯେ ଏହିପରି ଜଣେ ଲୋକ ଅଚିରେ ଲିପି ଗୁଡ଼ିକୁ ଶୀଘ୍ର ପଢ଼ି ପାରିବେ । Father Harass ଙ୍କୁ ଜଣେ ପ୍ରାଚୀନ ଯୁଗର ଋଷି କହିଲେ ଅତ୍ୟୁକ୍ତି ହେବ ନାହିଁ ।

କଳିଙ୍ଗ ଐତିହାସିକ ଗବେଷଣା ସମିତି ଅଧିବେଶନର ସାଫଲ୍ୟ ପାଇଁ ଆଉ ଯେ ପ୍ରଶଂସାର ପାତ୍ର । ସେ ହେଉଛନ୍ତି ବିଜ୍ଞ ରାଜ

Digitized by srujanika@gmail.com

ସମ୍ପୂର୍ଣ୍ଣ ହୋଇ ନଥିଲେ ବି ଏହି ଅଧିବେଶନର କାର୍ଯ୍ୟକ୍ରମର ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ତାଙ୍କର ମନରେ ଭଲ ଧାରଣା ଉତ୍ପାଦନ କରିଥିଲା । ବ୍ୟାପକ କିଛି ହୋଇ ନ ଥିଲେ

ଏଥର ସଭାପତି ହିସାବରେ କଳାହାଣ୍ଡୀ ମହାରାଜା ସୁରୁଚିପୂର୍ଣ୍ଣ ରୂପେ କାର୍ଯ୍ୟ ନିର୍ବାହ କରି ନେଇଥିଲେ । ସେଥିପାଇଁ ଧନ୍ୟବାଦ ତାଙ୍କୁ ଦେବାକୁ ହେବ ।

ପଶ୍ଚିମେ ଭଲ-ସଂସ୍କୃତ ସମ୍ମିଳନୀ:—

ଗବେଷଣା ସମିତିର ଅଧିବେଶନ ପରେ ପରେ ପଣ୍ଡିତମୋହଲ ସଂସ୍କୃତ ସମ୍ମିଳନୀର ଅଧିବେଶନ ବସିଥିଲା । ନିର୍ବାଚିତ ସଭାପତି ଜଗଦ୍‌ଗୁରୁ ଶ୍ରୀଭାରତୀ କୃଷ୍ଣ ଶଙ୍କରାଚାର୍ଯ୍ୟଙ୍କ ଅନୁପସ୍ଥିତି କ୍ରମେ Father harass ଙ୍କୁ ସଭାପତିର ଆସନ ଗ୍ରହଣ କରିବାକୁ ବାଧ୍ୟ କରା ଯାଇଥିଲା । ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କ ଅନୁରୋଧ କ୍ରମେ Father Harass ସଭାପତିତ୍ୱ ଗ୍ରହଣ କରିଥିଲେ । କିନ୍ତୁ ସଭାପତିଙ୍କ ଭାଷଣରୁ ଯାହା ଆଶା କରାଯାଏ Father Harass ଏ ସ୍ଥଳରେ ଆମକୁ ତାହା ଶୁଣାଇ ପାରିଲେ ନାହିଁ ଏହି କାରଣରୁ ଅନୁଷ୍ଠାନଟିରେ କିଛି ଅପୂର୍ଣ୍ଣତା ରହିଗଲା ଏବଂ ଅସଙ୍ଗତି ହେଲା । Father Harass ଜୋରକରି ବାଧ୍ୟବାଧକତା ପସନ୍ଦ କଲେ ନାହିଁ-- ଏହା ମଧ୍ୟ ତାଙ୍କର ଗୁଣୀତ୍ୱର ପରିଚୟ ଦିଏ ପ୍ରକୃତ ଗୁଣୀ ଯିଏ ସିଏ କେବେହେଁ ବାଧ୍ୟବାଧକତା ପସନ୍ଦ କରେ ନାହିଁ । ତା ନ ହେଲେ Father Harass କିଛି କମ ସଂସ୍କୃତଜ୍ଞ ନୁହନ୍ତି । ମହେଞ୍ଜୋଦାରୋର ଲିପି ଉଦ୍ଧାର ପାଇଁ ସେ ସମସ୍ତ ବୈଦିକ ସାହିତ୍ୟ ଅଧ୍ୟୟନ କରିବାକୁ ଯାଉଛନ୍ତି । କିନ୍ତୁ ତାଙ୍କ ଭାଷଣରେ ସଂସ୍କୃତ ଅଥବା ବୈଦିକ ସାହିତ୍ୟର ଗନ୍ଧ ମାତ୍ର ନ ଥିଲା । ସେ ପୂର୍ଣ୍ଣ ଆମକୁ ମହେଞ୍ଜୋଦାରୋର କଥା ଶୁଣାଇଥିଲେ । କାରଣ ମହେଞ୍ଜୋଦାରୋ ଏବେ ତାଙ୍କର ଅସ୍ଥିମଜ୍ଜାଗତ ହୋଇଯାଇଛି ।

ଏହି ସମ୍ମିଳନୀର ଅଧିକାଂଶ ବକ୍ତୃତା ଉଚ୍ଚାଙ୍ଗର ବୋଲି ମନେ ହେଲା ନାହିଁ । ତିନି ଚାରି ଘଣ୍ଟା - ବ୍ୟାପୀ ଅଧିବେଶନରେ ସମସ୍ତ ଅଧିବେଶନଟି ଶେଷ ହୋଇ ଗଲା । ଆମର ମନେ ହୁଏ ଏପରି ଅଧିବେଶନ ଅନ୍ତତଃ ଦୁଇଦିନ ବସିବାର ଥିଲା—ତାହାହେଲେ ସଂସ୍କୃତ ସାହିତ୍ୟକୁ ଯଥେଷ୍ଟ ସମ୍ମାନ ଦେଖାଇ ଥିବାର ପରିଚୟ ଆମେ ପାଇଥାନ୍ତୁ ।

ଏହି ସମ୍ମିଳନୀ ପ୍ରସଙ୍ଗରେ ବିଶାଖଦତ୍ତଙ୍କ ମୁଦ୍ରାରାକ୍ଷସ ନାଟକର ଓଡ଼ିଆ ଅନୁବାଦ ଅଭିନୀତ ହୋଇଥିଲା - ସମ୍ମିଳନୀର ଉଦ୍ୟୋକ୍ତାମାନେ ଆମ ମନରେ ଏହିପରି ଧାରଣା ଦେଇଥିଲେ । କିନ୍ତୁ ଅନୁବାଦକଙ୍କୁ କେତୋଟି କଥା ଶୁଣାଇଦେବା ଉଚିତ ମନେ କରୁ । ବିଶାଖଦତ୍ତଙ୍କ ମୁଦ୍ରାରାକ୍ଷସ ସ୍ତ୍ରୀ-ଚରିତ୍ର ବର୍ଜିତ । ଆମର ଅନୁବାଦକ ଅନୁଦିତ ନାଟକ ଭିତରେ କେତୋଟି ସ୍ତ୍ରୀ-ଚରିତ୍ର ଖଞ୍ଜି ଦେଇଥିଲେ । ଅତଏବ ଆମେ ଯାହା ଦେଖିଲୁ ତାହା ବିଶାଖ ଦତ୍ତଙ୍କ ମୁଦ୍ରାରାକ୍ଷସ ନୁହେଁ, ମୁଦ୍ରାରାକ୍ଷସର ଏକ ଆଧୁନିକ ସଂସ୍କରଣ ।

ଆଧୁନିକ ଯୁଗର ଲୋକେ ନାଟକ ଦେହରେ ସ୍ତ୍ରୀ ଚରିତ୍ର ଦେଖିବାକୁ ଚାହାନ୍ତି । ଆମର ବଙ୍ଗଳାର ପରି ଜାଗାରେ ଯେଉଁଠି ଭଦ୍ର ମହିଳାମାନେ ଅଭିନୟରେ ଅବତୀର୍ଣ୍ଣ ହୁଅନ୍ତି ନାହିଁ ସେଠାରେ ମଧ୍ୟ ସ୍ତ୍ରୀ ଚରିତ୍ରର ଦାବି କିଛି କମ ନୁହେଁ । ହୁଏତ କେତେ ଗୁଡ଼ିଏ ସ୍ତ୍ରୀ ଚରିତ୍ର ଖଞ୍ଜି ନ ଥିଲେ ଟିକେଟ ବିକ୍ରୀ ହୁଅନ୍ତା ନାହିଁ । କିନ୍ତୁ ଆମକୁ ଏହା ଭଲ ଲାଗେ ନାହିଁ ଯେ ଅନୁବାଦକ ଲୋକ ରୁଚି ପ୍ରତି ନଜର ରଖିବାକୁ ଯାଇ ଗୋଟିଏ କ୍ଲାସିକ ଉପରେ ଏହିପରି ଭାବରେ ଅତ୍ୟାଚାର କରି ପାରିଲେ । ଏହିପରି ଏକ ସମ୍ମିଳନୀରେ କ୍ଲାସିକର ମର୍ଯ୍ୟାଦା ରଖିବାକୁ ଉଚିତ । ଉଦ୍ୟୋକ୍ତାମାନଙ୍କର ଏଥି ପ୍ରତି କଡ଼ା ନଜର ରଖିବା ଉଚିତ ଯେପରିରେ କ୍ଲାସିକ ଗୁଡ଼ିକ ଆଧୁନିକ ରୁଚିର ଫଳରୁ ଅନୁବାଦରେ ବିକୃତ,

Digitized by srujanika@gmail.com

ଅମିଶ୍ରିତ ମଙ୍ଗଳକୃତ ନ ହୁଏ । ତା ନ ହେଲେ ସଂସ୍କୃତ - ସମ୍ମିଳନୀ ଯେଉଁ ଉଦ୍ଦେଶ୍ୟ ନେଇ ଡକା ଯାଇ ଥାଏ ସେହି ଉଦ୍ଦେଶ୍ୟ ମୂଳରେ ତୀବ୍ର କୁଠାରାଘାତ କରାହୁଏ ।

ରାଜେନ୍ଦ୍ର-କଲେଜ-ସାଂସ୍କୃତିକ ସପ୍ତାହ:—

ଆମର ଭାଇସ ଚେନ୍‌ସଲର ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ ପ୍ରତ୍ୟେକ କଲେଜରେ ବର୍ଷକୁ ଥରେ ସାଂସ୍କୃତିକ ସପ୍ତାହ ପାଳିତ ହେବା ପାଇଁ ନିର୍ଦ୍ଦେଶ ଦେଇ ଅତି ବିବେଚନାର କାର୍ଯ୍ୟ କରିଛନ୍ତି । ଆଜି ସ୍କୁଲ ଶିକ୍ଷାର୍ଥୀମାନଙ୍କ ଶିକ୍ଷାର ସଂପୂର୍ଣ୍ଣତା ପାଇଁ ଏହା ଏକ ଅପରିହାର୍ଯ୍ୟ ପ୍ରୟୋଜନ । କଲେଜର କେତେଜଣ ଛାତ୍ର ପଢୁଅଛନ୍ତି ସେମାନଙ୍କ ଶିକ୍ଷା ପାଇଁ କି କି ବ୍ୟବସ୍ଥା ଅବଲମ୍ବନ କରା ଯାଇଅଛି ଓ ଯାଉଅଛି, ତାହା ଅନେ ପ୍ରାୟ ଜାଣୁ ନାହୁଁ । ନଗରର ଜୀବନ ସଙ୍ଗେ କଲେଜ ଜୀବନର ଯୋଗାଯୋଗ ଅତି ଅଳ୍ପ । ସ୍ୱାଭାବିକ ସମୟରେ ଆମର ଅପରିପକ୍ୱ-ବୟସ୍କ ଛାତ୍ରମାନଙ୍କ ନଗରର ଗଳିଗଳିରେ ସ୍ଲୋଗେନ୍ ଗାଇ ବୁଲୁଥିବାର, ସିନେମା ଘରରେ ହାଙ୍ଗାମା କରୁଥିବାର ଏବଂ ଟୁର୍ଣ୍ଣାମେଣ୍ଟ ଫୁଟବଲରେ ଛାତ୍ରମାନଙ୍କୁ ଯୋଗଦାନ କରୁଥିବାର କେବେ କେମିତି ଦେଖି ନ ଥିଲେ ହୁଏତ ଆମେ କଲେଜର ଅସ୍ତିତ୍ୱ ସମ୍ବନ୍ଧରେ ଏକାବେଳକେ ଭୁଲି ଯାଉଥାଆନ୍ତି । ନଗର ଓ କଲେଜର ଜୀବନ ପ୍ରାୟ ସମାନ୍ତରାଳ ଗତିରେ ଚାଲୁଥାଏ । ଏହି ସାଂସ୍କୃତିକ ସପ୍ତାହ କଲେଜ ଜୀବନର ରୁଦ୍ଧ ଦୁଆର ହଠାତ୍ ଦିନେ ଉନ୍ମୋଚନ କରିଦିଏ । ଆମେ ଆମର ଅଳ୍ପବୟସ୍କ ଶିକ୍ଷାର୍ଥୀମାନଙ୍କର ସଂସ୍ପର୍ଶରେ ଆସିବାର ସୁବିଧା ପାଉଁ, ସେମାନେ ମଧ୍ୟ ଆମ ସଙ୍ଗେ ମିଳାମିଶା କରିବାର ସୁଯୋଗ ପାଆନ୍ତି । ଉଭୟ ପକ୍ଷ ପାଇଁ ଏହା ହିତକର । ଏହି ଅଳ୍ପବୟସ୍କ ଗଣର ସଂସ୍ପର୍ଶରେ ଆସି ଆମର ବୟୋଭାର ଲଘୁ ହୋଇଯାଏ । ସେମାନଙ୍କ ପାଇଁ ଏହା ଜୀବନର ନାନା ଅନୁଭୂତିସମ୍ପନ୍ନ ବ୍ୟକ୍ତିବର୍ଗ ସଙ୍ଗେ ମିଶିବାର ସୁଯୋଗ ଦେଇ ଜୀବନ ପ୍ରତି ସେମାନଙ୍କ ଦୃଷ୍ଟିଭଙ୍ଗୀ ପ୍ରସାରିତ କରେ ।

ଏ ବର୍ଷ ସାଂସ୍କୃତିକ ସପ୍ତାହରେ ବକ୍ତୃତା ଦେବା ପାଇଁ ଡକ୍ଟର ହରିନାରାୟଣ ସିନ୍‌ହା ନିମନ୍ତ୍ରିତ ହୋଇ ଆସିଥିଲେ । ଡକ୍ଟର ସିନ୍‌ହା ଜଣେ ପଣ୍ଡିତ ଲୋକ—ଏଥିରେ ସନ୍ଦେହ ନାହିଁ । ତିନି ଦିନରେ ସେ ତିନୋଟି ବକ୍ତୃତା ଦେଇଥିଲେ—ତିନି ଦିନ ଯାକ ତାଙ୍କର ବକ୍ତୃତା ଶ୍ରୋତୃବର୍ଗଙ୍କ ମନୋନିବେଶ ପାଇବା ଭଳି ହୋଇଥିଲା । କହିବା ବାହୁଲ୍ୟ, ତାଙ୍କ ବକ୍ତୃତା ଗୁଡ଼ିକ ଅତିଶୟ ଆଗ୍ରହ ବ୍ୟଞ୍ଜକ ହୋଇ ଥିଲା । ପ୍ରଥମ ଦିନ ଡକ୍ଟର ସିନ୍‌ହା ଭାରତର ଗଣତନ୍ତ୍ର ସମ୍ବନ୍ଧରେ କହିଥିଲେ । ତାଙ୍କ ମତରେ ଭାରତର ନୂତନ ଶାସନ ତନ୍ତ୍ରରେ ଯାହା ଯାହା ପ୍ରମାଦ ରହି ଯାଇଛି, ସେସବୁ ପ୍ରତି ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ତାଙ୍କ ମତରେ ଗଣତନ୍ତ୍ର-ଶାସନରେ ଯଥେଷ୍ଟ ଅଭିଜ୍ଞତା ଲାଭ ନ କରି ସମସ୍ତଙ୍କ ପ୍ରତି ସାବାଳକ ଭୋଟାଧିକାରର ଦୁଆର ଫିଟାଇ ଦେଇ ଆମର ଦେଶ ଏକ ଅତିବଡ଼ ସଙ୍କଟର ସମ୍ଭାବନା ବରଣ କରି ନେଇଛି ।

ଶେଷ ଦିନ 'ଭାରତ ଇତିହାସରୁ ଯେଉଁ ଶିକ୍ଷା ମିଳେ' ଏହି ପ୍ରସଙ୍ଗରେ କହିବାକୁ ଯାଇ ବକ୍ତା ଗଜନୀର ମାମୁଦ ଯୁଗରୁ ଇଂରାଜୀ ଯୁଗ ପର୍ଯ୍ୟନ୍ତ ଭାରତର ଆତ୍ମ-ରକ୍ଷା ଶକ୍ତି କିପରି ଅସ୍ତେ ଅସ୍ତେ କମି ଯାଇଛି, ତାହା ଇତିହାସ ଦୃଷ୍ଟାନ୍ତରୁ ପ୍ରମାଣ କରିଥିଲେ । ଗଜନୀର ମାମୁଦଙ୍କୁ ସୋମନାଥ ମନ୍ଦିର ଲୁଟିବା ପାଇଁ ୬୦,୦୦୦ ମାତ୍ର ଅଶ୍ୱାରୋହୀ ସୈନ୍ୟ ବ୍ୟବହାର କରିବାକୁ ପଡ଼ିଥିଲା, ଅର୍ଥାତ୍ ଭାରତର ଆତ୍ମ-ରକ୍ଷା ଶକ୍ତି ସେତେବେଳେ ୬୦,୦୦୦ ସୈନ୍ୟର ବଳ ସହିତ ସମକକ୍ଷ । ଇଂରାଜୀ ସେନାପତି କ୍ଲାଇଭ ସମ୍ମିଳିତ ମରହଟ୍ଟା ଶକ୍ତିକୁ ଛିନ୍ନ ବିଚ୍ଛିନ୍ନ କରିବା ପାଇଁ କୌଣସି ସମୟରେ ୬୦୦୦ରୁ ଅଧିକ ସୈନ୍ୟ ବ୍ୟବହାର କରି ନ ଥିଲେ । ଏହି ଦୁଇ ଘଟଣାର ମଝିରେ ଆଉ ଯେଉଁ ଦୁଇ ତିନୋଟି ବୈଦେଶିକ ଆକ୍ରମଣ ଭାରତ ଉପରେ ହୋଇଥିଲା, ତହିଁରେ ବୈଦେଶିକ ସେନାପତିଙ୍କ କର୍ତ୍ତୃକ ସୈନ୍ୟ ସଂଖ୍ୟାର ବ୍ୟବହାର ଅସ୍ତେ ଅସ୍ତେ ପାଞ୍ଚହଜାର ପର୍ଯ୍ୟନ୍ତ ଓହ୍ଲାଇ ଆସିଛି । ଡକ୍ଟର ସିନ୍‌ହା ଦୁଃଖ ପ୍ରକାଶ କରିଥିଲେ ଯେ ଭାରତର ଆତ୍ମ-ରକ୍ଷା ଶକ୍ତିରେ ପ୍ରାଚୀନ

Digitized by srujanika@gmail.com

ଆଠଗ୍ରୁ ଦୁର୍ଣ୍ଣ ଭିତରେ ଏଡ଼ଭେଞ୍ଚରର ଅଧଃପତନ ଘଟିଛି । ତାଙ୍କର ଅନୁଗାମୀଙ୍କ ଭ୍ରମଣ ଶିକ୍ଷାର୍ଥୀମାନଙ୍କ ପାଇଁ ଯେ ଚମତ୍କାର ହୋଇଥିବ ଏଥିରେ ସନ୍ଦେହ ନାହିଁ ।

ଶରତ ଚନ୍ଦ୍ର ବୋଷ:—

ଦେଶର ଏହି ସଙ୍କଟମୟ ମୁହୂର୍ତ୍ତ ବେଳେ ଶରତ୍ ଚନ୍ଦ୍ର ବୋଷଙ୍କ ବିୟୋଗ ଏକ ଜାତୀୟ କ୍ଷତି ହିସାବରେ ଧରାଯିବ ନିଶ୍ଚୟ । ବୋଷଙ୍କ ନିର୍ଭୀକତା, ସ୍ପଷ୍ଟବାଦିତା ଓ ଦେଶପ୍ରେମ ପରମ ପ୍ରଶଂସାର ବସ୍ତୁ ।

ଭାରତ ନୂଆ ହୋଇ ଗଣତନ୍ତ୍ର ପାଇଛି । ଏହି ନବଜାତ ଗଣତନ୍ତ୍ରକୁ ଠିକ ରାସ୍ତାରେ ନେଇ ଯିବା ପାଇଁ ସଂଗଠିତ ବିରୋଧର ଦରକାର । ଠିକ ଏହି ସନ୍ଧିକ୍ଷଣରେ ଶରତଚନ୍ଦ୍ର ବୋଷଙ୍କ ବିୟୋଗ ପରମ ଦୁଃଖର ବିଷୟ ।

ବୋଷ ପରିବାରର ତ୍ୟାଗର କଥା ସମସ୍ତେ ଜାଣନ୍ତି । ଦେଶର ସ୍ୱାଧୀନତା ଅର୍ଜନରେ ଏହି ପରିବାରର ଦାନ ସମସ୍ତ ଦେଶବାସୀ ଶ୍ରଦ୍ଧାର ସହିତ ସ୍ମରଣ କରନ୍ତି ।

ପୂର୍ବ ବଙ୍ଗରେ ସଂଖ୍ୟାଲଘୁ-ସମ୍ପ୍ରଦାୟ ଉପରେ ଅତ୍ୟାଚାରଃ-

ଆଧୁନିକ ଜଗତରେ ଧର୍ମ ଓ ସାମ୍ପ୍ରଦାୟିକତା ଭିତ୍ତିରେ ରାଷ୍ଟ୍ରଗଠନ ଯୁଗଧର୍ମର ପ୍ରତିକୂଳ । ପାକିସ୍ଥାନ ନିଜକୁ ଇସଲାମୀ ରାଷ୍ଟ୍ର ହିସାବରେ ଘୋଷଣା କରିବା ଦ୍ୱାରା ଭାରତ ତଥା ଆଧୁନିକ ଜଗତ ପ୍ରତି ଘୋର ଅବଜ୍ଞା ପ୍ରଦର୍ଶନ ହୋଇଛି । ଏହା ଫଳରେ ପାକିସ୍ଥାନ ମାଟିରେ ଅମୁସଲମାନଙ୍କ ସ୍ଥାନ ଆଉ ରହିଲା କୁଆଡ଼େ ?

ଏହି କେତେଦିନ ଧରି ପାକିସ୍ଥାନୀ ହିନ୍ଦୁମାନଙ୍କ ଉପରେ ଯେଉଁ ବ୍ୟାପକ ଅତ୍ୟାଚାର ଏବଂ ସେମାନଙ୍କୁ ପାକିସ୍ଥାନରୁ ବିତାଡ଼ନର ଚେଷ୍ଟା ଆମେ ଦେଖିବାକୁ ପାଉଛୁ, ଏହା ପାକିସ୍ଥାନ ନିଜକୁ ଇସଲାମୀ ରାଷ୍ଟ୍ର ହିସାବରେ ଘୋଷଣା କରିବାର ଅବଶ୍ୟମ୍ଭାବୀ ପରିଣାମ । ଅତଏବ ଏହି ଅମାନୁଷିକ ଅତ୍ୟାଚାର ବିରୁଦ୍ଧରେ ଆମର ଚିତ୍ତ କିପରି ଉଦ୍‌ବେଳିତ ନ ହେବ? ପାକିସ୍ଥାନୀ ଅମୁସଲମାନମାନେ ଯେପରି ଶାନ୍ତି ନିର୍ଦ୍ଦିଷ୍ଟତା ମଧ୍ୟରେ ପାକିସ୍ଥାନ ମାଟିରେ କାଳ ଯାପନ କରି ପାରନ୍ତି ତାହା ଘଟାଇବାର ଦାୟିତ୍ୱ ଭାରତର । ଦେଶ ଦ୍ୱିଖଣ୍ଡିତ ହେଲାବେଳେ ଏହି ନୈତିକ ଦାୟିତ୍ୱ ଭାରତ ନିଜ ମୁଣ୍ଡରେ ନେଇଥିଲା ।

ପାକିସ୍ଥାନରୁ ବିତାଡ଼ିତ ଅମୁସଲମାନମାନଙ୍କୁ କୌଣସି ପ୍ରକାରରେ ଭାରତ ମାଟିରେ ବସବାସର ସ୍ଥାନ ଓ ଆଶ୍ରୟ ଯୋଗାଇ ଦେଇ ପାରିଲେ ଆମ ସରକାରର ଦାୟିତ୍ୱ ଶେଷ ହେଲା ନାହିଁ । ଏହା ଏକ ସାମୟିକ ବ୍ୟବସ୍ଥା ହୋଇପାରେ କିନ୍ତୁ ଚିରସ୍ଥାୟୀ ବ୍ୟବସ୍ଥା ହେବ ନାହିଁ । ଏପରି ବ୍ୟବସ୍ଥା ଦ୍ୱାରା ପାକିସ୍ଥାନ ଯାହା ଚାହୁଁଛି ତାହାରେ ସାହାଯ୍ୟ କରାଯିବ ମାତ୍ର । ପୂର୍ବ ବଙ୍ଗର ସମସ୍ୟା ଏକ ଚିରସ୍ଥାୟୀ ସମାଧାନ ଆବଶ୍ୟକ କରୁଛି । ଆମର ଆଶା ଆମର ସରକାର ଏହି ସମସ୍ୟାର ସମାଧାନ ପାଇଁ କଠୋର ବ୍ୟବସ୍ଥା ଅବଲମ୍ବନ କରିବାକୁ ପଶ୍ଚାତପଦ ହେବେ ନାହିଁ ।

ସଢ଼େଇକଳାରେ ଶୁଭେନ୍ଦ୍ର ଜୟନ୍ତୀ: —



ଆମେ ଭାବୁଁ, ଆମର ସଢ଼େଇକଳାର ଭାଇମାନେ ଏବର୍ଷ କେଉଁ ଅବସ୍ଥା ମଧ୍ୟରେ ଶୁଭେନ୍ଦ୍ର ଜୟନ୍ତୀ ପାଳନ୍ତି

Digitized by srujanika@gmail.com

କରିଥିବେ । ପୂର୍ବେ ଏହି ସ୍ୱନାମଧନ୍ୟ ଶିଳ୍ପୀଙ୍କ ସମ୍ମାନ ଦେଖାଇବା ପାଇଁ ଭାରତର ପ୍ରଦେଶରୁ ବହୁ ବିଶିଷ୍ଟ କଳାବନ୍ତ ଓ କଳାମୋଦୀଗଣ ଏହି ଦିନରେ ସରାଇକେଳାରେ ସମବେତ ହେଉଥିଲେ । ଛଅ ବର୍ଷ ପୂର୍ବେ ଅଗରେ ଓଡ଼ିଶା, ବଙ୍ଗ, ସିଂହଭୂମ ଓ ଗୁଜରାଟର ବିଶିଷ୍ଟ ଶିଳ୍ପୀ ଓ ଶିଳ୍ପାମୋଦୀମାନେ ଏହି ଉତ୍ସବରେ ଯୋଗ ଦେଇ ଥିବାର କଥା ଆମେ ଜାଣୁଁ ।

ଶୁଭେନ୍ଦ୍ର ବିଷୟରେ ବଡ଼ କଥା ହେଉଛି ଏହି ଯେ, ଶୁଭେନ୍ଦ୍ର କେବଳ ବଡ଼ ଶିଳ୍ପୀ ନ ଥିଲେ, ସେ ପ୍ରକୃତ ଶିଳ୍ପୀର ଜୀବନ ଯାପନ କରୁଥିଲେ ମଧ୍ୟ । ପ୍ରକୃତ ଶିଳ୍ପୀ ହେବା ଏବଂ ପ୍ରକୃତ ଶିଳ୍ପୀ ହୋଇ ପ୍ରକୃତ ଶିଳ୍ପୀର ଜୀବନ ଯାପନ କରିବା, ଏ ଦୁଇ ସମାନ କଥା ନୁହେଁ । ଶୁଭେନ୍ଦ୍ର ପ୍ରକୃତ ଶିଳ୍ପୀର ଜୀବନ ଅତିବାହିତ କରିଥିଲେ ବୋଲି ତାଙ୍କ ନାମ ଏତେ ଶ୍ରଦ୍ଧା, ସମ୍ମାନ ଓ ପ୍ରୀତି ଆକର୍ଷଣ କରେ ।

ଖବର କାଗଜରୁ ପଢ଼ିଲୁଁ, ସରାଇକେଳାର ଅଧିବାସୀ ଏବର୍ଷ ଦରିଦ୍ର ଭାବରେ ଏହି ଉତ୍ସବକୁ ପାଳନ କଲେ, କାରଣ, ବିହାର ସରକାର ଏଥି ନିମିତ୍ତ ଖର୍ଚ୍ଚ ମଞ୍ଜୁରୀକୁ କବଳ କରିଦେଲେ । ଆମେ ଜାଣିବାକୁ ଇଚ୍ଛା କରୁଁ, ଶୁଭେନ୍ଦ୍ର ତାଙ୍କର ସଙ୍କଳ୍ପ ଶ୍ରୀକଳାପୀଠର ପ୍ରତିଷ୍ଠା ପାଇଁ ଯେଉଁ ଦାନ କରି ଯାଇଥିଲେ ସେହି ଟଙ୍କା କଣ ହେଲା? ଆମର ଆଶା ଶ୍ରୀକଳାପୀଠର ପୃଷ୍ଠପୋଷକମାନେ ଏହା ଜଣାଇବେ ।

ବିହାର ସଙ୍ଗେ ମିଶିବା ଫଳରେ ସରାଇକେଳା ଓ ଖରସୁଆଁର ଓଡ଼ିଆ ସଂସ୍କୃତି ଅଜି ବିପନ୍ନ । ସରାଇକେଳା ଓ ଖରସୁଆଁର ନିର୍ଭୀକ ଜନ ସାଧାରଣ ବିହାର ତରଫରୁ ଭୟ ଦେଖାଇ ବା ପ୍ରବଳ ଚେଷ୍ଟା ସତ୍ତ୍ୱେ ଓଡ଼ିଶା ସଙ୍ଗେ ମିଶିବା ପାଇଁ ଯେଉଁ ଆନ୍ଦୋଳନ ଏକାକୀ ଏବଂ କାହାର ସାହାଯ୍ୟ ବ୍ୟତିରେକେ ଆଜି ପର୍ଯ୍ୟନ୍ତ ଚଳାଇ ଆସିଛନ୍ତି, ତାହା ନିମିତ୍ତ ସେମାନେ ପ୍ରଶଂସନୀୟ । ସେମାନଙ୍କର ଦୁର୍ଭାଗ୍ୟ ଯେ ସେମାନଙ୍କ ଅନେକ ଭୁଲ ବୁଝାବୁଝି ।

ସରାଇକେଳା, ଖରସୁଆଁ ଓଡ଼ିଶାରୁ ବାହାରେ ରହିଗଲେ, ସରାଇକେଳାର ପ୍ରସିଦ୍ଧ ଛଉନାଚ ଆଉ ରହିବ ନାହିଁ । ତେଣୁ ଶୁଭେନ୍ଦ୍ର ଜୟନ୍ତୀ ଉପଲକ୍ଷରେ ଏକଥା ସମସ୍ତଙ୍କୁ ଜଣାଇ ଦେବାକୁ ହେଲ ଅଛି । ଛଉନାଚ ଲୋପ ପାଇଗଲେ, ଏହା କେଉଁଠାରେ ମଧ୍ୟ ଦୃଷ୍ଟି ହୋଇଲେ ତାହା ଏକ ଅପୂରଣୀୟ ଜାତୀୟ କ୍ଷତି ହେବ । ଏଣୁ ସଂସ୍କୃତିଗତ ଦୃଷ୍ଟିରୁ ସରାଇକେଳାର 'ଛଉନାଚ' ରକ୍ଷା କରିବା ଦରକାର । ଏକଥା ଆମେ ଓଡ଼ିଶା ସମସ୍ତଙ୍କୁ କହି ଭୁଲିଛୁଁ ।

ସମାପ୍ତ

CHATURANGA Registered No. O

# ଗଣତନ୍ତ୍ର

ଅର୍ଦ୍ଧ ସାପ୍ତାହିକ ସଂସ୍କରଣ ନିମନ୍ତେ ଗ୍ରାହକ ସଂଗ୍ରହ କରାଯାଉଅଛି । ଆଶାନୁରୂପ ଗ୍ରାହକ ସଂଖ୍ୟା ପ୍ରତି ଏହାର ପ୍ରକାଶ କାର୍ଯ୍ୟ ଅପେକ୍ଷା କରୁଥିବାରୁ ସହୃଦୟ ଜନସାଧାରଣଙ୍କୁ ଅନୁରୋଧ ଯେ ଶୀଘ୍ର ଏହାର ଗ୍ରାହକ ହୋଇ ପତ୍ରିକାଟିର ଆଶୁ ପ୍ରକାଶ ପାଇଁ ଆମ୍ଭମାନଙ୍କୁ ଉତ୍ସାହିତ କରନ୍ତୁ । ବାର୍ଷିକ ମୂଲ୍ୟ ୯୲, ଷାଣ୍ମାସିକ ୪୲୮ ମାତ୍ର ।

ମ୍ୟାନେଜର
'ଗଣତନ୍ତ୍ର', ବଲାଙ୍ଗିର

Printed & Published by Jameswar Tripathy at the K.M. Press Balangir. March 50

Digitized by srujanika@gmail.com



ତୃତୀୟ ବର୍ଷ ଜ୍ୟେଷ୍ଠ ଚତୁର୍ଥ ସଂଖ୍ୟା

ବାର୍ଷିକ ମୂଲ୍ୟ ଛଅ ଟଙ୍କା
ପ୍ରତିସଂଖ୍ୟା ଦଶଅଣ

ସଂପାଦକ
ଶ୍ରୀ ସୁଦର୍ଶନ ତ୍ରିପାଠୀ

Digitized by srujanika@gmail.com

## ବ୍ରଜେନ୍ଦ୍ର ସ୍ମୃତି ସଂଖ୍ୟା

'ଚତୁରଙ୍ଗ' ପରିଚାଳନା ବୋର୍ଡ଼ରେ ବ୍ରଜେନ୍ଦ୍ର ସ୍ମୃତି ସଂଖ୍ୟା ପ୍ରକାଶିତ ହେବାପାଇଁ ପ୍ରସ୍ତାବ ଗୃହୀତ ହୋଇଛି । କିନ୍ତୁ ଏଥର ପ୍ରକାଶ ଭାର ଲେଖକ ଲେଖିକାମାନଙ୍କ ଉପରେ ନ୍ୟସ୍ତ । ସନ୍ତୋଷ ଜନକ ଭାବରେ ପ୍ରତିବାଦ ମିଳିଲେ ଗୋଟିଏ ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶିତ ହେବ । ଅନୁରୋଧ ଲେଖକ ଲେଖିକାମାନେ ଏ ଦିଗରେ ସାହାଯ୍ୟ କରି ଉତ୍ସାହିତ କରିବେ ।

ପରିଚାଳକ
'ଚତୁରଙ୍ଗ'

କୋଶଳ କଳାମଣ୍ଡଳର ମୁଖପତ୍ର

# ଚତୁରଙ୍ଗ

ଓଡ଼ିଶା ସରକାରଙ୍କ ପତ୍ର ନଂ ୫୯୬-ଅର୍ ତା ୩।୨।୧୯୫୭ ମତେ

'ଚତୁରଙ୍ଗ'
ଶିକ୍ଷା ବିଭାଗୀୟ ପ୍ରତ୍ୟେକ ଅନୁଷ୍ଠାନ ପାଇଁ
ସ୍ୱୀକୃତ ହୋଇଛି।

## ସୂଚୀ


| ବିଷୟ | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|
| ୧ ସିନ୍ଧୁ ମରୁର୍ ସମ୍ବାଦ (ଗଦ୍ୟ) | ଶ୍ରୀ ଜଗଦୀଶ ଚନ୍ଦ୍ର ଦେଓ | ୧୪୫ |
| ୨ ଉପବାସ | ଶ୍ରୀ ଶଶୀଭୂଷଣ ବସୁ | ୧୪୬ |
| ୩ ବୋମ୍ବାଇ ଯାଇଥିଲି (ଗଳ୍ପ) | ଶ୍ରୀ ସିଦ୍ଧେଶ୍ୱର ହୋତା | ୧୫୨ |
| ୪ ମୁହୂର୍ତ୍ତର ଗୀତ (ପଦ୍ୟ) | ଶ୍ରୀ ଯଦୁନାଥ ଦାଶ ମହାପାତ୍ର | ୧୫୮ |
| ୫ ସଙ୍ଗୀତ - | ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ | ୧୫୮ |
| ୬ ବାସବ ଦତ୍ତ (ନାଟିକା) | ଶ୍ରୀ ରମାନନ୍ଦ ସାହୁ | ୧୬୨ |
| ୭ କଳିଙ୍ଗ କୋଶଳ ଓ ବିଦର୍ଭ | ଶ୍ରୀ ଶିବ ପ୍ରସାଦ ଦାସ | ୧୬୯ |
| ୮ ଚପଳା (ଗଳ୍ପ) | ଶ୍ରୀ ନବକିଶୋର ଦାସ | ୧୭୬ |
| ୯ ଯୁଗଧାରା | | ୧୮୨ |


Digitized by srujanika@gmail.com

Tele:– 'AMAR'

AMARSINGH RICHPAL JAIN

Yarn-Cloth. General Merchants

AND

COMMISSION AGENTS

P. O. Kantabanji B. N. Ry.

PATNA STATE, E. S. A.

Our Motto Honesty

OUR PRICES MODERATE

KEROSENE OIL

SUGAR

Availabe on controlled rates

PURE Gold & Silver Bars

ALWAYS IN STOCK

TRY & BE

CONVINCED

Digitized by srujanika@gmail.com

# ଚତୁରଙ୍ଗ

ନାଟ୍ୟ-ସଙ୍ଗୀତ-ତତ୍ତ୍ୱଜ୍ଞାଃ ଯେ ସାହିତ୍ୟ-ବିଶାରଦାଃ
କଳାସୁ କୁଶଳାଃ ସର୍ବେ ମହୀୟନ୍ତାଂ ମହୀତଳେ ॥

ତୃତୀୟ ବର୍ଷ ✱ ଜ୍ୟେଷ୍ଠ ବୃଷ, ମଇ ୧୯୫୦ ✱ ଚତୁର୍ଥ ସଂଖ୍ୟା


## ସିନ୍ଧୁ ମରୁର ସଂବାଦ


ଶ୍ରୀ ଜଗଦୀଶ ସିଂହ ଦେଓ


ନିର୍ମଳ ନଭେ ନିସ୍ତବ୍ଧ ତାରା ନୀରବ ନିଶୀଥ ରାତି,
ସିନ୍ଧୁ ମରୁର ମସୃଣ ରେଣୁ, ଦୂର ଦିଗନ୍ତର ହିତ,
ଦୁଃଖୀ କାହାର ଏଇ ଦୁନିଆଁର ଯିବା ଆସିବାର ପଥ-
ଲତାର କଳିକା ଝରିପଡେ ଯେବେ ଲଘୁ ଚରଣ ପ୍ରୀତେ

ଶୁଷ୍କ ଘାସର ଶଯ୍ୟା,
ଶ୍ରାନ୍ତି ବଧୂ ପଲ୍ଲବ ତନୁ ଜ୍ୱର ଜର୍ଜର ମଜ୍ଜା,
ଶୀର୍ଣ୍ଣ ବାହୁର ଶିଥିଳ ମାଳାଟି ବାନ୍ଧି ଦାରାର ଗଳେ
ମମତାମୟୀ ଆଖି ନାଦର ବେଗମ୍ ମୁକ୍ତା ଲୋତକ ଝରେ ।
ସିରତାଜ ମୋର ! ଗୋଟିଏ ଭଷା ଦେଇକି ପାରିବ ସତେ'
...ର ଥର ଥରେ ଓଷ୍ଠ ଅଧର ବାହୁ ବନ୍ଧନ ସାଥେ ।
...ୀର କାହିଁ ମୟୂର ଆସନ କାହିଁ ଧରଣୀର ଧୂଳି
...ତ ବିଧି ସୃଷ୍ଟିରେ ତୋ'ର ବ୍ୟଙ୍ଗର ଏକ ଡାଳି ?
...ଁ ସାଜାହାନ ତାଜମହଲର ସମ୍ରାଟ କବି ଶିଳ୍ପୀ
...କି ତବ ପୂର୍ବ ବଧୂର ଦଗ୍ଧ ଅନ୍ତର ଲିପି ?
...ନାହ ! ଏଇ ଦୁଃଖୀର ଦିନେ ଘୁଞ୍ଚିଯାଏ ପଦ ସଖୀ
ଚିତ୍ତେ କଦାପି ଦେବାର କଥା କି ପାରିବ ରଖି ?

ପଞ୍ଜର ତଳେ ଉନପଞ୍ଚାଶୀ ହାହାକାର କରି ମରେ ।
ହତାଶ ନୟନେ ରୁଦ୍ଧ ବେଦନା ବାଷ୍ପର ଢେଉ ଚରେ ।
ହସି ହସି କହେ ଦାରା,
"ପାଗଳି ବେଗମ୍ ଅଶୁଭ ଶଙ୍କା ମନେ ନ ଆଣିବ ପରା"
"ଅଲ୍ଲା କସମ୍" କହଇ ବେଗମ୍ "ଜୀବନରେ ନାହିଁ ଆଶା
ମୃତ୍ୟୁର ହିମ ଚୁମ୍ବନ ଦେଖ ଛେଣିନିଏ ମୋର ଭାଷା ।
ଏ ମୁହୂର୍ତ୍ତ ପାଇଁ ଦିଅ ପ୍ରିୟତମ ଅନ୍ତିମ ଏକ ଦାନ,
ଜୀବନେ ଯେପରି ନାଦରାର କଥା ଭୁଲିଯିବ ଶର ଦନ ।"

+ + + +


Digitized by srujanika@gmail.com

ପ୍ରେୟସୀର ତନୁ ଛିନ୍ନ ସମାନ ଶୂନ୍ୟେ ଝୋଲଇ ବାସ ।
ଝର ଝର ହୋଇ ଝରଇ ପଡ଼ୁ ଚଂଚଳ ଗଣ୍ଡ ସାସ ।
କାତର, ପଶି ଶାବକର ପର ଅଗଣାର ବୃକ୍ଷ ତଳେ
ଓଟଂଘିର ଶତ ଦୂତ ବଧନ ସଙ୍ଗେ ଯାଏ ଅବହେଳେ ।
ଏସଇ ଭଉଡା ଚହୁଁ,
ଚିତ୍କାର କରେ ଦୂର ଜନପଦେ ଶ୍ୱାନ ଦଳ ରହି ରହି ।

ଅଣ୍ମାନ ଉଚ୍ଚ ଶିବିର ପଞ୍ଚ ରଙ୍ଗୀନ ଚେଣା ଝାଣ୍ଡ
ତାସର ଦାମାକା ଶବ୍ଦଇ ଛଟଦେ ଛାୟାପଥେ ଯାଏ ଉଡ଼ି ।
ସମ୍ରାଟ ପୁତ୍ର ଦାଗ,
ବନ୍ଦୁକେ ଗୁହେଁ ବାକବୀ ମୃଗୀ ନିଷ୍ପ୍ରାଣ ଦେହ କାବ ।
ହସ୍ତେ ଉଖାରେ ଲୁଷ ସିକତା ପ୍ରିୟାର କବର ଖୋଳେ
ଛିନ୍ନ ନଖର ରୁଧିର ବିନ୍ଦୁ ଧରଣୀର ବୁକେ ପଡ଼େ ।

ଦଗହସ ଏକ ମତ୍ତ ଝଡ଼ର ଖଣିକ ପୂର୍ଣ୍ଣ, ନଚ,
ରକ୍ତ, ଅଗ୍ନି, ଚୁମ୍ବନ ଖାଲ ନିଃସ୍ୱ ପ୍ରେମର ସାଥୀ ।
\+ \+ \+
କାଗର ଝର୍କା - ଖୋଲେ ।
ତାଜମହଲର ଗଂବୁଜ କୋଟଲ ସ୍ୱର୍ଣ୍ଣ ଅରୁଣ ଝଲେ ।
ଅଗ୍ରାର ବାନେ ସିଂଧୁ ମନ୍ଦ୍ରର ସମ୍ବାଦ କେବେ ବାଜେ
ସାଜାହାନ ଅଖି ଛଳଛଳ କରେ ଅଜ ଏକ ଗୁନ୍ଥଳକେ ।

# ଉପବାସ

ଶ୍ରୀ ଶଶିଭୂଷଣ ବସୁ

ପୂର୍ବେ ଜ୍ୱର ହେଲେ କବିରାଜମାନେ 'ଲଂଘନ' ହିଁ ବ୍ୟବସ୍ଥା କରୁଥିଲେ । "ଜ୍ୱରାଦୌ ଲଂଘନଂ ପଥ୍ୟଂ ଜ୍ୱରାନ୍ତେ ଲଘୁଭୋଜନଂ" ସେଦିନ ବର୍ତ୍ତମାନ ଗୁଲି ଯାଇଅଛି । ବର୍ତ୍ତମାନ କବିରାଜଙ୍କ ରାଜତ୍ୱ ନାହିଁ, ଡାକ୍ତରଙ୍କର ରାଜତ୍ୱ । ସେମାନ vitality କିମ୍ବା ଜୀବନୀ ଶକ୍ତି ସର୍ବାଗ୍ରେ ଚିନ୍ତନ୍ତି । ଅନାହାରରେ ଜୀବନୀ ଶକ୍ତିର ହାତଲ ହ୍ରାସ ହେବ ଏହାହିଁ ସେମାନଙ୍କର ଭୟ । କବିରାଜ ମହାଶୟଗଣ ଶାସ୍ତ୍ରର ଆଦେଶ ଉପେକ୍ଷା କରି ଦେଶ - କାଳ - ପାତ୍ରାନୁସାରେ ଡାକ୍ତର ବାବୁମାନଙ୍କ ଅନୁକରଣ କରୁଅଛନ୍ତି; କିନ୍ତୁ ବର୍ତ୍ତମାନ ସ୍ୱର ବଦଳି ଅଛି । ପାଶ୍ଚାତ୍ୟ ଚିକିତ୍ସା ବ୍ୟବସାୟୀମାନେ ଏ ଯୁଗରେ ଉପବାସର ଭୂୟସୀ ପ୍ରଶଂସା କରୁଅଛନ୍ତି; ସୁତରାଂ ଅବସ୍ଥା ବିଶେଷରେ ଉପବାସହିଁ ଯେ ସ୍ୱାସ୍ଥ୍ୟରକ୍ଷାର ପ୍ରଧାନ ଉପାୟ, ତାହା ଏ ଦେଶର ଲୋକେ ବୁଝି ପାରୁଅଛନ୍ତି ।

ବର୍ତ୍ତମାନ ଦେଶ ଯେପରି ଦରିଦ୍ର, ତହିଁରେ ଉପବାସ ଅଭ୍ୟାସ କଲେ ଅର୍ଥ ଚିନ୍ତାର ମଧ୍ୟ ଅନେକ ଲାଘବ ହେବ । ଏହା ଉପହାସର କଥା ନୁହେଁ । ପ୍ରତି ମାସରେ ଯୋଡ଼ିଏ ଏକାଦଶୀ ଏବ ଅମାବସ୍ୟା ପୂର୍ଣ୍ଣିମାରେ ଯେବେ ଉପବାସ କରାଯାଏ ତାହାହେଲେ ସମସ୍ତ ବର୍ଷରେ ପ୍ରତ୍ୟେକ ବ୍ୟକ୍ତିର ଦେଢ଼ ମାସର ଅଧିକ କାଳ ଆହାରର ବ୍ୟୟ ବଞ୍ଚିଗଲା । ଏଥିରେ ସମସ୍ତଙ୍କର ବାର୍ଷିକ ବ୍ୟୟର ଅଷ୍ଟମାଂଶ ବଞ୍ଚିଲା, ଅର୍ଥାତ୍ ଶତକରା ପ୍ରାୟ ୧୨୮ଙ୍କା ବଞ୍ଚିଲା ।

ଉପବାସରେ ଦରିଦ୍ରର ଯେପରି ଉପକାର, ଧନୀର ମଧ୍ୟ ତଦ୍ରୂପ; ଧନୀଙ୍କର ଧନ କ୍ରମଶଃ ବୃଦ୍ଧି ପାଇବ । କୃପଣ ପକ୍ଷରେ ଉପବାସ ଉପଯୋଗୀ, ଦାତା ପକ୍ଷରେ ମଧ୍ୟ ସେହିପରି । ଏହାଦ୍ୱାରା ଦାତା ଦାନ କରିବାକୁ ଅଧିକ ସୁବିଧା ପାଇବେ-

Digitized by srujanika@gmail.com

ଟଙ୍କା ବଞ୍ଚାଇବାକୁ ଉପବାସ କରି ଶରୀରକୁ ଅନର୍ଥକୁ କଷ୍ଟ ଦେବି କାହିଁକି ? । ପ୍ରଶ୍ନରେ ଉତ୍ତର ଏହିଯେ - ଉପବାସ ଦ୍ୱାରା ଶରୀର କୌଣସି ଅପକାର ହୁଏନାହିଁ ବରଂ ବିଶେଷ ଉପକାର ହୋଇଥାଏ । ଏବଂ ବେଳେବେଳେ ଉପବାସ ନକଲେ ବରଂ ଶରୀରର ଅପକାର ହୁଏ ।

ଆମ୍ଭମାନଙ୍କର ଯେ କୌଣସି ବ୍ୟାଧି, ତାହା ପ୍ରାୟଶଃ ଆମ୍ଭମାନଙ୍କର ଅଜୀର୍ଣ୍ଣ-ରସ- ସମୁଦ୍ଭୂତ । ଆମ୍ଭମାନଙ୍କର ପ୍ରାଚୀନ ଋଷିଗଣ ଏହା ଉଚ୍ଚ କଣ୍ଠରେ ଆୟୁର୍ବେଦ ଶାସ୍ତ୍ରରେ ଘୋଷଣା କରି ଯାଇଅଛନ୍ତି । "ଅପକ୍ୱାମରସ ଦୋଷ ବୈଷମ୍ୟଂ ରୋଗ କାରଣଂ" ତେଣୁ ଦେହରେ ରୋଗାକ୍ରମଣର ପ୍ରଧାନ ତତ୍ତ୍ୱ-ଲୋଚନାରେ କଥିତ ହୋଇଅଛି ଯେ ଅପକ୍ୱ ଆମରସ ଦ୍ୱାରା ଦେହରେ ଦୋଷ ବୈଷମ୍ୟ ଅର୍ଥାତ୍ ବାୟୁ, ପିତ୍ତ କଫ ଏହି ତ୍ରିଦୋଷର ବୈଷମ୍ୟ କିମ୍ବା ଅସାମଞ୍ଜସ୍ୟ ରୋଗର କାରଣ ହୋଇଥାଏ । ପାଶ୍ଚାତ୍ୟ-ଚିକିତ୍ସକ ବର୍ଗ ମଧ୍ୟ କ୍ରମଶଃ ଏହି ସତ୍ୟର ଉପଲବ୍ଧି କରୁଅଛନ୍ତି ।

ଆମ୍ଭେମାନେ ଯେ ଯାହା ଖାଉଁ, ଆମିଷଭୋଜୀ ଅଥବା ନିରାମିଷ ଭୋଜୀ ହେଉଁ, ତାହା ଭଲଭାବରେ ଜୀର୍ଣ୍ଣ ନହେଲେ ଅଜୀର୍ଣ୍ଣରସ ସବୁ ଶରୀରରେ ସଞ୍ଚାରିତ ହୋଇଥାଏ । ଏହାହିଁ ଆମ୍ଭମାନଙ୍କର ସର୍ବବିଧ ବ୍ୟାଧିର କାରଣ । ଆଜିକାଲି dyspepsia ( ଅମ୍ଳ କିମ୍ବା ଅଜୀର୍ଣ୍ଣ ) ଏବଂ diabetes ( ବହୁମୂତ୍ର ) ରୋଗର ସବୁଆଡ଼େ ପ୍ରକୋପ ଅତ୍ୟନ୍ତ ଅଧିକ । ଅତିରିକ୍ତ ଭୋଜନହିଁ ଏହାର କାରଣ । ଅଜୀର୍ଣ୍ଣରସ ଆମ୍ଭମାନଙ୍କ ଶରୀରର ଯେଉଁ ଯନ୍ତ୍ରରେ ଅଧିକ ପରିମାଣରେ ସଞ୍ଚାରିତ ହୁଏ ସେହି ଯନ୍ତ୍ରହିଁ ରୋଗାକ୍ରାନ୍ତ ହୁଏ । ଅନେକ ରୋଗ-ବୀଜ ଅନ୍ୟ ଶରୀରରୁ ଆମ୍ଭମାନଙ୍କ ଶରୀରରେ ସଂକ୍ରମିତ ହୋଇଥାଏ ସତ୍ୟ, କିନ୍ତୁ ନିଜର ଶରୀର ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ବାହ୍ୟରୋଗ ଶରୀରରେ ପ୍ରବେଶ କଲେ ମଧ୍ୟ କୌଣସି କ୍ଷତି କରିପାରେ ନାହିଁ, ଯେବେ କରେ, ସେ-ସାମାନ୍ୟ ଭାବରେ, ସାଂଘାତିକ ଭାବରେ ନୁହେଁ

ଉପବାସରେ କୌଣସି ଭୟ ନାହିଁ । ପ୍ରତି ସପ୍ତାହରେ ଥରେ ଲେଖାଏଁ ରବିବାରରେ ଉପବାସ କରି ଦେଖିବା ଉଚିତ । ଦିନେ ନ ଖାଇଲେ ତ ମରିଯିବାର ଆଶଙ୍କା ନାହିଁ । ସେଦିନ ପରୀକ୍ଷା କରିବାକୁ ହେବ ଶରୀର ପୂର୍ବାପେକ୍ଷା ଭଲ ଥିବ କି ନାହିଁ । ଉପବାସର ଦିନରେ ଅନ୍ତତଃ ଦୁଇଥର ସ୍ନାନ କରିବାକୁ ହେବ । ଉଷା ଓ ମଧ୍ୟାହ୍ନ, କିମ୍ବା ମଧ୍ୟାହ୍ନ ଓ ଅପରାହ୍ନରେ । ମାତ୍ର ଏକା ବେଳକେ ନିରମ୍ବୁ ଉପବାସ ନ କରି ଯେତେଥର ଇଚ୍ଛା ବିଶୁଦ୍ଧ ପାଣି ପିଇବାକୁ ହେବ । ଉପବାସ ଦିନରେ ଜଳ ବ୍ୟତୀତ ଆଉ କିଛି ଖାଇବା ଅନୁଚିତ । ଏଥିରେ ସଙ୍ଗେ ସଙ୍ଗେ ସୁଫଳ ମିଳିବ । ଏଥିରେ କୋଷ୍ଠ ପରିଷ୍କାର ହେବ, ଜିହ୍ୱା ମଧ୍ୟ ପରିଷ୍କାର ହେବ, ଶରୀର ଲଘୁ ହେବ, ଆଳସ୍ୟ ରହିବ ନାହିଁ ମନରେ ସ୍ଫୁର୍ତ୍ତି ଓ ଶାନ୍ତି ଉପୁଜିବ । ଆୟୁର୍ବେଦ ଶାସ୍ତ୍ର ଉପବାସର ଉପକାରିତା ବର୍ଣ୍ଣନରେ କହିଅଛନ୍ତି :—

"ଅନବସ୍ଥିତ ଦୋଷାଗ୍ନେ ର୍ଲଂଘନଂ ଦୋଷ ପାଚନଂ
ଜ୍ୱରଘ୍ନଂ ଦୀପନଂ କାଂକ୍ଷା ରୁଚି ଲାଘବ ପ୍ରାଣଦଂ ।"

ଅର୍ଥାତ୍ ଅଗ୍ନିର ଅନବସ୍ଥିତାରେ ଯେ ଅଜୀର୍ଣ୍ଣ-ରସ ରୂପ ଦୋଷ ଏବଂ ତଜ୍ଜନିତ ବାୟୁ-ପିତ୍ତ-କଫର ବୈଷମ୍ୟ ରୂପ ଦୋଷ ଜନ୍ମିଥାଏ, ଉପବାସରେ ସେହି ରସର ବିକୃତ ରୂପ ଦୋଷର ପରିପାକ କିମ୍ବା ପ୍ରକୃତିସ୍ଥତା ହୁଏ । ଉପବାସ ଜ୍ୱର ନାଶକ, ଜଠରାଗ୍ନି ଉଦ୍ଦୀପକ, ଖାଇବାରେ ଆଗ୍ରହ ଓ ଉତ୍ସାହ ବର୍ଦ୍ଧକ । ଉପବାସରେ ଆହାରରେ ରୁଚି ବର୍ଦ୍ଧିତ ହୁଏ, ଆହାର୍ଯ୍ୟର ଆସ୍ୱାଦ ମଧୁରତର ବୋଧହୁଏ, ଶରୀର ଲଘୁ ହୁଏ, ଏବଂ ତାହା "ପ୍ରାଣଦ" ଅର୍ଥାତ୍ ଜୀବନୀ ଶକ୍ତି ବର୍ଦ୍ଧକ ।

ଯେବେ ଭଗବାନରେ ବିଶ୍ୱାସ ଥାଏ ତେବେ ଉପବାସ ଦିନରେ ନିଜର ପ୍ରୀତି ଅନୁସାରେ ଯେଉଁ ଭାବରେ ହେଉ ତାହାଙ୍କର ଉପାସନା କରିବା ଉଚିତ । ତୁମେ ଯେବେ ସୁସ୍ଥଥାଅ ତାହାହେଲେ ଅଧିକ ସୁସ୍ଥହେବ, ଯେବେ ରୋଗଗ୍ରସ୍ତ ହୁଅ, ତେବେ

Digitized by srujanika@gmail.com

ରୋଗମୁକ୍ତ ହେବ । ତୁମେ ଯେ କୌଣସି କଠିନ ରୋଗରେ ଆକ୍ରାନ୍ତ ହୁଅ ପଛକେ ଦେଖିବ ତାହା ଅନେକ ପରିମାଣରେ ଉପଶମ ହୋଇଅଛି । କ୍ରମେ କ୍ରମେ ସପ୍ତାହ ମଧ୍ୟରେ ଥରେ ଦୁଇଥର ଉପବାସ କଲେ ଡାକ୍ତରଙ୍କ ବ୍ୟୟ କମିଯିବ - ଏହା କମ ଲାଭ ନୁହେଁ । ଯାହାହେଉ ଶରୀରର କିଛି ମାତ୍ର ଅନିଷ୍ଟ ନାହିଁ କିନ୍ତୁ ଅନେକ ଇଷ୍ଟ ରହିଅଛି - ଏଭଳି ସ୍ଥଳରେ ଏହି ଦାରିଦ୍ର୍ୟ - ନିପୀଡ଼ିତ ଦେଶରେ ମହୋପକାରୀ ଉପବାସ ଫଳରୁ ଅର୍ଥ ଉଦ୍ବୃତ୍ତ ବାଞ୍ଛନୀୟ ନୁହେଁ କି ?

ଉପବାସରେ କୌଣସି ଭୟ ନାହିଁ । ଆମ୍ଭମାନଙ୍କର ଯେତେ ରୋଗ ତହିଁରୁ ଅଧିକାଂଶହିଁ ଅତିରିକ୍ତ ଏବଂ କୁଖାଦ୍ୟ ଜନିତ; କିନ୍ତୁ ଉପବାସ ଜନିତ ନୁହେଁ । ବିଧବାମାନେ ନାନାପ୍ରକାର ଉପବାସ କରନ୍ତି । ସେମାନଙ୍କର ସୁସ୍ଥ ଓ ତେଜଃପୂର୍ଣ୍ଣ ଶରୀର ଦେଖି କଅଣ କିଛି ଶିକ୍ଷା ହୁଏ ନାହିଁ ? ଲେଖକ ଅନେକ ବୃଦ୍ଧ ପୁରୋହିତଙ୍କୁ ଦେଖିଅଛି । ସେମାନେ ଅନେକ ସମୟରେ ନିର୍ଜଳା ଉପବାସ କରି ସୁଦ୍ଧା କର୍ମଠ ଓ ସୁସ୍ଥ ରହି ଥାଆନ୍ତି । ଉପବାସରେ ରୋଗଗ୍ରସ୍ତ ହେବା କଥା କ୍ୱଚିତ୍ ଶୁଣାଯାଇ ଥାଏ । ଦୀର୍ଘ କାଳରେ ଅନାହାରରେ ପ୍ରାଣୀ ମାତ୍ରେ ହିଁ ମରିଯିବେ ଏଥିରେ ଅବଶ୍ୟ ସନ୍ଦେହ ନାହିଁ । କିନ୍ତୁ ସର୍ପ, ସିଂହ, ବ୍ୟାଘ୍ର ପ୍ରଭୃତି ଅନେକ ଦିନ ଅନାହାରରେ ରହି ବି ସୁସ୍ଥ ଓ ସବଳ ଥାଆନ୍ତି !

ଉପବାସରେ କୌଣସି ଭୟ ନାହିଁ, କିନ୍ତୁ ଏକ ପ୍ରକାରରେ ଭୟ ଅଛି, ସେ ଭୟ ଉପବାସ ସକାଶେ ନୁହେଁ, ସେ ଉପବାସର ଅପ୍ର[illegible] ଭୟ । ଉପବାସ କଲେ ମୁଁ ମରିଯିବି କିମ୍ବା ଅଧିକ ଦୁର୍ବଳ କିମ୍ବା ପୀଡ଼ିତ ହେବି, ଏହା ଯେ ଗୋଟିଏ ସଂସ୍କାର, ତାହା ସେହି ସଂସ୍କାର ଜନିତ ଭୟ । ବସ୍ତୁତଃ ଉପବାସରେ ସାଧାରଣତଃ କୌଣସି ଭୟ ନାହିଁ ।

ଦୁର୍ଭିକ୍ଷରେ ମନୁଷ୍ୟ ଉପବାସରେ ମରନ୍ତି ସତ୍ୟ, କିନ୍ତୁ "ମରିବୁଁ" ଏହି ଭୟ ପ୍ରଥମରୁ ହୃଦୟରେ ପୋଷଣ କରୁଥିବାରୁ ଶୀଘ୍ର ମରିଯାଆନ୍ତି । ସାଧାରଣଙ୍କ ପକ୍ଷରେ ଏ ପରୀକ୍ଷା ନିଷ୍ପ୍ରୟୋଜନ । ସେମାନେ ସପ୍ତାହରେ ଦିନେ ଅଥବା ଦୁଇଦିନ ଉପବାସ କରି ଦେଖି ପାରନ୍ତି । କ୍ରମଶଃ ନିଜ ନିଜ ମନରେ ବୁଝି ପାରିବେ । ଆବଶ୍ୟକ ଅନୁସାରେ ସାମୟିକ ଉପବାସହିଁ ସ୍ୱାସ୍ଥ୍ୟର ମୂଳ । ସାଧାରଣତଃ ମିତାହାରୀ ଅଥବା ହିଁ କିଏ ଅଳ୍ପାହାରୀ ହେବାକୁ ହେବ । ଶାସ୍ତ୍ର କହୁଅଛି - ଲଘ୍ୱାଶୀ ନାବସୀଦତି" — ଲଘୁ ଆହାରକାରୀ କେବେହେଁ ଅବସାଦ ଗ୍ରସ୍ତ ହୁଅନ୍ତି ନାହିଁ ।

ସାମୟିକ ଉପବାସ ଯେପରି ସ୍ୱାସ୍ଥ୍ୟର ମୂଳ, ଦୈନିକ ଅଳ୍ପାହାର ମଧ୍ୟ ତଦ୍ରୂପ । ଉପବାସର ପରଦିନ ନିତ୍ୟ ଯେପରି ଆହାର କରାଯାଏ ତାହାଠାରୁ କମ ପରିମାଣରେ ଆହାର କରିବା ଉଚିତ ।

ଆମ୍ଭମାନଙ୍କ ଦେଶରେ ଅନେକ ଲୋକେ ଉପବାସର ଦିନରେ ଭାତ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ଅତିରିକ୍ତ ଭାବରେ ଆହାର କରି ଥାଆନ୍ତି । ଏକାଦଶୀ କିମ୍ବା ଅନ୍ୟ କୌଣସି ଉପବାସର ଦିନ-ମାନଙ୍କରେ ଅବସ୍ଥାପନ୍ନ ଲୋକେ ଅଟା କିମ୍ବା ମଇଦାର ପ୍ରସ୍ତୁତ ନାନାପ୍ରକାର ଦ୍ରବ୍ୟ ଆହାର କରି ଥାଆନ୍ତି । ମାତ୍ର ଅଟା କିମ୍ବା ମଇଦା ଭାତଠାରୁ ଲଘୁପଥ୍ୟ କି ? ଏ ଭଳି ବିଚାର କିମ୍ବା ବିବେଚନାର ଅପସାର୍ଥ ଅଭୋଜନର ଦିନରେ ଗୁରୁ ଭୋଜନ ଏବଂ ଫଳା-ତାର୍ଥିରେ ଏହାର ଉପବାସର ଉପହାର ମାତ୍ର । ଧର୍ମ ହିସାବରେ କିମ୍ବା ସ୍ୱାସ୍ଥ୍ୟ ହିସାବରେ ଏ ଭଳି ଉପବାସରେ ଧର୍ମ ଓ ସ୍ୱାସ୍ଥ୍ୟ ଉଭୟର ହିଁ ହାନି ଘଟୁଛି । ଉପବାସ କରିବାକୁ ହେଲେ ରୀତିମତ କରିବା ଉଚିତ ।

ପ୍ରାଚୀନ କାଳରେ ହିନ୍ଦୁଶାସ୍ତ୍ରରେ ଏକାଦଶୀ ଦିନ ଟିଏ ଋଷିମାନଙ୍କର ଉପବାସ କରିବା

Digitized by srujanika@gmail.com

ହୋଇଥିଲା ଗୋ, ପଶୁ ପ୍ରଭୃତିର ଓ ଶରୀର ରକ୍ଷା ସକାଶେ ଉପବାସ ଯେ ପ୍ରୟୋଜନୀୟ ଆମ୍ଭମାନଙ୍କର ତାହା ବୁଝିବା ଉଚିତ । କୁକୁର ବିଲେଇ ପ୍ରଭୃତିକୁ ମଧ୍ୟେ ମଧ୍ୟେ ସ୍ୱତଃସିଦ୍ଧ ପ୍ରାକୃତିକ ଶିକ୍ଷାରେ ଉପବାସ କରିବାକୁ ଦେଖା ଯାଇଥାଏ । ଫଳତଃ ପଶୁମାନଙ୍କର ମଧ୍ୟରେ ଉପବାସ ଆବଶ୍ୟକ ।

ଅତିରିକ୍ତ ଆହାର କଲେ ଅର୍ଥାତ ଆହାରରେ ଉଦରସ୍ଫୀତି ହେଲେ ମସ୍ତିଷ୍କ ଖେଲେ ନାହିଁ । ଆହାର କମ କଲେ ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଯେପରି ସବଳ ହୁଏ ମସ୍ତିଷ୍କ ମଧ୍ୟ ସେହିପରି ପୁଷ୍ଟ ହୁଏ । ଏକାବେଳକେ କମ ଖାଇବା ଅନୁଚିତ । ତହିଁରେ ଶରୀର କୃଶ ଓ ଦୁର୍ବଳ ହେବ । ଫଳତଃ ଠିକ ଏ କମ ପରିମାଣରେ ପ୍ରାତ୍ୟହିକ ଆହାରର ବ୍ୟବସ୍ଥା ଥିବା ଉଚିତ । ଶାସ୍ତ୍ରରେ ତାହାହିଁ ମିତାହାର ନାମରେ କଥିତ ଓ ପରିଚିତ ।

ମୋହର ଦୁଇ କୋଶ ବାଟ ପଦବ୍ରଜରେ ଚାଲିଯିବାକୁ ହେବ । ଉପବାସରେ ଅବଶ୍ୟ ଚାଲି ପାରିବି - ମାତ୍ର ଭରା ପେଟରେ ଚାଲି ପାରିବି ନାହିଁ । ଖାଲି ପେଟରେ ବାଟ ଚାଲିଲେ ବ୍ୟାୟାମ ହୁଏ । କ୍ଷୁଧା ମଧ୍ୟ ବଢ଼ିଯାଏ । କ୍ରମଶାନ୍ତରେ ମିତାହାର କଲେ ତୁଷ୍ଟି, ପୁଷ୍ଟି; ବୁଦ୍ଧିବୃଦ୍ଧି ଓ ବଳବୃଦ୍ଧି ସହଜରେ ସମ୍ପନ୍ନ ହୁଏ ।

ଉପବାସ ଭୟର କାରଣ ନୁହେଁ, ବରଂ ଅଭୟର କାରଣ । ଉପବାସ ତ୍ୟାଗୀର ଆଶ୍ରୟ, ଭୋଗୀର ରକ୍ଷା କବଚ ଏବଂ ଯୋଗୀର ସାଧନ ସହାୟ । ଆମ୍ଭମାନଙ୍କ ଶରୀର ସକାଶେ ଯେତେଟିକି ଆବଶ୍ୟକ ତାହାର ଅତିରିକ୍ତ ଖାଇଲେ ସେ ଗୁଡ଼ିକ ପେଟକୁ ଯାଇ ପଚିଯାଏ ଏବଂ ସମସ୍ତ ଶରୀର ସେହି ପଚିଲିରୁ ଉଦ୍ଭୂତ ବିଷାକ୍ତ ପଦାର୍ଥ ଦ୍ୱାରା ଆକ୍ରାନ୍ତ ହୁଏ । ମଳ, ମୂତ୍ର ଦ୍ୱାରା ହେବେ ସେହି ବିଷାକ୍ତ ପଦାର୍ଥ ଗୁଡ଼ିକ ବାହାର ହୋଇ ନ ପାରେ ତାହା

ହେଲେ ଆମ୍ଭେମାନେ କୌଣସି କୌଣସି କଠିଣ ବ୍ୟାଧି ଦ୍ୱାରା ଆକ୍ରାନ୍ତ ହୋଇ ଥାଉଁ । ସାଧାରଣତଃ ଯାହାର ଯେଉଁ ଯନ୍ତ୍ର ଗୁଡ଼ିକ ଦୁର୍ବଳ ଥାଏ, ସେହି ବିଷାକ୍ତ ପଦାର୍ଥ ଦ୍ୱାରା ସେହି ଯନ୍ତ୍ର ଗୁଡ଼ିକ ଅଧିକ ଅଭିଭୂତ ହୁଏ ଏବଂ ଆମ୍ଭେମାନେ ସେହି ଯନ୍ତ୍ରର ବ୍ୟାଧି ଭୋଗ କରିଥାଉଁ । ସେହି ବିଷାକ୍ତ ଦୋଷ ଯନ୍ତ୍ରଗୁଡ଼ିକୁ ନଷ୍ଟ କରି ଦିଏ, ଶୋଣିତ-ପ୍ରବାହିନୀ ଶିର ସମୂହକୁ ଦୁଷ୍ଟ ରସରେ ରୁଦ୍ଧ କରି ପକାଏ । ସୁତରାଂ ଦୂଷିତ ରକ୍ତ ହିଁ ସଞ୍ଚାଳିତ ହୁଏ । ସମସ୍ତ ଶରୀର ବିଷରେ ଜର୍ଜରିତ ହୋଇ କଠିଣ ପୀଡ଼ା ଉପସ୍ଥିତ ହୁଏ । ମାତ୍ର ଏହା ଦିନେ ଦୁଇ ଦିନ ଅନିୟମରେ ହୋଇ ନ ଥାଏ । ବିଧାତା ଆମ୍ଭମାନଙ୍କୁ ଏ ଭଳି ଗଠିତ କରି ଅଛନ୍ତି ଯେ ସାମାନ୍ୟ ସାମାନ୍ୟ ଅନିୟମ କଲେ ଯନ୍ତ୍ର ଗୁଡ଼ିକ ନିଜେ ନିଜେ ସ୍ୱବଳରୁ ତାହାର ପ୍ରତୀକାର କରି ନିଅନ୍ତି କିନ୍ତୁ ସେମାନେ ଯେତେବେଳେ ପାରନ୍ତି ନାହିଁ ସେତେବେଳେ ଆମ୍ଭମାନଙ୍କର ବ୍ୟାଧି ଆକ୍ରମଣ ନିଶ୍ଚିତ ।

ଆମ୍ଭମାନଙ୍କର ଆତ୍ମଦୋଷର ହିଁ ସ୍ୱେଚ୍ଛା ଗୃହୀତ ଦଣ୍ଡ ଏବଂ ଅସାବଧାନତାର ଶାସ୍ତିର ଅପର ନାମ ରୋଗ । ଶାସ୍ତ୍ର କହୁ ଅଛି:—

"ରୋଗ-ଶୋକ-ପରିତାପ-ବନ୍ଧନ-ବ୍ୟସନାନିଚ
ଆତ୍ମାପରାଧ ବୃକ୍ଷସ୍ୟ ଫଳାନ୍ୟେତାନି ଦେହିନାଂ ।"

ରୋଗ,ଶୋକ,ପରିତାପ,ବନ୍ଧନ ଓବ୍ୟସନ-ଆମ୍ଭମାନଙ୍କର ନିଜ-ଦୋଷ ରୂପ ବୃକ୍ଷରଫଳ । ଉପବାସ ଏହି ରୋଗରୂପ ବିଷଫଳ ବୃକ୍ଷର ଅତ୍ୟାହାରରୂପ ଆତ୍ମଦୋଷ ବୀଜର ଧ୍ୱଂସ ସାଧକ ; ସୁତରାଂ ରୋଗାକ୍ରମଣରେ ଆତ୍ମରକ୍ଷାର ଏକ ପ୍ରଧାନ ଉପାୟହିଁ ଏହି ଉପବାସ ।

ଉପବାସ ଆରମ୍ଭ କଲେ ଯେତେବେଳେ କ୍ଷୁଧାର ଉଦ୍ରେକ ହୁଏ, ସେତେବେଳେ ନଖାଇଲେ ଆମ୍ଭମାନଙ୍କ ସ୍ୱାଭାବିକ ପୃଥକ୍-ଭୂତରସ (secutions) ବନ୍ଦ ହୋଇଯାଏ,ଏହାକୁସହଜରେ କଥାରେ ଆମ୍ଭେମାନେ "ପିତ୍ତ-ପଡ଼ିବା"କହୁଥାଉଁ । କ୍ଷୁଧାରେ ଏହି (secutions)

Digitized by srujanika@gmail.com

ବେଶି ହୁଏ । ଏହାଦ୍ୱାରା ନଖାଇଲେ ସେମାନେ ପେଟେବେଳେ ଦେଖନ୍ତି ଯେ ବାହାର କୌଣସି ଖାଇ ନାହିଁ । ସେମାନଙ୍କର ହଜମକରିବା କିଛି ନାହିଁ, ସେତେବେଳେ ସେମାନେ ନୀରବ ରହିଯାନ୍ତି । ସେତେବେଳେ ଆମ୍ଭମାନଙ୍କର ହଜମ କରିବା ସବୁ ଯନ୍ତ୍ର ଗୁଡ଼ିକ ବିଶ୍ରାମ ଲଭକରେ ।ସେତେବେଳେ ଅନ୍ତ୍ରଶିରା ଧୌତ ଆରମ୍ଭହୁଏ । ଦେହଯନ୍ତ୍ରର ଅନ୍ଧାବରଣୀ ପ୍ରକୃତିର ସ୍ୱୀତ ଏହି ବୋଲି ଲେଖକ ଜଣେ ବଡ଼ ଡାକ୍ତରଙ୍କ ନିକଟରୁ ଶୁଣିଅଛି । ଏହି ହେତୁରୁ ଉପବାସ ଶରୀର ଶୋଧକ ବିକୃତ ଦେହ ଶାସକ,ରୋଗ ଜୀବ ନାଶକ ଏବଂ ଦୁଷ୍କର ରସର ସଂସ୍କାରକ ।

ଡାକ୍ତରଙ୍କ ଏନିମାଯନ୍ତ୍ର (Enema) ବ୍ୟବହାର ବ୍ୟତୀତ ଯଥେଷ୍ଟ ପରିମାଣରେ ପାଣି ପିଇବାଦ୍ୱାରା ଏହି ଅନ୍ତ୍ରନଳୀ ଧୌତ କାର୍ଯ୍ୟର ବିଶେଷ ସହାୟତା ହୋଇଥାଏ । ଯେତେବେଳେ ପେଟ ଖାଲି ହୋଇଯିବ, ସେତେବେଳେ ଜାଣିପାରିବ ଜିହ୍ୱା ପରିଷ୍କାର ହୋଇ ଯାଇଅଛି, ଶରୀର ଲଘୁ ଓ ମନ ସୁସ୍ଥ ହୋଇଅଛି ଏବଂ କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛି । କିନ୍ତୁ ଉପବାସ ଦ୍ୱାରା କ୍ଷୁଧା ହେଲେ ମଧ୍ୟ ଅଧିକ ଆହାର ଅନୁଚିତ । ବରଂ ଅଧପେଟ ଆହାର ଭଲ । କିନ୍ତୁ ପେଟ ପୂର୍ଣ୍ଣ କରି ଅର୍ଥାତ୍ ଭରି ଭୋଜନ କରିବା ନୁହେଁ । ବଙ୍ଗଳାରେ ଗୋଟିଏ ପ୍ରବାଦ ଅଛି :-

"ଉନଭାତେ ଦୁନୋ ବଲ, ଭରା ଭାତେ ରସାତଲ ।"

ଏବଂ ଓଡ଼ିଆରେ ପ୍ରବାଦ ଅଛି .-

'ଅନ୍ନେ ତ୍ରି ଦନ୍ତେ ଲୁଣ,
ପେଟ ପୂରିବ ତିନ କୋଣ,
ମୂତ୍ରବେଳକୁ ପଡ଼ା, ଗୋଡରେ ତେଲ,
ବଇଦ ସଙ୍ଗରେ କଳି କରି ଗଲ'

ଏହି ରୂ ପ୍ରବାଦର ପ୍ରତି ବର୍ଣ୍ଣହିଁ ସତ୍ୟ । ଉପବାସର ଉପକାରିତା ଏ ଦେଶରେ ଚିର ସୁପ୍ରସିଦ୍ଧ ଶାସ୍ତ୍ର ଅତିକ୍ରମ ହୋଇ ସାମାନ୍ୟ ଗ୍ରାମ୍ୟ ପ୍ରବାଦ ବାକ୍ୟ ପର୍ଯ୍ୟନ୍ତ ତାହାର ସାକ୍ଷ୍ୟ ଦେଉଅଛି । ଉପବାସରେ ଅବହେଳା କିମ୍ବା ଅପାରଗତା ଏବଂ ଔଦରିକତା, ତଥା ଦାରିଦ୍ର୍ୟ ଦୋଷରେ ଅପୁଷ୍ଟିକର ଏବଂ ବିଷାକ୍ତ କୁପଥ୍ୟପୁଞ୍ଜରେ ସେହି ଔଦରିକତାର ଘର ତର୍ପଣ ହିଁ ଆମ୍ଭମାନଙ୍କର ବ୍ୟାଧି ସଙ୍କୁଳତା, ଏବଂ ଅଳ୍ପାୟୁତାର ପ୍ରଧାନ ନିଦାନ । ପାକସ୍ଥଳୀରେ ଯେଉଁ ପରିମାଣର ଆହାର ରହିବ ତାହାର ଅର୍ଦ୍ଧେକ ଖାଇବାହିଁ ଚିକିତ୍ସା ଶାସ୍ତ୍ରର ବ୍ୟବସ୍ଥା । ଚିକିତ୍ସା ଶାସ୍ତ୍ର କହୁଅଛି —

'ଭୋଜନେନ ପୂରୟେଦର୍ଦ୍ଧଂ ପାଦମେକନ୍ତୁ ବାରିଣା,
ମରୁତ୍ ସ୍ଥାଲନାର୍ଥାୟ ଚତୁର୍ଥମବଶେଷୟେତ'

ଅର୍ଥାତ୍ ପାକସ୍ଥଳୀର ଅର୍ଦ୍ଧଭାଗ ଭୋଜ୍ୟରେ ଏବଂ ଚତୁର୍ଥାଂଶ ଜଳରେ ପୂର୍ଣ୍ଣ କରିବ ଏବଂ ବାକି ଚତୁର୍ଥାଂଶ ବାୟୁ ଚଳାଚଳାର୍ଥେ ଶୂନ୍ୟ ରଖିବ । ଶାସ୍ତ୍ର ମତରେ ଅଧ ପେଟ ଆହାର ଗ୍ରହଣହିଁ ସ୍ୱାସ୍ଥ୍ୟକର । ଭୋଜରେ କହିବାକୁ ଗଲେ ଭାତ ଓ ପାଣି ବାରପଣ ବେଶି ହେବନାହିଁ ଏଭଳି ଆହାରହିଁ ସର୍ବଦା ବାଞ୍ଛନୀୟ ।

ବଳବାନ ହେବାକୁ ଇଚ୍ଛାକଲେ, ଅର୍ଥସଞ୍ଚୟରେ ମନ ବଳାଇଲେ, ଧର୍ମ ଅର୍ଜନ କରିବାକୁ ହେଲେ ଅଧିକ ଶାରୀରିକ ଶ୍ରମ କରିବାକୁ ଏବଂ ଅଧିକ ମାନସିକ ଶ୍ରମ କରିବାକୁ ଇଚ୍ଛାକଲେ ଉପବାସହିଁ କର୍ତ୍ତବ୍ୟ । ଧର୍ମ' ଅର୍ଥ, କାମ, ମୋକ୍ଷ ଏହି ଚତୁର୍ବର୍ଗ ସାଧନର ପ୍ରଧାନ ଉପାୟ ଶରୀର ରକ୍ଷା - ପୁଣି ଶରୀର ରକ୍ଷାର ପ୍ରଧାନ ଉପାୟ ଉପବାସ । ଉପବାସରେହିଁ ଆମ୍ଭ-ମାନଙ୍କର ସର୍ବାର୍ଥ ସାଧନ । ଶାସ୍ତ୍ର କହୁଅଛି :=

"ସର୍ବାର୍ଥଦଂ ତୀ ଶ୍ରେଷ୍ଠଂ ଉପବାସଂ କଲୌଯୁଗେ" ।

କଳିଯୁଗରେ ଉପବାସହିଁ ସର୍ବାର୍ଥ ସାଧନ ତପସ୍ୟା ଏହି କଳିଯୁଗରେ ଅନ୍ନଗତ ପ୍ରାଣ ବୋଲି ସାଧାରଣତଃ ଅତ୍ୟାହାରରେ ସେହି ପ୍ରାଣର ଅନ୍ନର ଅପବ୍ୟବହାର ହୁଏ । ଅତଏବ ଉପବାସ ରୂପ ସାମୟିକ ଅନାହାର ଓ ଦୈନିକ ଅଳ୍ପାହାର ରୂପ ମିତାହାରହିଁ ମାନବର ଅବଶ୍ୟ କର୍ତ୍ତବ୍ୟ ।

ଆମ୍ଭମାନଙ୍କ ଦେଶରେ ଉପବାସର ସାର୍ଥକତା ବୁଝାଇବା ପ୍ରୟୋଜନ ପ୍ରାୟହିଁ ନାହିଁ । ଧର୍ମ ଅନୁଯାୟୀ ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟଙ୍କର ଧର୍ମ

Digitized by srujanika@gmail.com

ସୀମାନ୍ତ ବାର ବୃତ୍ତରେ ଉପବାସର ବିଷୟ ରହିଅଛି ।

ଆମ୍ଭମାନଙ୍କର ଦେଶରେ ଉପବାସ ଶବ୍ଦରେ ଅପରିଚିତ କିମ୍ବା ଆଶ୍ଚର୍ଯ୍ୟାନ୍ୱିତ ହେବାର କିଛି ହିଁ ନାହିଁ । ଗାନ୍ଧିଜୀ ନିଜ ଜୀବନରେ ଉପବାସ ଓ ପ୍ରାୟୋପବେଶନର ବହୁ ଦୃଷ୍ଟାନ୍ତ ଦେଖାଇଅଛନ୍ତି ଏବଂ କହିଅଛନ୍ତି ଯେ ଦୈହିକ ଶକ୍ତି ଉପବାସରେ କ୍ଷୁନ୍ନ ହୁଏ ବୋଲି ଯେଉଁମାନେ ମନେ କରନ୍ତି ସେମାନେ ଭ୍ରାନ୍ତ । ଉପବାସରେ ସଂଯମ ଦ୍ୱାରା ଯେଉଁ ଆତ୍ମିକ ଶକ୍ତି ସଞ୍ଚିତ ହୁଏ ତାହା ଦୈହିକ ବଳଠାରୁ ଅତ୍ୟନ୍ତ ଅଧିକ । ଭାରତ ବର୍ଷର ଅନେକ ସାଧୁ ସନ୍ନ୍ୟାସୀ ମାନେ ଏହି ଆତ୍ମିକ ଶକ୍ତିର ବିକାଶ ବହୁକ୍ଷେତ୍ରରେ ପ୍ରଦର୍ଶନ କରି ଅଛନ୍ତି । ଆମ୍ଭମାନଙ୍କ ଦେଶର ଭିକ୍ଷୁକ ମାନେ ଯେପରି ସଂସାରର ଅସାରତା ଓ ଦେହର ଅନିତ୍ୟତା ସମ୍ବନ୍ଧରେ ପ୍ରତିଦ୍ୱାରରେ ଗୀତ ଗାଇ ବୁଲନ୍ତି ଏହି ତଥ୍ୟ ଉପରେ ଏଦେଶର ସାଧାରଣଙ୍କର ଯେପରି ପରିଜ୍ଞାତ ସେପରି ସଂଯମ ଓ ଉପବାସର ମହିମା ମଧ୍ୟ ଏ ଦେଶ ବାସୀର ସମ୍ୟକ୍ ପରିଜ୍ଞାତ ।

କିନ୍ତୁ ପ୍ରତୀଚୀରେ ଏହାର ବିପରୀତ । ପ୍ରତୀଚୀର ସକଳ ଜାତିଙ୍କ ମଧ୍ୟରୁ କାହାରିକୁ ଓଳିଏ ଉପବାସ କରିବାକୁ ହେଲେ ଚକ୍ଷୁରୁ ଅନ୍ଧକାର ଦେଖେ ।

ଉପବାସ କିମ୍ବା ଲଂଘନ ଦ୍ୱାରା ଯେ ରୋଗ ନିରାମୟ ହୁଏ ଏହା ବର୍ତ୍ତମାନ ପ୍ରତୀଚୀର କୌଣସି କୌଣସି ମନୀଷୀ ଉପଲବ୍ଧି କଲେଣି । ପ୍ରତୀଚୀର ସାଧାରଣ ଲୋକେ କିନ୍ତୁ ବର୍ତ୍ତମାନ ବିଶ୍ୱାସ କରନ୍ତି ଯେ ଉପବାସ କରିବା ଗୋଟିଏ ଅଲୌକିକ କାର୍ଯ୍ୟ ଏବଂ ଉପବାସ ଦ୍ୱାରା ରୋଗ ନିରାମୟ ହେବା ମଧ୍ୟ ତତୋଧିକ ଆଶ୍ଚର୍ଯ୍ୟର କଥା ।

ପ୍ରତୀଚ୍ୟର ଡାକ୍ତର ସାର୍ଜିୟାସ୍ ମାରଚୁଲିସ୍ "ଉପବାସର ଉପକାରିତା" ନାମକ ଯେଉଁ ଗ୍ରନ୍ଥ ପ୍ରଣୟନ କରିଅଛନ୍ତି ସେଥିରେ ବହୁତ ତଥ୍ୟ ସନ୍ନିବିଷ୍ଟ । ସେ ଡମଡକେଲ୍ କଲେଜର ଅଧ୍ୟାପକ ରୂପେ ତାହାଙ୍କର ବିଜ୍ଞାନାଗାରରେ ନାନାସରଞ୍ଜାମ ସାହାଯ୍ୟରେ ପ୍ରତିପନ୍ନ କରିଅଛନ୍ତି ଯେ ଉପବାସ ଗୋଟିଏ ଅଲୌକିକ କାର୍ଯ୍ୟ ନୁହେଁ, ତାହା ମନୁଷ୍ୟର ସଂଯମ ଓ ଅଭ୍ୟାସର ଅଧୀନ ଏବଂ ଉପବାସ ସାହାଯ୍ୟରେ ମନୁଷ୍ୟ ନିରୋଗ ଓ ଦୀର୍ଘଜୀବୀ ହୋଇପାରେ । ଦୃଷ୍ଟାନ୍ତ ସ୍ୱରୂପରେ ଦେଖାଇ ଅଛନ୍ତି ଯେ ଉପବାସ ମନୁଷ୍ୟର ଶାରୀରିକ ଶକ୍ତି କ୍ଷୁଣ୍ଣ କରି ନଥାଏ ଏବଂ ତାହା ମନୁଷ୍ୟ ପକ୍ଷରେ ଅନିଷ୍ଟ କର ନୁହେ । ସେ ପ୍ରମାଣ କରି ଅଛନ୍ତି ଯେ ମନୁଷ୍ୟ ଯେବେ ଗୋଟିଏ ନିର୍ଦ୍ଦିଷ୍ଟ କାଳ ନିୟମାନୁସାରେ ଉପବାସ କରି ଭୋଜନରେ ୧୦ ରୁ ୧୫ ପାଉଣ୍ଡ କମିଯାଏ ତହିଁରେ ତାହାର ଶାରୀରିକ ପ୍ରକ୍ରିୟା ସମୂହର କୌଣସି କ୍ଷତି ହୁଏନାହିଁ, ବରଂ ତାହା ଶରୀର ପକ୍ଷରେ ଅତ୍ୟନ୍ତ ମଙ୍ଗଳ ଜନକ ହୋଇଥାଏ ସେ କହିଛନ୍ତି ଯେବେ ଶତକଡ଼ା ୨୫ । ୩୦ ଭାଗ କମିଯାଏ ସେତେବେଳେ ଆଶଙ୍କାର କାରଣ ଉପସ୍ଥିତ ହୁଏ । ସେହି ସମୟରୁ ଶରୀରର କଳ କବ୍‌ଜାର ଏବଂ ଇନ୍ଦ୍ରିୟାଦିର କାର୍ଯ୍ୟ କରିବାର କ୍ଷମତା କ୍ଷୁନ୍ନ ହୋଇଥାଏ । ସେ ମନୁଷ୍ୟ ବ୍ୟତୀତ ଅନ୍ୟ ପ୍ରାଣୀ ସମ୍ପର୍କରେ ପରୀକ୍ଷା ଦ୍ୱାରା ପ୍ରତିପନ୍ନ କରିଅଛନ୍ତି ଯେ କୁକୁର ଯେତେବେଳେ ଉପବାସ ଦ୍ୱାରା ଶରୀରର ଶତକଡ଼ା ୬୦ ଭାଗ ଓଜନ ହରାଇ ଦିଏ, ସେତେବେଳେ ଯେବେ ତାହାକୁ ସ୍ୱାଭାବିକ ଭାବରେ ରଖାଯାଏ ତାହା ହେଲେ ଅଳ୍ପ ସମୟ ମଧ୍ୟରେ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ । ପ୍ରାୟ ମୃତ୍ୟୁ ମୁଖରେ ପତିତ ହୋଇ ସୁଦ୍ଧା ତାହାର କ୍ଷତି ହୁଏନାହିଁ । ମନୁଷ୍ୟର ଜୀବନୀ ଶକ୍ତି ତାରତମ୍ୟରେ ମନୁଷ୍ୟ ଉପବାସ ସହନଶୀଳ ହୋଇ ପାରେ; କେହି ବହୁଦିନ ଉପବାସ ସହନକ୍ଷମ, କେହି ଅବା ଅଳ୍ପ ଉପବାସରେ କାତର ହୋଇ ପଡେ କିନ୍ତୁ ଅଭ୍ୟାସ ଓ ସଂଯମର ଅନୁଶୀଳନ ଫଳରୁ ଜୀବନୀ ଶକ୍ତିର ମଧ୍ୟ ପରିବର୍ତ୍ତନ ହୋଇଥାଏ । ଏହି ହେତୁରୁ ବିଶେଷଜ୍ଞଙ୍କର ପରାମର୍ଶ ବ୍ୟତୀତ ସକଳ ମନୁଷ୍ୟର ଦୀର୍ଘ ଉପବାସ କରିବା ଅନୁଚିତ ।

ତେବେ ମାରଚୁଲିସ୍ ସ୍ଥିର ସିଦ୍ଧାନ୍ତ କରିଅଛନ୍ତି ଯେ

Digitized by srujanika@gmail.com

ସାଧାରଣ ମନୁଷ୍ୟ ଉପବାସ ଦ୍ୱାରା ଶରୀରର ଓଜନ ଶତକରା ୧୫ ଠାରୁ ୨୦ ଭାଗ ହରାଇଲେ କୌଣସି ରୂପେ କ୍ଷତଗ୍ରସ୍ତ ହୋଇ ନ ଥାଏ । ଏକ ପକ୍ଷ କାଳ ଉପବାସ କଲେ ମନୁଷ୍ୟର ଓଜନ ୧୫ ଠାରୁ ୨୦ ଭାଗ କମିଯାଏ । ସୁତରାଂ ମନୁଷ୍ୟ ଏକପକ୍ଷ କାଳ ଉପବାସ କଲେ ତାହାର କୌଣସି କ୍ଷତି ହେବନାହିଁ ।

ଡାକ୍ତର ମାରଗୁଲସ୍ ପରୀକ୍ଷାଦ୍ୱାରା ଆଉ ଗୋଟିଏ ତଥ୍ୟ ଆବିଷ୍କାର କରିଅଛନ୍ତି । ସେ କହନ୍ତି ଉପବାସ ସମୟରେ ମନୁଷ୍ୟର ଦେହର ଅହାର୍ଯ୍ୟ ତାହାର ପେଶୀ ସମୂହରୁ ଉତ୍ପନ୍ନ ହୋଇଥାଏ ଏବଂ ତାହାଦ୍ୱାରା ତାହାର ଜୀବନୀ ଶକ୍ତି ଅବ୍ୟାହତ ରହିଥାଏ । କିନ୍ତୁ ଏହା ବୋଲି ବୁଝିବୁ ଶରୀର ପେଶି ସମୂହର ଧ୍ୱଂସ ସାଧନ କିମ୍ବା ଅନିଷ୍ଟ ସାଧନ କରେ ନାହିଁ । ପେଶୀ ସମୂହର ସୂକ୍ଷ୍ମ ଅଂଶ ଗୁଡ଼ିକର ଯେତେବେଳେ ଅତ୍ୟଧିକ ଓଟିରି ପଡ଼େ ସେତେବେଳେ ବିପଦର ଆଶଙ୍କା ହୋଇ ଥାଏ । ଡାକ୍ତର ମାର ଗୁଲ୍‌ସ୍‌ଙ୍କର ଏହି ଉପପତ୍ତି ଚିକିତ୍ସା ବିଜ୍ଞାନ ଜଗତରେ ଯୁଗାନ୍ତର ଉପସ୍ଥିତ କରିଅଛି । ଏତେଦିନ ଲୋକ-ମାନଙ୍କର ବିଶ୍ୱାସ ଥିଲା ଉପବାସ କାଳରେ ଶରୀର ନିଜର ପେଶୀ ସମୂହ ଉପରେ ନିର୍ଭର କରି ସେମାନଙ୍କ ଧ୍ୱଂସ ସାଧନ କରେ ଏବଂ ଏହା ଫଳରୁ ମନୁଷ୍ୟର ଜୀବନୀ ଶକ୍ତି ହରାଇ ଥାଏ । ସୁସ୍ଥ ସବଳ ପେଶୀର ଧ୍ୱଂସରେ ଦେହର ଧ୍ୱଂସ ହୁଏ ଏହା ହିଁ ବୈଜ୍ଞାନିକ ମାନଙ୍କର ଧାରଣା ରହିଥିଲା, ମାତ୍ର ଡାକ୍ତର ମାରଗୁଲସ୍‌ ସେ ଧାରଣା ଭ୍ରାନ୍ତ ବୋଲି ପ୍ରମାଣ କରି ଅଛନ୍ତି ।

ସେ ଆହୁରି ପ୍ରମାଣ କରିଅଛନ୍ତି ଯେ ଉପବାସ ଦ୍ୱାରା ଶରୀରର ନଷ୍ଟ କ୍ରିୟା ଶକ୍ତିର ଉଦ୍ଧାର ସାଧନ ହୋଇପାରେ । ପରନ୍ତୁ ଉପବାସର ସାମାନ୍ୟ ଚେଷ୍ଟାଠାରୁ ସମ୍ପୂର୍ଣ୍ଣ ଉପବାସ ଅଧିକ ଫଳ ଦାୟକ । ସେ କହନ୍ତି ଉପବାସ ଚାରି ପ୍ରକାର । (୧) ସମ୍ପୂର୍ଣ୍ଣ (୨) ଆଂଶିକ ଉପବାସ (୩) ମଝି ମଝି ଉପବାସ (୪) ବହୁଦିନ ସ୍ଥାୟୀ ଉପବାସ ଏହି ଚାରି ପ୍ରକାର ଉପବାସ ମଧ୍ୟରୁ ପ୍ରଥମୋକ୍ତ ଉପବାସହିଁ ସର୍ବଶ୍ରେଷ୍ଠ । ଆଂଶିକ ଉପବାସରେ କେତେ ଗୁଡ଼ିଏ ଖାଦ୍ୟ ବର୍ଜିତ ହୁଏ । ଏଥିରେ ହୁଏତ ଅନିଚ୍ଛା ଅଥବା ଅଜ୍ଞତା ବଶତଃ କେତେ ଗୁଡ଼ିଏ ଭିଟାମିନ୍ (vitamin) କିମ୍ବା ଖାଦ୍ୟର ସାରାଂଶ ଛାଡ଼ି ଦିଆଯାଏ । ଏଥିରେ ଶରୀରର ପୁଷ୍ଟିକ୍ରିୟା ବ୍ୟାହତ ହୁଏ । ମଝି ମଝି ଉପବାସ ମନ୍ଦ ନୁହେଁ, ତାହା ସମ୍ପୂର୍ଣ୍ଣ ଉପବାସରୁ ନିକୃଷ୍ଟ ହେଲେହେଁ କେତେକ ପରିମାଣରେ ଫଳଦାୟକ ହୋଇଥାଏ । ଦୁର୍ଭିକ୍ଷ ସମୟରେ ବହୁକାଳ ସ୍ଥାୟୀ ଉପବାସ କରିବା ଯେତେବେଳେ ବାଧ୍ୟତା ମୂଳକ ହୁଏ, ସେତେବେଳେ ସମ୍ପୂର୍ଣ୍ଣ ଏବଂ ଆଂଶିକ ଉପବାସର ଯୋଗାଯୋଗର ସମ୍ଭାବନା ହୋଇଥାଏ । ଫଳତଃ ଏଥିରେ ଅପକାରର ସମ୍ଭାବନା ଅଧିକ । ଡାକ୍ତର ସାମୁଏଲ ମାରଗୁଲସ୍ ବେଜବାସ୍କା ମେଡ଼ିକେଲ କଲେଜର ଅଧ୍ୟାପକ ।

## ବୋମ୍ବାଇ ଯାଉଥିଲି

ଶ୍ରୀ ସିଦ୍ଧେଶ୍ୱର ହୋତା

ବୋମ୍ବାଇ ମେଲ ଛୁଟି ଚାଲିଛି, ବୋମ୍ବାଇ ଅଭିମୁଖରେ । ଦୁଇଦିନ ଗାଡ଼ିରେ ବସି ପହଞ୍ଚିଲି ଶେଷରେ ଭିକ୍ଟୋରିଆ ଟରମିନସ୍‌ରେ । ସୁନ୍ଦର ଷ୍ଟେସନ କୋଠା । ମନେ ହେଉଛି ଯେପରି ସେ ନିଜ ଜୀବନ ପଛରେ ବିରାଟ ଇତିହାସ ରହିଛି ବୋଲି ।

ଖବର କାଗଜ ପଢ଼ିବା ମୋର ଗୋଟିଏ ଅଧୁନିକ ରୋଗ । ସକାଳ ୭ ଟାରେ ସେଇ ଭିକ୍ଟୋରିଆ ଟରମିନସ୍‌ରେ ପଢ଼ିବାକୁ ପାଇଲି ବୋମ୍ବାଇ ମେଲ । ସାରା ଜୀବନ ନିର୍ବାସନ ଦଣ୍ଡ । ଦୋଷ - ଖୁଣ ଅଭିଯୋଗ । ଗ୍ରେଟ ଗୁରବର୍ଟ ପରେ ଧରା ପଡ଼ିଛି ।

Digitized by srujanika@gmail.com

କେଣ୍ଟି ଭାବି ପାରିଲି ନାହିଁ । ସରକାରଙ୍କ ନାମକରା ପୁଲିସ୍ ଦଳ ବଳ ହୋଇମଧ୍ୟ ଗୋଟିଏ ଚୋରକୁ ଧରି ପାରୁନାହାନ୍ତି । ବଡ଼ କୌତୁକ ଅସିଲା ମନକୁ । ଉଦ୍‌ବେଗର ଝଞ୍ଜା ଅନ୍ତରକୁ ଛିନ୍ନଭିନ୍ନ କରି ଦେଉଛି । ଖୁଣୀ ଅଉ ଚୋର ଦୋଷୀ ମାଧବ ଗୁଡ଼ିବର୍ଷ ପରେ ନିଜେ, ଧରା ଦେଇଛି । ଏ ତ କମ୍ କଥା ନୁହେଁ । ଯେ ଚୋର, ସେ ପୁଣି ନିଜେ ଧରା ଦେବ । ଏଥିରେ ପୁଣି ପୁଲିସ୍ ଦଳର ବାହାଦୁରୀ ଏ କଥା ଖବର କାଗଜରେ କଥା ନାଇଛି ପୁଲିସ୍ ଦଳର ପ୍ରଶଂସା କରି । କୁ – ଏ – ଏ ଚୋର ବୋଲି ମୋତେ ଜଣା ପାଉ ନାହିଁ ।

ମୋର ଉଦ୍ଦେଶ୍ୟ ଛଅମାସ ରହି ପି, ଏଚ୍, ଡି, ପାଇଁ ବୋମ୍ବାଇ ବିଶ୍ୱ ବିଦ୍ୟାଳୟରେ ଥେସିସ୍ ଦେବାକୁ ଭୁଲାଭାଇଙ୍କ ଦୟାରୁ ଗୋଟିଏ ଏକତାଲା ଘର-ମୋତେ ମିଳିଥିଲା । ଘରଟି ସମୁଦ୍ର କୂଳରେ । ଉଦୟ ଅସ୍ତ ବେଳର ସୁନେଲି କିରଣ ରଚେ ସ୍ୱାଗତବାଣୀ ନୀଳ ଜଳରେ ଛଳ ଛଳ ହୋଇ । ଦଳ ଦଳ ସୁନ୍ଦରୀ ରମଣୀ ବୁଲିଯାଆନ୍ତି ମୋ ଘର ସାମନା ଦେଇ । ତା ପଛେ ପଛେ ଆସନ୍ତି କେଉଁ ଦ୍ୱୀପର ସୁନ୍ଦର ଯୁବକ ଦଳ । ଏତ ମହିଁ ସମୁଦ୍ରର ରହସ୍ୟ ଦ୍ୱୀପ । ଲଙ୍ଗା ପରି ଗଳ୍ପର ଜୀବନ ଅତି ଚମତ୍କାର ହୋଇ ଉଠୁଛି । ତା ପଛେ ପଛେ ଖାକି କୁରୁତା ପିନ୍ଧି ପୁଲିସଦଳ ଯାଏ ଦାୟିତ୍ୱ ଜୀବନର ଅଛି ଅଛି ବୋଲି ପ୍ରମାଣ ମିଳେ ।

ଥେସିସ୍ ଦେବି ପି. ଏଚ୍. ଡି. ପାଇଁ । ଗବେଷଣା ବସ୍ତୁରେ ଭରି ରହିଛି ଏ ବୋମ୍ବାଇ ସହର । ଧୂଳି ମାଟିର ମଉଜ ଦେଉଛି ବ୍ୟକ୍ତିର ସ୍ୱାଧୀନତା ସାହସ ? ଓ ଉନ୍ନତ କଳା । ମନଟା ବାଜି ଅତ୍ୟାଗ୍ରହ କରି ବସିଲା ମୋ ଉପରେ ଏ ରହସ୍ୟ ଜାଣିବା ପାଇଁ । ଜାଣିଏକମାସ ପର୍ଯ୍ୟନ୍ତ କିଛି ଜାଣି ପାରିଲି ନାହିଁ । ପୂର୍ଣ୍ଣମାସ ତିନି ତାରିଖରେ - ମୋର ଜୀବନର ସେଇ ଘଟଣା ଗୋଟିଏ ମୀମାଂସାହୀନ କାହାଣୀ ଗଢ଼ି ହୋଇଛି ।

ଅନେକ ବାଧା ବିଘ୍ନ ପରେ ସେଠାକାର ପୁଲିସ୍ ସାହେବ ମାନିକର ସଙ୍ଗେ ମୋର ଘନିଷ୍ଠ ବନ୍ଧୁତା ଜନ୍ମିଲା । ଦୁହେଁ ଗୋଟିଏ ଟେବୁଲରେ ବସୁ । କେକ୍ ଖାଉ । ନାନା ଆଳାପର ଜମାଟ କରୁ । ବଡ଼ ଆଗ୍ରହରେ ପଚାରନ୍ତି "ମହୋଦଧିର ଗର୍ଜନ ଓ ତାରି ତୃଣ୍ୟ ଜଗନ୍ନାଥଦେବଙ୍କର ହୋଇଲା ବୈକୁଣ୍ଠ ଲୀଳା" ।

ଏପରି କେତେଦିନ ଯାଏ ଓଡ଼ିଶାର ଶିଳ୍ପକଳା ସମ୍ବନ୍ଧରେ ଆଲୋଚନା ହେଲା । ମାନିକର ହଠାତ୍ ପଚାରିଲେ, "ଏଇ ପୁରାତନ ମୂର୍ତ୍ତିର ଗବେଷଣା କଲେ ଓଡ଼ିଶାର କଳା ସମସ୍ତେ ଜଗତରେ ଜାଣି ପାରନ୍ତେ । ଅଉ ଆପଣଙ୍କ ନାମ ଏଇ ଗବେଷଣାରେ ଅମର ହୋଇ ଉଠନ୍ତା" ।

ମୁଁ କହି ଉଠିଲି "କଥାଟା ସତ । ଏହାକୁ ଅଧ୍ୟୟନ କରିବାକୁ ମୋର ଶକ୍ତି ନାହିଁ । ଭୁବନେଶ୍ୱରର ଭଙ୍ଗା ରାଜରାଣୀ ଦେଉଳରୁ ଯେ କେତେ କାରୁକାର୍ଯ୍ୟ ଭରା ପଥର ଚୋରି ହୋଇ ଯାଇଛି, ତାହାର ଇତି-ହାସ କେହି ରଖି ନାହିଁ । ଲିଙ୍ଗରାଜଙ୍କ ମନ୍ଦିରର ଶିଳାଲେଖ ଓ ଅନୁଶାସନ କେଉଁ କାଳରୁ ଚୋରି ହୋଇ ଗଲଣି ତାହାର ପତା ମିଳୁ ନାହିଁ । ଅତୀତ ଘଟଣାରେ ଜୀବନ ପୂରାଇ କହିଁକି ବା ଦୁଃଖମୟ କରିବି ବତାଇ ପାରିବେ କି" ?

"ବତାଇବାର ରହସ୍ୟ ଭାବି ପାରୁନାହିଁ । ତେବେ ଯେଉଁ ଚୋର ଜୀବନ୍ତ ବସ୍ତୁକୁ ଚୋରି କରି ନେଉଛି; ସେଠି ଜଡ଼ ପାଷାଣର ମୂଲ୍ୟ ନାହିଁ ।"

ପୋଲିସ ସାହେବଙ୍କର ଏ ତତ୍ତ୍ୱପୂର୍ଣ୍ଣ ଉତ୍ତର ପୁଣି ମନରେ ବିବିଧ ଜିଜ୍ଞାସାର ଅନ୍ଧାର ଖେଳି ଗଲା ।

Digitized by srujanika@gmail.com

ନିରାଲମ୍ବ ମୁନିପରି ଉଦାସ ହୋଇ ପଚାରିଲି "ଶ୍ରେୟର କଣ ଅପେ ଅପେ ଧରାପଡେ ? ଏ କଥା ମୋତେ ବଡ଼ ରହସ୍ୟ ଲାଗୁଛି ।"

"ଏଥିରେ ରହସ୍ୟତ କିଛି ନାହିଁ । ଶ୍ରେୟର ନିଜକୁ ଲୁଚାଇବାକୁ ଶତ ଚେଷ୍ଟା କରେ । ସବୁ ସ୍ଥାନ ପରୀକ୍ଷା କରି ନିରାଶ ହେଲେ 'ଅପେ ଅପେ ଧରାଦିଏ ।"

"ତଥାପି ଶ୍ରେୟର କରି ମାଧବ ଗୃର ବର୍ଷ ପରେ ଧରା ଦେଇଛି । ଯେ ନିଜକୁ ଚାରି ବର୍ଷ ପର୍ଯ୍ୟନ୍ତ ଲୁଚାଇ ନିରାପଦରେ ରଖି ପାରିଥିଲା । ସେ କଦାପି ତା କଲ୍ୟାଣ ଦୃଷ୍ଟିରୁ ଧରା ଦେବ ନାହିଁ ତ; ଏଥିରେ ଯଥେଷ୍ଟ ଅସମ୍ଭବ କଥା ରହିଛି ।"

ଥାନାକର ଏହା ଶୁଣି ହସି ଉଠିଲେ, କି, ଏଇ ତ ପାଇଁ ଗବେଷଣା, ବଡ଼ ବଡ଼ କଥା ଗବେଷଣା କରି କରି ମୁଣ୍ଡ ଏକା ଟେଳଟେଳ କପାଳର ଚାଲଟି ଗଲାଣି, ସେଥିପାଇଁ ଏଇ ସାମାନ୍ୟ କଥାରେ ପୁଣି ଗବେଷଣାର ଉପକ୍ରମ ହେଉଛି ।

ବନ୍ଧୁଙ୍କର ଏ ପ୍ରଳାପ ପୂର୍ଣ୍ଣ ଅଟ୍ଟହାସ କଣ୍ଟଲିଆ ବୟସର ଲୋକଙ୍କୁ ବିଚଳିତ କରିପାରେ କିନ୍ତୁ ମୋ ପରି ଲୋକ ଏହା ବୁଝି ଧରି କଦାପି ଛାଡ଼ିବ ନାହିଁ । ମୁଁ କହି ଉଠିଲି ବଡ଼ ଜୋରସୁ ନେଇ "ଏଇ ଶ୍ରେୟର ମାଧବ ବିଷୟରେ ମୋତେ ଗବେଷଣା କରିବାକୁ ପଡ଼ିବ ବୋଲି ଆପଣଙ୍କ ସାହାଯ୍ୟ ଲୋଡୁଛି । ତେବେ କଥାଟା ସତ କି ମିଛ ଜଣା ପଡ଼ିବ ବୋଲି ଭାବୁଛି" ।

"ଭବନ୍ତୁ । ଯେପରି ପାରିବ କରିବ ।" ଥାନାକର ଓ ମୁଁ ଦୁହେଁ ବଡ଼ ଗମ୍ଭୀର ନୟନରେ ବିଦାୟ ନେଲୁଁ ।

ପ୍ରତିଦିନ ମୋ ଥେସିସ୍ କାମ ସଙ୍ଗେ ଶ୍ରେୟର ମାଧବର ଜୀବନ କାହାଣୀ ଗୋଟିଏ ନୂତନ ଧରଣର ଗବେଷଣା କାମ ହେଲା । କ୍ରମେ ଜେଲଖାନା ଭିତରକୁ ମୋ ମନ ମୁତାବକ ଯିବାର ସୁବିଧା ପାଇଲି । ମାଧବ ସଙ୍ଗେ ଆଳାପର ସବୁ ବାଧାବିଘ୍ନ ଦୂରେଇ ଗଲା ।

ଶ୍ରାବଣର ଗରମ ସଙ୍ଗେ ଅଗଣ ବରଷା କାଳର ମନ୍ଦଲୀଳା । ପୃଥିବୀର ବୁକୁରେ ବେଳେ ବେଳେ ଏମିତିକା ତାଲୁ ଓ ଥଣ୍ଡାର ଅଜବ ମିଳନ ଓ ଟଉକା ଚାଲିଥାଏ । ମଣିଷ ଜୀବନର ଅଧାର ଯଦି ହେବ ଏ ଜଗତ ଲୀଳାରେ ଦିନ କଟେ ତେବେ ମଣିଷ ଜୀବନ ଏଇ ପ୍ରଚ୍ଛନ୍ନ ବିରକ୍ତି ଓ ଆନନ୍ଦଠାରୁ ଦୂରରେ ତ କଦାପି ରହିବ ନାହିଁ । ମାଧବ ସଙ୍ଗେ କଥାବାର୍ତ୍ତା କରେ "ଏଇ ଦୁନିଆ ସତେ କେଉଁଠି ଓ ନୂଆ ଦୁନିଆର ଆରମ୍ଭ କେଉଁଠି । ମେଘର କଳା ଅଙ୍ଗରେ ବିଜୁଳିର ଚମକ । ସେଥିରେ ପୁଣି ବଜ୍ରର ଘଡ଼ ଘଡ଼ ଗର୍ଜନ । ଏ ସବୁ... ..." ମାଧବ ଶୁଣେ । ଉଦାସ ନୟନରେ ଚାହେଁ । ସେ ଭାବେ କଣ ଘଟିଏ ଯାଏ ପୁଣି ବ୍ୟଙ୍ଗ ହସ ହସି ଯିବାକୁ ଉଠି ପଡ଼େ । ମୁଁ ନାନା ପ୍ରଶ୍ନର ଉତ୍ତାଳ ତରଙ୍ଗ ସୃଷ୍ଟି କରି କଷଟି ପଥରରେ ମାଧବକୁ ପରୀକ୍ଷା କରିବାକୁ ଚେଷ୍ଟା କରେ । ସେ ବୁଝେ କି ନାହିଁ ମୁଁ ଜାଣିବାକୁ ଚେଷ୍ଟା କରେ ନାହିଁ । ତଥାପି ମୋ କାମରେ ମୁଁ ଆଗେଇ ଚାଲେ ।

ଏପରି ଭାବରେ ଅଳ୍ପ କେତେ ପନ୍ଦରଟି ଦିନ କଟି ଗଲାଣି । ତଥାପି ଗବେଷଣାର ସତ୍ୟତା ମିଳି ନାହିଁ ।

ଦିନକର ସଞ୍ଜ ଗୋଧୂଳି । ଅସ୍ତରେ ଅସ୍ତାଚଳର କଳ୍ପନା ସକାଳ ସୌନ୍ଦର୍ଯ୍ୟରେ ଅନ୍ଧାର ଚଳା ଘଡ଼ି ମାଡ଼ି ମାଡ଼ି ଆସୁଛି । ମୁଁ ଆସୁଛି ଫେରି ମୋ ଘରକୁ ଜେଲ ଖାନାରୁ । ପଛରୁ ବନ୍ଧୁ ଗୁଲିଏ ଡାକ ଶୁଣି ଫେରି ପଛ ଦେଖିଲି ପୋଲିସ ସାହେବ ଥାନାକରଙ୍କୁ ଅଛାଡ଼ରେ ଲକ୍ଷ୍ମଣର ଶରଭେଦ କଥା

Digitized by srujanika@gmail.com

କହିଲେ । ମୁଁ ବୁଝି ପାରିଲି ନାହିଁ । ସାମାନ୍ୟ ହସ ହସି ହଠାତ୍ କହି ଉଠିଲେ ବର୍ତ୍ତମାନ ଏ ଆଉ ଦାସ ଯୁଗ ନୁହେଁ ଯେ ଅନ୍ୟ ମଣିଷକୁ ଛୋଟ ବୋଲି ମନେ କରିବା । ଆ-ପର ସେମାନେ ଶକ୍ତିଶାଳୀ ଓ ଆକାଂକ୍ଷା ପୂର୍ଣ୍ଣ

"ହଉ ରଖନ୍ତୁ କଥାବାର୍ତ୍ତାର ବର୍ଷଣ ଭଙ୍ଗୀ । ଆସନ୍ତୁ ଜଳଖିଆ ଖାଇ ବସାକୁ ଫେରି ଯିବେ" । ଦୁହେଁ ଚାଲିଲୁ ତାଙ୍କ ଘରକୁ । ଘରର ଆଗ ସାମନାରେ ତ୍ରିମୂର୍ତ୍ତି ଶିବଙ୍କର ଗୋଟିଏ ଛୋଟିଆ ମୂର୍ତ୍ତି ରହିଛି । କାରୁକାର୍ଯ୍ୟ ବଡ ସୁନ୍ଦର । ଲାବଣ୍ୟ ଫୁଟି ଉଠୁଛି । କହିବାରେ ପ୍ରାଣଶକ୍ତି ମୋ ହାତକୁ ସବୁବେଳେ ସମର୍ଥନ ଜଣାଉଛି ।

ଆଗ ପଦ କଥା ବାର୍ତ୍ତାର ସୂଅ ବଦଳାଇ ଆଗେ ଆଗେ ମୁଁ କହିଲି ସେଇ ଗ୍ରେର ମାଧବର କଥା - ମୁଁ ତା ସଙ୍ଗେ ନିଜ ଜୀବନ କାହାଣୀ ମିଳାଇ ଦେଇଚି, ତଥାପି ସେ ସବୁବେଳେ ନିର୍ଲ୍ଲିପ୍ତ । ଭାବିପାରୁ ନାହିଁ କିପରି, କିପରି ତା ଅନ୍ତରରେ ପ୍ରାଣଶକ୍ତି ଦେବ ।

"ଉପାୟ ଭାବୁଛ ଉପାୟ ଏ ଗବେଷକଙ୍କର କାର୍ଯ୍ୟ ନିର୍ଦ୍ଧାରଣ ପାଇଁ ସମ୍ମାନ ସହିତରେ ମନ୍ତ୍ର ପଢ଼ିଲ ବଞ୍ଚାଇ ଦେଇ ପୁଟରେ ପୁଟରେ ମଲା ଜୀବ ହସାଇ ପାରେ କେବଳ ସେଇ ଯୋଗୀ । ସେ ଯାହା କରୁଛି ସେଥିରେ ଭୁଲ ଭଟକା କିଛି ନାହିଁ । ମାନଙ୍କର ସଞ୍ଚୟ ମିଳିବାରେ ବ୍ୟସ୍ତ ।

"ଭୁଲନ୍ତି ନାହିଁ ତେବେ ଏ ବକ୍ତୃତାର ଧାରା ବଡ ଅସ୍ପଷ୍ଟ । ଏ ବିଶ୍ୱର ସୀମାବଦ୍ଧ ଜଗତର କିନ୍ତୁ ଗଣିତ ସାମାଜିକ ଜୀବନର ଇତିହାସ ଏଠି ମିଳୁ ନାହିଁ ।

ଭାବୁଛ ମାଧବ ଏ ଦୁଃଖ ପ୍ରତି ବଡ ବାରିକୁ । ଏ ବୋମାଇ ନଗରୀ ତା ପକ୍ଷରେ କିମ୍ପା କାଳି କାନ୍ଦଣାର ରଙ୍ଗ ଭରି" ।

ଏଥିରେ ତ ମିଛ ନାହିଁ । ଯିଏ ଗ୍ରେରୁ ଯିଏ ଏ ଭାବନା ଭାବିବ ନାହିଁ ତ ଆଉ କିଏ ସେଇ ମଣିଷ ଅବସାଦର ଛାଇ ଗଣିବ ······କହି ମାନଙ୍କର ହସି ଉଠିଲେ ।

ମାଟିରେ ଦାଉ ବରକୁ ଲାଗିଲେ କେବେ ତା ଖାତରରୁ କିଛି ନ କହି ବିଦାୟ ନେଇ ଆସିଲି ସେତେବେଳକୁ ମୁହଁର ଜ୍ୟୋତି କେଉଁ ଦୁର୍ବଳତାରେ ମିଳାଇ ଗଲାଣି । ଭାବୁଛି ଗ୍ରେର ମାଧବର ଜୀବନ କାହାଣୀ କିପରି ପାଇବି । ଏ ସାମାନ୍ୟ କଥା ମନ୍ଦ କରି ନ ପାରେ ତେବେ ପି. ଏଚ ଡି ର ମୂଲ୍ୟ କଣ ? ଏ ଖାଲି ପାଶ୍ଚାତ୍ୟ ଶିକ୍ଷାର ଅନ୍ଧ ଅନୁକରଣ ଛଡା ଆଉ କଣ ହୋଇପାରେ ?

ଦୀର୍ଘ ସାଢ଼େ ପାଞ୍ଚମାସପରେ ଦେଖିଲି ମାଧବର ମୁହଁର ସାମାନ୍ୟ ଜ୍ୟୋତିଃ । ସେଥିରେ ମିଶିଛି କାନ୍ଦ ଓ ହସ । ମନରେ ମୋର ଆଶାର ରେଖା ଖେଳିଗଲା । ଆନନ୍ଦରେ ମାଧବକୁ ପଚାରିଲି ଯିଏ ମଣିଷ ଆଗରେ ଗ୍ରେର, ଯିଏ ବାସ୍ତବରେ ଗ୍ରେର ନୁହେଁ । ବତୀ ଖୁଣ୍ଟ ତଳଟା ଅନ୍ଧାର ସତ କିନ୍ତୁ ବତୀ ଯେ ଅନ୍ୟମାନଙ୍କୁ ଅନ୍ଧାରରେ ରାସ୍ତା ଦେଖାଉଛି । ଠିକ୍ ସେମିତି ତମ ଜୀବନର ବିଚିତ୍ର କାହାଣୀ ।

ମୋ ଜୀବନର ' ଗ୍ରେର ଜୀବନଟାର । ତାର ପୁଣି ବିଚିତ୍ର କାହାଣୀ·· ·ବିଶେଷତଃ ଏଇ ସଙ୍କୀର୍ଣ୍ଣ ଦୁନିଆରେ ······ନା, ନା, କେବେ ନୁହେଁ — କ୍ଷମା କରିବେ ମୋତେ···ମୁଁ ·ମୁଁ···କହି···"

ଦେଖିବାକୁ ପାଇଲି ଜୀବନଟା ଉତ୍ସାହ ହୋଇ ଉଠୁଛି । ସଂସାର ଜାଲ ଦଳକା ଖଣ୍ଡ ଖଣ୍ଡ ହୋଇ ଯାଉଛି ଯିମିତି ତଳେ । ଆପଣା ମଣିଷ ପରି ବୁଝାଇ

Digitized by srujanika@gmail.com

ମୁହାଁଇ କହିଲି; "ମାଧବ ଏଥିରେ ସଙ୍କୀର୍ଣ୍ଣ ହେବାର କିଛି କାରଣ ନାହିଁ । ମୁଁ ତୁମର କିଛି କ୍ଷତି କରିବି ନାହିଁ ବାରମ୍ବାର ଏଇ ପ୍ରତିଜ୍ଞା ତୁମ ଆଗରେ କଲେ ହେଁ ତୁମେ ମୋତେ ବିଶ୍ୱାସ କରୁ ନାହଁ" ।

"ଏହାର ଯଥେଷ୍ଟ କାରଣ ଅଛି ।"

"ମୁଁ ଥାନାର ପୋଲିସ ନୁହେଁ । ମୁଁ ମଣିଷ ଜୀବନର ଗବେଷକ, ତା ଜୀବନର ଉଦାରତା ଗୁଣଟି ମୋର କାମ୍ୟ ।"

"ତେବେ ଦଣ୍ଡ ପାଇବାର ନୂଆ ଗ୍ରଣ୍ଡ"

'ନା, ମାଧବ । ମୁଁ ବସିଛି ତୁମ ଜୀବନର କାହାଣୀ ଶୁଣିବା ପାଇଁ । ବଡ଼ କୌତୁହଳ - ବଡ଼ ରୋମାଞ୍ଚକର - ବଡ଼ ସୀମାହୀନ" ।

ଏସବୁ ମିଛ ବନ୍ଧୁ । ଯଦି ଜୀବନରେ ଆନନ୍ଦ ଦେଇ ପାରେ ତେବେ ମୋର ଆପତ୍ତି କିଛି ନାହିଁ । "ମାଧବର ଧଇଁସଇଁ ଦାଢ଼ି ଫୁଲି ଉଠିଲା ମୋ ବୁକୁରେ ଛନ୍ଦହୀନ ଗୀତ ଫୁଟି ଉଠିଲା ।

ନଭେମ୍ବର କୋଡ଼ିଏ । ସେଦିନ ରବିବାର ମାଧବକୁ କହି ଆସିଲି 'ସେଇ ଦିନ ସକାଳୁ ବସି ଦୀର୍ଘ କାହାଣୀ ଶୁଣିବାକୁ, ଠିକ୍ ବେଳ ଅନୁଯାୟୀ ତା ପାଖରେ ପହଞ୍ଚିଲି । ମାଧବ ମଧ୍ୟ ସର୍ବବସ୍ତ ହୋଇ ସଙ୍ଗ ମେଳ ଛାଡ଼ି ପ୍ରସ୍ତୁତ ହୋଇଥିଲା ତା ଜୀବନର ଅତୀତ ଇତିହାସ ବର୍ଣ୍ଣନା କରିବାକୁ ।

ହଠାତ୍ ମାଧବ କହିଲା "ମୁଁ ଯାଇଥିଲି ଯୋଜପୁର ମେଳା ଦେଖିବାକୁ, ସିଦ୍ଧାଦେଲେ ଘରେ ମନା କଲେ । କାରଣ ପରିବାରର ସ୍ୱପ୍ନରେ ଦେଖିଛି ଯେ ତମେ ବୁଢ଼ା ହୋଇ ଗଲଣି । ସ୍ତ୍ରୀଙ୍କର ଏ କଥା ଶୁଣି ବଡ଼ ହସଟାଏ ହସି ଦେଇ କହିଲି ସପନ କେବେ ସତ ହେଲାଣି । ଏ ଗୁଡ଼ାକ ସ୍ତ୍ରୀ ଜାତିର ଦୁର୍ବଳତା" ।

"ଅଟେଇ ଗଲି । ମୋ ସ୍ତ୍ରୀର କୋଳରେ ଦୁଇବର୍ଷର ଛୁଆଟିଏ । ବିଦାୟ ବେଳର ଚୁମ୍ବନ ଦେଇ ଚାଲି ମେଳା ଦେଖିବାକୁ । ଦୁଇଦିନ ସେଇ ମେଳାରେ ରହିଲି । ନିହାତି ଜିଦ୍ଖୋର ହେଉ ତୃତୀୟ ଦିନ ବଡ଼ ଭୋରରୁ ଚାଲି ଆସିଲି ଘରମୁହାଁ ହୋଇ । ବାଟରେ ଅଦ୍ଭୁତ ଘଟିବାର ଧରିଲା ପୁଲିସ୍ ମୋତେ ବାନ୍ଧି ପକାଇଲେ କିଛି ବୁଝି ପାରିଲି ନାହିଁ । ପଚାରିଲି, ସେମାନେ ମୋତେ କହିଲେ ତମେ ଖୁନ୍ କରିଛ । ତମେ ପୁଲିସ ଆଖି ଠକି କରି ପଳାଇ ଯାଉଛ ।

ପ୍ରତିବାଦ୍ କରି ନାହିଁ କଲି ।

ତଥାପି ସେମାନେ ଜୋର ଜବରଦସ୍ତି ଖୁନ କରିଛ ବୋଲି ପ୍ରମାଣ କରିବାକୁ ଯାଇ କହିଲେ "ମେଳା ପଡ଼ିଆରେ ଥିଲ, ସେଠାରେ ଅନେକ ଲୋକ ଥିଲେ । ସେମାନେ ତ ସେଠାରେ ଅଛନ୍ତି । ତମେ କାହିଁକି ବଡ଼ ଭୋରରୁ ପଳାଇ ଆସିଲ ? ଏହା କହି ରକ୍ତାକ୍ତ ଛୁରୀଟି ମୋତେ ଦେଖାଇ ଧରି ନେଇ ଆସିଲେ ।

ପଳାଇବାକୁ ଚେଷ୍ଟା କଲେ ମଧ୍ୟ ପଳାଇ ପାରିଲି ନାହିଁ । ମୁଁ ଜଣେ, ସେମାନେ ଅନେକ ଗାଡ଼ିରେ ବସାଇ ସୁଦୂର ବମ୍ପେ ସହରକୁ ନେଇ ଆସିଲେ ଅମରାବତୀ ପାଖରେ ପାଣି ପିଇବାକୁ ଗଲି । ମୋ ପଛରେ ଦୁଇଜଣ ପୋଲିସ ଥିଲେ । ସେମାନଙ୍କ ବଳ ପରୀକ୍ଷା କରିବା ପାଇଁ ଠକାଇ ଦେଇ ପଳାଇଗଲି । ସେମାନେ ଅନେକ ଖୋଜିଲେ । କିନ୍ତୁ ପାଇଲେ ନାହିଁ । ଗାଡ଼ି କିନାରରେ ଗୁଡ଼ିଏ ଦେଖିଲି ଛାଡ଼ି । ମୁଁ ସେଠାରୁ ଘର ଆଡ଼କୁ ଆଉ ଗୋଟିଏ ଗାଡ଼ିରେ ପଳାଇ ଆସିଲି । ଘରେ ଆସି ଦେଖେ ତ ମୋ ଛୋଟ ଛୁଆଟି ଶବ ହୋଇ ପଡ଼ିଛି ।

ମୁଁ ସମ୍ଭାଳି ପାରିଲି ନାହିଁ । ଅସ୍ୱାଭାବିକ ଭାବରେ କହିଲି "ଏ ତ ବଡ଼ ରହସ୍ୟମୟ" ।

"ଏ ସେତେ ରହସ୍ୟପୂର୍ଣ୍ଣ ନୁହେଁ, ମୋ

Digitized by srujanika@gmail.com

ସଂସାର ଯେ କ୍ଷଣକେ ଚୂନା ହୋଇଗଲା ତା ଠାରୁ ବେଶୀ ଚିନ୍ତାପୂର୍ଣ୍ଣ" ।

"ଏା ପରେ"—

"ଏ ଦୁନିଆ ପ୍ରତି ବଡ ଅବିଶ୍ୱାସ ଆସିଲା । ଯିଏ ଦୋଷ କରେ, ସିଏ ଦଣ୍ଡ ପାଇବ ନାହିଁ । ଆଉ ଯିଏ ଦୋଷର ଧାର ଧାରେ ନାହିଁ, ସେ ସବୁବେଳେ ଧ୍ୱଂସର ଶିକାର ହେବ" ।

"ମାଧବ ଦୋଷୀ ବୋଲି ତମେ କେମିତି ଜାଣି ପାରିଲ ?"

"ତେବେ ମୁଁ ଦୋଷୀ ନୁହେଁ ଏତକ ମାତ୍ର ଜାଣେ ଓ ବିଶ୍ୱାସ କରେଁ ।

"ପୁଣି କଅଣ ହେଲା ବନ୍ଧୁ" ?

"ମୋ ସଂସାରର ଛିଣ୍ଡା ସୂତା ଯୋଖିବା ଉଦ୍ଦେଶ୍ୟରେ ଗାଁ ଗାଁ ବୁଲି ବୁଲିଲି କେହି କିଛି ତାର ପତ୍ତା ଦେଇ ପାରିଲେ ନାହିଁ । ତା ପରଦିନ ଖବର କାଗଜରେ ଲୋକେ ପଢିଲେ ଚୁନି ଓ ଗେହ୍ଲ ମାଧବ ଠକାଇ ଦେଇ ଖସି ପଳାଇ ଯାଇଛି । ଏତକ ମାତ୍ର ଶୁଣିଲି । ଭାବିଲି "ଦୁନିଆଁ କଣ ଏଇଆ, ପୁଣି ପ୍ରତିଜ୍ଞା କଲି ମନେ ମନେ ଯିଏ ମାରିଛି ମୋର ଜୀବନର ସୁଖ, ମୋର ଶ୍ରେଷ୍ଠ ସଂସାର ତାର ପ୍ରତିଶୋଧ ନ କରିବି କାହିଁକି ? ଯଦି କରେଁ ତେବେ ମୋର ଦୋଷ କେଉଁଠି ?

ମୋ ମନରେ ଏକ ପାଗଳଖାନାର ଦୃଶ୍ୟ ଖେଳି ଗଲା । ଭାବି ପାରିଲି ନାହିଁ ଯେ ସଂସାର ପୁଣି ଏମିତି ଘଟେ ବୋଲି । ତଥାପି ରହସ୍ୟ ଭେଦିବା ଆଶାରେ କହି ଉଠିଲି "ଏକାହାଣୀ ଶିଳ୍ପୀର କାହାଣୀ ବଡ ଚମତ୍କାର-- ତାପରେ ଜୀବନର..."

ଜୀବନର ଅତୀତ ଘଟଣା ଭାବିଲା । "ମୋ ଜୀବନ ଓ ଗୀତା ଆଜ କେଉଁଠାରେ" (ଗୀତା) କିଛି ବୁଝିପାରିଲି ନାହିଁ ସତ ତଥାପି ଘଟଣାର ଗଣ୍ଠି ହେବୁ କହି ଉଠିଲି ।

"ହଁ, ହଁ, ଗୀତା— ଶିଷ୍ୟା ଗୀତା—ପ୍ରଣୟୀ ଗୀତା—ପତ୍ନୀ ଗୀତା । ମୋ ଜୀବନର ସନ୍ତାନ ସରି ଯାଇଛି, ମଲ୍ଲୀ ଗ୍ରହର ସେଇ କ୍ରୁଷ ଗନ୍ଧ ଆଉ ଖେଳୁ ନାହିଁ ।"

"ଏ ପୁଣି କିମିତ -- ଗୀତା ଶିଷ୍ୟା -- ଗୀତା ପ୍ରଣୟୀ ଗୀତା ପତ୍ନୀ-- ପ୍ରଣୟର ଅବସାନ ହୁଏ କି ଏହି ଶ୍ରେଣୀ ଗୁଡିକରେ" ମନେ ମନେ ଭାବିଲି । ଶେଷରେ କହି ଉଠିଲି " ଏ ତ ଖାଲି ଗୀତା -- ଏ କେଉଁ ଦେବୀ ।"

"ହଁ ହଁ ବନ୍ଧୁ -- ଏ ଜଣେ ଦେବୀ । ମନେ ପଡ଼ି ଯାଉଛି ମୋର ସେଇ ଉଜ୍ଜ୍ୱଳ ଯୌବନର ଜୋଛନା ନିଶି । ମଣିଷ ପଶିଛି ସେଇ ପୁସ୍ତକ ବଣରେ । ସରସ ଦୃଷ୍ଟିରେ ଗୀତା କହିଛି ତୁମରି ଏଇ ଶିଷ୍ୟା ଗୀତା ଆଜ ପ୍ରଣୟୀ - ପ୍ରେମ ପସରାର ଭିକାରୀ । କିନ୍ତୁ..." କହି ମାଧବର ମିଞ୍ଜି ମିଞ୍ଜି ଆଖିରୁ ଲୋତକ ଲହ ଧାର ଗଡ଼ି ପଡ଼ୁଛି ।

"ପୁଣି କିନ୍ତୁ -- କଣ" ପଚାରିଲି ଏଇ ଦୀର୍ଘ ପୂର୍ଣ୍ଣଚ୍ଛେଦ ପରେ ପୁଣି ସୂତା ଯୋଖିବାକୁ । ପଚାରିଲି-- ବାରଂବାର ପଚାରିଲି ତଥାପି ନୀରବ-- ମାଧବର କପାଳରୁ ଝାଳ ବୁନ୍ଦା ବୁନ୍ଦା ହେଲେ ଗୀର ପଡ଼ୁଛି । ଏ ଅତ୍ୟାଚାର ପାଇଁ ନିଜକୁ ବଡ ଅପରାଧୀ ମନେ କଲି । ପୁଣି ହାତ ବୁଲାଇ ଦେଖେ ମାଧବର କପାଳ ଥଣ୍ଡା ହୋଇ ଆସିଲା -- ଆଖି ଯୋଡ଼ିକର ସ୍ପନ୍ଦନ ଆଉ ନାହିଁ । ସେଇଠୁ ଧାଇଁଲି ଆସି ଖବର ଦେଲି ବନ୍ଦି ପାଳକଙ୍କୁ । ସମସ୍ତେ ଏକ ଛିଣ୍ଡ ହୋଇ ଶବଟିକୁ ପୋଡିବା ବେଳେ ହଠାତ୍ ଶବ୍ଦ ଶୁଭିଲା ଖୁନୀ ମୁଁ ମୋତେ ଦଣ୍ଡ ଦିଅ ।"

ଏଇ ମାଧବର ଜୀବନ ରହସ୍ୟ ଭେଦିବାକୁ ଶତ ଚେଷ୍ଟା କରିଛି, ତଥାପି --- କିନ୍ତୁ ବୋମ୍ବାଇ ବିଶ୍ୱବିଦ୍ୟାଳୟ ଘୋଷଣା କରିଛି ସମାବର୍ତ୍ତନ ଉତ୍ସବରେ ପି. ଏଚ. ଡି. ମିଳିଛି ବୋଲି । ତଥାପି ମୋ ମନରେ ଅଛି ଏ ସହରର ପ୍ରତି ଧୂଳିମାଟିର ବିରାଟ ଇତିହାସ ରହିଛି ବୋଲି ।

Digitized by srujanika@gmail.com

## ବସନ୍ତର ଗୀତ

ଶ୍ରୀ ମନ୍ମଥନାଥ ଦାସ ମହାପାତ୍ର ବି, ଏ.

ଆଜ ମଳୟା କର୍ଣ୍ଣେ ମୋର
ଛନ୍ଦ ତୋଳିଲ ଏମନ୍ତ,
ମଲ୍ଲୀନ ବନେ,—
ପାଟଳ ଅଳି ଫୁଲ'ର ଚୁମେ ସୁତେ

ଏଇ ଯେ' ଆସେ ସହର ପଛେ
ଧୂସର ଏକ ସନ୍ଧ୍ୟା,
ମନର ତଳେ ଗୋଲାପ ଫୁଟେ,
ଫୁଟେ ରଜନୀ ଗନ୍ଧା

ମନ ତଳେ ଜୀବନ ହସେ
ଧରଣୀ ତୋଳେ ଗାନ,
ଚାଲ ଗୋ' ସଖି; ନୂତନ ପଥେ
ଚଳିବା ଅଭିଯାନି ।

ମୁକ୍ତିର ଏଇ ଆସାରେ
ମୂର୍ଚ୍ଛନା ତୋଳେ କଥା,
ସବୁଙ୍କୁ ତେଜି ନୂତନ ପଥେ
ଚାଲଗୋ' ଟେକି ମଥା ।

ମଳୟ ଆଜ ଭୁଲିଛି ଆଣି
ସୁରଭି ଦେବ ଢାଳି,
ନୂତନ ପଥେ ଅଗ୍ରଗାମୀ;
ଚାଲ ଚାହିଁ ରଥ ଗାଳି ।

ଆଜ ମଳୟା କର୍ଣ୍ଣେ ସନେ
ଛନ୍ଦ ତୋଳେ ଏତେ !

ଆସଗୋ ସଖି; ଏଇଠି ବସି
କରିବା ଯୁଷି ଟପ
ଚିତ୍ତର ଦେବ ଭୁଲିର ଅଟେ
ଆଗାମୀ କାଲି ରୂପ ।

ସଂସାରର ଅଭ୍ୟନ୍ତର
ପନ୍ଦ୍ରଣାର ପାରେ
ମଳୟ - ମାଟି ଛୁଇଁବା ଚାଲ
ସୁରଭି ପରଶାରେ !

---

## ସଙ୍ଗୀତ

ଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ

ସଙ୍ଗୀତ ସମ୍ବନ୍ଧରେ ମୁଁ ଆପଣମାନଙ୍କୁ କହିବି କଅଣ ?

ପିଲାଦିନୁଁ ମୋର ସଙ୍ଗୀତ କେବଳ ସାହିତ୍ୟ ଚର୍ଚ୍ଚାରେ ପୁଣି ଅନ୍ୟାନ୍ୟ ଜ୍ଞାନ ଅର୍ଜନରେ ଯାଇଛି— ତାହା ଆଜି ପର୍ଯ୍ୟନ୍ତ ରହିଛି ।

ସେହି ଅନ୍ୟାନ୍ୟ ଭିତରେ ସଙ୍ଗୀତ ମଧ୍ୟ ଅଛି ।

ପିଲାଦିନେ ଗାଁଇଁର ସ୍କୁଲରେ ଯେତେ ପଢ଼ିଲି ଦେଲେ ଦିନେ କହୁଥିଲେ ମୁଁ ଗୀତ ଗାଉଥିଲି ।

ମୋର ମା ଆସି ମୋ ମୁଣ୍ଡରେ ଗୋଟିଏ ମୁଥା କଷି ଦେଲା—ଆଉ କହିଲା ତୁ ଗୀତ ଗାଇବୁ ନା ପାଠ ପଢ଼ିବୁ ?

ସେହି ଦିନୁଁ ମୋର ଗୀତ ଗାଇବା ଶେଷ ହୋଇଛି --- ଆଜି ପର୍ଯ୍ୟନ୍ତ ଗୀତ ଗାଇ ପାରେ ନାହିଁ ।

ତେଣୁ ଆଜ ପର୍ଯ୍ୟନ୍ତ ଖୋଜୁଛି ତାହାକୁ ଯାହା ହଜି ଯାଇଛି । ଗୋଟିଏ ଅଭାବ ଅନୁଭବ କରୁଛି, ଦୁଃଖ ଅନୁଭବ କରୁଛି,—ବେଦନା ଅନୁଭବ କରୁଛି ।

Digitized by srujanika@gmail.com

ସେହି ମୁଖ ମାତ୍ର ପରେ ମୁଁ ପଞ୍ଚ ଥିଏଟର କିଛି ଦେଖେଁ ନାହିଁ । ଏପରିକି ମୋର ମ ଦୁର୍ଗାପୂଜା ବେଳେ ଅନ୍ୟାନ୍ୟ ଯାତ୍ରା ଥିଏଟର ହେବା ବେଳେ ଯେତେବେଳେ ଦେଖିବାକୁ ପାଏ, ମୋତେ ଡାକେ-- ମୁଁ ଯାଏଁ ନାହିଁ ।

ସମସ୍ତ ସମୟରେ ମା ବାରକ୍ ଘୋର କହୁଛି କୁଠି ଛୁଆଟା ସବୁବେଳେ ପାଠ ପଢ଼ିବ ଆଉ କିଛି ଦେଖିବ ନାହିଁ, ଶୁଣିବ ନାହିଁ ।

ଏହି ହେଲା ମୋର ଅର୍ଗାନ ଚର୍ଚ୍ଚା ।

ମୁଁ କେବେ ହେଲେ ଗାୟକ ବାଦକ ନର୍ତ୍ତକର ପାଖ ଭିଡେ ନାହିଁ ଯୌବନ ପର୍ଯ୍ୟ ହୋଇଗଲା ଏହିପରି ।

ତା ପରେ ପ୍ରୌଢ଼ତା ଆସିଲା ।

ଗୋଟିଏ ବାଳକର କଣ୍ଠରେ ଶୁଣିଲି ଗୋଟିଏ ସଙ୍ଗୀତ -- ତା' ମଧ୍ୟ ଅଣା ଓଟର୍ ହୋଇ । ଏହି ସାହିତ୍ୟ ସମାଜରେ ମୁଁ ଯେତେବେଳେ ସେକ୍ରେଟେରି ଥାଏଁ ଦିନେ ଗୋଟିଏ ଝିଲର ନାଚ ହେଉଥାଏ ମୁଁ ଶୁଣି ପାଇଥିଲି -- ବଙ୍କିମବାବୁ ଡାକିଲେ -- ଅନୁରୋଧ କଲେ ଓଡ଼ିଆ ଗୀତ ଓ ନାଚ ଦେଖିବା ପାଇଁ--- ସେ ଦିନ ୧ ଘଣ୍ଟା ଦେଖିଲି --- ଠିକଏ ଅକୃଷ୍ଣ ହେଲାପରି ଜଣାଗଲା । ତା', ପରେ ଦିନେ ଦୁଇ ଦିନ ପରେ ବଙ୍କିମବାବୁ ପରେ ସେହି ପିଲାର ଗୀତ ଶୁଣିବାର ଅଳସ ଅବସର ମିଳିଲା ।

"ସଖି ! କାହିଁ ରଖିବ ଏ ନେତ୍ର" ଏହି ଗୀତ--ଗୌର ଚରଣ ଅଧିକାରୀଙ୍କର ଶୁଣି ଏକା ବେଳକେ ଅକୃଷ୍ଣ---ସେହି ଗୀତ ପ୍ରତି ଆଉ ସେହି ପିଲା ପ୍ରତି ।

ତା, ପରେ ବହି ପଢ଼ୁଁ ପଢ଼ୁଁ ଦେଖିଲି ଯେ ମନୁଷ୍ୟର ମନ ୧୦ ବର୍ଷ ପରେ ପୁଣି ଗୋଟିଏ ନୂତନ ପଥରେ ଗତି କରେ । ସେ ଖୋଜେ ସୁର---ସାଧାରଣ ନାଚ ଭିତରେ ତାର ଆଉ ମନ ରହେ ନାହିଁ---ସେ ଖୋଜେ ସ୍ପନ୍ଦିତ କମ୍ପନ [Shythen] - ଖୋଜେ ମାତ୍ର--ପାଇବା ବଡ଼ କଠିନ । ସେ [Shythen] ରେ ଯେ ଗୀତ ଗାଏ, ସେ ଏକ ବନ୍ଧନ [Concentic circles] ଠାଣିଙ୍କ ପ୍ରତି ବା ଐକ୍ୟକେନ୍ଦ୍ରିକ ବୃତ୍ତ ପରି ବା ପାଣିରେ ଢେଲା ନିକ୍ଷେପ କଲେ ତରଙ୍ଗ ଯେପରି କ୍ରମ ବର୍ଦ୍ଧିଷ୍ଣୁ ହୋଇ ବୃତ୍ତାକାରରେ ଗୁଲାଏ ଏବଂ ଶେଷରେ କୂଳକୁ ଛୁଁଏ, ସେହିପରି ସଙ୍ଗୀତ ଠିକ ଭାବରେ ଗୀତହେଲେ, ବାଦନ ହେଲେ, ନର୍ତ୍ତିତହେଲେ, ଅସୀମର ସୀମାକୁ ଛୁଇଁଲା ପରି ଜଣାପଡ଼େ । ସେ ଠାରେ ଲୋକ ବିହ୍ୱଳ ହୁଏ ସେତେବେଳେ ଆଉ ସେ ସମୟ ଜ୍ଞାନ ଥାଏ ନାହିଁ - ଭାବରେ ଭୁଲିଯାଏ ।

ଏହା କରିବାକୁ ହେଲେ ନୃତ୍ୟକାର ଅଙ୍ଗ ସଞ୍ଚାଳନ, ଅଙ୍ଗ ଭଙ୍ଗୀ ଯେପରି ଅସୀମର ସୀମା ସ୍ପର୍ଶ କରିବାର ଚେଷ୍ଟା ଦେବା ଦରକାର । ସେହି ପ୍ରଯୁକ୍ତି ହିଁ ସାର କଥା । ଆଉ ଜଣେ ମୌଳିକ ଶୃଙ୍ଖଳ ପରିବର୍ତ୍ତନ କଲା ବେଳେ ଯେପରି [Kolance] କୁ ଧ୍ୟାନ କରିଥାଏ । ନର୍ତ୍ତକ ବା ଗାୟକ ବା ଗାୟିକା ସେହିପରି ଧ୍ୟାନ କରିବାକୁ ହେବ—ସେହି ଲକ୍ଷ୍ୟରେ ରହିବାକୁ ହେବ ।

ସେହି ଲକ୍ଷ୍ୟରେ ରହିଲେ ଅନ୍ତ ନାଦ ଶୁଣାଯାଏ ତାହା ଆହତ ଓ ଅନାହତ ଭେଦରେ ଦୁଇ ଭାଗରେ ବିଭକ୍ତ କରାଯାଏ । ଆହତଟି ସୁରରେ ହୁଏ ସେତେବେଳେ ଯେତେବେଳେ ଅନାହତର ସ୍ପର୍ଶ ଆମ ପାଖକୁ ଅନାହତ ଭିତର ଦେଇ ଆସୁଥାଏ ।

ମୁଁ ଗାୟକ ନୁହେଁ ଭାବୁକ—ସେଥିପାଇଁ ଏହି ଭାବ ଯେତେବେଳେ ଗୀତ ଭିତର ଦେଇ ହୃଦ୍ରକ୍ତ ହୁଏ ସେତେବେଳେ ମୁଁ ସେହି ଗୀତ ବା ବାଦ୍ୟ ବା ନୃତ୍ୟକୁ ଆଦର କରିବାକୁ ଇଚ୍ଛା କରେ ସୁତରାଂ ସେହି ଗାୟକ ବା ଗାୟିକା ବା ନର୍ତ୍ତକ ବା ନର୍ତ୍ତକୀକୁ ଆପଣାର କରିବାକୁ ଇଚ୍ଛା [illegible] ।

Digitized by srujanika@gmail.com

ଏହିଠାରେ ହିଁ ବହୁଳତା ଆସେ । ଏହିଠାରେ ହିଁ ସଙ୍ଗୀତର ସାର୍ଥକତା । ଏହି ବହୁଳତା ଆଣିବାକୁ ହେଲେ କେବଳ ଗାୟକ ବା ଗାୟିକା ଯଦି Perfect ବା ସାଧନାସିଦ୍ଧ, ତାହାହେଲେ ସେ ଏକା ଗାଇଲେ ଯେଉଁ ପ୍ରଭାବ ହୁଏ—ଅନେକ ସମୟରେ ବାଦ୍ୟ ତାହାକୁ ବୃଦ୍ଧି ନ କରି ତାର ସୌନ୍ଦର୍ଯ୍ୟକୁ କମାଇ ଦିଏ—ଯଦି ବାଦକ ଛନ୍ଦ ଛାଡ଼ନ୍ତି ଚାଲନ୍ତି ନାହିଁ ।

ଏହି ପରେ କେତେ ଦିନ ଗଲା । ଲକ୍ଷ୍ମୀକାନ୍ତ ଚୌଧୁରୀ ସେତେବେଳେ ପ୍ରାଚୀ ପ୍ରେସରୁ ବାହାରେ—ମନ ଭଲ ନାହିଁ—ସାହିତ୍ୟ ସମାଜର ସମ୍ପାଦକତ୍ୱ ମଧ୍ୟ ଆଉ ନାହିଁ । ମୁଁ ସେତେବେଳେ ସାହିତ୍ୟ ସମାଜର ସମ୍ପାଦକ । ଲକ୍ଷ୍ମୀକାନ୍ତ ମୋତେ ବାରମ୍ବାର କ୍ଷମା କରୁଥିଲେ । ଦିନେ ଆସି କହିଲେ-ଦେଖନ୍ତୁ ସାହିତ୍ୟ ସମାଜର ଗୋଟିଏ ସଙ୍ଗୀତ ଶାଖା ଅଛି—ଅତଏବ ଏହି ସମାଜ ଗୃହରେ ମୋତେ ସଙ୍ଗୀତ ଶିକ୍ଷା ପାଇଁ ସ୍ଥାନ ଦିଅନ୍ତୁ ।

ମୋର ମନ ଭଲ ନାହିଁ—କିଛି ଗୋଟାଏ କରିବାକୁ ହେବ । ମୁଁ କହିଲି ହଁ—ମାତ୍ର ଯେଉଁ-ଦିନ ସାହିତ୍ୟ ସମାଜର ସଭା ହୁଏ ସେ ଦିନ ଲକ୍ଷ୍ମୀକାନ୍ତ ସେଠି ସଙ୍ଗୀତ ଚର୍ଚ୍ଚା ହୁଏ -ଲୋକମାନେ ଶିଖନ୍ତି--ଭାଗ୍ୟକୁ ଅତି ବଡ଼ ଓସ୍ତାଦ, ମିଳିଲେ--ସେ ହେଉଛନ୍ତି ଗୋପାଳ ବାବୁ [ଗୋପାଳ ଘୋଷ]—ଆମ ବାଲେଶ୍ୱରର ।

ଗୋପାଳବାବୁ ଗଲେ—ଲକ୍ଷ୍ମୀକାନ୍ତ ଯାଇଛି—କାଳୀ ଅଛି—ଆମେ କେତେକ ଏହି ସଙ୍ଗୀତ ସମାଜ ଚଳାଉଛୁ—ଚାଲିଛି—ଲକ୍ଷ୍ମୀକାନ୍ତର ହସଭରା ମୁହଁ ଆଖି ଆଗରେ ରହିଛି । ଏହା ଛଡ଼ା ଆହୁରି କେତେ ଯାଇଛନ୍ତି ଚାଲି—ମଧୁସୂଦନ ପଞ୍ଚାମୃତ, ଗୋକୁଳ ବାବୁ, ବିନୋଦବାବୁ (ପାଇକ) ବିମଳବାବୁ ଆଉ ଯାଇଛନ୍ତି ଚାଲି ସେ ଗୋପାଳ ! ଏହି ସବୁ ହରାଇଛୁଁ କିନ୍ତୁ ପାଇଛୁଁ ପୁଣି ନୂତନ ନୂତନ—

ଗୋପାଳ ଘୋଷ ଦେଇ ଯାଇଛନ୍ତି ମଧୁ ଘୋଷ ନିଃ ସହିରଭିରେ ଆସୁଛି ମିସ୍ ପାତ୍ର [ନରେନ ପାତ୍ରଙ୍କ ଝିଅ]—ଏହି ପରି ଆହୁରି କେହି କେହି

କିନ୍ତୁ ଯେଉଁମାନେ ବଞ୍ଚି ରହିଛନ୍ତି—ଯେଉଁମାନେ ଉତ୍କଳ ସଙ୍ଗୀତ ସମାଜକୁ ମଧୁର କରୁଥିଲେ । ଉତ୍ତେଜନା ଦେଉଥିଲେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଦେଖି ନ ପାଇ ମୁଁ ଦୁଃଖିତ । ମୁଁ ନିଜେ ମଧ୍ୟ ଏଥିପାଇଁ ।ସ୍ତ୍ରୀ-କିନ୍ତୁ ନାନା କାରଣରୁ ମୁଁ ଉତ୍କଳ ସଙ୍ଗୀତ ସମାଜ ପାଇଁ କେତେ ବର୍ଷ ଧରି ଖଟି ପାରିନାହିଁ ।

ବ୍ରଜସୁନ୍ଦର ଚାଲି ଯାଇଛନ୍ତି —ସଙ୍ଗୀତ ସମାଜର ପ୍ରଥମ ଆରମ୍ଭରେ ମୋତେ ସଭାପତି କରିବା ପାଇଁ ସେ ଗୁହାରି ଥିଲେ -- ମୁଁ ତାଙ୍କୁ ସଭାପତି କରିଥିଲି ମୋତେ ସମ୍ପାଦକ କରିବାକୁ ଗୁହାରି ଥିଲେ ମୁଁ ଲକ୍ଷ୍ମୀକାନ୍ତକୁ ସମ୍ପାଦକ କରିଥିଲି - ମୋତେ ବାଧ୍ୟ କରିବାରୁ ମୁଁ Hony. ongeniser କାମ କରିଥିଲି ୬ । ୭ ବର୍ଷ ଏଥିପାଇଁ ଖୁବ ଖଟିଥିଲି ।

ଏହି କେତେବର୍ଷ ଧରି ଦେଖୁଛି ଗୋପାଳ ଏବଂ ବାଞ୍ଛାନିଧି ବାବୁ ଏକ ପ୍ରକାର କାମ ଚଳାଉଛନ୍ତି । ଗୋପାଳ ଖୁବ୍ ପରିଶ୍ରମ କରୁଛନ୍ତି ଏଥିରେ ସନ୍ଦେହ ଅଛି କି ?

ଶେଷରେ ଲକ୍ଷ୍ମୀକାନ୍ତର ଇଚ୍ଛାଥିଲା ଉତ୍କଳରେ ସଙ୍ଗୀତକୁ ଉପରକୁ ଟେକିବାକୁ ହେବ ଜଗତ ବନ୍ଦ୍ୟ କରିବାକୁ ହେବ । ସେହି ଉଦ୍ଦେଶ୍ୟରେ ଓସ୍ତାଦ୍ ମିଳନ ହେଉଥିଲା । ମୋର ମତରେ ସେହି ଓସ୍ତାଦ ମିଳନରେ ସଙ୍ଗୀତ ଶାସ୍ତ୍ରର ଜ୍ଞାନ ସୂକ୍ଷ୍ମ ମଧ୍ୟ ଆଲୋଚିତ ହେଉ । ତାହାହିଁ ଆମକୁ ଆଲୋକ ଦେବ ।

ସେଥିପାଇଁ ମୋର ସହରରେ ଆମର ବାର୍ଷିକ ସଙ୍ଗୀତ ସମ୍ମିଳନୀରେ ବର୍ତ୍ତମାନ ଜୀବିତ ବଡ଼େ ଗୁଲାମ ଅଲ୍ଲୀ (କରାଚୀ) ଙ୍କ ପଞ୍ଜାବ ଗୀତ ଶୁଣିବାକୁ ହେବ । ରବିଶଙ୍କରଙ୍କ ଡାକ ସୀତାର ଶୁଣିବାକୁ ହେବ ଅଲ୍ଲାଉଦ୍ଦୀନଙ୍କୁ ଡାକି ସରୋଦ ଶୁଣିବାକୁ ହେବ ।

Digitized by srujanika@gmail.com

ବାଲସୃତର୍ମିଙ୍କୁ ଡ୍ରାଚ ମଧ୍ୟ ସୀତାର ଶୁଣିବାକୁ ହେବ । ମୋର ବନ୍ଧୁ ଶ୍ରୀ ବସ୍ତୁ ଅଦ୍ମାଜା କମଲାକରଙ୍କୁ ଅଣି ସ୍ୱର ସଙ୍ଗୀତ ଶୁଣିବାକୁ ହେବ । ଫୈଜାନ୍ଙ୍କୁ ଅଣାଇ ଖିଆଲ୍ ଶୁଣିବାକୁ ହେବ । ବସ୍ତୁ ଦଗମ୍ବର, ନାରାୟଣ-ବ୍ୟାସଙ୍କ ଭକ୍ତି ଓ ଜ୍ଞାନ ସଙ୍ଗୀତ ଶୁଣିବାକୁ ହେବ । ତାହାହେଲେ ଆକର୍ଷଣ ବେଶୀ ହେବ । ଆମର ଓସ୍ତାଦ ମାନଙ୍କର ଜ୍ଞାନ ମଧ ବେଶୀ ହେବ । ଜଗତ ସଭାରେ ଆମକୁ ଆସୀନ ହେବାକୁ ଦେଲେ ସମସ୍ତଙ୍କ ସାଙ୍ଗରେ ମିଶିବାକୁ ହେବ ।

ଆଜ record ରେ ମଧ୍ୟ ଆମ୍ଭମାନଙ୍କୁ ଗୁଲାମ-ଅଲ ଖାଁ, ପଟ୍ଟବର୍ଦ୍ଧନ, ଓଁକାରନାଥ, ବ୍ୟାସଜୀ, ହୀରାବାଇ ବଡ଼ୋଦେକର, କେଦାର ମଲଙ୍କ ଗୀତ ଶୁଣିବାକୁ ହେବ । ଆମ Redio station ମଧ୍ୟ ଏହିସବୁ ପ୍ରୟାସ କରିବା ଦରକାର ।

ଶେଷ କଥା । ଆମର ସଙ୍ଗୀତର ପରମ୍ପରାକୁ ରକ୍ଷାକରି ସଙ୍ଗୀତ ସମାଜର କାର୍ଯ୍ୟ ଚଲାଇବାକୁ ହେବ । ବେଦ ଗାନ — ତା ପରେ ପ୍ରବନ୍ଧ । ତା ପରେ ଧ୍ରୁପଦ । ଅତଏବ ବେଦରୁ ହିଁ ଏଣିକ ସଙ୍ଗୀତ ଆରମ୍ଭ କରିବାକୁ ହେବ । ତା ପରେ ପ୍ରବନ୍ଧ । ତା ପରେ ଧ୍ରୁପଦ । ତା ପରେ ଖିଆଲ — ଛୋଟ ଖିଆଲ ତା ପରେ ଠୁଂରି — ତା ପରେ ଗଜଲ୍, ଧମାର । ତା ପରେ ଆମର ଗ୍ରାମ୍ୟ ଜାଗୀତା ଇତ୍ୟାଦି ।

ଶେଷକଥା କହୁଛି ।

"ସଖୀ କାହିଁ ରଖିବ ଏନେହରେ" ମୋର ସଙ୍ଗୀତ ଆକର୍ଷଣର ଉନ୍ମେଷ ହେଲା । ତାର ଦୁଇ ବର୍ଷ ପରେ ପାଗଳ ହେଲ ଜଣେ ବାଳକ କଣ୍ଠରୁ ଯେବେ ଶୁଣିଲି ଲକ୍ଷ୍ମୀକାନ୍ତ କୃତ 'ଭଙ୍ଗା ମୋର ଡଙ୍ଗା ଖଣ୍ଡିକ ଗୀତଟି' । ସେହିଦିନ୍ ସଙ୍ଗୀତରେ ଟିକେ ମୁଗ୍ଧ ବିମୁଗ୍ଧ ହୋଇଥିଲି । ଏହି କେତେକେ ବର୍ଷ ଧରି ସଙ୍ଗୀତ ଚର୍ଚ୍ଚା ସେହି ସୁବିଧାରୁ ବଞ୍ଚିତ କରି ମୋତେ ପୁଣି ବାଧ୍ୟ ପ୍ରାୟ କରିଦେଇଛି । ଆଜ ପୁଣି ୬୦ ବର୍ଷରେ ବସନ୍ତର ବନସ୍ୱରଣରେ ମିଶି ପାଦଙ୍କ ଗୀତରେ ରଚନା ଲୟ କର ଶେଷ ମୋ ମୁକୁଳ ଜନ୍ମ ।

ଏହି ସଙ୍ଗୀତ ସମାଜ ସହିତ ।

ପ୍ରତ୍ୟକ୍ଷରେ ଓ ପରୋକ୍ଷରେ ଯେଉଁ ଓସ୍ତାଦମାନେ ସଂଯୁକ୍ତ ସେମାନଙ୍କର ସହିତ ଦ୍ରାପ୍ତ ମୋର ଏହି ଉଦ୍ଧୃତ ଅଛି ସେମାନଙ୍କୁ ମୋର ଅଞ୍ଜଳି ଭରି ପ୍ରାଣର ପ୍ରଣତ ଜଣାଉଛି ।

ଆମ ଓଡ଼ିଶା ଚଉପଦୀ ଏବଂ ଛାନ୍ଦ କ୍ଷୁଦ୍ର ପ୍ରବନ୍ଧର ଅନ୍ତର୍ଗତ । କାରଣ ଏ ଗୁଡ଼ିକ ଗୋଟିଏ ଗୋଟିଏ ତାଳରେ ରଚିତ । ମୂର୍ଚ୍ଛାଗ୍ରନ୍ଥମାନଙ୍କ ପ୍ରବନ୍ଧର ଲକ୍ଷଣ ଏହିପରି ନିର୍ଦ୍ଦେଶ କରିଛନ୍ତି —ଯଥା ଏକତାଳି ପ୍ରଭୃତି ନବତାଳ ଓ ଶେଷରେ ମଧ୍ୟ ଏକତାଳୀର ନିବେଶ ହେଲେ ପ୍ରବନ୍ଧ ଏବଂ ତାହା ଶୁଦ୍ଧ ବା ସୁଡ଼ ନାମରେ ଅଭିହିତ ହୁଏ । କ୍ଷୁଦ୍ର ପ୍ରବନ୍ଧ ଗୁରୁପ୍ରକାର—ଚତୁଷ୍ପଦା । ତ୍ରିପଦା, ଧ୍ରୁବପଦା ଓ ପାଞ୍ଚାଳୀ । ଯହିଁରେ କେବଳ ପଦମାନଙ୍କର ବୈଚିତ୍ର୍ୟ ଥାଏ—ତାହା ଚତୁଷ୍ପଦା । ଯହିଁରେ ଉଦ୍‌ଗ୍ରାହ ଅଭୋଗର ମାତ୍ରା ଧ୍ରୁବର ମାତ୍ରା ସହିତ ସମାନ ବା ତହିଁରୁ କମ ହୋଇଥିବ—ତାହା ତ୍ରିପଦୀ । କିନ୍ତୁ ଏହା ୩ ପଦରୁ କମ ହେବ ନାହିଁ ବା ୮ ପଦରୁ ଅଧିକ ହେବ ନାହିଁ । ଯହିଁରେ ଧ୍ରୁବାଂଶର ଗାନପରେ ଆଭୋଗର ଗାନ କରାଯାଏ ତାହା ଧ୍ରୁବପଦା । ଯହିଁରେ ପଦସଂଖ୍ୟା ଆଠରୁ ମଧ୍ୟ ଅଧିକ ହୋଇପାରେ ତାକୁ ପାଞ୍ଚାଳୀ । ଆମ ଛାନ୍ଦ ଗୁଡ଼ିକ ପାଞ୍ଚାଳୀ ।

ପ୍ରଭାବତୀ ପ୍ରବନ୍ଧ, ଜଳନିଧି ପ୍ରବନ୍ଧ, ଶିବବିନୋଦ ପ୍ରବନ୍ଧ ଆମର ଓଡ଼ିଆ ପୋଥି ଆଜ ପୁଲା ମୁଦ୍ରିତ ହୋଇ ନାହିଁ ।

ପରିଶେଷରେ ଏତିକ କହିବାକୁ ଚାହେଁ ଋଗ୍‌ବେଦରୁ ପାଠ୍ୟ, ସାମ ବେଦରୁ ଗୀତ ଯଜୁର୍ବେଦରୁ ଅଭିନୟ ଏବଂ ଅଥର୍ବ ବେଦରୁ ରସ (ଶୃଙ୍ଗାରାଦି)ସୃଷ୍ଟି ହୋଇଛି' ଏହି ଚାରି ବେଦର ସାରକୁ ବ୍ରହ୍ମା ୫ମବେଦ ରୂପେ ପ୍ରବନ୍ଧ ତିଆରି କରିଥିଲେ । ବେଦ ପରେ ପ୍ରବନ୍ଧ । ଉତ୍କଳର ସଙ୍ଗୀତ ସେହି ପ୍ରବନ୍ଧରେ ଭରି । ପ୍ରାଚ୍ୟୀନ ସଙ୍ଗୀତର ୩ଟି ଭାଗ ଅଛି । ଉଦ୍‌ଗ୍ରାହ ବା ଦୋଖା । ୨-ଧ୍ରୁବ ବା ଅନ୍ତରା । ୩-- ଅଭୋଗ ବା ଭଣିତା ।

ଉତ୍କଳରେ ଉତ୍କଳୀୟ ସଙ୍ଗୀତର ଚର୍ଚ୍ଚା ଖୁବ ହେଉ—ଏହାହିଁ ମୋର କାମନା ।

Digitized by srujanika@gmail.com

# ବାସବ ଦତ୍ତା

ଶ୍ରୀରସାନନ୍ଦ ସାହୁ

( ବେତାର-ଏକାଙ୍କିକା )

## —ପ୍ରଥମ ଦୃଶ୍ୟ—

(ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଛି । ନିଜ କକ୍ଷରେ ପ୍ରସାଧାନରତା ବାସବଦତ୍ତା ଗୀତିଟି ଗାଉଛି ) ।

ମୋର ହୃଦୟ-କାନନ ଆଜି ମାଳତୀର ଗନ୍ଧେ ଭରା ।
ମୋର ପ୍ରିୟର ଗୃହାଣି ପାଡେ ଆଜି ମୁହିଁ ଅନ୍ତହରା । ୦ ।
ମୋର ଯଉବନ-କୁଞ୍ଜ-ଦ୍ୱାରେ
ଲଭେ ପରମ ତା' ବାରେ ବାରେ
ସେଇ ନାଗର ପ୍ରିୟ ଗୋ ମମ ଧରାଦେଇ ନ ଦିଏ ଧରା । ୧ ।

ଉପଗୁପ୍ତିକା—(ପ୍ରବେଶକରି) କିଗୋ ସଖି, ବଡ଼ ଯେ ନିଜକୁ ନିଠେଇ ନିଠେଇ ସଜାଉଛ ? ଅଜି କଣ' ତୁମର ବାସର ଘର କି ?

ବାସବଦତ୍ତା—ହୁଁ … ।

ଉପ—ସତେ ? ତାହାହେଲେ ସେ ଭାଗ୍ୟବାନଟି କିଏ ମ ସଖି ! ତୁମେ ଏଡ଼କି ସ୍ୱାର୍ଥପର ନା ? ଲୁଚେଇ ଲୁଚେଇ କେଉଁ ଦିନ ନିଜର ମନଲାଖି ବରଟିଏ ପାଇ ବିବାହ କରି ସାରିଲଣି—ଅଥଚ ତାର ଏତେ ଟିକିଏ ଗନ୍ଧ ଆମ ନାକରେ ବାଜିଲା ନାହିଁ ! ଆମେ ବରଂ ଆଉ ମିଠେଇ ହୋଇ ନାହାନ୍ତି ଯେ ଆମେ ଭାଗଦାବୀ କରି କଳିଆ କରି ଥାଆନ୍ତୁ ?

ବାସବ—ଅନେକ ସମୟରେ ବରକୁ ମିଠେଇ ହେବାକୁ ପଡ଼ିଥାଏ । ତୁମର ଯଦି ଲୋଭ ହେଉଛି, ତାହେଲେ ମୋତେ କୁହ । ଭାଗ ଦାବୀର ପ୍ରଶ୍ନ ଉଠିବ ନାହିଁ—ତାହା ସମ୍ପୂର୍ଣ୍ଣ ତୁମର ହୋଇ ପାରିବ ।

ଉପ—ନାହିଁଲେ ମା' ! ସମ୍ପୂର୍ଣ୍ଣ ଭୋଗ କରିବାର ଦୁଃସାହସ ମୋର ନାହିଁ । ତା' ଛଡ଼ା ବଦ୍ ହଜମି ହେବାର ଢେର ସମ୍ଭାବନା ରହୁଛି ।

ବାସବ—ବଦ୍‌ହଜମିର ଔଷଧ ମଧ୍ୟ ମୋ ନିକଟରେ ଅଛି । ପ୍ରାଣର ତୃପ୍ତି ଆସିଲେ—ଫୁଲକୁ ମଧୁ ଅହରଣ ଶେଷ ହେଲେ, ଗୋଇଠା ମାରି ଫିଙ୍ଗି ଦେଇପାର ! (ଦୁଇ ସଖି ଖିଲ୍ ଖିଲ୍ କରି ହସି ଉଠିଲେ)

ଉପ—ସତରେ ସଖି, ତୁମକଥା ଭାବି ମୁଁ ବେଳେ ବେଳେ ବଡ ବିସ୍ମିତାହୁଏ । ତୁମ ହୃଦପୃଷ୍ଠ କେଉଁଥିରେ ତିଆରି କେଜାଣି ? ସେଠାରେ ପ୍ରେମ-ପ୍ରୀତିର ଏତେ ଟିକିଏ ସ୍ପର୍ଶ ନାହିଁ !! ତୁମର ଏ ଯେଉଁ ରୂପ-ତାହାତ ରୂପ ନୁହେଁ—ପ୍ରଜ୍ୱଳିତ ହୁତାଶନ ! ସେଇ ଅଗ୍ନି ଶିଖାର ଅପୂର୍ବ ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ କେତେ ଯେ ପତଙ୍ଗ ସେଥିରେ ଝାସ ଦେଲେଣି, ତାହା ଭାବିଲେ ମୋତେ ଦୁଃଖ ଲାଗେ, ତୁମେ କଣ କାହାରିକୁ ଭଲ ପାଇ ପାରିବ ନାହିଁ ?

ବାସବ—କିଏ କହେ ମୁଁ ଭଲପାଇ ପାରିବି ନାହିଁ ? —କିଏ କହେ ମୋ ହୃଦୟରେ ପ୍ରେମ-ପ୍ରୀତିର ଲେଶ ନାହିଁ ? ନାରୀଜନ୍ମ ପାଇ ମୋ ଅନ୍ତରରେ ସ୍ନେହ, ଭଲ ପାଇବା ପ୍ରଭୃତି କୋମଳ ମନୋବୃତ୍ତି ଗୁଡ଼ିକ ମରିଯିବ କପରି ? ମୁଁ ପାଷାଣୀ ନୁହେଁ ସଖି, ଗୋଟିଏ ଜୀବନ୍ତ ନାରୀ ।

ଉପ—ତାହାହେଲେ ତୁମେ କାହାକୁ ଭଲପାଇ ପାରିଲ ନାହିଁ କାହିଁକି ? କାହିଁକି ଶତ ଶତ ହୃଦୟ ନେଇ ତୁମେ ମୂଲ୍ୟ ପୁତ୍ତଳିକାର କ୍ରୀଡ଼ା କରୁଛ ? ସେଥିର ତୁମେ କି ଆନନ୍ଦ ପାଅ, ତୁମେ ଜାଣ, ଶତ ଶତ ହୃଦୟ ଧକ୍କିତ ନ ଖେଳି—ଶତ ଶତ ଜୀବନକୁ ତୁମରି ଅଗ୍ନି ଶିଖାରେ ଦହନ ନକରି, ତୁମେ ଜଣକୁ ଅତ୍ୟନ୍ତ ଭଲପାଇ ପାରି ଥାଆନ୍ତ ।

Digitized by srujanika@gmail.com

ବାସବ – କିନ୍ତୁ ଭଲପାଇ ପାରିଲି ନାହିଁ ? କାରଣ ଯେଉଁମାନେ ମୋର ରୂପ ଆଉ ଯୌବନରେ ମୁଗ୍ଧ-ଆକୃଷ୍ଟ ହୋଇ ମୋ ଦ୍ୱାରକୁ ଧାଇଁ ଆସି ମୋ କାନରେ ଅହରହ ଗୀତ ଗୁଞ୍ଜନ କରିଛନ୍ତି, ସେମାନେ ହୃଦୟରେ ମୋ ପାଇଁ ଏତେ ଟିକିଏ ଭଲପାଇବା ଧରି ଆସି ନଥିଲେ । ସେମାନେ ଆସିଥିଲେ ହୃଦୟରେ ମୋପାଇଁ ଦୁର୍ବାର କାମ ପ୍ରବୃତ୍ତି ଧରି – ଆସିଥିଲେ ହାତରେ ସ୍ୱର୍ଣ୍ଣରତ୍ନର ବହୁ ଉପଢୌକନ ଧରି-ମୋର ରୂପ ଓ ଯୌବନର ବାଣିଜ୍ୟ ମୂଲ୍ୟ ଦେବାପାଇଁ

ପରି – ଯେଉଁମାନଙ୍କ ହୃଦୟରେ ତୁମପାଇଁ ଏତେ ଟିକିଏ ପ୍ରେମ ନ ଥିଲା – ଖାଲି କାମ ପ୍ରବୃତ୍ତି ଭରି ରହିଥିଲା – ତୁମେ ସେମାନଙ୍କୁ ଦ୍ୱାର ମୁହଁରୁ ଫେରାଇ ଦେଇ ପାରି ଥାଆନ୍ତ ।

ବାସବ – ନା, ମୁଁ ଯାହା କରିଛି; ତାହା ଠିକ୍ କରିଛି । ନାରୀର ନାରୀତ୍ୱକୁ ଯେଉଁମାନଙ୍କର ହୃଦୟରେ ଅସମ୍ମାନ ଓ ଅବମାନନା ଭରି ରହିଛି; ସେଇ ନାରୀର ପ୍ରଳୟଙ୍କରୀ ପ୍ରଜ୍ଜ୍ୱଳ ଅଗ୍ନି ଶିଖାରେ ସେମାନଙ୍କର ଧ୍ୱଂସହେବା ବିଧେୟ । ତା' ଛଡ଼ା ଏଇ ପୁରୁଷ ଜାତି ପ୍ରତି ମୋର ଗୋଟାଏ ଜନ୍ମଗତ ଘୃଣା ରହିଛି । ମା'ଙ୍କ ନିର୍ଦ୍ଦେଶରେ ମୁଁ ମହାରାଜ ଅଶୋକଙ୍କ ଦରବାରରେ ନର୍ତ୍ତକୀର ପେଶା ଗ୍ରହଣ କଲି । ସେଇ ଅବଧି ରାଜବଂଶରୁ ଆରମ୍ଭ କରି ନଗରୀର ପ୍ରହରୀ ପର୍ଯ୍ୟନ୍ତ ସମସ୍ତେ ଆସି ମୋର ଚରଣ ତଳେ ସେମାନଙ୍କର ଅଯାଚିତ ପ୍ରେମ ଢାଳି ଦେଇଛନ୍ତି । ମାତ୍ର ବିବାହ କରିବା ପ୍ରସ୍ତାବ ମୁଁ ଆଗତ କରିବା ସାଥେ ସାଥେ ସେମାନେ ନାସିକା କୁଞ୍ଚିତ କରି ଫେରି ଯାଇଛନ୍ତି । କାରଣ ମୁଁ ନର୍ତ୍ତକୀ ମୁଁ କ୍ୟ ଅଉ ମୁଁ ନିଜେ ଜଣେ ନଟୀ । ସମାଜରେ ଆମର ସ୍ଥାନ ଅନେକ ତଳେ ଏପରିକି ନଗରର ପ୍ରହରୀ ମଧ୍ୟ ମୋତେ ବିବାହ କରି ସମାଜ ଚ୍ୟୁତ ହେବାକୁ ଭୟ କରେ । ସେଇ ଅବଧି ଏଇ ପୁରୁଷ ଜାତି ପ୍ରତି ମୋର ଦୁର୍ବାର ଘୃଣା ଜାଗି ଉଠିଛି ।

ପରି – ତାହାହେଲେ ଏଇ ପୁରୁଷଜାତି ତୁମ ନାରୀତ୍ୱର ଯେଉଁ ଅପମାନ କରିଛି, ତା'ର ପ୍ରତିହିଂସା ତୁମେ କିଣ ନେବ ?

ବାସବ – ନିଶ୍ଚୟ । ମୁଁ ନାରୀ – ସ୍ୱର୍ଗର ଦେବୀ ନୁହେଁ । ମୋର ରକ୍ତ ମାଂସ ଶରୀରରେ କ୍ରୋଧ ଅଛି – ମୋର ହୃଦୟରେ ପ୍ରତିହିଂସାର ଦାବାନଳ ଅଛି । ଜଣେ ଜଣେ କରି ମୁଁ ସମସ୍ତ ପୁରୁଷ ଜାତିକୁ ସେଇ ପ୍ରଜ୍ଜ୍ୱଳ ଦାବାନଳରେ ଦଗ୍ଧ କରିବି ଶେଷରେ ମୁଁ ମଧ ସେଥିରେ ଦଗ୍ଧ ହେବି ।

ପରି – ତୁମ କଥା ଶୁଣି ମୋତେ ଭୟ ଲାଗୁଛି ସଖି ! ତୁମେ ଉତ୍ତେଜିତା ହେଲେ ମୁଁ ତୁମକୁ ଚିହ୍ନି ପାରେ ନାହିଁ ।

ବାସବ – କିନ୍ତୁ ମୁଁ ଯେତେବେଳେ ମିଳନ - ଗୀତ ଗାଏ ସେତେବେଳେ ତୁମେ ତ ମୋତେ ବେଶ୍ ଅନିମେଷ ନୟନରେ ଚିହ୍ନି ପାର ? ଜଣା ପଡୁଛି, ତୁମେ ବି ମୋ ପ୍ରେମରେ ପଡ଼ି ସାରିଲଣି । ( ଦୁଇ ସଖି ହସି ଉଠିଲେ )

ପରି – ଆଚ୍ଛା ସଖି, ତୁମର ତ ପ୍ରତ୍ୟେକ ଦିନ ନୂତନ ନୂତନ ବିବାହ ହୁଏ ଆଉ ପ୍ରତ୍ୟେକ ରାତିରେ ନୂତନ ମଧୁଶଯ୍ୟା ହୁଏ । ତେବେ ଆଜି କେଉଁ ଭାଗ୍ୟବାନଟି ସାଥିରେ ମଧୁଶଯ୍ୟା ହେବ ?

ବାସବ – ତୁମେ ତାଙ୍କୁ ବୋଧହୁଏ ଚିହ୍ନ ନାହିଁ । ସୌଦାଗର ହୀରାଲାଲଙ୍କ ପୁଅ ଚନ୍ଦ୍ରକାନ୍ତ ବିଚରା କେଉଁ ଅଶୁଭ ଲଗ୍ନରେ ମୋ ପ୍ରେମରେ ପଡ଼ି ଯାଇଛି । ମୋ ପାଇଁ ସେ ନବ ବିବାହିତା ପତ୍ନୀକୁ ପୁଣି ଭଲପାଇ ପାରୁନି ନାହିଁ । ଦୁନିଆରେ ଏମିତି କେତୋଟି ନିର୍ବୋଧ ଅଛନ୍ତି, ମୁଁ ଗଣିବାକୁ ଚାହେଁ ।

Digitized by srujanika@gmail.com

ମିତ୍ର — ତାହାହେଲେ ଚନ୍ଦ୍ରକାନ୍ତ କ'ଣ ଆଜ ରାତିରେ ଏଇଠିକୁ ଆସିବେ ?

ବାସବ — ନା, ତାଙ୍କରି ନିର୍ଦ୍ଦେଶ ମତେ ତାଙ୍କ ସହିତ ଗୋପନ ମିଳନ ଲାଗି ମୋତେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଉଦ୍ଦେଶ୍ୟରେ ଅଭିସାର କରିବାକୁ ହେବ ।

ପରି — ଚନ୍ଦ୍ରକାନ୍ତ ଏଠାକୁ ଆସିବେ ନାହିଁ କାହିଁକି ଏଇସବୁ ହତଭାଗାଙ୍କ ପାଇଁ ତ ତୁମ ଦ୍ୱାର ଅବାରିତ ମୁକ୍ତ ରହିଛି ।

ବାସବ — ତାହା ଚନ୍ଦ୍ରକାନ୍ତ ଜାଣେ । ବୋଧହୁଏ ସେଇଥିପାଇଁ ସେ ଏଠାକୁ ଆସିବାକୁ ମନିଲେ ନାହିଁ । ମୋ ଦ୍ୱାରକୁ ଆସିଲେ ତା' ପରି ପ୍ରତିପତ୍ତିଶାଳୀ ବ୍ୟକ୍ତିର ଅସମ୍ମାନ ଘଟିବ ।

ପରି — ତାହାହେଲେ ତୁମେ କ'ଣ ସତରେ ତାଙ୍କ ନିକଟକୁ ବାହାରିଛ ?

ବାସବ — ଆଉ କ'ଣ ମିଛରେ ? ପ୍ରେମିକ ପୁଙ୍ଗବ ହୁଏ ମୋ ବିରହରେ ମୁହୂର୍ତ୍ତିକୁ ଯୁଗଜ୍ଞାନ କରୁଥିବ ହୁଏତ ମୋର ପଥ ଚାହିଁ ଚାହିଁ ତା'ର ଆଖି ପାଣି ଶୁଖି ଆସିବଣି । ମୋ ଲାଗି ତାଙ୍କୁ ବିରହାନଳରେ ଦଗ୍ଧ ହେବା ପାଇଁ ସୁଯୋଗ ଦେବ ନାହିଁ । ଏତିକ ମମତା ମୋର ଅଛି ।

ପରି — ତାହାହେଲେ ମୁଁ ତୁମ ସାଥିରେ ଯିବି ।

ବାସବ — ସେ ପୁଣି କ'ଣ ? ତୁମେ ପୁଣି ତା' ଅଭିସାରରେ ବାହାରିଲ ?

ପରି — ତୁମେ କ'ଣ ଏକାକୀନୀ ଯିବ ?

ବାସବ — ତେବେ ?

ପରି — ଏଇ ନିବିଡ ତମସାଚ୍ଛାଦିତ ରାତି । ଆକାଶରେ କୃଷ୍ଣ ଜୀମୂତର ସମାରୋହ । ଘନକୃଷ୍ଣ ବାଦଲ ଅନ୍ତରାଳରେ ଆକାଶର ତାରପୁଞ୍ଜ ଲୁକ୍କାୟିତ । ଅନ୍ଧାରରେ ମୁହଁକୁ ମୁହଁ ଦିଶୁ ନାହିଁ । ଏପରି ଦୁର୍ଯୋଗ ରାତିରେ ମୁଁ ତୁମକୁ ଏକାକିନୀ ଯିବାକୁ ଦେବି କିପରି ?

ବାସବ — ତୁମେ ନିହାତି ନିର୍ବୋଧ ସଖି ! ଏଇ ଦୁର୍ଯୋଗ ରାତିରେ ତ ଗୋପନ ଅଭିସାର ହୁଏ । ତୁମେ ନିଶ୍ଚିନ୍ତ ରୁହ ମୁଁ ଏକାକିନୀ ଯାଇ ପାରିବି ।

## —ଦ୍ୱିତୀୟ ଦୃଶ୍ୟ—

(ବାସବଦତ୍ତା ଧୀରପଦ କ୍ଷେପରେ ଅଭିସାରରେ ଚାଲିଛି । ପ୍ରତିପଦ କ୍ଷେପରେ ପାଦର ନୂପୁର ହିଲ୍ଲୋଳିତ ହୋଇ ରୁଣୁଝୁଣୁ ନାଦ ହେଉଛି ।)

ବାସବଦତ୍ତା — ଉଃ ! ବାସ୍ତବିକ୍ ବଡ଼ ଦୁର୍ଯୋଗ ରାତି । ଏହି ନିବିଡ ତମସାବୃତ ଧରଣୀ ବକ୍ଷରେ ନିଜର ପଥ ଚିହ୍ନି ଚାଲିବା ବଡ଼ କଷ୍ଟକର । ମୋତେ ତ ପଥ ମୋଟେ ଦେଖା ଯାଉ ନାହିଁ ! ଏଇ ଘନକୃଷ୍ଣ ଅନ୍ଧକାର ଭିତରେ ମୁଁ ପଥ ହରାଇ ନାହିଁ ତ ? ଅନ୍ଧକାରରେ ପଥ ଚିହ୍ନି ଚାଲିବା ପାଇଁ ପ୍ରଦୀପଟିଏ ଆଣିଛି ସତ; ମାତ୍ର ଏଇ ପ୍ରଦୀପର କ୍ଷୀଣ ଆଲୋକ-ରଶ୍ମି ଯେପରି ଚତୁଃପାର୍ଶ୍ୱର ଅନ୍ଧକାରକୁ ଆହୁରି ନିବିଡ଼ରେ କରି ତୋଳିଛି । ଏଥିକି ସାଥିରେ ଆଣିଥିଲେ ଭଲ ହୋଇ ଥାଆନ୍ତା ।

(ହଠାତ୍ ସନ୍ନ୍ୟାସୀ ଉପଗୁପ୍ତଙ୍କ ଉପରେ ପାଦ ପଡ଼ି ଯିବାରୁ ଚମକି ଛିଡ଼ା ହେବା ଫଳରେ ନୂପୁର ଧ୍ୱନି ବନ୍ଦ ହୋଇଗଲା ।)

କ'ଣଟାଏ ମାଡ଼ି ପକାଇଲି କି ? ଦେଖେ —[ପ୍ରଦୀପ ଆଲୋକରେ ଉପଗୁପ୍ତଙ୍କୁ ଦେଖି] ଇସ୍ ! ସତେତ...ଜଣେ ସୁଦର୍ଶନ ଦିବ୍ୟକାନ୍ତ ତରୁଣ ସୁନ୍ଦର ! ବୋଧହୁଏ କେଉଁ ଦେଶର ରାଜକୁମାର ହେବେ । ତେବେ ଇଏ ଏପରି ପଥ ମଧ୍ୟରେ ଶୋଇଛନ୍ତି କାହିଁକି ?

ଉପଗୁପ୍ତ — ଏଇ ଦୁର୍ଯୋଗ ଅନ୍ଧକାରମୟ ରାତିରେ ତୁମେ ବୋଧହୁଏ ପଥ ଭୁଲିଛ ସୁନ୍ଦରୀ !

ବାସବ — ହଁ, ଅନ୍ଧାରରେ ଦେଖି ନପାରି ଆପଣଙ୍କ ଗୋଡ଼ରେ ମାଡ଼ି ପକାଇଲି । ଫଳରେ ମୁଁ

Digitized by srujanika@gmail.com

ଯେଉଁ ଅପରାଧ କରିଛି, ତାପାଇଁ
କ୍ଷମା-ଭିକ୍ଷା ମାଗୁଛି···

ଉପ — [ହସି] କ୍ଷମା ଭିକ୍ଷାର ଆବଶ୍ୟକ ନାହିଁ ସୁନ୍ଦରୀ ! ତୁମର କିଛି ଦୋଷ ନାହିଁ । ମୁଁ ଜାଣେ, ତୁମେ ସମ୍ପୂର୍ଣ୍ଣ ଅଜାଣତରେ ମୋତେ ମାଡ଼ ପକାଇଛ ।

ବାସବ — କ୍ଷମା କରିବେ, ମୁଁ ଆପଣଙ୍କର ପରିଚୟ ଜାଣିପାରେ କି ?

ଉପ — ମୁଁ ଜଣେ ଭିକ୍ଷୁ ।

ବାସବ — ଭିକ୍ଷୁ !! ମିଥ୍ୟା କହନ୍ତୁ ନାହିଁ । ଆପଣଙ୍କ ପରି ସୁରୁଚିଦର୍ଶନ ଅପରୂପ କାନ୍ତି ତରୁଣ ସୁନ୍ଦର ମୁଁ ଆଜି ପର୍ଯ୍ୟନ୍ତ ଦେଖିନାହିଁ । ଭିକ୍ଷୁର ଏଇ ଅପରୂପ ସୌନ୍ଦର୍ଯ୍ୟ ମୁଁ ପ୍ରତ୍ୟକ୍ଷ ଦେଖି ସୁଦ୍ଧା ବିଶ୍ୱାସ କରିବି ନାହିଁ । ସତ କହିବେ, କେଉଁ ରାଜପୁରୀକୁ ଅନ୍ଧକାର କରି ଆପଣ ଏ ରୁକ୍ଷ ଭିକ୍ଷୁବେଶ ଧାରଣ ପୂର୍ବକ ପଥେ ପଥେ ବୁଲୁଛନ୍ତି··· ?

ଉପ — ମୁଁ ତୁମକୁ ଆନନ୍ଦ ଦେଇ ପାରିଲି ନାହିଁ ସୁନ୍ଦରୀ, ! ମୁଁ ଜଣେ ନିଃସ୍ୱ ପଥର କାଙ୍ଗାଳ । ସେଇ ଭଗବାନ ତଥାଗତଙ୍କର ଏକ କଣା କରୁଣା - ଭିକ୍ଷୁ । ସଂସାରର କୌଣସି ମାୟାମମତା ମୋ ପଶ୍ଚାତରେ ନାହିଁ ଯାହାଧରି ମୁଁ ନିଜକୁ ଐଶ୍ୱର୍ଯ୍ୟବାନ ମନେ କରିବି । କୌଣସି ରାଜପୁରୀରେ ଜନ୍ମ ହେବାର ସ୍ୱପ୍ନ ମୁଁ ଦେଖି ନାହିଁ । ପଥେ ପଥେ ଭିକ୍ଷା କରି ଉଦର ପୋଷଣ କରେ - ଯେଉଁ ଦିନ କିଛି ନ ମିଳେ ସେ ଦିନ ଉପବାସରେ କଟାଇ ଦିଏ ।

ବାସବ — ଏଇ କମନୀୟ ସୁରୁଚି ଦର୍ଶନ କୋମଳ ରୂପ ତଳେ ଏପରି କ୍ଳିଷ୍ଟ - କାତର ପ୍ରାଣ ରହିଛି କିପରି ? ଆପଣ ସ୍ୱଇଚ୍ଛାରେ ଏପରି କୃଚ୍ଛ୍ର ସାଧନ କରୁଛନ୍ତି କାହିଁକି ? ଆପଣଙ୍କର ଏଇ କମନୀୟ ରୂପ, ଏଇ ନିଟୋଳ ସ୍ୱାସ୍ଥ୍ୟ, ଏଇ ପରିପୂର୍ଣ୍ଣ ଯୌବନ ଜଗତର ଯେ କୌଣସି ଭାଗ୍ୟବତୀ ନାରୀର ଚରମ ସାଧନାର ବସ୍ତୁ । ଆପଣଙ୍କ ପରି ସୁରୁଚି ଦର୍ଶନ ତରୁଣ ପକ୍ଷରେ ଭିକ୍ଷୁର ଦୀକ୍ଷା ନେଇ ଉପେକ୍ଷିତ ଜୀବନ ମଧ୍ୟରେ ନିଜକୁ ଧ୍ୱଂସ କରିବା ଉଚିତ ନୁହେଁ ।

ଉପ — (ହସି) ଏଇ କ୍ଳିଷ୍ଟତା ମଧ୍ୟରେ ମୁଁ ଆନନ୍ଦର ସନ୍ଧାନ ଉପଲବ୍ଧି କରିବାକୁ ଚାହେଁ ସୁନ୍ଦରୀ; ଏଇ କୃଚ୍ଛ୍ର ସାଧନ ଭିତରେ ଦେଇ ମୁଁ ଜୀବନକୁ ପୂର୍ଣ୍ଣ ରୂପେ ଉପଭୋଗ କରିବାକୁ ଚାହେଁ ।

ବାସବ — ଜୀବନରେ ଆପଣ ସ୍ନେହ - ମମତାର ସ୍ପର୍ଶ ପାଇ ନାହାନ୍ତି । ସେଇଥିପାଇଁ ସଂସାର ପ୍ରତି ଉଦାସୀନତା ଓ ବିତୃଷ୍ଣା ଭାବ ଦେଖାଇଛନ୍ତି ।

ଉପ — ସତ କହୁଛ ନାରୀ !

ବାସବ — ଆଶ୍ଚର୍ଯ୍ୟ !! ଆପଣଙ୍କ ପରି ସୁରୁଚି ଦର୍ଶନ ରୂପବାନ ତରୁଣ ପ୍ରତି ଜଗତରେ କାହାର ହୃଦୟରେ ସ୍ନେହ ମମତା ନାହିଁ ? ଏ କଥା ମୁଁ ବିଶ୍ୱାସ କରିବି କିପରି ?

ଉପ — ସୁରୁଚି ଦର୍ଶନ ସ୍ଥୂଳ ପଦ୍ମକୁ କେହି ଭଲ ପାଆନ୍ତି ନାହିଁ ।

ବାସବ — ଆପଣ କୌଣସି ଧର୍ମଶାଳାରେ ରାତି ଯାପନ ନ କରି ଏଇ ରୁକ୍ଷ ଧୂଳି ଧୂସରିତ କଠିଣ ପଥ ଉପରେ ଶୋଇଛନ୍ତି କାହିଁକି ?

ଉପ — ଏଇ ପଥର ସ୍ନେହ ମୋର ଅନ୍ତର ସ୍ପର୍ଶ କରିଛି । ତାକୁ ମୁଁ ଭୁଲି ପାରିବି ନାହିଁ । ଏଇ ପଥ ଧୂଳିରେ କୋମଳ ସ୍ପର୍ଶରେ ସ୍ନିଗ୍ଧତା ମୋର ପ୍ରାଣମନକୁ ବନ୍ଦୀ କରିଛି ସୁନ୍ଦରୀ !

ବାସବ — ଆହା ! ବିଚିତ୍ର ସଂସାର ବିରାଗୀ - ଉଦାସୀ ! ଆପଣଙ୍କ କଥା ଶୁଣିଲେ ମୋର ନୟନ ସଜଳ ହୋଇ ଉଠୁଛି - ମୋର ଅନ୍ତରରେ ବେଦନାର ରେଖା ପାତ ହେଉଛି । ଏପରି କୋମଳ ମଧୁ ତରୁଣ ମଧୁ ଯୌବନର

Digitized by srujanika@gmail.com

ପ୍ରାନ୍ତରେ କାହିଁକି ସହସା ବିରାଗୀ ହୋଇ ଉଠିଲେ ? ଏଇ ନିର୍ମମ ବୟସରେ କ'ଣ କାହାରି ହୃଦୟରେ ଆପଣଙ୍କର ପ୍ରତି ଦୟା ସଞ୍ଚାର ହୋଇନାହିଁ ।

ଉପ – ତୁମ କଣ୍ଠରେ ମୋ ଲାଗି ସହାନୁଭୂତିର ଭାଷା ମୋତେ ସାନ୍ତ୍ୱନା ଦେଇ ପାରିବ ନାହିଁ ତରୁଣୀ ! କାରଣ ମୋର ସହାନୁଭୂତିର ପ୍ରୟୋଜନ ନାହିଁ । ମୁଁ ଆନନ୍ଦର ସନ୍ତାନ । ମୋର ହୃଦୟ ଥିର ଆନନ୍ଦରେ ପରିପୂର୍ଣ୍ଣ । ଦୁଃଖ ଅବସାଦର ଏତେ ଟିକିଏ ପ୍ରଭାବ ମୋ ହୃଦୟରେ ରେଖାପାତ କରିନାହିଁ । ମୋର ତ କୌଣସି ଦୁଃଖ ନାହିଁ ଯା ଲାଗି ତୁମର ବିଚଳିତ ହେବାର ପ୍ରୟୋଜନ ନାହିଁ ସୁନ୍ଦରୀ !

ବାସବ – ମୋର ଗୋଟିଏ ଅନୁରୋଧ ରକ୍ଷା କରିବେ ସନ୍ନ୍ୟାସୀ !

ଉପ – କୁହ

ବାସବ – ଏଇ ଧୂଳି ଧୂସରିତ ରାଜପଥ ଆପଣଙ୍କ ପରି କୋମଳ ମତି ତରୁଣ ପାଇଁ ଉପଯୁକ୍ତ ଶଯ୍ୟା ନୁହେଁ, ଆପଣ ମୋ ସହିତ ମୋର ପ୍ରାସାଦକୁ ଆସନ୍ତୁ ସେଠାରେ ମୋର ଦୁଗ୍ଧଫେନନିଭ କୋମଳ ଶଯ୍ୟା ଆପଣଙ୍କ ଅଙ୍ଗସ୍ପର୍ଶ ପାଇ ଧନ୍ୟ ହେବ । ଆପଣଙ୍କର ଏତେ ଟିକିଏ ସେବା କରିବାର ସୁଯୋଗ ମୋତେ ଦେଇ ଧନ୍ୟ କରନ୍ତୁ ।

ଉପ – (ହସି) ତୁମ ଘରକୁ ଯାଇ ତୁମର କୋମଳ ଶଯ୍ୟାରେ ବସିବାର ସୌଭାଗ୍ୟ ପାଇ ତୁମର ସେବା ଗ୍ରହଣ କରିବାର ସୁଯୋଗ ବର୍ତ୍ତମାନ ମୋର ଆଉ ନାହିଁ । ସେ ସମୟ ତ ଆସି ନାହିଁ ତାହା ଆହୁରି ଦେରି ଅଛି । ତୁମର ମୂଲ୍ୟବାନ ସମୟ ତୁ କେବଳ ଅବାନ୍ତର କଥାରେ ନଷ୍ଟ କରି ମୋତେ ଏଇ ପଥ ଧୂଳିରେ ଶୋଇବାର ଅବସର ଦେଇ ତୁମେ ବର୍ତ୍ତମାନ ତୁମର କର୍ତ୍ତବ୍ୟ ପଥରେ ଯାଅ ସୁନ୍ଦରୀ !

ବାସବ – ଆପଣଙ୍କୁ ଏପରି ନିଷ୍ଠୁର ଅସହାୟ ଅବସ୍ଥାରେ ଛାଡ଼ି ଯିବାକୁ ମୋର ମନ ବଳୁନାହିଁ । ମୁଁ ଆପଣଙ୍କ ସାଥିରେ ରହି ଯିବି ।

ଉପ – ସେ ଲାଗି ଚିନ୍ତା କରିବ ନାହିଁ । ତୁମର ମିଳନ - ଲଗ୍ନ ଗଡ଼ି ଯାଉଛି - ତୁମର ତରୁଣ ପ୍ରେମିକ ଉଦ୍ଦେଶ୍ୟରେ, ବର୍ତ୍ତମାନ ଅଭିସାର କର । ମୋତେ ଆଉ ଅନୁରୋଧ କର ନାହିଁ ତୁମ ନିକଟକୁ ଯିବାର ଯେବେ ଦିନେ ସମୟ ହେବ, ମୁଁ ଅଯାଚିତ ଆଉ ଅପ୍ରତ୍ୟାଶିତ ଭାବରେ ତୁମର ଦ୍ୱାରସ୍ଥ ହେବି । ତୁମେ ମୋର ମନେ ରହିଲ ସୁନ୍ଦରୀ ! ତୁମକୁ ତ ମୁଁ ଭୁଲି ପାରିବି ନାହିଁ ।

## ତୃତୀୟ ଦୃଶ୍ୟ –

(ବାସବଦତ୍ତା ଏକାକିନୀ ରୋଗ ଶଯ୍ୟାରେ ଶାୟିତା । ଦେହମା ରୋଗର ଗମ୍ଭୀର ମୂର୍ତ୍ତି ନିଏଁ ସାରା ଅଙ୍ଗ ବିକୃତ କରି ଦେଇଛି ।

ବାସବଦତ୍ତା – ଉଃ ! କି ଜ୍ୱାଳା ! ଭଗବାନ, ଆଉ ସହି ପାରୁ ନାହିଁ ! ଦେହସାରା ମୋର ଯେପରି ନିଆଁ ଲାଗିଛି ସେ ନିଆଁ ଜଳୁଛି ହୁହୁ ହୋଇ - ତା'ର ଶତ ଶତ ଜିହ୍ୱା ଲମ୍ବି ଲମ୍ବି ଆସି । ଉଃ, ଜଳିଗଲି, ଜଳିଗଲି : ଆଉ ରକ୍ଷା ନାହିଁ - ସେଇ ଭୀମକାନ୍ତ ହୁତାଶନ ଭିତରୁ ଲେଲିହାନ ସହସ୍ର ଜିହ୍ୱା ମେଲି [illegible] ବିଭୀଷିକା ଧରି ଜଳିଲା ! ମୋର ଆଖିରୁ ଏ ଅଗ୍ନିର ଦୃଷ୍ଟି ଦେଖିଛି; କିନ୍ତୁ କାହିଁ ଏ କ'ଣ ? ଏ ଅଗ୍ନି କ'ଣ ଏବେ [illegible] ଏ ଆଉ କ'ଣ ଏବେ ଶୀତଳ ? କେହି ତା'ର ସମ୍ମୁଖରେ ଛିଡ଼ା ହୋଇ ପାରୁ ନାହାନ୍ତି । ଏ ଅଗ୍ନି ତା'ର ଲମ୍ବା ଲମ୍ବା ଶିଖା ମେଲି ମୋତେ ମୋ ପ୍ରାସାଦକୁ ଗ୍ରାସ କରିବାକୁ ବସିଛି ଜଳିଗଲି,

Digitized by srujanika@gmail.com

ଜଳିଗଲା ନାଭ୍ରଅ, ନାଭ୍ରଅ ! ସଖି ସଖି
ମାଧବିକା, ପାଣି ଆଣ ପାଣି - ଯଦି ପାର
ଜଗତର ସମସ୍ତ ପାରାବାର ବହି ଆଣ !
ଉଃ... ! (ନୀରବ) ଏ . କେହି ବି ଆଉ
ନାହାନ୍ତି .? କେହି ଆସିଲେ ନାହିଁ ?
ମୋର ଦେହ ସାରା ଯେ ଜଳିଗଲା - ମୋର
ଏଇ ଶରୀର ଗୃହ ଦର୍ପଣ • ପ୍ରାସାଦଟି ଯେ
ମୋର ଅଗ୍ନି, ଅନଳର ଜଳି ଯାଉଛି !
ମୋର ଶତ ଶତ ଦାସଦାସୀଙ୍କ ମଧ୍ୟରୁ
କେହି ଜଣେ ହେଲେ କ'ଣ ନାହିଁ - ମୋର
ଏଇ ଯନ୍ତ୍ରଣା ଜର୍ଜରିତ ଶରୀରକୁ ଶୀତଳ
କରିବା ପାଇଁ ? ସମସ୍ତେ କ'ଣ ମୋତେ
ଆଜି ଏଇ ବିକଟ - ଭୀଷଣ ବସନ୍ତ
କବଳରେ ସମର୍ପି ଦେଇ ନିଜ ପଥକାଟି
ପଳାୟନ କରିଛନ୍ତି ? ହା ଭଗବାନ !
ମୋର ସ୍ପର୍ଶ - ମୋର ସଂସର୍ଗ କ'ଣ ଆଜି
ଏତେ ଘୃଣ୍ୟ ହୋଇ ଉଠିଛି ? ମୋରି
ଦାନା ଖାଇ ଯେଉଁମାନେ ମଣିଷ, ମୋର
ଅନ୍ନରେ ଯେଉଁମାନେ ପ୍ରତିପାଳିତ,
ସେମାନଙ୍କ ନିକଟରେ ସୁଦ୍ଧା ମୁଁ ଆଜି
ଅବହେଳିତା ଅନାବଶ୍ୟକ ଘୃଣ୍ୟ !!
ଉଃ ! ଅସହ୍ୟ - ଅସହ୍ୟ ଜଗତଟା ଖାଲି
ସ୍ୱାର୍ଥପରତାରେ ପୂର୍ଣ୍ଣ ! ଜାଣି ଜାଣି ମୁଁ
ଗୁଡ଼ାଏ ବିଷଧର ଅବିଶ୍ୱାସୀ ସର୍ପ ପୋଷିଥିଲି ।
ସେହି ଅବିଶ୍ୱାସୀ, ସ୍ୱାର୍ଥପର ସେମାନଙ୍କ
ମଧ୍ୟରୁ ଆଜି ଯଦି ଗୋଟିଏ ମୋର
ସମ୍ମୁଖରେ ପାଆନ୍ତି, ତାହାହେଲେ - ତାହା-
ହେଲେ ତା'ର ଗଳା ଚିପି ମୋର ଏଇ
ଯନ୍ତ୍ରଣାର ଉପଶମ କରନ୍ତି । ଓଃ; ଭଗବାନ !
ଗଳା ମୋର ଶୁଖିଗଲା । ପାଣି - ଟୋପାଏ
ପାଣି –"

(ନଗର ପ୍ରହରୀଙ୍କ ପ୍ରବେଶ)

ପ୍ରହରୀ — ବାସବ ଦତ୍ତ

ବାସବ – କିଏ ? ଓ, ଭଗବାନ ? ତୁମେ ଆସିଛ ?
ଏ ଅଭାଗିନୀର କରୁଣ କାତର ପ୍ରାର୍ଥନା
କଣ ତୁମ ଚରଣତଳେ ପହଞ୍ଚି ପାରିଛି ?
ମୁଁ କପରି ତୁମର ଅଭ୍ୟର୍ଥନା କରିବି
ପ୍ରଭୋ ! ମୁଁ କପରି –

ପ୍ରହରୀ — ନଟୀ ବାସବଦତ୍ତା !

ବାସବ — (ଚମକି) ଏଁ, କିଏ ? ନଗର ପ୍ରହରୀ
ପ୍ରତାପଙ୍କ ! ତୁମର ବର୍ତ୍ତମାନ ମୋ ପାଖରେ
କି ଆବଶ୍ୟକ ? ତୁମର ଏତେ ଟିକିଏ
କଣ ସମୟଜ୍ଞାନ ନାହିଁ ? ଦିବସର
ଉଜ୍ଜ୍ୱଳ ଆଲୋକରେ ସୁଦ୍ଧା ତୁମେ ମୋର
ଦ୍ୱାରରୁ ଫେରିବାର ସାହସ ରଖ ? ଛିଃ ଛିଃ,
ଲୋକେ କ'ଣ ଭାବିବେ ? ତା' ଛଡ଼ା
ଏ କଳଙ୍କ ତୁମର ଲାଗିବ ମୋର ନାହିଁ ।
ତଥାପି ମୁଁ ତୁମକୁ କପରି [illegible]
ଦେଖୁଛ ତ ମୋର ଅବସ୍ଥା ... ବଡ଼ ଯନ୍ତ୍ରଣା
ଟୋପାଏ ପାଣି ଦେଇ ପାରିବ ପ୍ରତାପ ।

ପ୍ରହରୀ — [illegible] ବାସବଦତ୍ତା ! ମୁଁ ରାଜାଦେଶ ଧରି
[illegible] । ତୁମକୁ ସହର ଛାଡ଼ି ବାହାରି
[illegible] ହେବ ବର୍ତ୍ତମାନ ।

ବାସବ — [illegible] ଛାଡ଼ି ବାହାରି ଯିବାକୁ ପଡ଼ିବ ?
[illegible] ? ମୋର ଅପରାଧ ?

ପ୍ରହରୀ — ତୁମ [illegible] ଅପରାଧ - ତୁମେ ବ୍ୟାଧି କବଳରେ
ପଡ଼ିଛ ଅଙ୍ଗସାର ବସନ୍ତ ରୋଗର
ବିକଟ । ଏହି ରୋଗର ଜୀବାଣୁ
ବଳାଣୁ ନଗରର ଅନ୍ୟ ବାସିନ୍ଦାଙ୍କୁ
ସଂକ୍ରମିତ କରେ, ସେଥିପାଇଁ ସତର୍କ
କରିବା ରାଜାଙ୍କର କର୍ତ୍ତବ୍ୟ ।

ବାସବ — [illegible] ମୋତେ ନଗର ଛାଡ଼ି ଚାଲିଯିବାକୁ
[illegible] ? ରାଜାଙ୍କର ଆଦେଶ ? ଯେଉଁ
ରାଜା ଯେଉଁ ସମ୍ରାଟ ଅଶୋକ ମୋର
[illegible]ରେ [illegible] ନିଃଶ୍ୱାସ ଦେଇ ମୃତ୍ୟୁ
[illegible] ପ୍ରସ୍ତୁତ ଥିଲେ ? କିନ୍ତୁ
[illegible] ! ମୁଁ ନଗର ଛାଡ଼ି ଯିବି କପରି
[illegible]

Digitized by srujanika@gmail.com

ପ୍ରହରୀ— ତୁମ ଦେହରେ ଶକ୍ତି ନାହିଁ, ସେଥିଲାଗି ମୁଁ ଦାୟୀ ନୁହେଁ । ମୋତେ ମୋର କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ । ତୁମେ ଯଦି ଚାଲି ଚାଲି ଯିବାକୁ ଅକ୍ଷମ, ତାହାହେଲେ ମୁଁ ତୁମକୁ ଘୋଷାରି ଘୋଷାରି ନେବାକୁ ପ୍ରସ୍ତୁତ ଅଛି ।

ବାସବ— ତୁମେ ମୋତେ ଘୋଷାରି ଘୋଷାରି ନେବ ? ଘୋଷାରି ଘୋଷାରି ନେବ ସେହି ଦେହକୁ ମୋର, ଯେଉଁ ଦେହର ଟିକିଏ ସ୍ପର୍ଶପାଇଁ ତୁମେ ମାଂସଲୋଭୀ କୁକୁର ପରି ମୋର ଦ୍ୱାରସ୍ଥ ହେଉଥିଲ ! ତୁମ ହୃଦୟରେ ଏତେ ଟିକିଏ ମମତା ନାହିଁ ପ୍ରତାପ ? ଅତ୍ୟନ୍ତ ପୁରୁଣା ଦିନର ସ୍ମୃତିର ଖାତିରରେ- ପୁରୁଣା ଦିନର ପ୍ରୀତିର ସମ୍ମାନରେ ତୁମେ ମୋତେ ଆଉ ଗୋଟିଏ ଦିନ ସମୟ ଦିଅ । ଟିକିଏ ସୁସ୍ଥ ବୋଧ କଲେ ମୁଁ ନିଜେ ନିଜେ ନଗର ଛାଡ଼ି ଚାଲି ଯିବି ।

ପ୍ରହରୀ— ଶୁଣ ବାସବଦତ୍ତା ! ପୁରୁଣା ଦିନର ପ୍ରୀତିର ସମ୍ମାନ ପ୍ରତିଷ୍ଠା କରିବାକୁ ଯାଇ ମୁଁ ମୋର କର୍ତ୍ତବ୍ୟ ଉପରେ ବାଧା ସୃଷ୍ଟି କରିବାକୁ ଇଚ୍ଛୁକ ନୁହେଁ । ତୁମକୁ ମୁଁ ଯେପରି ହେଉ ନଗରୀରୁ ବାହାର କରି ଦେବି । ତଦ୍ଦ୍ୱାରା ମୋର ପ୍ରୀତିର ଯଦି ଅସମ୍ମାନ ଆସୁଛି ଆସୁ । ଉଠ ତୁମକୁ ଯିବାକୁ ପଡ଼ିବ ! ମୁଁ ତୁମକୁ ସାହାଯ୍ୟ କରୁଛି ।

ବାସବ— (ପ୍ରହରୀ ସାହାଯ୍ୟରେ ଉଠି ଚାଲିଲା) ହଁ, ତୁମେ ମୋତେ ସାହାଯ୍ୟ କର । ତୁମେ ଏତେ ନିଷ୍ଠୁର ହେବ ନାହିଁ, ମୁଁ ଜାଣେ । ତୁମେ ଯେ ମୋତେ ଦିନେ ଭଲ ପାଉଥିଲ ଏବେବି ତୁମେ ଭୁଲି ନାହଁ, ଦେଖୁଛି । କିନ୍ତୁ ପ୍ରତାପ, ଏ କଥା ଅଭ୍ରାନ୍ତ ଯେ, ମୁଁ ନଗରର ବାହାର ହେବା ପୂର୍ବରୁ ମରି ଯାଇଥିବି ।

ପ୍ରହରୀ— ହଁ, ହଁ---ପଡ଼ିଯିବ ! ଧୀରେ ଧୀରେ ଚାଲ । ହେଇ, ନଗରର ଶେଷ ପ୍ରାଚୀର ଦ୍ୱାର ଦେଖା ଗଲାଣି । ତୁମେ ଏଥର ଧୀରେ ଧୀରେ ଚାଲି ଯାଅ ।

ବାସବ— ପ୍ରତାପ, ନଗରୀରୁ ବାହାରି ମୁଁ ଯିବି କେଉଁଠିକୁ ? ପଥ ମଧ୍ୟରେ ହୁଏତ ମୁଁ କେଉଁଠି ପଡ଼ିଯିବି—ଆଉ ମୋର ଜୀବନ୍ତ ଶରୀରକୁ କୁକୁର ବିଲୁଆ ଖଣ୍ଡ ଖଣ୍ଡ କରି ଖାଇ ଯିବେ ।

ପ୍ରହରୀ— ଯାଅ, ଏଥର ମୁଁ ପ୍ରାଚୀର ଦ୍ୱାର ବନ୍ଦ କରିବି [ପ୍ରହରୀ ଦ୍ୱାର ବନ୍ଦ କରି ଚାଲିଗଲା]

ବାସବ— ଏଁ, ସତେ ତୁମେ ପ୍ରାଚୀର ଦ୍ୱାର ବନ୍ଦ କରି ଦେଲ ? ସତେ ତୁମେ ସବୁ ମୋତେ ନଗରୀରୁ ବାହାର କରି ଦେଲ ? ଟିକିଏ ହେଲେ ଦୟା ତୁମମାନଙ୍କର ନାହିଁ ? ମଣିଷ କଣ ହିଂସ୍ର ପଶୁଠାରୁ ଅଧିକ ହିଂସ୍ର ଅଧିକ ନିର୍ଦ୍ଦୟ !! କିନ୍ତୁ ମୁଁ ବର୍ତ୍ତମାନ ଯିବି କୁଆଡେ ? ସମ୍ମୁଖରେ ଦିଗନ୍ତବ୍ୟାପୀ ବିସ୍ତୃତ ଅରଣ୍ୟ—ଜନପଦର ଏତେ ଟିକିଏ ସୂଚନା ବି ନାହିଁ । ପଶ୍ଚିମ ଗଗନରେ ସୂର୍ଯ୍ୟଦେବ କେତେବେଳୁଁ ବୁଡି ଗଲେଣି । ରାତ୍ରିର କଳା ଯବନିକା ଧୀରେ ଧୀରେ ଧରଣୀ ଉପରେ ଓହ୍ଲାଇ ଆସୁଛି । ଏଇ ଭୀଷଣ ଦୁର୍ଯୋଗରେ ମୁଁ ଯିବି କୁଆଡେ । ପଥ କାହିଁ ? ଭଗବାନ, ମୋତେ ରକ୍ଷା କର—। (ପଡ଼ିଗଲା)

ଉପଗୁପ୍ତ— (ପ୍ରବେଶ କରି) ପଥ ମୁଁ ଦେଖାଇବି ବାସବଦତ୍ତା !

ବାସବ— କିଏ ?

ଉପ — ମୋତେ ଚିହ୍ନି ପାରିବ ବାସବଦତ୍ତା--ଟିକିଏ ଚେଷ୍ଟା କଲେ ।

ବାସବ— ସେଇ ଚିର ଦର୍ଶନ୍ ତରୁଣ ସୁନ୍ଦର- ଯାହାଙ୍କୁ ମୁଁ ଅଭିସାର ପଥରେ ଭେଟିଥିଲି--ଯାହାଙ୍କୁ ଚିହ୍ନି, ପୁଣି ଚିହ୍ନେ ନାହିଁ--ଯାହାଙ୍କୁ ଜାଣେ,

Digitized by srujanika@gmail.com

ପୁଣି ଜାଣେ ନାହିଁ······ଯାହାଙ୍କୁ ପାଇଛି, ପୁଣି ପାଇ ନାହିଁ···!! ଯାହାଙ୍କ ହୃଦୟରେ ମୋର ସ୍ୱଗାଧିଷ୍ଠିତ ଆସନ ଦେଇଛି -ଅନେକ ଦିନ ଭିକ୍ଷୁ ବୋଲି ନିଜକୁ ପରିଚୟ ଦିଏ !! ମୁହଁରେ ସେହି ଦେବୋପମ ଦୀପ୍ତି---ଅଧରରେ ସେହି ସ୍ମିତହାସ୍ୟ--ଆଖିରେ ସେହି କରୁଣା ଆଶୀର୍ବାଦ !! କିଏ, କିଏ ତୁମେ ମୋ ସମ୍ମୁଖରେ ଲୁଚକାଳି ଖେଳୁଛ ?

ଉପ — ତୁମେ ଜାଣ ସୁନ୍ଦରୀ, ମୁଁ ଜଣେ ଭିକ୍ଷୁ। ତୁମର ମନେ ଅଛି ବାସବଦତ୍ତା, କଥା ଦେଇଥିଲି, ତୁମ ନିକଟକୁ ସମୟ ହେଲେ ଆସିବି ବୋଲି ? ଆଜି ସେହି ସମୟ ଆସିଛି ।

ବାସବ — ତୁମେ ମୋତେ ବିଦ୍ରୂପ କରୁଛ ପ୍ରଭୁ ! ଆଜି ମୁଁ ନିଃସହାୟା, ନିଃସମ୍ବଳ, ଉପେକ୍ଷିତା ବ୍ୟାଧି-କବଳିତା । ଆଜି ମୋତେ ସମସ୍ତେ ପରିତ୍ୟାଗ କରିଛନ୍ତି ଘୃଣାରେ ।

ଉପ — ସେଇଥି ପାଇଁ ମୁଁ ଆଜି ତୁମର ଦ୍ୱାରସ୍ଥ ତୁମେ ମୋତେ ଅନୁସରଣ କର । ଓଃ, ତୁମେ କଣ ବେଶୀ ଯନ୍ତ୍ରଣା ପାଉଛ ? ଆସ, ମୁଁ ତୁମକୁ ସ୍ପର୍ଶ କରେ । ଭଗବାନ ତଥାଗତଙ୍କ ଅସୀମ କୃପାରୁ ତୁମର ସମସ୍ତ ଯନ୍ତ୍ରଣା ଦୂର ହେଉ । (ବାସବଦତ୍ତାର ଅଙ୍ଗ ସ୍ପର୍ଶ କଲେ)

ବାସବ — ଏ କଣ ? ମୋର ଯନ୍ତ୍ରଣା — ବିଦଗ୍ଧ ଶରୀରର ଜ୍ୱାଳା କଣ ବିଦ୍ୟୁତ ପରି କ୍ଷଣକରେ ଶୀତଳ ହୋଇଗଲା ! ଏଇ ତରୁଣ ସୁନ୍ଦରଙ୍କ ସ୍ପର୍ଶରେ କଣ ମୋର ଶରୀରରେ ଅଶେଷ ପ୍ରାଣ ଶକ୍ତି ଭରି ଉଠିଲା । ମୋର ହୃଦୟରେ ଏତେ ଆବେଗ — ମୋର ଅଙ୍ଗରେ ଏତେ ଦୀପ୍ତି — ମୋର ପ୍ରାଣରେ ଏତେ ଶକ୍ତି କିପରି ଆସିଲା — କିପରି — ? ଭଗବାନ ତୁମେ ମଣିଷ ନୁହଁ — ତୁମେ ମଣିଷ ରୂପରେ ଆସି ମୋତେ ଛଳନା କରୁଛ ପ୍ରଭୁ ! ଏ ଅଭାଗିନୀକୁ ଚରଣ ତଳେ ଟିକିଏ ଆଶ୍ରୟ ଦିଅ । (ଉପଗୁପ୍ତଙ୍କ ପଦତଳେ ପଡ଼ିଗଲା)

ଉପ — ଉଠ ବାସବଦତ୍ତା ! ମଣିଷ ମୁଁ — ଭଗବାନ ନୁହେଁ ; କିନ୍ତୁ ଭଗବାନ ତଥାଗତଙ୍କ ଚରଣତଳେ ତୁମପରି ଉପେକ୍ଷିତାମାନଙ୍କର ଚିର ଦିନ ପାଇଁ ଆଶ୍ରୟ ଅଛି । ମୋତେ ଅନୁସରଣ କର । କୁହ — ବୁଦ୍ଧଂ ଶରଣଂ ଗଚ୍ଛାମି··· ।

ବାସବ — ବୁଦ୍ଧଂ ଶରଣଂ ଗଚ୍ଛାମି···

## କଳିଙ୍ଗ, କୋଶଳ ଓ ବଦର୍ଭ

ଶ୍ରୀ ଶିବପ୍ରସାଦ ଦାସ

( ପୂର୍ବ ପ୍ରକାଶିତ ପରେ )

ସମ୍ଭବତଃ ପୂର୍ବତନ ଶାଲ୍ୱତ ବା ଯାଦବ ବଂଶୀୟ କେହି ବ୍ୟକ୍ତି ବା ରାଜପୁତ୍ର ଏହି ନବନ ବିଜିତ ଅଞ୍ଚଳରେ ଅଗ୍ନିମିତ୍ରଙ୍କ ଦ୍ୱାରା ଶାସନକର୍ତ୍ତା ରୂପେ ପ୍ରତିଷ୍ଠିତ ହୋଇଥିଲେ । ସେ କାଳକ୍ରମେ ମଗଧର ଜଗଡ଼ ଛେଦନ କରିଥିଲେ । ସମୁଦ୍ରଗୁପ୍ତଙ୍କ ପ୍ରୟାଗସ୍ତମ୍ଭ ଲିପିରେ ଆମ୍ଭେମାନେ ରାଜ୍ୟରୂପେ "କୋଶଳର" ପ୍ରଥମ ଐତିହାସିକ ଉଲ୍ଲେଖ ଦେଖିବାକୁ ପାଉଁ । କୋଶଳରେ ମହେନ୍ଦ୍ର ରାଜା ଥିଲେ । କାନ୍ତାର ତାଙ୍କର ସନ୍ନିହିତ ରାଜ୍ୟ ଥିଲା । ମହେନ୍ଦ୍ର, ସମ୍ଭବତଃ ପୂର୍ବୋକ୍ତ ଶାଲ୍ୱତ ଯାଦବ ବଂଶୀୟ ରାଜା ଥିଲେ । ଏତେବେଳେ ବଦର୍ଭ ଦେଶ ସ୍ପଷ୍ଟ ରୂପେ ତିନି ଭାଗରେ ବିଭକ୍ତ ଥିଲା, (୧) କାନ୍ତାର (ମହାକାନ୍ତାର), (୨) କୋଶଳ

Digitized by srujanika@gmail.com

(ବା ମହାକୋଶଳ) ଓ (ଗ) ରାଷ୍ଟ୍ରିକ (ଦେବରାଷ୍ଟ୍ର-ବା ମହାରାଷ୍ଟ୍ର)। ରାଷ୍ଟ୍ରିକ ଓ ସୁରାଷ୍ଟ୍ର ଦୁଇ ଶବ୍ଦ ମଧ୍ୟରେ ସାମଞ୍ଜସ୍ୟ ଅଛି ଏବଂ ସମ୍ଭବତଃ ରାଷ୍ଟ୍ରିକର ବାକାଟକ ବଂଶ ସୁରାଷ୍ଟ୍ରର ଯାଦବ ବା ଶାତ୍ୱତ ବଂଶୀୟ ଥିଲେ। ମହେନ୍ଦ୍ରଙ୍କୁ ଯଦି ସୋମଗୁପ୍ତ ବଂଶର ଇନ୍ଦ୍ରବଳଙ୍କ ସଙ୍ଗେ ଏକ ବୋଲି ପ୍ରମାଣ କରାଯାଇ ପାରନ୍ତା, ତେବେ ମୁଁ ଏହି ଅନୁଚ୍ଛେଦରେ ଯେତେ "ସମ୍ଭବତଃ" ଶବ୍ଦର ଉଲ୍ଲେଖ କରିଅଛି, ସବୁକୁ ଉଠାଇ ଦେବାକୁ ପଡ଼ନ୍ତା। କାନ୍ତାରର ରାଜା ବ୍ୟାଘ୍ରରାଜ କେଉଁ ବଂଶର ଥିଲେ, ତାହା କେବଳ କଳ୍ପନାର ବିଷୟ ହୋଇ ରହିଅଛି। ତାଙ୍କ କାନ୍ତାରର ଆଧୁନିକ ବସ୍ତର ଓ ନିଜାମଙ୍କ ରାଜ୍ୟର ପୂର୍ବାଞ୍ଚଳ ନେଇ ଗଠିତ ହୋଇଥିଲା। କଳାହାଣ୍ଡି ରାଜ୍ୟରୁ କିଛି ବା କିଛି କାନ୍ତାରର ଭିତରେ ଥିଲା କି ନାହିଁ, ଠିକ୍ ରୂପେ କହାଯାଇ ପାରୁନାହିଁ।

ହର୍ଷବର୍ଦ୍ଧନଙ୍କ ଅମଳକୁ ଦେଖାଗଲେ, ମହାକାନ୍ତାର ଆଉ ନଥିଲା। ମହାକୋଶଳ ଓ ମହାରାଷ୍ଟ୍ର ଅଧିକ ପ୍ରସିଦ୍ଧ ହୋଇଥିଲା। ହୁଏନସାଂ ମହାକୋଶଳକୁ ବର୍ଣ୍ଣନା କରିଅଛନ୍ତି। ରାଜନୈତିକ କ୍ଷେତ୍ରରେ କୋଶଳ ଓ ମହାରାଷ୍ଟ୍ରରେ ବିଭିନ୍ନ ଶାସନ ଥିଲେ ମଧ୍ୟ ଭୌଗୋଳିକ ଓ ସାଂସ୍କୃତିକ କ୍ଷେତ୍ରରେ ଦୁଇ ଅଞ୍ଚଳ ମଧ୍ୟରେ ପାର୍ଥକ୍ୟ ନ ଥିଲା। ଉଭୟ ବିଦର୍ଭ ନାମରେ ପରିଚିତ ଥିଲା। କବି ଭବଭୂତି ନିଜ ଜନ୍ମଗ୍ରାମ "ଦକ୍ଷିଣାପଥେ ବିଦର୍ଭେଷୁ ପଦ୍ମପୁରଂ" ଅବସ୍ଥିତ ବୋଲି ବର୍ଣ୍ଣନା କରିଛନ୍ତି। ଏହି ପଦ୍ମପୁର ମହାନଦୀ କୂଳରେ ଆଧୁନିକ ସମ୍ବଲପୁର ଜିଲ୍ଲାରେ ଅବସ୍ଥିତ [୧]। ମହାରାଷ୍ଟ୍ର ବା ବିଦର୍ଭର ବାକାଟକ ବଂଶ ଏବଂ କୋଶଳର ସୋମଗୁପ୍ତ ବଂଶ (ଯଥା — ତିବରଦେବ) ସେମାନଙ୍କ ଶିଳାଲିପି ଓ ତାମ୍ର ଶାସନ ମାନଙ୍କରେ ଏକ ପ୍ରକାର ଲିପି ଓ ଭାଷା ବ୍ୟବହାର କରିଛନ୍ତି। କୁଟିଳ — ବର୍ଗାକାର ବା "କୁଟିଳାକ୍ଷର" (box headed characters) ଏବଂ ଭାଷା ସଂସ୍କୃତ ଅଟେ।

ହୁଏନସାଂଙ୍କ ବିବରଣରୁ ଜଣାପଡ଼େ, ତାଙ୍କ ସମୟରେ କଳିଙ୍ଗର ଅଂଶବିଶେଷମାନ ଭିନ୍ନ ନାମ ଗ୍ରହଣ କରିଥିଲା। ଚିଲିକାର ଦକ୍ଷିଣରୁ ଗୋଦାବରୀ ପର୍ଯ୍ୟନ୍ତ ଅଞ୍ଚଳକୁ ସେତେବେଳେ ଲୋକେ କଳିଙ୍ଗ କହୁଥିଲେ। ଚିଲିକାରୁ ଉତ୍ତରରେ ମହାନଦୀ ପର୍ଯ୍ୟନ୍ତ ଅଞ୍ଚଳର ନାମ କଙ୍ଗୋଦ ଥିଲା ଓ ବୈତରଣୀର ଉଭୟ ତୀରବର୍ତ୍ତୀ ଅଞ୍ଚଳକୁ ଉତ୍କଳ କହୁଥିଲେ। ହୁଏନସାଂଙ୍କ ବର୍ଣ୍ଣିତ ଦୂରତାମାନ ଆନୁମାନିକ ଭାବରେ ନିଆଯାଇଥିବାରୁ ସେଥିରେ ପ୍ରାମାଣିକତା ନାହିଁ। ସେହି ଅନୁସାରେ ଦୂରତା ଗଣନା କରାଯାଇ ପାରିବ ନାହିଁ। ହୁଏନସାଂ କହନ୍ତି, ସେ କଳିଙ୍ଗରୁ ଉତ୍ତର-ପଶ୍ଚିମ ଦିଗରେ ଯାଇ ମହାକୋଶଳରେ ପହଞ୍ଚିଲେ। ଗଞ୍ଜାମ ଜିଲ୍ଲାର ଠିକ୍ ଉତ୍ତର ପଶ୍ଚିମରେ କୋଶଳ ଅବସ୍ଥିତ। ସେ କୋଶଳରୁ ଦକ୍ଷିଣ ଦିଗରେ ପ୍ରତ୍ୟାବର୍ତ୍ତନ କରି ଅନ୍ଧ୍ର ଦେଶରେ ପହଞ୍ଚିଲେ। ଏଥିରୁ ବୁଝାଯିବ, କୋଶଳ ଦେଶ କଳିଙ୍ଗ ଓ ଅନ୍ଧ୍ର ଉଭୟ ଦେଶକୁ ଲାଗିଥିଲା। ଅତଏବ କୋଶଳର ଦକ୍ଷିଣ ସୀମା ନିଶ୍ଚୟ ଗୋଦାବରୀ ଓ ଇନ୍ଦ୍ରାବତୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ହୁଏନସାଂ କହନ୍ତି, କୋଶଳର ରାଜା ଜନ୍ମରେ କ୍ଷତ୍ରିୟ ଥିଲେ। ବୁଦ୍ଧଙ୍କ ମତକୁ ବିଶେଷ ଆଦରରେ ଦେଖାଉଥିଲେ ଏବଂ ଶିଳ୍ପ-ସାହିତ୍ୟର ପ୍ରେମିକ ଥିଲେ।" (କର୍ଣ୍ଣେଲ ଏଲ୍. ଏ. ୱାଡେଲ) !

ସୋମଗୁପ୍ତ ବଂଶୀ ରାଜାମାନେ ପ୍ରଥମେ ମେକଳ ଅଞ୍ଚଳରେ ରାଜତ୍ୱ କରୁଥିଲେ। ଏହି ମେକଳ ନର୍ମଦା ଓ ମହାନଦୀର ଉତ୍ପତ୍ତି ସ୍ଥାନ ନେଇ ଗଠିତ ହୋଇଥିଲା। ସାର୍ ଏ. କନିଂହାମଙ୍କ ମତରେ ସେମାନେ ଖ୍ରୀଷ୍ଟାବ୍ଦ [୨] ୩୧୯ ରୁ ସେଠାରେ ରାଜତ୍ୱ କରୁଥିଲେ। ଏହି ଉକ୍ତିକୁ ବିଶ୍ୱାସ କରିବାକୁ ହେଲେ, ସମୁଦ୍ରଗୁପ୍ତଙ୍କ ପ୍ରୟାଗ

[୧] କଳିଙ୍ଗ ଐତିହାସିକ ଗବେଷଣା ସମିତି ପ୍ରବନ୍ଧ, ଦ୍ୱିତୀୟ ଭାଗ ତୃତୀୟ ଖଣ୍ଡ ପୃଷ୍ଠା ୧୭୫-୧୮୦ ।

[୨] A. S. R. I., Vol. XII, P. 87,

Digitized by srujanika@gmail.com

ଅନୁଶାସନର ମହେନ୍ଦ୍ର ଏହି ବଂଶର ରାଜପୁତ୍ର ଥିଲେ । ସୁତରାଂ, ସମ୍ଭବତଃ ସୋମବଂଶର ପ୍ରଥମ ଇନ୍ଦ୍ରରାଜ ଏବଂ ମହେନ୍ଦ୍ର ଅଭିନ୍ନ ଥିଲେ । କାରଣ ସମୁଦ୍ରଗୁପ୍ତ ୩୬୦ ରୁ ୩୮୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ରାଜତ୍ୱ କରୁଥିଲେ । ସମୁଦ୍ରଗୁପ୍ତ ଏମାନଙ୍କୁ ରାଜ୍ୟଚ୍ୟୁତ କରି ନ ଥିଲେ ଏବଂ ଏମାନେ ହୁଏନ୍‌ସାଂଙ୍କ ପର୍ଯ୍ୟନ୍ତ କୋଶଳରେ ରାଜତ୍ୱ କରୁଥିଲେ, କାରଣ ଅସଂଖ୍ୟ ଶିଳାଲିପି ଓ ତାମ୍ରଶାସନରୁ ଜଣାଯାଏ, ଏମାନେ ଶାସନଦଣ୍ଡ ହରାଇ ନ ଥିଲେ ଏବଂ ହୁଏନ୍‌ସାଂଙ୍କ ପରେ ମଧ୍ୟ ରାଜତ୍ୱ କରୁଥିଲେ । ପୂର୍ବ ବର୍ଣ୍ଣିତ ଯୁକ୍ତି ସବୁର ପୀଠ ଉପରେ ଅନୁମାନ କରାଯାଇ ପାରେ, ଏମାନେ ବୈଦିକ ଯୁଗର ବୈଦର୍ଭ ଯାଦବ ବା ସାତ୍ୱତ ବଂଶର ଏକ ଶାଖା ଥିଲେ । ଲତ୍ପୁରର ଚେଦୀମାନେ ଓ ଅମ୍ଳକର ମହାଶଙ୍କମାନେ ମଧ୍ୟ ଶିଶୁପାଳଙ୍କ ଚେଦୀ ବା ସାତ୍ୱତ ବା ଯାଦବ ବଂଶର ଶାଖା ଥିଲେ । ମୂଳରେ, ଏହି ବିଭିନ୍ନ ରାଜବଂଶ ଗୋଟିଏ ମୂଳ ବଂଶର ବିଭିନ୍ନ ଶାଖା ଥିଲେ ଏବଂ ସମୟକ୍ରମେ ମୂଳ ବିଦର୍ଭ ପ୍ରଦେଶର ବିଭିନ୍ନ ଅଞ୍ଚଳରେ କ୍ରମେ ବିଭିନ୍ନ ରାଜ୍ୟମାନ ସ୍ଥାପନ କରିଥିଲେ ।

ରାଷ୍ଟ୍ରକୂଟ ନରପତି ଧ୍ରୁବ ଧାରାବର୍ଷଙ୍କ ନବସାରୀ ଶାସନରୁ ଜଣାଯାଏ, ସେ ଖ୍ରୀଷ୍ଟ ସପ୍ତମ ଶତାବ୍ଦୀର ଶେଷ ଭାଗରେ କୋଶଳର ରାଜଛତ୍ର ଅପହରଣ କରିଥିଲେ । [ ରାଷ୍ଟ୍ରକୂଟମାନେ ମଧ୍ୟ ସୌରାଷ୍ଟ୍ର ଯାଦବ ବଂଶର ଏକଶାଖା ଥିଲେ ] । ଏହି ବିପଦ ବେଳେ ସୋମବଂଶୀ ଗୁପ୍ତମାନେ କୋଶଳର ସମ୍ବଲପୁର — ଛତିଶଗଡ଼ ଅଞ୍ଚଳକୁ ଅପସରି ଯାଇଥିଲେ ··· । * ଫଳରେ କୋଶଳ ମଧ୍ୟ ଦୁଇ ଭାଗରେ ବିଭକ୍ତ ହେଲା ଏବଂ ସମ୍ବଲପୁର — ଛତିଶଗଡ଼ କୋଶଳ ବା ଦକ୍ଷିଣ କୋଶଳର ଏକ ପୃଥକ୍ ଇତିହାସର ଆରମ୍ଭ ହେଲା । ସୋମଗୁପ୍ତମାନେ ଯଯାତି ନଗରକୁ ନୂଆ ରାଜଧାନୀ କଲେ । ଏହା ମହାନଦୀ କୂଳରେ ଆଧୁନିକ ସୋନପୁର ନଗର ବୋଲି କଳ୍ପିତ ହୋଇଅଛି । ଯଯାତି — ନଗରର ରାଜବଂଶ କଳିଙ୍ଗ ବା ଓଡ଼ିଶା ଅଧିକାର କରି ତ୍ରିକଳିଙ୍ଗ — କୋଶଳ ’ର ମାଲିକ ରୂପେ ଉପାଧିମାନ ଗ୍ରହଣ କଲେ । ସାଧାରଣ କଥାରେ ଏହି ରାଜ୍ୟ ପୂର୍ବ ସମୁଦ୍ରରୁ ମହାନଦୀ ପର୍ଯ୍ୟନ୍ତ ଏବଂ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାର ଉତ୍ତର ଓ ପଶ୍ଚିମ ସୀମା ନିର୍ଣ୍ଣୟ କରିବା ନିମନ୍ତେ ଅଧିକ ଗବେଷଣା ଆବଶ୍ୟକ । ରାୟପୁର ଜିଲ୍ଲାର ଟିଂଥୋରା ଗ୍ରାମ ପ୍ରଥମ ମହାଶିବ ଗୁପ୍ତ ଦାନ କରିଥିଲେ ବୋଲି ଏକ ତାମ୍ରଲିପିରୁ ଅନୁମାନ କରାଯାଏ । ତେବେ ଏହା ଏପର୍ଯ୍ୟନ୍ତ ପଣ୍ଡିତମାନେ ନିର୍ଣ୍ଣୟ କରିନାହାନ୍ତି । ଯଦି ଟିଂଥୋରା ସୋମଗୁପ୍ତମାନଙ୍କ ରାଜ୍ୟ ମଧ୍ୟରେ ଥିଲା, ତେବେ ରାୟପୁର ଜିଲ୍ଲା ପୂର୍ଣ୍ଣ ରୂପେ ସେମାନଙ୍କ ରାଜ୍ୟ ମଧ୍ୟରେ ଥିଲା ବୋଲି କହାଯାଇ ପାରିବ ।

କଳିଙ୍ଗ ଉପରେ ଦାକ୍ଷିଣାତ୍ୟର ସାଂସ୍କୃତିକ ପ୍ରଭାବ ଥିଲା । ଏବେ ସୋମଗୁପ୍ତ ବଂଶ ଏକ ନୂତନ ସଂସ୍କୃତି ନେଇ ସେଠାରେ ପ୍ରବେଶିଲେ । ସେହି ପ୍ରଭାବ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ଶିଳ୍ପକଳା ଓ ପୂଜା - ବିଧିରୁ କିଞ୍ଚିତ ପ୍ରମାଣିତ ହେବ । ଏହି ନୂଆ ପରିବର୍ତ୍ତନରେ ଓଡ଼ିଶାର ଭାଷା, ସଂସ୍କୃତି ଓ ସଭ୍ୟତା ଏକ ନୂତନ ରୂପ ଗ୍ରହଣ କଲା ଏବଂ ଓଡ଼ିଶା ଉତ୍ତର ଭାରତର ଗ୍ରନ୍ଥିରେ ନିଜକୁ ଗଠିତ କଲା । ରାଜବଂଶ ସଙ୍ଗେ ଏହି ସଭ୍ୟତାର ପୀଠ ମଧ୍ୟ ସୋନପୁରରୁ ଉପକୂଳ ଅଞ୍ଚଳକୁ ଅପସରି ଯାଇଥିଲା । ହେଲେହେଁ ଓଡ଼ିଶାର ଏହି ନବପ୍ରସୂତ ସଭ୍ୟତାର ପ୍ରତିଘାତ କୋଶଳକୁ ମଧ୍ୟ ପ୍ରସାରିତ ହେଲା । ସୋମଗୁପ୍ତମାନେ ସମ୍ବଲପୁର ଅଞ୍ଚଳରେ ଉପକୂଳୀୟ ରାଜକର୍ମଚାରୀ ଓ ବ୍ରାହ୍ମଣ ନିଯୁକ୍ତ କଲେ । ଜନବିରଳ ସମ୍ବଲପୁର ଅଞ୍ଚଳରେ ଭୂମିବୃତ୍ତି ଦେଇ ଲୋକମାନଙ୍କୁ ରଖିଲେ । ସ୍ୱେଚ୍ଛାରେ ମଧ୍ୟ ବହୁ ଜନ ଉପକୂଳରୁ ସମ୍ବଲପୁରକୁ ଆସି ବାସ କଲେ । ଏଥିରେ କୋଶଳ ଓଡ଼ିଶା ବା କଳିଙ୍ଗର ସଭ୍ୟତା ଦ୍ୱାରା ପ୍ରଭାବିତ ହେଲା ।

କଳିଙ୍ଗ-କୋଶଳର ଏହି ନୂତନ ସଭ୍ୟତା ଓ ସଂସ୍କୃତିକୁ ଆମ୍ଭେମାନେ “ଓଡ଼ିଆ-ସଭ୍ୟତା-ସଂସ୍କୃତି” ଆଖ୍ୟା ଦେବାକୁ ବାଧ୍ୟ ଅଟୁ । ଏତେବେଳେ ଓଡ଼ିଆ ଭାଷା ଓ ଲିପିର ମଧ୍ୟ ସୃଷ୍ଟି ହୋଇଅଛି । ସୁତରାଂ କଳିଙ୍ଗ

---

* J. B. B. R. A. S. Vot XVIII

Digitized by srujanika@gmail.com

କୋଶଳ ମିଶି ଓଡ଼ିଆଦେଶ ଗଠିତ ହୋଇଥିଲା ।

ଏହାର ଅର୍ଥ ଏହା ନୁହେଁ ଯେ ଉତ୍କଳ ଓ ସମ୍ବଲପୁର ଅଞ୍ଚଳର ଜନତା ସମ୍ପୂର୍ଣ୍ଣ ରୂପେ ମିଶିଗଲେ । ସଭ୍ୟତା 'ସଂସ୍କୃତି, ଭାଷା, ଲିପି ପ୍ରଭୃତି ଏକ ହେବା ସତ୍ତ୍ୱେ ଦୁଇ ଦେଶର ଲୋକଙ୍କ ମଧ୍ୟରେ କେତେକ ବିଶେଷ ବିଭିନ୍ନତା ବା ବ୍ୟବଚ୍ଛେଦ ରହିଗଲା । ଉଦାହରଣ ସ୍ୱରୂପ ଏଠାରେ କେତେକ କଥା ଉଲ୍ଲେଖ କରାଯାଉ । ଉତ୍କଳରୁ ଆଗତ ସମ୍ବଲପୁର ବାସୀ ଏକ ବିଭିନ୍ନ ଜାତି ରୂପେ ସମାଜରେ ଏପର୍ଯ୍ୟନ୍ତ ରହିଛନ୍ତି । ସମ୍ବଲପୁର ଖଣ୍ଡରେ ଉତ୍କଳୀ ବ୍ରାହ୍ମଣ, ଝାଡ଼ୁଆ (କୋଶଲୀ) ବ୍ରାହ୍ମଣ, ଉତ୍କଳୀ କାୟସ୍ଥ, ଝାଡ଼ୁଆ କାୟସ୍ଥ (କରଣ) 'ଉତ୍କଳୀ ଗୌଡ଼, ଝାଡ଼ୁଆ ଗୌଡ଼ ଓଡ଼ିଆ ଭଣ୍ଡାରୀ, ଝାଡ଼ୁଆ ଭଣ୍ଡାରୀ, ଓଡ଼ିଆ ତେଲି, ଝାଡ଼ୁଆ ତେଲି ଇତ୍ୟାଦି ଏ ପର୍ଯ୍ୟନ୍ତ ପୃଥକ୍ ହୋଇ ରହିଛନ୍ତି । ସମ୍ବଲପୁର ଅଞ୍ଚଳର ଚଷା, ଗୌଡ଼ ପ୍ରଭୃତି ଶୁଦ୍ରା ସ୍ତ୍ରୀ-ଲୋକ ଉତ୍କଳର ଓଡ଼ିଆଣୀଙ୍କ ପରି ଅବଗୁଣ୍ଠନ ଦିଅନ୍ତି ନାହିଁ । ପୂଜାପାର୍ବଣ ବା ଧର୍ମ, ଅଳଙ୍କାର, ପୋଷାକ' ଶିଳ୍ପ, ବ୍ୟବସାୟ ସବୁ ଦିଗରେ ସମ୍ବଲପୁରର ବିଶେଷତ୍ୱ ରହିଅଛି । ଯାହା-ହେଉ, ସମ୍ବଲପୁର ଯେ ଓଡ଼ିଆ-ସଂସ୍କୃତି ପରିଚ୍ଛଦ ଗ୍ରହଣ କରିଅଛି, ଏଥିରେ ସନ୍ଦେହର ଅବସର ନାହିଁ । ଏହି ସଂସ୍କୃତି- ଆରୋପ ସକାଶେ ସୋମବଂଶୀ ଗୁପ୍ତ ରାଜାମାନେ ଏବଂ ଉତ୍କଳରୁ ସମ୍ବଲପୁରକୁ ଆଗତ ଉତ୍କଳୀ ବା ଓଡ଼ିଆ ବ୍ରାହ୍ମଣମାନେ ମୁଖ୍ୟତଃ ଦାୟୀ ।

ସମ୍ବଲପୁର ଅଞ୍ଚଳ ମୂଳତଃ ଓଡ଼ିଶାରୁ ପୃଥକ୍ ଥିଲା । ଏକଥା ଏପର୍ଯ୍ୟନ୍ତ ବିଶେଷ ରୂପେ ପ୍ରମାଣିତ ହୋଇଅଛି । ଅତ ଗୋଟିଏ ଅଧେ ବିଷୟ ଉଲ୍ଲେଖ କରି ବାସ୍ତବ ଓ ସାମାଜିକ ପାର୍ଥକ୍ୟ ଦେଖାଇବି । ସମ୍ବଲପୁର ସହରର ନନ୍ଦପଡ଼ା ମଧ୍ୟରେ ଏପର୍ଯ୍ୟନ୍ତ କୋଶଳର ଅଧିଷ୍ଠାତ୍ରୀ ଦେବୀ "କୋଶଳାଈ" (କୋଶଳେଶ୍ୱରୀଙ୍କ ଦେଉଳ ରହିଅଛି । ସମ୍ବଲପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ସୋମଲେଶ୍ୱରୀ (ସମଲାଈ) ଜିଲ୍ଲାର ସବୁଆଡ଼େ ଗ୍ରାମେ ଗ୍ରାମେ ପୂଜିତ ହୁଅନ୍ତି । ଏହି ଦେବୀଙ୍କୁ ଚୌହାଣ ବଂଶ ସ୍ଥାପନ କରିଥିଲେ । ସମ୍ଭବତଃ ଶାକମ୍ଭରୀ (ସମ୍ଭରୀ) ଶବ୍ଦରୁ ସମଲାଈ ନାମ ଉତ୍ପନ୍ନ ହୋଇପାରେ । ଅଥବା ଚୌହାନମାନେ ନିଜ ସୋମବଂଶର ଦେବୀ ରୂପେ ଆଦ୍ୟ ସେବିତା ଦେବୀ ସୋମଲାଈ (ସୋମ×ଲା) ରୂପେ, ଗ୍ରହଣ କରିଥିଲେ । ସମ୍ଭରୀ' ଓ 'ସମଲାଈ' ମଧ୍ୟରେ ଯଥେଷ୍ଟ ସାମଞ୍ଜସ୍ୟ ମଧ୍ୟ ରହିଅଛି । ଜନମୁଖରେ ସମ୍ବଲପୁର ବାସୀ ନିଜ ଅଞ୍ଚଳର ପୃଥକ୍ ନାମକରଣ ଓ ଅବସ୍ଥାନ ଏପର୍ଯ୍ୟନ୍ତ ରଖି ଆସିଛନ୍ତି । ପୁରୁଣାବାସୀ ଅଶିକ୍ଷିତ ସାଧାରଣ ଜନତା ଏପର୍ଯ୍ୟନ୍ତ କହି ଆସୁଛନ୍ତି, 'ସେମାନେ ଓଡ଼ିଶାକୁ ଯାଉଛନ୍ତି' । ସମ୍ବଲପୁର ଯେ ଓଡ଼ିଶାରୁ ଚିରଦିନ ପୃଥକ୍ ଥିଲା, ଏହା ସେହି ସଂସ୍କୃତିର ଧାରଣା । ଏପର୍ଯ୍ୟନ୍ତ ଲୋକଙ୍କ ମନରୁ ଯାଇନାହିଁ ।

କୋଶଳ ଅର୍ଥରେ ଝାଡ଼ଖଣ୍ଡ ନାମର ବ୍ୟବହାର ଥିବାର ମଧ୍ୟ ଅନୁମାନ କରାଯାଏ । ଝାଡ଼ୁଆ' ଜାତିର ଉଲ୍ଲେଖ ପୂର୍ବ ଅନୁଚ୍ଛେଦରେ କରାଯାଇଅଛି । ଏହି 'ଝାଡ଼ଖଣ୍ଡ' ଗାଙ୍ଗପୁର ଓ ପୁରୀ ଜିଲ୍ଲାର ପ୍ରାନ୍ତରୁ ସାନ୍ତାଲ ପ୍ରଗଣା ପର୍ଯ୍ୟନ୍ତ ବ୍ୟାପିଥିଲା । କବିସୂର୍ଯ୍ୟ ବଳଦେବ ରଥ ଚମ୍ପୂରେ ଅଠଗଡ଼-ରାଜାଙ୍କୁ 'ଝାଡ଼ଖଣ୍ଡ - ରଜା-ବାଦସା' ବୋଲି ବର୍ଣ୍ଣନା କରିଛନ୍ତି । ସାନ୍ତାଳ ପ୍ରଗଣାରେ ଅବସ୍ଥିତ ବୈଦ୍ୟନାଥ-ଶିବଙ୍କ ପୂଜକମାନେ, ମନ୍ତ୍ର ପଢ଼ିବା ବେଳେ ସେହି ଅଞ୍ଚଳ ଝାଡ଼ଖଣ୍ଡର ଅନ୍ତର୍ଗତ ବୋଲି ଏପର୍ଯ୍ୟନ୍ତ ବର୍ଣ୍ଣନା କରିଥାନ୍ତି । ଅନୁମାନ କରାଯାଏ, ସୋମବଂଶୀମାନେ କଳିଙ୍ଗ ବା ଓଡ଼ିଶା ଏବଂ କୋଶଳ ବା ଝାଡ଼ଖଣ୍ଡ ମଧ୍ୟରେ ସମନ୍ୱୟ ସାଧନରେ ଚେଷ୍ଟା ଆଣିଥିଲେ । ଏପର୍ଯ୍ୟନ୍ତ ବର୍ଣ୍ଣିତ ବିଷୟରୁ ଦେଖାଯିବ, ପ୍ରାଚୀନ ଓଡ୍ରର ସୀମା ପୂର୍ବ ଓ ଦକ୍ଷିଣରେ ଯେତେଦୂର ଥିଲା, କୋଶଳ ବା ଝାଡ଼ଖଣ୍ଡର ସୀମା ମଧ୍ୟ ସେତିକି ଦୂରଥିଲା ।

ସୋମଗୁପ୍ତ ବଂଶ ବା ଓଡ଼ିଶାର ତଥାକଥିତ କେଶରୀ ବଂଶ ପରେ ସମ୍ବଲପୁର କୋଶଳ ଘେନି

Digitized by srujanika@gmail.com

ଓଡ଼ିଶାର ଗଜପତି ଓ ଡାହାଲ ବା ଜବ୍‌ବଲ୍‌ପୁରର ହୈହୟ ବା ଚେଦୀକାଳଚୂରୀ ରାଜବଂଶ ମଧ୍ୟରେ ବଡ଼ ଓଟସ୍ ଚାଲଲ । ଏହି ହୈହୟ ବଂଶର ଶ୍ରୀମତ୍ ଗାଙ୍ଗେୟ ଦେବ ( ୧୦୧୫-୪୦ )ଜଣେ ପ୍ରବଳ ପ୍ରତାପୀ "ବିକ୍ରମାଦିତ୍ୟ" ଥିଲେ । ସେ ଗଜପତିଙ୍କୁ ପରାସ୍ତ କରି ପର୍ଲି ବା ପାଲିଆ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରିଥିଲେ । ପାର୍ଲି ପୂର୍ବାମ୍ବୁଧି କୂଳବର୍ତ୍ତୀ ବୋଲି ବର୍ଣ୍ଣିତ ହୋଇଅଛି । ଏହା ଗଞ୍ଜାମ ଜିଲ୍ଲାର ପାଲିଆ ଅଟଇ । ଗଜପତିମାନେ କୋଶଳ ହରାଇଲେ ଏବଂ କୋଶଳ ପୂର୍ବ-କନ୍ଦର୍ଭର ସୀମାଠାରୁ ଘେନି କଳିଙ୍ଗ ନିକଟରୁ ପୁଣି ପୃଥକ୍ ରହିଲା (ଅମୋଦା ତାମ୍ରଶାସନ-ପୃଥ୍ୱୀଦେବ) । ପ୍ରାୟ ଦଶ ବର୍ଷ ତଳେ ଗାଙ୍ଗେୟ ଦେବଙ୍କର ଏକ ସ୍ୱର୍ଣ୍ଣମୁଦ୍ରା ପାଟଣା ରାଜ୍ୟର ଶୁକତେଲ ନଦୀକୂଳସ୍ଥ କୀଡ଼ା ବାହାଲ ଗ୍ରାମରେ ମିଳିଅଛି ଏବଂ ପୂର୍ବୋକ୍ତ ତାମ୍ରଶାସନର ବିଷୟର ପୃଷ୍ଟି ଦ୍ୱାପକତା ସମ୍ପାଦନ କରୁଅଛି । ଗାଙ୍ଗେୟ ଦେବଙ୍କ ପର-ବର୍ତ୍ତୀ ଏକାଧିକ ହୈହୟ ରାଜା ନିଜକୁ "ସକଳ କୋଶଳାଧିପତି" ବୋଲି ବର୍ଣ୍ଣନା କରିଅଛନ୍ତି (ଜାଜ୍ଜଲ୍ଲ ଦେବଙ୍କ ଅମୋଦା ଶାସନ) ଏବଂ ଏହି ବଂଶର ଦ୍ୱିତୀୟ ରତ୍ନଦେବ ଓଡ଼ିଶାର ଚୋଡ଼ଗଙ୍ଗଦେବ ଗଜପତିଙ୍କୁ ପରାସ୍ତ କରିଥିବାର ଦାବୀ ମଧ୍ୟ ରହିଅଛି (ଖାରୋଦ ଶିଳାଲିପି) । ଏହି ବିବାଦ ବହୁଦିନବ୍ୟାପୀ ରହିଥିଲା । ଶେଷରେ ଚେଦୀକଳଚୁରୀ ବଂଶ ଅନ୍ୟ କାରଣରୁ ଦୁର୍ବଳ ହେବା ପରେ ଗଜପତିମାନେ ପୁଣି ସମ୍ବଲପୁର-କୋଶଳ ଅଧିକାର କରିଥିଲେ । ଠିକ୍ ଏହି ସମୟରେ ଚୌହାନ ମାନେ ସମ୍ବଲପୁର ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୋଇଥିଲେ ।

ଚୌହାଣ ରାଜବଂଶ ପାଟଣା-ସମ୍ବଲପୁର ସିଂହାସନ ବଳାତ୍କାର ଅପହରଣ କରି ଥିବାରୁ ଏବଂ ଚେଦୀ ରାଜବଂଶ ସେତେବେଳେ ଅନ୍ଧକାରକୁ ଅପସର ଯାଇଥିବାରୁ ଚୌହାଣ ମାନେ ଗଜପତି ମାନଙ୍କ ସନ୍ତୁଷ୍ଟ ରଖିବାକୁ ସୁବିଧା ଜନକ ମନେ କରିଥିଲେ । ସେମାନେ ଗଜପତିଙ୍କ ଆଧିପତ୍ୟ ସ୍ୱୀକାର କରିଗଲେ ଏବଂ ନିଜ ସିଂହାସନକୁ ଦୃଢ଼ କରି ସମଗ୍ର କୋଶଳରେ ଅଧିକାର ପ୍ରସାର କରିବା ପ୍ରୟାସରେ ଲାଗିଲେ । କ୍ରମେ ପ୍ରାଚୀନ କୋଶଳର ପୂର୍ଣ୍ଣ ସୀମା ପର୍ଯ୍ୟନ୍ତ ଚୌହାଣ ରାଜ୍ୟ ବିସ୍ତାରିତ ହେଲା ଏବଂ ଚୌହାଣ – ରାଜା "ଗ୍ରାସଖଣ୍ଡ - ଛତ୍ରପତି" ରୂପେ ନିଜ ଗୌରବବାନା ଉଡ଼ାଇଲେ । ସମ ସାମୟିକ ସାହିତ୍ୟରୁ ଏହି 'କୋଶଳ'ର କେତେକ ବର୍ଣ୍ଣନା ଏଠାରେ ଉଦ୍ଧାର କରିବ ।

ଖ୍ରୀଷ୍ଟ ଷୋଡ଼ଶ ଶତାବ୍ଦୀରେ ସମ୍ବଲପୁରର ରାଜା ବଳୀୟାର ସିଂହଙ୍କ ରାଜତ୍ୱରେ ରାଜଗୁରୁ କବି ଗଙ୍ଗାଧର ମିଶ୍ର ସମ୍ବଲପୁର ନଗରୀରେ ବାସ କରୁଥିଲେ । ସେ ପାଟଣାର ଚୌହାଣ ବଂଶର ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କ ଜୀବନ କାହାଣୀ ବର୍ଣ୍ଣନା କରି କ୍ରୟୋଦଶ ସର୍ଗ ସମ୍ବଳିତ "କୋଶଳାନନ୍ଦଂ" ନାମକ ସଂସ୍କୃତକାବ୍ୟ ରଚନା କରିଛନ୍ତି ଏବଂ ପ୍ରସଙ୍ଗ କ୍ରମେ ସେହି କାବ୍ୟରେ ଚୌହାଣ ବଂଶଲତା ଅନୁକୀର୍ତ୍ତିତ ହୋଇଛନ୍ତି । ଉକ୍ତ କାବ୍ୟର ସପ୍ତଦଶ ସର୍ଗରେ ସେ ରାମଚନ୍ଦ୍ର ଦେବଙ୍କ ( ଡାକନାମ ରମାଇ ) ପାଟଣା ରାଜ୍ୟସୀମା ବର୍ଣ୍ଣନା କରିଛନ୍ତି । ସେ ପାଟଣାକୁ ( କୋଶଳକୁ )ଏକ ହସ୍ତୀ ରୂପେ କଳ୍ପନା କରିଛନ୍ତି ।

ମୂର୍ଦ୍ଧା ହୃଦୁଦରଂ ପାଟଦୀ ପୃଷ୍ଠଂ ଚୈଦହ ପଣ୍ଡତେ ।
ଅଙ୍ଗାନ ଦନ୍ତିନୋ ରାଜନ୍ ରାଜ୍ୟସ୍ୟେତ ମତର୍ମମ ।୧।

ବିଲାସପୁର ଜିଲ୍ଲାର ଥିବା ହାଁସଦୋ ନଦୀ ଏହି କୋଶଳ— ହସ୍ତୀର ମୂର୍ଦ୍ଧା ବା ମସ୍ତକ ରୂପେ କଥିତ ହୋଇଅଛି ।

ଅତୋ ହସ୍ତୀ ନଦୀ ମୂର୍ଦ୍ଧ୍ନି ହସ୍ତିନୋ ଦେବ ରାଜତେ ।୦

ବିଲାସପୁର ଜିଲ୍ଲାସ୍ଥ ଶକ୍ତି ରାଜ୍ୟର ଗୁଞ୍ଜା ନାମକ ପାହାଡ଼ ସେହି ହସ୍ତୀର ଶୁଣ୍ଡ ରୂପେ ବର୍ଣ୍ଣିତ ହୋଇଅଛି ।

ସା ଚତ୍ୱରଞ୍ଜନୀ ଗୁଞ୍ଜା ହୈହୟାଧି ବିଧାୟିନୀ ।
ଦଧତ୍ୟୁଣ୍ଡ୍‌ଡ ଶୁଣ୍ଡାସ୍ୟ ବୈହଦଣ୍ଡ ଧ୍ୟରାଂ ।୮।

ଏହି ଶ୍ଳୋକରୁ ବୁଝା ପଡିବ, ଚୌହାଣ ମାନେ ହୈହୟ - ରାଜଶକ୍ତିକୁ ବେଖାତିର ବା ଦମନ କରିଥିଲେ ଏବଂ ସ୍ୱଭାବତଃ ଗଜପତି ଓ ଛତ୍ରପତି ( ଚୌହାଣ )ଙ୍କ ମଧ୍ୟରେ ବନ୍ଧୁତା ବା ପ୍ରୀତି ପ୍ରତିଷ୍ଠିତ ଥିଲା, କାରଣ ଉଭୟେ ହୈହୟଙ୍କ ସାଧାରଣ ଶତ୍ରୁ ଥିଲେ । ଚୌହାଣ-ରାଜବଂଶ ଗଜପତିଙ୍କୁ ବାହମନି ଓ ବଙ୍ଗଳାର ମୁସଲମାନ

Digitized by srujanika@gmail.com

ଶତ୍ରୁଙ୍କ ବିରୋଧରେ ଯୁଦ୍ଧରେ ସାହାଯ୍ୟ କରିଥିଲେ । କୋଶଳାନନ୍ଦ କାବ୍ୟର ଅନ୍ୟତ୍ର ଏକଥା ବର୍ଣ୍ଣିତ ହୋଇଅଛି । ରାମଚନ୍ଦ୍ର ଦେବ ( ରମାଇ ) ରାଜା ତିଙ୍କ ଭ୍ରାତୁଷ୍ପୁତ୍ରୀଙ୍କୁ ବିବାହ କରିଥିଲେ । ହୈହୟ ଶକ୍ତିର ପ୍ରତିରୋଧକ ( ଅଥ ) ରୂପେ ଚୌହାଣ ମାନଙ୍କ ସମ୍ବଲ-ପୁରରେ ପ୍ରତିଷ୍ଠା କରିବାକୁ ଗଜପତି ରେଶଯୂଃ ମନେ କରିଥିଲେ ।

ଚନ୍ଦ୍ରପୁର (ମହାନଦୀ କୂଳରେ ବର୍ତ୍ତମାନ ବିଳାସପୁରରେ ) ଏହି କୋଶଳର ହୃଦୟ ଥିଲା ।

ତତଶ୍ଚନ୍ଦ୍ରପୁରଂ ନାମ ହୃଦ୍ରାଜ୍ୟସ୍ୟ ପରନ୍ତପ ।୫୦।

ଏଥିରୁ ବୁଝାପଡିବ, କୋଶଳ ପୂର୍ବ ଦିଗରେ ଓ ଉତ୍ତର ଦିଗରେ ଅନେକ ଦୂର ବ୍ୟାପିଥିଲା । ଉତ୍ତର ଦିଗରେ ଚନ୍ଦ୍ରପୁରକୁ ଛାଡି ପାଞ୍ଚୋଟି ସହର ଥିଲା ।

ଅସ୍ୟୋତ୍ତରେ ପୁରୀ ପଞ୍ଚ ପରେଭ୍ୟୋଭ୍ୟାବସଜ୍ଜତାଃ ୫୫ ।

ଦୁଃଖର ବିଷୟ ଶ୍ରୀ ଗଙ୍ଗାଧର ଏହି ପାଞ୍ଚ ନଗରର ନାମ ଉଲ୍ଲେଖ କରି ନାହାନ୍ତି । ତାହା ହୋଇଥିଲେ, ଚୌହାଣ କୋଶଳର ଉତ୍ତର ସୀମା ଆହୁରି ସଠିକ ରୂପେ ନିର୍ଣ୍ଣୟ କରାଯାଇ ପାରିଥାନ୍ତା ।

ବ୍ୟାଘ୍ରୀ ଓ ହରଦ୍ରା ନଦୀ କୋଶଳର ଦକ୍ଷିଣ ଓ ଉତ୍ତର ପାଦ ରୂପେ ବର୍ଣ୍ଣିତ ହୋଇଅଛି ।

ଦକ୍ଷିଣସ୍ୟାଂସ୍ତଟେ ବ୍ୟାଘ୍ରୀ କୋଶଳାଯ୍ୟା ଅଥୋତ୍ତରେ ।
ହରଦ୍ରେତି ନଦୀ ପାଦୌଦ୍ୱସ୍ୟୌ ରାଜ୍ୟସ୍ୟ ଦନ୍ତନଃ ।୫୮।

ଦକ୍ଷିଣ ପୂର୍ବରେ କାଳନୀ ଓ ଉଦନ୍ତ ନଦୀ ଦ୍ୱୟ ଏହି କୋଶଳ ସୀମା ଥିଲା ।

ଦକ୍ଷିଣସ୍ୟାମିତଃ ପୂର୍ବେ ସୋଦର୍ଯ୍ୟମ୍ବୁଧି ସୁନ୍ଦରୀ ।
କାଲିନ୍ଦ୍ୟା ଉଦନ୍ତା ଯା ସ୍ୟାଦ୍ରଣ ସିହ ପ୍ରିୟଙ୍କରୀ ।୭୨।

ଏହି ରାଜ୍ୟକୁ ଶ୍ରୀ ଗଙ୍ଗାଧର କୋଶଳ ନାମରେ ନାମିତ କରିଛନ୍ତି ଏବଂ କାବ୍ୟର ନାମ 'କୋଶଳାନନ୍ଦ' ରଖିଛନ୍ତି ।

ପୁରାଣପଠିତା ଭୂମିର୍ଦ୍ଦେଷଂ ଦକ୍ଷିଣ କୋଶଳ ।
ଯୁଗାନ୍ତରେଷୁ ଭୂପାନାମେଷ ଦୁର୍ଗଃ ସନାତନଃ ।୧୪

ଏଥିରୁ ବୁଝାଯିବ, ସମ୍ବଲପୁରଖଣ୍ଡକୁ ଓଡିଶା ବା କଳିଙ୍ଗ ସଙ୍ଗେ ଏକ ବୋଲି ଷୋଡ଼ଶ ଶତାବ୍ଦୀରେ ମଧ୍ୟ ଲୋକେ ବୁଝୁ ନ ଥିଲେ ।

ପୂର୍ବୋକ୍ତ ବର୍ଣ୍ଣନାରୁ ବୁଝାଯିବ, କୋଶଳର ନିମ୍ନତମ ସୀମା ଅର୍ଥାତ୍ ରମାଇଦେବଙ୍କ ରାଜ୍ୟ-ସୀମା ନିମ୍ନମତେ ଥିଲା । ଉତ୍ତରରେ ଗୁଞ୍ଜି (ଶକ୍ତି) ପାହାଡ଼ଠାରୁ ଦକ୍ଷିଣରେ ବୌଦ୍ଧସୀମାରେ ଥିବା ବ୍ୟାଘ୍ରୀ (ବାଘ) ନଦୀ । ପୂର୍ବରେ ମହାନଦୀଠାରୁ ପଶ୍ଚିମରେ ହଂସଦୋ (ବିଳାସପୁର) ଓ ଜଙ୍କନଦୀ * (ଖଣ୍ଡିଆଲ) ପର୍ଯ୍ୟନ୍ତ ।

ଶକମାବ୍ଦ ୧୮୫୮ରେ ସାରଙ୍ଗଗଡ଼ର ପ୍ରହ୍ଲାଦ ଦୁବେ ନାମକ ଜନୈକ ବ୍ରାହ୍ମଣ ଲରିଆ ଭାଷାରେ "ଜୟଚନ୍ଦ୍ରିକା" ନାମକ କାବ୍ୟ ରଚନା କରିଥିଲେ । ସମ୍ବଲପୁରର ରାଜା ଜୟନ୍ତସିଂହ ଏହି କାବ୍ୟର ନାୟକ । ପ୍ରତି ସର୍ଗର ଶେଷରେ କବି ସଂସ୍କୃତରେ ନିମ୍ନପ୍ରକାର ଭଣିତ ବା ଉପସଂହାର କରିଛନ୍ତି :

ଇତି ଶ୍ରୀ କୋଶଳେଶ୍ୱର ଚୌହାନକୁଳ ନରେନ୍ଦ୍ର ଶ୍ରୀ ଜୟନ୍ତ ସିଂହ ସୁଯଶଚନ୍ଦ୍ରିକାୟାଂ "ଜୟଚନ୍ଦ୍ରିକା" (ବଂଶାବଳୀ ଭରତବର୍ଣ୍ଣନଂ) ନାମ (ପ୍ରଥମୋ ଽଧ୍ୟାୟଃ) । ସ୍ଥାନାନ୍ତରେ କବି ଗାଇଛନ୍ତି :

"ଚିତ୍ରୋତ୍ପଳା ବହନ୍ତି ଜହାଁ ନଦୀ କୋଶଳ ଜୀବ ପୁଣ୍ୟ କ୍ଷେତ୍ର ସଚିତାଁ ତ ଜାନେ ଉପଜେ କଞ୍ଚନ ହୀର ।" ନିରଖୋ ଦୂମା ଭୂମିନଦୀତଟ ଦଣ୍ଡକାରଣ୍ୟ ନିକଟରେ । ଦେଖୋ କୋଶଳ ଶୁଭସ୍ଥରୀ ଉଦ୍ୟୋତତ ଅଭିରାମ ।"

ପ୍ରହ୍ଲାଦ ଦୁବେଙ୍କ ଉପରୋକ୍ତ ବର୍ଣ୍ଣନାରୁ ସମ୍ବଲପୁର ଖଣ୍ଡର "ଦଣ୍ଡକାରଣ୍ୟ" (ଝାଡ଼ଖଣ୍ଡ) ଓ "କୋଶଳ" ପ୍ରସିଦ୍ଧି ପ୍ରତିପନ୍ନ ହୋଇଅଛି ।

ଦ୍ୱିତୀୟ ଚୌହାଣ ରାଜା ବଳରାଜ ଦେବ ବସ୍ତର ଜୟ କରି ତାକୁ ପାଟଣାର ଅନ୍ତ-ର୍ଭୁକ୍ତ କରିଥିଲେ । ଫଳରେ କୋଶଳର ସୀମା ଇନ୍ଦ୍ରାବତୀ ନଦୀ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା । ବୈଜଲ ଦେବ ବୌଦ୍ଧ ଓ ସମିଲ ଜୟ କରି ପାଟଣାର ସୀମାକୁ ଶ୍ରୀମଦ୍ ଗାଙ୍ଗେୟ ଦେବଙ୍କ ପରିଧି ପର୍ଯ୍ୟନ୍ତ ପ୍ରସାରିତ କରିଥିଲେ । ସମ୍ବଲ-ପୁରର ପ୍ରଥମ ଚୌହାଣ ରାଜା ବଳରାମ ଦେବ

* Journal of the Kalinga Historical Research Society Vol, No. P.P. 45-48 Sri P.C. Rath.

Digitized by srujanika@gmail.com

ସୁରଗୁଜା ରାଜ୍ୟ ଜୟ କରି ପାଟଣା—କୋଶଳ ବା ହୀରାଖଣ୍ଡ ରାଜ୍ୟର ସୀମାକୁ ଉତ୍ତରରେ ଶୋଣ ନଦୀ ପର୍ଯ୍ୟନ୍ତ ପ୍ରସାରିତ କରିଥିଲେ । ସୁରଗୁଜା ଏକ ବଳିଷ୍ଠ ଶକ୍ତି ଥିଲା ଏବଂ ରତ୍ନପୁର ଓ ଉଦୟପୁରର ଅଧିକାର ଥିଲା । ଏଣୁ ସୁରଗୁଜାର ଅଧୀନତା ଫଳରେ ଅନ୍ୟ ଦୁଇ ସାମନ୍ତ ରାଜ୍ୟ ମଧ୍ୟ ସମ୍ବଲପୁରର ଅଧିନାୟକତ୍ୱ ସ୍ୱୀକାର କରି ଥିଲେ । ଏହିପରି ଅତ୍ୟଳ୍ପ କାଳ ମଧ୍ୟରେ ହୀରାଖଣ୍ଡ ସାମ୍ରାଜ୍ୟ ଉଣା—ଅଧିକରେ ପ୍ରାଚୀନ ଦକ୍ଷିଣକୋଶଳର ପରିସର ସଙ୍ଗେ ସମାନ ହୋଇଥିଲା ସୁତରାଂ ସମ୍ବଲପୁର ଓ ପାଟଣାର ରାଜାମାନେ ସମକାଳୀନ ସାହିତ୍ୟରେ "କୋଶଳେଶ୍ୱର କୋଶଳାଧୀଶ ଚକ୍ରବର୍ତ୍ତୀ" "ହୀରାଖଣ୍ଡ ଛତ୍ରପତି" ରୂପେ ବର୍ଣ୍ଣିତ ହୋଇଛନ୍ତି ।

ସମ୍ବଲପୁରର ରାଜ୍ୟ ଶ୍ରୀ ଛତ୍ରସାହଙ୍କ ରାଜତ୍ୱରେ ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀରେ ସମ୍ବଲପୁର ରାଜଦରବାରର କବିରାଜ ଶ୍ରୀ ଗୋପୀନାଥ ଷଡ଼ଙ୍ଗୀ କୃତ ପ୍ରଣୀତ ଜୟଚନ୍ଦ୍ରିକା ମଞ୍ଜରୀ ନାମକ ଶବ୍ଦ ଗ୍ରନ୍ଥରୁ ନିମ୍ନ ପ୍ରକାର ବର୍ଣ୍ଣନା ମିଳେ :—

"ଶ୍ରୀ ଛତ୍ରସାହ ମହୀରେ ରାଜନ । କ୍ଷତ୍ରିୟକୁଳକମଳତପନ । ଅଠର ଗଡ ତେର ଦଣ୍ଡପାଟ । ବତିଶ ସହସ୍ର ବଳ ମୁକୁଟ । ସୀମା ଅଟଇ ଦଶାଶତେ କୋଶ । × × × × × ।"

ଅର୍ଥାତ୍ ସମ୍ବଲପୁରର ବିସ୍ତାର ୧୬୦ କୋଶ ବା ପ୍ରାୟ ୩୦୦ ମାଇଲ ଥିଲା । ଏହା ପୂର୍ବ ବର୍ଣ୍ଣିତ ରାଜ୍ୟସୀମା ସଙ୍ଗେ ମେଳ ଖାଉଅଛି । ପୁଣି ଗୋପୀନାଥ ସମ୍ବଲପୁର ତଳେ ଅଠର ଗଡଜାତ ରାଜା ବା ସାମନ୍ତ ରାଜା ଥିବାର ବର୍ଣ୍ଣନା କରିଛନ୍ତି ଏହି ଗଡଜାତର ବର୍ଣ୍ଣନା ସମ୍ବନ୍ଧରେ କେତେକ ପ୍ରାମାଣିକ ଗ୍ରନ୍ଥରୁ ଏଠାରେ ଉଦ୍ଧାର କରୁଛୁ ।

The Bengal and agra annual guide and gazetteer, vol, II of 1841 ନାମକ ଗ୍ରନ୍ଥରୁ ଜଣାଯାଏ, ନିମ୍ନ ଲିଖିତ ରାଜ୍ୟ ସମ୍ବଲପୁରର ଅଧୀନ ବା କରଦ ରାଜ୍ୟ ଥିଲା । ୧. ଅଠମଲ୍ଲିକ ୨. ବାମଣ୍ଡା, ୩. ବରଗଡ (ବିଳାସପୁର), ୪. ବୌଦ ୫. ବୋଣାଇ, ୬. ବୋଡାସମ୍ବର, ୭. ଗାଙ୍ଗପୁର, ୮. ପାଟଣା, ୯. ଫୁଲଝର, ୧୦. ଶକ୍ତି, ୧୧ ସାରଙ୍ଗଗଡ ୧୨. ସୋନପୁର । ଏତେବେଳେ ଇଂରାଜମାନେ ଶାସନ ସୁବିଧା ନିମନ୍ତେ ଅନ୍ୟ ଛଅ ଗୋଟି ରାଜ୍ୟ ସମ୍ବଲପୁରରୁ ଖାସ କରି ଅନ୍ୟାନ୍ୟ ଚୀଫ କମିଶନରଙ୍କ ଅନ୍ତର୍ଭୁକ୍ତି କରିଥିଲେ ଏବଂ ସମ୍ବଲପୁରକୁ ରାଞ୍ଚୀ କମିଶନରଙ୍କ ତଳେ ରଖିଥିଲେ । ମିଷ୍ଟର L. S. Omalley ଏହି ଅଠର ଗଡଜାତ ସମ୍ବନ୍ଧରେ ଅନୁସନ୍ଧାନ କରିଥିଲେ ଏବଂ ନିଜ ସିଦ୍ଧାନ୍ତ ସମ୍ବଲପୁର ଡିଷ୍ଟ୍ରିକ୍ଟ ଗେଜେଟିୟରରେ ନିମ୍ନ ତାଲିକାରେ ପ୍ରକାଶ କରିଛନ୍ତି;

ଅଠମଲ୍ଲିକ, ୨. ବାମଣ୍ଡା, ୩. ବରଗଡ (ବିଳାସପୁର), ୪. ବସ୍ତର, ୫. ବୌଦ, ୬. ବିନ୍ଦ୍ରା ନୂଆଗଡ ୭. ବୋଣାଇ, ୮. ବୋଡାସମ୍ବର, ୯. ଗାଙ୍ଗପୁର, ୧୦. ଖଡ଼ିଆଲ, ୧୧. ପାଟଣା, ୧୨. ଫୁଲଝର, ୧୩. ରାଇଗଡ, ୧୪. ରେଢାଖୋଲ, ୧୫. ଶକ୍ତି, ୧୬. ସାରଙ୍ଗଗଡ, ୧୭. ସୁରଗୁଜା, ଓ ୧୮. ସୋନପୁର ।

ଉପର ଉଭୟ ତାଲିକାରୁ ସମ୍ବଲପୁରର ଛତ୍ରପତିତ୍ୱ ପ୍ରତିପାଦିତ ହେଉଅଛି । କୋଶଳାନନ୍ଦର ବର୍ଣ୍ଣନା ସଙ୍ଗେ ଏ ସବୁର ସାମଞ୍ଜସ୍ୟ ରହିଅଛି ଏବଂ ସମ୍ବଲପୁର ରାଜ୍ୟ ପ୍ରାଚୀନ ଦକ୍ଷିଣକୋଶଳ ସଙ୍ଗେ ସମ ବିସ୍ତୃତ ଥିଲା ବୋଲି ବୁଝାପଡୁଅଛି । ବସ୍ତୁତଃ କବି ଗଙ୍ଗାଧର "କୋଶଳାନନ୍ଦଂ" କାବ୍ୟରେ ସମ୍ବଲପୁରକୁ "ପୁରାଣ ପଠିତା ଭୂମି ସ୍ୱୟଂ ଦକ୍ଷିଣ କୋଶଳା" ବୋଲି ବର୍ଣ୍ଣନା କରି ଅଛନ୍ତି ଏହାର ଚତୁଃସୀମା ନିମ୍ନମତେ ସଂକ୍ଷେପରେ ନିର୍ଣ୍ଣୟ କରାଯାଇ ପାରେ ।

ପଶ୍ଚିମ — ହଂସଦେଓ, ଜଙ୍କ ଓ ମହାନଦୀ ।
ପୂର୍ବ — ସୁବର୍ଣ୍ଣରେଖା ।
ଉତ୍ତର — ରାଞ୍ଚୀ କଟକ୍ଷାର ମାଳଭୂମି ଓ ଶୋଣନଦୀ ।
ଦକ୍ଷିଣ — ବସ୍ତର ସୀମାନ୍ତ ଗୋଦାବରୀର ଉପନଦୀ ଇନ୍ଦ୍ରାବତୀ ।

Digitized by srujanika@gmail.com

ଉତ୍କଳର ଗଜପତିଙ୍କ ପତନ ସଙ୍ଗେ ସମ୍ବଲପୁରର ଚୌହାଣ ରାଜାମାନେ ସୁବିଧା ଦେଖି ସ୍ୱାଧୀନତା ଘୋଷଣା କରିଥିଲେ ଏବଂ ବହୁକାଳ ପର୍ଯ୍ୟନ୍ତ ସ୍ୱାଧୀନ ନରପତି ରୂପେ ଶାସନ କରିଥିଲେ । ସପ୍ତଦଶ ଶତାବ୍ଦୀରେ ରତ୍ନପୁର ରାଜବଂଶ ସମ୍ବଲପୁରର ସ୍ୱାଧୀନତା ଲୋପ କରିବା ନିମନ୍ତେ ପୁନଃ ପ୍ରୟାସ କରିଥିଲେ, କିନ୍ତୁ ଛତ୍ରସାହ ସିଂହଙ୍କର ପ୍ରବଳ ପ୍ରତିରୋଧ କରିଥିଲେ । ତେବେ ମରହଟ୍ଟମାନଙ୍କ ଅଗ୍ରସର ଯୋଗୁଁ ରତ୍ନପୁର ରାଜବଂଶକୁ ନିଃଶ୍ୱାସମାରିବାକୁ ଅବସର ହେଲା ନାହିଁ । ମରହଟ୍ଟାମାନେ କ୍ରମେ ସମ୍ବଲପୁର, ଓଡ଼ିଶା ଓ ବଙ୍ଗଳା ଆଡ଼କୁ ଅଗ୍ରସର ହେଲେ । ଜୟନ୍ତ ସିଂହଙ୍କ (୧୭୮୨–୧୮୧୮) ରାଜତ୍ୱରେ ମରହଟ୍ଟାମାନେ ସମ୍ବଲପୁର ଅଧିକାର କଲେ ଏବଂ ଜୟନ୍ତ ସିଂହ ଓ ତାଙ୍କ ପୁତ୍ର ମହାରାଜ ସାୟିଙ୍କୁ ବନ୍ଦୀ କରି ନାଗପୁରକୁ ନେଇଗଲେ । ୧୮୦୩ରେ ଇଂରାଜମାନେ ଦେଓଗାଁ ସନ୍ଧିରେ ଭୋଁସଲାଙ୍କଠାରୁ ସମ୍ବଲପୁର ପାଇଲେ । ସେମାନେ ଜୟନ୍ତଙ୍କୁ ବନ୍ଦୀରୁ ମୁକୁଳାଇ ଆଣି ପୁଣି ସମ୍ବଲପୁରର ସାମନ୍ତ ରାଜା ରୂପେ ପ୍ରତିଷ୍ଠା କଲେ ।

ସମ୍ବଲପୁର ଏହାର ବହୁଦିନ ପୂର୍ବରୁ ଉତ୍କଳରୁ ବିଚ୍ଛିନ୍ନ ହୋଇଥିଲା ଏବଂ ଇଂରାଜମାନେ ପୃଥକ୍ ଭାବରେ ସମ୍ବଲପୁର ଅଧିକାର କରିଥିଲେ । ଫଳରେ ଇଂରାଜମାନେ ୧୯୦୫ ପର୍ଯ୍ୟନ୍ତ ସମ୍ବଲପୁରକୁ ଓଡ଼ିଶାରୁ ପୃଥକ୍ ରଖିଥିଲେ । ଅତ୍ୟନ୍ତ ପରିତାପର ବିଷୟ, ଯେତେବେଳେ ଇଂରାଜମାନେ ସମ୍ବଲପୁର ଜିଲ୍ଲାକୁ ନେଇ ଓଡ଼ିଶାରେ ଶାସନ ସୂତ୍ରରେ ମିଶାଇଲେ, କେବଳ ଖଣ୍ଡିଆ ସମ୍ବଲପୁର ଜିଲ୍ଲା (ସଦର ଓ ବରଗଡ଼ ସବଡିଭିଜନ)କୁ ନେଇ ଓଡ଼ିଶାରେ ଯୋଡ଼ିଦେଲେ । ଯେପରି ଦେଖାଯାଉଛି, ଆଉ କେବେ ହେଲେ ସମ୍ବଲପୁର ତାହାର ପୂର୍ବକାୟ (କୋଶଳ) ଫେରି ପାଇବ ନାହିଁ, କିମ୍ବା ସମଗ୍ର ଓଡ଼ିଆ ଦେଶ କେବେ ହେଲେ ଓଡ଼ିଶାରେ ମିଶି ପାରିବ ନାହିଁ ।

# ଚପଳା

### ଶ୍ରୀ ନବ କିଶୋର ଦାସ

ନାଁଟି ତାର ଚପଳା । ପ୍ରକୃତରେ ସେ ଚପଳା ଟିଏ । ଫରକ୍ ଏତିକି ଯେ, ସ୍ୱର୍ଗର ଚପଳା ମେଘ ଦେହରେ ଖେଳେ, ଆଉ ଏ ମର୍ତ୍ତ୍ୟର ଚପଳା ଘରେ, ଠାଁରେ । ଚପଳା ଦେଖିବାକୁ ଗୋରୀ ନୁହେଁ କି ପାତଳୀ ନୁହେଁ । ମୁଣ୍ଡର କଳା କେଶ ଗୁଚ୍ଛର ପରିପାଟି କିମ୍ବା ନିଜ ଅଙ୍ଗର ଯୌବନ-ସୌଷ୍ଠବ ଅପେକ୍ଷା ବେଶୀ ଆଖିରେ ପଡେ ତା'ର ଚଞ୍ଚଳ ଢଳଢଳ କଳା ଡୋଳା ଦୁଇଟିର ବୃନ୍ତାଣୀ କିମ୍ବା ତାର ଚଟୁଳ, ଲମ୍ବାଳିଆ ମୁହଁଟିରେ ବିଚକ୍ଷଣତାର ଝଲକ-ଟିକ୍ ଯେମିତି ଚପଳା ଖେଳିଲା ଭଳି । ଚପଳା ଯେମିତି ଯୌବନର ପ୍ରାକୃତିକ ଶୋଭା ସ୍ପର୍ଶରେ ଏକ ପ୍ରତିମୂର୍ତ୍ତି ତା ଝଲକରେ !

ଚପଳା ଥିଲା ଏକ ଅସାଧାରଣ ଯୁବତୀ, ବୟସ ଷୋଳ, ସତର । ମାତ୍ର ତାହାର ଅସାଧାରଣତା କେଉଁଠି ତାହା ବୁଝିବା ଧନେଶ୍ୱରର ପକ୍ଷରେ ଏକ ସମସ୍ୟା ହୋଇଥିଲା । ଧନେଶ୍ୱର କେତେ ଯୁବତୀ ନ ଦେଖିଛି-ସହରର ଚପ୍ପଲ ଚରଣା, ବକ୍ଷମା ଧାରଣୀ, ସ୍ନୋ ପାଉଡର ମଖା ମୁହିଁଙ୍କ ଠାରୁ ମଫସଲର ମୋଟୀ, ପାତଳୀ, ଡେଙ୍ଗୀ, ଗେଡ଼ା ଅପାଠୋଇ ଯାଏଁ, ମାତ୍ର ଚପଳାକୁ ସେ ଯେଉଁ ଦିନ ତାଙ୍କ ଘରେ ଦେଖିଲା, କାହିଁକି ହଠାତ୍ ଏହି ଯୁବତୀଟି ତାକୁ ଆକର୍ଷଣ କଲା । ଚପଳା ଆସିଥିଲା ତାଙ୍କ ଘରକୁ, ଦୂର ଲେଖାବନ୍ଧ ହିସାବରେ । ଧନେଶ୍ୱର ବିଦେଶରୁ ଘରକୁ ନ ଆସିବା ପୂର୍ବରୁ ଚପଳା ଆସି ଧନେଶ୍ୱର ପତ୍ନୀଙ୍କ ପାଖରେ ନିଜର ଆସ୍ଥାନ ଜମାଇ ବସିଥିଲା ।

ଧନେଶ୍ୱରର ପତ୍ନୀ—ସୁରେଖାର ଶିକ୍ଷା ଓ-ଦୀକ୍ଷାରେ ନବୀନ ଏବଂ ପ୍ରାଚୀନର ମିଳନ ହୋଇଥିଲା ।

Digitized by srujanika@gmail.com

ସୁରେଖା ପାଖରେ ଥିଲେ ମଧ୍ୟ ବନଲକ୍ଷ୍ମୀ ଏବଂ ସୁନ୍ଦରୀ ହୋଇଲେହେଁ, ତାର ଆଖିଝଲସିଆ ରୂପ ସମ୍ଭାର ନ ଥିଲା । ମାତ୍ର ସେ-ଥିଲା ଏକା ଧାରରେ ଶିକ୍ଷା ଓ ସଂସ୍କୃତିର ଯାହାର ଉଜ୍ଜ୍ୱଳ ଅଥଚ ସ୍ନିଗ୍ଧ ଶିଖା ହଷ୍ଟେଲର ସାଥୀ ଝିଅଙ୍କ ଠାରୁ ଆରମ୍ଭ କରି ସହରର ଧନେଶ୍ୱର ବସାପାଖ ପଡ଼ଶାଙ୍କ ଆଖି ତାହାଙ୍କ ପ୍ରାଣକୁ ମଧ୍ୟ ସ୍ପର୍ଶ କରିଥିଲା ।

ଧନେଶ୍ୱର ବିଦେଶରୁ ଆସି ଦେଖିଲା ଯେ ସୁରେଖା ଓ ଚପଳା ମଧ୍ୟରେ ଅଗାଧ ସ୍ନେହ-ସମ୍ପର୍କ ଜନ୍ମିଛି, ସେମାନଙ୍କ ବନ୍ଧୁତା ଏତେ ଗାଢ଼ ହୋଇ ଯାଇଛି ଯେ ସୁରେଖାର ଶାଢ଼ୀ, ବ୍ଲାଉଜ, ଗହଣା ଚପଳା ପିନ୍ଧେ, ଆଉ ଚପଳାର ସୁରେଖା ପିନ୍ଧେ । ଧନେଶ୍ୱର ଯେଉଁଦିନ ବିଦେଶରୁ ଆସିଲା ସେଦିନ ସେ ଦେଖିଲା ଯେ ସୁରେଖାର କାନରେ ସୁନ୍ଦର ଏକ ହାଲ ନୂଆ "କାନପାଶା" ବା କାନଫୁଲ । ଧନେଶ୍ୱର କେବେହେ ଏ କାନ ଗହଣା କିଣି ସୁରେଖାକୁ ଦେଇ ନାହିଁ କିମ୍ବା ସୁରେଖା କେବେ ଏହି କାନ ଗହଣା ଗଢ଼ାଇବା ଧନେଶ୍ୱର ଜାଣେ ନାହିଁ । ତେଣୁ ସେ ସୁରେଖାକୁ ପଚାରିଲା ଏବଂ ଯାହା ଉତ୍ତର ପାଇଲା, ତହିଁରେ ଚପଳାର ପରିଚୟ ମାତ୍ର ମିଳିଲା ଧନେଶ୍ୱରକୁ । ତାହାପରେ ଯେତେବେଳେ ଧନେଶ୍ୱର ଘରେ ଦିନେ, ଦୁଇଦିନ ରହିଗଲା, ଧନେଶ୍ୱରର ନଜରରେ ପ୍ରତିଦିନ ପଡ଼ିଲା ଯେ ଚପଳା ସୁରେଖାର ବେଶରେ ସଜ୍ଜିତା, ଆଉ ସୁରେଖା ମଧ୍ୟ ଚପଳାର ଶାଢ଼ୀ, ବ୍ଲାଉଜ ପରିହିତା । ଦୁଇ ସଖୀଙ୍କ ମଧ୍ୟରେ ଏହି ମିତ୍ରତା ବା ବନ୍ଧୁତାର କାରଣ ଥିଲା ଉଭୟ ସମ ବୟସୀ ଏବଂ ସୁରେଖାର ଗୋଟିଏ ବଡ଼ ଗୁଣ ଥିଲା ଯେ ସେ ସହଜରେ ଅନ୍ୟକୁ ଆପଣାର କରିପାରେ ।

( ୨ )

ଏହାର ଫଳରେ କିନ୍ତୁ ଧନେଶ୍ୱରର ବୈବାହିକ ଜୀବନରେ ଗୋଟିଏ ଛୋଟ ଝଡ଼ ସୃଷ୍ଟି ହୋଇଗଲା । ଚପଳାର ଗତି କଥା-ବାର୍ତ୍ତା ବ୍ୟବହାର ସବୁ କିଛିର ଧନେଶ୍ୱର ଆଖିରେ ସୁନ୍ଦର ଦେଖାଗଲା ଓ ପ୍ରାଣରେ ମଧୁରତା ମଧ୍ୟ ଢାଳିଲା । ପୁଣି ବେଳେବେଳେ ସୁରେଖାର ଶାଢ଼ୀ, ଗହଣା ପିନ୍ଧି 'ଚପଳା' ଧନେଶ୍ୱରର ଆଖିରେ ସୁରେଖା ଭଳି ଦେଖାଗଲା । ଧନେଶ୍ୱର ଦେଖିଲା ଚପଳା ମଧ୍ୟ ଏକ ଯୁବତୀ, ଯାହାକୁ ବିଭା କରିଥିଲେ ସେ ବେଶ୍ ଆରାମ ଓ ଆନନ୍ଦ ପାଇଥାନ୍ତା । କିନ୍ତୁ ସେତ ବିଭା କରିଛି । ତଥାପି ସେ ତାର ଆଖି କିମ୍ବା ମନକୁ ରୋକି ପାରିଲା ନାହିଁ ।

ଧନେଶ୍ୱର ବସି ବସି ଚପଳା ସଙ୍ଗେ ବାର୍ତ୍ତାରେ ତାର ଦୀର୍ଘ ଅବକାଶ କଟାଏ । କେଉଁଦିନ ତାଶ, ପଶା, ଚେସ୍ ଖେଳରେ ସେମାନଙ୍କ ଦିନ କଟେ । କେଉଁଦିନ ଅବା ହସ ଖୁସିରେ ସମସ୍ତ ସମୟ । ଚପଳା ଯେ ଧନେଶ୍ୱରର ପ୍ରାଣକୁ ଜୟ କରିବାକୁ ଚେଷ୍ଟା କରିଥିଲା, ଏହାମଧ୍ୟ ଧନେଶ୍ୱରଙ୍କୁ ଅଜଣା ରହିଲା ନାହିଁ । ଧନେଶ୍ୱ ପ୍ରାଣରେ କେତେବେଳେ ଏହି ଅଦେଖା ଚୁମ୍ବକ ର ଆକର୍ଷଣ — ପ୍ରତି ଆକର୍ଷଣର ଗୋଟିଏ ବଡ଼ ଢେଉ ବିଦ୍ୟୁତ ଭଳି ଖେଳି ଯାଉଥିଲା, ଧନେଶ୍ୱର ଦାମ୍ପତ୍ୟ ଧର୍ମ ରକ୍ଷା କରି ହେଉ କିମ୍ବା ତାହାର ସରଳ ଅକପଟ ଧାରଣାରୁ ହେଉ ସେ ତା ହୃଦୟର ଏହି ନୂଆ ଭାବଟା ବେଶିଦିନ ସୁରେଖା ଠାରୁ ଲୁଚାଇରଖି ପାରିଲା ନାହିଁ । ସୁରେଖାକୁ ଧନେଶ୍ୱର ଏହି ନୂଆ ଅନୁରାଗ ବାର୍ତ୍ତା କଥା କହିଲା ସତ, କିନ୍ତୁ ଏହାର ପରିଣତି ସୁରେଖାର ନାରୀ ପ୍ରାଣରେ କଣ ହେବ ସେ କୁ ଏତ ବିଶେଷ ଚିନ୍ତା କରି ନ ଥିଲା । ସୁରେଖା ମଧ୍ୟ ବୋଧହୁଏ ପ୍ରଥମରୁ ସେତେ ନଜର ଦେଇନଥିଲା । ଏଣେ ଧନେଶ୍ୱର ପ୍ରାଣରେ ଗୋଟିଏ ପ୍ରଶ୍ନ ମନରେ ଚପଳା ଭଳି ବେଳେବେଳେ ଉଙ୍କିମାରି ଦେଖା ଯାଉଥିଲା । ମଣିଷ କଣ ଦୁଇ ନାରୀକୁ ପ୍ରେମ କରି ପାରେ ନା ? ଏହି ପ୍ରଶ୍ନ ବାରମ୍ବାର ଧନେଶ୍ୱର ହୃଦୟ ଭିତରେ ଖେଳିଗଲେ ମଧ୍ୟ, ଏହାର ସମାଧାନ ସେ ସହଜରେ କରି ପାରିନଥିଲା । ତଥାପି ଧନେଶ୍ୱର ଏହି ପ୍ରଶ୍ନ ସମାଧାନ ପାଇଁ ବେଶି ଦୂର ଆଗକୁ ଘଟେଇ ପାରି ନ ଥିଲା । କାରଣ ଏ ଯୁଗରେ ବହୁ ବିବାହ, ପୁଣି ଏକ ଉପଯୁକ୍ତା ପତ୍ନୀ ଥାଇଁ ଥାଉଁ ଆଉ ଏକ ଯୁବତୀ ଗ୍ରହଣ — ଏହା କିନା ସୌଖୀନ, କିନ୍ତୁ କଣ ପ୍ରୟୋଜନୀୟ ? କିମ୍ବା ଟଙ୍କା, ଭରଣ ଦିଗରୁ କେବେ

କେହି ମନ୍ତବ୍ୟ କରିବେ ନାହିଁ । ଅଉ ଧନେଶ୍ୱର ଅର୍ଦ୍ଧାଙ୍ଗୀ ମଧ୍ୟ ଉଭୟେ ସେକ୍ରେଟେରିଏଟର ଅର୍ଥ ବିଭାଗରେ ଅମଲା ହୋଇ ଏହିପରି ଏକ ପ୍ରସ୍ତାବରେ ମନକୁ ମନାଇ ପାରିବେ କିପରି ? କିନ୍ତୁ ମଣିଷର ମନ ଅର୍ଥନୀତିର ନିୟମ ଅପେକ୍ଷା ଅନ୍ୟ କୌଣସିର ନିୟମରେ ବେଶୀ ପରିଚାଳିତ ବୋଧହୁଏ ।

(୩)

ଧନେଶ୍ୱର ମନରେ ଆଜି ଏକ ମନସ୍ତାତ୍ତ୍ୱିକ ସମସ୍ୟା ଆଘାତ ଦେଇଥିଲା । ଦୁଇ ନାରୀ ଏକ ପୁରୁଷର ପତ୍ନୀ ହେବାର, ସେମାନଙ୍କ ମନର ଗତି କଣ ହୁଏ ?

ଏଥିପାଇଁ ଧନେଶ୍ୱର ଏକ ନୂଆ ରେଖା ଆରମ୍ଭ କରିବାକୁ ଶ୍ରେୟସ୍କର ମଣିଥିଲା । ଧନେଶ୍ୱର ମନେ ମନେ ଯାହା ଭାବିଥିଲା ତାର ପ୍ରତିକ୍ରିୟା ଦେଖିବାକୁ ଧନେଶ୍ୱରକୁ ବେଶିଦିନ ଲାଗିଲା ନାହିଁ । ଚପଳା ଆଉ ସୁରେଖା ମଧ୍ୟରେ ଯେଉଁ ବନ୍ଧୁତା ଓ ଅଭେଦ ଅନ୍ତରଙ୍ଗତା ଦେଖା ଯାଉଥିଲା ତହିଁରେ କୌଣସି ବାଧା ନପଡ଼ିଲେ ମଧ୍ୟ, ସେମାନଙ୍କ ମନର ଗଭୀରରେ ଯେ ଅନେକ ପରିବର୍ତ୍ତନ ଘଟିଥିଲା, ଏହା ସହଜରେ ଜଣାପଡ଼ିଗଲା । ଯେଉଁ ଘରେ ସୁରେଖା ଥାଏ, ସେ ଘରେ ଚପଳା ଧନେଶ୍ୱର ସଙ୍ଗେ କଥାବାର୍ତ୍ତା କରିବାକୁ ପସନ୍ଦ କରେନାହିଁ । ସୁରେଖାକୁ ସଙ୍ଗରେ ନେଇ ଚପଳା ଧନେଶ୍ୱର ସହିତ ତାଅସ ଖେଳିବାକୁ ଚାହେଁ ନାହିଁ । ସୁରେଖା ସମ୍ମୁଖରେ ନୁହେଁ, ଚପଳା ଚାହେଁ ଧନେଶ୍ୱରକୁ ଏକାନ୍ତରେ ସୁରେଖା ଠାରୁ ଦୂରରେ । ଧନେଶ୍ୱର, ଚପଳା, ତାଅସ ଖେଳିଲା ବେଳେ ଆଉ ଅନ୍ୟ ଦୁଇଜଣ ମଧ୍ୟ ଖେଳିବାକୁ ଥାଆନ୍ତି, ମାତ୍ର ସୁରେଖା ଆସିଲେ ଚପଳାର ମୁହଁର ଭଙ୍ଗୀ; କଣ୍ଠର ସ୍ୱର ବଦଳିଯାଏ । ତାଅସ ଖେଳଟା ନଜମି ମାଟି ହୋଇଯାଏ । ସୁରେଖା ଘର କାମରେ ଅନ୍ୟତ୍ର ଗଲାପରେ ଚପଳାର ଆଖିରେ ଫୁଲ ଫୁଟେ, କଥାରେ ଗୀତ ଛୁଟେ, ମୁହଁର ଭଙ୍ଗୀରେ ଚପଳା ଖେଳେ । ଆଉ ଧନେଶ୍ୱର ମଧ୍ୟ ଲକ୍ଷ୍ୟ କରିଛି ଯେ ସେ ଚପଳାକୁ ପ୍ରଶଂସା କରି କହିଲେ ସୁରେଖାର ମୁହଁ ମଳିନ ପଡ଼ିଯାଏ । ସେ ମୁହଁ ଶୁଖାଇ ଝୁଲିଲା ସ୍ୱରରେ କହେ, " ବାହା ହୋଇ ପଡୁନା ? "

" ତମର କଣ ଏଥିରେ ଆପତ୍ତି ନାହିଁ ? "

" ମୋର କି ଆପତ୍ତି ? "

" ପେଟରୁ ନା କଣ୍ଠରୁ ଏକଥା ଆସୁଛି ?

ଏମିତି ସେକ୍ରେଟେରିଏଟ ଅମଲାଙ୍କ ଅବସରର ଦିନ ଗୁଡ଼ିକ କଟାଇ ଦିନ ପରେ ଦିନ କଟୁଛି । କିନ୍ତୁ ଧନେଶ୍ୱର ଚପଳା ମଧ୍ୟରେ ମଧୁର ସମ୍ପର୍କ ନ ବଢ଼ିଲେ ମଧ୍ୟ କ୍ରମେ ନିବିଡ଼ତର ହେଲା ।

(୪)

ଧନେଶ୍ୱରଙ୍କ କ୍ଷୁଦ୍ର ପରିବାରର ପରିସର ମଧ୍ୟରେ ଚପଳାର ସ୍ପର୍ଶ ଧନେଶ୍ୱର ପାଇଲା ବହୁ ଭାବରେ । ସକାଳୁ ଦାନ୍ତକାଠି, ତେଲ, ଗାଧୋଇଲା ପରେ ଜଳଖିଆ ଦେବା, ଖରାବେଳେ ତାଅସଖେଳ; ଦିନସାରା ନାନା ବୋଲ ହାକ ମଧ୍ୟରେ ଧନେଶ୍ୱରଙ୍କ ମଧୁର ହୁକୁମ ଚପଳା ତାମିଲ କରେ । ଏଥିରେ ଯେଉଁ ତାର ଆନନ୍ଦ ଯାହା କଥାରେ କହି ହେବନାହିଁ କିମ୍ବା କବିତା ଛନ୍ଦରେ ବାନ୍ଧି ହୋଇ ପାରିବନାହିଁ । ଏହି ସମସ୍ତ ଛୋଟ ବଡ଼ ସମ୍ପର୍କରେ ଧନେଶ୍ୱରର କଲମ-ପେଶା ଜୀବନର ଅବସରଟା ଆନନ୍ଦରେ ଯେତିକି ପରିପୂର୍ଣ୍ଣ ହୋଇ ଆସିଛି, ଚପଳା ମଧ୍ୟ ପାଇଛି ଅସରନ୍ତି ମଧୁରତା । ଚପଳା ସାଧାରଣତଃ ଅଳସେଇ । ସେ ବଡ଼ ଲୋକର ଝିଅ । କେବେ ଘରେ କାମଧାମ କରି ନାହିଁ, ଅଲଥଲ ହୋଇ ବଢ଼ି ଆସିଛି-କିଛି ଭଲ କାମ କରିବା ତାର କ୍ଷୁଦ୍ର ଜୀବନରେ ଘଟି ନାହିଁ । ପୁଣି ଯେତେବେଳେ ସେ ବନ୍ଧୁ ଘରକୁ ଆସିଛି, ଯୁବ ଚିତ୍ତରେ ଯେତେବେଳେ ଅନୁରାଗ ରଶ୍ମି ସାତରଙ୍ଗିଆ ଇନ୍ଦ୍ରଧନୁ ତୋଳିଛି, ସେତେବେଳେ ତାର ଉଚ୍ଛ୍ୱସିତ ଯୁବତୀ ଜୀବନରେ ପୁଣି ଘରକାମ ? ସେଥିପାଇଁ ଧନେଶ୍ୱର ଯେତେବେଳେ ମୁରବି ସ୍ୱରରେ ବରାଦ ଦେଇଛି ରୋଷେଇ କରିବାକୁ, ତରକାରୀ ରାନ୍ଧିବାକୁ ତାହା ଚପଳା ପାଳନ କରି ନାହିଁ । ଆଦେଶ, ବରାଦ ସବୁ ଧନେଶ୍ୱରର ବେଖାତିରରେ ଯାଉଛି ।

ଚପଳାର ଏ ଯୌବନ ଯେପରି ଏକ ନୂଆଁ ବନ୍ଧନହୀନ ସୃଷ୍ଟି ! ଏହା ବେଗବତୀ ଗିରି ନଦୀ ଭଳି

Digitized by srujanika@gmail.com

ଶର ଚଞ୍ଚଳ । ଚପଳାର ଜୀବନ-ସ୍ରୋତ ସେପରି ଶୃଙ୍ଖଳିତ ନୁହେଁ ମୁକ୍ତ । ଚପଳା ଏକ ପ୍ରାକୃତିକ ସୃଷ୍ଟି । କୃତ୍ରିମତା ଏବଂ ସାମାଜିକ ବନ୍ଧନରୁ ସେ ବହୁତ ଦୂରରେ ସବୁ ଯୁବକ,ଯୁବତୀଙ୍କ ପ୍ରାଣରେ ଏହି ବନ୍ଧନହୀନ ଧାରା ଥାଏ । ମାତ୍ର ସମାଜ,ଶିକ୍ଷା, ସଂସ୍କୃତିର ଚାପରେ ଯୁବ ଶକ୍ତିର ଏହି ପ୍ରାକୃତିକ ଉତ୍ସ ଶୃଙ୍ଖଳିତ ହୁଏ ,ଯେପରି ନଦୀରେ ଅଣିକଟ ବସାଇ କେନାଲରେ ଜଳ ନିଆଯାଏ, ଜମିର କୃଷିଯୋଗ୍ୟକୁ ଫଳବଣ କରିବା ପାଇଁ । କିନ୍ତୁ ଚପଳା ଜୀବନରେ ଏହି ବନ୍ଧନଟାର ବିଶେଷ ଅଭାବ ପରି ଲକ୍ଷିତ ହେଉଥିଲା । ଚପଳା କ୍ଷୁଦ୍ର କ୍ଷୁଦ୍ର କାର୍ଯ୍ୟ ବୋଲିହାକ ମଧ୍ୟରେ ନିଜର ବୁଦ୍ଧି-ବିଚକ୍ଷଣତା ଦେଖାଇବାରେ ସେ ଧନେଶ୍ୱରଙ୍କୁ କେବଳ ଆକୃଷ୍ଟ କରିନଥିଲା । ଯେତେବେଳେ ଗଛରେ ଫୁଲଫୁଟେ , ତାହାର ସୁବାସ କେବଳ ଜଣକ ପାଖକୁ ଆସେନା । ଏହି ସମସ୍ତ ପ୍ରାକୃତିକ ନିୟମରେ ଚପଳା ହସିଥିଲା, ଖେଳିଥିଲା ,ରସିଥିଲା,ଭାସିଥିଲା—ଏକ କ୍ଷୁଦ୍ର ପକ୍ଷୀର କେତେ ଜଣା ଅଜଣା ଯୁବକଙ୍କୁ ହସାଇ ଖେଳାଇ, ରସାଇ, ଭସାଇ, । କିନ୍ତୁ ଏହି ସମସ୍ତ ଆକର୍ଷଣ ଓ ପ୍ରତି ଆକର୍ଷଣର ଲୁଚକାଳି-ଭିଡ଼ ମଧ୍ୟରେ ଧନେଶ୍ୱର ର କିଛି ବିଶେଷତ୍ୱ ନଥିଲା, ଏକଥା ଧନେଶ୍ୱର ପ୍ରଥମରୁ ବୁଝି ନଥିଲା । ଚପଳା ପ୍ରତି ଯାହା ଥିଲା ସ୍ୱାଭାବିକ, ତାହା ସେ କାର୍ଯ୍ୟରେ ପରିଣତ କରୁଥିଲା-ଦୁନିଆରେ ଯାହା ଅଗଣିତ ପ୍ରଜାପତି କରନ୍ତି । ଯୁବତୀ ଏକ ପ୍ରଜାପତି । ନାରୀ ଯୌବନରେ ଏହି ପ୍ରଜାପତି ରୂପ ଧାରଣ କରେ, ପ୍ରଜାପତିର ଧର୍ମ ଲଭେ ନିମିତ୍ତ । ଏଥିରୁ ଚପଳା ବାଦ ପଡ଼ିବ କିପରି ?

(୫)

ସେଦିନ ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ନୀଳ ଆକାଶରେ କୁହୁକ ସର୍ଜନା କରିଥିଲା । ଜ୍ୟେଷ୍ଠ ମାସର ଉତ୍ତାପ ପୂର୍ଣ୍ଣିମାର ପୂର୍ବ କେତେ ଦିନରୁ ଭୀଷଣ ହୋଇ ଉଠିଥିଲା-ସେହି ଭୀଷଣତା ମଧ୍ୟରେ ଧନେଶ୍ୱରର କର୍ମ-କ୍ଲାନ୍ତ ଅବସର ଆନନ୍ଦ ଓ ମଧୁମୟ ହୋଇଥିଲା—ଏହି ଅଦ୍ଭୁତ ଚପଳାକୁ ଦେଖି । ଚପଳାର ବେଶ ମଧ୍ୟ ନୀରବରେ କ୍ରମ ପରିବର୍ତ୍ତିତ ଦେଖା ଯାଉଥିଲା । କେଶ ବିନ୍ୟାସରେ ଶୁଭ୍ରତା, ଚକ୍ଷୁରେ କଜ୍ଜ୍ୱଳ ରେଖା ଟାଣିବାରେ ନିପୁଣତା, ଅବୟବରେ ଅଳଙ୍କାର ଧାରଣରେ ଚମତ୍କାରିତା, ଓ ପଦଯୁଗଳରେ ଅରକ୍ତ ଅଳତା, ତାହାର ରୂପଶ୍ରୀ ବଢ଼ାଇବାରେ ଯଥେଷ୍ଟ ସାହାଯ୍ୟ କରୁଥିଲା ।

ସ୍ନାନପୂର୍ଣ୍ଣିମା ଉତ୍ସବରେ କ୍ଷୁଦ୍ର ପଲ୍ଲୀର ନର ନାରୀଗଣ ଆମୋଦ ଏବଂ ଆନନ୍ଦରେ ଯେତେବେଳେ କଲ୍ଲୋଳ କରୁଥିଲେ, ସେତେବେଳେ ଧନେଶ୍ୱର ଦାର୍ଶନିକ ଭାବୁଥିଲା—ପ୍ରତିମା ପୂଜାର ପ୍ରୟୋଜନୀୟତା -ଏମ୍‌ଧୃକ୍ତ ବା ହିନ୍ଦୁ ଧର୍ମର ଏହି ଧର୍ମାନୁଷ୍ଠାନ ପଛରେ ଥିବା ଦର୍ଶନ ଓ ନୀତି । ଏହି କାଷ୍ଠ,ପାଷାଣ,ଧାତୁ ନିର୍ମିତ ମୂର୍ତ୍ତିକୁ ସାଧନ କରି ଆଜି କେତେ ନର ନାରୀ ଧର୍ମ-ଜୀବନର ଉଚ୍ଚ ସୋପାନ ରେ ହୋଇଛନ୍ତି ? ହିନ୍ଦୁ ଧର୍ମର ଅସଲ ଦର୍ଶନ ଆଜି ଦେଶର ଅଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ଲୋକ ମାନଙ୍କ ଆଗରେ ନାହିଁ । ତାହା ପରିବର୍ତ୍ତିରେ ଗତାନୁଗତିକ ଏକ ଗଡ୍ଡଲିକା ସ୍ରୋତରେ ହିନ୍ଦୁ ଭାସି ଚାଲିଛି । ଏହାର ପରିଣତି କଣ କେହି ଭାବୁଛନ୍ତି । ଚଳନ୍ତି ସମାଜ ଗତିଶୀଳ, ଜୀବନ୍ତ ନହୋଇ କାହିଁକି ସ୍ଥାଣୁ ହୋଇ ଯାଇଛି । ଏହା କଣ କେହି ଚିନ୍ତ୍ୟ ଧ୍ୟାନକୁ ଆଣୁଛନ୍ତି ?

ଚପଳା ପଛପଟୁ ବୁଲିପଡ଼ି କହିଲା , "ହେ ତୁମେ କଣ ଶିକ୍ଷିତ ଲୋକେତ ଭାବୁଛନ୍ତି ?" ଧନେଶ୍ୱର ପଚାରିଲା, ତୁମେ ମୋ ମନ କଥା ଜାଣିଲ କିପରି ?

ସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ମୃଦଙ୍ଗ,ତାଳ,ଘଣ୍ଟ କାଳୀର ଧ୍ୱନି କ୍ରମେ କମି ଆସୁଥିଲା । ଗାଁର ଏକ ଖଣ୍ଡାରେ ଦୂର ଦେବାଳୟରୁ ଆସୁଥିବା ଉତ୍ସବ ରୋଳ କ୍ରମେ ଲୀନ ଆସୁଥିଲା । ସନ୍ଧ୍ୟା ପୂର୍ଣ୍ଣିମା ସୁନ୍ଦର ଶୁଭ୍ର ଆଲୋକରେ ଶୁଷ୍କ,ଶାନ୍ତ ଧୂସର ଧରିତ୍ରୀ କ୍ରମେ ସ୍ୱଚ୍ଛ ଏବଂ ସୁନ୍ଦର ଦେଖା ଯାଉଥିଲା । ଚପଳା ଧନେଶ୍ୱର ର କଣାକୁ ବାଧାଦେଇ କହିଲା, "ଯେପରି ଦୁନିଆର ଲୋକେ ଅଗର ଲୋକର ମନ ଜାଣି ପାରନ୍ତି ?"

କେଉଁ ଲୋକେ ?"

Digitized by srujanika@gmail.com

ବିଶେଷତଃ କବି,ଲେଖକ ମାନେ ଅନ୍ୟର ମନ ଜାଣିପାରନ୍ତି ବୋଲି ଜାହିର କରନ୍ତି ?"

ଜାହିର କରନ୍ତି, ସତରେ ନା ମିଛରେ ?"

ସତ,ମିଛ,ମୁଁ ଜାଣେ ନା। କବି ଲେଖକ ଯାହା ଜାହିର କରନ୍ତି ଦୁନିଆଁ ତାହାକୁ ସତ ବୋଲି ଗ୍ରହଣ କରିନିଏ।"

ଧନେଶ୍ୱର କହିଲା," ମୁଁ ଜଣେ ମାତ୍ର ଅର୍ଥ ବିଭାଗର ଅମଲା ଟଙ୍କା,କଉଡ଼ିର ହିସାବ ମୋର ବେଉସା,ମୁଁ କବି କିମ୍ବା ଲେଖକ ନୁହେଁ ?"

ଉଭୟ ହସିଲେ। ମାତ୍ର ଟଙ୍କା,କଉଡ଼ିର ଦୁନିଆକୁ ଉଭୟ ପାଶୋରି ଦେଇଥିଲେ। ଘର ଝରକା ପାଖରେ ଗୋଟାଏ ଚିଆରରେ ଧନେଶ୍ୱର ବସିଥିଲା। ତାର ହାତରେ ଥିଲା ସ୍ୱାମୀ ବିବେକାନନ୍ଦଙ୍କ ଲିଖିତ ଏକ ଇଂରେଜୀ ପୁସ୍ତକ। ଚପଳା ସେହି ଚଟାଣରେ ପଡ଼ିଥିବା ଗୋଟାଏ ସପ ଉପରେ ବସିପଡ଼ି ପଚାରିଲା ," କି ବହିଟି ହାତରେ? ଧର୍ମର ବନ୍ଧନ ଓ ଦର୍ଶନ !"

ଚପଳା ପରିହାସ ସ୍ୱରରେ କହିଲା ,"ଧର୍ମର ନା ପ୍ରେମର?"

ଚପଳା ମୁହଁରେ ସ୍ପଷ୍ଟ ଲଜ୍ଜାର ଚିହ୍ନ ଧନେଶ୍ୱର ଦେଖିଲା। ଚପଳା ମୁରୁକେଇ ମୁରୁକେଇ ହସୁଥିଲା। ଧନେଶ୍ୱର କଥା ବୁଲେଇ କହିଲା।

"ଆସ ତାଅସ୍ ଖେଳିବା'ଭଲ ଜାଣିଥିବ ତ ହୋଇଛା-ଅପେକ୍ଷା କରିଣ?" ଚପଳା କଥା ପଦକ କହି ପ୍ରଶ୍ନ ବାଚକ ଦୃଷ୍ଟିରେ ଧନେଶ୍ୱର ମୁହଁକୁ ଚାହିଁ ରହିଲା।

ସେତେବେଳେ ଘରେ ଆଉ କେହି ସେମାନଙ୍କ ସଙ୍ଗେ ତାଅସ ଖେଳିବାକୁ ନଥିଲେ। କିନ୍ତୁ ଚପଳା ପରାସ୍ତ ମାନିବାର ଝିଅ ନଥିଲା। ସେ ଘର ଭିତରୁ ତାଅସ ମୁଠାଏ ଆଣି ପୁଣି ସପରେ ବସି ପଡ଼ିଲା ଏବଂ ତାଅସ ଫେଣ୍ଟୁ ଫେଣ୍ଟୁ କହିଲା ," ପେନାଲଟି ଖେଳିବା" ପେନାଲଟି ନାଁ ଟା ଧନେଶ୍ୱର କାନରେ "ପ୍ରେମ-ଖେଳ" ଭଳି ଶୁଣାଗଲା ! ମାତ୍ର ତାହାର ସେ ଖେଳ ସଙ୍ଗେ ଅଗରୁ ପରିଚୟ ହୋଇ ନଥିଲା। ଧନେଶ୍ୱର ନିଜର ଅସହାୟତା ଜଣାଇବା ସଙ୍ଗେ ସଙ୍ଗେ ଚପଳା ଉଚ୍ଛ୍ୱସିତ ସ୍ୱରରେ କହିଲା" ଆଜି ମୁଁ ତୁମ ମାଷ୍ଟର ହେବି !"

ସତକୁସତ ତାଅସ୍ ଖେଳ ଆରମ୍ଭ ହୋଇଗଲା। ଅଳ୍ପ ସମୟ ମଧ୍ୟରେ 'ପେନାଲ୍ଟି'ତାଅସ ଖେଳର ସୂକ୍ଷ୍ମ ସୂତ୍ର ଧନେଶ୍ୱର ଖେଳିବାର ହିସାବରେ ହାସଲ କରିନେଲା। ପୂର୍ଣ୍ଣିମାର ଶୁଭ୍ର ଜ୍ୟୋତ୍ସ୍ନାରେ ମଣିଷର ଅତି ଦରକାରୀ ଲଣ୍ଠଣି ଆଲୁଅ ମ୍ଳାନ ଦେଖା ଯାଉଥିଲା। ଧନେଶ୍ୱର ମନେ ମନେ ଏକ ତୁଳନା କରି ବସିଥିଲା ଚପଳା ସଙ୍ଗେ ସୁରେଖାକୁ। ଧନେଶ୍ୱର ଖେଳ ଖେଳିବା ବେଳେ କେମେ ଭୁଲ ହେଲା ଚପଳାର ପାଖରେ କାଲିଠାରୁ ସାହାବ ଜାଦା ଉପରେ ନିଜ ପତ୍ରରେ ସାହେବ ନଦେଇ ସେ ପୁଣି ତାର ଓଲେଟ ତାଅସ୍ ମୁଠାରୁ ତାଅସ୍ ପଟେ ଓଲଟାଇଲା। ଚପଳା ହସି ଉଠିଲା ଯେପରି ମଲ୍ଲୀ ଫୁଲର ମାଳଟାଏ ଶୁଭ୍ର ଜ୍ୟୋତ୍ସ୍ନାରେ ଶୂନ୍ୟରେ ଦୋହଲିଗଲା। ପେନାଲ୍ଟି,ପେନାଲ୍ଟି"କହି ତାଙ୍କ ତାଅସ୍ ମୁଠା ଖେଳ ନିୟମ ଅନୁସାରେ ଖେଳ ତାଅସ ପରବର୍ତ୍ତୀରେ ଗୃହିଣୀ ଆଣି ଧନେଶ୍ୱର ତାଅସ ମୁଠା ତଳେ ଗୁଞ୍ଜି ଦେଲା।

ଚପଳାର ଏହି ପେନାଲଟି'ପାଇଁ ଗୋଲ ବେଳେ ସେହି ଶୁଭ୍ର ଜ୍ୟୋତ୍ସ୍ନା ଝରଣାର ସ୍ନିଗ୍ଧତାକୁ ଗରମ କରି ସୁରେଖା ସେଠାରେ ଉପସ୍ଥିତ ହେଲା-ଯେପରି ଖରାଦିନେ ହଠାତ୍ ତୋଫାନ ଉଠାଏ। ଧନେଶ୍ୱର-କିମ୍ବା ଚପଳା କେହି ଏହି ଝଡ଼ର ସୂଚନା ଆଗରୁ ପାଇନଥିଲେ ବା ପାଇବାର ଆଶଙ୍କା ମଧ୍ୟ କରିନ ଥିଲେ। ସୁରେଖା ଉତ୍ତେଜିତ ସ୍ୱରରେ କହିଲା, "ଜିତିଲ ? ହାରିଲ!"

ଏହା କହି ସୁରେଖା ଖେଳ ପାଖରେ ବସିପଡ଼ିଲା। ଧନେଶ୍ୱର ସୁରେଖାକୁ ଲକ୍ଷ୍ୟ କରି କହିଲା,

"ଖେଳିବ ଆସ।"

ସେତେବେଳକୁ ଚପଳାର ନାକ ପୁଡ଼ା ଫୁଲି ଫୁଲି ଉଠିଥିଲା। ସେହିପରି ସୁରେଖାର ଉପସ୍ଥିତି ସେଠାରେ ଚାହୁଁ ନଥିଲା। ସୁରେଖା ମଧ୍ୟ ଧନେଶ୍ୱର ପାଖରେ ଚପଳାର ଏପରି ଏକାନ୍ତ ଉପସ୍ଥିତି କାମନା

Digitized by srujanika@gmail.com

କରୁନ ଥିଲା । ସୁରେଖା ନିଜେ ମଧ୍ୟ ତାଆସ ଖେଳ ଜାଣି ନଥିଲା । ସେ କିନ୍ତୁ କଥା ବୁଲେଇ 'କହିଲା,' "ଚପଳା ଖେଳୁଛି, ମୁଁ ତାର ସାଙ୍ଗ । ସେ ଖେଳିଲେ କଣ ମୁଁ ଖେଳିଲି ନାହିଁ ?"

ଚପଳା କିନ୍ତୁ ଏହି କଥାର ପ୍ରତି ଉତ୍ତର ଦେଲା "ତୁମେ କାହିଁକି ମୋର ସାଙ୍ଗ ହେବ?" ଧନେଶ୍ୱର ଅବାକ୍ ହୋଇ ଗଲା । ମାନସରେ ହଠାତ୍ ନାଚି ଉଠିଲା ଏହି ଗତ କେତେ ଦିନର ଘଟଣା—ବିଶେଷତଃ ସୁରେଖା ସହିତ ଚପଳାର ବନ୍ଧୁତା, ସୌହାର୍ଦ୍ଦ୍ୟ ଓ ହସ ଖେଳ ।

ସୁରେଖା ଚପଳା କଥାର ଉତ୍ତର ନ ଦେଇ ସଙ୍ଗେ ସଙ୍ଗେ ଘର ଭିତରୁ ସତକୁ ସତ ଏକ ଫିନାଇଲ ବୋତଲ ଘେନି ଆସି ଚପଳାର ପଛପଟକୁ ଦଉଡ଼ିଲା । ଚପଳା ନିଜେ ଧନେଶ୍ୱର ସହିତ କଥାରେ ଏତେ ମଜ୍ଜି ଯାଇ ଥିଲା ଯେ ସେ ସୁରେଖାର ପୁନଃ ପ୍ରବେଶ ବା ଉପସ୍ଥିତିର ଖବର ରଖି ପାରିଲା ନାହିଁ । ଏହି ପରିସ୍ଥିତିରେ ଖେଳ ଉନ୍ମାଦନା ପରିବର୍ତ୍ତିରେ ବିପରୀତ ଗତି ଧରିଲା । ଧନେଶ୍ୱର ପୁଣି ଜାଣି ଜାଣି ତାଆସ ଖେଳିବାରେ ଭୁଲ କଲା—ଚପଳା "ମେନ ଲଟି" କହି ପାନି କଲା ବେଳେ ସୁରେଖା ପଛରୁ ଠିଆ ହୋଇ ଚପଳା ମୁଣ୍ଡ ଉପରେ ଫିନାଇଲ ବୋତଲଟୁ ଥୋଡ଼ା ଢାଳି ଦେଲା ।

ଏତିକିରେ ତାଆସ ଖେଳ ଇତି ହୋଇଗଲା । ମାତ୍ର ଦୁଇ ନାରୀ ଏତିକିରେ କ୍ଷାନ୍ତ ହେଲେ ନାହିଁ । ଧନେଶ୍ୱରଙ୍କ ଆଖି ଆଗରେ ଚପଳା ଦଉଡ଼ି ଗଲା ଗୁହାଳ ଆଡ଼େ ଆଖି ବୁଲାଇ ଏକ ଧାନ ଉଷୁନା ହାଣ୍ଡି ପାଖକୁ । ଆଜି ସୁରେଖା ଘର ଭିତରକୁ ପଶିଯାଇ ହାତରେ ନେଲା ବୋଲି ହାତ ପାପୁଲି ଦିହାକୁ ଧାନ ଉଷୁନା ହାଣ୍ଡିରେ ନେଲି ! ଏହାପରେ ଯେପରି ଦୁଇଟି ବିପରୀତ ଦିଗରୁ ଗତି କରି ଆସୁ ଥିବାରୁ କଳା ହାଣ୍ଡିଆ ମେଘର ଆକାଶରେ ସଂଘର୍ଷ ହୁଏ, ସେପରି ସଂଘର୍ଷ ହେଲା ସୁରେଖାର ସହିତ ଚପଳାର । ସୁରେଖା ହାତ ପାପୁଲିରୁ ହାଣ୍ଡି କଳାର ପାନାକୁ ଛୁଇ ଘନ ଚପଳାର ଦୁଇ ଗାଲରେ ଅଙ୍କା ହୋଇଗଲା । କହିଣୀ ସୁରେଖାର ଏହା ଏକ ନିଷ୍ଠୁର ପରିହାସ । କାରଣ ଚପଳାର ଗାଲରେ କୌଣସି ଆଘାତ ଦେଇ ନ ଥିଲା । ଆଉ ଚପଳା ମଧ୍ୟ ସୁରେଖାର ଏ ଶାସ୍ତିକୁ ପରିହାସ ଭାବରେ ନେଇ ନିଜ ଯୁବତୀ ଚରିତ୍ରର ପରିଚୟ ଦେଇଥିଲା । ଆଉ ଧନେଶ୍ୱର ନିର୍ବାକ ହୋଇ ଏହି ଦୃଶ୍ୟ ସ୍ଥଳୀରୁ ନଦୀକୁ ପଳାଇ ଯାଇଥିଲା ଠାକୁରଙ୍କ ସ୍ନାନ ଯାତ୍ରାରେ ଶାନ୍ତି ପାଇବା ପାଇଁ ।

ସେ ଦିନ ସ୍ୱୟଂ ଧନେଶ୍ୱର ଦେଖିଲା ଚପଳା ସ୍ନାନ ପରେ ଆଉରି ସୁନ୍ଦର ଦେଖା ଯାଉଛି । ସୁରେଖା ନିଜେ ଚପଳାକୁ ପିନ୍ଧାଇ ଦେଇଛି ଅଳତା ଆଖିରେ ଲଗେଇ ଦେଇଛି କଜ୍ଜଳ ।

Digitized by srujanika@gmail.com

# ଯୁଗଧାରା

ବ୍ରଜେନ୍ଦ୍ର:—

"ଆଉ ମଧ ଥରେ ଥରେ ଏହିପରି ସମୟ ଆସେ ଯେ ମନ୍ଦାକ୍ରାନ୍ତା ଜୀବନ-ଧାରା ଆଉ ଯେପରି ବହିବାକୁ ଖୋଜେ ନା । ଜୀବନଟା ନିରର୍ଥକ ନୀରସ ବୋଲି ପ୍ରତୀୟମାନ ହୁଏ ।"

( ଚତୁରଙ୍ଗ ୧ମବର୍ଷ ୧ମ ସଂଖ୍ୟା ଯୁଗଧାରା )

କଳା ଓ ସାହିତ୍ୟ ସଂସାର ଆଉ ଜୀବନ ଦିଗନ୍ତର ମର୍ମମୟ-ପ୍ରାନ୍ତେ ଭିତରେ ବ୍ରଜେନ୍ଦ୍ର ଏପରି କେତୋଟିଏ ସମୟର ଅନୁଭୂତିକୁ ମଧ ଭୁଲି ନଥିଲେ । ସେତିକି ନିଭୃତ-ଅନୁଭୂତିକୁ ତାଙ୍କର ଜୀବନ ଧାରା ହିଁ ବାସ୍ତବ କରି ଗଢିନେଲା; କିନ୍ତୁ—

..."ଏହି ସମୟରେ କଳାର ଅପରନ୍ତ୍ର-ରସ-ଭଣ୍ଡାରହିଁ ଆଉ ଥରେ ଜୀବନର ପ୍ରତି ଶ୍ରଦ୍ଧା ଓ ମାୟା ଆଣି ଦେଇ ପାରେ ।"

( ଚତୁରଙ୍ଗ ୧ମବର୍ଷ ୧ମସଂଖ୍ୟା ଯୁଗଧାରା )

ନିଜର ଏହି ଉକ୍ତିର ବାସ୍ତବତା ପ୍ରତିପାଦନ ପାଇଁ ବ୍ରଜେନ୍ଦ୍ର ଆଜି ଆଉ ନାହାନ୍ତି । ସମୟ ଓ ଜୀବନର ସଂଗ୍ରାମରେ ଏହି ଶେଷ ଅସ୍ତ୍ର ମଧ ଅନ୍ତିମ ସଂଗ୍ରାମ ବେଳେ କର୍ଣ୍ଣଙ୍କର ବୈଷ୍ଣବାସ୍ତ୍ର ପରି ପରାଭବ ମାନି ନେଇଛି । ସାହିତ୍ୟ,ନୃତ୍ୟ,ସଂଗୀତ,ଚିତ୍ରକଳା ଆଦି ଜୀବନର ସବୁ ମାୟାକୁ ପରାଭୂତ କରି ଅଦୃଷ୍ଟ-ନିୟମ ନିଜର ଅମୋଘ ଲକ୍ଷ୍ୟ ହାସଲ କରି ନେଇଛି । ଜୀବନର କେତେ ନୈରାଶ୍ୟ ଓ ବିଷାଦ ମଧ୍ୟରେ ଚତୁରଙ୍ଗର ଉନ୍ନତି କଳ୍ପନା ବ୍ରଜେନ୍ଦ୍ରଙ୍କୁ ଅଭିଭୂତ କରି ଦେଇଥିଲା । ମାତ୍ର ତାହା ପଲ୍ଲବ-ମୁହୂର୍ତ୍ତରେ ମହାଯାତ୍ରା-କାମନାରୁ ତାଙ୍କୁ ଫେରାଇ ଆଉ ଆଣି ପାରି ନାହିଁ । ଚତୁରଙ୍ଗର ଏ ଦୁଃଖ ଚିର ଦିନ ଅଶ୍ରୁ-ମଣ୍ଡିତ ହୋଇ ରହିବ ।

ଚତୁରଙ୍ଗ:—

ବର୍ତ୍ତମାନ ଦେଖିବାକୁ ଗଲେ ଚତୁରଙ୍ଗର ଭାଗ୍ୟରେ ମଧ ସଙ୍କଟ ଆସିଛି । ଆର୍ଥିକ କଷ୍ଟ ଓ ପରିସ୍ଥିତିର ଅବସନ୍ନତା ଭେଦି ଚତୁରଙ୍ଗ ପୁଣି ମୁଣ୍ଡ ଟେକିବ ବୋଲି ବ୍ରଜେନ୍ଦ୍ର ଦୃଢ଼ ଆଶା ପୋଷଣ କରି ଥିଲେ । କିନ୍ତୁ ସେତ ଆଉ ନାହାନ୍ତି ଉତ୍କଳର ପ୍ରତ୍ୟେକ ସାହିତ୍ୟ-ଗଗନରେ ଚତୁରଙ୍ଗ ନେଇ କରୁଣ ଆଲୋଚନା ଯେ କେତେ-ପରିମାଣରେ ଆଜି ପଡ଼ିଛି ତାହାର ଠିକ୍ ନିର୍ଣ୍ଣୟ ବା କରିହେବ କିପରି ? ଚତୁରଙ୍ଗ ୨ୟବର୍ଷ-ଏକାଦଶ ଦ୍ୱାଦଶ ସଂଖ୍ୟାରେ ବ୍ରଜେନ୍ଦ୍ର ସାହିତ୍ୟ ପ୍ରେମୀମାନଙ୍କର ସହାନୁଭୂତି ଓ ସାହାଯ୍ୟ କଥା କହିଛନ୍ତି:—

'ଆମେ ଉତ୍କଳର ସାହିତ୍ୟ ପ୍ରେମୀମାନଙ୍କ ଠାରୁ ଯେଉଁ ସହାନୁଭୂତି ଓ ସାହାଯ୍ୟ ପାଇଛୁ, ତାହା ସହଜରେ ଭୁଲିବୁ ନାହିଁ । ଏତେ ସହାନୁଭୂତି ଓ ଶ୍ରଦ୍ଧା ଯେ ଆମେ ମାନେ ପାଇବୁ, ଏକଥା କଳ୍ପନାରେ ମଧ ଭାବି ନଥିଲୁ । ପ୍ରକାଶ ପରେ ପରେ ଉତ୍କଳର ଲବ୍ଧ ପ୍ରତିଷ୍ଠ ସାହିତ୍ୟ ସେବୀମାନେ ଯେଉଁ ଭାଷାରେ ଆମକୁ ସମ୍ବର୍ଦ୍ଧନା ଜଣାଇଲେ ତାହା ଚତୁରଙ୍ଗ ପ୍ରକାଶରେ ଆମକୁ ଯଥେଷ୍ଟ ଅନୁପ୍ରେରଣା ଯୋଗାଇଛି ।"

ବ୍ରଜେନ୍ଦ୍ରଙ୍କର ଏହିପରି ଭାବ-ଉପନୀତ ବାଣୀ ପୂର୍ଣ୍ଣ ଜୀବନ୍ତ ହିଁ ଚତୁରଙ୍ଗ ପ୍ରତି ଉତ୍କଳର ସମସ୍ତ ସାହିତ୍ୟ ସେବୀଙ୍କର ମମତା ଦୃଷ୍ଟି କରାଇଛି, ଏହା ଆମେ ଦେଖି ପାରୁଥିଲେ । ଆମର ଅବଶ୍ୟ ବିଶ୍ୱାସ ପ୍ରେମୀମାନଙ୍କର ହୃଦୟରେ ଏହି ଅକୃତ୍ରିମ ଆକାଂକ୍ଷା ଭବିଷ୍ୟତରେ ମଧ ବ୍ୟର୍ଥ ହେବ ନାହିଁ ।

ହୁଏତ ଏକଥା ମଧ ସତ୍ୟ ଯେ, ଆମ ଉତ୍କଳର ସାହିତ୍ୟ ପ୍ରେମୀମାନଙ୍କ ଜୀବନ-ଧାରା ପାରସ୍ପରିକ ମମତା

Digitized by srujanika@gmail.com

ପ୍ରଣାଳୀରେ ସମ୍ପୃକ୍ତ ନୁହେଁ । ଗୋଟିଏ ସାହିତ୍ୟ ସେବୀର ଉଦ୍ଦେଶ୍ୟ, ବ୍ୟଥା ଓ ଆନନ୍ଦ ନେଇ ଅନ୍ୟମାନଙ୍କ ହୃଦୟରେ କଲ୍ଲୋଳ ସୃଷ୍ଟି ହୁଏ ବୋଲି ଏ ଦେଶରେ କହିବାର ସାହସ ହୁଏ ନାହିଁ । ଏ ଦେଶର ଏହି ଉଭୟଙ୍କର ଅଭାବ -ମରୁ ଉପରେ ନୈରାଶ୍ୟ ଝଂଜା ପ୍ରବଳ ବହୁଛି । ଏହା ଜାଣିଲେ ମଧ୍ୟ ଆମର ଲବ୍ଧପ୍ରତିଷ୍ଠ ସାହିତ୍ୟ କର୍ଣ୍ଣଧାରମାନେ ଏପରି ତ ,ବ୍ୟକ୍ତିଗତ ଜୀବନର ମରୀଚିକା ଅପେକ୍ଷା ଏହାର ସମାଧାନକୁ ଯେ ଅଧିକ ମୂଲ୍ୟ ଦିଅନ୍ତି ନାହିଁ, ଏ ଅଙ୍ଗୀକାର ଆଗରେ ଏ ଦେଶ ଜବାବ ଦେଇ ପାରେ ନାହିଁ । ଅନିତ୍ୟ ଜୀବନ ଯେଉଁ ବ୍ୟବହାର ସ୍ପର୍ଶରେ ସରସ ଓ ନିତ୍ୟ ହୋଇ ଉଠେ, ସେ ବ୍ୟବହାର ଏ ଦେଶର ସାହିତ୍ୟିକଙ୍କ ଅହମିକା ଦ୍ୱାରା ଆଚ୍ଛନ୍ନ ଯେ ନୁହେଁ, ତାର ପ୍ରମାଣ ମଧ୍ୟ ଦେଇ ହେବା କଷ୍ଟକର ।

ତଥାପି ଏ ଦେଶର ସାହସ ତୁଟି ନାହିଁ । ସାହିତ୍ୟ ହିଁ ସାହିତ୍ୟର ମୂଳଦୁଆ । କୁହୁଡ଼ି କେତେ ସମୟ ସୂର୍ଯ୍ୟକୁ ଢାଙ୍କିପାରେ ? ସମସ୍ତ ମିଥ୍ୟାବରଣ ଭେଦି ସତ୍ୟ ଅଗ୍ନି ପ୍ରକାଶ କରିବ । ସାହିତ୍ୟିକ-ସମାଜକୁ ସରସ ଓ ସ୍ୱର୍ଗୀୟ କରି ଗଢ଼ିବାକୁ ହିଁ ହେବ । ସେଥିପାଇଁ ସାମାନ୍ୟ କଠିନ ବୋଧ ହେଲେ ମଧ୍ୟ, କେତେ ଅଳ୍ପ କେତେ କଥା, ହୁଏତ ଆମ ସାହିତ୍ୟିକ-ସମାଜକୁ ସମ୍ମୁଖରେ ଶୁଣିବାକୁ ପଡ଼ିପାରେ । ଅପେକ୍ଷାକୃତ ଟିକିଏ କଠିନ ତପସ୍ୟା ମଧ୍ୟ କରିବାକୁ ପଡ଼ିପାରେ କିନ୍ତୁ ତାହା ହିଁ ଆମ ସାହିତ୍ୟିକ-ସମାଜକୁ ପରସ୍ପର ସହଯୋଗ ସୂତ୍ରରେ ବାନ୍ଧି ହେବା ପାଇଁ ଯେ ଅନୁପ୍ରାଣନା ଦେବ, ଏ ବିଶ୍ୱାସ ରହିଛି । ଏଣୁ ଚତୁରଙ୍ଗ ଆଗରେ ମଧ୍ୟ ନୈରାଶ୍ୟ ନାହିଁ ।

ବ୍ରଜେନ୍ଦ୍ରଙ୍କର ବ୍ୟକ୍ତିତ୍ୱ ଓ ପ୍ରତିଭା ଚତୁରଙ୍ଗର ପାଠକ ପାଠିକାଙ୍କ ପ୍ରାଣରେ କେତେକ ପ୍ରଭାବ ପକାଇଛି । ଆମର ଆଶା ସେହି ପ୍ରଭାବ ସେମାନଙ୍କ ହୃଦୟରେ ମମତା ଓ ସ୍ନେହ ସହଯୋଗ ସଂଗଠିତ କରିଛି । ବର୍ତ୍ତମାନ ସମୟ ଆସିଛି ଯେ, ବ୍ରଜେନ୍ଦ୍ର ଯେତେ ମମତା ଓ ସହଯୋଗ ପାଇଥିଲେ ସେ ସମସ୍ତ ଚତୁରଙ୍ଗ ଅଙ୍କକୁ ହିଁ କେନ୍ଦ୍ରୀଭୂତ ହେବା ପ୍ରୟୋଜନ । ତା ହୋଇ ପାରିଲେ ମଧ୍ୟ ଚତୁରଙ୍ଗ ତାର ପ୍ରାଣପ୍ରତିଷ୍ଠାତାର ଉଜ୍ଜ୍ୱଳ ସ୍ମୃତି ନିଜ ଦେହରେ ରକ୍ଷା କରିବା ପାଇଁ ଅନେକ ପରିମାଣରେ ସମର୍ଥ ହେବ ।

**ଅଳ୍ପ ନିବେଦନ :—**

ଉତ୍କଳ ମାଟି ଓ ଆକାଶର ଜାତୀୟତାବୋଧ ମଧ୍ୟରେ ଚତୁରଙ୍ଗ ପାଇଁ ଭାବିବାକୁ ମୁଁ ଆରମ୍ଭ କରିଛି । ମୋର ଜୀବନ ପଥ ଉପରେ ଯେଉଁ କାମନା ଓ କଳ୍ପନା ଚତୁରଙ୍ଗର ପରଂପରା ଦେଇ ଭବିଷ୍ୟତକୁ କିପରି ରୂପ ଦେବ, ସେ ସମସ୍ତ ଆଗ୍ରହ ନେଇ ଦେଖୁଛି । ବର୍ତ୍ତମାନ ଉତ୍କଳର ସାହିତ୍ୟିକ--ପ୍ରାଣଧାରାର ବିଚ୍ଛିନ୍ନ ବେଗ ଆଘାତରେ ଚମକି ଯେ ନ ପଡ଼ୁଛି, ତାହା ମଧ୍ୟ ନୁହେଁ । କିନ୍ତୁ ବ୍ରଜେନ୍ଦ୍ର ଯେଉଁ ନବମେଷ ଚିନ୍ତା କ୍ଷେତ୍ର ଉପରେ ଚତୁରଙ୍ଗ-ସୌଧର ଭିତ୍ତି ଗଢ଼ିଛନ୍ତି, ତାହା ମୋତେ ବିଶ୍ୱାସ ଆଣି ଦେଉଛି:—

"ଓଡ଼ିଆର ମାଟିରେ ଯେ ଅମୃତ , ପବନରେ ଯେ ମାଦକତା ରହିଛି, ଶ୍ରୀକ୍ଷେତ୍ରର ସୀମନ୍ତରେ ଯେଉଁ ନୀଳଲହରୀ ଧ୍ୟାନ ମଗ୍ନ, ମଣିଭଦ୍ରା ଆଦି କେତେ ପର୍ବତ ମାଳାର କମନୀୟ--ଗାମ୍ଭୀର୍ଯ୍ୟ, କେତେ ପଲ୍ଲୀ ଅଂଚଳରୁ ସୀମାହୀନ-ସୌନ୍ଦର୍ଯ୍ୟ ବ୍ୟକ୍ତ କରି ମାଟିର ମୋହ ଅଧିକ ଗାଢ଼ କରି ଦେବାକୁ ଚତୁରଙ୍ଗ ସବୁଦିନେ ଚେଷ୍ଟା କରିବ ।"

( ଚତୁରଙ୍ଗ ୧ ମ ବର୍ଷ ୧ ମ ସଂଖ୍ୟା ମୁଖପାତ୍ର )

ଚତୁରଙ୍ଗ ମୁଖପାତ୍ରରେ ଥିବା ଏପରି ଟିକିଏ ଗୁଡ଼ିଏ ପ୍ରକାଶ ମୋତେ ସବୁବେଳେ ପ୍ରେରଣା ଯୋଗାଉ ଥିବ ବୋଲି ମୁଁ ବଳ କରି ପାରୁଛି । ଆଜି ମଧ୍ୟ ଗାନ୍ଧୀଜୀଙ୍କ ଯୁଗରେ ବାହ୍ୟ ଓ ଅନ୍ତର୍ଜଗତ ନିରବଚ୍ଛିନ୍ନ ଗୋଟିଏ ସହଯୋଗ ସୂତ୍ରରେ ଗ୍ରଥିତ । ଚିନ୍ତା କ୍ଷେତ୍ରରେ ପବିତ୍ର ଜାଗରଣ ଓ କର୍ତ୍ତବ୍ୟରେ ସଂରସତା ଗଢ଼ି ଉଠିଛି । ଏ ଯୁଗରେ ଉପଲବ୍ଧି ପରାଙ୍ମୁଖତା ଓ ବିଫଳତା ମାନେ ନାହିଁ ।

Digitized by srujanika@gmail.com

ଅର୍ପଣ : —

ବସ୍ତୁ ଜଗତରେ ମନଃପ୍ରବାହର କାର୍ଯ୍ୟ କଳାପ ଯେପରି ବାସ୍ତବ, ସେପରି ରହସ୍ୟମୟ । ମନଃପ୍ରବାହ ନେଇ କେବଳ ଯେ ଭୌତିକ ଅଦଳ ବଦଳ ଚାଲିଛି ତା ନୁହେଁ, ବିଭିନ୍ନ- ମତ ବାଦର ଆରମ୍ଭ ଓ ପରିଣାମ ମଧ୍ୟରେ ଯୋଗ- ସୂତ୍ର ଧରି ରଖିଛି ଏହି ମନଃପ୍ରବାହ । ଏହାର ମୌଳିକତା ଓ କାର୍ଯ୍ୟ ପ୍ରକ୍ରମର ନିଃସନ୍ଦେହ ନିର୍ଣ୍ଣୟକ୍ତି ସାମାଜିକତା ସ୍ୱାନତଃ ଏପର୍ଯ୍ୟନ୍ତ ପୂର୍ଣ୍ଣ ଆସ୍ଥା ହୋଇ ପାରିନାହିଁ । ଏହାକୁ ସଂଯତ ହୋଇ ଚଳାଇବାର ଅଧିକାର ମାନବ ବୁଦ୍ଧିର ବହିର୍ଭୁକ୍ତ ହୋଇ ପଡ଼ିଛି । କର୍ତ୍ତବ୍ୟ ପ୍ରବୃତ୍ତି ଏହାଠାରୁ ସ୍ୱତନ୍ତ୍ର ବା ଅଧିକ ଶକ୍ତିର ଅଧିକାରୀ ଥିବାର ପ୍ରମାଣ ଆଜି ଦେଇହୁଏ ନାହିଁ । ଏପରି ଅବସ୍ଥାରେ କାର୍ଯ୍ୟ ଶୁଦ୍ଧି ଥିବା ବ୍ୟକ୍ତି ଶେଷରେ ଏହି ମନଃପ୍ରବାହର ଅଜ୍ଞେୟ ଅଧିନାୟକଙ୍କ ଉପରେ ହିଁ ସବୁ ନିର୍ଭର କରି ଦେବାକୁ ହେବ । ପତ୍ରିକା ପରିଚାଳନା ପାଇଁ ମଧ୍ୟ ଏହି ନିୟମ । କାରଣ ପରିଚାଳନାର ନିମିତ୍ତ କୌଣସି ଲୋକ ହୋଇପାରେ । ପତ୍ରିକାଟି ପରିଚାଳିତ ହେବାର ଅସଲ ଦାୟିତ୍ୱ ଓ କର୍ତ୍ତବ୍ୟର ଗୁରୁତା କିନ୍ତୁ ରହିଥାଏ କର୍ତ୍ତବ୍ୟନିଷ୍ଠ ସାହିତ୍ୟିକ, କଳାପ୍ରେମୀ ଲେଖକ ଲେଖିକା ଓ ସହୃଦୟ ଗ୍ରାହକ ଗ୍ରାହିକାଙ୍କ ପ୍ରବୃତ୍ତି ଉପରେ । ମନଃପ୍ରବାହର ବେଗରେ ଆନ୍ଦୋଳିତ ନ ହେଉଛି, ଏପରି ପ୍ରବୃତ୍ତି ଆଜି କେଉଁଠି ବା କେତେ ?

ଚତୁରଙ୍ଗର ଅତୀତକୁ ଦୃଷ୍ଟିପାତ କଲେ ମାନେ ଆଶ୍ୱାସନା ଆସେ, ସେ ଅତି ବିପଦ ସଂକୁଳ ଅବସ୍ଥାରେ ସମ୍ମୁଖୀନ, ତଥାପି ନୈରାଶ୍ୟ ବାନ୍ଧିପାରେ ନାହିଁ । ଉତ୍କଳର ବରିଷ୍ଠ ସାହିତ୍ୟ ପ୍ରେମୀଙ୍କ ଅବଦାନକୁ ହିଁ ଚତୁରଙ୍ଗ ଅତି ପ୍ରକୃଷ୍ଟର ଭିତ୍ତି କରିଛି । ଚତୁରଙ୍ଗର ସମଗ୍ର- ସ୍ୱତ୍ୱାଧିକାର ଓ ଅର୍ପଣ ସେମାନଙ୍କଠାରେ ରହିଛି ।

ସାହିତ୍ୟ ସେବା : —

ଅତି ସଂକ୍ଷେପରେ ପ୍ରକାଶ କରିବାକୁ ହେଲେ, ସାହିତ୍ୟ ହେଉଛି ଜଗତର ନମୁନା । କେବଳ ଭୌତିକ ଜଗତର ନୁହେଁ । ସମସ୍ତ ମିଶିଲେ ଯାହା ବୁଝାଏ ତାହାର ନମୁନା ସାହିତ୍ୟ । ଏହାକୁ ସମଗ୍ର- ବିଶ୍ୱର ମାନଚିତ୍ର ବୋଲି ଅବଧାରଣା କରାଯାଇ ପାରେ । ବିଭିନ୍ନ- ଅଂଶକୁ ମାପି ଖଣ୍ଡ ଖଣ୍ଡ କରି ମାନଚିତ୍ର କରାଯାଏ ଏବଂ ସେ ସବୁର ସଂଲଗ୍ନ କରଣରେ ଅଖଣ୍ଡତ୍ୱର ନମୁନା ଅଙ୍କାଯାଏ । ମୋଟ ଉପରେ ସୀମିତ- ମାନବ ପକ୍ଷରେ ବିଶ୍ୱକୁ ଅବଧାରଣ କରି ପାରିବା ପାଇଁ ସାହିତ୍ୟର ସୃଷ୍ଟି । ଏପରି ସୁଫଳ ସାହିତ୍ୟ ସେବୀର ଦାୟିତ୍ୱ ଓ କର୍ତ୍ତବ୍ୟ ସହଜରେ ନିର୍ଣ୍ଣୀତ ହୁଏ । ସାହିତ୍ୟ ସେବୀର ଏକ ପାଖରେ ଅମୃତ; ବିଶ୍ୱର ସ୍ୱାପଣ ଆବର୍ତ୍ତନ ଅନ୍ୟ ପାଖରେ । ଏକ ଦିଗରେ ସ୍ୱର୍ଗର ଉନ୍ମାଦନା, ଅନ୍ୟ ଦିଗରେ ନରକର ପୂତିଗନ୍ଧ । ସୁଖ ଦୁଃଖ ତା'ର ଦୁଇଟି ସହଚର । ତା ସତ୍ତ୍ୱେ ସେ ଶାନ୍ତ ଓ ମୁକ୍ତ । କାହାକୁ ସେ ଉଚ୍ଚ- ଆସନ ଦେଇ ପାରେ ନାହିଁ । ସ୍ଖଳନ ତାର ନାହିଁ । ସେ ବଜ୍ର ଠାରୁ କଠିନ, ପୁଷ୍ପଠାରୁ କୋମଳ । ସଂସାର ଓ ଅମୃତର ପ୍ରତିନିଧି ସେ । କୌଣସି ଅଂଶର ଚିତ୍ର ଅଙ୍କିବା ବେଳେ ତହିଁରେ ସେ ଲିପ୍ତ ହୋଇ ପାରେନାହିଁ । ସୀମା ତାକୁ ଆବଦ୍ଧ କରି ପାରେ ନାହିଁ । ଯଦି କରେ, ଅଙ୍କନର ଉଦ୍ଦେଶ୍ୟ ପଣ୍ଡ ହୁଏ, କାରଣ ଅଙ୍କନରେ ସମଗ୍ରର- ଦୃଷ୍ଟି ରହି ଯିବ ନାହିଁ ସ୍ୱାଭାବିକ । ନିରପେକ୍ଷତା ହିଁ ସାହିତ୍ୟସେବୀର ବୈଜୟନ୍ତୀ । ସତ୍ୟ ହେଉଛି ତାର ଅପ୍ରତିହତ ରଥ । ସାମ୍ୟ ଓ ଅହିଂସା ସେ ରଥର ଦୁଇଟି ଚକ୍ର । ପବିତ୍ର ମନ ଓ ପବିତ୍ର ବୁଦ୍ଧି ତାକୁ ଟାଣନ୍ତି । ସ୍ୱାଧୀନ୍ୟ- ପ୍ରାପ୍ତି ତାର ମହାଲକ୍ଷ୍ୟ । ଏ ସଂଜ୍ଞାର ଯଦି ସାହିତ୍ୟ ସେବୀର ନାହିଁ, ସେ ସାଧନହୀନ - ଗତିହୀନ । ତାହାର ପ୍ରାଣ ଶୂନ୍ୟ । ତାହାର ସାଧନା ମଧ୍ୟ ଅର୍ଥହୀନ ।

ଶାସନ ଓ ସାହିତ୍ୟ : —

ଅଗ୍ନି ଓ ବାୟୁର ଯେ ସମ୍ପର୍କ, ଶାସନ ଓ ସାହିତ୍ୟର ସେ ସମ୍ପର୍କ । କେହି କାହାକୁ ଛାଡ଼ି ଚାଲି ନ ପାରନ୍ତି । ଶାସନକୁ ପ୍ରେରଣା ଦିଏ, ସାହିତ୍ୟ । ଶାସନ ଠିକ୍ ଚାଲିଲେ ସାହିତ୍ୟ ତା ମନକୁ ପ୍ରକାଶ ପାଏ । ତା ସତ୍ତ୍ୱେ ଶାସନଠାରୁ ଗୁରୁ ଦାୟିତ୍ୱ ଅଛି ସାହିତ୍ୟର ।

Digitized by srujanika@gmail.com

ଶାସନର ଶାସକ ହେଉଛି ସାହିତ୍ୟ । ହିଂସାର ଶକ୍ତି ସୀମିତ ଓ ପରିଷ୍କୃତ, ଅହିଂସାର ଶକ୍ତି ଅସୀମ ଓ ଅଖଣ୍ଡ । ଶାସନର ଶକ୍ତି ସୀମିତ ଓ ସ୍ପଷ୍ଟ, ସାହିତ୍ୟର ଶକ୍ତି ଅସୀମ ଓ ଅଖଣ୍ଡ । ଅସୀମ ହେଲେ ଅବ୍ୟକ୍ତ ରହିବା ସ୍ୱାଭାବିକ, କାରଣ ସୀମା ତାକୁ ଗ୍ରହଣ କରି ପାରେନାହିଁ । ଏଣୁ ଅଖଣ୍ଡ ହେଲେ ଯେ ଅବାସ୍ତବ, ତା କହିବା ମିଥ୍ୟା । ହିଂସାକୁ ଅହିଂସା ଯେପରି ସଂଯତ ରଖେ । ସାହିତ୍ୟ ଶାସନକୁ ସେପରି ସଂଯତ ରଖେ । ମାନଚିତ୍ର ନ ଥିଲେ ପରିବ୍ରାଜକଙ୍କର ଗନ୍ତବ୍ୟପଥ, ସାହିତ୍ୟ ଅର୍ଣ୍ଣବରେ ଶାସନର ଗତି ମଧ୍ୟ ସେପରି । ଆମର ଶାସନ ବି ଦର୍କାର, ସାହିତ୍ୟ ବି ଦର୍କାର । ଅପରିଣାମଦର୍ଶୀ ଶାସକମନ୍ୟ ବ୍ୟକ୍ତି ଏହା ନ ବୁଝି ଯଦି ସାହିତ୍ୟ ଉପରେ କୌଣସି ପ୍ରକାର କୁଟିଳତା ପ୍ରୟୋଗ କରେ, ତଦ୍ୱାରା ସମାଜ ଓ ଶାସନର ମୂଳ ଦୁଆରେ ଆଘାତ ପଡ଼େ । ଏପରି ଶାସକଙ୍କୁ ଶୀଘ୍ର ବର୍ଜନ କରିବାର ଆବଶ୍ୟକତା ଆସିଥାଏ । କାରଣ ଶାସନ ବିଶୃଙ୍ଖଳ ହେଲେ ତା'ର ଦାୟିତ୍ୱ ସାହିତ୍ୟ ଉପରେ ହିଁ ପଡ଼େ !!

ପତ୍ରିକା ଓ ସାହିତ୍ୟ ସେବା :—

ଲେଖାର ନିର୍ଦ୍ଦେଶ ସମାଜ-ହିତକର ହେବା ଉଚିତ । କିନ୍ତୁ ଲେଖାର ନିର୍ଦ୍ଦେଶ ଓ ଲେଖକର ଚଳନ ମଧ୍ୟରେ ଯଦି ସାମଞ୍ଜସ୍ୟ ନ ରହେ, ଲେଖା ଉଦ୍ଦେଶ୍ୟ ହୀନ ହୋଇପଡ଼େ ପ୍ରତି ପତ୍ରିକାର ନିର୍ଦ୍ଦେଶରେ ବୈଶିଷ୍ଟ୍ୟ ରହିଲେ ପତ୍ରିକାଗୁଡ଼ିକର ମାନ ବଢ଼େ । କିନ୍ତୁ ପତ୍ରିକାର ନିର୍ଦ୍ଦେଶ ଓ ତହିଁର ସାହିତ୍ୟିକଙ୍କର ଚଳନ ପଦ୍ଧତି ଯଦି ଅସମଂଜସ, ସେ ପତ୍ରିକା ମିଥ୍ୟାଚାରର ନମୁନା । ସାହିତ୍ୟ ସେବାର ଭ୍ରାନ୍ତି ନେଇ ପତ୍ରିକା ମୂଲ୍ୟହୀନ ହୋଇ ପଡ଼େ । ଆମମାନଙ୍କର ଜୀବନ୍ତ-ଅନୁଭୂତି ବି ଆଜି ମ ଅସ୍ୱୀକାର କରି ପାରିବା ନାହିଁ । ଗାନ୍ଧିଜୀଙ୍କର ଗୋଟିଏ ଧାଡ଼ି ଅତି ଅଳ୍ପ- ଶିକ୍ଷିତ ପ୍ରାଣରେ ମଧ୍ୟ ସ୍ପନ୍ଦନ ଆଣି ଦେଉଥିଲା । ସମ୍ବାଦ ପତ୍ରରେ ଗାନ୍ଧିଜୀ କେଉଁଠି କଣ କହିଛନ୍ତି, ସେ ଧାଡ଼ିକ ଖୋଜିବାକୁ ପଡ଼ୁଥିଲା । କେହି ଯଦି କହିବେ ରାଜନୀତି ପୋଇଁ ସେପରି ହେଉଥିଲା, ତେବେ ସେ ଭ୍ରାନ୍ତ !

ଜୀବନର ... ଲକ୍ଷ୍ୟକୁ ଲେଖା ଠିକ୍ ମର୍ଯ୍ୟାଦା ଯେଉଁଠି ଦିଏ, ଅଥଚ ଲେଖା ଓ ଲେଖକର ଶୈଳୀ ଚଳଣରେ ପାର୍ଥକ୍ୟ ନାହିଁ, ସେଠାରେ ଲୋକପ୍ରାଣ କେନ୍ଦ୍ରୀଭୂତ ହୋଇଯାଏ । ଆମର ଅତି ପୁରାତନ ସାହିତ୍ୟ ଗୁଡ଼ିକ ମଧ୍ୟ ଆଜି ସୁଦ୍ଧା ଲୋକ ପ୍ରାଣରେ ପ୍ରଭାବ ପକାଉଛନ୍ତି । ପୁରୁସାଧକର ନିଷ୍ଠାପରତା ହିଁ ତାର କାରଣ ଏଥିରେ ସନ୍ଦେହ ନାହିଁ ।

ଯେ କୌଣସି କ୍ଷେତ୍ରରେ କ୍ଷେତ୍ରଜ୍ଞର ପବିତ୍ରତା ଉପରେ କୃତକାର୍ଯ୍ୟତା ନିର୍ଭର କରେ । ଅଶୌଚ, ଅନୃତ, ସ୍ତେୟ, ନାସ୍ତିକ୍ୟ, ଶୁଷ୍କ ବିଗ୍ରହ ଏହି ପାଂଚଟି ଅସ୍ପୃଶ୍ୟ ଲକ୍ଷଣ ମନ ଓ ଶରୀରରୁ ବର୍ଜିତ ହୋଇ ନ ଥିଲେ, ପ୍ରମାତାର ହୃଦୟରୁ ଏଗୁଡ଼ିକ ଅଲକ୍ଷ୍ୟରେ ବ୍ୟାଘାତ ଘଟାଉ ଥାନ୍ତି । ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାହାହିଁ ହୁଏ ।

ଉତ୍କଳ ସାହିତ୍ୟ ସମାଜ :—

ଆମେ ଆନନ୍ଦିତ । ଉତ୍କଳ ସାହିତ୍ୟ ସମାଜ ନୂତନ ଭାବରେ ପ୍ରସ୍ତୁତ ହେଉଛି । ଯେଉଁ ସମାଜ ହେଉ ନା କାହିଁକି, ତାର ମୂଳଦୁଆ ରହିଛି ଆଦର୍ଶ ଉପରେ । ଆଦର୍ଶ ଓ ବାସ୍ତବ ମଧ୍ୟରେ କୌଣସି ବ୍ୟବଧାନ ନାହିଁ । ଏହାକୁ ପ୍ରମାଣସିଦ୍ଧ କରିବା ଯେ କୌଣସି ସମାଜର ମହତ ଲକ୍ଷ୍ୟ । ସାହିତ୍ୟ ସମାଜ ପୁଣି ସବୁ ସମାଜର ନାୟକ । ଏପରି ଅବସ୍ଥାରେ ତାର ଗୁରୁତ୍ୱ ଓ ଦାୟିତ୍ୱ ଅତି ସ୍ପଷ୍ଟ । କୃତ୍ରିମତା ଆପାତତଃ ଜଣା ନ ଗଲେ ମଧ୍ୟ ଅସ୍ଥିରୁ ଫେଲ କେବଳ ମାତ୍ର ଆସିଛି । ସତ୍ୟର ବୈଜୟନ୍ତୀ ସବୁବେଳେ ଉଡ଼ୁଛି ।

ଅନେକ ବନ୍ଧନରେ ଭାରତବର୍ଷ ଆଜି ପୁଣି ଗଣ ଶାସନର ପ୍ରାରମ୍ଭ । ଏତେବେଳେ ସାହିତ୍ୟ-ସମାଜ ଯଦି ପବିତ୍ରତା ଓ ସତ୍ୟର ନିର୍ଦ୍ଦେଶ ଦେଇପାରେ ଓ ବିଶ୍ୱାସ ଆଣାଇ ଦେଇପାରେ ତେବେ ଯାଇ ତାହା ସାର୍ଥକ ହେବ । କଥା ଓ କାର୍ଯ୍ୟରେ ଫରକ ନ ରହିବା ଉଚିତ । ସାହିତ୍ୟ ସେବୀମାନଙ୍କୁ ଆମେ ଅନୁରୋଧ

Digitized by srujanika@gmail.com

ଜଣାଉଛନ୍ତି 'ସେମାନେ ଦୈନନ୍ଦିନ ଜୀବନରେ 'ମଧ୍ୟ ସାହିତ୍ୟର ଅଧିନାୟକ ଓ ପ୍ରତୀକ ହୁଅନ୍ତୁ । ରାଜନୈତିକ ଦୁରଭିସନ୍ଧି ତ ଆଉ ସାହିତ୍ୟିକଙ୍କର ନାହିଁ ! ସେମାନେ ଅକୃତ୍ରିମ - ଦେଶସେବା ଲକ୍ଷ୍ୟରେ ସାହିତ୍ୟ ଲେଖିଲେ ପୃଥିବୀ ପବିତ୍ର ହେବ । କଳା ଓ ସାହିତ୍ୟପ୍ରେମୀ ନାରଦଙ୍କର ଗୋଟିଏ ନିର୍ଦ୍ଦେଶ ଏଠାରେ ସ୍ମରଣ କରାଇ ଦିଆଯାଇଛି । " କଣ୍ଠା- ବରୋଧ- ରୋମାଂଚ- ଶୁଭିଃ ପରସ୍ପରଂ ଲପମାନାଃ ପାବୟନ୍ତି କୁଳାନି, ପୃଥିବୀଂ ଚ " ।

ପବିତ୍ର ସାହିତ୍ୟିକ ସଂଗଠନ କରିବା ଦିଗରେ ସାହିତ୍ୟ ସମାଜର ଯେ ମୁଖ୍ୟ କର୍ତ୍ତବ୍ୟ, ତାହା ଉତ୍କଳର ସାହିତ୍ୟ-ସମାଜ ନିମିତ୍ତେ ନିମିଷେ ଭୁଲିବ ବୋଲି ଆମର ଅନୁରୋଧ । ଏହାଛଡ଼ା, ଉତ୍କଳ ସାହିତ୍ୟ ସମାଜର ଆହୁରି ଗୁରୁ କର୍ତ୍ତବ୍ୟ ରହିଛି । ଏ ସମାଜ ଜୀଇଁଥିବା ପର୍ଯ୍ୟନ୍ତ ଅନ୍ତତଃ ଉତ୍କଳରେ ପ୍ରକାଶ ପାଉଥିବା କୌଣସି ପତ୍ରିକା ଯଦି ଫେଲ ନମାରେ, ତେବେ ତାହାର ବିଜୟ ସୁନିଶ୍ଚିତ । ଆଶା ଏ ଦାୟିତ୍ୱ 'ଉତ୍କଳ ସାହିତ୍ୟ ସମାଜ' ବହନ କରିବ ।

## ମୁଖ୍ୟମନ୍ତ୍ରୀ ଓ ହୀରାକୁଦ ଯୋଜନା:—

ଗତ ତା୩୦-୫ ୫୦ ଇ: ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ନବକୃଷ୍ଣ ଚୌଧୁରୀ କୋଶଳ କଳାମଣ୍ଡଳ ରଙ୍ଗମଂଚରେ ଗୋଟିଏ ଭାଷଣ ଦେଇଥିଲେ । ମାନ୍ୟବର ମହତାବଙ୍କର ଉତ୍ତାରୁ ମୁଖ୍ୟମନ୍ତ୍ରୀ ପଦବୀକୁ ସେ ଉଠିଥିବାରୁ ବଲାଙ୍ଗିର ଜନତା ତାଙ୍କର ଭାଷଣ ଶୁଣିବାକୁ ବ୍ୟଗ୍ର ଥିଲେ, ଏଥିରେ ସନ୍ଦେହ ନାହିଁ । ବଲାଙ୍ଗିରର କଳା ଓ ସାହିତ୍ୟର ଅଭିବୃଦ୍ଧିକୁ ମାନ୍ୟବର ଚୌଧୁରୀ ପ୍ରଶଂସା କରିଥିଲେ । ଉପସଂହାରରେ ସେ କହିଲେ, 'କଂଗ୍ରେସକୁ ଭୋଟ ଦେବାକୁ ହେଲେ ହୀରାକୁଦ୍ ଯୋଜନା ଦୃଷ୍ଟିରୁ ତାହା ବିଚାର କରାଯିବା ଉଚିତ ।' ମାନ୍ୟବର ଚୌଧୁରୀ ଏହା ମଧ୍ୟ କହିବାକୁ ଭୁଲି ନାହାନ୍ତି ଯେ " ମହାତ୍ମାଙ୍କ ସ୍ୱରାଜ ଗାଁ ଗହଳରେ ବିଦ୍ୟୁତ ପ୍ରଚଳନ ହେଲେ ସମ୍ଭବ ପାରେ " । ଆମେ ଏଥିରେ କିପରି ଆଶ୍ୱସ୍ତ ହେବୁ ? ଆମର ବିଶ୍ୱାସ, ଅତ୍ୟାଚାରରେ ପେଟ କୋଟି କୋଟି ମାଳିନ୍ୟର ସ୍ତୂପ ଜମି ଯାଉଛି, ବିଦ୍ୟୁତ ପ୍ରବାହ ତାକୁ ସାଫ କରିବାକୁ ସମର୍ଥ ନୁହେଁ । କେବଳ ବିଦ୍ୟୁତ୍ କାହିଁକି କୌଣସି ଭୌତିକ ଶକ୍ତି ମଧ୍ୟ ତାକୁ ଦୂର କରି ପାରେ ନାହିଁ । ଅର୍ଥ ଲାଭ ଦେଇ କେବଳ ତାହା ସମ୍ଭବ ହେବ ବୋଲିବା ବୃଥା । ଯନ୍ତ୍ରର ଶକ୍ତି ନାହିଁ ସେ ପର୍ଯ୍ୟନ୍ତ କ୍ରିୟାଶୀଳ ହେବ । ଅଧିକନ୍ତୁ ଏସବୁ ପ୍ରକ୍ରିୟା ସେ ମାଳିନ୍ୟ ସ୍ତୂପର ଅଙ୍ଗ ବୃଦ୍ଧି ସମ୍ପାଦନ କରିବ କେବଳ । ଗୋଟିଏ ମାତ୍ର ଉପାୟ— ଦୈନନ୍ଦିନ ବ୍ୟବହାରର ମଧ୍ୟରେ ଏପରି କିଛି ସଂଶୋଧନ ପ୍ରୟୋଗ କରାଯିବ ଯଦ୍ୱାରା ପ୍ରତ୍ୟେକେ ବଞ୍ଚିତ ନ ହୋଇ ସ୍ୱାତନ୍ତ୍ର୍ୟ ଓ ସ୍ୱାଚ୍ଛନ୍ଦ୍ୟ ଅନୁଭବ କରିବେ ଏବଂ କର୍ତ୍ତବ୍ୟ ଓ ଜାଗରଣରେ ବ୍ୟାକୁଳ ହୋଇ ଉଠିବେ । ତା ଯଦି ହୋଇ ପାରେ ସ୍ୱାରାଜ୍ୟର ଆଶା କରାଯାଇପାରେ । ଅନ୍ୱେଷଣ କରି ଏ ଚିଜ ବାହାର କରି ପ୍ରୟୋଗ କରିବା ଦାୟିତ୍ୱ ବିଶେଷ କରି ଶାସନ ଓ ସାହିତ୍ୟ ଉପରେ । ମାନ୍ୟବର ଚୌଧୁରୀଙ୍କର "ବିଦ୍ୟୁତ ପ୍ରଚଳନରେ ସବୁ ଅଛି, ରାମାୟଣ ମହାଭାରତରେ କିଛି ନାହିଁ" ଉକ୍ତିଟି ବା ତାଙ୍କର ସମଗ୍ର ଭାଷଣ ଓ ବ୍ୟବହାର ସେ ଚିଜର ସନ୍ଧାନ କରିବାରେ ଯଥେଷ୍ଟ ସହାୟତା କରିବ ବୋଲି ଆମେ ଆଶା କରି ପାରୁ ନାହୁଁ ।

ସମାପ୍ତ

Digitized by srujanika@gmail.com

## ଲେଖକ ଲେଖିକା ମାନଙ୍କ ପ୍ରତି:—

(୧) ପ୍ରବନ୍ଧାଦି କାଗଜର ଗୋଟିଏ ପାଖରେ ପରିଷ୍କାର ଭାବେ କାଳିରେ ଲେଖାହେବା ବାଞ୍ଛନୀୟ।

(୨) ଉପାଦେୟ ଲେଖା ପ୍ରକାଶ ପାଇ ନ ପାରିଲେ ସୁଦ୍ଧା ଫେରସ୍ତ ଦିଆଯାଏ ନାହିଁ।

(୩) ପତ୍ରାଦିର ଆଦାନ ପ୍ରଦାନ ପାଇଁ ପ୍ରତି ଲେଖାର ଶେଷରେ ଲେଖକଙ୍କର ନାମ ଓ ପୂର୍ଣ୍ଣ ଠିକଣା ରହିବା ନିତାନ୍ତ ଆବଶ୍ୟକ।

## ଗ୍ରାହକ ମାନଙ୍କ ପ୍ରତି:—

(୧) ଚତୁରଙ୍ଗର ବାର୍ଷିକ, ଷାଣ୍ମାସିକ ଏବଂ ପ୍ରତି ସଂଖ୍ୟାର ମୂଲ୍ୟ ଯଥାକ୍ରମେ ଛଅଟଙ୍କା, ତିନିଟଙ୍କା ବାରଅଣା ଓ ଦଶଅଣା ମାତ୍ର। ଗ୍ରାହକ ଚାନ୍ଦା ଅଗ୍ରୀମ ଦେୟ।

(୨) ଚତୁରଙ୍ଗ ପ୍ରତି ଇଂରେଜୀ ମାସର ତା ୭ଖେ ବେଳକୁ ପ୍ରକାଶ ପାଏ।

(୩) କୌଣସି କାରଣ ବଶତଃ ଗ୍ରାହକ ଯଥା ସମୟରେ ଚତୁରଙ୍ଗ ନ ପାଇଲେ ପତ୍ରଦ୍ୱାରା ପରିଚାଳକଙ୍କୁ ଜଣାଇବେ।

(୪) ଗ୍ରାହକ ଗ୍ରାହିକା ମାନେ ଅଳ୍ପଦିନ ପାଇଁ ସ୍ଥାନାନ୍ତରକୁ ଗଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ଦୀର୍ଘ ସମୟ ପାଇଁ ଗଲେ ପରିଚାଳକଙ୍କୁ ଜଣାଇଲେ ପତ୍ରିକା ସୁବିଧା ଅନୁସାରେ ପାଇ ପାରିବେ।

(୫) ଗ୍ରାହକ ମାନେ ଚାନ୍ଦା ବା ପତ୍ରିକା ସମ୍ପର୍କରେ ସମ୍ବାଦ ନିଜ ନିଜର ଗ୍ରାହକ ନମ୍ବର ଉଲ୍ଲେଖ କରି ନିମ୍ନ ଲିଖିତ ଠିକଣାରେ ପ୍ରେରଣ କରିବେ।

ପରିଚାଳକ, 'ଚତୁରଙ୍ଗ'
କୋଶଳ କଳାମଣ୍ଡଳ ପୋ: ବଲାଙ୍ଗିର

## ବିଜ୍ଞାପନ ହାର

| | | |
|---|---|---|
| ପ୍ରତି ସଂଖ୍ୟା- | ଏକ ପୃଷ୍ଠାକୁ- | ଟ ୨୦ ୲ |
| ,, | ଅର୍ଦ୍ଧ ପୃଷ୍ଠାକୁ | ଟ ୧୦ ୲ |
| | ଏକ ଚତୁର୍ଥାଂଶ ପୃଷ୍ଠାକୁ- | ଟ ୫ ୲ |

## ବିଜ୍ଞାପନ ବର୍ଷକ ପାଇଁ ରଖିଲେ

| | | |
|---|---|---|
| ପ୍ରତି ସଂଖ୍ୟା | ପ୍ରତି ପୃଷ୍ଠାକୁ- | ଟ ୧୬ ୲ |
| ,, | ଅର୍ଦ୍ଧ ପୃଷ୍ଠାକୁ- | ଟ ୮ ୲ |
| | ଏକ ଚତୁର୍ଥାଂଶ ପୃଷ୍ଠାକୁ- | ଟ ୪ ୲ |

ମଲାଟ ପୃଷ୍ଠା ପାଇଁ ପ୍ରତି କ୍ଷେତ୍ରରେ ପାଞ୍ଚ ଟଙ୍କା ଅଧିକ

ଏଜେ ନିଃ — ଚତୁରଙ୍ଗର ବିକ୍ରି ପାଇଁ ଓଡ଼ିଶା ତଥା ଓଡ଼ିଶା ବାହାରେ ଶତକଡ଼ା ଟ ୨୫ ୲ ଙ୍କା କମିଶନ ହାରରେ ଏଜେଣ୍ଟ ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତି ନିୟମାବଳୀ ପାଇଁ ପରିଚାଳକଙ୍କ ନିକଟକୁ ପତ୍ର ଲେଖନ୍ତୁ।

Digitized by srujanika@gmail.com

# ଗଣତନ୍ତ୍ର

ପ୍ରା... ଆ ଭାଷା ଭାଷୀ ଅଂଚଳରେ ସତ୍ୟ ସମ୍ବାଦ ପରିବେଷଣ , ନିର୍ଭିକ ସମାଲୋଚନା ଓ ନିରପେକ୍ଷ ... ଆ... ଗଣତନ୍ତ୍ର ଗୋଟିଏ ସାପ୍ତାହିକ ସମ୍ବାଦ ପତ୍ର ଭାବରେ ବିଗତ ଦେଢ଼ ବର୍ଷ ହେଲା କାର୍ଯ୍ୟ କରି ଆସୁଛି । ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗ ଉପରେ ଏହାର ଭବିଷ୍ୟତ ଉନ୍ନତି ନିର୍ଭର କରେ । ଆଜି କାଲି ପରି ସମୟରେ ସମ୍ବାଦ ପତ୍ରର ଆବଶ୍ୟକତା [illegible] ଶିକ୍ଷିତ ଜନସାଧାରଣଙ୍କୁ ବୁଝାଇବାକୁ ଯିବା ଚେଷ୍ଟା ମାତ୍ର । ପତ୍ରିକାଟିର ବହୁଳ ପ୍ରଚାର ନିମନ୍ତେ ଓ ତାହା ଆଜି କାଲି ପରି ଅର୍ଥ ଅନାଟନ ବେଳେ ସମସ୍ତେ ଅନାୟାସରେ ପାଇ ପାରିବା ନିମନ୍ତେ ବର୍ତ୍ତମାନ ସାପ୍ତାହିକ ଗଣତନ୍ତ୍ରର ବାର୍ଷିକ ଚାନ୍ଦା ଆଗାମୀ ଜୁଲାଇ ମାସ ଆରମ୍ଭରୁ କମାଇ ଦିଆ ଯାଉଛି । ସ୍ଥାନୀୟ ଗ୍ରାହକ ମାନେ ବାର୍ଷିକ ଟ ୩୲ ରେ ଓ ଡ଼ାକ ଯୋଗେ ନେବାକୁ ଇଚ୍ଛା କରୁଥିବା ଗ୍ରାହକ ମାନେ ବାର୍ଷିକ ଟ ୪୲ ରେ ପାଇ ପାରିବେ । ଆପଣ ଯଦି ଗ୍ରାହକ ହୋଇ ନ ଥାନ୍ତି ତେବେ ଆଜି ଗ୍ରାହକ ହୋଇ ପତ୍ରିକାଟିର ପ୍ରଗତିରେ ସାହାଯ୍ୟ କରନ୍ତୁ ।

ବିନୀତ
ମ୍ୟାନେଜର, ଗଣତନ୍ତ୍ର

---


# *Kalamandal Printing Press*

**P. O. BALANGIR, PATNA**

## OUR SPECIAL FETURES ARE

*QUALITY*

**PROMPTNESS**

SERVICE

## WE UNDERTAKE ALL KINDS OF

*Cash - memos, Bill, Vouchers, Letters, Invitation cards, Book Etc.*


Curator, ORISSA STATE MUSEUM

3.60

Printed & Published by Jameswar Tripathy at the K.M. Press Balangir. May 50

Digitized by srujanika@gmail.com



ତୃତୀୟ ବର୍ଷ


ବାର୍ଷିକ ମୂଲ୍ୟ ଛଅ ଟଙ୍କା
ପ୍ରତି ସଂଖ୍ୟା ଅଠଅଣା



ସମ୍ପାଦକ
ଶ୍ରୀ ସୁଦର୍ଶନ ତ୍ରିପାଠୀ

## ବ୍ରଜେନ୍ଦ୍ର ସ୍ମୃତି ସଂଖ୍ୟା

'ଚତୁରଙ୍ଗ' ପରିଚାଳନା ବୋର୍ଡରେ ବ୍ରଜେନ୍ଦ୍ର ସ୍ମୃତି ସଂଖ୍ୟା ପ୍ରକାଶିତ ହେବାପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଅତଏବ, ଲେଖକ ଲେଖିକାମାନେ ବ୍ରଜେନ୍ଦ୍ର ସମ୍ବନ୍ଧୀୟ ପ୍ରବନ୍ଧ, ଗବେଷଣା ମୂଳକ ଉଚ୍ଚପ୍ରବନ୍ଧ ଓ କୁମାରଙ୍କ ବ୍ୟକ୍ତିଗତ ପତ୍ରାଦି ସେପ୍ଟେମ୍ବର ୩୦ ଶେଷ ସୁଦ୍ଧା ପ୍ରେରଣ କରି ଆମର ଏହି ସତ୍ ଉଦ୍ୟମରେ ସହାୟତା କରିବେ ।

ପରିଚାଳକ
'ଚତୁରଙ୍ଗ'

ବୋଲଙ୍ଗୀର କଳାମଣ୍ଡଳର ମୁଖପତ୍ର

# ଚତୁରଙ୍ଗ

ଓଡ଼ିଶା ସରକାରଙ୍କ ପତ୍ର ନଂ ୫୧୬-ଅର୍ ତା ୫ । ୨ । ୧୯୪୭ ମତେ

'ଚତୁରଙ୍ଗ'
ଶିକ୍ଷା ବିଭାଗୀୟ ପ୍ରତ୍ୟେକ ଅନୁଷ୍ଠାନ ପାଇଁ
ଗୃହୀତ ହୋଇଛି ।

ଚଳନ୍ତି ଦେଖନ୍ତେ

## ସୂଚୀ


| ବିଷୟ | ଲେଖକମାନଙ୍କ ନାମ | ପୃଷ୍ଠା |
|---|---|---|
| ୧ ପ୍ରକୃତିର ବୁକେ (ଗଦ୍ୟକବିତା) | ଶ୍ରୀ ସୂର୍ଯ୍ୟନାରାୟଣ ପାଢ଼ୀ | ୧୮୭ |
| ୨ ପ୍ରାଚୀନ ଭାରତର ପ୍ରାଥମିକ ଶିକ୍ଷା | ଶ୍ରୀ ପ୍ରହ୍ଲାଦ ପ୍ରଧାନ | ୧୮୮ |
| ୩ ଅଧଘଣ୍ଟା (ଗଳ୍ପ) | ଶ୍ରୀ କୃଷ୍ଣ ପ୍ରସାଦ ମହାପାତ୍ର | ୧୯୫ |
| ୪ ଫୁର୍ତ୍ତିଚ୍ଛେଦ (ଗଦ୍ୟକବିତା) | ଶ୍ରୀ ଜୟବିହାରୀ ମିଶ୍ର | ୧୯୮ |
| ୫ ଶ୍ରୀମତୀ ସରୋଜିନୀ | ଶ୍ରୀମତୀ ବସନ୍ତକୁମାରୀ ଦେବୀ | ୨୦୧ |
| ୬ ତଥାପି ଜୀବନରେ ତୃପ୍ତି ତା କାହିଁ (ଗଳ୍ପ) | ଶ୍ରୀ ଲିଙ୍ଗରାଜ ଦାଶ | ୨୦୨ |
| ୭ ତମସୋ ମା ଜ୍ୟୋତିର୍ଗମୟ (ଗଦ୍ୟକବିତା) | ଶ୍ରୀ କୁଞ୍ଜବିହାରୀ ଦାସ | ୨୦୯ |
| ୮ ସ୍ତ୍ରୀ ଓ ପୁରୁଷ (ପ୍ରବନ୍ଧ) | ଶ୍ରୀ ଶଶିଭୂଷଣ ସପ୍ତ | ୨୧୦ |
| ୯ ତଟିନୀ ଶରଣରେ ଗଙ୍ଗାଧର | ଶ୍ରୀ ଲକ୍ଷ୍ମୀନାରାୟଣ ଗୁରୁ | ୨୧୨ |
| ୧୦ ଚନ୍ଦ୍ରାତର ପୁଲ (ଗଳ୍ପ) | ଶ୍ରୀ ଯୁଗଳ କିଶୋର ଦତ୍ତ | ୨୨୨ |
| ୧୧ ପୁସ୍ତକ ପରିଚୟ | | ୨୨୮ |
| ୧୨ ସଂପାଦକଙ୍କୁ ପତ୍ର | | ୨୨୯ |
| ୧୩ ସୂତ୍ରଧାର | ସଂପାଦକୀୟ | ୨୩୦ |


Digitized by srujanika@gmail.com

# ଚତୁରଙ୍ଗ

ନାଟ୍ୟ-ସଙ୍ଗୀତ-ତତ୍ତ୍ୱଜ୍ଞାଃ ଯେ ସାହିତ୍ୟ-ବିଶାରଦାଃ
କଳାସୁ କୁଶଳାଃ ସର୍ବେ ମହୀୟନ୍ତାଂ ମହୀତଳେ ।।

— ତୃତୀୟ ବର୍ଷ ✻ ଆଷାଢ଼ — ମିଥୁନ ଓ କର୍କଟ---ଜୁନ ଓ ଜୁଲାଇ ୧୯୫୦ ✻ ପଞ୍ଚମ ସଂଖ୍ୟା


## ପ୍ରକୃତିର ବୁକେ


ଶ୍ରୀ ସୂର୍ଯ୍ୟନାରାୟଣ ପାଢ଼ୀ


ଅପ୍ରାକୃତ ସଭ୍ୟତାର ବିଷାକ୍ତ ଏ ଆବରଣ
ଆଜ ସଖି ନାହିଁ ଲାଗେ ଭଲ ।
ସେଦିନର ଧୂମ୍ରପୁଞ୍ଜେ ରୁଦ୍ଧଶ୍ୱାସ
ଯାନ୍ତ୍ରିକ ଏ ମାଟି ଗୃହ,
ଚାଲ ପ୍ରିୟେ ଯିବା ଦୂରେ ଇଥରର ସୀମାକୂଳେ
ବାୟୁନୀଳ ତନ୍ଦ୍ରାଳ ଦିଗନ୍ତ ପୁରେ ।
ତହିଁ ସ୍ନିତ ବସନ୍ତର ଶ୍ୟାମାୟିତ ସ୍ପର୍ଶେ
କ୍ଷୀଣ ତନୁତଟେ ତବ ଫୁଟିବ ପୁଲକ କଳି
ଜ୍ୟୋଛନାର ସ୍ୱପ୍ନ ବୃଷ୍ଟି ସ୍ନାନେ
ଚନ୍ଦ୍ର ଓ ଚକୋର ସମ ଆମେ ଦୁହେଁ
ବରଷିବା ମଧୁ ପାନଗାନ ।
ଧୌତ ନୀଳ ଛବି ଆକାଶର
ରହିବ ଲମ୍ବିତ ଶୀର୍ଷେ ତବ ସଦ୍ୟ ସ୍ନେହରାଗେ ।
ଇନ୍ଦ୍ରଧନୁ ବର୍ଣ୍ଣ ବିଭା ଅଣୁ
ଅଙ୍ଗେ ତବ ଦେବ ରଞ୍ଜି କଦମ୍ବ ପରାଗ,
ବନାନୀର ଅମିତାଭ ଅମିୟ ମହିମା
କଳିତ କଜ୍ଜଳ ରେଖା ଆଙ୍କିବ ନୟନେ
ସପ୍ତସ୍ୱରା ଝରଣାର ସପ୍ତଶଯ୍ୟା ତଳେ
ରଚିବା ପ୍ରଣୟ କୁଞ୍ଜ ମଧୁର ନିଭୃତେ !
ବର୍ଷାସିକ୍ତ ଶୈଳଶ୍ରୀର ସବୁଜ ତନିମା,
ହେ ତନ୍ୱି, ସେ ଦୃଷ୍ଟିପଥେ
ଆଭାସିବ ଯଥା ସ୍ୱର୍ଗ ସୋପାନର ସୀମା ।
ବିହଙ୍ଗମ କଳଗାନ,
ମଧୁପର ମଧୁର ରାଗିଣୀ,
କ୍ଷୀର ହ୍ରଦ ନୀଳାମ୍ବୁ ଢେଳିବ ଯୌବନ
ଖୋଲିବ ପ୍ରେମପୁରୀ ଆମ ସମ୍ମୁଖେ ଆଦମ
ବିଶ୍ୱର ପୁଷ୍ପିତ ଛବି
ସ୍ୱପ୍ନଘନ - ମାୟାଲୋକ ଉଠି କ୍ଷଣେ କ୍ଷଣେ
ଅଶୋକ ଆନନ୍ଦ ମଧ୍ୟେ
ପରିଣତ କରିବ ଏ ଧୂଳିଲୀନା ଧରଣୀରେ ।
ପ୍ରକୃତିର ଉଦାର ଉତ୍ସଙ୍ଗେ
ଯିବା ଭୁଲି ରକ୍ତାକ୍ତ ଜୀବନର
କଠିନ ଓ ଗଭୀର ପୀଡ଼ନ;
ଚାଲ ତେବେ ଯିବା ପ୍ରିୟେ ତାରି ବୁକେ
ଛାଡ଼ି ଏଇ ଅପ୍ରାକୃତ ସଭ୍ୟତାର
ଶୁଷ୍କ, ରୁକ୍ଷ, ବିକୃତ ଭବନେ ।


Digitized by srujanika@gmail.com

# ପ୍ରାଚୀନ ଭାରତର ପ୍ରାଥମିକ ଶିକ୍ଷା

ଶ୍ରୀ ପ୍ରହ୍ଲାଦ୍ ପ୍ରଧାନ

ଆମେ ଯେତେବେଳେ ପ୍ରାଚୀନ ଭାରତର ଶିକ୍ଷା ସମ୍ବନ୍ଧରେ ଭାବୁ, ସେତେବେଳେ ଏକ ଆଦର୍ଶ ତପୋବନର ଚିତ୍ର ଆମ ଆଖି ଆଗରେ ନାଚିଉଠେ । "ସଂସାରର କୋଳାହଳରୁ ଦୂର ଜଙ୍ଗଲରେ କେତେକ ଜଟିଳ ତପସ୍ୱୀ ବାସ କରୁଥିଲେ ଏବଂ ସେମାନଙ୍କ ଉପରେ ସମସ୍ତ ଶିକ୍ଷାର ଭାର ନ୍ୟସ୍ତ ଥିଲା । ଉପନୟନ ପରେ କାକପକ୍ଷ-ଯୁକ୍ତ ବଟୁ ମାଣବକ ସବୁ ସେଠାକୁ ଚାଲି ଯାଉଥିଲେ ଏବଂ ଅନନ୍ୟ ଭକ୍ତିରେ ଗୁରୁଙ୍କ ସେବା ଶୁଶ୍ରୂଷା କରି ଅଧ୍ୟୟନ ଆରମ୍ଭ କରୁଥିଲେ । ସେମାନଙ୍କର ବେଦଧ୍ୱନିରେ ଆଶ୍ରମ ମୁଖରିତ ହେଉଥିଲା । ସେମାନେ ସ୍ୱହସ୍ତ-ଲବ୍ଧ ବନ୍ୟ ଫଳମୂଳ ଦ୍ୱାରା ଆହାରାଦି ସମାପନ କରୁଥିଲେ, ଇତ୍ୟାଦି ଇତ୍ୟାଦି ।

ଏହା ନିଃସନ୍ଦେହ ଯେ ପ୍ରାଚୀନ ଭାରତୀୟ ଶିକ୍ଷାର ଉଚ୍ଚ ଆଦର୍ଶରେ ଉକ୍ତ ତପୋବନରେ ଥିଲା । କିନ୍ତୁ ଏହାରି ଅର୍ଥ ଏହା ନୁହେଁ ଯେ ଗ୍ରାମ, ନଗର ବା ଜନପଦ ବାଳକ ଶୂନ୍ୟ ହୋଇ ଯାଉଥିଲା । ଅବଶ୍ୟ ସେହି ଯୁଗରେ ଉପନୀତ ଦ୍ୱିଜ ବଟୁମାନଙ୍କର ଆଶ୍ରମ ଜୀବନ ଯାପନ କରିବାକୁ ଅବଶ୍ୟକ ନିୟମ ଥିଲା । କିନ୍ତୁ ଅନେକେ ନିଶ୍ଚୟ ସାବିତ୍ରୀ ପତିତ (ସଂସ୍କାରଭ୍ରଷ୍ଟ) ହୋଇ ରହି ଯାଉଥିବେ । ଅଧିକନ୍ତୁ ମଧ୍ୟ ସମାଜରେ କେବଳ ବ୍ରାହ୍ମଣ ବା ଦ୍ୱିଜ ଜନ ଥିଲେ । ଅବ୍ରାହ୍ମଣମାନଙ୍କର ସଂଖ୍ୟା ମଧ୍ୟ କମ ନ ଥିଲା । ସେମାନଙ୍କର ଶିକ୍ଷା ନିମନ୍ତେ ଅବଶ୍ୟ କୌଣସି ପ୍ରବନ୍ଧ ଥିବ, ତାହା ମଧ୍ୟ ଗ୍ରାମ ବା ନଗରରେ । ଦ୍ୱିଜ ବାଳକମାନଙ୍କୁ ମଧ୍ୟ ବେଦାଧ୍ୟୟନ ପାଇଁ ତପୋବନକୁ ଯିବା ଆଗରୁ କିଛି ପ୍ରସ୍ତୁତ କରିବାକୁ ପଡୁଥିଲା । ତୈତ୍ତିରୀୟ ପ୍ରାତିଶାଖ୍ୟରେ ଅଛି—

ପଦକ୍ରମ ବିଶେଷଜ୍ଞୋ ବର୍ଣ୍ଣକ୍ରମ ବିଚକ୍ଷଣଃ

ସ୍ୱରମାତ୍ରା ବିଭାଗଜ୍ଞୋ ଗଚ୍ଛେଦାଚାର୍ଯ୍ୟ ସଂସଦମ୍ ।

ପଦ କ୍ରମ, ବର୍ଣ୍ଣକ୍ରମ ଏବଂ ସ୍ୱରମାତ୍ରା ଜାଣି କରି ଆଚାର୍ଯ୍ୟଙ୍କ ପାଖକୁ ଯିବା ଉଚିତ । ଏଥିରୁ ଜଣାପଡୁଛି ଯେ ଆଶ୍ରମରେ ବେଦାଧ୍ୟୟନ ଆରମ୍ଭ କରିବା ପୂର୍ବରୁ ବର୍ଣ୍ଣାଦି ଜ୍ଞାନ ହୋଇ ଯାଉଥିଲା, ଏହା ମଧ୍ୟ ଲିପି ଆଦି ଲେଖିବା ପରେ, ଯଦ୍ୟପି ବେଦାଭ୍ୟାସ ଶ୍ରୁତିରୁ ହେଉଥିଲା । କାରଣ-ପାଣିନୀୟ ଆଦି ଶିକ୍ଷାମାନଙ୍କରେ 'ଲିଖିତ ପାଠକ' ଗୋଟିଏ ଦୋଷରେ ପରିଗଣିତ ହୋଇ ଅଛି । ପ୍ରାଚୀନ ଭାରତରେ ଲିପି ନ ଥିଲା ଏବଂ ଏହା ବିଦେଶୀୟମାନଙ୍କ ଠାରୁ ଗୃହୀତ ବୋଲି ଯାହା କେତେ ଇଉରୋପୀୟ ବିଦ୍ୱାନ୍ ମତ ପ୍ରକାଶ କରି ଅଛନ୍ତି, ତାହା ସମୀଚୀନ ବୋଲି ପ୍ରତୀତ ହୁଏ ନାହିଁ ।

ବିଦ୍ୟାରମ୍ଭ ଲିପିରୁ ଅବଶ୍ୟ ହେଉଥିଲା । ଲଳିତ ବିସ୍ତରର ଲିପିଶାଳା ସନ୍ଦର୍ଶନ ପରିଚ୍ଛେଦରୁ ଏହାପରି ଜଣାପଡେ । କାଳିଦାସ ମଧ୍ୟ କହି ଅଛନ୍ତି ଯେ ସୂର୍ଯ୍ୟ ବଂଶର ମହାରାଜାଙ୍କ ପୁତ୍ର ରଘୁ ମଧ୍ୟ ଚୂଡା କର୍ମ ପରେ ଅମାତ୍ୟ ପୁତ୍ରମାନଙ୍କ ସହିତ ଲିପି ଗ୍ରହଣ କରିଥିଲେ । (ରଘୁବଂଶ ୩ । ୨) କିନ୍ତୁ ଲଳିତ ବିସ୍ତରରେ ଲିପି ସହିତ ସଂଖ୍ୟା-ଗଣନାର ମଧ୍ୟ ଉଲ୍ଲେଖ ଅଛି । କୌଟିଲ୍ୟ ଅର୍ଥଶାସ୍ତ୍ରର 'ବୃଦ୍ଧି ସଂଯୋଗ' ପ୍ରକରଣରେ ମଧ୍ୟ ଅଛି "ବୃତ୍ତଚୌଳ କର୍ମା ଲିପିଂ ସଂଖ୍ୟାନଂ ଚୋପଯୁଞ୍ଜୀତ" । ଅର୍ଥାତ୍ ଚୂଡାକର୍ମ ପରେ ରାଜପୁତ୍ରଙ୍କୁ ଲିପି ଏବଂ ସଂଖ୍ୟାର ଜ୍ଞାନ ପ୍ରାପ୍ତ କରିବା ଉଚିତ ।

ଏଥିରୁ ଜଣା ପଡୁଛି ଯେ ଲିପି ଏବଂ ସଂଖ୍ୟା-ଗଣନା ପ୍ରାଥମିକ ଶିକ୍ଷାର ପ୍ରଧାନ ବିଷୟ ଥିଲା । କିନ୍ତୁ ହାତୀଗୁମ୍ଫା ଶିଳାଲେଖରେ ଆହୁରି ଗୋଟିଏ ବିଶେଷ ବିଷୟର ଉଲ୍ଲେଖ ଅଛି । ଖାରବେଳ ଯୌବରାଜ୍ୟ ପୂର୍ବରୁ ଲେଖ, ରୂପ, ଗଣନା ଏବଂ ବ୍ୟବହାର ବିଧିରେ ବିଶାରଦ ହୋଇ ସାରିଥିଲେ । (ତତୋ ଲେଖ-ରୂପ-ଗଣନା ବୋହାର ବିଧି ବିସାରଦେନ ସବ୍ବ ବିଦାବଦାତେନ ନବ ବସାନି ଯୋବରଜଂ ପସାସିତଂ ।) ଜୈନପରମ୍ପରା ଅନୁସାରେ ୭୨ କଳାରେ ମଧ୍ୟ ଲେଖ

( ଲେଖ ),ଗଣିତ ( ଗଣିତ ),ଏବଂ ରୂବ ( ରୂପ ) ର ଉଲ୍ଲେଖ ମିଳେ । ( ସମ୍ପୃ. ୧୩୦ ପତ୍ର ) ।

ବିନୟପିଟକର . ମହାବଗ୍ଗରେ ମଧ୍ୟ 'ରୂପ' ର ଉଲ୍ଲେଖ ମିଳେ । ରାଜଗୃହରେ ଉପାଲି ନାମରେ ଗୋଟିଏ ବାଳକ ଥିଲା । ତାହାର ପିତା ମାତା 'ପୁଅ କଣ କଲେ ସୁଖରେ ରହିବ' ଏହା ଭାବ ଭାବି କହିଲେ- ଲେଖ * ଶିଖିଲେ ଅଙ୍ଗୁଳିରେ ପୀଡ଼ା ହେବ, ଗଣନା ଶିଖିଲେ ଉରଃ- ସ୍ଥାନରେ ପୀଡ଼ା ହେବ ,ଏବଂ 'ରୂପ' ଶିଖିଲେ ଆଖିରେ ପୀଡ଼ା ହେବ । 'ଶେଷରେ ସେମାନେ ଠିକ କଲେ ଯେ ଭିକ୍ଷୁ ଜୀବନ ସବୁ ଠାରୁ ସୁଖମୟ । ସେମାନେ ଖାଇପିଇ ବେଶ ସୁଖରେ ଥାନ୍ତି । ଏଣୁ ଉପାଲି ଅନ୍ୟ ୧୬ଜଣ ସାଥୀମାନଙ୍କ ସହ ଉପସମ୍ପନ୍ନ ହୋଇ ଗଲା । କିନ୍ତୁ ଆର ଦିନ ସକାଳୁ ଉଠିବା ମାତ୍ରେ ସେମାନେ ଯବାଗୁ ପାଇଁ କାନ୍ଦିବାକୁ ଲାଗିଲେ ଏବଂ ଶେଷରେ ବିତାଡ଼ିତ ହେଲେ । ସୁତ୍ତ ବିଭଙ୍ଗ ପାଚିତ୍ତିୟ ପାଲିରେ ମଧ୍ୟ ଏହି ଘଟନାର ଉଲ୍ଲେଖ ଅଛି । (ପାଚି୬୫)

ଏଥିରୁ ଜଣାପଡୁଛି ଯେ ଲିପି-ଲେଖ ଏବଂ ସଂଖ୍ୟା-ଗଣନା ସହିତ 'ରୂପ ମଧ୍ୟ ପ୍ରାଥମିକ ଶିକ୍ଷାର ବିଷୟ ଥିଲା । କିନ୍ତୁ ଏହି ରୂପର ଅର୍ଥ କଣ ? ପାଚିତ୍ତିୟ ପାଲିରେ ସିପ୍ପ ବା ଶିଳ୍ପକୁ ଦୁଇ ଭାଗରେ ବିଭକ୍ତ କରା ହୋଇଅଛି ହୀନ ଏବଂ ଉତ୍କୃଷ୍ଟ ବା ଉକ୍କଟ୍ଠ ହୀନ ଶିଳ୍ପରେ କୁମ୍ଭକାର, ପେଶକାର, ଚର୍ମକାର, ନାପିତ ଇତ୍ୟାଦିର ଉଲ୍ଲେଖ କରା ହୋଇଅଛି ଏବଂ 'ଉତ୍କୃଷ୍ଟ'ରେ 'ମୁଦ୍ରା' 'ଗଣନା' ଏବଂ 'ଲେଖର' । ଏହି ଦୁଇ ସନ୍ଦର୍ଭର ପରସ୍ପର ସାମଞ୍ଜସ୍ୟ ରଖିବାକୁ ହେଲେ 'ରୂପ'କୁ ମୁଦ୍ରା ବା ମୁଦ୍ରା ଗଣନା ଅର୍ଥରେ ନେବାକୁ ପଡ଼ିବ । 'ରୂପ ସୂତ୍ରର ବ୍ୟାଖ୍ୟା "ପ୍ରସଙ୍ଗରେ ବୁଦ୍ଧ ଘୋଷ ମଧ୍ୟ କହିଅଛନ୍ତି ଯେ ରୂପସୁତ୍ତଂ ହେରଞ୍ଜିକାନଂ ସୁତ୍ତଂ" । ରୂପ ସୂତ୍ରଂର ଅର୍ଥ ହିରଣ୍ୟ କର ସୂତ୍ର । ଅତଏବ ମଧ୍ୟ ଯେଉଁ ରୂପଦକ୍ଷର ପାଠକ ମାନଙ୍କ ପାଇ କହୁ ଅଛନ୍ତି ଯେ ସେମାନେ କାର୍ଷାପଣ କୁ ବାରଂବାର ଓଲଟ ପାଲଟ କରି ଦେଖି ନେବେ । ଏହି ଅର୍ଥକୁ ସ୍ୱୀକାର କଲେ 'ରୂପ'କୁ ସଂଖ୍ୟା, ମାଂ ମୁଦ୍ରାର ରୂପାନ୍ତର ବୋଲି ମାନିବାକୁ ହେବ । ରାଇସ୍ ଡେଭିଡ୍ସ ମଧ୍ୟ ଏହାକୁ 'ମୁଦ୍ରା ବିନିମୟ' ଅର୍ଥରେ ଗ୍ରହଣ ଅଛନ୍ତି ଏବଂ ଶ୍ରୀମତୀ ରାଇସ୍ ଡେଭିଡ୍ସ ଓ ଜନ ମାର୍ଶଲ ଅର୍ଥରେ ଲଳିତ ବିସ୍ତରରେ ମଧ୍ୟ କଳାମାନଙ୍କର ଗଣନା ପ୍ରସଙ୍ଗରେ ରୂପ ଶବ୍ଦ ନାହିଁ କିନ୍ତୁ ତା ସ୍ଥାନରେ ମୁଦ୍ରାର ଉଲ୍ଲେଖ ଅଛି । -"ଲିପି ମୁଦ୍ରା ଗଣନା ସଂଖ୍ୟା ସାଲମ୍ଭ ଧନୁର୍ବେଦେ---" । ମହାବସ୍ତୁରେ ମଧ୍ୟ 'ଏତେ ଚ ଲେଖ ସଂଖ୍ୟା ଗଣନଂ ମୁଦ୍ରା ସ୍ଥାନାନି'ରେ ରୂପ ସ୍ଥାନରେ ମୁଦ୍ରା ଆସିଅଛି ।

ପାଣ୍ଡୁ ଲୋହିତକ ବସ୍ତୁ ( ଗିଲଗିଟ ପୋଥି ୩ । ୩।୧୯ )ରେ ମଧ୍ୟ ଉତ୍ତର କୁମାରର ସଂଖ୍ୟା ଗଣନା-ମୁଦ୍ରା ଉଦ୍ଧାର-ନ୍ୟାସ-ନିକ୍ଷେପ ଓ ଲିପିରେ ପାରଂଗତ ହୋଇ ଥିବାର କଥା ଆସିଅଛି । ଅଧିକ ମଧ୍ୟ ଗିଲଗିଟ୍ ଗ୍ରନ୍ଥର ବିନୟପିଟକରେ ଅଛି ଯେ, ଯେତେବେଳେ ବିମ୍ବିସାର ବଡ଼ ହେଲେ,ଲିପି ( ଲିପି ଶାଳା ? )ରେ ଉପନ୍ୟସ୍ତ ହେଲେ ଏବଂ ସଂଖ୍ୟା,ଗଣନା, ମୁଦ୍ରା ଓ ରାଜା କ୍ଷତ୍ରିୟମାନଙ୍କର ଶିଳ୍ପ ସ୍ଥାନକର୍ମ ଯଥା-ହସ୍ତିଗ୍ରୀବା, ଅଶ୍ୱପୃଷ୍ଠ,ରଥ,ତ୍ସରୁ,ଧନୁ, ପଯାଣ, ନିଯାଣ, ଅଙ୍କୁଶଗ୍ରହ, ପାଶଗ୍ରାହ, ତୋମରଗ୍ରାହ, ଛେଦ୍ୟ, ଭେଦ୍ୟ,ବେଧ,-ଇତ୍ୟାଦିରେ ପଞ୍ଚ ସ୍ଥାନରେ ଶିକ୍ଷିତ ହେଲେ । (Winternit Memorial Numbers, P. 213)

କିନ୍ତୁ ବିନୟପିଟକର ଚୀନୀ ଅନୁବାଦରେ ଏହାର ଅର୍ଥ ଅନ୍ୟ ପ୍ରକାର ଜଣାପଡେ । ଧର୍ମ ଗୁପ୍ତର ବିନୟପିଟକର ମୂଳ ଏପର୍ଯ୍ୟନ୍ତ ମିଳିନାହିଁ ଏବଂ ଏହାର ମୂଳ ସଂସ୍କୃତରେ ଥିଲା ବା ପାଲିରେ ଠିକ୍ ଜଣାପଡେ ନାହିଁ । କିନ୍ତୁ ଏହାର ଚୀନୀ ଅନୁବାଦ ଦେଖିବାକୁ ମିଳେ ଏହି ଅନୁବାଦ ଖ୍ରୀଷ୍ଟମ ଶତାବ୍ଦୀରେ ବୁଦ୍ଧ ଯଶସ୍ ଏବଂ

* ସ ଚେ ଖୋ ଉପାଲି ଲେଖଂ ସିକ୍ଖିସ୍ସତି ଅଙ୍ଗୁଲିୟୋ ଦୁକ୍ଖା ଭବିସ୍ସନ୍ତି ।
ସ ଚେ ଖୋ ଉପାଲି ଗଣନଂ ସିକ୍ଖିସ୍ସତି ଉରସ୍ସ ଦୁକ୍ଖୋ ଭବିସ୍ସ ।
ସ ଚେ ଖୋ ଉପାଲି ରୂପଂ ସିକ୍ଖିସ୍ସତି ଅକ୍ଖୀନି ଦୁକ୍ଖା ଭବିସ୍ସନ୍ତି ।

Digitized by srujanika@gmail.com

ଯୋଗେନ୍ୟନ କରିଥିଲେ । ଏଥିରେ ମଧ୍ୟ ପୂର୍ବୋକ୍ତ ଉପାଲି କଥା ଉପନ୍ୟସ୍ତ ହୋଇଅଛି, କିନ୍ତୁ ଏଥିରେ ସାମାନ୍ୟ ଅନ୍ତର ଅଛି । ବ୍ୟଥା ହେବା ବିଷୟରେ ପାଲିରେ ଲେଖା ପାଇଁ ଅଙ୍ଗୁଳି ଏବଂ ଗଣନା ପାଇଁ ଉରସ୍ଥଳ ଆସିଅଛି । କିନ୍ତୁ ଏହି ଚୀନା ଅନୁବାଦରେ ଏହି ଉଭୟ ପାଇଁ ଶରୀର ଆସିଅଛି । କିନ୍ତୁ ବିଶେଷ ଭାବରେ ଲକ୍ଷ୍ୟ କରିବାର କଥା ଏହି ଯେ ପାଲିରେ 'ରୂପ' ପାଇଁ ଆଖି ବଥାଇବାର କଥା ଆସିଅଛି କିନ୍ତୁ ଚୀନା ଭାଷାରେ ଏହାର ଅନୁବାଦ "ଚିତ୍ରକଳା" ବୋଲି କରା ହୋଇଅଛି । ଏଥିରୁ ଜଣାପଡୁଛି ଯେ, ଧର୍ମଗୁପ୍ତକ ବିନୟ ସଂପ୍ରଦାୟର ଲୋକେ 'ରୂପ'ରୁ ଚିତ୍ରକଳା ବୁଝୁଥିଲେ । ଜୈନପରଂପରାରେ ମଧ୍ୟ ରୂପର ଏହିପରି ଅର୍ଥ କରା ହୋଇଅଛି । ଜମ୍ବୁଦ୍ୱୀପ ପ୍ରଜ୍ଞପ୍ତି ଟୀକାରେ ରୂପ ଶବ୍ଦର ବ୍ୟାଖ୍ୟା ପ୍ରସଙ୍ଗରେ କୁହାଯାଇଅଛି 'ରୂପଂ, ଲେପ୍ୟ ଶିଳା ସୁବର୍ଣ୍ଣ ମଣିବସ୍ତ୍ର ଚିତ୍ରାଦିଷୁ ରୂପନିର୍ମାଣଂ' । ଲେପ୍ୟ ଶିଳା, ସୁବର୍ଣ୍ଣ, ମଣି, ବସ୍ତ୍ର, ଚିତ୍ର ଆଦିର ରୂପ ନିର୍ମାଣ କରିବା ହେଉଛି ରୂପ । ଏହା ବେଶ୍ ସ୍ପଷ୍ଟ ସଙ୍ଗତ ପରି ମଧ୍ୟ ଲାଗୁଛି । 'ରୂପ' ଶବ୍ଦର ସଂସ୍କୃତ ରୂପ ଶବ୍ଦ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଅଛି । ଆଖିରେ ବ୍ୟଥା ହେବା ମୁଦ୍ରାବିନିମୟ ବା ଓଜନ ମାପ ଅପେକ୍ଷା ଚିତ୍ରଣ ପାଇଁ ଅଧିକ ଯୁକ୍ତିଯୁକ୍ତ ବୋଲି ମନେହୁଏ । ଗ୍ରୀସ୍‌ରେ ମଧ୍ୟ ପ୍ରଥମେ 'ଲେଖିବା-ପଢ଼ିବା' ଶିକ୍ଷା ଦିଆ ଯାଉଥିଲା ଏବଂ ପରେ 'ଗଣିତ' ଏବଂ 'ଚିତ୍ର' ମଧ୍ୟ ପ୍ରାଥମିକ ଶିକ୍ଷାର ପାଠ୍ୟରେ ଅନ୍ତର୍ଭୁକ୍ତ ହେବାକୁ ଲାଗିଲା । ଯାହା ହେଉ ପାଲି ଟୀକାକାର ବୁଦ୍ଧ ଘୋଷ, ଲୋକୋତ୍ତରବାଦୀ ମହାବସ୍ତୁ, ଗିଲଗିଟର ମୂଳସର୍ବାସ୍ତିବାଦୀ ବିନୟ ଓ ଲଳିତ ବିସ୍ତର ଏବଂ ଚୀନା ଅନୁବାଦକ ବୁଦ୍ଧଯଶସ୍‌ଙ୍କ ପ୍ରଦତ୍ତ ଅର୍ଥର ଆଲୋଚନାରୁ ଏହା ପ୍ରମାଣ ହେଉଅଛି ଯେ କେତେକ ବୌଦ୍ଧ ସଂପ୍ରଦାୟ ରୂପ ଶବ୍ଦର ଅର୍ଥ ମୁଦ୍ରା ବୋଲି କରୁଥିଲେ ଏବଂ କେତେକ ଚିତ୍ରକଳା ବୋଲି । ଗିଲଗିଟ୍ ପୋଥିର ମୂଳ ସର୍ବାସ୍ତିବାଦ ସଂପ୍ରଦାୟ ଥେରବାଦର ଏକ ବିକାଶ ମାତ୍ର ।

ଏହିସବୁ ପ୍ରାଥମିକ ଶିକ୍ଷାର ମୁଖ୍ୟ ବିଷୟ ଥିଲା । ପ୍ରାଥମିକ ଶିକ୍ଷାର ଉଦ୍ଦେଶ୍ୟ ହେଉଛି ଯେ ଅଧିକରୁ ଅଧିକ ସଂଖ୍ୟକ ଲୋକ ଏହା ଦ୍ୱାରା ନିଜର ଜୀବନରେ ବ୍ୟାପକ ଭାବରେ ଲାଭ ଉଠାଇ ପାରିବେ । ପ୍ରାଚୀନ ଭାରତର ଆମ୍ଭର ପୂର୍ବଜମାନେ ମଧ୍ୟ ଏହିସବୁ ବିଷୟର ଅଧ୍ୟୟନଦ୍ୱାରା ସଂପୂର୍ଣ୍ଣ ଲାଭ ଉଠାଇଥିଲେ । ବ୍ୟବସାୟ, ବାଣିଜ୍ୟ, ଜୀବିକା ଉପାର୍ଜନ ସକାଶେ ଏହାର ଉପଯୋଗ ହେଉଥିଲା । ଲିପି ବା ଲେଖରେ ଅକ୍ଷର ଜ୍ଞାନର ସଙ୍ଗେ ସଙ୍ଗେ ସୁନ୍ଦର ହସ୍ତ ଲିପି ଏବଂ ବିଭିନ୍ନ ଲିପିଜ୍ଞାନ ଉଭୟ ଅନ୍ତର୍ଭୁକ୍ତ ଥିଲା । ଲଳିତ ବିସ୍ତରରେ ଯେତେବେଳେ ଗୌତମଙ୍କର ଶାକ୍ୟ କୁମାରମାନଙ୍କ ସହିତ ପରୀକ୍ଷା ହେବାକୁ ଲାଗିଲା, ସେତେବେଳେ ଆଗ୍ରଣୀ ବିଶ୍ୱାମିତ୍ରଙ୍କୁ ସାକ୍ଷୀ ମାନିକରି ତାଙ୍କୁ ପ୍ରଶ୍ନ କରା ହୋଇଥିଲା ଯେ 'ଲେଖ୍ୟ' ଏବଂ 'ବହୁ ଲିପି ନିର୍ମାଣ'ରେ କାହାର ଅଧିକ ଯୋଗ୍ୟତା ଅଛି । * ଏହି ପ୍ରସଙ୍ଗରେ ୬୪ ପ୍ରକାର ଲିପିର

* ଲଳିତ ବିସ୍ତର ପୃଷ୍ଠା ୧୨୫-୧୨୬: — କତମାଂ ଭୋ ଉପାଧ୍ୟାୟ ଲିପିଂ ଶିକ୍ଷା ପୟସି । ବ୍ରାହ୍ମୀ, ଖରୋଷ୍ଠୀ, ପୁଷ୍କରସାରିଂ । ଅଙ୍ଗ ଲିପି, ବଙ୍ଗ ଲିପି, ମଗଧ, ମଙ୍ଗଲ୍ୟ, ଅଙ୍ଗୁଲୀୟ, ଶକାରି, ବ୍ରହ୍ମବଲି, ପାରୁଷ୍ୟ, ଦ୍ରାବିଡ଼, କିରାତ, ଦାକ୍ଷିଣ୍ୟ, ଉଗ୍ର, ସଂଖ୍ୟା, ଅନୁଲୋମ, ଅବମୂର୍ଦ୍ଧ, ଦରଦ, ଖାସ୍ୟ, ଚୀନ, ଲୂନ, ହୂଣ, ମଧ୍ୟାକ୍ଷର ବିସ୍ତର, ପୁଷ୍ପ, ଦେବ, ନାଗ, ଯକ୍ଷ, ଗନ୍ଧର୍ବ, କିନ୍ନର, ମହୋରଗ, ଅସୁର, ଗରୁଡ଼, ମୃଗଚକ୍ର, ବାୟୁମରୁତ୍, ଭୌମଦେବ, ଅନ୍ତରୀକ୍ଷଦେବ, ଉତ୍ତର କୁରୁଦ୍ୱୀପ, ଅପର ଗୋଦାନୀ, ପୂର୍ବବିଦେହ, ଉତ୍କ୍ଷେପ, ନିକ୍ଷେପ, ବିକ୍ଷେପ, ପ୍ରକ୍ଷେପ, ସାଗର, ବଜ୍ର, ଲେଖ, ପ୍ରତିଲେଖ, ଅନୁଦ୍ରୁତ, ଶାସ୍ତ୍ରାବର୍ତ୍ତ ଗଣନାବର୍ତ୍ତ, ଉତ୍କ୍ଷେପାବର୍ତ୍ତ, (ନିକ୍ଷେପାବର୍ତ୍ତ,) ପାଦଲିଖିତ, ଦ୍ୱିରୁତ୍ତର ପଦସନ୍ଧି, ଯାବଦଶୋତ୍ତରପଦସନ୍ଧି, ମଧ୍ୟାହାରିଣୀ, ସର୍ବରୁତସଂଗ୍ରହଣୀ, ବିଦ୍ୟାନୁଲୋମାବିମିଶ୍ରିତ, ଋଷିତପସ୍ତପ୍ତା, ରୋଚମାନା, ଧରଣୀପ୍ରେକ୍ଷିଣୀ ଲିପି, ଗଗନପ୍ରେକ୍ଷିଣୀ ଲିପି, ସର୍ବୌଷଧି ନିଷ୍ୟନ୍ଦା, ସର୍ବ ସାର ସଂଗ୍ରହଣୀ, ସର୍ବଭୂତରୁତଗ୍ରହଣୀ, ।

୨ ମହାବସ୍ତୁ ପୃ ୧୩୫: — ଯା ବା ଇମା ଲୋକେ ସଂଜ୍ଞା ବ୍ରାହ୍ମୀ ପୁଷ୍କର ସାରୀ ଖରୋଷ୍ଠୀ ଯାବନୀ ବ୍ରହ୍ମବାଣୀ ପୁଷ୍ପଲିପି କୁତଲିପି ? ଶକୁନ ଲିପି ବ୍ୟତ୍ୟସ୍ତଲିପି ଲେଖନୀଲିପି ମୁଦ୍ରାଲିପି ... ଦରଦା ଚୀଣ ହୂଣାପୀର ... ଅର୍ଦ୍ଧଧନୁ ... ବୈତଢ଼ିକା ଫୁଲ୍ଲକା ଦନ୍ତ୍ରକା ଉଦୁଲା କେତୁକା କୁମୁଦ... ଅଷ୍ଟଚତ୍ୱାରିଂ ସର୍ବା ଏଷା ବୋଧିସତ୍ତ୍ୱାନାଂ ଜାତ ।

Digitized by srujanika@gmail.com

ଉଲ୍ଲେଖ ଅଛି । ଏଥିରୁ ପ୍ରତ୍ୟେକଟି ପୃଥକ୍ ପୃଥକ୍ କି ନୁହେଁ, ଏପର୍ଯ୍ୟନ୍ତ ନିର୍ଣ୍ଣୀତ ହୋଇନାହିଁ । ଏଥିରୁ କେତେକ ଅବଶ୍ୟ ପ୍ରଚଳିତ ଲିପି ଥିଲେ । ଯଥା-ବ୍ରାହ୍ମୀ, ଖରୋଷ୍ଠୀ, ଅଙ୍ଗ, ବଙ୍ଗ, ମଗଧ, ଦ୍ରାବିଡ଼, ଉଗ୍ର (?) ଇତ୍ୟାଦି । ଅନ୍ୟ କେତେକଙ୍କର ସମ୍ଭବତଃ ଲେଖିବାର ଶୈଳୀରୁ ଏହିପରି ନାମକରଣ ହୋଇଥିଲା । ଯଥା- ମଧ୍ୟାକ୍ଷର ବିସ୍ତାର, ବିଶେଷ ପ୍ରକ୍ଷେପ, ଅନୁଦ୍ରୁତ ଇତ୍ୟାଦି । ମହାବସ୍ତୁରେ ଲିପିର ଅନ୍ୟ ଗୋଟିଏ ତାଲିକା ଅଛି । ଜମ୍ବୁଦ୍ୱୀପ ପ୍ରଜ୍ଞପ୍ତି ଟୀକାରେ ମଧ୍ୟ ଲିପି ଏବଂ ବିଷୟ ଭେଦରେ ଲେଖକୁ ଦୁଇ ପ୍ରକାର ବୋଲି କହି ଅଛନ୍ତି । ଲିପି ଭେଦରେ ଲେଖ ଯଥା ଅଷ୍ଟାଦଶ ସ୍ଥାନୋକ୍ତ, ଅଥବା ଦେଶ ଭେଦରେ ବିଭିନ୍ନ ପ୍ରକାର, ଅଥବା ବଲ୍‌କଲ କାଷ୍ଠ, ଦନ୍ତ, ଲୌହ, ତାମ୍ର, ରଜତ, ଆଦିରେ ଲେଖା ହୋଇଥିବାରୁ ନାନାପ୍ରକାର, ଅଥବା ଲେଖନ, ଉତ୍କିରଣ, ସ୍ୟୂତ, ବ୍ୟୂତ, ଛିନ୍ନ, ଭିନ୍ନ, ଦଗ୍ଧ, ସଂକ୍ରାନ୍ତ ଇତ୍ୟାଦି ନାନାପ୍ରକାର ହୁଏ । ବିଷୟ ଭେଦରୁ ମଧ୍ୟ ଲେଖ ନାନା ପ୍ରକାର ହେଉଥିଲା । କାରଣ, ଅର୍ଥାତ୍ ସ୍ୱାମୀ ଭୃତ୍ୟ, ପିତାପୁତ୍ର, ଗୁରୁ ଶିଷ୍ୟ, ଭାର୍ଯ୍ୟାପତି, ଶତ୍ରୁ ମିତ୍ରାଦିଙ୍କ ପାଖକୁ ଲେଖିବାର ବିଭିନ୍ନ ରୀତି ଅଥବା ପ୍ରୟୋଜନ ଭେଦରେ ବିଭିନ୍ନ ପ୍ରକାର ହେଉଥିବାରୁ ବିଷୟ ଭେଦରେ ମଧ୍ୟ ଲେଖା ଅନେକ ପ୍ରକାର ହୁଅନ୍ତି । ଅକ୍ଷର ଦୋଷରୁ ମଧ୍ୟ ଲେଖ ଅନେକ ପ୍ରକାର ହୁଅନ୍ତି । ଅକ୍ଷର ଦୋଷର ଗଣନା ଏହିପରି କରା ହୋଇଅଛି—

ଅତି କାର୍ଶ୍ୟମତି ସ୍ଥୌଲ୍ୟଂ ବୈଷମ୍ୟଂ ପଙ୍କ୍ତିବକ୍ରତା
ଅତୁଲ୍ୟାନାଂ ଚ ସାଦୃଶ୍ୟମବିଭାଗଃ ପଦେଷୁ ଚ ।

ଅତ୍ୟନ୍ତ ସରୁ, ଅତ୍ୟନ୍ତ ମୋଟା, ଅସମାନତା, ପଂକ୍ତିର ବକ୍ରତା, ଅସଦୃଶ ଅକ୍ଷରର ସାଦୃଶ୍ୟ ଏବଂ ପଦ ବିଭାଗ ନ କରିବା ଏହି ସବୁ ଅକ୍ଷର ଦୋଷ ଅଟନ୍ତି ।

ଏହି ଅକ୍ଷର ବା ମାତୃକା ମାନଙ୍କର କ୍ରମ ଆଜି ଯେପରି ଅଛି ପ୍ରାଚୀନ ଭାରତରେ ମଧ୍ୟ ସେହିପରି ଥିଲା । ତାନ୍ତ୍ରିକ ଗ୍ରନ୍ଥମାନଙ୍କରେ ଏହି କ୍ରମ ଦେଖିବାକୁ ମିଳେ । ଅଧିକନ୍ତୁ ଌ ର ଦୀର୍ଘରୂପ ମଧ୍ୟ ଦେଖିବାକୁ ମିଳେ । ଲଳିତବିସ୍ତରରେ ମଧ୍ୟ ଏହି କ୍ରମ ଦେଖିବାକୁ ମିଳେ । କେବଳ ଳ, ଋ, ଏବଂ ଌ ର ଉଲ୍ଲେଖ ନାହିଁ । ଲଳିତ ବିସ୍ତରର ଆଲୋଚନାରୁ ଆଉ ଗୋଟିଏ କଥା ଜଣାପଡ଼େ ଯେ ଆଜିକାଲି ଯେପରି ପିଲାଙ୍କର ଉତ୍ସୁକତା ବଢ଼ାଇବା ପାଇଁ ବା ସହଜରେ ମନେ ରଖିବା ପାଇଁ ଯେପରି 'ଅ'ରୁ ଅଜା, 'ଆ'ରୁ ଆମ ଇତ୍ୟାଦି ପଢ଼ା ହୋଇଥାଏ, ପ୍ରାଚୀନ ଯୁଗରେ ମଧ୍ୟ ଖୁବ୍ ସମ୍ଭବ ଏହି ପ୍ରକାର ରୀତି ପ୍ରଚଳିତ ଥିଲା । ଶାକ୍ୟପୁତ୍ରମାନେ ଯେତେବେଳେ ମାତୃକା ପଢ଼ିବାକୁ ଲାଗିଲେ, ଗୌତମ ବୋଧିସତ୍ତ୍ୱଙ୍କ ମୁଖରୁ 'ଅ'ରୁ ଅନିତ୍ୟ ସଂସାର' 'ଆ'ରୁ ଆତ୍ମପରହିତ' ଇତ୍ୟାଦି ବାହାରିବାକୁ ଲାଗିଲା । ମଲ୍ଲିନାଥ "ଲିପେର୍ୟଥାବଦ୍ ଗ୍ରହଣେନ" (ରଘୁ ୩)-(୨୮)ର ବ୍ୟାଖ୍ୟା ପ୍ରସଙ୍ଗରେ ପଞ୍ଚାଶଦ୍‌ବର୍ଣ୍ଣାତ୍ମିକା ମାତୃକାର ଉଲ୍ଲେଖ କରି ଅଛନ୍ତି । କୌଟିଲ୍ୟ ଅର୍ଥଶାସ୍ତ୍ରରେ 'ତ୍ରିଷଷ୍ଟି' ବର୍ଣ୍ଣର ଉଲ୍ଲେଖ ଅଛି ଏବଂ ପାଣିନୀୟ ଶିକ୍ଷାରେ 'ତ୍ରିଷଷ୍ଟି ବା ଚତୁଃଷଷ୍ଟି'ର । କିନ୍ତୁ ଏହାର ବିସ୍ତୃତ ଆଲୋଚନା ଏଠାରେ ଅପ୍ରାସଙ୍ଗିକ ବୋଲି ମନେହୁଏ ।

ଉର୍ଦ୍ଦୁରେ ଗୋଟିଏ କଥା ଅଛି — "ଖୁଶଖତ ଖୁଶକିସମତ, ବଦଖତ ବଦକିସମତ" । ଅର୍ଥାତ୍ ଭଲ ଅକ୍ଷର ହେଲେ ଭାଗ୍ୟ ଭଲ ଏବଂ ଖରାପ ଅକ୍ଷର ହେଲେ ଭାଗ୍ୟ ମଧ୍ୟ ଖରାପ । ଯନ୍ତ୍ର ଯୁଗରେ ଏହାର ସତ୍ୟତା ଉପଲବ୍ଧି କରିବା କଠିନ । କିନ୍ତୁ ପ୍ରାଚୀନ ଭାରତରେ ଏହା ଅକ୍ଷରଶଃ ସତ୍ୟ ଥିଲା । ସେହି ଯୁଗରେ ହାତରେ ପୋଥି ଲେଖିବା ଅନେକଙ୍କର ଜୀବିକା ଥିଲା । ତେଣୁ ଭଲ ଲେଖକ ବା ଲେଖନକାରମାନଙ୍କର ସମାଜରେ ବେଶି ଆଦର ଥିଲା । ରାଜାଙ୍କ ପାଖରେ ମଧ୍ୟ ସବୁବେଳେ ଲେଖକ ରହୁଥିଲେ । ଏମାନଙ୍କର ଗୁଣ ସମ୍ବନ୍ଧରେ କୁହା ହୋଇଅଛି ଯେ — ସେ ଅମାତ୍ୟ

Digitized by srujanika@gmail.com

ନିଯୁକ୍ତ ହୋଇଥିବେ, ଏବଂ 'ସର୍ବ ସମୟଜ୍ଞ, ଆଶୁଗ୍ରାହୀ, ଚିତ୍ରାକ୍ଷର, ଓ ଲେଖନ ବାଚନ ସମର୍ଥ। (ଅର୍ଥଶାସ୍ତ୍ର ୨।୧।୨୮)। ଅତଏବ ମଧ୍ୟ ତାହା ପାଖକୁ କିପରି ଲେଖିବା ଉଚିତ, ତାହା ଆଗରେ ଦେଇଛି ଶ୍ରୀ-ବିଷୟରେ କଥା, ଅକ୍ଷର କିପରି ଲେଖିବାକୁ ହେବ, ଇତ୍ୟାଦି ପରିକଳ୍ପନା ଜାଣିବା ମଧ୍ୟ ଲେଖକର ଅତ୍ୟନ୍ତ ଆବଶ୍ୟକ ଥିଲା। ବଡୌଦା ଗ୍ରନ୍ଥମାଳାରୁ ପ୍ରକାଶିତ 'ଲେଖ ପଦ୍ଧତି'ରୁ ଏହି ବିଷୟରେ କିଛି ଧାରଣା ମିଳିପାରେ। ୰ କାଶୀପ୍ରସାଦ ଜୟସ୍ୱାଲ ମଧ୍ୟ ... ସମ୍ପାଦନ କରି ଅଛନ୍ତି।

ରାଜଶେଖରଙ୍କ ଦୃଷ୍ଟିରେ କବିମାନେ ମଧ୍ୟ ରାଜାମାନଙ୍କ ଠାରୁ କିଛି କମ୍ ହୋଇ ନ ଥିଲେ। ଏଣୁ କାବ୍ୟମୀମାଂସାରେ ସେ କବିଙ୍କୁ ମଧ୍ୟ ଏହିପରି ଏକ ଲେଖକ ରଖିବାକୁ ପରାମର୍ଶ ଦେଇ ଅଛନ୍ତି। ସେହି ଲେଖକ ହୋଇଥିବ — ସର୍ବ ଭାଷା କୁଶଳ, ଶୀଘ୍ରବାକ୍, ଚିତ୍ରାକ୍ଷର, ଇଙ୍ଗିତାକାରବେଦୀ, ନାନା ଲିପିଜ୍ଞ, କବି ଏବଂ ଲାକ୍ଷଣିକ।

ପ୍ରାଥମିକ ଶିକ୍ଷାର ଅନ୍ୟ ବିଷୟ ଥିଲା—ସଂଖ୍ୟା-ଗଣନା। ସଂଖ୍ୟା ଏବଂ ଗଣନା ଅବଶ୍ୟ ଏକ ପଦାର୍ଥ କିନ୍ତୁ ଲଳିତବିସ୍ତରର ସନ୍ଦର୍ଭମାନଙ୍କର ଆଲୋଚନାରୁ ଜଣାପଡେ ଯେ ସଂଖ୍ୟା ଏବଂ ଗଣନା ଦୁଇଟି ବିଷୟ। ଏହି ପୁସ୍ତକରେ ଲିପିଶାଳ ସନ୍ଦର୍ଶନ ପରିବର୍ତ୍ତରେ ଶୁଭାଙ୍ଗ ଦେବପୁତ୍ର ଶୁଦ୍ଧୋଦନଙ୍କ ପାଖରେ ବୋଧିସତ୍ତ୍ୱଙ୍କର ଶିକ୍ଷିତବ୍ୟ ବିଷୟମାନଙ୍କୁ ଏହିପରି ଗଣାଇ ଅଛନ୍ତି—

ଶାସ୍ତ୍ରାଣି ଯାନି ପ୍ରଚରନ୍ତି ମନୁଷ୍ୟ ଲୋକେ
ସଂଖ୍ୟା ଲିପିଶ୍ଚ ଗଣନାପିଚ ଧାତୁତନ୍ତ୍ରଂ।

ଅର୍ଥାତ୍ ମନୁଷ୍ୟ ଲୋକରେ ଯେତେ ଶାସ୍ତ୍ର ଅଛି, ସଂଖ୍ୟା, ଲିପି, ଗଣନା; ଧାତୁତନ୍ତ୍ର ... । ଶିଳ୍ପ ସନ୍ଦର୍ଶନ ପରିବର୍ତ୍ତରେ ମଧ୍ୟ ଶୁଦ୍ଧୋଦନ ବୋଧିସତ୍ତ୍ୱ ଗୋତମଙ୍କୁ ପ୍ରଶ୍ନ କରିଥିଲେ— ପୁତ୍ର! ଗଣକ ମହାପାତ୍ର ଅର୍ଜୁନଙ୍କ ସହିତ ସଂଖ୍ୟା ଜ୍ଞାନ କୌଶଲ୍ୟ ଏବଂ ଗଣନା ମଧ୍ୟରେ ଅନୁପ୍ରବେଶ କରି ପାରିବୁ କି? ଚତୁଃଷଷ୍ଟି କଳାରେ ଲିପି, ମୁଦ୍ରା, ଗଣନା ଏବଂ ସଂଖ୍ୟାର ଉଲ୍ଲେଖ ... ଥିବାରୁ। ଶିଳ୍ପ ଦର୍ଶନରୁ ପ୍ରତୀତ ହେଉଅଛି ଯେ ସଂଖ୍ୟା ବା ସଂଖ୍ୟାନର ସମ୍ବନ୍ଧ ରହିଅଛି ଅଙ୍କର ନିକ୍ଷେପ ସହିତ ଏବଂ ଗଣନାର ପରିମାଣ ସହିତ। ଯଥା—ଶତ କୋଟିକୁ ଅୟୁତ କହନ୍ତି, ଶତ ଅୟୁତକୁ ନିୟୁତ ଶତ ନିୟୁତକୁ ଙ୍କର ଇତ୍ୟାଦି; ଅଥବା ସାତ ପରମାଣୁ ରଜରେ ଏକ ଅଣୁ, ସାତ ଅଣୁରେ ଏକ ତ୍ରୁଟି, ସାତ ତ୍ରୁଟିରେ ଏକ ବାତାୟନ ରଜ ଇତ୍ୟାଦି। କିନ୍ତୁ ପ୍ରକୃତରେ ଏଥିରେ କୌଣସି ବାସ୍ତବ ଅନ୍ତର ନାହିଁ। ସେହି ପରିବର୍ତ୍ତରେ ସଂଖ୍ୟା ନିକ୍ଷେପର ବଦଳରେ ଗଣନା ଶବ୍ଦ ମଧ୍ୟ ଆସି ଅଛି। ପାଣ୍ଡୁଲେହିତଙ୍କ ବସ୍ତୁର ଉଦ୍ଧାର, ନ୍ୟାସ, ନିକ୍ଷେପ ଆଦି ସମ୍ଭବତଃ ଏହି ଗଣନାର ଅନ୍ତର୍ଗତ। ଜମ୍ବୁଦ୍ୱୀପ ପ୍ରଜ୍ଞପ୍ତି ଟୀକାରେ ଗଣିତ ଶବ୍ଦ ସଂଖ୍ୟା ଅର୍ଥରେ ଆସି ଅଛି। 'ଗଣିତଂ ସଂଖ୍ୟାନଂ ସଂକଳିତା ଦ୍ୟନେକଭେଦଂ ପାଠୀ ପ୍ରସିଦ୍ଧମ୍'।

ଦୈନନ୍ଦିନ ଜୀବନରେ ଗଣିତର କେତେ ଉପଯୋଗିତା, ଏହା କାହାରିକୁ ଅଜ୍ଞାତ ନୁହେ। ବାଣିଜ୍ୟ ବ୍ୟବସାୟ ତ ଏହା ବିନା ଚଳି ନ ପାରେ। ବୈଦିକ ଯାଗାଦି ଅନୁଷ୍ଠାନ ସହିତ ମଧ୍ୟ ଏହାର ଘନିଷ୍ଠ ସମ୍ବନ୍ଧ ରହିଅଛି। ଜ୍ୟୋତିଷ ତ ଗୋଟିଏ ବେଦାଙ୍ଗ ଅଟେ। ରାଜଦରବାରରେ ମଧ୍ୟ ଗଣିତଜ୍ଞ ମାନଙ୍କର ଆବଶ୍ୟକତା ପଡୁଥିଲା। ଅକ୍ଷପଟଲ ବା ରାଜକୀୟ କୋଷର ହିସାବ ରଖିବାକୁ ଏକ ଗାଣନିକ୍ୟ ବା ଅକ୍ଷପଟଲିକ (accountant) ନିଯୁକ୍ତ ହେଉଥିଲେ। ତାଙ୍କୁ ଏକ ନିବନ୍ଧ ପୁସ୍ତକ ବା ଖାତା ରଖିବାକୁ ହେଉଥିଲା, ଯହିଁରେ ଉପସ୍ଥାନ ବିଷୟ ବିଭାଗ ଅନୁସାରେ ପ୍ରତ୍ୟଙ୍କ (ସଲଖ) ବା ଉଦଙ୍କ ଉପରୁ ତଳକୁ ଶାରଣୀ କରିବାକୁ ପଡୁଥିଲା ଏବଂ ବିଭିନ୍ନ ଅଧିକରଣର ତଳେ ପୃଥକ୍ ପୃଥକ୍ ହିସାବ ଲେଖିବାକୁ ହେଉଥିଲା। ଏଥିରେ ଅଧିକରଣର ସଂଖ୍ୟା ବା କ୍ରମିକ ନମ୍ବର ମଧ୍ୟ ଦିଆ ହେଉଥିଲା ଏବଂ ବୃଦ୍ଧି, କ୍ଷୟ, ବ୍ୟୟ ଇତ୍ୟାଦି ଋତୁସାର ଫଲଗୁ କୁଣ୍ୟାଦିର ମୂଲ୍ୟ, ପ୍ରତିବର୍ଣ୍ଣିକ, ପ୍ର..., ମାନ, ଭଜାନ ସହିତ ଗୁଣ ଆଦି ଲିଖିତ ହେଉଥିଲା। (ଅର୍ଥଶାସ୍ତ୍ର ୨।୭।୨୫)। କୋଷ୍ଠାଗାରାଧ୍ୟକ୍ଷଙ୍କର ମଧ୍ୟ ଏହିପରି କାମ ଥିଲା। ଜାତକ

Digitized by srujanika@gmail.com

ଆଦିରେ ଅନେକ ରାଜକୀୟ ପୁରୁଷମାନଙ୍କର ଉଲ୍ଲେଖ ମିଳେ, ଯେଉଁମାନେ ରାଜାର ପ୍ରାପ୍ୟକର ଶସ୍ୟାଦି ପ୍ରଭୃତିର ମାପି ଅସୁଲ କରୁଥିଲେ ।

ରୂପକୁ ଯଦି ମୁଦ୍ରା ଅର୍ଥରେ ନିଆଯାଏ, ତେବେ ମଧ୍ୟ ଏହାର ଜ୍ଞାନ ବ୍ୟାପାର ବାଣିଜ୍ୟ ନିମନ୍ତେ ନିତାନ୍ତ ଆବଶ୍ୟକ ଥିଲା । ଏହି ମୁଦ୍ରାର ଅର୍ଥ ଶାସ୍ତ୍ରର ମୁଦ୍ରାଧ୍ୟକ୍ଷ ସହିତ କୌଣସି ସମ୍ପର୍କ ନ ଥିଲା । ମୁଦ୍ରାଧ୍ୟକ୍ଷର କାମ ଥିଲା ଯେ ଆମଦାନି ବା ରପ୍ତାନି ମାଲର ପରୀକ୍ଷା କରିବା ଏବଂ ଯାତାୟାତ ପାଇଁ ତାହାଉପରେ ମୁଦ୍ରା [seal] ଦେଇ ଅନୁମତି ପତ୍ର ଦେବା । କିନ୍ତୁ ଅର୍ଥ ଶାସ୍ତ୍ରର ସୌବର୍ଣ୍ଣିକା ଏବଂ ପୌତବାଧ୍ୟକ୍ଷର ସମ୍ଭବତଃ ଏହି ମୁଦ୍ରା ସହିତ ସମ୍ପର୍କ ଥିଲା । ଏହା ନିଶ୍ଚିତ ଯେ ପ୍ରାଚୀନ ଭାରତରେ ଅନେକ ରାଜ୍ୟ ଥିଲା ଏବଂ ସେହି ରାଜ୍ୟମାନଙ୍କରେ ବିଭିନ୍ନ ମୁଦ୍ରାର ପ୍ରଚଳନ ଥିଲା । ଏଣୁ ବିଭିନ୍ନ ରାଜ୍ୟର ବ୍ୟାପାରାଦି ସମ୍ପର୍କ ନିମନ୍ତେ ସେହି ମୁଦ୍ରାମାନଙ୍କର ପରିମାଣ, ମୂଲ୍ୟ ଆଦି ନିରୂପଣ କରିବା ଅତ୍ୟନ୍ତ ଆବଶ୍ୟକ ଥିଲା । ଏଥିପାଇଁ ଏବଂ କୂଟମୁଦ୍ରା ଆଦି ବନ୍ଦ କରିବା ପାଇଁ ଗୋଟିଏ ବିଭାଗ ଅବଶ୍ୟ ରହୁଥିବ । ପଣ୍ୟାଧ୍ୟକ୍ଷ ଆଦି ପାଇଁ ମଧ୍ୟ ଏହାର ଜ୍ଞାନ ଆବଶ୍ୟକ ଥିଲା । ପାଲି ସାହିତ୍ୟରେ ରୌପ୍ୟମୟ, ସ୍ୱର୍ଣ୍ଣମୟ, ତାମ୍ରମୟ ମୁଦ୍ରା ଭିନ୍ନ ଲୌହମୟ, ଦାରୁମୟ, ଜତୁମୟ ଚର୍ମମୟ, ମୁଦ୍ରାର ମଧ୍ୟ ଉଲ୍ଲେଖ ମିଳେ ।

ରୂପକୁ ଯଦି ଶିଳ୍ପ କଳା ଅର୍ଥରେ ନିଆ ହୁଏ, ତେବେ ସମାଜରେ ଏହାର ସ୍ଥାନ ଏବଂ ଉପଯୋଗ ମଧ୍ୟ ଅତ୍ୟନ୍ତ ମହତ୍ତ୍ୱ ପୂର୍ଣ୍ଣ ଥିଲା । ଏହା ୬୪ କଳା ଭିତରୁ ଗୋଟିଏ ପ୍ରଧାନ କଳା ଏବଂ ନାଗରିକ ହେବାକୁ ଏହାକୁ ଅବଶ୍ୟ ଆୟତ୍ତ କରିବାକୁ ହେଉଥିଲା । ଗଣିକାମାନଙ୍କ ସଙ୍ଗରେ ଏହାର ଅଭ୍ୟାସ କରିବାକୁ ଅନୁମତି ଥିଲା । ଉଦ୍ୟାନ ଯାତ୍ରା, ଉପବନ ବିନୋଦ, ସମାଜ, ଗୋଷ୍ଠୀ, ସର୍ବତ୍ର ଏହାର ଉପଯୋଗ ହେଉଥିଲା । କୁଳକନ୍ୟାମାନେ ଏହାର ଶିକ୍ଷା ପାଉଥିଲେ । ସଂସ୍କୃତ ସାହିତ୍ୟରେ ନାୟକନାୟିକାମାନେ ବିଭିନ୍ନ ରୂପରେ ଏହାର ଉପଯୋଗ କରି ଅଛନ୍ତି । ଯୌତୁକରେ କନ୍ୟା ମାନଙ୍କୁ ତୁଳୀ ଏବଂ ବର୍ଣ୍ଣ ସମ୍ପୁଟକ ଦିଆ ହେଉଥିଲା ।

ପ୍ରାଥମିକ ଶିକ୍ଷାର ଏହି ସବୁ ବିଷୟ ପଢ଼ାଇବାକୁ ପାଠଶାଳା ବା ଶିଳ୍ପଶାଳା ଥିଲା । କିନ୍ତୁ ଏହାର ରୂପରେଖ କିପରି ଥିଲା, ନିଶ୍ଚିତ ରୂପରେ କହିବା କଠିନ ଅଟେ । ସମ୍ଭବତଃ ରାଜା ବା ଧନୀ ଲୋକ ନିଜର ସନ୍ତାନମାନଙ୍କ ପାଇଁ ଏହି ସବୁ ଶିଳ୍ପଶାଳା ଖୋଲିଥିଲେ ଏବଂ ଅନ୍ୟ ଛାତ୍ରମାନେ ମଧ୍ୟ ଏଥିରେ ଯୋଗ ଦେଉଥିଲେ ଏବଂ ଲାଭ ଉଠାଉ ଥିଲେ । କୁମାର ବୋଧିସତ୍ତ୍ୱ ଅନେକ ବାଳକମାନଙ୍କ ଦ୍ୱାରା ଘେରି ହୋଇ ଶିଳ୍ପଶାଳାକୁ ଯାଇଥିଲେ । ରଘୁ ମଧ୍ୟ ସମବୟସ୍କ ଅମାତ୍ୟ ପୁତ୍ରମାନଙ୍କୁ ସଙ୍ଗରେ ନେଇ ଲିପି ଶିଖିବାକୁ ଆରମ୍ଭ କରିଥିଲେ । ଏହି ସବୁ ପାଠଶାଳା ବୋଧହୁଏ ଘରର କୌଣସି ଅଂଶରେ ରହୁଥିଲା, ଘରର ବାହାରେ ମଧ୍ୟ କିଛି ଦୂରରେ ରହୁଥିଲା । କୁମାର ବୋଧିସତ୍ତ୍ୱଙ୍କୁ କୁମାରମାନଙ୍କ ସଙ୍ଗରେ ଯିବାକୁ ପଡ଼ୁଥିଲା । କଠାହାରି ଜାତକରେ କଠାହାରିର ଭୃତ୍ୟ ଚନ୍ଦନ ପୁତ୍ରର ଫଳକ ନେଇ ସଙ୍ଗରେ ଯାଉଥିଲା ଏବଂ ସେଥିରୁ ଲାଭ ମଧ୍ୟ ଉଠାଉ ଥିଲା ।

ପାଣ୍ଡୁ ଲୋହିତକ ବସ୍ତ୍ରର ଉତ୍ତର କୁମାର ବା ଚିଲଡ୍ରେନ୍ ପୋଥି ବନାରସ୍‌ଙ୍କର କିମ୍ବା ଯେତେବେଳେ ମହାନ୍ (ବଡ଼) ହେଲେ, ସେମାନଙ୍କୁ ଲିପି ବା ଲିପିଶାଳାକୁ ପଠା ଯାଇଥିଲା । ବୋଧହୁଏ ଏହି ପଢ଼ା ୫ ବର୍ଷରୁ ଆରମ୍ଭ ହେଉଥିଲା ଏବଂ ୧୫ ବର୍ଷ ଅଗରୁ ଶେଷ ହୋଇ ଯାଉଥିଲା । ପଞ୍ଚମ ବର୍ଷ ବିଦ୍ୟାରମ୍ଭର ବର୍ଷ ହେଉଥିଲା । "ପ୍ରାପ୍ତେତୁ ପଞ୍ଚମେ ବର୍ଷେ ବିଦ୍ୟାରମ୍ଭଂଚ କାରୟେତ୍" । ଉତ୍ତର ରାମ ଚରିତରେ ଲବ କୁଶଙ୍କୁ ଏକାଦଶ ବର୍ଷରେ ତ୍ରୟୀବିଦ୍ୟା ଆଦି ଅଧ୍ୟୟନରୁ ଅନ୍ୟ ସବୁ ଶେଷ କରିବାକୁ ପଡ଼ିଥିଲା । ଖାରବେଳ ୧୫ ବର୍ଷ ପର୍ଯ୍ୟନ୍ତ କୁମାର କ୍ରୀଡ଼ା

Digitized by srujanika@gmail.com

ସଙ୍ଗେ ସଙ୍ଗେ ଲେଖା ରୂପ, ଗଣନା, ବ୍ୟବହାର ବିଷୟରେ ପାରଙ୍ଗମ ହୋଇ ୯ ବର୍ଷ ପର୍ଯ୍ୟନ୍ତ ଯୌବରାଜ୍ୟ କରିଥିଲେ । କିନ୍ତୁ ଇତ୍ସିଙ୍ଗଙ୍କର ବିବରଣୀରୁ ଜଣାଯାଉଛି ଯେ ବାଳକମାନେ ୬ ବର୍ଷରେ ଅକ୍ଷର ଶିକ୍ଷା ଆରମ୍ଭ କରୁଥିଲେ ଏବଂ ୬ ମାସରେ ଏହାକୁ ଶେଷ କରୁଥିଲେ । "ଲାଲୟେତ୍ ପଞ୍ଚ ବର୍ଷାଣି ଦଶ-ବର୍ଷାଣି ତାଡୟେତ୍"ର ମଧ୍ୟ ଏହାର ସଙ୍ଗରେ ସମ୍ବନ୍ଧ ଥିଲା ପରି ଜଣା ପଡ଼ୁଛି ।

ବୋଧହୁଏ ଉପାଧ୍ୟାୟଙ୍କର ମଧ୍ୟ ନିଜ କାମ ଭିତରେ ଏହା ଗୋଟିଏ ଥିଲା । ବୌଦ୍ଧ ବିହାର ମାନଙ୍କରେ 'ଆଚାର୍ଯ୍ୟ' ଙ୍କୁ ମଧ୍ୟ ଅନ୍ତେବାସିକ ମାନଙ୍କୁ ପ୍ରାଥମିକ ଶିକ୍ଷା ଦେବାକୁ ପଡୁଥିଲା । ପରେ ବିହାର ବା ମଠମାନଙ୍କରେ ଏହା ଗୋଟିଏ ପ୍ରଧାନ କାମ ହୋଇଯାଇ ଥିଲା । ଲଳିତବିସ୍ତରରେ ଏହି ପ୍ରାଥମିକ ଶିକ୍ଷାର ଅଧ୍ୟାପକଙ୍କୁ "ଦାରକାଚାର୍ଯ୍ୟ" ବୋଲି କୁହା ହୋଇଅଛି ଏବଂ ଏହାଙ୍କର ନାମ ଥିଲା ବିଶ୍ୱାମିତ୍ର । ରାଜତରଙ୍ଗିଣୀରେ ମଧ୍ୟ ଭୂଷ୍ୟ ଏବଂ କାମଦେବ ନାମକ ଏହିପରି ଦୁଇଟି ଅଧ୍ୟାପକଙ୍କର ନାମ ଦେଖିବାକୁ ମିଳେ । ଏହିପରି 'ଦାରକାଚାର୍ଯ୍ୟ' ମାନଙ୍କୁ ରାଜା ବା ଧନିକମାନଙ୍କ ଠାରୁ ବୃତ୍ତି ମିଳୁଥିବା । କିନ୍ତୁ କେତେକ ଏହାକୁ ଜୀବିକା ରୂପରେ ଗ୍ରହଣ କରିଥିଲେ ଏବଂ ପିଲାମାନଙ୍କର ଦେୟ ଉପରେ ନିର୍ଭର କରୁଥିଲେ । କିନ୍ତୁ ସ୍ମୃତିଶାସ୍ତ୍ର ମାନଙ୍କରେ 'ଭୃତକାଧ୍ୟାପକ' ହେବା ଗୋଟିଏ ଖରାପ କାମ ବୋଲି କୁହା ହୋଇଅଛି । କେବେ କେବେ ଗୁହାରେ ମଧ୍ୟ ପାଠଶାଳା ଚାଲୁଥିଲା । ଏକ ସମୟରେ ବୋଧିସତ୍ତ୍ୱ ବାରାଣସୀରେ ଦିଶାବିଶ୍ରୁତ ଆଚାର୍ଯ୍ୟ ହୋଇ ୫୦୦ ମାଣବକ 'ଶିଳ୍ପ' ପଢ଼ାଉ ଥିଲେ ଏବଂ ସେଠାକାର ଲୋକେ ଗରିବ ଛାତ୍ରମାନଙ୍କୁ 'ପରିବ୍ୟୟ' ଦେଇ ଶିଳ୍ପ ଶିକ୍ଷା ଦେବାର ବ୍ୟବସ୍ଥା କରାଉଥିଲେ । (ଲୋସକ ଜାତକ) ଆଚାର୍ଯ୍ୟଙ୍କୁ ନିଜର ଖ୍ୟାତି ମଧ୍ୟ ସୁରକ୍ଷିତ ରଖିବାକୁ ପଡୁଥିଲା । ଅନ୍ୟଥା ଆୟ କମି ଯାଉଥିଲା । କେବେ କେବେ ଆଚାର୍ଯ୍ୟ ପିଲା ମାନଙ୍କ ପାଇଁ ଧନିକମାନଙ୍କର ଘରେ ଖାଇବା-ପିଇବା ଏବଂ ରହିବାର ବ୍ୟବସ୍ଥା କରି ଦେଉଥିଲେ । ଉତ୍ତରାଧ୍ୟୟନର କପିଳଙ୍କୁ ତାଙ୍କର ମା ଯେତେବେଳେ ପଢ଼ିବା ନିମନ୍ତେ ଇନ୍ଦ୍ରଦତ୍ତଙ୍କ ପାଖକୁ ଶ୍ରାବସ୍ତୀ ପଠାଇ ଦେଲେ, ସେ ଗୋଟିଏ ଧନିକ ଘରେ ତାଙ୍କର ରହିବା ଏବଂ ଖାଇବାର ବ୍ୟବସ୍ଥା କରି ଦେଇଥିଲେ । ସେଠାରେ ରହି କିଛି ଦିନ ପରେ ସେ ଗୋଟିଏ ଦାସୀର ପ୍ରେମରେ ପଡ଼ିଲେ ଏବଂ ତାକୁ ଅଳଙ୍କାର ଦେବା ପାଇଁ ଗୋଟିଏ ଧନିକ ପାଖକୁ (ସେ ସକାଳୁ ଦୁଇଟି ସୁବର୍ଣ୍ଣ ଦେଉଥିଲେ)— ସୁବର୍ଣ୍ଣ ମାଗିବାକୁ ଗଲେ । କିନ୍ତୁ ଯାଉଁ ଯାଉଁ ବାଟରେ ଧରା ପଡ଼ିଲେ ଏବଂ ବିମ୍ବସାରଙ୍କ ପାଖକୁ ନିଆହେଲେ । ସେଠାରେ ସବୁ ପ୍ରକାଶ କରିବାରୁ ତାଙ୍କୁ ପଚରା ହେଲା ଯେ ସେ କେତେ ସୁବର୍ଣ୍ଣ ଚାହାନ୍ତି । ସେଠାରେ ସେମାନେ କିଛି ଠିକ୍ କରି ନ ପାରି ସ୍ଥିର କରିବାକୁ ଗୋଟିଏ ବଗିଚାକୁ ଗଲେ ଏବଂ ସେଠାରେ ଭାବି ଭାବି ଏକ କୋଟି ପର୍ଯ୍ୟନ୍ତ ପହଞ୍ଚିଲେ । କିନ୍ତୁ ହଠାତ୍ ତାଙ୍କର ଜ୍ଞାନୋଦୟ ହେଲା ଏବଂ ସବୁ ତ୍ୟାଗ କରି ସଂସାର ଛାଡ଼ି ପଳାଇ ଗଲେ ।

ପାଠଶାଳାକୁ ଗଲାବେଳେ ପିଲାମାନେ ଗୋଟିଏ ଫଳକ ସଙ୍ଗରେ ନେଇ ଯାଉଥିଲେ । କଟାହକ ଭୃତ୍ୟ ଏହି ଫଳକ ନେଇ ଶ୍ରେଷ୍ଠିପୁତ୍ର ସଙ୍ଗରେ ଯାଉଥିଲା । ବୋଧିସତ୍ତ୍ୱ କୁମାର ମଧ୍ୟ ଉରଗସାର ଚନ୍ଦନମୟ ଲିପିଫଳକ ଏବଂ ମଣିରତ୍ନପ୍ରତ୍ୟୁପ୍ତ ଦିବ୍ୟ ସ୍ୱର୍ଣ୍ଣ ତୀରକ ନେଇ ଆଚାର୍ଯ୍ୟ ବିଶ୍ୱାମିତ୍ରଙ୍କ ପାଖକୁ ଯାଇଥିଲେ । କିନ୍ତୁ କିପରି ଲେଖୁଥିଲେ, ଏହାର କୌଣସି ବିବରଣ ମିଳୁନାହିଁ । ସମ୍ଭବତଃ ଫଳକ ଉପରେ ଚିକ୍କଣ ଧୂଳି ସମାନ ଭାବରେ କାଷ୍ଠର ତୀରକ ଦ୍ୱାରା ଏହା ଉପରେ ଲେଖା ହେଉଥିଲା । ଏହି ରୀତି ଆଜିକାଲି ମଧ୍ୟ କୌଣସି କୌଣସି ଠାରେ ଦେଖିବାକୁ ମିଳେ । ଜ୍ୟୋତିଷ ଗ୍ରନ୍ଥ ମାନଙ୍କରେ ଗଣିତ ବୁଝାଇବାକୁ ଯେଉଁ ଧୂଳି କର୍ମର ଉଲ୍ଲେଖ ମିଳେ, ବୋଧହୁଏ, ତାହା ଏହି ଜିନିଷ । କିନ୍ତୁ ଅନେକେ ଖଡ଼ିରେ ଲେଖୁଥିବେ,

Digitized by srujanika@gmail.com

ଫଳକ ଉପରେ ହେଉ ବା ମାଟି ଉପରେ ହେଉ । କାବ୍ୟ ମୀମାଂସାରେ ରାଜଶେଖର କବିଙ୍କ ସମୀପରେ ଏହି ସବୁ ରହୁଥିବା ନିତ୍ୟ ପ୍ରୟୋଜନୀୟ ପଦାର୍ଥ ମାନଙ୍କ ଭିତରେ ଏହି ସବୁର ଉଲ୍ଲେଖ କରି ଅଛନ୍ତି — ସମ୍ପୁଟକା, ଫଳକ, ଖଡ଼ିକା, ସମୁଦ୍ଗକ, ଲେଖନୀ, ମସୀଭାଜନ, ତାଡ଼ପତ୍ର, ଭୂର୍ଜପତ୍ର, ଲୌହକଣ୍ଟକ, ତାଳପତ୍ର ଏବଂ ସୁସମୃଷ୍ଟ ଭିତ୍ତି । ଏହି ସବୁ ପଦାର୍ଥ ସେ ସମୟ ଅବଶ୍ୟ ବ୍ୟବହାର କରୁଥିବେ ।

# ଅଧଘଣ୍ଟା

ଶ୍ରୀ କୃଷ୍ଣ ପ୍ରସାଦ ମହାପାତ୍ର

ନୂଆ ଅଷାଢ଼ର ନବେଲା ଦ୍ୱିପହର ଟିଏ । ସକାଳୁ ଆରମ୍ଭ ହୋଇଥିବା ଝିପି ଝିପି ବରଷାର ଶେଷ ହୋଇ ନ ଥାଏ । ଗାଡ଼ିଆ ସେ ପାରିର ବାଉଁଶ ବଣ ସଙ୍ଗେ ସାମାନ୍ୟ ବରଷାର ମୃଦୁ ଖେଳ ବେଶ୍ ଜମି ଆସିଥାଏ । ମଝିରେ ମଝିରେ ଥିର ଶୀତଳ ପବନ ଦେହରେ ଲାଗି ଶୀତେଇ ଉଠୁଥାଏ । ଝରକାର ଡନ୍ତା ନାଲି ପର୍ଦ୍ଦାଟା ଟିକିଏ ଘୁଂଚେଇ ନିଦଭରା ଅଳସ ଆଖିରେ ବାହାରକୁ ଅନାଇଲି । ଝରକା ପାଖ ନଡ଼ିଆ ଗଛ ଉପରେ ଭିଜି ଯାଇଥିବା କୁଆଟିଏ ବସି ବିରକ୍ତ କରୁଥାଏ ଭାରି । ଘଣ୍ଟାକୁ ଅନାଇଲି । ସେତେବେଳେ ସାଢେ଼-ବାର । ନିଦରୁ ଉଠି ଭାବିଥିଲି ବେଶୀ ସମୟ ହୋଇ ଯାଇଥିବ ।

ହାଲ୍‌କାଏ ପାଣି ମିଶା ପବନ ଆସି ଦେହରେ ଝାଂଟି ହୋଇଗଲା । ଉଠି ସଙ୍ଗେ ସଙ୍ଗେ ପଚାରିଲି, "କିରେ ନବୀନ, ସମୟ ହେଲାଣି ପରା !"
"ହଁ ବାବୁ" ସଙ୍ଗେ ସଙ୍ଗେ ରୁକ୍ଷର ଟୋକା ଜବାବ ଦେଲା ।
ବାହାର ବାରଣ୍ଡାରେ ବସି ହୁଏତ ସେ କଣ ଗୋଟାଏ ଭାବୁଥିଲା । ତା ମୁଁ ଜାଣି ପାରିଲି ନାହିଁ କିନ୍ତୁ ମୋର ପାଟି ଯେ ତାର ଭାବନା ସ୍ରୋତକୁ ବାଧା ଦେଇଥିଲା ତା ମୁଁ ଠଉରାଇ ନେଇଥିଲି ଠିକ୍ ।

ଝୁଣ୍ଡ ଝୁଣ୍ଡ ବରଷା ଛାଡ଼ି ନ ଥାଏ — ଛାଡ଼ିବାର ଆଶା ବି ନ ଥାଏ । ମୋ ସାଇକେଲ ଟି ଧରି ସେ ଚାଲିଲା ଆଗେ ଆଗେ; ତା ପଛେ ମୁଁ — ଛତା ଖଣ୍ଡିଏ ଧରି । ପତଳା କାମିଜଟି ଦେହରେ ଥିଲା ଆଉ ତା ଭିତରେ ପତଳା ଦେହଟି ମୋର ଥରି ଉଠୁଥାଏ ଥରେ ଥରେ ଶୀତଳ ପବନର ଛାଟ ପାଇ । ଏ ପର୍ଯ୍ୟନ୍ତ ଶୀତ ବରଷା ପାଇଁ ଭଲ କୋଟ ବା କାମିଜ ଟିଏ ତିଆରି କରି ପାରି ନାହିଁ । ନବୀନର ଦେହରେ ଆବରଣ ନ ଥାଏ କିଛି । କଳା କାଠି କାଠି ଚିକ୍କଣ ଗୋଲ ଗାଲ ଦେହ ତାର । ମୋ ପରି କିଛୁ ଉପର ଆବରଣର ଜରୁରତ ସେ ବୁଝିପାରୁ ଥିଲା କି ନାହିଁ କେ ଜାଣେ ।

କଚେରି ସାମନାର ଝଙ୍କା ବରଗଛ ତଳେ ଛୋଟ ଛୋଟ ଅନେକ ଚା' ଦୋକାନ । ଦୋକାନ ସାମନା ତାଲ ପତର ଛାଟି ତଳେ ରିକ୍‌ସା ବାଲା ଆଉ ଠେଲା ଠେଲିଆ କେତେ ନୁଗୁରୁ ଫୁଙ୍ଗା ଲୋକଙ୍କର ଆଡ୍ଡା ଜମି ଆସିଥାଏ ବେଶ୍ । ମୋର ସେ ଆଡ଼େ ବିଶେଷ ଲକ୍ଷ୍ୟ ନ ଥିଲା । କିନ୍ତୁ ମୋ ଆଗରେ ଚାଲିଥିବା ମାଟିଆ ଖାକୁଆ ଉପରେ ଖାଲି ଗୋଡ଼ରେ ଚାଲୁଥିବା ମୋର ରୁକ୍ଷର ଟୋକାର ନଜର ଠିକ୍ ପଡ଼ୁଥାଏ । ତାର ମନ ସେ ବନ୍ଧୁଙ୍କ ସଙ୍ଗରେ ସେଇଠି କୋଇଲା ଦଉଡ଼ା ଚୁଲି ପାଖରେ ବସି ଗରମ ଗରମ ଚା' ଗ୍ଲାସଟିଏ ଖାଉନ୍ତା — ଆଉ ତା ପରେ ଖଣ୍ଡିଏ ଛୋଟ ବିଡ଼ି । ତଥାପି ସେ ଆଗକୁ ଚାଲୁଥାଏ ଆଉ ତା ପଛେ ମୁଁ ।

ବଡ଼ ବାବୁଙ୍କର ଠିକ୍ ତଳେ ହୃଦୟ ସାହୁ

Digitized by srujanika@gmail.com

ଚ୍ଛୋଟ ଦୋକାନ ଟିଏ କରିଛନ୍ତି ଅନେକ ଦିନୁ । ଦୋକାନ ଭିତରେ ଅଧା ପକ୍କାରେ ଦି’ଟା କାଠ ବେଞ୍ଚ ଆଉ ଗୋଟାଏ ଦରଭଙ୍ଗା ଟେବୁଲ ପକାଇ ଦେଇଥାଏ । ଗୋଟାଏ କଡ଼ରେ ଏକଟେଲ ଷ୍ଟୋଭ ପଡ଼ି ଥାଏ ଗୋଟାଏ କଣରେ ତାର ଦୋକାନ ସରଞ୍ଜାମ — ଗୋଟାଏ ଦି’ଟା ବସ୍ତା । ପକ୍କା ସାମନାରେ ଗୋଟିଏ ଚୁଲି ଆଉ ତା ପାଖକୁ ଲଗି ଗୋଟାଏ କଳା କାଠ ପଟା । ଉପରେ ତାଲା ପଥର ଥାଳି । ପଟା ଉପରେ ଚୋଟ ଚୁଡ଼ିଏ ଥାକରେ ପକୋଡ଼ି, ବରା, ମିଠେଇ ଆଉ ଅନେକ କିଛି । ଚୁଲି ତଳେ କଟେଇଟିରେ ତେଲ ଟିକିଏ ଆଉ ତା ପାଖକୁ ଲଗି କଂସାରେ ପକୋଡ଼ି ଛାଣିବା ପାଇଁ ଜିନିଷ ଠିକଣା କରି ରଖିଛି । ବାହାରେ ସେଇଠୁ ଟିମ୍ ଟିପେ ବରଷା ଆଉ ଦୋକାନ ଦରଜା ଲଗି ପିମ୍ପୁଲ ଗଛର ଥଣ୍ଡା ପବନ । ମାଛିମାନଙ୍କ ମେଳର ବେଶ୍ ସମସ୍ତ — ପରେ ତା ଜମିଥାଏ ସାହୁର ଦୋକାନ କାଠପଟା ଉପରେ ।

ଦୋକାନର ସେ ପଟେ ପାନ ଦୋକାନ ଟିଏ । ତାରି ଭିତରେ ବସି ଦୋକାନୀ ନିଜ ବରଜ ବସି ଚିଣ୍ଡି ଖାଉଥାଏ ଗୋଟାଏ ହାତରେ—ଆଉ ଅନ୍ୟ ହାତରେ ଧରିଥାଏ ଚା’ ଗ୍ଲାସ ଟାଏ । ମୁଁ ସେଇଠି ପହୁଞ୍ଚିଲି ।

“କିରେ ନବୀନ, ପରୀର ତ ଟାଉନ ବସ୍ ଅସିଲାଣି କି ନାହିଁ ।”

“ଅବେ ଏ ଦୋକାନୀ ଟୋକା, ବାବୁ କହୁଛନ୍ତି କେତେବେଳେ ଟାଉନ୍ ବସ୍ ଆସିବ ।” ନବୀନ ପଚାରିଲା ।

‘କେତେବେଳୁ ଚାଲି ଗଲାଣି’ । ସେ ଉତ୍ତର ଦେଲା ଏ ଆଡ଼େ ନଜର ନ ଦେଇ । ଗ୍ଲାସ ଭିତରେ ଚା’ ଅଣ୍ଡା ଝୋଇଯିବ ବୋଲି ଭୟ ତାର ଥାଏ । ଡ୍ରାଇଭର ଟୋକା ନବୀନ ସଙ୍ଗେ ଭାଷାର ବିନିମୟ କରିବାକୁ ଯେପରି ତାର ଇଚ୍ଛା ନ ଥାଏ ମୋଟେ ।

ବସ୍ ଚାଲି ଗଲାଣି । ଟିକିଏ ଇତସ୍ତତ ହେଲି । ତଥାପି ସଠିକ ଖବର ଜାଣିବା ପାଇଁ ହରିଆ ସାହୁର ଦୋକାନ ତଳକୁ ଆସିଲି ।

“କହେ, ଟାଉନ୍ ବସ୍ ଗଲାଣି କି ?”

“ନା ବାବୁ ଯାଇ ନାହିଁ, ଏଇ ଅଧ ଘଣ୍ଟା ବାଦ ଆସିବ ପୁରୁଣା ବଜାରରୁ ଆଉ ନାଙ୍କ ସଲଖା ଚାଲିଯିବ ଇଷ୍ଟେସନ ।” ଏକା ଥରକେ ସାହୁ ଉତ୍ତର ଦେଲା ।

“ଅପେକ୍ଷା କରିବାକୁ ପଡ଼ିବ ତା ହେଲେ ।

—‘ହଁ ଆଜ୍ଞା ଅଧଘଣ୍ଟା —ଆସନ୍ତୁ ଖୋଲକୁ ।”

କହି ବେଂଚ ଟିକିଏ ସଫା କରି ଦେଲା ମୋ ପାଇଁ । ନବୀନ ସୁଟକେଶଟି ମୋ ପାଖରେ ଥୋଇ ଚୁଲି ପାଖକୁ ଯାଇ ବସି ପଡ଼ିଲା ।

---- ଅଧଘଣ୍ଟା, - ଏଇଠି କଟିବ ।

ହରିଆ ସାହୁର ଦୋକାନ ଭିତରେ ! ଏହି ମାନଙ୍କ ସଙ୍ଗରେ ଯେଉଁମାନେ ଅତି ସବୁଠୁ ଗରିବ, ସବୁଠୁ ବେଶୀ ଲାଂଛିତ । ଜୀବନର ଗଡ଼ ପଥରେ ଯେଉଁ ମାନଙ୍କର ପ୍ରତିଦିନ ଯୁଦ୍ଧ ଚାଲେ ।

“ଦ’ ପଇସାର ପାକୁଡ଼ି ଦେ” ।

ପଟୋଳଭି ଅଧା ଅଧି ଛଣା ସରିଛି । ସେ ଆଡ଼େ ମୋର ଖିଆଲ ନ ଥିବା । ଠୋଙ୍ଗ ହେଁଥିର ପାଟି ଶୁଣି ଜାଣି ପାରିଲି । ନବୀନ ବସିଥାଏ ଚୁଲି କଡ଼କୁ ଲଗି । ସୋରିଷ ତେଲର କଡ଼ା ବାସନାରେ ସେ ମସଗୁଲ୍ ହୋଇ ଯାଇ ଥିଲା ଆଉ ପକୋଡ଼ି ଛଣାର ଚର ଚର ଶବ୍ଦ ଶୁଣି ।

“ଆ’ବେ ନବୀନ, ହିଁଅକୁ ଦ’ ପଇସାର ପାକୁଡ଼ି ଦେ’ବେ । ମୋ ହାତରେ କାମ ।” କହିଲା ହରିଆ ସାହୁ । ନବୀନ ହଠାତ୍ ଉଠି ପଡ଼ିଲା ।

“କି ଲୋ ହିଁଅ, ବାପା ଅସିଲାଣି କେଉଁଠୁ” ।

‘ନା ଅସି ନା ।’ କହିଲା ଠୋଙ୍ଗ ସେହି ହେଁଥିଟି । ପାଟି ତାର ଠିକ କଥା କହି ପାରୁ ନ

Digitized by srujanika@gmail.com

ଥାଏ । ବାହାରର ଥଣ୍ଡା ପବନ ତା ଦେହରେ ବି ଶୀତଳ ଛୁଇଁ ପକାଇ ଦେଉଥାଏ ।

"ଅଲୋ ଫୁଲୁଡ଼ି କିଏ ଖାଇବ" ? ସାହୁ ପଚାରିଲା । ହାତରେ ତାର ଛଣା ଚଟୁ ।

"ବୋଉ" ପୁଣି ସେହି ଅତି ଛୋଟ ଉତ୍ତର ଟିଏ । ନବୀନ ପଛରେ କିଛି ପକୋଡ଼ି ବଢ଼ାଇ ଦେଲା ଝିଅ ହାତକୁ । ଝିଅ ଚାଲି ଯିବାକୁ ବସିଲା ।

"ରହିଲୋ ରହ । ଅବେ ନବୀନ ଭ'ଟା ବସି ଅଛି ବୁଟ କିଛି ଦେ ତାକୁ ସେ ଖାଉ ।" ହରିଆ ସାହୁ କହିଲା । ମୁହଁରେ ତାର ମମତାର ଦୀର୍ଘ ରେଖା । ସ୍ନେହ ଭରା ଆଖିରେ ସେ ଚାହିଁ ରହିଛି ଝିଅକୁ ।

ଅନ୍ୟ ଆଡ଼େ ମୁଁ ଆଖି ଫେରାଇଲି । ଝିଅଟି ଜଲଖିଆ ଧରି ଦୌଡ଼ି ଦୌଡ଼ି ଚାଲିଗଲା ।

- - - - - ମମତା — ସ୍ନେହ । ଏହା କଣ ମୁଁ ଠିକ ଏ ଯାଏ ଜାଣି ନାହିଁ । ସୀମାହୀନ ସମୁଦ୍ର ବକ୍ଷରେ ଲଙ୍ଗର ବିହୀନ ନୌକା ପରି ମୋର ଜୀବନ । କିନ୍ତୁ ଅନେକ ବର୍ଷର ଅଶେଷ ଅଭିଜ୍ଞତା ପରେ ହରିଆ ବୁଝିଛି ତାର ଠିକ ଅର୍ଥ । ସେ ବୁଢ଼ା ହୋଇଛି— ବାଳ ତାର ରୁପେଲି ରଙ୍ଗ ଧରି ନ , କିନ୍ତୁ ସେ ଜାଣେ । ଆଜି ନବୀନ ଗଭା ବୟସର ଟୋକାଟିଏ । ବୟସ ତାର ଜମାଟ ବାନ୍ଧି ଆସୁଛି ଯୌବନର ଗାର ଛୁଇଁବା ପାଇଁ । ସେ ବି ତାର ମର୍ମ ଠିକ୍ ବୁଝି ପାରିନି ।

"ସାହୁ, ଗରମ ଚା' ଟିକିଏ ଦବ" ?

ଶବ୍ଦ ସ୍ରୋତ ମୋର ଅଟକି ଯାଇଛି,—ପତଳା ଥର ଥରିଆ କଣ୍ଠ ସ୍ୱର ଶୁଣି । ଅନାଇଲି ବୁଢ଼ାଟାଏ—ବୋଧ ହୁଏ ଅଧା ବଙ୍ଗାଳି । ତାର ଅଧା ବଙ୍ଗାଳୀ ଓ ଅଧା ଓଡ଼ିଆ ଭାଷା ପରିଚୟ ଦେଇଛି । ମୁହଁରେ ତାର ଅଭ୍ର ନାହିଁ । ଆଖି ତାର ପଶି ଯାଇଛି ଆଉ ଗାଲର ମାଂସ ଓହଳି ପଡ଼ିଛି ତଳକୁ । ଫଟା କୋଟର ପକେଟରେ ହାତ ପୁରାଇ ଆଉ ଅନ୍ୟ ଲୁଚି ନ ଥିବା ମଇଳା ଲୁଗାର କାନି ଧରି ସେ କହୁ କହୁ ଦୋକାନ ଭିତରକୁ ପଶି ଆସିଛି ।

"ପରଟା ଅଛେ ଦୁ ଟା ଦିଅ ।"

ହରିଆ ସାହୁ ପତ୍ର ଗୋଟାକରେ ଥଣ୍ଡା ପରଟା ଦି'ଟା ବୁଢ଼ା ହାତକୁ ବଢ଼ାଇ ଦେଲା । ତା ସଙ୍ଗରେ କଞ୍ଚା ଆଉ କଖାରୁ ତରକାରୀ ଟିକିଏ । ନବୀନ ଗ୍ଲାସରେ ଚା' ଆଣି ତା ପାଖେ ଥୋଇ ଦେଲା ।

"କି, ପରଟା ଥଣ୍ଡା," ବୁଢ଼ା ନ ଅନାଇ କହିଲା କିନ୍ତୁ ଅପେକ୍ଷା କରି ନ ଉତ୍ତର ପାଇବାକୁ ।

"ହିଁ, ଚା' ଟିକେ ଗରମ ଅଛି," 'ଚା' ଗ୍ଲାସଟା ତାର କୁଞ୍ଚି କୁଞ୍ଚିଆ ଓଠ ଛୁଇଁଲା ବୁଢ଼ା ଚୁମ୍ବି ଦେଲା ।

"ବୁଢ଼ାବାବୁ, ସେ ଗରମ ଏଇସିଆ ଚା'ଖାଇଲାର ନେଇ ଦେଲେ ଛ' ପଇସା ଲାଗିବ । କଲା ହୋଇଛି ତିନି ପଇସା !" ହରିଆ ତା ଆଡ଼କୁ ନ ଚାହିଁ କହିଲା ।

ସଙ୍ଗେସଙ୍ଗେ ବୁଢ଼ାର ବାଁ ହାତଟି କୋଟ ପକେଟରେ ପଶିଗଲା । ସେ ବୋଧହୁଏ ଆଙ୍ଗୁଠିରେ ଦେଖି ପଇସା ଠିକ ଅଛି କିନା ପରଖି ନେଲା, ପକେଟରୁ ହାତ ବାହାର ଆସିଲା ଧୀରେ ଧୀରେ କିନ୍ତୁ ଛ'ପଇସି ଦି ଟଙ୍କାର ଗୋଟିକରୁ ତାର ଭାଷା ବାହାରି ନାହିଁ । ------

କେତେ ସମୟ ପରେ ତା ଆଡ଼କୁ ଚାହିଁଲି । ସେ ମାଟିରେ ଓଳିଆର ବସିଥାଏ, ଜୁଳୁ ଜୁଳୁ ଆଖିରେ ଚାହିଁଥାଏ, କଳାପଟା ଉପରକୁ ଯେଉଁଠି ଲକ୍ଷ ମାଛିର ମେଳା ଜମିଥାଏ ।

ତା ପରେ — ଅଣ ଓସାରିଆ ରାସ୍ତା ଦାଣ୍ଡରୁ ଆସିଲେ ଦୁଇଜଣ । ଜଣକ ହାତରେ କୋଡ଼ଟିଏ ଆଉ ଜଣ ଠିକ୍ କହି ଦେବ ନାହିଁ—ମାଟି ଖୁସିବା ଖୋଳିବା ପରି ଦଣ୍ଡ ନ ଥାଏ ।

କୋଡ଼ବାଲା ଦୋକାନ ଉପରକୁ ଉଠେଇ ନବୀନକୁ ଚୂଲୀ ପାଖରୁ ଟାଣି ଆଣି ତା ଜାଗାରେ ବସି ପଡ଼ିଲା ଆଉ ବରାଦ ଦେଲା କପେ ଚା । ନବୀନ ଟିକିଏ ଏଆଡ଼ ସେଆଡ଼ ହେଲା କିନ୍ତୁ ପୁଣି ଜାଗାଟିଏ ବାଛି ବସି ପଡ଼ିଲା । ଅନ୍ୟ ଜଣକ ଗପ ଆରମ୍ଭ କରି ଦେଇଛି— ଏ ମଧ୍ୟରେ ହରିଆ ସାହୁ ସହିତ । ଅନେକ କଥା ବିଲ-ବାଡ଼ି ମହଙ୍ଗା ଇତ୍ୟାଦି ।

Digitized by srujanika@gmail.com

ସେତିକି ବେଳେ ଖଟ୍ଟା ଉପରେ ପ, ଜଣେ ସାନ୍ୟାଲ ସ୍ତ୍ରୀ ଏଆଡ଼େ ସେଆଡ଼େ ଚାହିଁ ଅନାଉ ଥିଲେ କି, ଅନ୍ୟ ଜଣକର ଆଖି ପଡ଼ିଗଲା ଯାହାଙ୍କ ଉପରେ।

"କିଲୋ ଏଆଡ଼େ ଆସୁନ୍‌! ଆ କଥା କହିବା ଶୁଣିବେ କଥା।" ଥିବା ପାଇଁ ବୋଧହୁଏ ଜଣକର ମନୋଭାବ ଅଧରୁ। ତାଙ୍କ ଶୁଣି ସଙ୍ଗେ ସଙ୍ଗେ ଚାଲି ଆସିଲା ଖଟ୍ଟା ତଳକୁ, ମୁହଁରେ ତାର ମୁଲ୍‌କି ହସ, ଚହାଣି ଚଞ୍ଚଳ।

ଅନ୍ୟ ଜଣକ ଖଟ୍ଟା ଉପରେ ଛିଡ଼ା ହୋଇ ଅନାଇ ଥାଏ, "କିଲୋ, ମୋ ବଳରେ କଣ କାମ ଅଛି କରିବୁ ନାହିଁକି?" ସେ ଉତ୍ତର ଦେଲା ନାହିଁ। ଓଠରେ ତାର ମୁଲ୍‌କି ହସ, ଆଖିରେ ଅବୁଝା ଭଙ୍ଗୀର ଇଙ୍ଗିତ।

"କଣ, କି କୁହୁନୁ? ଏଇଆ ତ ନବୁ-କହୁଛୁ। ଆଜି ଯା, ପଛେ କଥା ବୁଝାହେବା। ବୁଝିଲୁ, ସନ୍ଧ୍ୟାରେ ଠିକ୍ ଏ ବସାଆଡ଼େ ଆସିବୁ। ହଁ, ଯା!" ଏହା କହି ସେ ଅନାଇଲା ତା ଆଡ଼େ। ଚହାଣୀ ତାର ଛନ୍ଦିତ।

---- ସେ ଯୁବତୀ ନୁହେଁ, ବୟସ ତାର ଢଳି ଯାଉଛି। ଆଖିରେ ଯୌବନର ଚଞ୍ଚଳତା ବା ମାଦକତା ନାହିଁ। ବୋଧହୁଏ ତିରିଶର ଅରପାଖେ। ଏଥିପାଇଁ ତାର ଦେହର ଆକାଂକ୍ଷା ପୂର୍ଣ୍ଣ ହୋଇନି — କ୍ଷୁଧା ମେଣ୍ଟିନି। ଖୋସାରେ ତାର ଧଳା ଫୁଲର ମାଳ, କାନରେ ପିତଳର ଶସ୍ତା ଫୁଲ୍‌ ଅଙ୍ଗ ଦେହରେ ଲାଲ୍‌ ଟହ ଟହ ଛିଟ ଲୁଗା।

ପାଣିରେ ଅଧା ତନ୍ତୁ କଳା ଦେହରେ ତାର ଚିପି ରହିଛି।

"ଆସିବ"। ଝହ୍‌ କରି ଲେଉଟି ପଡ଼ି ଚାଲିଗଲା ସେ। ନୂଆ ତା ଆଡ଼କୁ ଚାହିଁ ରହିଥାଏ। ଆଉ ନବୀନ ଚାହିଁ ରହିଥାଏ ମୋ ଆଡ଼େ। କିନ୍ତୁ ବୁଢ଼ାର ନଜର ତା ଉପରେ ପଡ଼ିନି!

ଏଇ ଗୋଟିଏ ଦୁନିଆଁ। କେତେ ଲୋକଙ୍କର ଆଡ୍‌ଡା ଜମେ ଏଇଠି ସବୁଦିନ—କି ବର୍ଷା କି ଶୀତ। ଅନେକେ ଅସନ୍ତି, ବ୍ଲାକ-ମାର୍କେଟ ଆଉ ଚୋରର ଶ୍ରେଣୀର; ଆଉ ମୋ ପରି ଅସନ୍ତି ବନ୍ଧୁର କାମ-ଭୂଲ୍‌ରେ। କିନ୍ତୁ ମୁଁ ଭୁଲି କହିନି ସେଇଠି ବସି ରହି। ଅଧଘଣ୍ଟା! କାଲି ବସି ରହି ମୁଁ ମାଟିର ଭାଷା ବାହାର କରି ନ ଥିଲି କିନ୍ତୁ ତାକୁ ଜୀବନର ସବୁ ଦିନର ଗୋଟାଏ ବାସ୍ତବ ଚିତ୍ର ମୋର ଖାତାରେ ଅଙ୍କି ହୋଇଗଲା ତା ମନକୁ।

"ବାବୁ ଟାଉନ ବସ୍‌ ଆସୁଛି," ନବୀନ ଛଡ଼ାହେଲା ସୁଟକେଶ୍‌ଟି ଗୋଟାଏ ହାତରେ ଧରି।

ମନିବେଗରୁ ଗୋଟାଏ ପଇସା ବାହାର କରି ତା ମେଲା ହାତକୁ ବଢ଼ାଇ ଦେଲି। ଗୋଟାଏ ବର୍ଷା ଦିନର ଆଡ୍‌ଡା ତାର ଠିକ୍‌ ଭରି ପାରିବ, ଦୁ'-ପଦୋଟ ଆଉ ବିଡ଼ି। ଏତକରେ ତାର ବିଳାସ ଶେଷ। ତା ମୁହଁରେ କୃତଜ୍ଞତାର ଗୋଟାଏ ରେଖା ଅଙ୍କିତ ହୋଇଗଲା।

ଖଟ୍ଟା ଉପରେ ଟାଉନ ବସ୍‌ ଆସି ଛିଡ଼ା ହେଲା। ଏ ପର୍ଯ୍ୟନ୍ତ ଟିପି ଟିପି ବରଷା ଆଉ ଥଣ୍ଡା ପାଣି ମିଶା ପବନ ବନ୍ଦ ହୋଇ ନ ଥାଏ।

## ପୂର୍ଣ୍ଣଚ୍ଛେଦ

ଶ୍ରୀ ଜୟବିହାରୀ ମିଶ୍ର

ମନେକର ତନ୍ୱୀ,
ଯେ ଦିନ ଏମିତ ଏକ ମାଧବୀର ରାତେ
ରଂଜିଥିଲା ଶୁଭ୍ର ଜ୍ୟୋତ୍ସ୍ନା ସ୍ନିଗ୍ଧ ତୁଳୀ ନେଇ
ଏଇ ଧରା
ଅଉ ଏଇ ବକୁଳର ତଳ,
ଏଇ ଅଙ୍କ ପର
ବସିଥିଲୁ ଆମେ ଦୁହେଁ ଲଗାଲଗି ହୋଇ
ଦେହେ ଆମ ଥିଲା ସ୍ଫୂର୍ତ୍ତି, ଅଭିନବ ବଳ।
କିନ୍ତୁ —
ସେ ଦିନ ଓ ଆଜ ମଧ୍ୟେ କେତେ ଯେ ତଫାତ
ପାରିଛ ସମଝି?
ନା, ନା, ପାରିବନି ତୁମେ;
ଜ୍ଞାନଶୂନ୍ୟା, ଚଞ୍ଚଳତା ଯିଏ
କଥାର ଗୁରୁତ୍ୱ ମୋର ପାରିବ ନା ବୁଝି!!

Digitized by srujanika@gmail.com

ଶୁଣ … ଶୁଣ
ସେ ରଜନୀ ଆମ ପକ୍ଷେ ଆଣିଥିଲା ଶୁଭର ଲଗନ,
ଆମ ମଧ୍ୟେ ଥିଲା ପ୍ରୀତି, ଥିଲା ମାୟା,
ଥିଲା କେତେ ସ୍ନେହ ବନ୍ଧନ !
କିନ୍ତୁ ଆଜ ତାହା
ପୁରାପୁରି ଯାଇଛି ବଦଳି ।
ଜାଣେନା ମୋ ପ୍ରତି ତୁମ ଅନ୍ତରର ଭାବ
କିନ୍ତୁ ହୃଦେ ମୋର
ପ୍ରତିଶୋଧ ବହ୍ନି ଆଜ ଗର୍ବେ ଉଠେ ଜଳି ।
ଠିକ ସେହି ଦିନ—
କ'ଣ ଥିଲ କହି … ଅଛିଟି କି ମନେ ?

ବୋଧହୁଏ ଯାଇ ଅଛ ଭୁଲି—
ତେଣୁ ବୋଧେ ହେଲ ହାତ ଏଇ ଅପକାମେ !!
ଥିଲ କହି ଏ ଅନ୍ତର ପେଇ
'ତୁମକୁ ମୁଁ ପାଏ ଭଲ … ଅତି ଭଲ ପାଏ,
ମନେରଖ, ଯିବନାହିଁ ଭୁଲି ।"
ପୁଣି ଥିଲ କହି—
"ସମ୍ପର୍କ ଏ ଆମରି ପ୍ରଣୟ,
ରହୁ ତାକୁ ସଞ୍ଜୀବିତ
ଯେମିତି ହୁଏ ନା ତାହା କାଳେ କାଳେ କଦାପି ବିଲୟ ।"

କିନ୍ତୁ ତୁମେ—
ସମ୍ମାନେ ମୋ ଦେଲ ଗୁରୁବ୍ୟଥା,
ପ୍ରଣୟରେ ଦେଲ ଜଳାଞ୍ଜଳି;
ପାରୁଛ କି ବୁଝି—
ସେ ଆଘାତେ ହୃଦ ଯାହା ହୁଏ ଆଜ ପଳେ ପଳେ ଦଳି !!
ସତେ ଅବା ତୁମେ ଛଳମୟୀ,
ଅବା ଇଏ ପ୍ରାକୃତିକ ନାରୀ ଜାତି ଅଟେ ଆତତାୟୀ !!
ବାହାରେ ଜଣକୁ ପ୍ରିୟେ ଭଲ ପାଏ,
କଥା କହି ମଜାଏ ତା' ମନ,
ହୃଦ ତଳୁ ଥାଏ ଅନ୍ୟ ଅନ୍ୟକ ମମତାରେ
ତଥାହାକୁ ରଖି ସଂଗୋପନ,
ବୁଝି ମୁଁ ପାରୁଛି ତାହା, ଏବେ ଜନେ—
'ପ୍ରେମ' ନାମେ ତୁମରି ଛଳନା,
ତେଣୁ ଆଜ ଧିକ୍କାରେ ନିଜକୁ
ହୋଇଥିଲି ଯେଣୁ ପଥହରା !
ହେଉ, ଯାଅ ଭୁଲି ଅତୀତର କଥା
ଯାଅ ଭୁଲି, ଆମ ମଧ୍ୟେ ଥିଲା ଯେତେ
ସ୍ନେହ ମମତା !!

ଇଏ କଣ ? ଗଣ୍ଡ ତବ ଅଶ୍ରୁସିକ୍ତ,
ଚକ୍ଷୁ ତବ ହୋଇଛି ସଜଳ,
… ବୁଝିଅଛି ଅନୁତପ୍ତା ତୁମେ,
କିନ୍ତୁ ମୁହିଁ ଅଟଳ … ଅଚଳ ।
…
ହଁ, ଆଉରି କହୁଛି ରଖି—
କ୍ଷମିବ ଗୋ ମତେ
ଯଦି ତୁମ ମନେ ମୁହିଁ ଦେଉଥାଏ କଷ୍ଟ,
ଯଦି ତୁମ ଶୋଭା, ଶିରୀ ଲେଶ ମାତ୍ର
କରିଥାଏ ନଷ୍ଟ ।
କେଉଁଠି ବିଦାୟ,
ଆଜ ଯେଉଁ ସୃଷ୍ଟି ହେଲା ଆମ ମଧ୍ୟେ ଚିତ୍ତ ଭେଦାଭେଦ,
ଆମରି ପ୍ରଣୟେ ତାହା
ହେଉ ଏକ ଦୀର୍ଘ ପୂର୍ଣ୍ଣଚ୍ଛେଦ !

## ସଂଗୀତ

ଶ୍ରୀ ମଥୁରା ମୋହନ ବେହେରା

(୩ ୟ ବର୍ଷ ୨ ୟ ସଂଖ୍ୟାରେ ପ୍ରକାଶିତ ହେବା ପରେ)

"କଣ୍ଠ ସାଧନ"

"ଗୀତ ହେଉଛି ଗଳା ଭନୁଂଗାନଂ" ଅର୍ଥାତ୍ କଣ୍ଠର ସ୍ୱର ମଧୁର ନଥିଲେ ଗାନ ଶ୍ରୁଣାବ୍ୟ ବୋଧହୁଏ ନାହିଁ । ସୁତରାଂ ଜନ ରଞ୍ଜନାର୍ଥେ ଗୀତ ଗୁଡ଼ିକ ସୁଶ୍ରାବ୍ୟ କରିବା ପାଇଁ କଣ୍ଠସାଧନ କରିବା।

Digitized by srujanika@gmail.com

ଅବଶ୍ୟକ । ସଂଗୀତ ଶାସ୍ତ୍ରର ମତ ଅନୁସାରେ କଣ୍ଠ ଧନ ଏସବୁର ଆଦ ଯନ୍ତରେ ସ୍ୱର ସ୍ୱରଣୀମାନ ଶିକ୍ଷାକର ସ୍ୱରଜ୍ଞାନ ହେଲେ କଣ୍ଠ ଗୀତ ଶିକ୍ଷା ଅନେକ ସୁସାଧ୍ୟ ହୁଏ । କଣ୍ଠ ଗୀତ ପକ୍ଷରେ ତମ୍ବୁରା (ତାନପୁରା) ଅତୀବ ପ୍ରୟୋଜନୀୟ । ପ୍ରଥମେ ତାନପୁରାର ତାରମାନଙ୍କ ନିୟମାନୁଯାୟୀ ଉତ୍ତମ ରୂପେ ମିଳାଇ, ପରେ କଣ୍ଠସ୍ୱର ତାନପୁରାର ସ୍ୱରସହ ମିଳାଇବାକୁ ହେବ । ସ୍ୱରଜ୍ଞାନରେ ଅଧିକାର ଜନ୍ମିଲେ, କଣ୍ଠରେ ସହିତ ତାନପୁରାର ସ୍ୱର ପ୍ରକୃତ ହେବେ ମିଳି ଅଛି କି ନା ସହଜରେ ଜଣାଯାଏ । କ୍ରମଶଃ କଣ୍ଠଧ୍ୱନି ତାନପୁରାର ସ୍ୱରସଙ୍ଗରେ କଣ୍ଠର ଅନୁଲୋମ ବିଲୋମ ଭାବରେ ଯଥା ନିୟମରେ ସ୍ୱରଗ୍ରାମ ସାଧନା କରି କଣ୍ଠକୁ ଜଡ଼ତା ଶୂନ୍ୟ କରିବା କର୍ତ୍ତବ୍ୟ । ଅନେକ ସ୍ଥଳରେ ଦେଖାଯାଏ, କଣ୍ଠ ସାଧନା ପାଇଁ ଶୀତ କାଳରେ ଶିଷ୍ୟମାନଙ୍କୁ ଲବଣୀ ସହ ହଳଦୀ ମିଳାଇ ସର୍ବାଙ୍ଗ ଉତ୍ତମ ରୂପେ ମର୍ଦ୍ଦନ କରି ମଧ୍ୟାହ୍ନ, ପୋଖରୀ ବା ନଦୀରେ ଆକଣ୍ଠ ଜଳରେ ଛିଡ଼ା କରାଇ, ହାରମୋନିୟମ ଅଥବା ତାନପୁରାର ସ୍ୱର ସଙ୍ଗେ ମିଳାଇ କଣ୍ଠସ୍ୱର ସାଧନା କରନ୍ତି ଏବଂ ଜଳରୁ ବାହାର ଆସିଲେ କର୍ପୂର ବଚ, ମରିଚ ଚୂର୍ଣ୍ଣ ଘୃତ ସଙ୍ଗରେ ମିଶାଇ ଖାଇବାକୁ ଦିଆଯାଏ । ଏହା ଦ୍ୱାରା କଣ୍ଠର ସ୍ୱର ସୁଶ୍ରାବ୍ୟ ଓ ଶୁଦ୍ଧ ମଧୁର ହୁଏ । ଏହା ମୋର ପରୀକ୍ଷିତ ଅଟେ । ଧାତୁହିଁ ଗୀତର ପ୍ରଧାନ ଅଙ୍ଗ, ଯଦ୍ୟପି କଣ୍ଠରେ ଧାତୁ ସମସ୍ତ ପରିସ୍ଫୁଟ ଏବଂ ଶୁଦ୍ଧ ରୂପରେ ଯଥାକ୍ରମରେ ପ୍ରକାଶିତ ନ ହୁଏ, ତେବେ ଇଚ୍ଛାମତ ଗୀତାଦି କଣ୍ଠରେ ସୁସମ୍ପନ୍ନ ହେବା ଅସମ୍ଭବ ।

ସ୍ୱର ନିବନ୍ଧନୀ ॥

ପ୍ରଥମେ ଯନ୍ତ୍ରରେ ସ୍ୱର ନିବନ୍ଧନୀ ଶିକ୍ଷା କରିବା କର୍ତ୍ତବ୍ୟ । ସା, ରେ, ଗ, ମ, ଇତ୍ୟାଦି ସପ୍ତସ୍ୱର ଯଥା ନିର୍ଦ୍ଧାରିତ ମାତ୍ରାନୁଯାୟୀ ତାଲ ଓ ଛନ୍ଦବିର୍ଣ୍ଣେରେ ଗ୍ରଥିତ ହୋଇ ନାନା ସଂଯୋଗରେ ଯେ ଶ୍ରେଣୀରେ ଯନ୍ତ୍ରରେ ବାଦିତ ହେଲେ ସେହି ସ୍ୱର ସମୂହକୁ ସ୍ୱର ନିବନ୍ଧନୀ କହନ୍ତି । ପାରସ୍ୟ ଭାଷାରେ ଏହାକୁ "ଗତ" ବା "ଲେହାର" କହନ୍ତି । ସାଧାରଣତଃ ସ୍ୱର ନିବନ୍ଧନୀ ବା ଗତ ଦୁଇ ଭାଗରେ ବିଭକ୍ତ । ପ୍ରଥମଟିର ନାମ "ଅସ୍ଥାୟୀ" ଓ ଦ୍ୱିତୀୟଟିର ନାମ "ଅନ୍ତରା" । ଅସ୍ଥାୟୀ ଅନ୍ତରା ବ୍ୟତୀତ ବାଦକମାନେ ଆପଣା ଆପଣା ଇଚ୍ଛାମତେ ସମସ୍ଥାନ ଠିକ ରଖି ଗତକୁ ସ୍ୱରାନୁଯାୟୀ ଅନ୍ତରକୁ ପାଦ ବିଶେଷରେ ବିସ୍ତାର କରିଥାନ୍ତି । ଅନ୍ତରକୁ ପାଦ ସମୂହକୁ ସଂସ୍କୃତ ଭାଷାରେ "ଛନ୍ଦ ଦ୍ରାଜାନକା" ଓ ପାରସ୍ୟ ଭାଷାରେ "ତୋପଜ" କହନ୍ତି ।

ଗୀତ ବା ଗତ ବଜାଇବା ସମୟରେ ଯେପରି ଗୀତ ଭଙ୍ଗକର ସ୍ୱରମାନ ବ୍ୟବହୃତ ନ ହୁଏ, ସେଥି ପ୍ରତି ବିଶେଷ ଦୃଷ୍ଟି ରଖିବା ଉଚିତ । ଯେଉଁ ସମସ୍ତ ଗତ ବା ଗୀତର ସ୍ୱରଲିପି ଲିଖିତ ହେବ, ସୁଚତୁର ଶିକ୍ଷାର୍ଥୀମାନେ ସେ ସମସ୍ତ ପ୍ରଥମେ ଉତ୍ତମ ରୂପେ ଶିକ୍ଷା କରି ଇଚ୍ଛାମତେ ପଶ୍ଚାତ୍ ଅଳଙ୍କାର ଆଦି ଲଗାଇ ପାରିବେ ।

ଦ୍ୱାଦଶ ମୋକାମ ।

ମୁସଲମାନ ରାଜତ୍ୱ ସମୟରେ ଅସ୍ମଦ୍ଦେଶୀୟ ସଂଗୀତର ଅନେକ ପରିବର୍ତ୍ତନ ଘଟିଅଛି । ଯବନମାନେ ଅସ୍ମାନଙ୍କର ପ୍ରାଚୀନ ରାଗରାଗିଣୀର ସାରାଂଶ ଗ୍ରହଣକରି ପାରସୀ ଓ ଆରବୀ ରାଗ ସମୂହ ମିଶ୍ରିତ କରି, "ଦ୍ୱାଦଶ ମୋକାମ" "ଚବିଶ ଶୋଭା" ଓ "ଅଷ୍ଟଚତ୍ୱାରିଂଶ ଗୁସ୍ୟା" ସୃଷ୍ଟି କରି ଅଛନ୍ତି । ଏ ସମସ୍ତ ଅସ୍ମାନଙ୍କ ସଂଗୀତର ଅନୁକରଣ ମାତ୍ର ।

"ଦ୍ୱାଦଶ ମୋକାମର ନାମ"

ରେହାବ, ହୋସେନୀ, ରାସ୍ତ, ହଜାଜ, ବୁଜୁର୍ଗ, ଜୋଷାକ, ଇରାକ, ଇସ୍ପାହାନ୍, ନବା, ଓଶାକ, ଜଙ୍ଗୁଲ, ଓ ବୋସୁଲିକ ।

"ଚବିଶ ଶୋଭାର ନାମ"

ନୁରଜ, ଆରବ, ନୁରଜ ଅଜମ, ଉଗ୍ରା,

Digitized by srujanika@gmail.com

ମହାଭସୁଭ, ମଠରପାଂ, ପଞ୍ଚଗ, ସିଗା, ହୁସାର, ହୁମାୟୁନ, ନୁକ୍ତଠ, ଭଖ୍ ବୃ, ଟାପ୍ପଠୀ, ମୌକାଲେପ୍, ମଘଲ୍ ବୃ-ଝବରେକ. ନସ୍ତାଫୁରକ୍, ନୌରୁଁଜଖାବ, ମହର୍ଉଅଲ, ଜାଙ୍ଗୀ, ଅଓଜ୍, ଗୃହାର୍ଗା, ଘଜଲ, ଉସୀରନ୍ ଓ ଧୁବ୍ରା ।

ଗୁଷ୍ଣାମାନଙ୍କର ନାମ ସମସ୍ତ ଜଣା ନ ଥିବାରୁ ଉଲ୍ଲେଖ କରିବାରୁ ବିରତ ହେଲୁଁ ।

ଅନ୍ୟାନ୍ୟ ଦେଶରେ ସଙ୍ଗୀତର ରାଗରାଗିଣୀ ଅତି ବିରଳ । ୟୁରୋପୀୟ ସଙ୍ଗୀତବିତ୍ ଲୋକମାନେ କେବଳ ଅହଂ ଓ ଅହ୍ନଂ ଖ୍ୟାତ୍ୟକ ଏହି ଦୁଇ ରାଗିଣୀ ବ୍ୟବହାର କରିଥାନ୍ତି ।

ହିନ୍ଦୀ ଓ ବଙ୍ଗଳାଦି ସଙ୍ଗୀତର ଧ୍ରୁପଦ, ଖେୟାଲ, ଟପ୍ପା, ଗୀତସଙ୍ଗୀତ; ବିଷ୍ଣୁପଦ, ଛନ୍ଦ, ପ୍ରବନ୍ଧ, ଯୁଗଲ ପ୍ରବନ୍ଧ, ଠୁମର, ଟପଖେୟାଲ୍, କାୱାବା, ଖେମଟା, ଗଜଲ, ରେକ୍ତା, ଦାଦରା, ଲଠକା, ଢେଲେନା, ଧୁରମାଠା, ପରମାଠା, ଗ୍ରୈଷ୍ଟକ, ସ୍ୱରଗ୍ରାମ, ଗରବା, ଝିଦ୍, ରାଗମାଲା, ଚତୁରଙ୍ଗ, ଗୁଲନକସ, ଶ୍ୟାମ ବିଜୟ, କାଓଲି, ପଦ୍ମମୀ, ପାଞ୍ଚାଳୀ, ହୋରି, ସଖୀ ସମ୍ବାଦ, ବିନୟ, ଖେଉଡ଼, ଲହର, ତ୍ରିପଦୀ, ଅବ ଦଟେ ଆମ୍ଭମାନଙ୍କ ଦେଶରେ ମଧ୍ୟ କଶାଣ, ଶମ୍ପଚୋଦ, ଝୁଲ, ଓଡ଼ଶୀ, ଦଣ୍ଡୀ, ଚୌପଦୀ, ଘୁଦ, ଚଉତିଶା, ଅବନାଗୀତ, ... ହୋରି, ସମସ୍ୟାରଗୀତ, ଅନ୍ତର୍ଲାପି, ବହିର୍ଲାପି, ରସ-ବିଳାସ, ନାୟକ ନାୟିକାର ଲକ୍ଷଣଗୀତ, ଚୁଳଣ, ଚୁଟକୋଲ ଇତ୍ୟାଦି ଅନେକ ପ୍ରଣାଳୀରେ ଗୀତମାନ ଅଛି । ଅଳଙ୍କାରର ଗୀତ ଅନ୍ୟାନ୍ୟ ଭାଷାରେ ବିରଳ, ମାତ୍ର ଆମ୍ଭମାନଙ୍କ ଓଡ଼ିଆ ଭାଷାରେ ତାହାର ଅଭାବ ନାହିଁ । ଶୃଙ୍ଖଳା, ଯମକ, ଅନୁପ୍ରାସ, ଶ୍ଳେଷ ଗୋମୂତ୍ରଛନ୍ଦ, ମେଷପୁଚ୍ଛ, ବ୍ୟାଘ୍ରଗତ, ସିଂହାବଲୋକନ, ଦ୍ୱିରୁକ୍ତ, ବିରୋଧାଭାସ ଇତ୍ୟାଦି ନାନା ଅଳଙ୍କାରରେ ଓଡ଼ିଆ ଗୀତମାନ ମଣ୍ଡିତ ହୋଇଥାଏ । ଅନୁପ୍ରାସ ନାନାବିଧ, — ଅନୁପ୍ରାସ, ସ୍ୱନ୍ତାନୁପ୍ରାସ, ମଧ୍ୟାନୁପ୍ରାସ, ଛେକାନୁପ୍ରାସ, ଅନ୍ତର୍ନିହିତାନୁପ୍ରାସାଦି । ଯମକ ବହୁବିଧ, — ଆଦ୍ୟଯମକ, ମଧ୍ୟଯମକ, ପ୍ରାନ୍ତ-ଯମକ, ଆଦ୍ୟ ମଧ୍ୟ ଯମକ, ଆଦ୍ୟ ପ୍ରାନ୍ତ ଯମକ, ଏକାକ୍ଷରାଦ୍ୟ ଯମକ, ଦ୍ୱିତୀୟ ବର୍ଣ୍ଣାଦ୍ୟ ଯମକ, ଦ୍ୱନ୍ଦ୍ୱାଦ୍ୟ ଯମକ, ଦ୍ୱିରୁକ୍ତ ଯମକ, ସୂକ୍ଷ୍ମ ଯମକ, ଅନୁଚ୍ଛେଦ ଯମକ, ମାଳା ଯମକ, ଯମକ, ନିବୃତ୍ତ ଯମକ, ସାର ଯମକ, ସମ୍ବାଦ ଯମକ, ଧ୍ୱନି ଯମକାଦି

## ଶ୍ରୀମତୀ ସରୋଜିନୀ

ଶ୍ରୀମତୀ ବସନ୍ତ କୁମାରୀ ଦେବୀ

ଆକାଶ ବକ୍ଷରୁ ଗୋଟିଏ ମହାନ୍ ଉଜ୍ଜ୍ୱଳ ତାରକା କକ୍ଷଚ୍ୟୁତ ହୋଇ ପଡ଼ିଗଲା — ମିଶିଗଲା ଅସୀମ ବକ୍ଷରେ । କବି ସରୋଜିନୀ, ରାଜନୈତିକ ନେତ୍ରୀ ସରୋଜିନୀ ବିଦାୟ ନେଲେ ଚିରଦିନ ପାଇଁ ପୃଥିବୀରୁ । ଭାରତ-ଆକାଶର ଗୋଟିଏ ଦୀପ୍ତିମୟୀ ତାରକା ଲୁଚିଗଲା କାଳର ଆବରଣ ତଳେ । ଦେଖୁ ଦେଖୁ ବର୍ଷେ ପୂରିଗଲାଣି । ଗତବର୍ଷ ମାର୍ଚ୍ଚ ପହିଲା ରାତରେ ତାଙ୍କର ମୃତ୍ୟୁ ହୋଇଥିଲା । ଜାତିର ନମସ୍ୟା ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ମୃତ୍ୟୁରେ ଏ ଦେଶର ବିଶେଷତଃ ଭାରତୀୟ ନାରୀଜାତିର ଯେଉଁ କ୍ଷତି ହୋଇଗଲା, ତାହା ଭାଷାରେ ପ୍ରକାଶିତ ହୋଇ ପାରିବ ନାହିଁ । ଆମର ପରି ଜଣେ ସ୍ତ୍ରୀ ଥିଲେ ସେ ନିଜର ବୁଦ୍ଧି, ଜନ୍ମଗତ ପ୍ରତିଭା, ତଥା ଆତ୍ମବିଶ୍ୱାସ ବଳରେ ସେ ସମଗ୍ର ନାରୀଜାତିର ଆଦର୍ଶ ହୋଇ ପାରିଥିଲେ ।

୧୮୭୯ ଖ୍ରୀଷ୍ଟାବ୍ଦ ଫେବୃଆରୀ ୧୩ ତାରିଖ ଦିନ ସେ ହାଇଦରାବାଦରେ ଏକ ବ୍ରାହ୍ମଣ ବଂଶରେ

Digitized by srujanika@gmail.com

ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ବାପା ଶ୍ରୀ ଅଘୋର ନାଥ ଚଟ୍ଟୋପାଧ୍ୟାୟ ସ୍ଥାନୀୟ ନିଜାମ କଲେଜର ଅଧ୍ୟକ୍ଷ ଥିଲେ ।

ବୟସ ଯେତେବେଳକୁ ତାଙ୍କର ମାତ୍ର ଏଗାର – ବୀଜଗଣିତର ଗୋଟିଏ କଠିନ ଅଙ୍କ କରିବାକୁ ଅସମର୍ଥ ହୋଇ ବାଳିକା ସରୋଜିନୀ ଇଂରାଜୀରେ ରଚନା କରିଥିଲେ ଏକ ପଂକ୍ତି କବିତା । ଏହିପରି ଭାରତର ବୁଲ୍‌ବୁଲ୍ ସରୋଜିନୀଙ୍କର କବି ଜୀବନ ଆରମ୍ଭ ହୋଇଥିଲା । ଇଂରାଜୀ, ପାରସୀ ଆଦି ବିଭିନ୍ନ ଭାଷାରେ ସେ ବାଲ୍ୟ କାଳରୁ ଶିକ୍ଷା ଲାଭ କରିଥିଲେ । ଫଳରେ ନିଜର ତୀକ୍ଷ୍ଣ ଧୀଶକ୍ତି ବଳରେ ସେ ମାତ୍ର ବାରବର୍ଷ ବୟସରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମସ୍ତଙ୍କୁ ବିସ୍ମିତ କରି ଦେଇଥିଲେ । ତେରବର୍ଷ ବୟସରେ ଛାତ୍ରୀ ଅବସ୍ଥାରେ ତେରଶ ଧାଡ଼ିର ଗୋଟିଏ କବିତା ଲେଖି ପାରିଥିଲେ ସେ । ସେହି ସମୟରେ 'ମେହେର୍ ମୁନିର୍' ନାମକ ଗୋଟିଏ ନାଟକ ଇଂରାଜୀରେ ଲେଖି ନିଜାମଙ୍କୁ ଭେଟି ଦେଇଥିଲେ । ନିଜାମ୍ ବାଳିକା ସରୋଜିନୀଙ୍କର କବି ପ୍ରତିଭାରେ ବିମୁଗ୍ଧ ହୋଇ ତାଙ୍କୁ ଇଂଲଣ୍ଡରେ ପଢ଼ିବା ପାଇଁ ତିନିଶହ ପାଉଣ୍ଡର ଏକ ବାର୍ଷିକ ବୃତ୍ତି ଦେଇଥିଲେ । ସେହି ବୃତ୍ତି ପାଇ ଉଚ୍ଚଶିକ୍ଷା ପାଇଁ ସେ ଷୋହଳ ବର୍ଷ ବୟସରେ ଲଣ୍ଡନ ଯାଇ ପ୍ରଥମେ କିଙ୍ଗ୍‌ସ୍ କଲେଜ୍‌ରେ ଅଧ୍ୟୟନ କଲେ । ପରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଗର୍ଟନ୍ ( Girton ) କଲେଜରେ ଯୋଗ ଦେଇଥିଲେ । କେମ୍ବ୍ରିଜ୍ - ବିଶ୍ୱବିଦ୍ୟାଳୟର ସେ ହେଉଛନ୍ତି ସର୍ବ ପ୍ରଥମ ଭାରତୀୟ ମହିଳା ଛାତ୍ରୀ ।

ବିଲାତରେ ସେ ତିନିବର୍ଷ କଟାଇ ଥିଲେ । ସେହି ସମୟରେ ତାଙ୍କର କବି ପ୍ରତିଭା ସେଠାର ସୁଧୀ ସମାଜକୁ ଚମତ୍କୃତ କରିଥିଲା । ସାର୍ ଏଡ୍‌ମଣ୍ଡ ଗସ୍ ( Sir Edmund Gosse ) ଓ ଆର୍ଥର୍ ସିମନ୍ସ - (Arthur Symons ) ପ୍ରଭୃତି ଇଂରାଜୀ ସାହିତ୍ୟର ବିଶିଷ୍ଟ ସମାଲୋଚକ ଗଣ ତାଙ୍କର କବିତାର ଉଚ୍ଚ ପ୍ରଶଂସା କରିଥିଲେ । ଯେତେବେଳେ ଶ୍ରୀମତୀ ସରୋଜିନୀ ଇଂରାଜୀ କବିମାନଙ୍କର ଅନୁସରଣରେ ଲିଖିତ କେତେକ କବିତା ସାର୍ ଏଡ୍‌ମଣ୍ଡ୍ ଗସ୍‌ଙ୍କୁ ଦେଖାଇ ଥିଲେ, ସେତେବେଳେ ସେ ସେହି ପ୍ରଥମ ରଚନା ଗୁଡ଼ିକରେ ତାଙ୍କର ମୌଳିକ ପ୍ରତିଭା ଲକ୍ଷ୍ୟ କରିଥିଲେ ଏବଂ ତାଙ୍କୁ ଭାରତୀୟ ପ୍ରକୃତି, ଭାରତୀୟ ବାତାବରଣକୁ ଆଶ୍ରୟ କରି କବିତା ଲେଖି ଯଥାର୍ଥରେ ଦାକ୍ଷିଣାତ୍ୟର ଭାରତୀୟ କବି ହେବାକୁ ପରାମର୍ଶ ଦେଇଥିଲେ । ସରୋଜିନୀ ତାଙ୍କରି ନିର୍ଦ୍ଦେଶାନୁଯାୟୀ ନିଜର କବିତାର ଧାରା ବଦଳାଇ ଦେଇଥିଲେ । ତାଙ୍କର ଅସାମାନ୍ୟ ପ୍ରତିଭାରେ ମୁଗ୍ଧ ହୋଇ ଆର୍ଥର୍ ସିମନ୍‌ସ ଥରେ କହିଥିଲେ ଯେ, ସରୋଜିନୀ ତରୁଣୀ ହେଲେ ମଧ୍ୟ ନାରୀ ଜୀବନର ସମସ୍ତ ଅନୁଭୂତି ଉପଲବ୍ଧି କରି ପାରିଛନ୍ତି ।

୧୯୦୫ ସାଲରେ ତାଙ୍କର ପ୍ରଥମ କାବ୍ୟଗ୍ରନ୍ଥ 'ଦ ଗୋଲ୍ଡେନ୍ ଥ୍ରେସୋଲ୍ଡ' ପ୍ରକାଶିତ ହୋଇଥିଲା । ୧୯୧୨ ରେ "ଦ ବର୍ଡ୍ ଅଫ୍ ଟାଇମ୍" (କାଳ ବିହଙ୍ଗ) ଓ ୧୯୧୭ ରେ "ଦ ବ୍ରୋକେନ୍ ୱିଙ୍ଗ୍" ( ଭଗ୍ନପକ୍ଷ ) ପ୍ରକାଶିତ ହୋଇଥିଲା ।

ଲଣ୍ଡନରୁ ପ୍ରତ୍ୟାବର୍ତ୍ତନ କରି ୧୮୯୮ ସାଲରେ ଡାକ୍ତର ଗୋବିନ୍ଦ ରାଜୁଲୁ ନାଇଡୁଙ୍କୁ ସେ ମାତ୍ର ୧୯ ବର୍ଷ ବୟସରେ ବିବାହ କରିଥିଲେ । ବ୍ରାହ୍ମଣ ଝିଅ ହୋଇ ଜଣେ ଅବ୍ରାହ୍ମଣ ମାନ୍ଦ୍ରାଜୀ ଡାକ୍ତରଙ୍କୁ ବିବାହ କରି ବିଶେଷତଃ ସେ କାଳରେ ସେ ଅପୂର୍ବ ସାହାସର ପରିଚୟ ଦେଇଥିଲେ ଓ ସମାଜରେ ଏକ ବିପ୍ଳବ ଆଣି ଦେଇଥିଲେ । ଏହି ବିବାହ ସମ୍ପର୍କରେ ସେ ନିଜେ କହିଛନ୍ତି, "ବ୍ରାହ୍ମଣ ଝିଅ ହୋଇ ମଧ୍ୟ ମୁଁ ଅବ୍ରାହ୍ମଣକୁ ବିବାହ କରିଛି । ସମାଜର କୌଣସି ଅସ୍ୱାଭାବିକ ଗଣ୍ଡି ମୁଁ ସ୍ୱୀକାର କରିନାହିଁ । ସମାଜର ସମସ୍ତ ଯୁକ୍ତିହୀନ ପ୍ରଥାର ବିରୁଦ୍ଧରେ ମୁଁ ବିଦ୍ରୋହ କରିଛି ।"

Digitized by srujanika@gmail.com

ଏଥିରୁ ତାଙ୍କର ବୈପ୍ଳବିକ ଦୃଢ଼ ମନୋବୃତ୍ତିର ପରିଚୟ ମିଳେ । ଆମରି ପରି ସେ ଗୋଟିଏ ସଂସାରର ଗୃହିଣୀ ଥିଲେ । ଦୁଇଟି ପୁତ୍ର ଓ ଦୁଇଟି କନ୍ୟାଙ୍କର ଜନନୀ ହୋଇଥିଲେ । ତାଙ୍କର ପାରିବାରିକ ଜୀବନ ବେଶ୍ ଶାନ୍ତିମୟ ଥିଲା । କିନ୍ତୁ ସରୋଜିନୀ ସୁଖଶାନ୍ତିଭରି ନୀଡ଼ରେ ରହି କାବ୍ୟଲକ୍ଷ୍ମୀଙ୍କ ଆରାଧନାରେ ନିଜକୁ ନିୟୋଜିତ କରି ଜୀବନଟା କଟାଇ ଦେଲେ ନାହିଁ । ପରାଧୀନ ଭାରତର କୋଟିସନ୍ତାନଙ୍କର ଜ୍ୱାଳା ଯନ୍ତ୍ରଣା, ଦୁଃଖଗ୍ଳାନି ତାଙ୍କ ହୃଦୟକୁ ଆଲୋଡ଼ିତ କରିଥିଲା ଓ ଦେହରେ ବିପ୍ଳବର ଅଗ୍ନି ଲଗାଇ ଦେଇଥିଲା । ମାଦାମ୍ ସୋଫିୟା ଓ୍ୱାଦିୟା ଯଥାର୍ଥରେ ଲେଖିଛନ୍ତି, "ସରୋଜିନୀ ଜାତୀୟ ଯନ୍ତ୍ରଣାର ମୂର୍ତ୍ତିମତୀ ବିକାଶ ଥିଲେ ।" ଦେଶ ମାତୃକାର ସେବାପାଇଁ ସେ ରାଜନୀତି କ୍ଷେତ୍ରରେ ପ୍ରବେଶ କଲେ ।

୧୯୧୫ ମସିହାରେ ସେ ଭାରତ - ଜାତୀୟ କଂଗ୍ରେସ୍‌ର ଅଧିବେଶନରେ ସ୍ୱୟତ୍ତ ଶାସନ ବିଷୟରେ ଓଜସ୍ୱିନୀ ଭାଷାରେ ବକ୍ତୃତା ଦେଇଥିଲେ । ୧୯୧୬ ସାଲରେ ଲକ୍ଷ୍ନୌ କଂଗ୍ରେସ୍ ଅଧିବେଶନରେ ଯୋଗଦେଇ ତାପରେ ଶ୍ରୀମତୀ ଆନିବେଶାନ୍ତଙ୍କ ନେତୃତ୍ୱରେ ହୋମରୁଲ୍ ବା ସ୍ୱାୟତ୍ତଶାସନ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ପ୍ରଥମେ ରାଜନୀତିରେ ଯୋଗ ଦେବାର କାରଣ ସୂଚାଇ ଥରେ ସେ ୧୯୧୭ ସାଲରେ ମାନ୍ଦ୍ରାଜ ପ୍ରାଦେଶିକ ବ୍ୟବସ୍ଥାପକ ସଭାରେ ବକ୍ତୃତା ପ୍ରସଙ୍ଗରେ କହିଥିଲେ, "କବିର ଜୀବନ ନୁହେଁ କେବଳ ସ୍ୱପ୍ନରେ ବୁଡ଼ିରହି ଗୋଲାପ ଉଦ୍ୟାନ ଭିତରେ, ହାତୀଦାନ୍ତ ଦୁର୍ଗ ମଧ୍ୟରେ ବିଚରଣ କରିବା—କବିର ପ୍ରକୃତ ସ୍ଥାନ ହେଉଛି ଲୋକଙ୍କ ଭିତରେ । ଯୁଦ୍ଧ କ୍ଷେତ୍ରର କଠିନତା ଭିତରେ ରହିଛି କବିର ଅଦୃଷ୍ଟ !"

ରାଜନୀତିରେ ସେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱ ବରଣ କରିଥିଲେ ଓ ତାଙ୍କର ନିର୍ଦ୍ଦେଶିତ ପଥରେ ସଦାସର୍ବ ଅଗ୍ରସର ହୋଇଥିଲେ । ରାଜନୀତିରେ ପ୍ରବେଶ କରିବା ପରେ ସେ ବାଗ୍ମୀରୂପେ ପ୍ରସିଦ୍ଧି ଲାଭ କରିଥିଲେ । ଏଥିପୂର୍ବରୁ ୧୯୦୬ ରେ ଏକ ସାଧାରଣ ସଭାରେ ପ୍ରଥମଥର ତାଙ୍କର ଅସାମାନ୍ୟ ବାଗ୍ମୀତାର ପରିଚୟ ମିଳିଥିଲା । ଶ୍ରୀ ଗୋପାଳକୃଷ୍ଣ ଗୋଖଲେ ସେହି ସଭାରେ ଉପସ୍ଥିତ ଥାଆନ୍ତି । ଶ୍ରୀମତୀ ସରୋଜିନୀଙ୍କର ବକ୍ତୃତା ଶେଷ ହେବାପରେ ସେ ଏହି କେତୋଟି ଧାଡ଼ି ପେନ୍‌ସିଲ୍‌ରେ ଲେଖି ତାଙ୍କ ପାଖକୁ ପଠାଇଥିଲେ—

'ତୁମର ବକ୍ତୃତା ସର୍ବୋଚ୍ଚ ଶ୍ରେଣୀର ମାନସିକ ଚାତୁର୍ଯ୍ୟ ହୋଇଥିଲା । ବକ୍ତୃତାଟି ଯେପରି କଳାକୃତିର ଗୋଟିଏ ଦୋଷହୀନ ଦୃଷ୍ଟାନ୍ତ । ଆମ ସମସ୍ତଙ୍କର ମନେହେଲା ଯେପରି ସେହି କେତୋଟି ମୁହୂର୍ତ୍ତପାଇଁ ଆମ୍ଭେମାନେ ଏକ ଉଚ୍ଚସ୍ତରକୁ ଉତ୍ତୋଳିତ ହୋଇଗଲୁଁ ।"

ପରେ ବାଗ୍ମୀରୂପେ ସେ ଆନ୍ତର୍ଜାତିକ ଖ୍ୟାତି ଲାଭ କରିଥିଲେ । ଘଣ୍ଟା ଘଣ୍ଟାବ୍ୟାପୀ ବୀଣାନିନ୍ଦି କଣ୍ଠରେ ବକ୍ତୃତା ଦେଇ ଲକ୍ଷ ଲକ୍ଷ ଜନତାଙ୍କ ହୃଦୟରେ ଦେଶପ୍ରେମ ଜାଗରିତ କରିଥିଲେ ସେ । ନିଜେ ପଣ୍ଡିତ ଜବାହରଲାଲ୍ ନେହେରୁ ସରୋଜିନୀଙ୍କ ମର୍ମସ୍ପର୍ଶୀ ବକ୍ତୃତାରେ ଉଦ୍‌ବୁଦ୍ଧ ହୋଇ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ ।

ଗୁରୁଗମ୍ଭୀର ବକ୍ତୃତା ଦେଉଥିବାବେଳେ ମଧ୍ୟ ସରୋଜିନୀ ଶାମଳାର ହାସ୍ୟରସ ସୃଷ୍ଟି କରାଉଥିଲେ । ଏଥିପାଇଁ ତାଙ୍କର ବକ୍ତୃତା ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଉଥିଲା ।

୧୯୧୯ ସାଲରେ ଜାଲିଆନ୍‌ୱାଲାବାଗ୍‌ର ମର୍ମସ୍ପର୍ଶୀ ହତ୍ୟାକାଣ୍ଡପରେ ସେ ସମ୍ବାଦପତ୍ରରେ ଏଥିର ତୀବ୍ର ସମାଲୋଚନା କରିଥିଲେ । ସେ ସମୟର ଭାରତ ସଚିବ ଦ୍ୱାରା ପ୍ରତିବାଦ କରିଥିଲେ । ଦୁହିଁଙ୍କ ଭିତରେ କେତେଦିନ ପର୍ଯ୍ୟନ୍ତ ବାଦାନୁବାଦ ଲାଗିଥିଲା । ତାପରେ ମହାତ୍ମାଗାନ୍ଧୀଙ୍କ ଭାରତ ବ୍ୟାପୀ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲାପରେ ସେ ପୂର୍ଣ୍ଣଉଦ୍ୟମସହିତ ସେଥିରେ

Digitized by srujanika@gmail.com

ଯୋଗ ଦେଲେ । ସେହି ବର୍ଷ ସେ ନିଖିଳ ଭାରତ ନାରୀ ସମ୍ମିଳନୀ ତରଫରୁ ପ୍ରତିନିଧି ରୂପେ ଇଂଲଣ୍ଡକୁ ଯାଇଥିଲେ । ୧୯୨୨ ରେ ମହାତ୍ମାଗାନ୍ଧୀ ଯେତେବେଳେ ବନ୍ଦୀ ହେଲେ ସେତେବେଳେ ସରୋଜିନୀ ସିଂହଳ, ଆଫ୍ରିକା, ୟୁରୋପ ବୁଲି ବୁଲି ଅସହଯୋଗ ଆନ୍ଦୋଳନ ବିଷୟରେ ପ୍ରଚାର କଲେ । ୧୯୨୪ ସାଲରେ ନିଜ ଆଖିରେ ଭାରତୀୟଙ୍କ ଦୁରବସ୍ଥା ଦେଖିବାପାଇଁ ଦକ୍ଷିଣ ଆଫ୍ରିକାକୁ ଯାଇ ଜେନେରାଲ୍ ସ୍ମାଟସ୍ଙ୍କ ସହିତ ସାକ୍ଷାତ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ସରୋଜିନୀ ବହୁ ଦୁଃଖ ବରଣ କରିଥିଲେ ।

୧୯୨୫ ସାଲରେ କାନ୍‌ପୁର କଂଗ୍ରେସର ସଭାନେତ୍ରୀ ସେ ହୋଇଥିଲେ । ଆଜି ପର୍ଯ୍ୟନ୍ତ ଅନ୍ୟ କୌଣସି ଭାରତୀୟ ମହିଳା, କଂଗ୍ରେସର ସଭାନେତ୍ରୀ ହୋଇପାରି ନାହାନ୍ତି । ବିଶେଷତଃ ଯେତେବେଳେ ନାରୀଶିକ୍ଷା ପ୍ରସାରଲାଭ କରିନଥିଲା କହିଲେ ଚଳେ, ସେତେବେଳେ ଜଣେ ନାରୀ ହୋଇ କଂଗ୍ରେସର ସଭାନେତ୍ରୀ ପଦରେ ଅଧିଷ୍ଠିତ ହେବା, ତାଙ୍କ ପକ୍ଷରେ ତଥା ସମଗ୍ର ଭାରତୀୟ ନାରୀସମାଜ ପକ୍ଷରେ କମ୍ ଗୌରବାବହ ବିଷୟ ନୁହେଁ ।

ସୁନ୍ଦର ଦକ୍ଷତା ସହିତ ସେ କଂଗ୍ରେସର କାର୍ଯ୍ୟପରିଚାଳନା କରିଥିଲେ । ସଭାନେତ୍ରୀ ରୂପେ ତାଙ୍କର ଭାଷଣ ଦେଉ ଦେଉ ସେ କହିଥିଲେ, "ଭୟ ଓ ଦୁର୍ବଳତା ହିଁ ଆମ୍ଭମାନଙ୍କର ଜାତୀୟ ଜୀବନର ସର୍ବପ୍ରଧାନ ଶତ୍ରୁ । ଆମ୍ଭମାନଙ୍କୁ ସର୍ବପ୍ରଥମେ ଭୟ ଓ ଦୁର୍ବଳତା ଉପରେ ଜୟଲାଭ କରିବାକୁ ହେବ ।" ନିଜର ଭାଷଣଦ୍ୱାରା ସେ ଦେଶବାସୀଙ୍କୁ ଅଭୟମନ୍ତ୍ରରେ ଦୀକ୍ଷିତ ହେବାପାଇଁ ଆହ୍ୱାନ କରିଥିଲେ । ତାଙ୍କର ଉପରୋକ୍ତ ଦୁଇପଦ କଥାରୁ ଆମ୍ଭମାନଙ୍କର ଅନେକ କିଛି ଶିଖିବାର ଅଛି । ପ୍ରକୃତରେ ଭୀରୁତା ହେତୁହିଁ ଆମେ ସବୁବେଳେ ପଛେଇ ପଡୁଛେଁ ।

୧୯୨୮ ସାଲରେ ଆମେରିକା ଯୁକ୍ତରାଷ୍ଟ୍ରର ଅଧିବାସୀଙ୍କ ନିକଟରେ ଭାରତର ସ୍ୱାଧୀନତା ଦାବୀ ସପକ୍ଷରେ ଅନୁକୂଳ ମତ ସୃଷ୍ଟି କରିବାପାଇଁ ସେ ଆମେରିକାକୁ ଯାଇଥିଲେ । ଯୁକ୍ତରାଷ୍ଟ୍ର ସବୁଅଞ୍ଚଳେ ଭ୍ରମଣ କରି ସେ ଲଳିତ ମଧୁର ଓଜସ୍ୱିନୀ ଭାଷାରେ ପ୍ରଚାର କରିଥିଲେ । ଯୁକ୍ତରାଷ୍ଟ୍ରର ଅଧିବାସୀଗଣ ତାଙ୍କର ତେଜୋଦୀପ୍ତ ଆକର୍ଷଣୀ ଶକ୍ତି ନିହିତ ବକ୍ତୃତାଶୁଣି ମୁଗ୍ଧ ହୋଇଗଲେ ।

୧୯୩୦ ରେ ବାପୁଜୀଙ୍କର ଆଇନ ଅମାନ୍ୟ ଆନ୍ଦୋଳନରେ ସେ ଗୋଟିଏ ବିଶିଷ୍ଟ ଅଂଶ ଗ୍ରହଣ କରି ନିଜର ଅଦ୍ଭୁତ ସାହସ ଓ ସଂଗଠନ-ଶକ୍ତିର ପରିଚୟ ଦେଇଥିଲେ । ମହାତ୍ମା ଗାନ୍ଧୀ ଓ ଅବ୍ବାସ୍ ତାୟେବ୍ଜୀ ଗିରଫ୍ ହେଲାପରେ ସେ ହିଁ ଆନ୍ଦୋଳନ ପରିଚାଳିତ କରିଥିଲେ । ଦର୍ଶନାର ଲବଣ ଗୋଲା ଆକ୍ରମଣ ଭାରତର ମୁକ୍ତିସଂଗ୍ରାମରେ ନୂଆ ଇତିହାସ ସୃଷ୍ଟି କରିଥିଲା । ଏହି ଅଭିଯାନର ନେତୃତ୍ୱ କରିଥିଲେ ଶ୍ରୀମତୀ ନାଇଡୁ । ମେ ମାସରେ ସେଠାରେ କାର୍ଯ୍ୟ ପରିଚାଳନା କରିବା ସମୟରେ ତାଙ୍କୁ ଗିରଫ୍ କରାହେଲା ଏବଂ ନ ମାସ ସଶ୍ରମ କାରାଦଣ୍ଡ ଦିଆହେଲା । ତାଙ୍କର ହାସ୍ୟକୌତୁକରେ ରୁକ୍ଷ କାରାକକ୍ଷ ଯେପରି ହସି ଉଠୁଥିଲା । ନାରୀର ଅବଳା ନାମକୁ ଖଣ୍ଡନ କରି ସେ ନାରୀର ଅଦ୍ଭୁତ ସାହସ ଓ ମନୋବଳ ଶକ୍ତିର ପରିଚୟ ଦେଇଥିଲେ ।

୧୯୩୧ ସାଲର ଜାନୁଆରୀ ୨୬ ତାରିଖରେ ସେ କାରାଗାରରୁ ମୁକ୍ତ ହୋଇ "ଗାନ୍ଧୀ ଆର୍‌ଉଇନ୍-ଚୁକ୍ତି" ପରେ ଭାରତର ନାରୀସମାଜର ପ୍ରତିନିଧି ରୂପେ ଲଣ୍ଡନର ଗୋଲଟେବୁଲ୍ ବୈଠକରେ ଯୋଗ ଦେଇଥିଲେ । ଗୋଲ୍‌ଟେବୁଲ୍ ବୈଠକ ବ୍ୟର୍ଥ ହୋଇଯିବା ପରେ ଗାନ୍ଧିଜୀଙ୍କ ସଙ୍ଗେ ସେ ଭାରତକୁ ଫେରିଆସି ଆଇନ୍ ଅମାନ୍ୟ ଆନ୍ଦୋଳନରେ ଆଉଥରେ ଯୋଗ ଦେଲେ । ୧୯୩୨ ସାଲର ଏପ୍ରିଲ୍ ମାସରେ ପୁଲିସ୍ କମିଶନରଙ୍କ ଆଦେଶ ଅମାନ୍ୟ କରି ବମ୍ବେ ସହର ପରିତ୍ୟାଗ କରିବାରୁ ଜରୁରୀ କ୍ଷମତା ଅର୍ଡିନାନ୍ସ କବଳରେ ପଡି ସେ ପୁନର୍ବାର କାରାରୁଦ୍ଧ ହେଲେ ।

ପୁଣି ୧୯୪୦ ମସିହା ଡିସେମ୍ବର ପହିଲାରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦେଇ ପୁଣି ଗିରଫ୍ ହୋଇ, ପରେ ସ୍ୱାସ୍ଥ୍ୟହାନି ପାଇଁ

Digitized by srujanika@gmail.com

ମୁକ୍ତ ପାଇଥିଲେ । ୧୯୪୨ ସାଲ ଅଗଷ୍ଟ ମାସରେ 'ଭାରତ ଛାଡ଼' ବିପ୍ଳବର ଆରମ୍ଭରେ ଅର୍ଥାତ ଅଗଷ୍ଟ ୯ ତାରିଖରେ ତାଙ୍କୁ ଭାରତ ରକ୍ଷା ଆଇନ୍ ଅନୁଯାୟୀ' ପୁଣି ଗିରଫ୍ କରାଯାଇ ମହାତ୍ମାଗାନ୍ଧୀଙ୍କ ସହିତ ଆଗା ଖାଁ ପ୍ରାସାଦରେ ଅବରୁଦ୍ଧ କରି ରଖା ହୋଇଥିଲା । ଅଇଥରେ ଶାରୀରିକ ଅସୁସ୍ଥତା ପାଇଁ ୧୯୪୩ ସାଲ ମାର୍ଚ୍ଚ ୨୧ ତାରିଖଦିନ ମୁକ୍ତ ପାଇଥିଲେ ।

• • •

ଶ୍ରୀମତୀ ସରୋଜିନୀ ନାଇଡୁ ବହୁବର୍ଷ ପର୍ଯ୍ୟନ୍ତ କଂଗ୍ରେସ୍ କାର୍ଯ୍ୟକାରୀ କମିଟିର ସଦସ୍ୟା ଥିଲେ ଓ ତହିଁର ଆଲୋଚନାରେ ବିଶେଷ ଅଂଶ ଗ୍ରହଣ କରୁଥିଲେ ।

୧୯୪୭ ସାଲ ଅଗଷ୍ଟ ପନ୍ଦର ତାରିଖରେ ଭାରତ ସ୍ୱାଧୀନ ହେବାପରେ ସେ ଯୁକ୍ତପ୍ରଦେଶର ଲାଟ ଭାବେ ନିଯୁକ୍ତ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ପୂର୍ବରୁ ରୂପେ ତାଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରୁଥିଲେ । ଲାଟ ହେଲାପରେ ସେ ରହସ୍ୟ କରି କହନ୍ତି 'ମୁକ୍ତବିହଙ୍ଗୀକୁ ସୁନାର ପଞ୍ଜୁରୀରେ ବନ୍ଦୀ କରି ରଖାହେଲା ।' ପୃଥିବୀର ଇତିହାସରେ ସେ ହେଉଛନ୍ତି ପ୍ରଥମ ମହିଳା ଲାଟ । ଭାରତରେ ବିଭିନ୍ନ ସମ୍ପ୍ରଦାୟ ଓ ଶ୍ରେଣୀମାନଙ୍କ ମଧ୍ୟରେ ସ୍ନେହ ସଦ୍ଭାବର ପ୍ରତୀକ ଥିଲେ ସରୋଜିନୀ । ତାଙ୍କର ଦେଶପ୍ରୀତି ପ୍ରଗାଢ଼ ପ୍ରେମଥିଲେ ମଧ୍ୟ ସେ ସଙ୍କୀର୍ଣ୍ଣ ଜାତୀୟତାକୁ କେବେହେଲେ ହୃଦୟରେ ସ୍ଥାନ ଦେଇ ନ ଥିଲେ । ତାଙ୍କର ଆନ୍ତର୍ଜାତିକତା ଯୋଗୁଁ ସେ ୧୯୪୮ ରେ ଦିଲ୍ଲୀରେ ଅନୁଷ୍ଠିତ 'ଏସିଆନ୍ ରିଲେସନ୍ସ କନ୍ଫରେନ୍ସର ସଭାନେତ୍ରୀ ରୂପେ ନିର୍ବାଚିତ ହୋଇଥିଲେ । ଭାରତର ନାରୀଜାଗରଣ ଆନ୍ଦୋଳନରେ ବିଶିଷ୍ଟ ଅଂଶ ଗ୍ରହଣ କରିଥିଲେ ସେ ଓ ପର୍ଦ୍ଦାପ୍ରଥା ବାଲ୍ୟବିବାହ, ଜାତିଭେଦ ପ୍ରଭୃତି ବହୁ ସାମାଜିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ କରିଥିଲେ । ତାଙ୍କର ଉଦ୍ୟମଫଳରେ 'ଭାରତୀୟ ଜାତୀୟ-କଂଗ୍ରେସ୍' ନାରୀ ପୁରୁଷର ସମାନ ଅଧିକାର ଦାବୀ ଗ୍ରହଣ କରିଥିଲେ । ଭାରତୀୟ ନାରୀସମାଜର ଦାବୀ ଜଣାଇ ସେ ବଳିଷ୍ଠରେ ମଧ୍ୟ ଆନ୍ଦୋଳନ କରିଥିଲେ । ଶ୍ରୀମତୀ ନାଇଡୁ ଅନେକ ଥର 'ନିଖିଳ ଭାରତ-ନାରୀସମ୍ମିଳନୀର ସଭାନେତ୍ରୀ ରୂପେ ନିର୍ବାଚିତ ହୋଇଥିଲେ । ନାରୀର ଅଧିକାର ସମ୍ପର୍କରେ ସେ କହିଛନ୍ତି 'ଭାରତୀୟନାରୀଙ୍କୁ ଘରେ ଘରେ ଅଗ୍ନି ପ୍ରଜ୍ୱଳିତ କରି ରଖିବାକୁ ହେବ । ସେହି ଅଗ୍ନିରେ ଘରର ଚୁଲି, ପୂଜାର ହୋମ, ଓ ପୁରୁଷମାନଙ୍କର ଅନ୍ଧକାର ପଥ ଆଲୋକିତ ହୋଇଉଠିବ ।'

• •

ସରୋଜିନୀ ଆଧୁନିକ ଭାରତର କବିମାନଙ୍କ ମଧ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଅଛନ୍ତି । ରବୀନ୍ଦ୍ରନାଥଙ୍କ ବ୍ୟତୀତ ସେ ଓ ମହମ୍ମଦ୍ ଇକବାଲ୍ କେବଳ ଆନ୍ତର୍ଜାତିକ ଖ୍ୟାତି ଲଭିଥିଲେ । ଛନ୍ଦର ଲାଳିତ୍ୟ, ଭାଷାର ମାଧୁର୍ଯ୍ୟ, କଳ୍ପନାର ଉଦାମତା ତାଙ୍କର କବିତାକୁ ପୃଥିବୀର କାବ୍ୟ ଜଗତରେ ଏକ ଉଚ୍ଚ ସ୍ଥାନ ଦେଇଛି । ତାଙ୍କର ପ୍ରତ୍ୟେକ ପଂକ୍ତିରେ ପ୍ରାଣର ପ୍ରାଚୁର୍ଯ୍ୟ ପରିସ୍ଫୁଟ । ସରୋଜିନୀ ଜୀବନକୁ ଉପଭୋଗ କରିଥିଲେ ଏବଂ ତାଙ୍କ ହୃଦୟର ସେହି ଅପରାଜେୟ ଆନନ୍ଦକୁ ରୂପ ଦେଇଥିଲେ କବିତାରେ । 'ମୃତ୍ୟୁର ରହସ୍ୟମୟ ନୀରବତା' ( Mystic Silence Of Death ) ତାଙ୍କୁ ଭୀତ କରିଦେଇ ନ ଥିଲା—ଜୀବନର ବିଷାଦ ତାଙ୍କୁ ନିଷ୍କ୍ରିୟ କରିଦେଇ ନ ଥିଲା । ସଙ୍ଗୀତର ମଧୁର ବିଷାଦରେ ସେ ଜୟ କରିବାକୁ ଚାହିଁଥିଲେ ଜୀବନର ବିଷାଦକୁ । [we will conquer the sorrow of life with the sorrow of song ] ଇଂରାଜ ରୋମାଣ୍ଟିକ୍ କବି କୀଟ୍ସଙ୍କ ପରି ସେ ଥିଲେ ସୌନ୍ଦର୍ଯ୍ୟର ପୂଜାରିଣୀ — ଚମ୍ପା ଶାଖା ଗୁଚ୍ଛ ଉପରେ ମୃଦୁ ଆନ୍ଦୋଳିତ ଚମ୍ପକ କଳିପୁଞ୍ଜ, କୋକିଳର କୁହୁସ୍ୱନ ମୁଖରିତ ଭୂମିଦିଗନ୍ତ - ପଦ୍ମ ସମାବେଷ୍ଟିତ - ନଦୀ - ବକ୍ଷଶୋଭି ଦ୍ୱୀପ, ଶିରୀଷକୁସୁମ କୁଞ୍ଜ, ଉଦ୍ୟାନ ମଲ୍ଲିକାର ମଧୁ ଗନ୍ଧ, ତାଙ୍କର କବିତାର ବିଷୟ ବସ୍ତୁ । ଏକ ସ୍ଥାନରେ ମୃତ୍ୟୁକୁ ସମ୍ବୋଧନ କରି କବି ସରୋଜିନୀ ଲେଖିଛନ୍ତି " ହେ ମୃତ୍ୟୁ ! ଛାଡ଼

Digitized by srujanika@gmail.com

ମାତ୍ର ଅପେକ୍ଷା କର ······ ମୋର ସମସ୍ତ ମାନବିକ କ୍ଷୁଧା ପରିତୃପ୍ତ ନ ହେଲା ପର୍ଯ୍ୟନ୍ତ ମୁଁ ମରି ପାରିବି ନାହିଁ ।”

କବି 'ଶେଲି'ଙ୍କ ପରି ସେ ଥିଲେ ପ୍ରେମର କବି; କିନ୍ତୁ 'ଶେଲି'ଙ୍କ ପରି ସେ ଅପାର୍ଥିବ, ସ୍ୱର୍ଗୀୟ, ଦେହାତୀତ କାମନା — ରହିତ ପ୍ରେମର ସଙ୍ଗୀତ ଗାଇ ନାହାନ୍ତି — ସେ ଗାଇଛନ୍ତି ମାନବୀୟ ପ୍ରେମର ସଙ୍ଗୀତ — ମିଳନର ଉଚ୍ଛ୍ୱସିତ ଆନନ୍ଦ — ବିରହର ଗଭୀର ବେଦନା — ବ୍ୟର୍ଥ ପ୍ରେମିକର ହତାଶା ବା ଭକ୍ତି ବିଦ୍ରୋହ, ଏ ସମସ୍ତ ତାଙ୍କ କବିତାରେ ରୂପ ପାଇଛି ।

ଭାରତର କବି ସରୋଜିନୀ ତାଙ୍କର କବିତାରେ ଭାରତର କାରୋମଣ୍ଡଳ ଉପକୂଳର ଧୀବର - ମାନଙ୍କୁ, ଦରିଦ୍ର ପାଲିଙ୍କିବାହକମାନଙ୍କୁ, ଚୁଡ଼ିବିକାଳୀ ନବବଧୂଙ୍କୁ, କୋକିଳକୁ, ଚମ୍ପକମଞ୍ଜି ଇତ୍ୟାଦି ଭାରତୀୟ କୁସୁମ ରାଜିକୁ ଅମର କରିଦେଇ ଯାଇଛନ୍ତି ।

ସେଥିପାଇଁ କବି ସରୋଜିନୀଙ୍କୁ ଭାରତୀୟ P. E. N ର ସଭାନେତ୍ରୀ ରୂପେ ବରଣ କରାଯାଇଥିଲା । ମୃତ୍ୟୁ ପର୍ଯ୍ୟନ୍ତ ସେ ମଧ୍ୟ କବିଗୁରୁ ରବୀନ୍ଦ୍ରନାଥଙ୍କର ଶାନ୍ତିନିକେତନର ପରିଚାଳନା ସମିତିର ସଭାନେତ୍ରୀ ଥିଲେ ।

ବିଶ୍ୱକବି ରବୀନ୍ଦ୍ରନାଥଙ୍କର ସରୋଜିନୀଙ୍କ ପ୍ରତି ଅପରିମିତ ଶ୍ରଦ୍ଧା ଓ ସ୍ନେହର ପରିଚୟ ତାଙ୍କ ପତ୍ରମାନଙ୍କରୁ ମିଳେ । ତାଙ୍କର ଅସାମାନ୍ୟ ପ୍ରତିଭା ଓ ବିଦେଶୀ ଇଂରାଜୀ ଭାଷା ଉପରେ ଅପୂର୍ବ ଦକ୍ଷତା ଦେଖି ସେ ମୁଗ୍ଧ ହୋଇଥିଲେ । "ଭଗ୍ନପକ୍ଷ" ର କବିତାଗୁଡ଼ିକ ଲକ୍ଷ୍ୟ କରି ସେ ସରୋଜିନୀଙ୍କ ନିକଟକୁ ଲେଖିଥିଲେ, "ଭଗ୍ନପକ୍ଷ'ରେ ଥିବା ତୁମ କବିତାଗୁଡ଼ିକ ମୋତେ ଜୁଲାଇ ସନ୍ଧ୍ୟାର ସୂର୍ଯ୍ୟାସ୍ତର ଛୁ [illegible] ଉଜ୍ଜ୍ୱଳ ମେଘଗୁଡ଼ିକ ସଦୃଶ ଅଶ୍ରୁ ଓ ଅଗ୍ନିରେ ଗଠିତ ହେଲାପରି ମନେ ହେଉଛି ।

ଶରତାରୁଣ୍ୟର ପ୍ରତୀକ ଥିଲେ ସରୋଜିନୀ — ଚିର ପ୍ରଫୁଲ୍ଲତା ଓ ସ୍ୱର୍ଗୀୟ ଆନନ୍ଦରେ ସେ ଅଭିଭୂତ କରି ରଖିଥିଲେ ନିଜର ଜୀବନକୁ । ଜୀବନର ଯେ କୌଣସି ଅବସ୍ଥାରେ ସେ ହାସ୍ୟ ପରିହାସକୁ ଭୁଲି ନ ଥିଲେ । ଥରେ ସେ କହିଥିଲେ, "ମୋ ଦେହର ଅବସାନ ପରେ ଯେପରି ମୋ ସ୍ମୃତି ସ୍ତମ୍ଭରେ ଏହି କଥା ଲେଖି ରଖାହୁଏ —" She loved the youth of india (ସେ ଭାରତର ଯୁବସମାଜକୁ ଭଲ ପାଉଥିଲେ) । ଆଦର୍ଶ ଜନନୀ ରୂପେ, ଆଦର୍ଶ ସ୍ତ୍ରୀ ରୂପେ, ସେ ନିଜର ସମସ୍ତ କର୍ତ୍ତବ୍ୟ ସୁରୁଚି ରୂପେ ପାଳନ କରିଥିଲେ । ସାମାଜିକ ଜୀବନରେ ତାଙ୍କର ଅନ୍ତରଙ୍ଗତାରେ ରାଜନୈତିକ ବିରୋଧୀମାନେ ମଧ୍ୟ ମୁଗ୍ଧ ହୋଇ ଯାଉଥିଲେ ।

ବାପୁଜୀ ସରୋଜିନୀଙ୍କୁ ଏ ଯୁଗର ମୀରାବାଈ ବୋଲି ଯଥାର୍ଥରେ ଅଭିହିତ କରିଥିଲେ । ମୀରାବାଈଙ୍କ ପରି ସରୋଜିନୀ ଅର୍ଥହୀନ ସାମାଜିକ ସଂସ୍କାର ବିରୁଦ୍ଧରେ ସଂଗ୍ରାମ କରିଥିଲେ ଓ ମୀରା ଯେପରି ଶ୍ରୀକୃଷ୍ଣଙ୍କ ସେବାରେ ଉତ୍ସର୍ଗ କରିଦେଇଥିଲେ ନିଜର ସମସ୍ତ ଜୀବନ, ସେହିପରି ସରୋଜିନୀ ଦେଶମାତୃକାର ସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ — ମୀରା ଯେପରି ସଙ୍ଗୀତ ଝଙ୍କାରରେ ସାରା ଭାରତକୁ ଆପ୍ଳାବିତ କରିଥିଲେ ସେହିପରି ସରୋଜିନୀ କବିତାର ଛନ୍ଦମାଧୁରୀରେ ପ୍ଳାବିତ କରିଦେଇଥିଲେ ଦେଶକୁ ।

ଆଜି ଏହି ମହୀୟସୀ ନାରୀ ନାହାନ୍ତି ସତ କିନ୍ତୁ ତାଙ୍କ ଜୀବନର ଆଦର୍ଶ ବଞ୍ଚିରହିଛି ଭାରତୀୟ ନାରୀଜାତିକୁ ଉଦ୍‌ବୁଦ୍ଧ କରିବାକୁ । ତାଙ୍କର ସ୍ୱର୍ଗୀୟ ଆତ୍ମା ନିକଟରେ ଏହି ମାତ୍ର ପ୍ରାର୍ଥନା, ସେ ଯେପରି ଆଶୀର୍ବାଦ କରନ୍ତୁ ଆମ୍ଭମାନଙ୍କୁ — ଯେପରି ତାଙ୍କର ନିର୍ଦ୍ଦେଶିତ ପଥରେ ପବିତ୍ର ଦେଶପ୍ରୀତି ଅନ୍ତରରେ ଧରି ଆମ୍ଭେ ଅଗ୍ରସର ହେଉ ।

Digitized by srujanika@gmail.com

# ତଥାପି ଜୀବନରେ ପୂର୍ଣ୍ଣତା କାହିଁ *

ଶ୍ରୀ ଲଙ୍ଘସ୍ୱଜ ଦାସ

'Life is a mission, its end is not the search after happiness, but know ledge and the fulfilment of duty' Mazzini

ଜାନୁୟାରୀ ଛବିଶ ଭାରତର ଗୌରବୋଜ୍ଜ୍ୱଳ ପ୍ରଭାତ । ଭାରତ ସାଧାରଣତନ୍ତ୍ର ରାଷ୍ଟ୍ରର ନବଜନ୍ମର ପ୍ରଥମ ପ୍ରହର । ପ୍ରତି ଦେଶବାସୀର ହୃଦୟରେ ଆଜି ଏକ ନବପଲ୍ଲବିତ ଉତ୍ସାହର ଝଙ୍କାର ଉଠୁଛି ।

ଦୀର୍ଘ ଛଅମାସ କଠିନ ଜେଲରେ ଅଟକବନ୍ଦୀ ରହିବା ପରେ ବୀରକୁ ମିଳିଛି ମୁକ୍ତି । ସାରା ଦେଶର କଣ୍ଠରେ ଯେତେବେଳେ ମହାପୁଣ୍ୟାହର ଅଷ୍ଟୋତ୍ତର ସ୍ୱାଗତ-ଗୀତ ଗୁଞ୍ଜରି ଉଠୁଛି, ବୀରପରି କର୍ମୀ ; - ଯେଉଁ ସ୍ୱାଧୀନତାଯଜ୍ଞରେ ରକ୍ତାହୁତି ଢାଳିଛି ପତ୍ନୀ ପୁତ୍ରର ମଧୁର ମାୟାକୁ କାଟି ନିଜକୁ ସମର୍ପି ଦେଇଛି ତ୍ୟାଗ ବେଦୀ ଉପରେ; ଏତେବଡ ଜାତୀୟ ମଙ୍ଗଳବେଳେ ବେଖାପ ରହିଯିବ ।

ଜେଲ ଫାଟକ ବାହାରେ ବିପୁଳ ଜନତାର ସମାବେଶ । ବୀର ଆଗେଇ ଆସିଛି । ହାତରେ ତାର ସଦ୍ୟ ମୁକୁଳିତ ନଗର ଫୁଲର ଏକମାଳା । ବୀରକୁ ପଦାକୁ ଆସିଲା । ଜନତାର ହୃତ୍‌ପିଣ୍ଡରେ ଏକ ଅଭୂତପୂର୍ବ ଉନ୍ମାଦନା ସଂଚାର ହେଲା । ମୁହୂର୍ତ୍ତକ ପାଇଁ ବାୟୁମଣ୍ଡଳରେ ଭାସି ବୁଲିଲା —'ଜୟ ସ୍ୱାଧୀନ ସାବଭୌମ ପ୍ରଜାତଂତ୍ର ଭାରତର ଜୟ' । 'ଜୟ ସର୍ବହରାର ନେତା ବୀରବାବୁଙ୍କର ଜୟ' ।

ଶୋଭାଯାତ୍ରା ଚାଲିଛି ସହରର ପ୍ରଧାନ ରାସ୍ତା ଦେଇ । ପାର୍କରେ ମାନ୍ୟବର ମନ୍ତ୍ରୀ ପତାକା ଉତ୍ତୋଳନ କରୁଛନ୍ତି । ଉତ୍ସବରେ ଯୋଗ ଦେଇଛନ୍ତି, ସହରର କୋଟିପତି ଶେଠ୍, ବ୍ଲେକ୍‌ବଜାରୀ ବ୍ୟବସାୟୀ, ଜମିଦାର, ଏମ୍. ଏଲ୍. ଏ ଓ ଆଉ ଅନେକ ଦେଶପ୍ରାଣ ନେତୃବୃନ୍ଦ । ପୁଲିସ୍ ଫୋର୍ସ ସହ ଜିଲ୍ଲା ମାଜିଷ୍ଟ୍ରେଟ ବି ଆସିଛନ୍ତି, ଶାନ୍ତି ଭଙ୍ଗର ଆଶଙ୍କା କରି । ଘନ ଘନ କରତାଳି ଭିତରେ ମନ୍ତ୍ରୀ କହି ଚାଲିଛନ୍ତି, 'ଆମେ ବିନା ରକ୍ତପାତରେ ସ୍ୱାଧୀନତା ହାସଲ କରି ଦୁନିଆକୁ ଦେଖାଇ ଦେଇଛୁ ଅହିଂସାର କରାମତି । ମହାତ୍ମାଙ୍କ ପରିକଳ୍ପିତ ରାମରାଜ୍ୟର ଭିତ୍ତି ଏବେ ପ୍ରସ୍ତୁତ । ଏ ହେବ କିଷାନ୍ ମଜଦୁରଙ୍କ ଦେଶ, ଯେଉଁଠି ନ ଥିବ କୋଟିପତି ମିଲ୍ ମାଲିକ, ବ୍ଲେକ୍‌ବଜାରୀ ଓ ଜମିଦାରଙ୍କ ଉତ୍ପୀଡନ, ପୁଲିସ ଓ ମାଜିଷ୍ଟ୍ରେଟଙ୍କ ହୁକୁମତି ବଦମିଜାଜୀ ପୁଣି ସେହି ରାଜ୍ୟରେ ଲୋକଙ୍କ ନାଗରିକ ସ୍ୱାଧୀନତା ଉପରେ ନ ଥିବ ମନମୁଖୀ ହସ୍ତକ୍ଷେପ । ସଭାସମିତି ଓ ଦଳ ଗଠନରେ ନ ଥିବ ଅଯଥା କଟକଣା । ନିଜେ ପ୍ରଜାହିଁ ହେବ ଏ ବିରାଟ ରାଷ୍ଟ୍ରର ଶାସକ, ଆଉ ମନ୍ତ୍ରୀ ଏମ୍. ଏଲ୍. ଏ ହେବେ ସେମାନଙ୍କର ଦାସାନୁଦାସ ସେବକ ।"

ଶୋଭାଯାତ୍ରା ଗହଣରେ ବୀର ଶୁଣିଲା ମନ୍ତ୍ରୀଙ୍କ ଭାଷଣର ଶେଷ କେଇପଦ ତାର ଅନ୍ତସ୍ତଳରେ ଅଟକି ଗଲା କେତୋଟି ପ୍ରଶ୍ନ ହୋଇ । ବୀର ରାମରାଜ୍ୟର ସ୍ୱପ୍ନ ଦେଖିଲା ତାର କଙ୍କାଳସର୍ବସ୍ୱ ଅବସ୍ଥାରେ । 'କିଷାନ୍ ମଜ୍‌ଦୁରରାଜ'ର ମହିମା ପାଇଲା ତାର ସହଗାମୀ ଶତ ଶତ କୃଷି ମଜୁରିଆଙ୍କ ଶୁଷ୍କ ହତାଶ ଶିଥିଳ କଣ୍ଠଧ୍ୱନିରୁ ।

— ୨ —

ବୀର ବସିଛି ତାର ଭଙ୍ଗା କୁଟୀରରେ । ସ୍ୱପ୍ନର ତରଙ୍ଗାୟିତ ଉତ୍ଥାନପତନ ମଧ୍ୟରେ ଅଶ୍ରାନ୍ତ ତାର ଭାସି ଚାଲିଛି କୂଳ କିନାରା

* ଗଲାବର୍ଷ 'ଚତୁରଙ୍ଗ'ର ପ୍ରଥମ ସଂଖ୍ୟାରେ ପ୍ରକାଶିତ ଶ୍ରୀ ଯତୀନ୍ଦ୍ର କୁମାର ଦାସଙ୍କ 'ସ୍ୱପ୍ନ ତାରବହିଯାଏ' ଗଳ୍ପର ପର

Digitized by srujanika@gmail.com

ନଥାନ୍ତି । ତାର କଳ୍ପନା ହଜିଯାଉଛି ସୁଦୂର ଅସୀମ ନିସ୍ତବ୍ଧତା ଦେଶରେ । ସାଧନାର ଗତି କ୍ରମଶଃ ମନ୍ଥୀଭୂତ ହୋଇ ଆସୁଛି । ଏ ଜୀବନ ଯେପରି ସର୍ବଦା ନୀରସ, ନିଷ୍ପ୍ରାଣ, ପାଥେୟଶୂନ୍ୟ ମାନବର ତୃଷ୍ଣା ଯେପରି ଅବଦାନ ମୃତ୍ୟୁ ନହୁନ୍ତ !

ବିଚ୍ଛିନ୍ନ ଚିନ୍ତାଏ କଟମଟ କରି ଉଠିଲେ । ବୀରର ଚିନ୍ତାର ପ୍ରବାହ ସେଇଠି ପାଇଲା ବାଧା । ବାସ୍ତବତାର କଠୋର ତରଙ୍ଗ ମଧ୍ୟ ପୁଣି ଫେରି ଆସିଲା ସେ । ଦିନ ଓଳି ହେଲା ପାଣିଟିକୁ ଅହାର ଯାଇନି । ସେତିକି ଭିତରେ ସ୍ୱପ୍ନ ଓ ବାସ୍ତବତାର କନ୍ଦଳ ନେବଲଦେଲ ନ ମିଳିଲା ।

ମଲାବେଳେ ରତ୍ନ…କହୁଥିଲା…ତାର ମନେ ଅଛି ସେ ଶେଷ ଶଯ୍ୟା ରତ୍ନ ଯେପରି ଏବେବି ବାଜୁଛି ରତ୍ନର ନିସ୍ତେଜ କଣ୍ଠରେ…'ମତେ ଭୁଲିଗଲେ ବି…ଆମ ପୁଅ ଗଣେଶକୁ ଭୁଲିଯିବ ନାହିଁ !' ସ୍ତ୍ରୀ ମୃତ୍ୟୁମାର ଅନ୍ତିମ ମିନତି ତାର ଯାତନା । କଠିନ ବୁକୁ ତଳକୁ ଛୁଇଁ ଯାଉଛି ଏବେ ଯାଏ ! ସତେ କ'ଣ ସେ ତା'ର କର୍ତ୍ତବ୍ୟ କରିଛି ! ରତ୍ନର ଶେଷ ଦାନ…ବିଜୟ… ତାର ଅବୋଧ ବାଳକ ତା ଠାରୁ କିଛିଦୂର ଦାବୀ କରିନି ! ତାର ହସ ଖେଳରେ ସଂସାରକୁ ମଧୁମୟ କରୁଥାନ୍ତା ରତ୍ନ…ଜନନୀର ବାତ୍ସଲ୍ୟ ସୋହାଗକୁ ଦେଇ ! ଅଭାଗା ମାତୃହରା ଶିଶୁ ଘୋର ନୈରାଶ୍ୟର ନମତାକୁ ଭୁଲି ଯାଉ । କୁଟୀରରେ ପ୍ରେମ ମାତାର ଅଭାବ ମନେ ମନେ ଅନୁଭବ କରୁଥିବ !

ବୀରର ଚକ୍ଷୁ ସଜଳ ହୋଇ ଆସିଲା । ଘର ମଧ୍ୟକୁ ପଶି ଆସିଲା ଜଣେ । ସେ ତା'ର ସହକର୍ମୀ ଗୋପାଳ ! ଦିନ ରାତି ଶ୍ରମିକଙ୍କ ଲାଗି ଖଟି ଆସି ଏବେ ଧାଳରେ ମିଶିଛି । ସେ କହିଲେ, "ପୁଣି କାରଖାନାରେ ଧର୍ମଘଟ ଚାଲିଛି ! ମାଲିକ କଳରେ କୋଇଲା ପକାଇ ମିଲ୍‌ଟା ଚଳାଇଲେ । ଶ୍ରମିକମାନେ ବେକାର ହୋଇ ବସିଲେଣି । ମାଲିକ ତରଫରୁ ଧମକ ଦେଉଛି, ଶ୍ରମିକମାନେ ଯଦି ଭାଙ୍ଗି କ୍ଷମା ନମାଗିଲେ କାମକୁ ଫେରିବ ନାହିଁ । ଆପଣ ଲାଗିଲେ ନଚଳେ । ତେବେ କୌଣସି ମତେ ଉଭୟ ପକ୍ଷକୁ ବୁଝାଇ ଭଲ ସାଲିସ୍ କରିବାକୁ ହେବ ।"

ବୀର ଖୁଣ୍ଟରୁ ଫଟା ମଇଳା ପରିଧେୟ ଜାମା ଦେହରେ ଗଳାଇ । ଗଲାବେଳେ ଯେପରି ଶୁଣିଲା, ପଛରୁ ବିଜୟ ଡାକୁଛି "ବାପା", "ବାପା", କୁଆଡ଼େ ଯାଉଛ ?

— ୩

କଟକ ବଡ଼ ଡାକ୍ତରଖାନା । ମୃତ୍ୟୁ ଶଯ୍ୟାରେ ଶୋଇଛି ବୀର । ତାଲୁରେ ଭୀଷଣ ଆଘାତ । ସାଲିସ୍ ସମୟରେ ଦଶବାର ଜଣ ଅମାନିଆ ଶ୍ରମିକଙ୍କ ଉପରେ ଗୁଳିଚଳି ପୁଲିସର ନିର୍ମମ ଲାଠିମାଡ଼ । ଯଥାସମୟରେ ବୀର ଯାଇ ଛିଡ଼ା ହୋଇଛି ଶ୍ରମିକଙ୍କ ମଧ୍ୟରେ । ଅକସ୍ମାତରେ ତାର ମୁଣ୍ଡରେ ବାଜିଛି ମରଣାନ୍ତକ ମାଡ଼ । ବୀର ଏକଦମ୍ ବେହୋସ । ସଙ୍ଗେ ସଙ୍ଗେ ଶତ କଣ୍ଠରୁ ଗର୍ଜ୍ଜନ ଶୁଭେ- 'ଜୟ, ଲୁଗାକଳ ଶ୍ରମିକ ସଂଘର ଜୟ, 'ଜୟ, ଶ୍ରମିକ ନେତା ବୀର ବାବୁଙ୍କର 'ଜୟ, ।

ବୀରର ହୋସ ଆସିଲା ବିଜୟର "ବାପା" ଡାକରେ । ବୀର ଉଠିଲା, ପୁଅକୁ କୋଳକୁ ନେବ ମନପୂରାଇ ଆଦର କରିବ ନିଜର ବ୍ୟର୍ଥ ପିତୃତ୍ୱର ଅତୃପ୍ତି ପୂର୍ଣ୍ଣ କରିବ…କିନ୍ତୁ ପାରିଲା ନି ।

ବୀରର ପ୍ରଳାପ ବଢ଼ିଛି । କହୁଛି—ଜୀବନରେ ତାର ଅପୂର୍ଣ୍ଣ ରହିଗଲା ବହୁତ କିଛି ! ସ୍ୱପ୍ନ ତାର ବ୍ୟର୍ଥ ହୋଇଗଲା ! ମହାମାନବର ପରିକଳ୍ପିତ ସାଧନାର ପଥରେ ତାର, କର୍ମଯୋଜନା ଅଧାପନ୍ତରିଆ ରହିଗଲା !

।

ବିଜୟ ବିଜୟ… …ରତ୍ନ… …ରତ୍ନ… !

ହୃଦ୍‌ଯନ୍ତ୍ରର ଏକ ଟୋପନ୍ ଗତି ହଠାତ୍ ବନ୍ଦ ହୋଇଗଲା ।

•

ଦର୍ପଣ ତୁର ବାଦଲ୍ ଗର୍ଜି ଗର୍ଜି ବରଷୁଥାଏ ଝୁପ ଝୁପ ଭୂମିର ମଧ୍ୟାଣ ଉପରେ । ପୃଥିବୀରେ ଜଳବିନ୍ଦୁ ପଡ଼ୁଥାଏ

Digitized by srujanika@gmail.com

ଚତୁର୍ଦ୍ଦଶର ଅନାର୍ଦ୍ର-କଠିନ- ନିଭାବରଣ- ମୁଖରେ ନବବର୍ଷର ସ୍ୱାଗତଗୀତ ବାଜିଗଲା ।

ବୀରର ଶବ-ଶୋଭାଯାତ୍ରା ମହାଆଡମ୍ବରରେ ଚାଲିଲା ସହରର ପ୍ରତି ଗଳି କନ୍ଦି ଦେଇ । ଗବାଧାର ପୁଷ୍ପ-ଚନ୍ଦନ ସିନ୍ଦୁର ବିନ୍ଦୁରେ ସୁଶୋଭିତ ହୋଇ ଉଠିଲେ ।

ସୁଉଚ୍ଚ ଅଟ୍ଟାଳିକା ଉପରୁ ମନ୍ତ୍ରୀଙ୍କ ଦୃଷ୍ଟି ପଡ଼ିଲା ଶୋଭାଯାତ୍ରା ଉପରେ । ତାଙ୍କର ମନେ ହେଲା, ଯେପରି ବୀର ମରିନି -ବୀର ଏବେବି ଜୀଇଁ ରହିଛି·· ତାର ଅମୁଣ୍ଡ ଶାସନକୁ ଧ୍ୱଂସ କରିବାକୁ ।

---

# ତମସୋ ମା' ଜ୍ୟୋତିର୍ଗମୟ

ଶ୍ରୀ କୁଞ୍ଜବିହାରୀ ଦାଶ

ସୃଷ୍ଟିର ପ୍ରଥମ ପ୍ରଦୀପ
ସହସ୍ର ଶିଖାରେ ଉଠିଛି ଜଳି;
ସହସ୍ର ଶିଖାରେ ଝରିପଡୁଛି
ଅଲୋକର ଝଲକ ଶିଖା ।
ଶାନ୍ତିର ନୀରବ ମୂର୍ଚ୍ଛନା
ମିଶିଛି ସବୁଜର ମର୍ମରେ ମର୍ମରେ ।
ରଙ୍ଗ ପାଇଛି ଛନ୍ଦ
ଗନ୍ଧ ପାଇଛି ବାଣୀ
କବିତାର ଉଦ୍ଦାମ ଆବେଗରେ ଭାସିଯାଉଛି ରକ୍ତ ବାଦଲ ।
ତୂର୍ଯ୍ୟ ବଜନ ମୁହୂର୍ତ୍ତର ପାଦ
ପୂର୍ଣ୍ଣ ହୋଇଛି ଅସରନ୍ତି ସଙ୍ଗୀତ ରସରେ
ଜୀବନର ଚେତନା ଓ ଅଲୋକର ମିଳନରେ
ବାଜିଉଠିଛି କର୍ମର ମୋହନ ବଂଶୀ
ଏହି ମହାସଂଗମ ପରମ ତୀର୍ଥ;
ଧାଇଁଛନ୍ତି ମନ ମୁଲକର ଯାତ୍ରୀଦଳ
ଆଲୋକର ପଣ ।
ଆକାଶର ସୁନୀଳ ଆଶୀର୍ବାଦ ।
ବିଶ୍ୱମନର ଐକ୍ୟମନ୍ତ୍ର ଗାନରେ
ପ୍ରକୃତି ଖୋଲିଛି ତାର ଐତିହାସିକ ପ୍ରଦର୍ଶନୀ;
ଚିର ପୁରାତନ, ନିତ୍ୟନୂତନ ବି ।
ଲାଗିଛି ଅଗଣିତ ଯାତ୍ରୀର ଜୁଆର
ବିରାମ ନାହିଁ, ବିଶ୍ରାମ ନାହିଁ;
ଦେଖେତ ମନ୍ଦିର ଅଟ୍ଟାଳିକା ପଡ଼ିଛି ଟଳି
ଲକ୍ଷେତ ସାମ୍ରାଜ୍ୟ ପଡ଼ିଛି ହଜି
ଭାଙ୍ଗିପାଇଛି ବିଜୟ ଗୌରବର ସ୍ତମ୍ଭ;
ନିଭିଯାଇଛି ଅସ୍ଫାଳନର ବଜ୍ରଶିଖା;
ସୌନ୍ଦର୍ଯ୍ୟର ପ୍ରଦୀପ;
ଧ୍ୱଂସ ଉପରେ ଧ୍ୱଂସର ସ୍ତୂପ ଛିଡ଼ାହୋଇଛି,
କୁହୁଡ଼ି ଭିତରେ ଚିତ୍କାର କରୁଛି ଅତୀତର ପ୍ରେତାତ୍ମା!
ସବୁ ଦେଖିଛି ଏଇ ଅଲୋକ
ବିବର୍ଣ୍ଣ ହୋଇ ନାହିଁ,
କରୁଣାର ଲୋତକ ଯାଇଛି ଶୁଖି,
ବଢ଼ିଛି ଆଲୋକର ଶୌର୍ଯ୍ୟ
ତାହାପେନି ଯୁଗ ଯୁଗ ଧରି ସେ ବଞ୍ଚିଛି
ଚିର ତରୁଣ ହୋଇ ।
ଏଇ ଅଲୋକରେ ଦିନେ ରଙ୍ଗାଇଥିଲି
ମୋର ଶୈଶବର କୌତୁହଳ,
ସରଳ ବିଶ୍ୱାସ, ତରଳ ସ୍ୱପ୍ନ ।
ଏଇ ଅରୁଣ ଥିଲା ମୋର ବାଲ୍ୟସାଥୀ
ମୋ ସଙ୍ଗେ ଯାଉଥିଲା ମାଡ଼ୁଲାଲସ୍କୁଲ
ଫେରି ଆସୁଥିଲା ପୁଣି ।
ଆଜି ସେ ହୋଇଛି ସ୍ଥିର ଗମ୍ଭୀର ପ୍ରୌଢ଼
ସତ୍ୟର ତଥ୍ୟରେ ତୀକ୍ଷ୍ଣ ।
ତାର ରକ୍ତାକ୍ତ ଆଖି ଦେଖି
ଯୌବନ ଚମକି ପଡ଼ୁଛି
କିନ୍ତୁ ମଳିନ ହୋଇନି
ତାର ନିର୍ମଳ ବୁକୁର ଉଜ୍ଜ୍ୱଳ ସ୍ନେହ ।
ନୀଳ ନହୁନ୍ତି ତୃଷ୍ଣା ଲାଳସ

Digitized by srujanika@gmail.com

ମୁଖରୁ ଶୁଣିଥିବା ଅଜସ୍ର କାହାଣୀ
ପୁରାଣର ଇତିହାସ !
ଭବିଷ୍ୟତର ସଂକେତ ବି ଦେଉଛି;
ଆଗାମୀ ସୃଷ୍ଟିର ନୂତନ ଉଚ୍ଛ୍ୱାସରେ
ତାର ଅଲୋକ ଅଙ୍କନ
ହୋଇଛି ମୁଖର ।
ପ୍ରତ୍ୟାଶେ, ଯୁଗ ଯୁଗେ ଦେଉଛି
ସୃଷ୍ଟିର ପ୍ରେରଣା ।
ଅତୀତ ସଙ୍ଗେ ଭବିଷ୍ୟତ ମନକୁ ଦେଉଛି ଗୁନ୍ଥି ।
ଶିଳ୍ପୀ ସେ; କଳା ମନ୍ଦିରରେ ଦେଖାଉଛି
ଅଗଣିତ ମନର ଐକ୍ୟ ।
ତେଣୁ ଗାଉଛି ଅନ୍ତରାତ୍ମା
ତାର ତରୁଣ ଚେତନାର ବିଜୟ ସଂଗୀତ
"ତମସୋ ମା' ଜ୍ୟୋତିର୍ଗମୟ" ।

# ସ୍ତ୍ରୀ ଓ ପୁରୁଷ

ଶ୍ରୀ ଶଶିଭୂଷଣ ରାୟ

ସ୍ତ୍ରୀ ଏବ ପୁରୁଷର ସମ୍ବନ୍ଧ, କ୍ଷମତା ଓ ଅଧିକାର ନେଇ ଆମ୍ଭମାନଙ୍କ ଦେଶରେ ପ୍ରବଳ ଆନ୍ଦୋଳନ ହେଉଅଛି । ଏ ଆନ୍ଦୋଳନର ଆରମ୍ଭ ଆମ୍ଭମାନଙ୍କ ଦେଶରେ ହୋଇନାହିଁ । ପାଶ୍ଚାତ୍ୟ ଦେଶରେହିଁ ସ୍ତ୍ରୀ ପୁରୁଷର କ୍ଷମତା ଓ ଅଧିକାର ନେଇ ପ୍ରଥମେ ତର୍କ ଉଠିଥିଲା । ଏକଦଳ ଲୋକ କହନ୍ତି ସ୍ତ୍ରୀ ଏବ ପୁରୁଷ ଉଭୟହିଁ ଯେତେବେଳେ ବିଧାତାର ସୃଷ୍ଟି ସେତେବେଳେ ଉଭୟଙ୍କ ମଧ୍ୟରେ କ୍ଷମତା ଓ ଅଧିକାରର ଭେଦ ରହି ନ ପାରେ । ସେମାନେ କହନ୍ତି ଜଣକୁ କ୍ଷମତାଶାଳୀ ଏବ ଅପରକୁ ଦୁର୍ବଳ କରି ଗଢିଲେ ଈଶ୍ୱରଙ୍କ ନ୍ୟାୟଦଣ୍ଡରେ କଳଙ୍କ ଲାଗିବ । ଅନ୍ୟ ଏକଦଳ କହନ୍ତି, ପ୍ରକୃତିର ସାମଞ୍ଜସ୍ୟ ରକ୍ଷାର୍ଥେ ସ୍ତ୍ରୀ ଓ ପୁରୁଷର କ୍ଷମତା ଓ ଅଧିକାର ଭେଦ ଆବଶ୍ୟକ, ମଙ୍ଗଳମୟ ଭଗବାନଙ୍କର ଏଥିରେ ପୂର୍ଣ୍ଣ ମଙ୍ଗଳ ଭାବହିଁ ପ୍ରକାଶିତ ହୋଇଥାଏ । ଶେଷ ପକ୍ଷଙ୍କ ମତରେ ଉଭୟଙ୍କ କ୍ଷମତା ଓ ଅଧିକାର ସମ୍ପୂର୍ଣ୍ଣ ଏକ ହେଲେ ପାରସ୍ପରିକ ପ୍ରତିଦ୍ୱନ୍ଦ୍ୱିତାରେ ସଂସାରରେ ସୁଶୃଙ୍ଖଳା ଅପେକ୍ଷା ବିଶୃଙ୍ଖଳାର ପ୍ରାଦୁର୍ଭାବ ହୁଅନ୍ତା । ଏକ ପକ୍ଷ ସ୍ତ୍ରୀ ପୁରୁଷର ପରସ୍ପର ପ୍ରତି ସ୍ୱାଭାବିକ ଆକର୍ଷଣର ଉପେକ୍ଷା କରି ପ୍ରତିଦ୍ୱନ୍ଦ୍ୱିତା ପ୍ରସୂତ ବିଶୃଙ୍ଖଳାର ଅମୂଳକତ୍ୱ ପ୍ରତିପନ୍ନ କରିବାକୁ ପ୍ରୟାସୀ, ଅପରପକ୍ଷ ପ୍ରତିଦ୍ୱନ୍ଦ୍ୱିତାରେ ସ୍ୱାଭାବିକ ଆକର୍ଷଣର ପବ[illegible]ରେ ଅଧିକା କହନ୍ତି ।

ସ୍ତ୍ରୀ ଏବଂ ପୁରୁଷର କେତେଗୁଡ଼ିଏ ଅଧିକାର, କେତେଗୁଡ଼ିଏ କ୍ଷମତା ଯେପରି ସାଧାରଣ, ସେହିପରି କେତେଗୁଡ଼ିଏ ପୁଣି ସ୍ୱତନ୍ତ୍ର । ପୁରୁଷ ଅଥବା ସ୍ତ୍ରୀ କେହି ସୁଦ୍ଧା ଏକା ବେଳକେ ସକଳ ବିଷୟରେ ଦକ୍ଷ ନୁହନ୍ତି । ପୁରୁଷ ଜାତିର ଅନେକ ଗୁଣ ଅଛି, ଯାହା ସ୍ତ୍ରୀଜାତି ମଧ୍ୟରେ ସହଜରେ ମିଳେନାହିଁ, ପୁଣି ସ୍ତ୍ରୀ ଜାତିର ମଧ୍ୟ ଏଭଳି ଗୁଣ ଅଛି ଯାହା ପୁରୁଷ ଜାତି ମଧ୍ୟରେ ଦୁର୍ଲ୍ଲଭ । କିନ୍ତୁ କ୍ଷମତା ବିଶେଷର ମାତ୍ରାରେ ପଡି ସ୍ତ୍ରୀ ଓ କନ୍ୟାମାନଙ୍କ ଅବା ସ୍ୱାମୀପୁତ୍ରଙ୍କ ସ୍ଥାନ ପ୍ରତିପନ୍ନ କରି ଦେବାକୁ ଲୋଡନ୍ତି କିଏ ? ଶ୍ରେଷ୍ଠତ୍ୱ ଲାଭର କଅଣ ଏଥିରେ ଉପାୟ ? ତର୍କ କରି ଅଥବା ପ୍ରବନ୍ଧ ଲେଖି କେହି କାହାକୁ ସ୍ୱାଭାବିକ କ୍ଷମତାରୁ ବଞ୍ଚିତ କରି ନ ପାରେ । ଯେଉଁଠାରେ ଯାହାର ଯେତିକି କୃତିତ୍ୱ ଏବଂ ଶ୍ରେଷ୍ଠତ୍ୱ ଅଳ୍ପଦିନ ମଧ୍ୟରେ ତାହା ପ୍ରକାଶ ହୋଇପଡ଼େ ।

କୂଟ ତର୍କରେ ଅବଶ୍ୟ ପ୍ରମାଣ କରି ହେବନାହିଁ କେଉଁଠାରେ କାହାର କେତେଟିକି ଶ୍ରେଷ୍ଠତ୍ୱ, କିନ୍ତୁ ଅପକ୍ଷପାତୀ ଯୁକ୍ତିର ସାହାଯ୍ୟରେ ଉଭୟ ଜାତିରହିଁ ଗୁଣାଗୁଣ ବୁଝାଯାଏ । ଯେବେ ଏଭଳି ପ୍ରମାଣ ମିଳେ ଯେ, ଯେଉଁ ବିଦ୍ୟା ବହୁଦିନରୁ ବହୁସଂଖ୍ୟକ ସ୍ତ୍ରୀ ଅଥବା ପୁରୁଷ ମଧ୍ୟରେ ଅନୁଶୀଳିତ ହୋଇ ଆସୁଅଛି

Digitized by srujanika@gmail.com

ତହିଁରେ ମଧ୍ୟ ପୁରୁଷ ଅଥବା ସ୍ତ୍ରୀମାନେ ସମ୍ୟକ ପାରଦର୍ଶିତା ଲାଭକରିଥିବାର ଅଛନ୍ତି, ତାହାହେଲେ କ୍ଲାନ୍ତ ସଂଖ୍ୟା ଏବଂ ପାରଦର୍ଶିତା ତୁଳନା କରି ଉକ୍ତ ବିଦ୍ୟା ବିଷୟରେ ପୁରୁଷ ଅଥବା ସ୍ତ୍ରୀର କ୍ଷମତା ସମ୍ବନ୍ଧରେ ନିଃସଂଶୟ ହୋଇ ପାରିବୁଁ। ନୋହିଲେ କିଛିଲବ୍ଧ ଗୋଟିଏ ଦୋଟିଏ ବ୍ୟତିକ୍ରମର ଉଦାହରଣରୁ କିଛିହିଁ ପ୍ରମାଣିତ ହେବନାହିଁ। ଆଉ ମସ୍ତିଷ୍କର ଭାର, ପାଧାର ଗଠନ, ସ୍ୱରେ ଗାମ୍ଭୀର୍ଯ୍ୟ ଅଥବା ତାହାର ଅଭାବ କୌଣସି ବିଶେଷ ଶକ୍ତିର ପ୍ରମାଣ କି ନାହିଁ ବୈଜ୍ଞାନିକ ପ୍ରଣାଳୀ ଅନୁସାରେ ସ୍ଥିରୀକୃତ ନ ହେଲେ ଅଜ୍ଞାତତଃ ଏହି ସମସ୍ତ ଲକ୍ଷଣ ବିଚାର କରି ସ୍ତ୍ରୀ ପୁରୁଷ ମଧ୍ୟରେ କାହାର ଶ୍ରେଷ୍ଠତ୍ୱ ପ୍ରତିପନ୍ନ କରିବା ଅସମ୍ଭବ। ତେବେ କୌଣସି ବିଜ୍ଞାନବିଦ୍ ବିଦେଶୀୟ ପଣ୍ଡିତ ବହୁତର ପରୀକ୍ଷାଦ୍ୱାରା ଏହି ସିଦ୍ଧାନ୍ତରେ ଉପନୀତ ହୋଇ ଅଛନ୍ତି ଯେ ସାଧାରଣତଃ ସ୍ତ୍ରୀ ଏବଂ ପୁରୁଷର ମସ୍ତକର ଗଠନ ବିଭିନ୍ନ ଏବଂ ପୁରୁଷ ପ୍ରକୃତ ସ୍ତ୍ରୀ କିମ୍ବା ସ୍ତ୍ରୀ-ପ୍ରକୃତ ପୁରୁଷର ମସ୍ତକ ପ୍ରାୟ ପୁରୁଷ କିଂବା ସ୍ତ୍ରୀ ଭଳି ହୋଇଥାଏ। କିନ୍ତୁ ଏ ସିଦ୍ଧାନ୍ତରୁ ଯେ ସ୍ତ୍ରୀ ପୁରୁଷର କ୍ଷମତା ସଂବନ୍ଧରେ ଏକାବେଳକେ ଅକାଟ୍ୟ ପ୍ରମାଣ ମିଳି ପାରିବ ଏହା ମଧ୍ୟ ବୋଧହୁଏ ନାହିଁ। ସୁତରାଂ ଫଳ ଦେଖି ବିଚାର କରିବା ହିଁ ଯୁକ୍ତିସଙ୍ଗତ। ଆମ୍ଭେମାନେ ଯେ ଏ ବିଷୟରେ ଏକାବେଳକେ ଅଭ୍ରାନ୍ତ ସିଦ୍ଧାନ୍ତରେ ଉପନୀତ ହୋଇ ପାରିବୁଁ ଏଭଳି ଭରସା ନାହିଁ, ସତ୍ୟ ଏବଂ ଯୁକ୍ତିର ଅନୁସରଣ କରି ଯଥାସାଧ୍ୟ ସ୍ଥିର ସିଦ୍ଧାନ୍ତରେ ଆସିବାକୁ ଚେଷ୍ଟା ହୋଇପାରେ ମାତ୍ର। ବିଷୟ ବିଶେଷରେ ସ୍ତ୍ରୀ ଏବଂ ପୁରୁଷର କାହାର ଶ୍ରେଷ୍ଠତ୍ୱ ପ୍ରମାଣ ହେଲେ ଅପରର କ୍ଷୁବ୍ଧ ହେବାର କାରଣ ନାହିଁ। କାରଣ ଏ ସଂସାରରେ ସର୍ବ ବିଷୟରେ ଶ୍ରେଷ୍ଠତ୍ୱ ଲାଭ କାହାର କପାଳରେ ପ୍ରାୟ ଘଟେ ନାହିଁ।

ହୃଦୟର ସ୍ନେହ ଦୟା ପ୍ରଭୃତି ବୃତ୍ତି ବିଷୟରେ ସ୍ତ୍ରୀ ଜାତିକୁହିଁ ଶ୍ରେଷ୍ଠ ବୋଲି ମନେ ହୁଏ। ଅନେକ କହନ୍ତି ବହିର୍ଜଗତ ସହିତ ସେ ଭଳି ସଂଘର୍ଷରେ ଆସିବାକୁ ହୁଏନାହିଁ ବୋଲି ସ୍ତ୍ରୀ ଜାତି ମଧ୍ୟରେ ଏହି ଗୁଣ ଗୁଡ଼ିକ ସମଧିକ ପରିସ୍ଫୁଟ। ପୁରୁଷ ଭଳି ବାହାର ସହିତ କ୍ରମାଗତ ସଂଗ୍ରାମ କରି ଚାଲିବାକୁ ହେଲେ ସ୍ତ୍ରୀ ମାନଙ୍କର କୋମଳ ବୃତ୍ତି ସମୂହ କଠିଣ ହୋଇ ପାରିଥାନ୍ତା। ଧାରାବାହିକ ସଂଗ୍ରାମ-ସଂଘାତରେ କୋମଳ ବୃତ୍ତି ଗୁଡ଼ିକ ଯେ କଠିଣତା ପ୍ରାପ୍ତହୁଏ ଏଥିରେ ସନ୍ଦେହ ନାହିଁ କିନ୍ତୁ ଏହା ବୋଲି ଯେ ନାରୀଜାତି ସ୍ନେହ ଦୟା ପ୍ରଭୃତି ବିଷୟରେ ପୁରୁଷ ଅପେକ୍ଷା ଅଶ୍ରେଷ୍ଠ ଏ ଭଳି ବିଶ୍ୱାସ ହୁଏନାହିଁ। ପ୍ରକୃତି ରମଣୀ ହସ୍ତରେ ଭବିଷ୍ୟତ ସନ୍ତାନ ପାଳନ ଭାର ଅର୍ପଣ କରି ନାରୀ ହୃଦୟରେ ସ୍ନେହର ଉତ୍ସ ସ୍ଥାପନ କରି ଅଛନ୍ତି। ତେବେ ସକଳ ରମଣୀ ସମାନ ସ୍ନେହମୟୀ ନୁହନ୍ତି। କୋମଳ ହୃଦୟ ମଧ୍ୟରେ ମଧ୍ୟ ମଧ୍ୟେ ପାଷାଣର ପରିଚୟ ମିଳେ। ପତିଘାତିନୀ ଏବଂ ସନ୍ତାନଘାତିନୀ ରମଣୀ ମଧ୍ୟ ସଂସାରରେ ଅନେକ ଦେଖା ଯାଆନ୍ତି। କିନ୍ତୁ ସାଧାରଣ ଃ ରମଣୀ ସ୍ନେହମୟୀ।

ପୁରୁଷ ହୃଦୟରେ ସ୍ନେହ ଦୟା ପ୍ରଭୃତି ରହିଅଛି ସତ୍ୟ, କିନ୍ତୁ ନାନା କାରଣରୁ ତାହାର ହୃଦୟ ରମଣୀର ତୁଳନାରେ କଠିଣ; ମାତ୍ର କଠିଣ ବୋଲି ନିଷ୍ଠୁରତା ହିଁ ତାହାର ପ୍ରାଣ ନୁହେ। ବାହାରର ସଂଘାତରେ ପୁରୁଷ ଜାତିର ସମସ୍ତ ମନୋବୃତ୍ତିର ଚର୍ଚ୍ଚା ହୁଏ, ବୁଦ୍ଧି ବିବେଚନା ଶକ୍ତି ପରିପୁଷ୍ଟ ହୋଇ ଉଠେ, ରମଣୀ ଭଳି କେତେଗୁଡ଼ିଏ କୋମଳ ବୃତ୍ତି ହିଁ ସମୁଚିତ ପରିସ୍ଫୁଟ ହୋଇ ଉଠେ ନାହିଁ, ଏହି ହେତୁରୁ ତାହାର ପ୍ରକୃତି କୋମଳ ବୋଧ ହୁଏନାହିଁ। ଶୈଶବର ଧୂଳି ଖେଳଠାରୁ ରମଣୀ ହୃଦୟର ସ୍ନେହ ବୃତ୍ତି ବିକଶିତ ହେଉଥାଏ। ଯେଉଁ ସ୍ନେହର ଭବିଷ୍ୟତ ପ୍ରତିଷ୍ଠା ସନ୍ତାନରେ, ତାହାର ସୂଚନା ସାମାନ୍ୟ ମୃଣ୍ମୟ ପୁତ୍ତଳିକାରେ। କେହି କେହି କହନ୍ତି ଏହା ସାମାଜିକ ଶିକ୍ଷାର ଫଳ, ବାଳକ ବାଳିକାର ପ୍ରକୃତି ଏକ ପ୍ରକାର। କିନ୍ତୁ ଲେଖକର ବିଶ୍ୱାସ ପ୍ରକୃତି ଏକ ପ୍ରକାର ହୋଇଥିଲେ ବାଳକ ବାଳିକା ମଧ୍ୟରେ ସ୍ୱତନ୍ତ୍ର ବୃତ୍ତି ଉତ୍ତେଜକ ଖେଳ ଯୁଗାନ୍ତରରୁ ପ୍ରଚଳିତ ହୋଇ ନ ଥାଆନ୍ତା।

Digitized by srujanika@gmail.com

ବିଶେଷ ଯତ୍ନ ସହିତ ପୌରୁଷିକ ଶିକ୍ଷା ଦେଲେ ରମଣୀକୁ କାଳ କ୍ରମରେ ଅସମ୍ପୂର୍ଣ୍ଣ ପୁରୁଷ କରିଦେବ । କିନ୍ତୁ ସ୍ୱାଭାବିକ ଭାବ ତ ପ୍ରକୃତ । ଶିକ୍ଷାର ପ୍ରଣାଳୀ ଅନୁସାରେ ପ୍ରକୃତିର ଉତ୍କର୍ଷ ଅପକର୍ଷ ସାଧିତ ହୁଏ ମାତ୍ର । ପ୍ରଥମରୁ ଏଭଳି ସମାଜ ବନ୍ଧନ ନ ଥିଲା, କିମ୍ବା ବିଶେଷର ଅବରୋଧ ପ୍ରଥା ମଧ୍ୟ ନ ଥିଲା, ଆଧୁନିକ ଶିକ୍ଷା ଦୀକ୍ଷା ମଧ୍ୟ ନ ଥିଲା । କିନ୍ତୁ ପୁରୁଷ ପ୍ରକୃତିରୁ ସ୍ତ୍ରୀ ପ୍ରକୃତି ବୋଧହୁଏ ସୃଷ୍ଟିକାଳରୁ ସ୍ୱତନ୍ତ୍ର । ତାହାର ମୂଳ କାରଣ ଗର୍ଭରେ ସନ୍ତାନ ଧାରଣ । ସନ୍ତାନ ଯୋଗୁଁ ରମଣୀ ହୃଦୟସ୍ଥ ସ୍ନେହ ବୃତ୍ତିରୁ ପୁଷ୍ଟି ସାଧନ କରେ ଯେହିଭଳି ନିଜ ଅଙ୍ଗକୁ ବିଶେଷ, ସେ ଓଠାର ରଖି ସଂସାରର କାର୍ଯ୍ୟକ୍ଷେତ୍ରରେ ରମଣୀକୁ ପୁରୁଷର ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଦିଏ ନାହିଁ । ଶାରୀରିକ ଦୁର୍ବଳତା ଯେପରି ରମଣୀ ପକ୍ଷରେ ପୁରୁଷର ସମକକ୍ଷ ହେବାର ଏକ ବିଘ୍ନ, ସନ୍ତାନ ପାଳନ ମଧ୍ୟ ତଦ୍ରୂପ । ସନ୍ତାନ ସକାଶେହିଁ ଜନନୀକୁ ବନ୍ଧା ପଡ଼ିବାକୁ ହୋଇଅଛି । ତର୍କ କରି ପ୍ରକୃତିକୁ ଲଙ୍ଘନ କରି ହେବ ନାହିଁ ସମସ୍ତ ଜୀବଜଗତରେ ପ୍ରକୃତିର ଏହି ନିୟମ ।

କୋମଳ ବୃତ୍ତି ଗୁଡ଼ିକ ପ୍ରବଳ ବୋଲି ରମଣୀର ସ୍ଥାନ ପୁରୁଷର ପାର୍ଶ୍ୱରେ । ଶାରୀରିକ ବଳରେ ପୁରୁଷର ଶ୍ରେଷ୍ଠତ୍ୱ ସମ୍ବନ୍ଧରେ ତ କାହାରି ସନ୍ଦେହ ନାହିଁ, ମାନସିକ ଶକ୍ତିରେ ମଧ୍ୟ ରମଣୀ ପୁରୁଷର ନିମ୍ନରେ । ମାନସିକ ଶକ୍ତିରେ ଶ୍ରେଷ୍ଠ ହେଲେ ସ୍ତ୍ରୀ ଜାତି ପୁରୁଷର ସହଧର୍ମ୍ମିଣୀ ଓ ଅନୁବର୍ତ୍ତିନୀ ନ ହୋଇ ପୁରୁଷହିଁ ସ୍ତ୍ରୀର ଅନୁବର୍ତ୍ତୀ ହୁଅନ୍ତା । ଲେଖକର ବୋଧହୁଏ, ଶରୀର ଭଳି ସ୍ତ୍ରୀ ଜାତିର ମନ ମଧ୍ୟ ଦ୍ରୁତ ବୃଦ୍ଧି ପାଇଥାଏ, କିନ୍ତୁ ପୁରୁଷର ମନ ଭଳି ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ, ଗୋଟିଏ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ ବାଳକ ଅପେକ୍ଷା ବାଳିକାର ବୁଦ୍ଧିର ପ୍ରାଖର୍ଯ୍ୟ ଦେଖାଯାଏ । ଅଳ୍ପ ଦୂର ଯାଇ କିନ୍ତୁ ରମଣୀର ପ୍ରାଖର୍ଯ୍ୟ ପ୍ରଶମିତ ହୋଇଆସେ ଏବଂ ଧୀର ଦୃଢ଼ପଦ ବିକ୍ଷେପରେ ପୁରୁଷ ଅଗ୍ରସର ହେଉଥାଏ । ପ୍ରକୃତିର ନିୟମହିଁ ଏହିପରି ଦ୍ରୁତଗତିର ସହିତ ବଳକ୍ଷୟରେ ଶ୍ରାନ୍ତି ଅନିବାର୍ଯ୍ୟ । କଦଳୀବୃକ୍ଷ ଭଳି ସ୍ତ୍ରୀ ହଠାତ୍ ବଢ଼ିଯାଏ, ପ୍ରଥମରୁ ହୁଏତ ପୁରୁଷଙ୍କୁ ଡେଇଁଯାଏ, ତାହା ବୋଲି ଚିରଦିନ ଆଗରେ ହୋଇ ଚାଲି ପାରେ ନାହିଁ । ପ୍ରକୃତିହିଁ ସ୍ତ୍ରୀକୁ ସେ ବଳରୁ ବଞ୍ଚିତ କରିଅଛି । ବିଶ୍ୱବିଦ୍ୟାଳୟର ପରୀକ୍ଷୋତ୍ତୀର୍ଣ୍ଣା ହୋଇ ଅଥବା ପୁରୁଷର ଅନୁକରଣରେ କୌଣସି ବିଶେଷ କାର୍ଯ୍ୟ କରି ଏ ସ୍ୱାଭାବିକ ଶକ୍ତି ଉପାର୍ଜନ ଚଳେ ନାହିଁ ।

ବିଦ୍ୟା ଚର୍ଚ୍ଚାରେ ଅସମ୍ପୂର୍ଣ୍ଣ ସ୍ତ୍ରୀ କାଳ କ୍ରମରେ ସମ୍ପୂର୍ଣ୍ଣ ହୋଇ ଦଣ୍ଡାୟମାନ ହୋଇଥାଏ । କେବଳ ମାତ୍ର ଦୁଇ ଚାରି ଖଣ୍ଡ ଇତିହାସ, ଗଣିତ ଏବଂ ଇଂରାଜୀ ଭାଷାର ଗ୍ରନ୍ଥରେ ପ୍ରକୃତ ବିଦ୍ୟା ଚର୍ଚ୍ଚା ହୁଏ ନାହିଁ । ଯହିଁରେ ହୃଦୟବୃତ୍ତି ସ୍ଫୂର୍ତ୍ତି ହୁଏ ଏ ଭଳି ଶିକ୍ଷା ପୁରୁଷ ଭଳି ସ୍ତ୍ରୀର ମଧ୍ୟ ଆବଶ୍ୟକ । ସ୍ୱାଭାବିକ ଶକ୍ତିର ତହିଁରେ ଉତ୍କର୍ଷ ସାଧିତ ହୁଏ । ମାନସିକ ଶକ୍ତିରେ ସ୍ୱଭାବତଃହିଁ ପୁରୁଷ ସ୍ତ୍ରୀ ଅପେକ୍ଷା ଶ୍ରେଷ୍ଠ ବୋଲି ସ୍ତ୍ରୀ ଜାତିର ହୃଦୟ ବୃତ୍ତିର ଉତ୍କର୍ଷ ସାଧନ ଅନାବଶ୍ୟକ ନୁହେ । ବରଂ ଶିକ୍ଷା ସହିତ ନାରୀ ଜାତି ପୁରୁଷର ଯଥାର୍ଥ ସହଧର୍ମ୍ମିଣୀ ହେବାର ଯୋଗ୍ୟତା ଲାଭ କରିଥାଏ । ସ୍ତ୍ରୀର ମଧ୍ୟ ପୁରୁଷ ଭଳି ହୃଦୟ ଅଛି, ମସ୍ତିଷ୍କ ଅଛି । କେବଳ ମାତ୍ର ପ୍ରଭେଦ କେତେ ଗୁଣ ଏବଂ ବିଶେଷ କ୍ଷମତାରେ ସିନା । ଏହି ହେତୁରୁ ଏକ ପକ୍ଷକୁ କ୍ରମାଗତ ଦୃଷ୍ଟି ରଖିଦେବା ଅସଙ୍ଗତ ଓ ଅକର୍ତ୍ତବ୍ୟ । ଉଭୟ ମଧ୍ୟରେ ଏଡ଼ା ବେଳରେ ଆକାଶ ପାତାଳ ପ୍ରଭେଦ ଜନ୍ମାଇ ଦେଲେ ପରସ୍ପରକୁ ନ ବୁଝିବା ହେତୁ ସଂସାରର ଅଶାନ୍ତି କ୍ରମଶଃହିଁ ବୃଦ୍ଧି ପାଉଥିବ ।

କିନ୍ତୁ ମାନସିକ ଶକ୍ତି ସମ୍ବନ୍ଧରେ ପୁରୁଷର ସ୍ୱାଭାବିକ ଶ୍ରେଷ୍ଠତ୍ୱର ପ୍ରକାଶ କଥିଣ ? ଉଦ୍ଭାବନୀ ଶକ୍ତିରେହିଁ ବୋଧହୁଏ ପୁରୁଷ ଜାତିର ଏ କ୍ଷମତା ସବିଶେଷ ପ୍ରକାଶିତ । ଉଦ୍ଭାବନୀ ଶକ୍ତି ଯେ ନିତାନ୍ତହିଁ

Digitized by srujanika@gmail.com

ଶିକ୍ଷା ଉପରେ ନିର୍ଭର କରେ ନାହିଁ, ତାହାର ପ୍ରମାଣ ସେକ୍ସପିୟର, ବର୍ଣ୍ଣସ୍, ଡିକେନ୍ସ୍ ମାଇକେଲ ଫାରେଡେ ଏବଂ ଆହୁରି ଅନ୍ୟାନ୍ୟ ଅନେକ ମିଳେ । ଲେଖକ ପ୍ରାୟ ଛଅମାସ ପୂର୍ବେ ଗୋଟିଏ ବିଲାତି ସମ୍ବାଦ ପତ୍ରରେ ଜଣେ ମାର୍କିନ ମହିଳାର ଆକ୍ଷେପସୂଚକ ପତ୍ର ପଢ଼ିଥିଲି । ସେ ଲେଖି ଅଛନ୍ତି ଯେ ରମଣୀମାନେ କେତେକାଳ ହେଲା ପିଆନୋ [illegible] କରି ଆସୁ ଅଛନ୍ତି ସତ୍ୟ, ସେମାନଙ୍କ ମଧ୍ୟରେ ପ୍ରସିଦ୍ଧ ଗାୟିକାଙ୍କର ମଧ୍ୟ ଅଭାବ ନାହିଁ । କିନ୍ତୁ କାହିଁ ଏତେଦିନରେ ସୁଦ୍ଧା ତାହାଙ୍କ ମଧ୍ୟରୁ ଜଣେ ମୋଜାର୍ଟ ବିଥୋଭେନର ଆବିର୍ଭାବ ହେଲା ନାହିଁ ! ଇଉରୋପ ଏବଂ ଆମେରିକାର ବହୁ ସଂଖ୍ୟକ ରମଣୀ ଚିତ୍ରବିଦ୍ୟା ଏବଂ ଭାସ୍କରବିଦ୍ୟାରେ ପାରଦର୍ଶିନୀ; କିନ୍ତୁ ରାଫେଲ, ଟିଶିଅନ ପ୍ରଭୃତି ଏବଂ ବର୍ତ୍ତମାନ କାଳର ସୁବିଖ୍ୟାତ ଚିତ୍ରକର ଏବଂ ଭାସ୍କରବର୍ଗଙ୍କ କଳାରଚନା କେଉଁଠାରେ? ସେ ଆହୁରି ଦେଖାଇ ଅଛନ୍ତି ପାଚିକା ଅପେକ୍ଷା ପାଚକ ରନ୍ଧନ ବିଦ୍ୟାରେ ନିପୁଣ, ପ୍ରଥମ ଶ୍ରେଣୀର ସ୍ତ୍ରୀ ଦରଜୀ ଅପେକ୍ଷା ପୁରୁଷ ଦରଜୀ ପୋଷାକପରିଚ୍ଛଦର ଗଠଣାଦି ସୁନ୍ଦର କରିଥାଏ । ଏହି ମହିଳା ସର୍ବଶେଷରେ ଦୁଃଖ ପ୍ରକାଶ କରି ମନ୍ତବ୍ୟ ପ୍ରକାଶ କରିଅଛନ୍ତି ଯେ ଜଣେ ଦୁଇଜଣ ଜର୍ଜ ଏଲିଅଟ କିମ୍ବା ସମରଭିଲ୍‌ର ଦୃଷ୍ଟାନ୍ତରୁ ସ୍ତ୍ରୀ ଜାତିର ଶ୍ରେଷ୍ଠତ୍ୱର ପ୍ରମାଣ ହେବ ନାହିଁ । ସଂସାରରେ ଏତିକି ମନେ ହୁଏ ସହକାରିଣୀ ରୂପେ ସ୍ତ୍ରୀ ଜାତିର ଯେତେ କ୍ଷମତା ପ୍ରକାଶ ପାଉ ପଛକେ, ହୃଦୟର ଶକ୍ତିର ଏବଂ ମୌଳିକତାର ଯେଉଁଠାରେ ଆବଶ୍ୟକ ସେଠାରେ ନେତୃତ୍ୱର ଭାର ଗ୍ରହଣ କରିବାକୁ ରମଣୀ ଅକ୍ଷମ । ଏହାହିଁ ଏହି ମାର୍କିନ୍ ମହିଳାଙ୍କର ସୁସ୍ପଷ୍ଟ ଇଙ୍ଗିତ ।

ଅନେକହିଁ ମନେ କରିବେ ଲେଖକ ସ୍ତ୍ରୀ ଜାତିକୁ ବୁଦ୍ଧିହୀନ ପ୍ରତିପନ୍ନ କରିବାକୁ ଉତ୍ସୁକ । କିନ୍ତୁ ବାସ୍ତବିକ ତାହା ନୁହେଁ । ରମଣୀବୁଦ୍ଧି-ଧାରଣା-ଶକ୍ତିର ପରିଚୟ ଯେଉଁମାନେ ପାଇଅଛନ୍ତି ସେମାନେ ତାହାର ବୁଦ୍ଧିର ଅଭାବ ସ୍ୱୀକାର କରି ପାରିବେ ନାହିଁ । ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟମାନଙ୍କରେ ପୁରୁଷ ସହିତ ସମକକ୍ଷତା କରି ରମଣୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛି, ଅନ୍ୟାନ୍ୟ ଅନେକ କାର୍ଯ୍ୟରେ ମଧ୍ୟ ବୁଦ୍ଧିମତ୍ତାର ପରିଚୟ ଦେଇଅଛି । ଲେଖକର ଦୌହିତ୍ରୀମାନଙ୍କର ଉଚ୍ଚ ଶିକ୍ଷାର ଅସଦ୍ଭାବ ନାହିଁ । ଲେଖକ ମଧ୍ୟ ସ୍ତ୍ରୀ-ହୃଦୟବତ୍ତାର ଉତ୍କର୍ଷ ସାଧନ ଉଦ୍ଦେଶ୍ୟରେ କଟକସ୍ଥ ରେଭେନ୍ସା ବାଳିକା ବିଦ୍ୟାଳୟରେ ବିଗତ ୪୦ ବର୍ଷ ହେଲା ପ୍ରତିବର୍ଷ ପ୍ରାୟ ପନ୍ଦରଟି ଲେଖାଏଁ ପୁରସ୍କାର ଦେଇ ଆସୁଅଛି ।

ରମଣୀର, ବୁଦ୍ଧି ଅସ୍ୱୀକାର କରିବା ଅସମ୍ଭବ, କିନ୍ତୁ ମସ୍ତିଷ୍କର ଶକ୍ତି ପୁରୁଷ ଭଳି ନୁହେଁ । ଏହି ଶକ୍ତିର ଅଭାବରେହିଁ ସ୍ତ୍ରୀ ପ୍ରକୃତ ପୁରୁଷର ତୁଳନାରେ ଲଘୁ । ଏହି ଶକ୍ତି ଅଭାବରୁ ସ୍ତ୍ରୀ ଜାତି ମଧ୍ୟରେ ସାଧାରଣତଃ ସୂକ୍ଷ୍ମ ବିବେଚନା, ଗଭୀର ଚିନ୍ତା, ଉଦାର କଳ୍ପନା, ସୌନ୍ଦର୍ଯ୍ୟର ଗଭୀର ରହସ୍ୟରେ ନିମଜ୍ଜନ ଶକ୍ତି ଦେଖାଯାଏ ନାହିଁ । ସ୍ତ୍ରୀଜାତିର ସାଜସଜ୍ଜା ପ୍ରତି ପ୍ରଗାଢ଼ ଅନୁରାଗ ରହିଅଛି ସତ୍ୟ, କିନ୍ତୁ ସାଜସଜ୍ଜାର ପାରିପାଟ୍ୟ ସହିତ ସୌନ୍ଦର୍ଯ୍ୟ ଆବିଷ୍କରଣ କିମ୍ବା ଉପଭୋଗ ଶକ୍ତିର ସମ୍ବନ୍ଧ ଅଳ୍ପ । ଆବିଷ୍କରଣ ଅପେକ୍ଷା ଯେ ଉପଭୋଗ ଶକ୍ତି ରମଣୀର ପ୍ରବଳ ତହିଁରେ ସନ୍ଦେହ ନାହିଁ । ପୁରୁଷଭଳି ରମଣୀ ଗଭୀରତାରେ ପ୍ରାୟ ବୁଡ଼ିପାରେ ନାହିଁ । ଜ୍ୟୋତ୍ସ୍ନା, ନଦୀ, କୁସୁମ, ମଳୟ ପ୍ରଭୃତି ସ୍ତ୍ରୀ ଓ ପୁରୁଷର ଉଭୟଙ୍କର ଭଲ ଲାଗିଥାଏ, କିନ୍ତୁ ଏହାବୋଲି ଉଭୟହିଁ ଠିକ ସମାନ ଭାବରେ ଉପଭୋଗ କରନ୍ତି କି ନାହିଁ ସନ୍ଦେହ । ବିଶେଷତଃ ଦିଗନ୍ତ ବିସ୍ତୃତ ସାଗରହୃଦୟର ଉଚ୍ଛ୍ୱସିତ ଗଭୀର [illegible] ବଜ୍ର ବିଦ୍ୟୁନ୍ମୟୀ ଝଟିକାର ଉନ୍ମତ୍ତ ପ୍ରଳୟ ଗାମ୍ଭୀର୍ଯ୍ୟ ଏବଂ ଅଦୃଷ୍ଟ ଜଗତର ପ୍ରବଳ ଶର ସଂଗ୍ରାମ, ଏସମସ୍ତ ରୁଦ୍ର ସୌନ୍ଦର୍ଯ୍ୟ ରମଣୀ ସମ୍ୟକ୍ ଉପଭୋଗ କରିବାକୁ ଅକ୍ଷମ । ପୁରୁଷର ସୌନ୍ଦର୍ଯ୍ୟୋପଭୋଗରେ ଯେ ଗୋଟିଏ ଗଭୀରତା ଏବଂ ବିସ୍ତୃତି ଲକ୍ଷିତ ହୁଏ, ତାହା ରମଣୀର ଅଭାବ ।

ମହିଳାମାନେ ଏସବୁ କଥା ଅସ୍ୱୀକାର କର

Digitized by srujanika@gmail.com

କହିବେ ଏସବୁ କଥା ମଧ୍ୟରେ କୌଣସି ସତ୍ୟ ନାହିଁ । ଅବଶ୍ୟ ସାହିତ୍ୟ ଦୃଷ୍ଟିରୁ ଏ ବିଷୟରେ ସେପରି ପ୍ରମାଣ ଦିଆଯାଇ ପାରିବ ନାହିଁ । କିନ୍ତୁ ଉଲ୍ଲିଖିତ କଥାର ବିରୁଦ୍ଧରେ କେହି ଯେ ବିଶେଷ ଉଦାହରଣ ସଂଗ୍ରହ କରି ପାରିବେ ସେ ଭରସା ନାହିଁ । ମହିଳାବର୍ଗ କହୁଥାଆନ୍ତି ସ୍ତ୍ରୀ ମାନେ ଯେ ଶାରୀରିକ ଏବଂ ସାମାଜିକ ନାନା ଅସୁବିଧା ମଧ୍ୟରୁ ମୁକ୍ତିଲାଭ କରି ମାନବ ଜୀବନର ସମସ୍ତ କାର୍ଯ୍ୟରେ ସମାନ କଠୋର ପରୀକ୍ଷାରେ ପୁରୁଷର ସମାନ ହୋଇ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ଏଥିରେ ସନ୍ଦେହ ନାହିଁ । ଦେଶ ବିଦେଶରେ କୌଣସି ମହିଳା ପୁରୁଷ-ଜାତିର ଅନୁକରଣରେ କୌଣସି ବିଶେଷ କାର୍ଯ୍ୟ କରିଅଛନ୍ତି । ଏପରି ଦୁଇଗୋଟି ବିରଳ ଉଦାହରଣ ଉପରେ ଯୋଉଁଥିଏ ଏହି ସିଦ୍ଧାନ୍ତର ପ୍ରତିଷ୍ଠା । ସୁତରାଂ ଏହାର ପ୍ରତିବାଦ ଅନାବଶ୍ୟକ । ସହଧର୍ମିଣୀ ଏବଂ ସହକାରିଣୀ ରୂପେ ସ୍ତ୍ରୀର ପୁରୁଷର କାର୍ଯ୍ୟରେ ସହାନୁଭୂତି ସବୁ ସମୟରେ ସ୍ୱୀକାର୍ଯ୍ୟ । ତେବେ ବଳବାନ ପୁରୁଷଜାତି ଦୁର୍ବଳ ବୋଲି ଚିରଦିନକୁ ସ୍ତ୍ରୀଜାତିର ପ୍ରତି ସମ୍ମାନ ପ୍ରଦର୍ଶନ କରି ଆସୁଅଛନ୍ତି । ଏଥିରେ ପୁରୁଷ ଜାତିର, ଅନୁଦାରତା କିମ୍ବା ଅଶ୍ରେଷ୍ଠତା ପ୍ରତିପନ୍ନ ହୁଏ ନାହିଁ ।

କିନ୍ତୁ ଈଶ୍ୱରଦତ୍ତ ସମସ୍ତ ଉପରେ ତ ପୁରୁଷର ହାତ ନାହିଁ । ପ୍ରକୃତି ରମଣୀକୁ ଯେଉଁ ଶକ୍ତି ଦେଇ ନାହାନ୍ତି ମାନବ ତାହାର କଅଣ କରିବ ? ବାସ୍ତବିକ ଏହିଦୃଷ୍ଟିରୁ ସ୍ତ୍ରୀଜାତିକୁ ସମ୍ମାନ ପ୍ରଦର୍ଶନ ଦ୍ୱାରା ଉଚ୍ଚକୁ ଉଠାଇ ଦେଲେ ମଧ୍ୟ ସ୍ତ୍ରୀ ପୁରୁଷର ଆଶ୍ରିତ । ଆଶ୍ରିତ କହିଲେ ଅବଶ୍ୟ ଦାସୀ ବୁଝାଇବ ନାହିଁ । ପ୍ରକୃତିର ନିୟମାନୁସାରେ ପୁରୁଷର ରମଣୀକୁ ଆଶ୍ରୟଦାନ ବୃତ୍ତି ସ୍ୱାଭାବିକ, ଆଶ୍ରୟ ଦେଇ ନ ପାରିଲେ ପୁରୁଷର ତୃପ୍ତି ହୁଏ ନାହିଁ, ନିଜକୁ ଅସମ୍ପୂର୍ଣ୍ଣ ବୋଲି ମନେ କରେଏ । ସ୍ତ୍ରୀର ମଧ୍ୟ ପୁରୁଷର ଆଶ୍ରୟ ଗ୍ରହଣ ସ୍ୱାଭାବିକ । ଏହି ଆଶ୍ରୟ ଦାନ ଗ୍ରହଣ ମଧ୍ୟରେ ଛିଦ୍ର ଦେଖାଯିବ ନାହିଁ—କେବଳ ପ୍ରେମର ନିର୍ଝରର ଭାବ ବହିଯାଉଥିରେ ଏହାର ତୁଳନା ଏକ ଉଜ୍ଜ୍ୱଳତା ଭାବରେହିଁ ଦେଖା ଯାଇଥାଏ । କୌଣସି ରମଣୀ ଯେବେ ପୁରୁଷଜାତିକୁ ସ୍ତ୍ରୀ ଜାତିର ଆଶ୍ରୟ ବୋଲି ମନରେ ନ କରନ୍ତି ତେବେ ଆମ୍ଭେମାନେ ନାଚାର । ପ୍ରେମର ଅଟଳ ନିର୍ଝରର ଭାବ ଆଉଠି ମୂର୍ତ୍ତିରେ ପୁରାଇଦେଇ ବୁଝାଇ ହେବ ନାହିଁ । କିନ୍ତୁ ସଂସାରର ସଂଗ୍ରାମରେ ପ୍ରତିଦ୍ୱନ୍ଦ୍ୱିତାରେ ବିପୁଳଶକ୍ତି ପୁରୁଷକୁ ହଟାଇ ଦେବା କୋମଳାଙ୍ଗୀ ମାନଙ୍କର ଅସାଧ୍ୟ । ରମଣୀ-ବିଶେଷ ପୁରୁଷ ଜାତିର ଆଶ୍ରୟ ଅସ୍ୱୀକାର କଲେହିଁ ପ୍ରକୃତିର ସ୍ତ୍ରୀଜାତିକୁ ପୁରୁଷ ଅପେକ୍ଷା ଅଧିକ ଶକ୍ତିଶାଳୀ କରିବ ନାହିଁ । ଶକ୍ତି କେବଳ ବଳମାନ ନୁହେ-ଅତ୍ୟନ୍ତ ବୀଣ ଶକ୍ତିହିଁ ସଂସାରର କଠିନ କାର୍ଯ୍ୟ କ୍ଷେତ୍ରରେ ପୁରୁଷ ଜାତିର ପାରଦର୍ଶିତାର କାରଣ । ସେ ଶକ୍ତିର ପ୍ରକାଶ ପୁରୁଷଜାତିର ସୃଜନ କାର୍ଯ୍ୟରେ, ଉଦାର ସ୍ୱାର୍ଥତ୍ୟାଗରେ, ପୁରୁଷଜାତିର ସ୍ୱଭାବ ସିଦ୍ଧ ଅନୁପ୍ରେରଣାରେ ପ୍ରକଟିତ । ପ୍ରଥମ ଦୃଷ୍ଟିରେ ଏକଥା ଗୁଡ଼ିକ ରହସ୍ୟ ସ୍ୱରୂପ ମନେ ହୋଇପାରେ, କିନ୍ତୁ ପ୍ରକୃତ ପକ୍ଷରେ ତାହା ନୁହେ । ଶରୀରର ଏବଂ ବସ୍ତୁର ମଳତଳ ଶକ୍ତି ଆବଶ୍ୟକ । ଏ ଶକ୍ତି ଅବଶ୍ୟ ଏକ ପ୍ରକାର ଦୃଢ଼ତା ଗ୍ରହଣୀ ମାତ୍ର ନୁହେ-ଏହାଉପରେ ଉଦାର ମନୁଷ୍ୟତ୍ୱର ପ୍ରତିଷ୍ଠା ।

ସୃଜନ କାର୍ଯ୍ୟରେ ଆମ୍ଭେମାନେ ପୁରୁଷର ଶ୍ରେଷ୍ଠତ୍ୱର ପରିଚୟ ପାଇଅଛୁଁ । କିନ୍ତୁ ଏହି ସୃଜନ କାର୍ଯ୍ୟରେ ହୃଦୟରେ ବିସ୍ତୃତ ଗଭୀର ପ୍ରେମ ପ୍ରଚ୍ଛନ୍ନ ରହିଅଛି । ପୁରୁଷର ପ୍ରେମ ସବୁବେଳେ ସେପରି ବିଶ୍ୱାସ କରିବାକୁ ଭଲଲାଗେ ନାହିଁ - କିନ୍ତୁ ତାହା ସତ୍ୟ । ନୋହିଲେ ପୁରୁଷଙ୍କ ମଧ୍ୟରୁ ବୁଦ୍ଧ, ଖ୍ରୀଷ୍ଟ, ଚୈତନ୍ୟ ଓ ରାମକୃଷ୍ଣର ଆବିର୍ଭାବ ହେବ କାହିଁକି ? ଏଠାରେ ତ ବିଶ୍ୱଜନୀନତାର ପରିଚୟ ସୁସ୍ପଷ୍ଟ । ପ୍ରେମରେ ରମଣୀ ପୁରୁଷ ଠାରୁ ହୀନ ନୁହେ କିନ୍ତୁ ରମଣୀର ପ୍ରେମରେ କଅଣ ବିଶ୍ୱଜନୀନତା ସେପରି ଦେଖାଯାଏ ? ପାଶ୍ଚାତ୍ୟ ଦେଶରେ ଅନେକ ନାରୀ ରୋଗୀର ପରିଚର୍ଯ୍ୟା ଓ ସେବା ଶୁଶ୍ରୂଷାରେ ଜୀବନ ଅତିବାହିତ କରି ଥାଆନ୍ତି । ଏସବୁ ଦେଖିଲେ ପ୍ରେମର ବିଶ୍ୱଜନୀନ ଭାବ ସୁସ୍ପଷ୍ଟ । କିନ୍ତୁ ପୁରୁଷ ସହିତ ରମଣୀର ବିଶ୍ୱଜନୀନତା ପ୍ରକୃତ

କ୍ଷମତା, ଅପମାନ, ଦୁଃଖ ଲାଞ୍ଛନା ବିପତ୍ତି

Digitized by srujanika@gmail.com

କାର୍ଯ୍ୟରେ ମଧ୍ୟ ଏହିଭଳି ଗୋଟିଏ ପ୍ରଭେଦ ଦେଖାଯାଇଥାଏ । ପୁରୁଷର ବିଶୃଙ୍ଖଳାଶୀଳତା ମଧ୍ୟରେ ଗୋଟିଏ ବୃହତ୍ ଗଠନ କାର୍ଯ୍ୟ ସମ୍ପନ୍ନ ହୁଏ । ବୁଦ୍ଧ ଏବଂ ଖ୍ରୀଷ୍ଟଙ୍କର ବିଶୃଙ୍ଖଳାଶୀଳତାର ଗଠନ ଫଳ ପୃଥିବୀର ଅର୍ଦ୍ଧେକ ଲୋକେ ଆଜି ପର୍ଯ୍ୟନ୍ତ ଭୋଗ କରୁ ଅଛନ୍ତି । ରମଣୀର ବିଶୃଙ୍ଖଳାଶୀଳ ସ୍ୱଭାବାନୁଭୂତି ଏଭଳି ଆଧ୍ୟାତ୍ମିକ କିମ୍ବା ସାମାଜିକ ବୃହଦନୁଷ୍ଠାନ ସମ୍ପନ୍ନ କରି ନ ପାରେ । କିନ୍ତୁ ଏ ସ୍ଥଳରେ ଲେଖକ ଅସଙ୍କୋଚରେ ସ୍ୱୀକାର କରିବାକୁ ବାଧ୍ୟ ଯେ ତୀବ୍ରରୋଗ ଯନ୍ତ୍ରଣାରେ ସ୍ନେହମୟୀ ରମଣୀ ଭଳି ସେବା ଶୁଶ୍ରୂଷା କରିବାକୁ ବୃହଦନୁଷ୍ଠାନରତ କୌଣସି ପୁରୁଷ ହିଁ ନ ପାରେ ଏବଂ ସଙ୍କୀର୍ଣ୍ଣ କ୍ଷେତ୍ରରେ ରମଣୀ ସହିତ ପୁରୁଷ କେତେଦୂର କାର୍ଯ୍ୟକ୍ଷମ ହେବ ତହିଁରେ ସୁଦ୍ଧା ସନ୍ଦେହ ।

ସ୍ତ୍ରୀ ପୁରୁଷର ପରସ୍ପର ପ୍ରତି ସ୍ୱାଭାବିକ ଆକର୍ଷଣ ସମ୍ବନ୍ଧରେ ଦୁଇଗୋଟି କଥା ଆଲୋଚନା କରିବା ଆବଶ୍ୟକ । ଅନେକ ଲୋକେ ପୁରୁଷ ଜାତିର ପ୍ରେମରେ ଗୁଣପ୍ରତି ଅନୁରାଗର ବିଶେଷ ଅଭାବ ଅନୁଭବ କରି ଥାଆନ୍ତି । ସେମାନେ କହନ୍ତି ରମଣୀର ପ୍ରେମ ଗୁଣମୂଳକ ଏବଂ ପୁରୁଷର ପ୍ରେମ ରୂପମୂଳକ । କିନ୍ତୁ ସେମାନଙ୍କର କଥାର ଅମୂଳକତ୍ୱ ସମ୍ବନ୍ଧରେ କେତେଦୂର ନିଃସଂଶୟ ପ୍ରମାଣ ମିଳିପାରେ ତାହା କହିବା ସହଜ ନୁହେଁ । ଲେଖକଙ୍କର ବିଶ୍ୱାସ ଉଭୟର ହିଁ ପ୍ରେମ ରୂପ ଏବଂ ଗୁଣ ଉଭୟମୂଳକ । ପୁରୁଷ ଯେ ନିର୍ଗୁଣ ରୂପରେ ଅନୁରକ୍ତ ଅଥବା ସ୍ତ୍ରୀ ଯେ ରୂପ ଆଡ଼କୁ ଦୃଷ୍ଟି ପକାଏ ନାହିଁ ଏହା ସହଜରେ ବିଶ୍ୱାସ ହେବ ନାହିଁ । ଅସଲ କଥା ବାହାର ରୂପର ମାଧ୍ୟମରେ ଆନ୍ତରିକ ଗୁଣର ଅଭାବ ଅନେକ ସମୟରେ ବୁଝିବା କଠିଣ । ନୋହିଲେ ରୂପସୀ ମୁଖରାଓ କର୍କଶ ସ୍ୱଭାବା ହେଲେ ପୁରୁଷ ସ୍ୱଭାବତଃ ହିଁ ରୂପ ଉପରେ ବିରକ୍ତ ହୋଇଯାଏ । ଗୁଣର ପରିମାଣର ଅଭାବ ଜାଣି ଅତ୍ୟଳ୍ପ ଲୋକହିଁ ଆକୃଷ୍ଟ ହୋଇଥାଆନ୍ତି । ତେବେ ରମଣୀ ଅପେକ୍ଷା ପୁରୁଷ ପକ୍ଷରେ ନିର୍ଗୁଣ ରୂପର ଉପାସକ ହେବା ସମ୍ଭବ ବୋଲି ବୋଧ ହୋଇଥାଏ । କିନ୍ତୁ ବାସ୍ତବିକ ନିର୍ଗୁଣ ରୂପର ପକ୍ଷପାତୀ କେହି ନୁହନ୍ତି । ଏ ବିଷୟରେ ଶ୍ରେଷ୍ଠତ୍ୱ ଘେନି ବୃଥା ତର୍କବିତର୍କର କିଛିହିଁ ନାହିଁ ।

ଆଉ ଶ୍ରେଷ୍ଠତ୍ୱ ଘେନି ସ୍ତ୍ରୀ ପୁରୁଷର କ୍ଷୁଦ୍ର ଅଭିମାନ-ତୃପ୍ତିକର ବିବାଦହିଁ ଅବା କାହିଁକି ? ଉଭୟର କ୍ଷମତା ଓ ଅଧିକାର ତ ସମ୍ପୂର୍ଣ୍ଣ ଏକ ପ୍ରକାର ନୁହେ । କୌଣସି ପକ୍ଷ ଅପର ପକ୍ଷର ଦୁର୍ଲଭ୍ୟ ଅଧିକାର ପ୍ରତି ହସ୍ତପ୍ରସାରଣ ନ କରି ନିଜ ନିଜ ଜାତୀୟ ସମ୍ପୂର୍ଣ୍ଣତା ଲାଭ ପ୍ରତି ମନୋନିବେଶ କଲେ ସମସ୍ତ ଗୋଳଯୋଗ ମେଣ୍ଟି ଯାଇ ପାରିବ । କାରଣ ସ୍ତ୍ରୀ କୌଣସି କାଳରେ ସମ୍ପୂର୍ଣ୍ଣ ପୁରୁଷ କିମ୍ବା ପୁରୁଷ ସମ୍ପୂର୍ଣ୍ଣ ସ୍ତ୍ରୀ ହୋଇ ନ ପାରନ୍ତି । ମାନବ ଜାତିର ପୂର୍ଣ୍ଣତା ସାଧନ ପକ୍ଷରେ ଉଭୟହିଁ ଆବଶ୍ୟକ । ଦୁଇ ଗୋଟିକଣ ବିଦ୍ରୋହୀ ରମଣୀ ପୁରୁଷ ଜାତିଙ୍କ ସ୍ଥାନ ପ୍ରତିପନ୍ନ କରିବାକୁ ଚେଷ୍ଟା କଲେ କିମ୍ବା ସଙ୍କୀର୍ଣ୍ଣ ହୃଦୟ କେତୋଟି ପୁରୁଷ ସ୍ତ୍ରୀ ଜାତିକୁ ନୀଚ ଭାବିଲେ କିଛିହିଁ ହେବ ନାହିଁ । ପ୍ରକୃତିର ଉଦ୍ଦେଶ୍ୟାନୁସାରେ ଦୁଇ ଜାତୀୟ ସ୍ୱତନ୍ତ୍ର ଏବଂ ମିଳନୋପଯୋଗୀ କ୍ଷମତାର ସମ୍ମିଳନରେ ଶୁଭଫଳହିଁ ଉତ୍ପନ୍ନ ହୋଇଥାଏ । ବ୍ୟକ୍ତି ବିଶେଷର ଅଶାନ୍ତ ବିଦ୍ରୋହରେ ପ୍ରକୃତିର ପରିବର୍ତ୍ତନ ଅସମ୍ଭବ । ଅଭିମାନ ଏବଂ ବିରୋଧ ପରିତ୍ୟାଗ କରି ସମାଜର ହିତ ସାଧନ ଚେଷ୍ଟାରେ ସ୍ୱ ସ୍ୱ କ୍ଷମତା ନିୟୋଜିତ କଲେହିଁ ଈଶ୍ୱରଙ୍କର ଯଥାର୍ଥ ପ୍ରିୟକାର୍ଯ୍ୟ ସାଧିତ ହୁଏ । ଅହଙ୍କାର ବିଶେଷତଃ ବାକ୍ବିତଣ୍ଡାରେ ବୃଥା ଶକ୍ତି କ୍ଷୟ ମହତ୍ତ୍ୱ ଲାଭର ପରିପନ୍ଥୀ ।

ସ୍ତ୍ରୀମାନେ ଯେ ପୁରୁଷୋଚିତ କାର୍ଯ୍ୟ କରିପାରନ୍ତି ନାହିଁ କିମ୍ବା ପୁରୁଷମାନେ ଯେ ସ୍ତ୍ରୀଙ୍କର କାର୍ଯ୍ୟ କରି ପାରନ୍ତି ନାହିଁ ଏହା ନୁହେ । ବିଶେଷ ଶିକ୍ଷାରେ ସ୍ତ୍ରୀଙ୍କୁ ଅସମ୍ପୂର୍ଣ୍ଣ ପୁରୁଷ ଏବଂ ପୁରୁଷଙ୍କୁ ଅସମ୍ପୂର୍ଣ୍ଣ ସ୍ତ୍ରୀ ସ୍ୱରୂପ ଗଢାଯାଇ ପାରେ । ବିଗତ ଯୁଦ୍ଧ ସମୟରେ ଅନେକ ସ୍ତ୍ରୀ ପୁରୁଷମାନଙ୍କ ଭଳି

Digitized by srujanika@gmail.com

ସମରକ୍ଷେତ୍ରରେ ପ୍ରାଣ ବଳି ଦେଇ ଅଛନ୍ତି । ଅମେରିକାରେ ମଧ୍ୟ ବୀର୍ଯ୍ୟବତୀ ଅନେକ ସ୍ତ୍ରୀ ଅଛନ୍ତି ବୋଲି ଶୁଣିଥାଉଁ କିନ୍ତୁ ତାହାଙ୍କୁ ଶାରୀରିକ ବଳରେ ସ୍ତ୍ରୀଜାତିର ପୁରୁଷର ସମକକ୍ଷତା ପ୍ରମାଣ ହୁଏ ନାହିଁ । ପୁରୁଷ ଏବଂ ସ୍ତ୍ରୀର କ୍ଷମତା ଓ ଅଧିକାର ଯେ ବିଭିନ୍ନ ସ୍ୱତନ୍ତ୍ର ତାହାର ପ୍ରମାଣ ହାଟ, ବାଟ ଓ ଘାଟରେ ଅଜସ୍ର । ଜଗତରେ ସଂଗ୍ରାମ ପ୍ରତିଦ୍ୱନ୍ଦିତାର ଅଭାବ ନାହିଁ; ଏହା ଭିତରେ ସ୍ତ୍ରୀ ଏବଂ ପୁରୁଷର ଶାରୀରିକ ପ୍ରତିଦ୍ୱନ୍ଦିତାରେ ଶୁଭଫଳ ଆଶା କରିବା ନିତାନ୍ତହିଁ ବିକୃତ କାଳ୍ପନିକତା । ଉଦର ସହିତ କର ଦ୍ୱୟର ପ୍ରତିଦ୍ୱନ୍ଦିତା, ମସ୍ତକ ସହିତ ଗ୍ରୀବଦେଶର ପ୍ରତିଦ୍ୱନ୍ଦିତା କିପରି ସ୍ୱାସ୍ଥ୍ୟ ସମ୍ପାଦନର ଅନୁକୂଳ ? ବାହାରର ସଂଗ୍ରାମ ଉପରେ ଗୃହଯୁଦ୍ଧ ଆରମ୍ଭ ହେଲେ ଦୁର୍ବଳ ତ ତିଷ୍ଠିବ ନାହିଁ, ବଳବାନଙ୍କୁ ମଧ୍ୟ କ୍ଷତି ସହ୍ୟ କରିବାକୁ ହୋଇଥାଏ ।

କିନ୍ତୁ ସ୍ତ୍ରୀଜାତି ସମ୍ବନ୍ଧରେ ଦେଶ ଏବଂ ସମାଜ ଭେଦରେ ଯେ କେତେଗୁଡ଼ିଏ ସାମାଜିକ ନିୟମ ଗଠିତ ହୋଇଅଛି । ଜାତିର ଅବସ୍ଥାର ସହିତ ଏ ସମସ୍ତ ନିୟମର ପରିବର୍ତ୍ତନ ହୋଇଥାଏ । ଏ ଦେଶରେ ଅବରୋଧ ପ୍ରଥା ଯେପରି । ଅବରୋଧବାସ କିଛି ଆଉ ନାରୀଜାତିର ସ୍ୱଭାବ ନୁହେ । ପ୍ରକୃତିବିରୁଦ୍ଧ ଅବରୋଧରେ ଶିକ୍ଷାର ବ୍ୟାଘାତ ହୁଏ, ହୃଦୟରେ ସ୍ଫୂର୍ତ୍ତି ହୁଏ ନାହିଁ । ସୁତରାଂ ଦର୍ଶନବିହୀନ ଶିକ୍ଷା ଏବଂ ଅସ୍ଫୂର୍ତ୍ତ ହୃଦୟ ଯେଉଁ ସନ୍ତାନ ଗଠନ ଅସମ୍ଭବ ହୋଇଥାଏ । ଏକ ସମୟରେ ବାଧ୍ୟରେ ପଡ଼ି ଆମ୍ଭମାନଙ୍କୁ ଏ ପ୍ରଥା ଅବଲମ୍ବନ କରିବାକୁ ହୋଇଅଛି । ବର୍ତ୍ତମାନ ଯେଉଁମାନେ ବନ୍ଧୁଜନଙ୍କୁ ଅବରୋଧର ରୁଦ୍ଧଦ୍ୱାର ମଧ୍ୟରେ ନିର୍ବନ୍ଧରେ ଏକ ପ୍ରକାର ଜଡ଼ ଜୀବନ ଯାପନ କରି ଆସୁଅଛନ୍ତି, ଅନଭ୍ୟାସ ବଶତଃ ପ୍ରକାଶ୍ୟ ରାଜପଥରେ ବାହାର ହେଲେ ସେମାନେ ଅସୁବିଧାର କାରଣ ହୋଇ ଉଠନ୍ତି; ଲୋକେ ଅବରୋଧବାସିନୀ ସ୍ତ୍ରୀର ସ୍ୱାଭାବିକ ଧର୍ମ ଠଉରାଇ ନିଅନ୍ତି । ତାହାବୋଲି ଏ ପ୍ରଥା ସହିତ ସ୍ତ୍ରୀ ସ୍ୱଭାବର ବିଶେଷ ଘନିଷ୍ଠତା ଅବଶ୍ୟ ନାହିଁ । ଶିକ୍ଷା ସହିତ ସ୍ତ୍ରୀ ଜାତିକୁ ସ୍ୱାଧୀନତା ଦେଲେ ଅଶୁଭ ଫଳ ଦେଖାଯିବ ନାହିଁ । ମାତ୍ର ଏତିକି ମନେ ରଖିବାକୁ ହେବ ସ୍ୱାଧୀନତା ଉଚ୍ଛୃଙ୍ଖଳତା ନୁହେ । କିନ୍ତୁ ଅବରୋଧ ପ୍ରଥା ଥାଉ ଅବା ନ ଥାଉ, ସ୍ୱାଧୀନତା ଥାଉ କିମ୍ବା ନ ଥାଉ ସ୍ତ୍ରୀ ଜାତିର ପୁରୁଷ ଠାରୁ ସ୍ୱତନ୍ତ୍ର ଯେଉଁ କ୍ଷମତା କିମ୍ବା ଗୁଣ ଦେଖାଯାଏ, ସେଗୁଡ଼ିକ ତାହାର ସ୍ୱଭାବସିଦ୍ଧ ସ୍ୱାଭାବିକ କ୍ଷମତା କିମ୍ବା ଗୁଣ । ତେବେ କର୍ଷଣାଭାବରୁ ଗୁଣ କ୍ରମେ କ୍ରମେ ନଷ୍ଟ ହୁଏ ।

ସାମାଜିକ ରୀତିନୀତି ଅବଶ୍ୟ ଉପେକ୍ଷଣୀୟ ନୁହେ, କିନ୍ତୁ ତାହାର ପରିବର୍ତ୍ତନ କିମ୍ବା ସଂସ୍କାର ଆବଶ୍ୟକ । ତହିଁରୁ ସମଗ୍ର ମାନବ ଜାତିର ଅର୍ଦ୍ଧାଙ୍ଗର ଅଧିକାର ସ୍ଥିରୀକୃତ ହେବ ନାହିଁ । ସ୍ୱାଭାବିକ କ୍ଷମତା ଆଲୋଚନା ଦ୍ୱାରାହିଁ ତାହା ବୁଝିବାକୁ ହେବ । ଦେଶଭେଦରେ, ଜଳବାୟୁ ଭେଦରେ, ସାମାଜିକ ଅବସ୍ଥାଭେଦରେ କ୍ଷୁଦ୍ର ବୃହତ କାର୍ଯ୍ୟରେ ବିଭିନ୍ନତା ହୋଇଥାଏ ତାହା ଅନିବାର୍ଯ୍ୟ । ସେହିପରି ପରିବାର ବିଶେଷର ବିଶେଷ ବିଶେଷଭାବ ଏବଂ ଲକ୍ଷଣ ଦେଖାଯାଏ, ବ୍ୟକ୍ତି ବିଶେଷର ମଧ୍ୟ ସ୍ୱତନ୍ତ୍ର ଦୋଷଗୁଣ ରହିଥାଏ । ସ୍ତ୍ରୀ ଏବଂ ପୁରୁଷର କ୍ଷମତା ଆଲୋଚନା କରି ଆମ୍ଭେମାନେ ସହଜରେ ବୁଝିପାରୁଁ ଯେ ବାହାର ସଂଗ୍ରାମ ପ୍ରତିଦ୍ୱନ୍ଦିତାରେ ପୁରୁଷହିଁ ପାରଦର୍ଶୀ । ନାରୀଜାତିର କାର୍ଯ୍ୟ କ୍ଷେତ୍ର ଗୃହ । ତାହାବୋଲି ଏପରି ହୃଦୟହୀନ କିଏ ଅଛନ୍ତି ଯେ କହିବେ ଗୃହିଣୀ ରମଣୀର ସୁଖ-ସ୍ୱାଚ୍ଛନ୍ଦ୍ୟ ଲୋପ କରିବା ଆବଶ୍ୟକ ? କିଏ କହିବେ ପ୍ରବଳ ପରାକ୍ରମ ପୁରୁଷଜାତିର ରମଣୀ ପ୍ରତି ସମ୍ମାନ ପ୍ରଦର୍ଶନ ଶୋଭନୀୟ ନୁହେ ? ସ୍ତ୍ରୀ ଏବଂ ପୁରୁଷ ପରସ୍ପରକୁ ସମ୍ମାନ କରନ୍ତି—ଏକର ଅଭାବ ଅନ୍ୟ ପୂର୍ଣ୍ଣ କରି ଥାଆନ୍ତି ବୋଲି । ଏ ସମ୍ମାନ ପ୍ରେମ ପ୍ରସୂତ, ବଳ, ଶକ୍ତି, ତର୍କ କରି ଏହାର ଅଭ୍ୟୁଦୟ ନୁହେ । ହୃଦୟହୀନ ତର୍କ ମୁହଁରେ ଛଡ଼ା କରାଇ ସହଜ

Digitized by srujanika@gmail.com

ତଥାକୁ ଜଟିଳ କରିବାକୁ ଅଧିକ ସମୟ ଲାଗେନାହିଁ । କିନ୍ତୁ ତର୍କରେ ସତ୍ୟ ମିଥ୍ୟା ହୋଇ ଛଡ଼ା ହେବ ନାହିଁ । ନାରୀର କାର୍ଯ୍ୟକ୍ଷେତ୍ର ଗୃହ ବୋଲି ଶୁଣି କୁଟିଳ ହୃଦୟ ପୁରୁଷ ଜାତିକୁ ସ୍ତ୍ରୀ-ବଞ୍ଚନ ପ୍ରୟାସୀ ବୋଲି ସମସ୍ତେ ଠକସଇ ପାରନ୍ତି ଏହା ବୋଲି କି ପୁରୁଷ ଜାତି ରମଣୀଙ୍କୁ କଅଣ ସତ୍ୟହିଁ ଅଧିକାର-ଚ୍ୟୁତା କରିବାକୁ ଚେଷ୍ଟାକରୁଥାଆନ୍ତି ?

• • •

କୌଣସି କୌଣସି ରମଣୀ କହି ଥାଆନ୍ତି କ୍ଷମତା ଲୋପାଶଙ୍କାରେ ପୁରୁଷ ଜାତି ସ୍ତ୍ରୀ ମାନଙ୍କୁ ବାହାରର କାର୍ଯ୍ୟରେ ନିଯୁକ୍ତ କରିବାକୁ ଚେଷ୍ଟିତ ନାହିଁ । କଥାଟି ମିଥ୍ୟା ନ ହୋଇପାରେ କିନ୍ତୁ ଯେଉଁ କାରଣ ପ୍ରଦର୍ଶିତ ହୋଇଅଛି ତାହା ସମ୍ପୂର୍ଣ୍ଣ ଅମୂଳକ । କ୍ଷମତା ଲୋପର ଆଶଙ୍କା ସ୍ତ୍ରୀ ଜାତିର କ୍ଷମତା କିମ୍ବା ଅଧିକାର ଉପରେ କେବେହେଁ କଟାକ୍ଷ କରିନାହିଁ । ସମାଜର ସୁଶୃଙ୍ଖଳା ସ୍ଥାପନ ସକାଶେହିଁ ସ୍ତ୍ରୀ ଓ ପୁରୁଷର କାର୍ଯ୍ୟକ୍ଷେତ୍ର ସ୍ୱତନ୍ତ୍ର । ପ୍ରକୃତିର ନିୟମାନୁସାରେ ସନ୍ତାନବତୀ ରମଣୀର ଗୃହ ଛାଡ଼ି ବାହାରର କାର୍ଯ୍ୟରେ ପୁରୁଷ ସହିତ ପ୍ରତିଦ୍ୱନ୍ଦ୍ୱିତାର ସମ୍ଭାବନା କିପରି ହେବ ? ପ୍ରତିଦ୍ୱନ୍ଦ୍ୱିତାରେ ସମକକ୍ଷତା ସବୁର ଶକ୍ତି ରହିଥିଲେହେଁ ଜନନୀର କର୍ତ୍ତବ୍ୟ ଅବହେଳାର ନୁହେ । ପୁରୁଷ ଜାତି ବାହାରର କର୍ମ-କ୍ଷେତ୍ରରେ ରମଣୀର ହୋଇ ସେହି ହେତୁରୁ ଖଟୁ ଥାଆନ୍ତି । କାରଣ ପରସ୍ପର ପରସ୍ପରର ସୁବିଧା ଅସୁବିଧା ଅନୁସାରେ କାର୍ଯ୍ୟ ଭାଗ କରି ନ ନେଲେ ସଂସାର ଯାତ୍ରା ସ୍ୱଚ୍ଛନ୍ଦରେ ସେ·କରିବାକୁ ଧରିବା ଅସମ୍ଭବ । ସତ୍ୟ ଏହି ଲକ୍ଷ୍ୟ ନ ରଖି ପୁରୁଷ ଜାତି ଉପରେ ଅଭିମାନ ବଶତଃ ଦୋଷାରୋପ କଲେ ପୁରୁଷ ନିରୁପାୟ । ଅଭିମାନର ପ୍ରତିବାଦ ଶୋଭା ପାଏନାହିଁ ।

ମାନସିକ ଶକ୍ତିର ପ୍ରଭାବରୁ ନେତୃତ୍ୱଭାର ପୁରୁଷ ହସ୍ତରେ ପଡିଅଛି ସତ୍ୟ ତାହାବୋଲି ତାହାର ସହକାରିଣୀର ନିକୃଷ୍ଟହୀନତା ପ୍ରତିପନ୍ନ ହୁଏନାହିଁ । ବିଷୟ ବିଶେଷରେହିଁ ଉଭୟର କାହାର କାହାର ଶ୍ରେଷ୍ଠତ୍ୱ ଦେଖା ଯାଇଥାଏ । ସାଧାରଣତଃ ସଙ୍କୀର୍ଣ୍ଣ କ୍ଷେତ୍ରରେ ରମଣୀର ଏବଂ ବିସ୍ତୃତ କ୍ଷେତ୍ରରେ ପୁରୁଷର କ୍ଷମତା ପାଇଥାଏ । ସ୍ଥଳ ବିଶେଷରେ ଏହାର ମଧ୍ୟ ବ୍ୟତିକ୍ରମ ଦେଖାଯାଏ । ପରସ୍ପରଙ୍କୁ ଅତିକ୍ରମ କରିବାର ବାସନା ପରିତ୍ୟାଗ କରି ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ସାଧନହିଁ ପ୍ରକୃତ ଉନ୍ନତି ଲାଭର ପ୍ରକୃଷ୍ଟ ଉପାୟ ମାତ୍ର ।

## ତଟିନୀ ଚରଣରେ ଗଙ୍ଗାଧର

ଶ୍ରୀ ଲକ୍ଷ୍ମୀନାରାୟଣ ଗୁରୁ

ସ୍ୱଭାବ-କବି ଗଙ୍ଗାଧର ଜୀବନ ବ୍ୟାପି ଅଭାବ ଓ ଦାରିଦ୍ର୍ୟର ଦାରୁଣ ଦୁଃଖରାଶିରେ ଅବଚଳିତ ରହି ଉତ୍କଳ ଭାରତୀଙ୍କ ସେବାରେ କାଏର ପ୍ରାଣ ମନ ଢାଳି ଦେଇଥିଲେ, ତାହାଁର ପରିଚୟସ୍ୱରୂପ ତାଙ୍କର କାବ୍ୟାବଳି, ଶତବାର ପାଠ କଲେ ମଧ୍ୟ ତାଙ୍କର ରଚନା ପାଠକର ରୁଚିଭଙ୍ଗ କରେ ନା, ବରଂ ନିତ୍ୟ ନୂତନ ଓ ସରସ ପ୍ରତୀତ ହୋଇ ରସିକ ପାଠକକୁ ଅନିର୍ବଚନୀୟ ଆନନ୍ଦ ଦାନ କରିଥାଏ । ଏହା ତାଙ୍କର ରଚନାର ଏକ ବିଶେଷ ଗୁଣ । ମୌଳିକତା ଓ ପ୍ରତିଭା-ପ୍ରାଚୁର୍ଯ୍ୟ ନେଇ ଉତ୍କଳ-କବି-ମଣ୍ଡଳୀରେ ତାଙ୍କର ସ୍ଥାନ ଅବଶ୍ୟ ଅନେକ ଉଚ୍ଚରେ । ଅପୂର୍ବ-ପ୍ରତିଭା-ସଞ୍ଜାତ ରଚନା ଶୈଳୀ ରସମୟ ସମୁଚ୍ଚ ଭାବ ଓ ଭାଷା, ଏବଂ ଅପୂର୍ବ କଳ୍ପନା-କୌଶଳ ଦ୍ୱାରା ଗଙ୍ଗାଧର ଉତ୍କଳ ସାହିତ୍ୟ କ୍ଷେତ୍ରରେ କାବ୍ୟର ଅମର କାରୁକାର୍ଯ୍ୟମଣ୍ଡିତ ଯେଉଁ ତାଜମହଲ ଗଢ଼ି ଯାଇଛନ୍ତି, ତାହା ତାଙ୍କପରି ସୌନ୍ଦର୍ଯ୍ୟ ରସିକ, ପ୍ରକୃତି ପ୍ରେମିକ, ପ୍ରତିଭା ଧନୀ କବିପକ୍ଷେ ଏକା ସମ୍ଭବ । ସେହି ସମୁଜ୍ଜ୍ୱଳ ଅକ୍ଷୟ କୀର୍ତ୍ତିରେ ଆଜି ସେ ଅମର

Digitized by srujanika@gmail.com

କାବ୍ୟକଳା-ମୋଦୀ ପ୍ରତିଭା ପୂଜକ ସାହିତ୍ୟିକ ଗଣ ତାଙ୍କଠାରେ ଆଜି ନତ ମସ୍ତକ ।

କବିବରଙ୍କ କାବ୍ୟାବଳୀ ଗତ ପ୍ରକୃତି ଚିତ୍ରଣ, ମାନବ ଚରିତ୍ର ଚିତ୍ରଣ, ବିଷୟ ବସ୍ତୁର ବିନ୍ୟାସ, ଭାଷା ଭାବ, ଛନ୍ଦ, ରଚନା ଶୈଳୀ, ନୈତିକତା, ସ୍ୱଦେଶ ପ୍ରେମ, ବିଶ୍ୱସାହିତ୍ୟକୁ ତାଙ୍କର ଦାନ, ପ୍ରଭୃତି ବିଭିନ୍ନ ବିଷୟର ସମାଲୋଚନା କରି ତାହାଁର ରସାସ୍ୱାଦନ ପୂର୍ବକ କବିଙ୍କର ପ୍ରତିଭା ଓ ଶ୍ରେଷ୍ଠତାର ନିର୍ଣ୍ଣୟ ନେବା ପ୍ରତ୍ୟେକ ସାହିତ୍ୟ ସେବକର କର୍ତ୍ତବ୍ୟ । ଏ ଦିଗରେ ଡ: ଶ୍ରୀ ମାୟାଧର ମାନସିଂହ, ଶ୍ରୀ ଗୌରୀ କୁମାର ବ୍ରହ୍ମା, ଶ୍ରୀ ଡମ୍ବରୁଧର ପରିଡ଼ା, ଶ୍ରୀ ମାଧବ ମିଶ୍ର ପ୍ରଭୃତି ବିଶିଷ୍ଟ ସାହିତ୍ୟିକ ଗଣ ଯେଉଁ ଉଦ୍ୟମ ଚଳାଇ କବିବରଙ୍କ ମହତ୍ତ୍ୱ ପ୍ରକାଶ କରିଅଛନ୍ତି, ତାହା ଉତ୍କଳ ସାହିତ୍ୟ କ୍ଷେତ୍ରରେ ଅଶେଷ ଚିର ପ୍ରଶଂସନୀୟ । କେବେ କବିଙ୍କର କାବ୍ୟଗତ "ତଟିନୀ ଚିତ୍ରଣ" ସମ୍ବନ୍ଧରେ ପଦେ ଅଧେ ଲେଖିବା ପାଇଁ ମାଦୃଶ ଜଣେ ନଗଣ୍ୟ ଲେଖକର ଇଚ୍ଛା ହେଲା । ସୁତରାଂ ଏ ବିଷୟରେ ନମସ୍ୟ କବି ଗଙ୍ଗାଧର କିପରି ତାଙ୍କର ଲେଖାବଳୀରେ ସିଦ୍ଧହସ୍ତତା ପ୍ରଦର୍ଶନ କରିଅଛନ୍ତି, ତାହାଁର ଆଲୋଚନା କରିବାକୁ ଲେଖକ ନିମ୍ନରେ ଉଦ୍ୟତ ହୋଇଅଛି ।

କବିଙ୍କର "ଉତ୍କଳ ଲକ୍ଷ୍ମୀ" ଓ "ତପସ୍ୱିନୀ" କାବ୍ୟ ଦ୍ୱୟରେ ତଟିନୀ ବର୍ଣ୍ଣନା ଦେଖିବାକୁ ମିଳେ କଳ୍ପନା ବୈଚିତ୍ର୍ୟ ଓ ରଚନା ପାଟବରେ ଅଚେତନ ବସ୍ତୁରେ ମଧ୍ୟ ପ୍ରାଣ ଓ ଚୈତନ୍ୟ ଆରୋପ କରି ତାକୁ ମୂର୍ତ୍ତିମନ୍ତ, ଜୀବନ୍ତ ଓ କ୍ରିୟାଶୀଳ ଭାବେ ଉପସ୍ଥାପନାପୂର୍ବକ କବି କିପରି ସ୍ୱୀୟ କାବ୍ୟର ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ଉତ୍କର୍ଷ ଆଣି ପାରନ୍ତି, ଗଙ୍ଗାଧର ଏଠାରେ ତାହାଁର ଆଦର୍ଶ ଦେଖାଇ ଅଛନ୍ତି । ଗଙ୍ଗାଧରଙ୍କ ନିପୁଣ ଲେଖନୀ ଏଥିରେ ଯେଉଁ ଚମତ୍କାରିତା ପ୍ରଦର୍ଶନ କରିଅଛି, ତାହା ବିଶେଷ ଭାବରେ ଲକ୍ଷ୍ୟ କରିବା ବସ୍ତୁ ।

"ଉତ୍କଳ ଲକ୍ଷ୍ମୀ" କାବ୍ୟର ଚିତ୍ରୋତ୍ପଳା ବର୍ଣ୍ଣନା ଭାଷା ଓ ପ୍ରକାଶ ଭଙ୍ଗୀରେ ଅତୀବ ମାଧୁର୍ଯ୍ୟ ପୂର୍ଣ୍ଣ ଏବଂ ଉପଭୋଗ୍ୟ । ନିସର୍ଗ ବୈଭବ, ଶାଳିମା ଧନ ଧାନ୍ୟ ଭରା ଉତ୍କଳର ଏକାମ୍ର କାନନକୁ ଯେତେବେଳେ ବିଶ୍ୱନାଥ କାଶୀଧାମ ପରିତ୍ୟାଗ କରି ଆସିଲେ ସେତେବେଳେ ଜାହ୍ନବୀ, ଆଉ ଦମ୍ଭ ଧରି ପାରିଲେ ନାହିଁ । ତାଙ୍କର ମଧ୍ୟ ଦେବଭୂମି ଉତ୍କଳରେ ଅବସ୍ଥାନ କରିବାର ଉତ୍କଣ୍ଠା ବଳବତ୍ତର ହେଲା, ସେତେବେଳେ ସେ ପ୍ରକାଶ୍ୟରେ ଉତ୍କଳକୁ ଆସିବା ଉପଯୁକ୍ତ ମନେ ନ କରି, ଜାହ୍ନବୀ ନାମ ପରିବର୍ତ୍ତରେ ଚିତ୍ରୋତ୍ପଳା ନାମ ଧାରଣ କଲେ ଓ ଗୁପ୍ତ ବେଶରେ ବିଶ୍ୱନାଥଙ୍କ ପଥାନୁସରଣ କରି ଉତ୍କଳକୁ ଚାଲି ଆସିଲେ । ସମ୍ବଲପୁରଠାରେ ତତ୍ରତ୍ୟ ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ତାଙ୍କୁ ପ୍ରେମାଲିଙ୍ଗନ କଲାବେଳେ ତଦୀୟ କରସ୍ପର୍ଶରେ ତାଙ୍କର ବକ୍ଷସ୍ଥିତ ହୀରକହାର ଛିନ୍ନ ହୋଇ ଭୂଲୁଣ୍ଠିତ ହେଲା । ତେଣୁ ସେ ସେଠାରେ ତାହା ଖୋଜି ବସିଲେ ଏବଂ ଖଣ୍ଡିତ ବାଲୁକାରାଶି ସ୍ତୂପାକାର ଧାରଣ କଲା । ଏହି ଭାବର ଅଭିବ୍ୟକ୍ତ କରିବାକୁ ଯାଇ କବି ତାଙ୍କର ସ୍ୱଭାବ ସୁଲଭ ମଧୁର ଲଳିତ ଛନ୍ଦରେ ଗାଇଛନ୍ତି,—

'ସେ ବିଶ୍ୱପାବନ ବିଶ୍ୱନାଥଙ୍କର
ଗମନକୁ ଅନୁସରି
ଜାହ୍ନବୀ ଆସିଲେ ଛଳିତ ବେଶେ
ଚିତ୍ରୋତ୍ପଳା ନାମ ଧରି ।
ପଥେ ଦେଖି ତାଙ୍କୁ ସମଲାଇ ଦେବୀ
ଭାବେ ଆଲିଙ୍ଗନ କଲେ
ସମଲାଇ କର ଲାଗି ହୃଦହାର
ଛିଡ଼ି ପଡ଼ିଗଲା ତଳେ !
ସେହିଠାରେ ପୁଣି ହୋଇଲା ଗଭୀର
ଦେବୀ ଖୋଜି ଖୋଜି ହାର
ଖଣ୍ଡିତ ବାଲୁକା--ରାଶି ପୁଞ୍ଜ ତହିଁ
ହୋଇଅଛି ସ୍ତୂପାକାର ।
ଏବେ ହୀରାକୁଦ ନାମେ ଅଭିହିତ
ହୋଇଅଛି ସେହିସ୍ଥାନ,

Digitized by srujanika@gmail.com

କେତେ ହୀର ତହିଁ ଥାଇ ତୋ' କୁମରେ
ହୋଇଛନ୍ତି ଧନବାନ ।'

ଏହି ବର୍ଣ୍ଣନାରେ କବିଙ୍କର କଳ୍ପନା ଚାତୁରୀ ଓ ଭାବ ମାଧୁରୀ ହୃଦୟଙ୍ଗମ କରିବା ଆବଶ୍ୟକ । ପରେ ସେ ଅଦ୍ଭୁତ ବର୍ଣ୍ଣନା କରିଅଛନ୍ତି,—

'ତହିଁ କିଛିଦୂରେ ହୃଦୟମଧ୍ୟସ୍ଥରୁ
ଗୃହ ତା' ଗୃହ ମରତ,
ସ୍ନେହେ ଡାକିବାରୁ ନିକଟକୁ ତାଙ୍କ
ଯିବାକୁ ଦେଇ ସମ୍ମତ ।
ମହେଶ ଅଙ୍ଗୁଳି ରେଖାଙ୍କିତ ପଥେ
ଉତ୍ତରକୁ ଏକ ଧାର
ଗଲ ଘୋର ଶିଳା-- ସଙ୍କୁଳ ଦୁର୍ଗମ
ବନପଥ ହୋଇ ପାର ।
ତୋତେ ତାଙ୍କୁ ପୁଣି ପୂର୍ବ ଧାରେ ମିଶି
ଗମନ କର ସତ୍ୱର,
ଆସି ତୋ' ପାଶରେ ମିଳନ୍ତେ ସନ୍ନେହେ
ବସାଇ ଅଛୁ ଅଙ୍କରେ ।
ପରସ୍ପର ଶୋଭା ବର୍ଦ୍ଧନ କାରଣେ
ହୋଇଅଛୁ ସମାହାର,
ସୁନ୍ଦର ପ୍ରତିମା ଗଢ଼ିଲେ ଦେଲ ବଧି
ଇନ୍ଦ୍ରନୀଳ ମଣି ହାର ।
\+ \+ \+ \+ \+ \+
ଯୋଗ୍ୟକୁ ଯୋଗରେ ଯୋଜନା କରନ୍ତେଣି
ଭଲେଅନ୍ତି ନାହିଁ ଯାର,
ସେହି ବିଧି ଏବା ଦେଇଛନ୍ତି ତୋତେ
ଏହି ଦିବ୍ୟ ଅଳଙ୍କାର ।'

ଅର୍ଥାତ୍ ଚିତ୍ରୋତ୍ପଳା ସେଠାରୁ କିଛିଦୂର ଅଗ୍ରସର ହୋଇ ପରେ ତାଙ୍କର ଅପରୂପ ରୂପରାଶି ଦ୍ୱାରା ମହେଶ୍ୱରଙ୍କ ଦୃଷ୍ଟି ଆକର୍ଷଣ କଲା । ମହେଶ୍ୱରଙ୍କର ସ୍ନେହପୂର୍ଣ୍ଣ ଆହ୍ୱାନରେ ସେ ତାଙ୍କ ନିକଟକୁ ଯିବାକୁ ଇଚ୍ଛୁକା ହେଲେ ଏବଂ ଅଙ୍ଗୁଳି-ନିର୍ଦ୍ଦିଷ୍ଟ ଶୈଳସଙ୍କୁଳ ଦୁର୍ଗମ ପଥରେ ସେ ଉତ୍ତରାଭିମୁଖିନୀ ହୋଇ ମହେଶଙ୍କର ତୁଷ୍ଟି ବିଧାନ କଲେ । ପରେ ସେ ତାଙ୍କର ପୂର୍ବଗତିପଥ ଅନୁସରଣ କରି ଉତ୍କଳଲକ୍ଷ୍ମୀର ଆଲିଙ୍ଗନ ଲଭିଲେ । ଉଭୟଙ୍କ ସମନ୍ୱୟରେ ଉଭୟଙ୍କ ଶୋଭା ବର୍ଦ୍ଧିତ ହେଲା । ସୁନ୍ଦର ପ୍ରତିମାର ଗଳାରେ ଇନ୍ଦ୍ରନୀଳ ମଣିହାର ପରି ଶୋଭା ପ୍ରାପ୍ତ ଉତ୍କଳଲକ୍ଷ୍ମୀ ବକ୍ଷରେ ଚିତ୍ରୋତ୍ପଳାର ସମାବେଶ ଅଦ୍ଭୁତ ଶୋଭା ସମ୍ପାଦନ କଲା ।

ପରେ କବିଙ୍କ ବର୍ଣ୍ଣନାରେ ଦେଖିବାକୁ ମିଳେ ଉତ୍କଳଲକ୍ଷ୍ମୀଙ୍କ ଯଥାଯୋଗ୍ୟ ଅଭିନନ୍ଦନ ଓ ତାଙ୍କ ଅନ୍ତରର ଭକ୍ତି ଜ୍ଞାପନ ପାଇଁ ସ୍ରୋତସ୍ୱିନୀ ସମୂହ ମନୋରମ ବେଶ ଭୂଷାରେ ସଜ୍ଜିତା ହୋଇ ଅପରୂପ ଭଙ୍ଗୀରେ ଆଲିଙ୍ଗନ ଆରମ୍ଭ କଲେ । ସ୍ୱର୍ଗର ନୃତ୍ୟନାୟିକା ସମାଜରେ ଉର୍ବଶୀ ସଦୃଶ ହୀରକ-ଖଚିତ ବେଣୀଧାରିଣୀ - ଚିତ୍ରୋତ୍ପଳା ସେମାନଙ୍କ ମଧ୍ୟରେ ଶ୍ରେଷ୍ଠା ଥିଲା । ତାର ପଶ୍ଚାଦ୍ଦେଶରେ ସ୍ୱର୍ଣ୍ଣକୁସୁମତୁଲ୍ୟ ବ୍ରାହ୍ମଣୀ ଏପରି ଲାସ୍ୟ ବିଭୋର ହୋଇ ପଡ଼ିଥିଲା ଯେ, ତାର କବରୀରୁ ଅନେକାନେକ ସ୍ୱର୍ଣ୍ଣପୁଷ୍ପ ସ୍ଖଳିତ ହୋଇ ଇତସ୍ତତଃ ବିକ୍ଷିପ୍ତ ହେଉଥିଲେହେଁ ତାର ସେ ଦିଗକୁ ଦୃଷ୍ଟି ରହି ପାରୁ ନ ଥିଲା ।

"ତରଙ୍ଗିଣୀଗଣ ନୃତ୍ୟ ଆରମ୍ଭିଲେ
ମନୋହର ବେଶ ଧରି,
ବିବିଧ ଭୂଷଣେ ବିଭୂଷିତ ହୋଇ
କୁସୁମେ ସାଜି କବରୀ ।
ହୀରକ ମଣ୍ଡିତ ବେଣୀ ଚିତ୍ରୋତ୍ପଳା
ତହିଁ ଥିଲା ଅଗ୍ରଗଣ୍ୟା
ଅମର ଭୁବନେ ନର୍ତ୍ତକୀ ମଣ୍ଡଳେ
ଉର୍ବଶୀ ଯେସନ ଧନ୍ୟା ।
ତା' ପଛକୁ ଥିଲା ବ୍ରାହ୍ମଣୀ ସୁବର୍ଣ୍ଣ-
କୁସୁମରେ ମଣ୍ଡି ଚୂଳ,
ନୃତ୍ୟ ବେଳେ ପଡ଼ୁ-ନ ଥିଲା ଚୂଳରୁ
ଖସୁଥିଲା ସ୍ୱର୍ଣ୍ଣ ଫୁଲ ।"

ଏଠାରେ ଦେଖିବାକୁ ହେବ, କବି କରିବାର

Digitized by srujanika@gmail.com

ନଦୀମାନେ ମଧ୍ୟ କବିକଳ୍ପନାରେ ସୁସଜ୍ଜିତା ରୂପ-ମୟୀ ଯୋଷା । ଉପସ୍ଥିତ ଘଟଣାରେ ସେମାନେ ଆନନ୍ଦ କଲ୍ଲୋଳ ଓ ନୃତ୍ୟରତା । ଏହି ଦୃଶ୍ୟପଟରେ ଉତ୍କଳର ଅନ୍ୟାନ୍ୟ ନଦୀ ଯୋଷାଗଣ କିପରି ଆଭ-ରଣ ଭୂଷିତା ହୋଇ ଆନନ୍ଦରେ ଯୋଗଦାନ କରିଥିଲେ, କବିବରଙ୍କ ଅମରତୂଳୀ ନିମ୍ନମତେ ତାହାର ଚିତ୍ରଣ କରିଅଛି, :—

'ସିଂହଭୂମି ରାଜ-ଉଦ୍ୟାନ କୁସୁମ—
ରଚିତ ସୁମନହାର
ଉରେ ମଣ୍ଡି 'ଦେବ' 'କୋଇଲ୍' ସହିତ
ସଙ୍ଗେ ନାଚୁଥିଲ 'ତାର
ଗାଉଥିଲେ ମଧୁ—ସ୍ୱରେ ମଧୁମୟ
ବେଦବ୍ୟାସ ଗୀତାବଳୀ
'କୋଇଲ୍' ମସ୍ତକେ ବ୍ରାହ୍ମଣୀ ଶିଖରୀ
ଦେଉଥିଲ ପୁଷ୍ପାଞ୍ଜଳି ।
ସିଂହଭୂପଙ୍କର ସ୍ୱର୍ଣ୍ଣ କରାମୟ
ଶୁଭ୍ରକୀର୍ତ୍ତି ଧ୍ୱଜଧର,
ସ୍ୱର୍ଣ୍ଣମୟୀ 'ସ୍ୱର୍ଣ୍ଣ— ରେଖା' ଆସିଥିଲ
ସେଇ ଚନ୍ଦ୍ର ସହଚରୀ ।

\+ \+ \+ \+ \+ \+

ଜଗଦଲ୍ଲା ନଈ ସାଙ୍ଗ କୁହୁଅଛି
ଉତ୍ସବେ ହୋଇ ଯାତ୍ରୀ,
ନିଜଦଳ ମଧ୍ୟ ଚାଲୁଥିଲେ ମୁଦେ
ମନୋହର ଚୌପାତ୍ରୀ ।
ବୈତରଣୀ ମାଳତୀ ଅଣିକା ବେସାଳୀ
ସହିତ ମିଳି ଉଜ୍ଜ୍ୱଳି,
ସରଳ ତରଳ ଗୀତ ଗାଇ ମୁଦେ
ମାରୁଥିଲେ କରତାଳି ।
ଅଲକ୍ଷ୍ୟରେ ଖଡ଼େ ଆସି ସେ ପାଖରେ
ନୃତ୍ୟ କଲ ଖରଖରୀ,
ହରଡ ହରଷେ ହରବର ହୋଇ
ଧାଇଁଥିଲ ବୀଣାଧରି ।"

ସେହି ଦୃଶ୍ୟପଟରେ ସିଂହଭୂମିର 'ଦେବ' 'କୋଇଲ୍' ଆଦି ନଦୀ ବେଦବ୍ୟାସ ଶିଖରର ପଦୋ-ପାନ୍ତେ ଗାନ କରି ନୃତ୍ୟ କରୁଥିଲେ । ସିଂହଗଜ ପର୍ବତର କୀର୍ତ୍ତି ଧ୍ୱଜାଧାରି ଚନ୍ଦ୍ର ସହଚରୀ ପରିବୃତା ହୋଇ (ଉତ୍କଳନଦୀ ସଙ୍ଘ) ସ୍ୱର୍ଣ୍ଣମୟୀ 'ସ୍ୱର୍ଣ୍ଣରେଖା' ଏ ସ୍ଥାନ ମଣ୍ଡନ କରିଥିଲ । ମନୋହର ବନଫୁଲମୟୀ 'ବୈତରଣୀ' ସେଠାକୁ ଆସିଥିବାରୁ ଗନ୍ଧଲୁବ୍ଧ ଦେବଦେବୀଗଣ ଭ୍ରମର ପ୍ରାୟ ତାକୁ ପରିବେଷ୍ଟନ କରିଥିଲେ । ଭାର୍ଗବୀ, ଦୟା, ଋଷିକୂଲ୍ୟା ଆଦି ନଦୀଯୋଷା ଚମ୍ପା ଆଦି ସୁଗନ୍ଧ ସୁମନରେ କବରୀ ମଣ୍ଡନ କରିଥିଲେ ଲଜ୍ଜାଶୀଳ 'ଇବ' ଘୃଷ୍ଣ ଶ୍ୟାମଳ ବସନରେ ମୁଖାବୃତ କରି ଦର୍ଶକୀଭାବେ ଦୂରରେ ରହି ମନେ ମନେ ନୃତ୍ୟ କରୁଥିଲ । 'ଶଙ୍ଖ' ଆବେଗ ପ୍ରାଣରେ ସେହି ନୃତ୍ୟ ସ୍ଥଳୀକୁ ଧାଇଁ ଆସିଥିଲେ ହେଁ ଚନ୍ଦ୍ରୋତ୍ପଳା ତାକୁ ନୃତ୍ୟକଳା ଚତୁର ବୋଲି ବୋଲି ଗୋପନରେ ପ୍ରକାଶ କରି ବାରଣ କଲ । 'ତେଲ' ଅଲକ୍ଷ୍ୟରେ ରହିଥିବାରୁ ସୁଯୋଗ୍ୟା ନର୍ତ୍ତକୀ ବୋଲି ପରିଚିତ ହୋଇ ପାରି ନ ଥିଲ । ତେବେ ସଙ୍ଗୀତର ମଧୁର ତରଳ ସ୍ରୋତ ତାର ଅନ୍ତର ପ୍ଳାବିତ କରିଥିଲ । ତେଲ ଓ ଚନ୍ଦ୍ରୋତ୍ପଳାର ପଶ୍ଚାଦ୍ଦେଶରେ ଗିରିଅଳ ବାହ୍ମଣୀ ନଦୀହ୍ୱୟ ବନସ୍ଥଳୀର ସୁରଭି-ସୁମନ-ସ୍ତବକରେ କବରୀ ମଣ୍ଡନ ପୂର୍ବକ ରାଜକବି ବ୍ରଜରାଜଙ୍କ ସଙ୍ଗୀତା-ଲାପ କରି ନୃତ୍ୟ କରୁଥିଲେ । ଏହା ଦେଖି ଋଷି-କୁଲ୍ୟା ଆଉ ନୀରବ ରହି ପାରି ପାରିଲ ନାହିଁ । ଲଳିତ ଛନ୍ଦରେ ତେଲିଙ୍ଗ ଭଙ୍ଗୀରେ କବିବର ବଳଦେବଙ୍କ ସଙ୍ଗୀତାବଳୀ ଗାନ କରିବାକୁ ଲାଗିଲେ । ସ୍ୱ ସ୍ୱ ଦଳ ନେଇ ଜୀରା, ଦଲ୍ଲା ଆଦି ତରଙ୍ଗିଣୀ ସଙ୍ଗୀତ ଗାନ କଲେ । ଭେଡନ ପ୍ରଭୃତି ନଦୀ କରତାଳି ପୂର୍ବକ ସଙ୍ଗୀତାଳାପ କରିବାକୁ ଲାଗିଲେ । ହରଡ, ଖରଖରୀ ପ୍ରଭୃତି ଟିକିଟି ବୀଣାସହଯୋଗେ ଗୀତଗାନ କରି ନୃତ୍ୟକଲେ ।

ଉତ୍କଳ ସାହିତ୍ୟ କ୍ଷେତ୍ରରେ ଗଙ୍ଗାଧର ଏପରି ମନୋହର ଚିତ୍ରଣ ବାସ୍ତବିକ ଅପୂର୍ବ ଓ ଅତୁଳନୀୟ ସରଳ ତରଳ ଗଙ୍ଗାଧର ସ୍ୱଚ୍ଛ ପ୍ରାଣର ସ୍ତରେ ସ୍ତରେ ଅମୃତ ସୌନ୍ଦର୍ଯ୍ୟଧାରା ଢାଳି ଦେଇ ଗଙ୍ଗାଧର ସ୍ୱୀୟ

Digitized by srujanika@gmail.com

ବର୍ଣ୍ଣନାର ମାଧୁର୍ଯ୍ୟ ସୌନ୍ଦର୍ଯ୍ୟ ଓ ସରସତା ପ୍ରଦର୍ଶନ କରିଅଛନ୍ତି । କବିଶିଳ୍ପୀଙ୍କର ଅପୂର୍ବ କଳ୍ପନା ତୁଳୀରେ ଉତ୍କଳର ନଦୀସମୂହ ଅପ୍‌ସରାବତ୍ ରୂପମୟୀ ଓ ବିଳାସ ଶୀଳ । ...

କାବ୍ୟ ମୁକୁଟମଣି 'ତପସ୍ୱିନୀ' ରେ କବି କଳ୍ପନାର ଅଦ୍ଭୁତ ଉତ୍ସରକୁ ଅନ୍ୱେଷଣ କରିଛନ୍ତି । ଯେତେବେଳେ ଜାହ୍ନବୀ କୂଳେ ପରିତ୍ୟକ୍ତା ନରେନ୍ଦ୍ରଗୃହିଣୀ ସତୀରାଣୀ ସୀତା ସ୍ୱାମୀ ବିଚ୍ଛେଦର ମର୍ମନ୍ତୁଦ ଯନ୍ତ୍ରଣାରେ ସଜ୍ଞାବିରହିତା ହୋଇ ଭୂଲୁଣ୍ଠିତ ହୋଇ ପଡ଼ିଲେ, ସେତେବେଳେ ସତୀର ଏ ଦୁଃଖ ଜାହ୍ନବୀର କୋମଳ ପ୍ରାଣ ସହ୍ୟ କରି ପାରିଲା ନାହିଁ । ସେ ଉଗ୍ର ମୂର୍ତ୍ତି ଧାରଣ କରି ନୃପତିର ବିରୁଦ୍ଧରେ ଅଭିଯାନ ଚଳାଇଥିଲା ।

'କୋଟି ସହସ୍ର-ବୀଚି-ଉତ୍ଥିତ-ଶୀକର
ପଡ଼ିଲା ପୁଳିନ ତେଜି ତରଙ୍ଗ ଶିଖର ;
ଉଦ୍ଭିଜ ଶୀଷକ ପୁଳ ତରଙ୍ଗର ତୋଟପ,
ନୃପତିଙ୍କ ଭାଗୀରଥୀ ପ୍ରହାରିଲା କୋପେ ।

ଏଠାରେ କବି ଦୃଷ୍ଟିରେ ତଟିନୀ ପୀଡ଼ିତ ଓ ଦଳିତ ମାନବର ବେଦନାରେ ସାନ୍ତ୍ୱନା ଓ ସହାନୁଭୂତିଶୀଳ । କି ମନୋହର ଛବି ! ତା ପରେ ଆମ୍ଭମାନଙ୍କୁ ଏହି କାବ୍ୟରେ ଦେଖିବାକୁ ମିଳେ ତଟିନୀ 'ତମସା'ର ବର୍ଣ୍ଣନା । ପ୍ରକାଶ ଗୁରୁତ୍ୱ, ଭାବ ଓ ଭାଷାରେ ତାହା ଯେ ଏକାନ୍ତ ହୃଦୟସ୍ପର୍ଶୀ ଏବଂ ରସୋଦ୍ଦୀପକ ଏହା ଭାବୁକ ପାଠକ ମାତ୍ରେ ସ୍ୱୀକାର କରିବେ । କବି ରସମୟ ଛନ୍ଦରେ ଗାଇଛନ୍ତି,:-

'ଉତ୍ସୁକ ହୃଦୟେ ସତୀ ଶେଷରେ ଆଶ୍ରମ ଧାଇଁ
ତମସା ନିର୍ମଳ ଗାତ୍ରୀ ପବିତ୍ର ଧାର'
ପ୍ରାଙ୍ଗଣେ କୁସୁମ ବର୍ଷି ସୁବାସିତ ନୀରସିଞ୍ଚି
ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାର,
ମୁହୂର୍ତ୍ତକୁ ମୀନ ନୟନେ
ଚାହୁଁଥିଲା ସୀତା ସତୀ, ଶୁଭାଗମନେ'

ବାଲ୍ମୀକି ଆଶ୍ରମଗତା ସୀତା ପ୍ରତ୍ୟୁଷରେ ସମୀପବର୍ତ୍ତିନୀ ତଟିନୀ 'ତମସା' ରେ ସ୍ନାନ ସକାଶେ ଯିବାକୁ ଉଦ୍ୟତା ହେଲେ । ମାତ୍ର ତାଙ୍କର ଆଗମନ ପୂର୍ବରୁ ଶୁଭାଭିନନ୍ଦନ ଜଣାଇବା ପାଇଁ ତମସା ନିଜ ପ୍ରାଙ୍ଗଣରେ ସୁବାସିତ ଜଳ ସିଞ୍ଚି ତାକୁ ପୁଷ୍ପାସ୍ତୃତ କରି ପକାଇଲା । ସମୁଜ୍ଜ୍ୱଳ ପ୍ରଭାତ ତାରା ତାର ମଙ୍ଗଳ ପ୍ରଦୀପ ସ୍ୱରୂପ ରହିଲା । ଏହାପରେ ପ୍ରଫୁଲ୍ଲ ଚିତ୍ତରେ ସେ ବାରମ୍ବାର ମୀନ ନୟନରେ ପଥ ଚାହିଁ ସୀତାଙ୍କର ଶୁଭାଗମନ ପ୍ରତୀକ୍ଷା କରୁଥିଲା । କ୍ରମେ ସଖୀ ସମଭିବ୍ୟାହାରରେ ସୀତା ଆସି ତମସାରେ ପ୍ରବେଶ କଲେ । ତମସା ସୀତାଙ୍କୁ କୋଳରେ ପାଇ ମୁଗ୍ଧପ୍ରାଣରେ ତରଙ୍ଗଙ୍କର ପ୍ରସାରଣ ଦ୍ୱାରା ଆଲିଙ୍ଗନ କଲା ।

× × ×

ଯେମନ୍ତେ ସ୍ନେହେ ଆଲିଙ୍ଗିଲା ତରଙ୍ଗ କରେ ।'

ତାପରେ ସେ ଆନନ୍ଦାତିଶଯ୍ୟରେ କୋମଳ ମଧୁର ସ୍ୱରରେ ସୀତାଙ୍କୁ ସମ୍ବୋଧନ କରି କହିଲା, 'ରାଜରାଣୀ ମା ସୀତେ ! ଲୋକଗଞ୍ଜନା ପରିହାର କରି ତପସ୍ୱିନୀ ଭାବେ ଆସି ମୋର କୋଳ ମଣ୍ଡନ କରିବୁ, ଏ ଆଶା ମୋର ନ ଥିଲା । ତୋ ଯୋଗୁଁ ମୁଁ ଆଜି ସଂସାରରେ ଭାଗ୍ୟବତୀ ବୋଲି ପରିଚିତ ହେଲି ।'

ଅମୃତ ମଧୁର ସ୍ୱରେ ଭାଷିଲେ ପର ପରିତୋଷରେ
ମାଆଗୋ, ମୋ ମାନସରେ ନ ଥିଲା ଆଶା .
କରିବ ଅଙ୍କେ ବିହାର ରାଜଲକ୍ଷ୍ମୀ ହୃଦହାର
ସୀତା କରି ପରିହାର ଭୋଗ ପିପାସା,
ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ ଯୋଗୁଁ ଏବେ ପରଶଂସାରେ !'

ଅଗ୍ରହରେ ତମସା ତହୁଁ ତାର ଆତ୍ମକାହାଣୀ ପ୍ରକାଶ କଲା । ତାର ସମକକ୍ଷା ତଟିନୀମାନେ ସୀତାସଙ୍ଗଲାଭର ସୌଭାଗ୍ୟ ଇତଃପୂର୍ବେ ପାଇଥିବାରୁ ଏବଂ ସେ ଏତେ କାଳ ଯାଏ ତହିଁରୁ ବଞ୍ଚିତା ରହିଥିବାରୁ ତା' ମନରେ ଯେ ଅପମାନ ସ୍ପର୍ଶ କରିଥିଲା, ତାହା ସେତେବେଳେ ଦୂରୀଭୂତ ହୋଇଥିବାର ଆଜି ସେ ଅନୁଭବ କଲା ।

'ବନେ ବନେ ଭ୍ରମି ଭ୍ରମି ଗଣ୍ଡ କୁଣ୍ଡଳେ ନ ଭ୍ରମି
ବହୁବାଧା ଅତିକ୍ରମି ସ୍ୱଚ୍ଛ ଜୀବନେ,

Digitized by srujanika@gmail.com

ଅନ୍ଧାର ଦୁଃଖ ନ ଗଣି　　ଅଶୋକ ସୁଖ ନ ମଣି
ଗୃହିଛ ଦୁଃସହ ନିତି ବଦନେ ;
ଜନମ କରୁଛ ସଫଳ
ତୋ ବଦାନେ ଜୋଷି ତୀରବାସୀ ସକଳ ।
ମନ୍ଦାକିନୀ ଗୋଦାବରୀ　　ଯେ ସବୁ ପୁଣ୍ୟ ମୋ ସରି
ଲଭିଛନ୍ତି ଭୁବନ ଜନ ହୃଦେ ଗୌରବ,
ଲଭି ତୋ' ପବିତ୍ର ପଦ-　　ଚିହ୍ନ ଅଶେଷ ସମ୍ପଦ
ଦେବପଦ-ପଦ-ପ୍ରଦାନର ସୌରଭ,
ତାହା ଥିଲା ମୋର ବାଞ୍ଛିତ,
ଉଦଭବେ ହୋଇଥିଲି ମନେ ଲାଞ୍ଛିତ ।'

ସୀତା ସଙ୍ଗଲାଭ ତମସାକୁ ତାର ଅନିର୍ବଚନୀୟ ପୁଣ୍ୟର ମଧୁମୟ ଫଳ ବୋଲି ପ୍ରତୀତ ହେଲା । ସେ ଆପଣକୁ ଧନ୍ୟ ବୋଧ କଲା ସୀତାରାଣୀଙ୍କ ପୁଣ୍ୟମୟ ଶରୀର କ୍ଷାଳନରେ ତାର ଜଳଗତ କଳୁଷରାଶି କ୍ଷାଳିତ ହୋଇଗଲା ଏବଂ ସେହି ପବିତ୍ର ଜଳର ସଂସ୍ପର୍ଶରେ ଯେଉଁମାନେ ଆସିଲେ ସେମାନଙ୍କର ଦୁରିତ ମଧ୍ୟଜଳରେ ଧ୍ୱଂସପ୍ରାପ୍ତ ହେଲା । ବାସ୍ତବିକ ନିର ଅପାପବିଦ୍ଧା ମୂର୍ତ୍ତିମତୀ ପବିତ୍ରତା ରୂପିଣୀ ସୀତା ଦେବୀଙ୍କର ସଙ୍ଗଲାଭ କରି ତମସା ନିଜକୁ ଅପୂର୍ବ ସୌଭାଗ୍ୟଶାଳିନୀ ଓ ପବିତ୍ର ଶରୀର ମନେ କରିବା ସ୍ୱାଭାବିକ । ତମସା କହୁଛି,—

'କରିଥିଲି ଶୁଭକର୍ମ　　ବୋଲି ଆଣିଦେଲା ଧର୍ମ
ସମସ୍ତେ ଚୌଦିଗେ ମୋ ମର୍ମବେଦନା ଜାଣି,
ପାଇଛୁ ଦୁର୍ଲଭ ଧନ　　କରିବି ତୃପ୍ତି ସାଧନ
ନିତି କରି ସମ୍ବୋଧନ କୋଳକୁ ଆଣି,
ଅଙ୍ଗ କୋମଳ ଦେହର
ହେବ ମୋର ଜୀବନର କଳୁଷହର ।
ମୋ କୋଳ ଶୀତଳ ଜଳ　　ସାରସ ମରାଳ ଦଳ
ଦେଖିକ ଯୁଗଳ ଯୁଗଳ ବକପଙ୍କତି
ତୋ ପୁଣ୍ୟମୟ ଶରୀର　　କ୍ଷାଳନେ ମୃତ ମୋ ନୀର
ପାନେ ବଞ୍ଚିଥିବେ ଚିର ଧନ୍ୟ ମୋ କତି
କଳ ନାଦ ଛଳେ ତୋ ଯଶଃ
ଗାଇ ମୋ ସ୍ରୋତ ବହୁଥିବ ଅଜସ୍ର ।'

ସୀତାଙ୍କ ସ୍ନାନବେଳେ ତଟରୁ--ବିଚ୍ୟୁତ ପୁଷ୍ପସବୁ ନଦୀ ସ୍ରୋତରେ ଭାସି ଆସୁଥାନ୍ତି । ସେମାନଙ୍କ ପ୍ରତି କୃପା ପ୍ରକାଶ କରି ମଧ୍ୟ ତମସା ସୀତାଙ୍କୁ ନିବେଦନ କରୁଛି ;—

'ପତିବ୍ରତା ଅଙ୍ଗେ ଲାଗି　　ପବିତ୍ର ହେବାର ଲାଗି
ବ୍ରତତୀ ବାସ ବିରାଗୀ ପ୍ରସୂନ ମାନ
ଦୂରୁ ଦୂରୁ ଝାସି ଝାସି　　ଧାଇଁଥିବେ ଭାସି ଭାସି
ଭେଟୁଥିବେ ଆସି ଆସି ତୋ ସନ୍ନିଧାନ ;
ସ୍ନାନ ସମୟେ ତୋ' ପଦରେ,
ଦୟାମୟି ନ ପେଲିବୁ ତାଙ୍କୁ ପଦରେ ।'

ଏଠାରେ କବିଙ୍କ ଭାବ ପ୍ରକାଶର ଚମତ୍କାରିତା ବିଶେଷ ଭାବେ ଅନୁଭବ କରିବା କଥା । ପୁଷ୍ପଙ୍କର, କ୍ଷୁଦ୍ରର ମହତ୍ ସଂସ୍ପର୍ଶରେ ପବିତ୍ର ହେବାର ଆକାଂକ୍ଷା ଏବଂ କ୍ଷୁଦ୍ର ପ୍ରତି କରୁଣାର୍ଦ୍ର ହୃଦୟ - ମହତ୍‌ର କୃପା ପ୍ରକାଶ, ଏ ଉଭୟ ଉଚ୍ଚଭାବ ଏହି ପଦାବଳୀରେ ଜଡ଼ିତ ରହିଛି ।

ତା'ପରେ ତମସା ତାର ପ୍ରତିବେଶୀ ବନ୍ଧୁ ସ୍ଥାନୀୟ ତଟବର୍ତ୍ତୀ ବନପାଦପ ଗଣଙ୍କ ପ୍ରତି ମଧ୍ୟ କୃପା ପ୍ରକାଶ ନିମନ୍ତେ ସତୀଙ୍କୁ ଅନୁରୋଧ କରିବାକୁ ଭୁଲି ନାହିଁ । ତମସାର ଆଶା, ସୀତା ତାର ତଟ ଦେଶରେ ଟିକିଏ ଟିକିଏ ପଦଚାରଣ କଲେ ତାଙ୍କର ଶରୀର ନିଃସୃତ ସୌରଭର ସମ୍ପର୍କରେ ଆସି ବନ ବୃକ୍ଷ ଗଣ ପ୍ରଦୀପ୍ତ କାନ୍ତି ଲାଭ କରିପାରିବେ ଏବଂ ଦିବ୍ୟ ସୌନ୍ଦର୍ଯ୍ୟ ମଣ୍ଡିତ ହୋଇ ସ୍ଥାନର ଶାନ୍ତି ବିଧାନ କରି ପାରିବେ । ମହତ୍ ସଙ୍ଗଲାଭ ତମସାର ସ୍ୱଳ୍ପଙ୍କ ପକ୍ଷେ କିପରି ଏକ ଶକ୍ତିଶାଳୀ ଓ ଉପାଦେୟ ବସ୍ତୁ, ତାହାହିଁ ପ୍ରଦର୍ଶନ କରିବା କବିଙ୍କର ଲକ୍ଷ୍ୟ । ତମସାର କଣ୍ଠରେ ସେ ଏହି ବାଣୀ ପ୍ରକାଶ କରିଛନ୍ତି:-

ମୋ କୂଳେ ବୁଲି ଚରଣ　　କରିବୁ ମା ବିଚରଣ
ବନପାଦପେ ବିତରଣ ଅମର କାନ୍ତି ,
ତା ଲଭି ଜନ ପାଦପ-　　ରାଜି ହୋଇ ଦପ ଦପ
ବହୁଥିବେ ଅମର ଦର୍ପ, ବହୁଥିବେ ଶାନ୍ତି ;
ପକ୍ଷୀବେ ପାଟଳ ଶ୍ୟାମଳ,
ହୃଦର ଭୂମି ରହିବ ଚିର ନିର୍ମଳ ।'

Digitized by srujanika@gmail.com

ତମସାର ଏତାଦୃଶ ଭକ୍ତିରେ ଭାବ ବିହ୍ୱଳିତା ସୀତାଙ୍କ ମାତୃସ୍ମୃତି ଜାଗ୍ରତ ହେଲା । ସେ ମନେ କଲେ, ନିର୍ବାସନ ଦୁଃଖରେ ତାଙ୍କର ଜନନୀ ଧରଣୀ ଦେବୀ ଯେମନ୍ତ ବିଦୀର୍ଣ୍ଣା ହୋଇ ପଡ଼ିଲେ । ସ୍ୱାମୀ-ବିରହ-ବିଧୁର ଜୀବନ ତଣ୍ଡ ଦୁଃଖଜର୍ଜ୍ଜରିତା କନ୍ୟାକୁ ମୃତକଳ୍ପା ଭାବି ତାଙ୍କୁ ପୁନର୍ଜୀବନ ଦାନ କରିବା ପାଇଁ ଜନନୀର ହୃଦୟରୁ କ୍ଷୀର ପ୍ରସ୍ରବଣ ରୂପେ ତମସା ଯେପରି ଝରି ଆସିଲା । ତମସାର ପ୍ରକାଶ ଦ୍ୱାରା ପୃଥିବୀ-ଦେବୀର ପୃଷ୍ଠ ବିଦୀର୍ଣ୍ଣ ହେବା ଫଳରେ ପୃଥିବୀ ପକ୍ଷେ ତାହା ଘୋର ଯନ୍ତ୍ରଣାର ବିଷୟ ହେଲେହେଁ କନ୍ୟାର ଶାନ୍ତି ବିଧାନ ପାଇଁ ହିଁ ସେ ଯେପରି ସେହି ଯନ୍ତ୍ରଣା ବରଣ କରିଥିଲା । ଜନନୀର ପ୍ରାଣ ସନ୍ତାନର ଦୁର୍ଦ୍ଦଶାରେ କିପରି ବ୍ୟଥାପ୍ରାପ୍ତ ହୋଇଥାଏ, ସେହି ଦୁଃଖର ଅପନୋଦନ ପାଇଁ ସେ କି କଷ୍ଟ ବରଣ ନ କରେ - କି ସ୍ୱାର୍ଥତ୍ୟାଗ ନ କରେ, ସୀତା ସେତେବେଳେ ଏହା ବେଶ ହୃଦୟଙ୍ଗମ କଲେ । କବିଙ୍କ ନିମ୍ନୋକ୍ତ ପଦାବଳୀରୁ ଏହି ଭାବ ପରିସ୍ଫୁଟ ହେବ ।

"ସୀତା ବୋଇଲେ 'ଏ ନୀର ମଧୁର ଏ ସ୍ୱଚ୍ଛ ନୀର
ନୀର ନୁହେ, ଜନନୀର କ୍ଷୀର ପ୍ରତ୍ୟକ୍ଷେ,
ଝରିଯାଉନ୍ତି ବହୁ ସ୍ନେହ ହୋଇ ଅଛୁଛି ଅମୃତ-
ଧାରାପରି ସୀତା ମୃତ କଳପା ଲକ୍ଷ୍ୟ;
ଓ ହୋ ତୁ ତ ମୋ ମା ଏ ଦେଶେ,
ତୁମେ ଦୁଃଖେ ବିଦୀର୍ଣ୍ଣବକ୍ଷା ତମସା ବେଶେ ।
ଛେଦା ଭେଦ ଅଛି ପୃଷ୍ଠ ସେ ପାଖ ହୋଉଛି ଦୃଷ୍ଟ
ତଥାପି ସୁତାକୁ ତୁଷ୍ଟ କରିବା ପାଇଁ,
ଝିଅ ହେଲେ ବୋଲ ସ୍ୱୀୟ ମର୍ମ ବଚନ
କନ୍ୟା ସେ ଶ୍ରେଷ୍ଠ ରତନ କରୁ ଗେହ୍ଲାଇ,
ଧନ୍ୟ ଧନ୍ୟ ମା ତୋ ହୃଦୟ
ମୋ ଦୁଃଖେ ଅତପ ପାଇଁ ବାଳିକା ମୟ ।"

ସୀତା ପୁଣି ମନେକଲେ, ରାମ ସାମ୍ରାଜ୍ୟରେ ଅପବାଦ ଗ୍ରସ୍ତା ହୋଇ ସେ ନିର୍ବାସିତା ହୋଇ ଥିଲେହେଁ ଜନନୀର ଚକ୍ଷୁରେ ସେ ଚିର ଅପବାଦ ରହିତା, ଶୁଦ୍ଧ ନିଷ୍କଳଙ୍କଚରିତା ସାଧ୍ୱୀ ଶିରୋମଣି କନ୍ୟାର ହୃଦୟ ବୁଝିବା ପାଇଁ ଜନନୀହିଁ ସମର୍ଥା ତାଙ୍କରି ସମ୍ପର୍କରେ ଆସି ସ୍ଥାବର ଜଙ୍ଗମ ପ୍ରଭୃତି ପବିତ୍ର ହେବେ ଏହା ଭାବ ମା' ଅଶିବା ସର୍ବଥା ସମୀଚୀନ—ଏହା ଭାବି ସୀତା ଯେତେବେଳେ ଶାନ୍ତି ବୋଧ କରୁଛନ୍ତି ଏବଂ ଯେଉଁ ତମସା ତୀରରେ ସେ ଜନନୀର ମୂର୍ତ୍ତିଭୂତ ସ୍ନେହ ମମତା, ଆଦର ସୋହାଗ ପାଇ ପାରୁଛନ୍ତି, ତାହା ଯେ ଲବଣିକ ତାଙ୍କର ଜନ୍ମ-ଗ୍ରହ ଯୋଗ୍ୟ ହେଲାଣି, ଏସେତେବେଳେ ସେ ଏହା ବୁଝିପାରୁଛନ୍ତି ।

ସେ କହୁଛନ୍ତି,—

"ରାମ ସାମ୍ରାଜ୍ୟେ ନୃପ ସୀତା ଲୋକ ଲୋଚନେ ଦୂଷିତା
ହୋଇ ରେ ନିର୍ବାସିତା ଯେ ତୋର ମନେ,
ନାହିଁ ପତିବ୍ରତା-ଧର୍ମ- ବଳେ ସ୍ଥାବରେ ଜଙ୍ଗମ
ପବିତ୍ର କରନ୍ତେ କ୍ଷମ ହେବ ଜଗତେ
ମାତା ବୁଝେ ସୁତା ବେଦନା
ମାତା ନେତ୍ରେ ଦକ୍ଷେମୁଖୀ ଚନ୍ଦ୍ରବଦନା ।
ତୋ ତୀର ତର ଆଶ୍ରୟ ହେଲାଣି ମୋର ନିଷ୍ଟୟ
ତମସା ତୋ ଶାନ୍ତିମୟ ପଦ କମଳେ, ।
ଶୂନ୍ୟ ଘର ଚତ୍ୱରେ ଜନନୀ କୋଳ ମାତର
ତାର ଅଧର—ଅନ୍ତର ମଧ୍ୟ ମଣ୍ଡଳେ ;
ଜନନୀ ଯା' ରନ୍ଧ ଗରଭ,
କାହିଁ କି ସେ ଅନ୍ୟସ୍ଥାନ ଲୋଡ଼ିବ ଅବା ।"

ମୁନିକୁମାରୀଗଣଙ୍କ ସହ ସୀତା ତମସାରେ ସ୍ନାନ କରିବାକୁ ଲାଗିଲେ । ସେମାନଙ୍କ ଅଙ୍ଗ ଚାଳନ ହେତୁ ତଟିନୀର ଜଳରାଶି ତରଙ୍ଗାୟିତ ହେଲା । କ୍ରମଶଃ ସମଗ୍ର ତଟିନୀ ତରଙ୍ଗମୟ ହୋଇଉଠିଲା । ସେହି ଅବଗାହନ ରତା ପ୍ରଫୁଲ୍ଲ ଗୁଳନ ତରଙ୍ଗ ସମୂହରେ ବନ୍ଦୀ ହୋଇ ଯେପରି କ୍ଷଣିକ ପାଇଁ ନିଷ୍ପନ୍ଦ ହୋଇଗଲା । ଫଳରେ ତମସାର ସ୍ୱଚ୍ଛ ଅସ୍ତିତ୍ୱ ସେଠାରେ ଲୁପ୍ତ ହେଲା । କବିଙ୍କର କଳ୍ପନା ଓ ପ୍ରକାଶ - ଭଙ୍ଗୀ ଏଠାରେ କି ଚମତ୍କାର ରୂପ ଧାରଣ କରିଛି ରସିକ ପାଠକମାନେ ନିମ୍ନୋକ୍ତ କାବ୍ୟ ପଦାବଳୀରୁ ତାହା ଉପଲବ୍ଧି କରିବେ,—

Digitized by srujanika@gmail.com

"ପୁଣ୍ୟସଲିଳା ସୁନିର୍ମଳା ପବିତ୍ର ତମସା ଜଳ
ତଥା ସ୍ୱଭାବ ସରଳ ମୁନି ସୁତାଙ୍କ,
ସ୍ନେହ ତମସା ଚଞ୍ଚଳ କରି ପ୍ରତିବିମ୍ବ ଛଳ
ହୋଇଥିଲେ ଅବିକଳ ସ୍ୱରୂପ ତାଙ୍କ,
ଅଳପନେ ତାଙ୍କ ବାହେ;
ବିରହ ମିଶାଇ ଦେଲା ଶୀଘ୍ର ଦାହେ ।
ଏତେ ସୀତା ସକାଶ ରହି ସହିବା ସକାଶ
ନାହିଁ ଶୁଭ ଅବକାଶ ଏହି ଜଗତେ
ହୋଇ ବହୁ ନେତ୍ରବତୀ ବହୁହୃଦ, ବହୁମତି,
ଲଭିଥିଲା ବୁଦ୍ଧିମତୀ, ଅନେକ କାପେ;
ସମଧର୍ମ ସମଗୁଣରେ
ଏହି ମନ ତୋଷ ଲଭେ ବନ୍ଧୁ ଗୁଣରେ ।"

'ତପସ୍ୱିନୀ'ର ବିଷୟବସ୍ତୁ କବି ରାମାୟଣରୁ ଆଣିଥିଲେହେଁ ଉପର୍ଯ୍ୟୁକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀତ ହେବ ଯେ, ସେ ରଚନାରେ ଯଥେଷ୍ଟ ନିଜତ୍ୱ ଓ ମୌଳିକତା ବଜାୟ ରଖିଛନ୍ତି । ମୁନିକୁମାରୀଗଣଙ୍କ ସହ ତମସାରେ ସୀତାଙ୍କ ସ୍ନାନ ରାମାୟଣରେ ଗୋଟିଏ ସାଧାରଣ ଘଟଣା । ମାତ୍ର ରଚନା କୌଶଳରେ କବି ଏଠାରେ ଯେଉଁ ସମୁଚ୍ଚ ଭାବ ଓ ଉଚ୍ଚ ରସମାଧୁରୀ ଲଳିତଛନ୍ଦରେ ଓ ଅନୁପ୍ରାସମୟ - ମଧୁର ପଦାବଳୀରେ ପାଠକବର୍ଗଙ୍କୁ ଉପହାର ଦେଇ ଅଛନ୍ତି, ତହିଁରେ ସତୀ ମହିମାର ଯେଉଁ ଉଜ୍ଜ୍ୱଳ ଆଲେଖ୍ୟ ଅଙ୍କନ କରିଅଛନ୍ତି, ତାହା ଚିନ୍ତା କଲେ ଗଙ୍ଗାଧରଙ୍କ ପ୍ରତିଭା ଓ ରଚନା ଶକ୍ତି କେଉଁ ଉଚ୍ଚ କୋଟିରେ ଯେ ଅବସ୍ଥାପିତ ଥିଲା, ତାହା ସହଜରେ ବୁଝା ପଡ଼ିବ 'ତପସ୍ୱିନୀ'ର ଅଷ୍ଟମ ସର୍ଗରେ 'ଆଶ୍ରମ ଶ୍ରୀ' ବର୍ଣ୍ଣନାରେ କବି ସତୀସୀତାଙ୍କ ମଧ୍ୟାହ୍ନ କାଳୀନ ବିଶ୍ରାମ ବେଳେ ତାଙ୍କର ତନ୍ଦ୍ରାବସ୍ଥାରେ ବିଭିନ୍ନ ମୂର୍ତ୍ତି ସମୂହ ମଧ୍ୟରେ 'ମହାନଦୀ' ଓ 'ଗୋଦାବରୀ'ର ମୂର୍ତ୍ତି ପ୍ରବେଶ କରାଇ ସେମାନଙ୍କ ସମୟୋପଯୋଗୀ ଯେଉଁ ମଧୁର ଚିତ୍ର ଅଙ୍କନ କରିଅଛନ୍ତି, ତାହା ଏକାନ୍ତ ହୃଦୟସ୍ପର୍ଶୀ । କଳ୍ପନା ଗୃହୀରେ ନେଇ ସେହି ମୂର୍ତ୍ତ - ସ୍ୱରୂପ ସ୍ଥାବରଜଙ୍ଗମଙ୍କ ବସ୍ତୁଗୁଡ଼ିକୁ ରୂପାୟିତ ଓ ଜୀବନ୍ତ କରି ସୀତାଦର୍ଶନ ଭିକାରୀ ରୂପେ ସେମାନଙ୍କୁ ତାଙ୍କ ସମ୍ମୁଖରେ ଉପସ୍ଥାପିତ କରି ଅଛନ୍ତି । ଗିରିରାଜ ଚିତ୍ରକୂଟ ପ୍ରଥମେ ଦେବୀଙ୍କ ଦର୍ଶନ ଲଭି ନିଜ ବୃତ୍ତାନ୍ତ ଜଣାଇ ସାରିଲା ପରେ ସ୍ୱଚ୍ଛୋଜ୍ଜ୍ୱଳ କାନ୍ତି ବିଶିଷ୍ଟା ଶୋଭନ ଶରୀରା ତୀବ୍ର-ତପଦର୍ପ-ଗଞ୍ଜିନୀ କାନନ ଲକ୍ଷ୍ମୀ-ସହଚରୀ କୁଞ୍ଚିତ ନୀଳକେଶୀ ପ୍ରସନ୍ନ ବଦନା ମୁନି ମନମୋହିନୀ 'ମହାନଦୀ' ଆସି ତାଙ୍କ ସମ୍ମୁଖରେ ଉପସ୍ଥିତ ହେଲା । ଏହି ନଦୀ - ଯୋଷାର ଗଳଦେଶରେ ଶ୍ୱେତ ମଲ୍ଲିକାହାର ମସ୍ତକରେ ମନୋହର ମଲ୍ଲୀକାଭରଣ, କର୍ଣ୍ଣ ଯୁଗରେ ଇନ୍ଦ୍ରନୀଳଦ୍ୟୁତି ଜମ୍ବୁ କୁଣ୍ଡଳ, କଟି ଦେଶରେ ଶୁକ୍ତି ରଚିତ ଭୂଷା ଭକ୍ତି ଓ କୃତଜ୍ଞତା ଜଣାଇ ସେ ସୀତାଙ୍କଠାରେ ପ୍ରକାଶ କରିଛି, ତାଙ୍କର ଶୁଭଦୃଷ୍ଟି ପାଇଛି ହିଁ ତାର ବକ୍ଷ ହୀରକ କ୍ଷେତ୍ର ଓ ତାର ଶରୀର କନକରେଣୁମୟ ହୋଇଅଛି । ନଗେନ୍ଦ୍ର ନନ୍ଦିନୀ ଗଙ୍ଗାଙ୍କ ଅବସ୍ଥାନ ସତ୍ତ୍ୱେ ସୀତା ଯେ ତାକୁ 'ମହାନଦୀ' ଉପାଧିରେ ଭୂଷିତା କରିଛନ୍ତି ସେଥିପାଇଁ ସେ ନିଜକୁ ଗୌରବାନ୍ୱିତା ମନେ କରିଅଛି । କବି ଲେଖିଛନ୍ତି, —

ତାପରେ ପଶିଲା ଏକ ନବରଙ୍ଗିଣୀ,
ସ୍ୱଚ୍ଛ ସମୁଜ୍ଜ୍ୱଳ କାନ୍ତି ମଞ୍ଜୁ ଅଙ୍ଗିନୀ;
ତୀବ୍ର-ଅତପ-ତାପ ଦର୍ପ ଗଞ୍ଜିନୀ
କାନନ-ସୁନ୍ଦରୀଙ୍କ ଚିର ସଙ୍ଗିନୀ ।
ଗଳା ଶୋଭିତ ଶ୍ୱେତ ମଲ୍ଲିକା ମାଳେ,
ମଧୁରେ ମନୋହର ଲଲାମ ଭାଲେ,
କର୍ଣ୍ଣ ଭୂଷଣ ଜମ୍ବୁ-ନୀଳରତନ
ଶୁକ୍ତି କରିଛି କଟି ଭୂଷା ରଚନ ।
କାନନ ବାସୀ-ମୁନି-ମନ-ମୋହିନୀ
କୁଞ୍ଚ କୁନ୍ତଳ ନୀଳ ବେଣୀ ଶୋଭିନୀ,
କୋମଳ କଳ ପ୍ରସନ୍ନ ମୁଖେ
ମଧୁରେ ଜଣାଇଲା ସତୀ ସମ୍ମୁଖେ
" ପୁଣ୍ୟଶୀଳ, କୃତଜ୍ଞତା ଘେନ ମୋହର,
ମୁଁ ଚିରଋଣୀ ସ୍ନେହ ଗୁଣେ ତୋହର;
ଶୁଝିବି ଋଣ କାହିଁ ? ନାହିଁ ମୋ ଶକ୍ତି,

Digitized by srujanika@gmail.com

କୃତାର୍ଥ କର, ପ୍ରଣମେ ସୁଜନ ମୋ ଭକ୍ତ ।
ମଣ୍ଡିତେ ମୋ ହୃଦରେ ନାହାନ୍ତି କେତେ ?”
କେ କାହିଁ ପାଉଅଛି ତୋ କୃପା ଏତେ ?
ତୋ ଶୁଭ ଦୃଷ୍ଟିପାତ ଲଭିଲା ଯେଣୁ
ମୋ ବାଲି ହୋଇଅଛି ସୁବର୍ଣ୍ଣ ରେଣୁ
କୀଡ଼ାରେ ରଂଜିବାରୁ ତୋ ଦରଶ ନେଇ
ମୋ ଉର କରିଦେଲୁ ହୀରକ ଖେଳ,
ଥାଉ ଗଙ୍ଗା ଯମୁନା ଶ୍ରୀବିଷ୍ଣୁପଦୀ,
ତୋ ଦତ୍ତ ଉପାଧିରେ ମୁଁ ‘ମହାନଦୀ’ । ”

ଉତ୍କଳୀୟ କବି ଉତ୍କଳର ପ୍ରଧାନ ନଦୀ ମହାନଦୀକୁ ପ୍ରସଙ୍ଗକ୍ରମେ ‘ତପସ୍ୱିନୀ’ କାବ୍ୟରେ ଏକ ଉଚ୍ଚସ୍ଥାନ ଦେଇ ତାର ଯେ ମାନ-ଭୂଷଣ ଗୌରବ ବୃଦ୍ଧି କରିପାରିଛନ୍ତି, ଏଥିରୁ ତାଙ୍କର ସ୍ୱଭାବ ମୌଳିକତା ତଥା ସ୍ୱଦେଶ ପ୍ରେମର ଉଜ୍ଜ୍ୱଳ ପରିଚୟ ମିଳୁ ନାହିଁ କି ?

ମହାନଦୀର ବିଦାୟ ପରେ ନିର୍ଜନ ରଡା ସ୍ଥଳୀରେ “ଗୋଦାବରୀ” କବିଙ୍କ ପୋଛୁ ପୋଛୁ ଦେବୀଙ୍କ ନିକଟରେ ଆସି ଉପଗତ ହେଲା । ସେ ଆଣିଥିଲା ଏକ କରୁଣଚିତ୍ର । ଚିତ୍ରର ପ୍ରଥମ ସ୍ତରରେ ଅଙ୍କିତ ଥିଲା ତାରପ୍ରିୟ ସହୋଦ ଦଣ୍ଡକାରଣ୍ୟର ଶୋକ-ଜୀର୍ଣ୍ଣ ଅବସ୍ଥା, ଯାହାକି ସୀତାଙ୍କ ସେ ସ୍ଥଳୀ ପରିତ୍ୟାଗ ପରେ ପରେ ସଙ୍ଘଟିତ ହୋଇଥିଲା । ସୁକବିଙ୍କ ଲେଖନୀ ତାହା ତାଙ୍କୁ ଦେଖାଇବାରେ ଲାଗିଲେ ।

୧୧ ଅଇଲା ଗୋଦାବରୀ ବିଷାଦ ଛାୟା
ବଦନେ ପଡ଼ିଅଛି ବିଷାଦ ଛାୟା,
ନୟନେ ବହି ବହି ଅଶ୍ରୁ ମୋଚନ,
ଅଞ୍ଚଳେ ପୋଛୁ ପୋଛୁ ଉଦ୍‌ବେଳନ,
ବିବିଧ ବର୍ଣ୍ଣନ ଉଜ୍ଜ୍ୱଳ ରଙ୍ଗେ
ରଂଜିତ କରି ଆଣିଥିଲା ତା’ ସଙ୍ଗେ,
ସତୀଙ୍କ ଅନୁମତି ନେଇ ସତ୍ୱର
ପିଟାଇ ଦେଖାଇଲା ସ୍ତର କ୍ରମ ସ୍ତର ।

ଚିତ୍ରର ପ୍ରଥମ ସ୍ତରରେ ଦେଖିବାକୁ ମିଳିଲା,—ବନସ୍ଥଳୀ ବିଚ୍ୟୁତ ପୁଷ୍ପରାଜି ପ୍ରାନ୍ତର-ଭୂମି ତାପରେ ବିକୀର୍ଣ୍ଣ । ବୃକ୍ଷ-ସମୂହ ଶୁଷ୍କ ପତ୍ରଗୁଚ୍ଛ ଧରି ହତଶ୍ରୀ ପ୍ରାପ୍ତ । କୌଣସି ବୃକ୍ଷର ଶାଖା କେତେକାଂଶରେ ଭଗ୍ନ ହୋଇ ଧ୍ୱଂସପ୍ରାୟ ହୋଇଛି ଅବନତ । ପରବର୍ତ୍ତୀ ସ୍ତରରେ ଅଙ୍କିତ ଅଛି,—ପକ୍ଷୀ ପୁରିଷ ପୂର୍ଣ୍ଣ ପତ୍ରାବଳୀରେ କୌଣସି ବୃକ୍ଷ ଧବଳିତ ଲୂତା ଜାଲ-ଜଡ଼ିତ କୌଣସି ବୃକ୍ଷ ବିବର୍ଣ୍ଣ ଓ ମଳିନ ।

କାହିଁ କୁସୁମାବଳୀ ବଲ୍ଲୀରୁ ଝଡ଼ି
ଖଣ୍ଡାଂଶୁ ଖରାଂଶୁରେ ଯାଉଛି ସଡ଼ି ।
ପାଦପମାନେ ଶୁଷ୍କ-ପତ୍ର-ବେଶେ
ମଳିନ ବେଶେ ରହିଛନ୍ତି ନିସ୍ତେଜେ
କାହାର ଶାଖାଟିଏ ହୋଇ ବିଭଙ୍ଗ
ବିକଳେ ପାରୁ ନାହିଁ ପାଦପ ଅଙ୍ଗ,
ତୃଣ ପତ୍ରେ ଲୋଡ଼ୁଅଛି ଶରଣ
କା’ ଶିର ଚର୍ମ, କାହାର ଚରଣ
ପକ୍ଷୀ ପୁରିଷେ ପୂରି ପତ୍ର ସକଳ
କାହା ଶରୀର କରୁଅଛି ଧବଳ
କେହି ବା ଲୂତା-ଜାଲ ମଳିନ ବାସ
ବଦନେ ତାଙ୍କ ନାଶିଅଛି ଉଲ୍ଲାସ

ଦଣ୍ଡକାରଣ୍ୟର ଏହି ପରି କେତୋଟି ଶୋଚନୀୟ ଛବି କବି ଗୋଦାବରୀ ପ୍ରଦର୍ଶିତ ଚିତ୍ରପଟରୁ ବିଭିନ୍ନ ସ୍ତରରେ ଚିତ୍ରଣ କରି ଅଛନ୍ତି । ସେସବୁ ଗୋଟି ଗୋଟି ହୋଇ ସୀତାଙ୍କ ପ୍ରଦର୍ଶିତ ହେଲା ପରେ ପରେ ସୀତା ତାଙ୍କର ପ୍ରିୟ ଅତୀତ ବିହାର ସ୍ଥଳୀ ଦଣ୍ଡକାର ଏହି ଦୁର୍ଦ୍ଦଶାରେ ମର୍ମାହତା ହୋଇ ଅଶ୍ରୁମୋଚନ କରି ତାର ଶାନ୍ତି କାମନା କରିଛନ୍ତି ।

“ବୋଇଲା ଗୋଦାବରୀ” ଦେଖିଲୁ ନେତ୍ରେ
ଦଣ୍ଡକା ଦଶା ତୋର ଛାଡ଼ିବା ପରେ । ”
ବୋଇଲେ ସତୀ ପର ଦୁଃଖ କାତର
“ ହା ହା ଦଣ୍ଡକ ମୋର କେଉଁ ପସର,
ଧନ୍ୟ ହୁଅନ୍ତି କଲେ ସତ୍ୱର ବିଧି
ମୋ ନେତ୍ର ନୀରେ ତୋର ଶାନ୍ତିର ବିଧି । ”

ଏଥିରେ ଗୋଦାବରୀର ସ୍ୱତନ୍ତ୍ର ବର୍ଣ୍ଣନା ବିଶେଷ କିଛି ନ ଥିଲେ ହେଁ ଗୋଦାବରୀ ତୀରସ୍ଥ ଦଣ୍ଡକା ଯାହା ଗୋଦାବରୀ ଦ୍ୱାରା ପାଳିତ ଓ ରାମ ସୀତାଙ୍କର ବନବାସ କାଳୀନ ପ୍ରିୟ ଅବାସ ସ୍ଥଳୀଥିଲା, ତାର ଏକ କରୁଣ ଦୁର୍ଦ୍ଦଶାମୟ ଚିତ୍ର କବି ଅଙ୍କନ କରି-ଅଛନ୍ତି । ଦଣ୍ଡକାର ଦୁରବସ୍ଥାରେ ଗୋଦାବରୀ ଶୋକ ସନ୍ତପ୍ତା ଓ ସେହି

Digitized by srujanika@gmail.com

ଦୂନେଙ୍କର ଅନୁମୋଦନ ପାଇଁ ସାଧ୍ୱୀ ଶିରୋମଣି ସୀତାଙ୍କ କୃପା ଭିକ୍ଷା କରିଅଛନ୍ତି । ସ୍ଥାବର ବସ୍ତୁ ମଧ୍ୟ ଏଠାରେ ସଚେତନ ଭୂମି ପରିଗ୍ରହଣ । କବିଙ୍କର ଅଦ୍ଭୁତ କଳ୍ପନା ଶକ୍ତି, ଗାମ୍ଭୀର୍ଯ୍ୟମୟୀ ଅଭିବ୍ୟକ୍ତି ଓ ମୌଳିକ ଚିନ୍ତାର ଯେଉଁ ଅପୂର୍ବ ପରିଚୟ ଏହି ପଦ ମାନଙ୍କରେ ରହିଛି, ତାହା ଅନୁଧ୍ୟାନ ଯୋଗ୍ୟ ।

ଏଠାରେ ପ୍ରବନ୍ଧର ଆଲୋଚନା ଏକ ପ୍ରକାର ସାଙ୍ଗ ହେଲା ଉକ୍ତ ରଚିତ ଅନ୍ୟ କାବ୍ୟ ମାନଙ୍କରେ ଭଙ୍ଗିମାର ଏପରି ବହୁଳ ଚମକ ଦେଖିବାକୁ ମିଳେନା । ସାମାନ୍ୟ ନଦୀ ବର୍ଣ୍ଣନାରେ କବି କୌଶଳ କି ଚମତ୍କାର ରୂପ ଧାରଣ କରିପାରେ, କବିପ୍ରତିଭା କି ଉପାଦେୟ ଆଲେଖ୍ୟ-ଅଙ୍କନ ଓ ଉପଭୋଗ୍ୟ ରସସୃଷ୍ଟି କରିପାରେ, ମେହେର କବି ଗଙ୍ଗାଧର ତାହା ଏହି କାବ୍ୟ ଦ୍ୱାରାରେ ପ୍ରକୃଷ୍ଟ ରୂପେ ଦେଖାଇ ଯାଇ ଅଛନ୍ତି । ଏହିଭଳି ଅନ୍ୟ କୌଣସି କବି ଏଦିଗରେ ଅଧିକତର କୃତୀତ୍ୱ ଦେଖାଇ ପାରିଥିବା ମନେ ହୁଏ ନା ।

## ମୋତିର ଫୁଲ

ଶ୍ରୀ ଯୁଗଳ କିଶୋର ଦତ୍ତ

ମେଘଫଗୁଣର ଗୋଟିଏ ସଞ୍ଜ—

ଶିଳ୍ପୀ ବସି ଚଳାଇଛି ତାରତୂଳୀ—ଦିନ ଦିନ ଧରି ସେ ଆଙ୍କି ଚାଲିଛି । ଜାଣେନା କାହା ପାଇଁ କରୁଛି । ତଥାପି ତାର ତୂଳୀ ବୁଲିଯାଏ ଛବିଟା ଉପରେ ।

ବାହାରେ ଅଫୁରନ୍ତ ଜ୍ୟୋତ୍ସ୍ନା—କିନ୍ତୁ ଯେପରି ମନ—ଉଷ ମ୍ଳାନ—ଶିଳ୍ପୀ ତୂଳୀଚଳାଇ ଚାଲିଛି ଚିତ୍ରର ପ୍ରତି ଅଙ୍ଗରେ, ତୂଳୀର ସ୍ପର୍ଶରେ ଛବିଟିରେ ସଜେଇବା ଅଶ୍ରୁର ସ୍ପନ୍ଦନ । ଜାଣେନା କାହାର ଏ ଛବି । କିନ୍ତୁ ଚମକି ପଡ଼େ ଶିଳ୍ପୀ—ଏ କ’ଣ ? କାହାର ଛବି ତାହାର ଅଜାଣତରେ ଫୁଟି ଉଠିଛି—ବାସ୍ତବରେ ଗୃହ ରୂପେ । ଅଜାଣତରେ ବାହାର ଅପେ ରେଖା । ମନ ବିଳପି ଉଠେ । ଯେପରି ପୁଣି ତାର ଅତୀତ ଫେରି ଆସିଛି । କିନ୍ତୁ ପୁଣି ସଚେତ ହୋଇ ଉଠେ—ଛବିଟିକୁ ବାତ୍ୟାବତାର ଉପରେ ଫିଙ୍ଗିବାକୁ ଲାଗିପଡ଼େ ।

ରେଖା—ନିଜେହିଁ ଉଠେ । କାହିଁକି ପୁଣି ତାର ମନ ରେଖା କଥା ଭାବୁଛି । ସେ ଯାଇଛି ସେ ଯାଉ । ସଂସାରରେ ତାର ଅନେକ—ଅତୀତକୁ ଭାବି କ’ଣ ଆନନ୍ଦ ପାଇବ ? ନା—ତେବେ -

ମନେ ପଡ଼େ ସୁନେଲି ରଙ୍ଗର ମୁହଁ ଉପରେ ଦୁଇଟି କଳା ଆଖି । ଭୁଲିବାକୁ ଚେଷ୍ଟାକରେ; କିନ୍ତୁ ମନଚଞ୍ଚଳ ଅଶ୍ରୁ ନିଏ ଅତୀତରେ ଖଣ୍ଡ ଖଣ୍ଡ ଇତିହାସ । ରେଖାର କ’ଣ ନ ଥିଲା—ଆଖିରେ ଥିଲା ଗୋଟିଏ କରୁଣ ଭାଷା, କୁଞ୍ଚ କୁଞ୍ଚ ବାଳ, ଅଭିମାନୀ ନାକ ଆଉ - -

ଶୃଙ୍ଗଦଏ ଝରକାପାଖେ ହେଇ ଦୂରେ ବହୁ ଦୂରେ ଆକାଶ ଯେଉଁଠି ତାର ସୀମାରେଖା ମିଶି ଯାଇଛି ପୃଥିବୀର କୋଳରେ । ହାତରେ ତୂଳୀଧରି ସେ ଚାହିଁ ରୁହେ ଦୂରକୁ—ଆହୁରି ଦୂରକୁ । ହଁ, ରେଖା ଦିନେ ଭଲ ପାଇଥିଲା—ଏଇ ତାର ଶିଳ୍ପ ଭିତର ଦେଇ । କେତେ ଦିନ ତଳର ଘଟଣା ସେ ଗୁଡ଼ାକ—ବହୁତ ଦିନତ ଗଡ଼ି ଗଲଣି । ପୁଣି ଏବେ ମଧ୍ୟ କାହିଁକି ମନେ ପଡ଼ୁଛି ? ରେଖା କଣ ଠିକ୍ ଏହିପରି ଭାବୁଥିବ ? ନା, ସେ’ତ ବିବାହ କରି ଯାଇଛି । ତେବେ---—।

ଶିଳ୍ପୀର ସବୁ ଗୋଳମାଳଆ ହୋଇଯାଏ-ତୂଳୀରଖି ଘର ଭିତରେ ବୁଲେ । ଅନୁଭବେ ବହୁତ କିଛି—ଯାହା ସେ ପ୍ରକାଶ କରି ପାରେନା । ଏଇ ଛବି ପାଇଁ ରେଖା ଆଗ୍ରହ ବାନ୍ଧି ନାଁ ଦେଇଥିଲା “ଶିଳ୍ପୀ” । କିନ୍ତୁ ଆଜ---ଆଉ ଗୋଟାଏ ମନକୁ ଜୟଚର ହୁଏତ କରିଥିବ ଆଉ କିଛି । ନାଁ ସେ—ଶିଳ୍ପୀ ଅବଜ୍ଞାର ହସ ହସି ଉଠେ ।

ପାଞ୍ଚଟି ବର୍ଷ ବିତିଛି । ଶିଳ୍ପୀର ଚବିଶ ନାହିଁ ଛବି

Digitized by srujanika@gmail.com

ଅଙ୍କି ବାରେ —ସେ ଆଙ୍କି ଚାଲିଛି । ଦିନେ ପ୍ରେରଣା ଦେଇ ନିରଖା କରିଥିଲା ତାକୁ "ଶିଳ୍ପୀ" —ଦୁନିଆରେ କିଏ— କିନ୍ତୁ ସେ ଭୁଲିଗଲା କିପରି ? ମନେପଡ଼େ ଦିନେ ସେ ଆଗ୍ରହରେ କହିଥିଲା, "ଅଚ୍ଛା, ଜୀବନରେ ଯଦି ଆମେ ତୁମେ ମିଳି ପାରନ୍ତେ, ତେବେ ମୁଁ ହୋଇଥାନ୍ତି ଛବି, ଆଉ ତୁମେ ହୋଇଥାନ୍ତ ରୂପ । କିପରି ହୁଅନ୍ତା"—

ଶିଳ୍ପୀ ହସି କହିଥିଲା— "ସୁନ୍ଦର ହୁଅନ୍ତା ରେଖା, କିନ୍ତୁ ତୁମର ଏହି ଭାବ ଆଉ ମୋର ରୂପ ହୁଏତ ପୂର୍ଣ୍ଣତା ଲାଭ କରିବନାହିଁ" । ସେ ବଙ୍କା ଓଠରେ ସ୍ମିତ ହାସ୍ୟ କ୍ଷଣକ ଲାଗି ଖେଳାଇ ଥିଲା । କିନ୍ତୁ ରେଖାର ପ୍ରେମ କେବଳ ଜଣକ ଭିତରେ ସୀମାବଦ୍ଧ ଥିଲା—ସେ ଚାହିଁଥିଲା ବନ୍ଧନ ଭିତରେ ନିଜକୁ ହଜାଇ ଏଇ ପୃଥିବୀରେ ବଞ୍ଚି ରହିବ । କିନ୍ତୁ ଶିଳ୍ପୀ ଚାହିଁ ଥିଲା ତାକୁ ଧରିରଖିବ ଏକାନ୍ତ ଭାବରେ । ସେ ଚାହିଁଥିଲା ରେଖା ହେବ ତାର ନିଜର, ଆଉ ସେଥିରେ ରହିବ ନାହିଁ କାହାର ଅଧିକାର । ଏଇ କଥା ନେଇ ଦିନେ ଆରମ୍ଭ ହୁଏ ରେଖା ସହିତ ବାଦାନୁବାଦ- ଅଭି ଜୟଯୁକ୍ତା ହୁଏ ରେଖା । ସେ କହିଥିଲା, "ଆପଣଙ୍କର ମନ ଏତେ ଛୋଟ ବୋଲି ଭାବି ନଥିଲି, ଆପଣ କ'ଣ ଭାବନ୍ତି କେବଳ ଆପଣଙ୍କୁ କେନ୍ଦ୍ର କରି ମୋ ପ୍ରେମ ଏଇ ଦୁନିଆରେ ବଞ୍ଚି ରହିବ ? ମୋର କ'ଣ ଅଧିକାର ନାହିଁ ଅନ୍ୟ କାହା ସହିତ ମିଶି ହସିଖେଳି ପଦେ ଅଧେ କଥା କହିବାରେ ? ମୋର କ'ଣ—"

କଥା ଉପରେ ଜୋର ଦେଇ ଶିଳ୍ପୀ କହିଥିଲା, "ରେଖା- !"--- କିନ୍ତୁ ପର ମୁହୂର୍ତ୍ତରେ ନରମିଯାଇ କହିଥିଲା, "ମୋର ଭୁଲ୍ ରେଖା, ମୋର ଭୁଲ୍, ତୁମେ ଯାହା ଭଲ ଭାବ, ତାହା କରିଯାଅ—ତୁମର ମନକୁ ଲଗାମ ଲଗାଇ ରଖିବାକୁ ଚାହେଁନା । ତୁମେଯାଅ—ଫେରି ଯାଅ"

ପାଞ୍ଚଟି ବର୍ଷ ବିତି ଯାଇଛି । ଶିଳ୍ପୀ ତୁଳୀ ଚଳାଇ ଚାଲିଛି ଏବେ ମଧ୍ୟ—କିନ୍ତୁ ଚମକି ପଡ଼ିଲା ଗୋଟିଏ କୋମଳ କଣ୍ଠର ଡାକରେ "ଶିଳ୍ପି !"

"କିଏ ?"---"କିଏତାକେ ?" ତୁଳି ପକାଇ ଚାହିଁ ଦେଖେ ରେଖା । ବିଶ୍ୱାସ କରି ପାରିଲା ନାହିଁ ଆଖିକୁ । ନିଜକୁ ଥରେ ଭଲକରି ଦେଖିଲା—ନିଜର ମସ୍ତିଷ୍କ ବିକୃତ ହୋଇ ନାହିଁତ—ନା, ସେ ଠିକ୍ ଅଛି । ତେବେ—

—"ଚିହ୍ନି ପାରୁଛ ଶିଳ୍ପି !"— —

—"ଶିଳ୍ପି !—କିଏ ଶିଳ୍ପୀ ରେଖା ? —ନିଜ ପେ ମରିଛି ।

—"ଛି—ସେ କ'ଣ ?"— —

ଶିଳ୍ପୀ ଗର୍ଜନ କରି ଉଠିଲା— "ତୁମେ ଚାଲିଯାଅ । ମୋର ସାଧନା ମନ୍ଦିରରେ କିନ୍ତୁ ପଶିବାଅନାହିଁ । ମୋର ସୃଷ୍ଟିକୁ ସାର୍ଥକ ରୂପେ ରୂପଦିଅ ! " ଟିକିଏ ହସି ରେଖା କହିଲା "ତୁମର ସାଧନା କ'ଣ ଶିଳ୍ପି ! "

— " ଭୁଲିଅ ନାହିଁ ରେଖା, ନାରୀ ହୋଇ ମଧ୍ୟ ତୁମେ ନାରୀ ନୁହଁ- ତୁମେ କଠିନ-ତୁମେ ଫେରିଯାଅ" କ୍ଷଣକ ପାଇଁ ଘରଟା ନୀରବ । ବାହାରେ ବୃକ୍ଷଙ୍କ ଠି ଗୋଟାଏ ଝିଙ୍କାରିର ଶବ୍ଦଭାସି ଆସୁଛି --, —

— " ତୁମେ ମୋର ସବୁ ଅହଙ୍କାର ଚୂର୍ଣ୍ଣକରି ତୁମର ସୃଷ୍ଟିରେ ପୁଣି ମୋତେ ନୂଆ କରି ଗଢ଼ ଶିଳ୍ପି ! "

ହସି ଉଠିଲା ଶିଳ୍ପୀ- "ମୁଁ ଶିଳ୍ପୀ କିନ୍ତୁ ଶିଳ୍ପୀର ସ୍ରଷ୍ଟା ନେଉତୁମେ ! "

ଛବିଟି ଉପରେ ରେଖାର ଆଖି ପଡ଼ିଗଲା । ଚମକି ପଡ଼ିଲା ସେ--" ଏ କ'ଣ ? ଏଯେ ମୋର ଛବି ! ତେବେ···ତୁମର ସାଧନା କ'ଣ — "

— " ଭୁଲ ବୁଝ ନାହିଁ ରେଖା, ଆଜି ତୁମେ ନିଜର ଅଧୀନରେ ନାହିଁ — ତୁମେ ବିବାହିତ । ପୁଣି କାହିଁକି ଅତୀତର ତୁମର ଜୀବନପ୍ରତି ଦୃଷ୍ଟି ଦେଉଛ !! " ସାଗି ଉଠିଲା ରେଖା — "ଶିଳ୍ପି ! ଏତେ ଦିନ ପରେ ମଧ୍ୟ ସେଇକଥା--- ତୁମର ସାଗ କ'ଣ --- "

— " ସାଗ ? ଭୁଲ ବୁଝୁଛ, ତୁମେଯାଅ---- ମୋର ଅନୁରୋଧ ଏ ଦିନର ସାଧନା ଭିତରେ ତୁମେ ଆଉ ଆସନାହିଁ !! ତୁମେ — "

Digitized by srujanika@gmail.com

ନେରଖା ଛବିଟି ପାଖକୁ ଯାଇ ହଠାତ୍ ହସି ଉଠିଲେ---
ନୀଳ ରଙ୍ଗର ତୁଳୀଟିକୁ ଚଳାଇ ଦେଲେ ଛବିଟି ଉପରେ-
ଜାଲା ଛକ ଟାଏ । କ୍ଷଣିକ ଭିତରେ ଛବି ନେଲା ଗୋଟାଏ "ବିକୃତ ରୂପ । ଚମକି ଉଠିଲେ ଶିଳ୍ପୀ ଏକ'ଣ କଲି" ଦେଖା ?- ମୋର ଏତେ ଦିନର ସାଧନା — ଏତେଦିନର-

"ଥାଉ, ଶିଳ୍ପୀର ତୃଷ୍ଣା ଅଛି ମରନ୍ତୁ । ତାକୁ ଭୁଲିଯାଅ !! " ଅଖିରୁ ଲୁହ ଗୋଟି ଗୋଟି ଝରିପଡ଼ି ଦେଇ ଫେଣ୍ଟୁ ବାହାରି ଗୁଳିଗଲା ଦେଖା ।

ନିର୍ବାକ୍, ଓ ନିଷ୍ପନ୍ଦରେ ଶିଳ୍ପୀ ଗୁଡ଼ିଏ ରହିଲା ତାର ଅନନ୍ତ୍ୟ ପଥକୁ ।

## ପୁସ୍ତକ ପରିଚୟ

କୁଙ୍କୁମ:--

ମାନବ ସମାଜର ସବୁ ପ୍ରକାର ଅବଶ୍ୟକତାକୁ ବୁଝାଇ ହସାଇ ପତ୍ରିକାରର ଯେଉଁ ବୈଶିଷ୍ଟ୍ୟ, କୁଙ୍କୁମରେ ତାହା କେବଳ ଯେ ଆମେ ଦେଖି ପାରିବା, ତାହା ନୁହେ ! ଚିତ୍ରକଳାରେ ହସ୍ତର ନୈପୁଣ୍ୟ ଏବଂ ଭାବ ପ୍ରକାଶରେ ନୂତନ - ଭଙ୍ଗି ନିର୍ମାଣ ମଧ୍ୟ ଏଥିରେ ଆମେ ପାଇ ପାରିବା । କୁଙ୍କୁମର ୨ ୟବର୍ଷ ୪ ମ ସଂଖ୍ୟା ସଂପାଦକୀୟ ଲେଖାର ନିମ୍ନ ଉଦ୍ଧୃତ ଅଂଶଟିକୁ ଆମେ ଅଭିନନ୍ଦନ ଜଣାଉଛୁ :—

× × × × × ×

"ଯାହା ହେଉ ବିରହୀଙ୍କ ଅପେକ୍ଷା ମିଳନାର୍ଥୀଙ୍କ ଗଳ୍ପ ଅମର ବେଶି ଦରକାର ଏବଂ ଉଦ୍ଦେଶ୍ୟ ସମାଜ ପଥରେ ମଙ୍ଗଳକର ବାର୍ତ୍ତା ବହନ ସୃଷ୍ଟି କରୁଥିବ ଯେପରି ।"

× × × × × ×

ମାସିକ ଓଡ଼ିଆ ପତ୍ରିକାଟି ଚମ୍ପେରୁ ପ୍ରକାଶିତ । ସଂପାଦକ ଶ୍ରୀଦେବ ମହାପାତ୍ର । ପରିଚାଳକ ସଂପାଦକ ଶ୍ରୀ ଧୀରେନ୍ଦ୍ର ଦାସ ।

ଝଙ୍କାର:--

ଏ ଶୁଦ୍ଧ ସମାଲୋଚନା । ଏହି ମାସିକ ପତ୍ରିକାର ବୈଶିଷ୍ଟ୍ୟ ପତ୍ରିକାଟିର ସଂପାଦକୀୟ ଲେଖାରେ ମଧ୍ୟ ଏ ଘୋଷଣା କରି ଯାଇଛନ୍ତି । ଓଡ଼ିଶାର ଖ୍ୟାତନାମା ପ୍ରାୟ ସମସ୍ତ ସାହିତ୍ୟିକଙ୍କର ବିଭିନ୍ନ ରଚନାବଳୀ ଝଙ୍କାର ଏହାର କ୍ରମପାଠରେ ମିଳି ପାରିବ । ସଂପାଦକ--ଶ୍ରୀ ହରେକୃଷ୍ଣ ମହତାବ । କଟକରୁ ପ୍ରକାଶିତ ହୁଏ ।

ସତ୍ୟବାଦୀ:--

ନାମରେ ରହିଛି କେଉଁ ଅଲଭା ପ୍ରେରଣାର ଜ୍ୟୋତି, ଯାହା ଦେଖିଲେ ପ୍ରାଣରେ ଆସେ ଅମୃତର ଶିହରଣ । ସତ୍ୟବାଦୀ ! ଉତ୍କଳମଣି ଗୋପବନ୍ଧୁ ନିଜେ ଜନ୍ମଦାତା । ତାଙ୍କର ଆଦର୍ଶକୁ ପ୍ରାଣ ଦେବା-ପାଇଁ ଏ ପତ୍ରିକାକୁ ବଞ୍ଚାଇବାକୁ ହିଁ ହେବ । ସଂପାଦକ - ଉତ୍କଳମଣିଙ୍କ ଶିଷ୍ୟ ଶ୍ରୀ ରାଧାନାଥ ରଥ ଏବଂ କବିଚନ୍ଦ୍ର ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ । କଳା-ବିଭାଗ ସଂପାଦକ - ଶ୍ରୀ ଅନନ୍ତ ପଟ୍ଟନାୟକ ।

ଅଗଷ୍ଟ ପନ୍ଦର:--

ଲେଖକ:---ଶ୍ରୀ ରଘୁନାଥ ଦାଶ
ପ୍ରକାଶକ:-ଶ୍ରୀ ଶରତ ପଟ୍ଟନାୟକ
ସାହିତ୍ୟ ସଦନ, କଟକ
ମୂଲ୍ୟ ୫୦ ।

ଭାଷା ଓ ଭାବର ଶ୍ରେଷ୍ଠ ପେଟିକା ଭିତରେ ଅଛି ଅଗ୍ନିର ଝଲକ । ମାର୍କ୍ସବାଦ ପ୍ରେରଣାର ଫୁତ୍କାର ଅଗ୍ନି ଛୁଟିକା ଗୁଡ଼ିକ ବର୍ଣ୍ଣୁଛି । ବିଦେଶୀ ଶାସନର ଶୋଷଣଦାନ୍ତରୁ ଭାରତ ରକ୍ଷା ପାଇଲା, କୃଷୀ ମୂଲିଆ ରାଜରପ୍ରତୀକ ନଗ୍ନଫକୀର ମହାତ୍ମା ଗାନ୍ଧିଜୀଙ୍କର ନେତୃତ୍ୱରେ । କିନ୍ତୁ ଶୋଷଣ ଓ ପେଷଣର ବର୍ତ୍ତମାନ ବଦଳିଲା । ଭାରତର ଗୋରାଆଡ଼େ କଙ୍କାଳର ଜନତା ଆଗେଇ ମାଡ଼ି ଚାଲିଛନ୍ତି । ଭାରତର ସର୍ବ-ହରା ଶ୍ରେଣୀ ମନୋଷଧି - ବୁଦ୍ଧ ପରି କେତେଦିନ ଆଉ ଗର୍ଜିବେ ? ମାଡ଼ି ଚାଲନ୍ତୁ । — "ନୁହେଁ ଏହା ବୁଦ୍ଧପୂଜ । ତାର ଏଇ ଶେଷ ଅଭିଯାନ ଏ ମେଦିନୀରେ ସ୍ଥିତ ଯାର ଅସ୍ୱୀକୃତ ସୂଚ୍ୟଗ୍ର ପ୍ରମାଣ" ।

Digitized by srujanika@gmail.com

## ସଂପାଦକଙ୍କୁ ପତ୍ର

ଶ୍ରୀମତୀ ସୈନ୍ଦ୍ର କୁମାରୀ ଦେବୀ ଲେଖିଛନ୍ତି - 'ବୃନ୍ତଚ୍ୟୁତ'' ଗଳ୍ପଟି ପ୍ରେତ ବର୍ଷ ତଳେ ପଠାଇ ଥିଲି। ଚତୁରଙ୍ଗ ହଠାତ୍ ବନ୍ଦ ହୋଇଗଲା ପରେ ସେହି ଗଳ୍ପଟି ଫେରାଇ ଦେବାପାଇଁ ଦୁଇ ତିନି ଖଣ୍ଡ ପତ୍ର ଲେଖି କୌଣସି ଉତ୍ତର ପାଇ ନ ଥିଲି । ତେଣୁ ତାହା ହଜି ଯାଇଛି ଭାବି ପ୍ରାୟ ଆଠ ଦଶ ମାସ ପରେ ଝଙ୍କାରକୁ ସେହି ଗଳ୍ପଟି ପଠାଇ ଥିଲି ଓ ତାହା ଯଥା ସମୟରେ ପ୍ରକାଶିତ ହୋଇ ଥିଲା । ସେହି ଗଳ୍ପଟି ପୁଣି ଚତୁରଙ୍ଗରେ ପ୍ରକାଶିତ ହୋଇ ଥିବା ଦେଖି ଆଶ୍ଚର୍ଯ୍ୟ ହେଲି'' ।

'ବୃନ୍ତଚ୍ୟୁତ' ଗଳ୍ପଟି ଚତୁରଙ୍ଗ ୩ୟ ବର୍ଷ ୩ୟ ସଂଖ୍ୟାରେ ପ୍ରକାଶିତ ହୋଇଛି । ଘଟଣାଟିର ଆଦ୍ୟୋପାନ୍ତ ଆଲୋଚନା କଲେ ମନେହୁଏ ଅନବଧାନତା ହିଁ ଏସବୁ ପାଇଁ ଦାୟୀ ।

ସମ୍ପାଦକ
ଚତୁରଙ୍ଗ

Digitized by srujanika@gmail.com

# ଯୁଗଧାରା

**ଗୋପବନ୍ଧୁ :—**

କ୍ଷୁଧା-କଳପର ଉଦ୍ବେଗ-ନିଃଶ୍ୱାସ ନେଇ କାଳ ସାମରସ୍ୟ-ଚିନ୍ତା ଧରି କେତେ ଜଣ ଗଲେ । ସାଧାରଣ ଚିନ୍ତା ଅର୍ଥ, ଯାହାର ମୂଳରେ ଯେଉଁ ପ୍ରେରଣା ଗୋଟିକ ଥାଏ, ସମସ୍ତ-ନୀତି-ବିଧାନ ସେହି ପ୍ରେରଣା ଅନୁସାରରେ ଗଢ଼ି ଉଠିଥାନ୍ତି ବୋଲି, ବିଭିନ୍ନ-ଚିନ୍ତା ଗୁଚ୍ଛଙ୍କରେ ଗୋଟିଏ ସମନ୍ୱୟ ରହିଥାଏ । ଏହା ଅସତ୍ୟ ବୋଲି କହି ଯାଇଁ ପାରିବା ନାହିଁ ଯେ ଅନେକ ଥର ଏ ସାମଞ୍ଜସ୍ୟରେ ବ୍ୟତିକ୍ରମ ଆସେ । କାହିଁକି ଆସେ, ଏତେବେଳେ ସମସ୍ତ ବାହ୍ୟ ପ୍ରକାଶ ନିର୍ବାକ୍ ହୋଇ ଉଠେ ମାତ୍ର ସେ ବ୍ୟତିକ୍ରମର ପରିଣାମ ମଣିଷ କଥା ଆଡ଼କୁ ଆଗେଇ ଯିବେ । ଅନୁଭୂତି ରାଜ୍ୟରେ ଯେତେବେଳେ ଗୋଳମାଳ ପଡ଼େ, ଆମେ ନିଷ୍ପତ୍ତି ନିର୍ଣ୍ଣୟ କରି ପାରିବା । ଜଣେ ଜଣେ ପୁଣି ଧର୍ମର ସମନ୍ୱୟ ଆଣିବା ପାଇଁ କେଉଁଠୁ କିପରି ବାହାରି ପଡ଼ନ୍ତି । ତାହାର ବିରୁଦ୍ଧରେ ଅଧିକାଂଶ ଥରେ ବିକ୍ଷୁବ୍ଧ ହୋଇ ଉଠେ; କିନ୍ତୁ ଶେଷେ ଆପେ ଶାନ୍ତି ଲଭେ । ଯେଉଁମାନେ ସମସ୍ତ ଆଗାମୀକୁ ବର୍ଜନ କରି ତା' ଆଗରେ ମଥା ନୁଆଁଇ ଦିଏ । ଅନ୍ଧକାରର ଅବଗୁଣ୍ଠନ ମଧ୍ୟରେ ଠିକ୍ ପଥଟି ଦିଶିଯାଏ । ଚିର ଦିନର ଅଶ୍ରୁଧାର, ବ୍ୟତିକ୍ରମର ପଥ ବନ୍ଦ ହୋଇ ପାରେନାହିଁ ।

ମନୁଷ୍ୟ ନିଜ ନିଜ ମଧ୍ୟରେ ବହୁମା ଭଷା କଥ କହୁଛି; କିନ୍ତୁ କାହିଁ ? ଯଦି ନ ହେଲେ ତ ଜୀବନ କ୍ଷେତ୍ରରୁ ଅସତ୍ୟ ଓ ବ୍ୟତିକ୍ରମକୁ ଲିଭାଇ ଦେବାପାଇଁ ଗୋପବନ୍ଧୁ ହୋଇ ନାହିଁ ? କେହି ଜଣେ କାନ୍ଦେ । ସମସ୍ୟାଟି ସେ ଅନୁଭବ କରେ । ନିଜର ପ୍ରାଣପାତ କରି ସମାଧାନ ପାଇଁ ବ୍ୟାକୁଳ ହୁଏ । ତା'ର କରୁଣ କ୍ରନ୍ଦନରେ ନିସର୍ଗ ଯେ କିଛି ସ୍ତମ୍ଭିତ ନ ହୁଏ, ତା ମଧ୍ୟ ନୁହେଁ । ନେତାଙ୍କରେ ସମସ୍ୟାର ଅବସାନ ହୋଇ ଯାଏ ନାହିଁ । ସେ ଲାଗିପଡ଼େ ମଙ୍ଗଳର ବ୍ରତ ନେଇ । ଆବରଣ ଓ ବିକ୍ଷେପର ଦଶାରେ ତା'ର ଭୌତିକ ଅସ୍ତିତ୍ୱ ନିଃଶେଷିତ ହୁଏ ତାହାର ଜୀବନ ମନ୍ଥନରୁ ଅମୃତ ହୋଇ ଜାଳି ଉଠେ ଆଦର୍ଶଟିଏ ।

ଗୋପବନ୍ଧୁ ଏହି ପ୍ରକାର ଅନୁଭବୀ କର୍ମୀଙ୍କ ମଧ୍ୟରୁ ଜଣେ । ତାଙ୍କର ଜୀବନ ମନ୍ଥନରୁ ଯେ ଆଦର୍ଶ ଆମ ଆଗରେ ରହିଛି, ତା ଆମେ ଦେଖୁଥାଉଁ । ଉତ୍କଳବାସୀ ଆମେ ଗର୍ବ ଅନୁଭବ କରୁଥାଉଁ । ମନରେ ଏହି ନିଷ୍ଠୁର ମଧ୍ୟ ଆଣୁଥାଉଁ ଯେ 'ଜଗତର ସ୍ୱଭାବ ଠିକ୍ କୁକୁର ଲାଙ୍ଗୁଡ଼ ପରି । ଯେତେବେଳେ ଏହାକୁ ଆଦର୍ଶ ନଳରେ କେହି ଧରି ରଖେ, ଏହା ଅନାସ୍ତୃତ ଭାବରେ ସଳଖ ଥିବାର ଦେଖାଦିଏ ମାତ୍ର । ପରେ ଯେଉଁ ବଙ୍କକୁ ସେହି ବଙ୍କ । ଏ ସମାଧାନ କେଉଁଠି ?

ଗୋପବନ୍ଧୁଙ୍କର ମହାପ୍ରୟାଣ ପରେ ଆଜକୁ ବାଇଶଟି ବର୍ଷ ବିତିଲାଣି । ଉତ୍କଳର ପୁରପଲ୍ଲୀରେ ଦ୍ୱାବିଂଶତମ ଶ୍ରାଦ୍ଧଦିବସ ଭକ୍ତି ସହକାରେ ପାଳିତ ହୋଇଛି । ଏହି ଶ୍ରାଦ୍ଧଦିବସ ଉପଲକ୍ଷେ ଏହି ଅନାସ୍ଥା-ପୂର୍ଣ୍ଣ ଜଗତରୁ ତାଙ୍କର ଅମର ଆତ୍ମା ନିକଟରେ ଶ୍ରଦ୍ଧାଞ୍ଜଳି ଦେଉଛୁ, ସେହି ମହାସମସ୍ୟାଟିର ଚିର-ସମାଧାନ ପାଇଁ ବଳ ଓ ଆଶୀର୍ବାଦ ଭିକ୍ଷା କରୁଛୁ ।

**ସାର୍ବଭୌମତ୍ୱ :—**

ଦୂରେ ଭାବରେ ବିଚାର୍ କଲେ ଜଣାଯିବ, ପୃଥିବୀର ସବୁ ସମସ୍ୟା ମୂଳରେ ପ୍ରାଣ ଯୋଗାଇ ବସିଛି ଗୋଟିଏ ଅତିବଡ଼ ସମସ୍ୟା । ସେଇଟି

Digitized by srujanika@gmail.com

ହୋଇଛି ସାର୍ବଭୌମତ୍ୱ ଉପରେ କ୍ଷମତା-ପ୍ରତିଷ୍ଠାର ଅଭାବ । ପୃଥିବୀର ସମସ୍ତ ରାଷ୍ଟ୍ର ନିଜ ନିଜ ଜାତିଗତ ସୀମାରେ ସାର୍ବଭୌମତ୍ୱର ଭ୍ରମ ପୋଷଣ କରିବା ଦ୍ୱାରା ପୃଥିବୀ ଧୀରେ ଧୀରେ ରସାତଳକୁ ଯିବାକୁ ହିଁ ବସିଲାଣି । ସାର୍ବଭୌମତ୍ୱ କହିଲେ ସମସ୍ତ ଭୂମି ଉପରେ ସମସ୍ତ ଭୂମିବାସୀଙ୍କର ଅଖଣ୍ଡ ଅଧିକାର । ସାର୍ବଭୌମତ୍ୱ କୌଣସି ଗୋଟିଏ ଅଂଶରେ ରହେ ବୋଲି ଅସତ୍ୟକୁ ସ୍ୱୀକାର କରି ତଦନୁଯାୟୀ କ୍ଷମତାବାନ୍ ହେଲେ ଅଧାର୍ମିକ ଦାଉରେ ପୃଥିବୀ ଯେ ରକ୍ତାକ୍ତ ହେଉଛି, କାମାନ୍ଧ ଓ କ୍ରୋଧାନ୍ଧ ଲୋକ ବିପଦକୁ ଦେଖି ନ ପାରିବା ପରି, କେହି ଆଉ ତା' ଦେଖନ୍ତି ନାହିଁ ।

ଭାରତର ଇତିହାସ ଓ ପୁରାଣ ଗ୍ରନ୍ଥଙ୍କର ନିର୍ଦ୍ଦେଶରୁ ଆମେ ବୁଝି ପାରିବା ଯେ, ଅତୀତରେ ଯେ କୌଣସି ସମସ୍ୟାର ଅଂଶ ଉପରେ ସମାଧାନର ବ୍ୟର୍ଥତା ଅନୁଭବ କରି ଆସିଛନ୍ତି । 'ବେଣ' ରାଜତ୍ୱରୁ ଶାସନ ଯେତେବେଳେ କେନ୍ଦ୍ରଚ୍ୟୁତ ହୁଏ, ସେ ବ୍ୟତିକ୍ରମର ସମାଧାନ ଖୋଜିଲେ 'ପୃଥୁ' ସମଗ୍ର ପୃଥିବୀକୁ ଏକ ଶାସନାଧୀନ କରି । ତାଙ୍କ ନାମରେ ହିଁ ପୃଥିବୀ ପୃଥିବୀ ହେଲା । ମହାଭାରତ ଯୁଗରେ କୋଟି କୋଟି ସାର୍ବଭୌମତ୍ୱ ଭ୍ରମ ହିଁ ଅନର୍ଥର ମୂଳମନ୍ତ୍ର ବୋଲି ଅନୁଭବ କରିଥିଲେ ମହାତ୍ମା ଶ୍ରୀକୃଷ୍ଣ । ଗୁଣବନ୍ୟ ଓ ଅଶୋକ ମଧ୍ୟ ସେହି ଆଦର୍ଶରେ ଅନୁପ୍ରାଣିତ ଥିଲେ । ଏହା ତ ଅତି ସହଜରେ ଆମେ ବୁଝୁଥାଇଁ । ଗାନ୍ଧିଜୀ ସମସ୍ତ ସମସ୍ୟାର ସମାଧାନକୁ ସେ ଦିଗରେ ହିଁ ଲକ୍ଷ୍ୟ ରଖି ନିରୂପଣ କରୁଥିଲେ ।

କ୍ଷମତା ବା କ'ଣ ? ମାନବିକ-ସଦାଚାରର ରକ୍ଷା କରିବା ଦିଗରେ ଯେ ଆବଶ୍ୟକତା, ସେଥିପାଇଁ ସମଗ୍ର ବ୍ୟକ୍ତି ଶକ୍ତିରୁ ଅଂଶ ଆହରଣ କରି ଯେଉଁ କେନ୍ଦ୍ରୀୟ-ଶକ୍ତିକୁ ସ୍ୱୀକାର କରାଯାଏ, ତା'ହିଁ କ୍ଷମତା । ସେ କ୍ଷମତା ଶାସନ କରେ । ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ସାମ୍ୟବାଦ ଆଦି ଯେତେ ପ୍ରକାର ବାଦ ପ୍ରଗତିର ବିପ୍ଳବ ଆଣୁଥିବା ଆମେ ଅନୁଭବ କରୁଁ କିମ୍ବା ଯେତେ ପ୍ରକାର ଧର୍ମ ବାଦବିବାଦକୁ ବିଗ୍ରହ ଦେଇ ଆସିଛନ୍ତି, ସେ ସମସ୍ତ ପ୍ରକାର ବାଦ ଓ ଧର୍ମର ମୌଳିକ ସମନ୍ୱୟ ମାନବିକ ସଦାଚାର ମଧ୍ୟରେ ରହିଛି । ମାନବିକ ସଦାଚାର ସେଠାରେ ଆପେ ଦେଖିବାକୁ ପାଇବା, ଯେଉଁଠାରେ କୌଣସି ପ୍ରକାର ଶୋଷଣ ନାହିଁ । ପୁଣି ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ କ୍ଷମତାର ମୂଳପିଣ୍ଡ ହେଉଛି ଏକତା । କୋଟି ସାର୍ବଭୌମତ୍ୱ-ଭ୍ରମର ମରୀଚିକାର ଅବରଣ ମଧ୍ୟରେ ଏକ ମାନବିକ ସଦାଚାର ଅଧାର୍ମିକ ହେତୁ ବିଭିନ୍ନ ରଙ୍ଗରେ ଦେଖାଯାଏ, ଯେପରି ବିଭିନ୍ନ ରଙ୍ଗର କାଚ ଦେଇ ସୂର୍ଯ୍ୟ କିରଣ ବିଭିନ୍ନ ରଙ୍ଗରେ ଦେଖାଗଲା ପରି ଏକତା ବାନ୍ଧି ହୋଇଯାଏ । କ୍ଷମତା ମଧ୍ୟ ସଦାଚାର ରକ୍ଷା ଭ୍ରମରେ ବାନ୍ଧି ହେବାରୁ ସଦାଚାର ବିଭୁଙ୍କରେ ଖଣ୍ଡ-ଖଣ୍ଡ ହୁଏ । ଅସଦାଚାରୀ ଖଣ୍ଡ ଖଣ୍ଡ ଅଟ୍ଟହାସ କରେ ।

ସଦାଚାର ଯେ ଉଡ଼ିଯାଏ ତା' ମିଥ୍ୟାକଥା । ତା'ର ଅସଲ ପ୍ରକୃତି ଥାଏ, ସେ ଲୋପହେଲେ ସବୁ ଲୋପ ହେବ । ସତ୍ୟ ଓ ଅହିଂସାର ଅନ୍ୱେଷଣ ବରଦ ତାକୁ ସାହସୀ କରି ଗଢ଼ି ଦିଏ । ଅନୁଭୂତ ରାଜ୍ୟରେ ଅସିଯାଏ ଆନ୍ଦୋଳନ ଓ, ବିଶ୍ୱ ସାର୍ବଭୌମତ୍ୱ ଉପରେ କ୍ଷମତା ପ୍ରତିଷ୍ଠିତ ନ ହେଲେ କୌଣସି ସମସ୍ୟାର ସମାଧାନ ନାହିଁ ।

**ଅହିଂସା :—**

ଗାନ୍ଧିଜୀ କହୁଥିଲେ, "ମୋର ଅହିଂସା ଆଣବିକ ବୋମା କ'ଣ, ଯେତେ ବଡ଼ ଅସ୍ତ୍ର ସମ୍ଭବ ସୀମା ମଧ୍ୟରେ ଅଛି ସେ ସମସ୍ତ ଅସ୍ତ୍ରଠାରୁ ବହୁ ଗୁଣରେ ବଡ଼" । ଅଭିଜ୍ଞମାନେ କହିବେ ତାଙ୍କର ଉଦ୍ଦେଶ୍ୟ, ବିଶ୍ୱପ୍ରେମ ବା ଅହିଂସା ସମସ୍ତ ମାରାତ୍ମକ ଅସ୍ତ୍ରକୁ ଅପ୍ରବୃତ୍ତ କରିପାରେ । ଗତ ଜୁନ ତା ୧୯ରିଖରେ, ଆମେରିକାର ବିଶ୍ୱବିଖ୍ୟାତ ପଦାର୍ଥବିତ୍ ଡକ୍ଟର ଆଲବର୍ଟ ଆଇନ୍ ଷ୍ଟାଇନ୍ ପରମାଣୁ ବୋମା ରଖିଥିବା

Digitized by srujanika@gmail.com

ପ୍ରତ୍ୟେକ ଦେଶକୁ ସଂବୋଧନ କରି କହିଲେ, "ସେମାନେ ଏକ ମହାଜାତୀୟ ବିଶ୍ୱସରକାର ହାତରେ ଏମାନଙ୍କ ଅସ୍ତ୍ର ଦେଇ ଦେବା ଉଚିତ" । ଆଇନ୍‌ଷ୍ଟାଇନ୍ ତାଙ୍କ ଭାଷଣରେ କହୁଛନ୍ତି, "ଯୁଦ୍ଧ ଏଡ଼ିବା ନିକୃଷ୍ଟତମ ପନ୍ଥା, ଅସ୍ତ୍ର ଶସ୍ତ୍ର ତିଆରି ଦୌଡ଼ । ଅବିରତ ଅସ୍ତ୍ର ଶସ୍ତ୍ର ତିଆରି ଦୌଡ଼ ଯୁଦ୍ଧ ଆଡ଼କୁ କଢ଼ାଇ ନେବା ଅନିବାର୍ଯ୍ୟ" । ( The armaments race is the worst method to prevent an open conflict. He continued, 'armament race would inevitably lead' to war.')
ବର୍ତ୍ତମାନ ଯୁଗରେ ସମସ୍ତ ରାଜନୈତିକଙ୍କର ଚିନ୍ତାଧାରା ମଧ୍ୟରେ ମହାତ୍ମାଗାନ୍ଧୀଙ୍କର ଭାବଧାରାକୁ ଉଜ୍ଜ୍ୱଳତମ ଆଖ୍ୟା ଦେଲେ ଦୋଷ ଦେଇ ନ ପାରନ୍ତି; ଗାନ୍ଧୀଜୀଙ୍କ ଚିନ୍ତାଧାରାକୁ ସମସ୍ତେ ଅନୁସରଣ କରିବାକୁ ପ୍ରୟାସ ମଧ୍ୟ କରିଛନ୍ତି । (Mahatma Gandhi's views were the most enlightened of all the political men of our times. We should strive to do things in his spirit.) କଥା ଓ କାର୍ଯ୍ୟର ଅସାମଂଜସ୍ୟତା ନେଇ ଭାଷଣର ମୂଲ୍ୟ ହ୍ରାସ ହେଉ ନ ହେଉ, ଏମନ୍ତ ବିଚାରରେ ଯୁକ୍ତି ନାହିଁ ।

ସତ୍ୟ ଉପରେ ସମତା-ପ୍ରତିଷ୍ଠା ନ ହେବା ହେତୁ କେବଳ ଯେ ଅସ୍ତ୍ରଶସ୍ତ୍ର ବୃଦ୍ଧିର ପ୍ରୟୋଜନ ହେଉଛି, ତା ନୁହେଁ, ଅହିଂସା ଚିନ୍ତାଧାରା ଗ୍ରହଣର ମୂଳରେ ପ୍ରେରଣା ଦେଉଥିଲେ ମଧ୍ୟ ଦୁର୍ଭାଗ୍ୟତଃ ଶକ୍ତିଶାଳୀ ହୋଇ ପାରୁନାହିଁ, ସନ୍ଦିଷ୍ଟା ବଢ଼ନ୍ତ ହେଉଛି-ଯାବତୀୟ ସମସ୍ୟା ସୃଷ୍ଟି ହେଉଛି ।

**ଆଦର୍ଶ ଓ ପନ୍ଥା:—**

ଗତ ମହାସମର ପ୍ରାରମ୍ଭରେ ଜର୍ମାନୀ ହର୍ ହିଟ୍‌ଲର୍ କହିଲେ —

If I were going to attack an opponent I should act quite differently from Mussolini, I should not negotiate for months befor hand and make lengthy preparations but as I have always done throughout my life I should suddenly like a flash of lightening in the night hurl my-self in the enmey. ("କୌଣସି ଶତ୍ରୁପକ୍ଷକୁ ଆକ୍ରମଣ କରିଗଲେ ମୁଁ ମୁସୋଲିନୀଙ୍କଠାରୁ ଏକାବେଳକେ ପୃଥକ୍ ଭାବରେ କାର୍ଯ୍ୟ କରନ୍ତି । ମୁଁ ଆଗରୁ ମାସ ମାସ ଧରି କଥାବାର୍ତ୍ତା ଚଳାନ୍ତି ନାହିଁ କିଂବା ଦୀର୍ଘ ସମୟ ବ୍ୟାପୀ ଆୟୋଜନ କରନ୍ତି ନାହିଁ; କିନ୍ତୁ ଜୀବନରେ ସବୁବେଳେ ମୁଁ ଯେପରି କରିଆସିଛି ଠିକ୍ ସେହିପରି ଭାବରେ ରାତିରେ ବିଜୁଳି ଚମକ ପରି, ହଠାତ୍ ଶତ୍ରୁ ଉପରେ ସମସ୍ତ ଶକ୍ତି ପ୍ରୟୋଗ କରନ୍ତି ।") ଆଜି ସେ ନାହିଁ, ତାଙ୍କର ଜର୍ମାନ ନାହିଁ । ଠିକ୍ ହିଟ୍‌ଲରଙ୍କ ସେହି ପନ୍ଥା ଧରି ଉତ୍ତରକୋରିଆ ଦକ୍ଷିଣ କୋରିଆ ଉପରେ ଆକ୍ରମଣ କରିଦେଲା । ଉତ୍ତର କୋରିଆ ଅଭିଯାନର ଲକ୍ଷ୍ୟ ଯେ "ସିଙ୍ଗମେନଙ୍କ ଫାସିଷ୍ଟ ସରକାରକୁ ଧ୍ୱଂସ କରିବାକୁ ହେବ, କୋରିଆରେ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ହେବ" । ଏ ଲକ୍ଷ୍ୟ ଏବଂ କାର୍ଯ୍ୟପନ୍ଥାର ମୂଳରେ ମନୁଷ୍ୟୋଚିତ ବିଚାର ବୁଦ୍ଧି କେତେ ପରିମାଣରେ ରହିଛି ଫଳାଫଳ ଦେଖି ଜଗତ ଅବଶ୍ୟ ବିଚାର କରିବ । ସମୟ ସୁଯୋଗ ନେଇ ବା ଅନ୍ୟ କୌଣସି ଅନୁକୂଳତା ଯୋଗୁଁ ଉତ୍ତର-କୋରିଆର ଅଭିଯାନ ସଫଳ ହୋଇଗଲେ ମଧ୍ୟ ଭାରତ ଭଳି ସତ୍ୟ ଆଦର୍ଶରେ ଉଦ୍‌ବୁଦ୍ଧ ଦେଶ ଏପରି ଆକ୍ରମଣକୁ କଦାପି ସମର୍ଥନ ଦେଇ ନ ପାରେ ।

କୌଣସି ଦେଶର ଲୋକେ ନିଜ ଦେଶର ଶାସନତନ୍ତ୍ର ପରିବର୍ତ୍ତନର ଆବଶ୍ୟକତା ଅନୁଭବ କଲେ ଅହିଂସା-ବିପ୍ଳବ ଦେଇ ତାହା ସାଧନ କରିବା

Digitized by srujanika@gmail.com

ଅନ୍ୟ ସମସ୍ତ ପନ୍ଥାଠାରୁ ଯେ ସ୍ୱତନ୍ତ୍ର, ଭାରତ ସ୍ୱାଧୀନ ସଂଗ୍ରାମ କରି ତାହା ପ୍ରମାଣ କରି ଅନ୍ୟାନ୍ୟ ଦେଶମାନଙ୍କୁ ଦେଖାଇ ଦେଇଛନ୍ତି । ଅବଶ୍ୟ ଏହା ସର୍ବତ୍ର ପ୍ରେମ ଅହିଂସାତ୍ମକ ଭାବରେ ପ୍ରତିଷ୍ଠିତ ନ ହେଲେ ଅହିଂସା-ବିପ୍ଳବ ଫଳପ୍ରଦ ହୋଇ ପାରିବ ନାହିଁ । କିନ୍ତୁ ପୃଥିବୀରେ ସମ୍ପ୍ରତି ଏକ ବସ୍ତୁତ୍ୱର ଅଭାବ । ଏହି ସମସ୍ୟାର ସମାଧାନ ପୂର୍ବରୁ ମହାତ୍ମାଗାନ୍ଧୀ ଯେଉଁ ପ୍ରକାର ବିପ୍ଳବର ସୂଚନା ଦେଇ ଯାଇଛନ୍ତି ତାହାମାତ୍ର ଶାନ୍ତିମୂଳକ ଓ ଅନ୍ୟାନ୍ୟ ସମସ୍ତ ବିପ୍ଳବଠାରୁ ଅମୋଘ, ଏହା ବିଶ୍ୱମାନବଙ୍କୁ ସ୍ୱୀକାର କରିବାକୁ ପଡ଼ିବ । ସେ ବିପ୍ଳବ ମୂଳରେହିଁ ମନୁଷ୍ୟତାର ବିଜୟ-ଶଙ୍ଖ-ଘୋଷ ଶୁଣୁଛୁ । ପୃଥିବୀର କାତର କ୍ରନ୍ଦନ ଏଡ଼ାଇବାକୁ ହେଲେ ମାନବିକ ବଳ ଆଣି ଦେଇପାରେ ଏକା ସେହି ବିପ୍ଳବ । ସେ ଆଦର୍ଶ ପାଇଁ ଭାରତ ତା'ର ସୁଭାଷ ଚନ୍ଦ୍ର ବସୁ କେତେ ନେତୃସ୍ଥାନୀୟ ସମ୍ପଦକୁ ମଧ୍ୟ ଅନାୟାସରେ ହରାଇଛି—ନାନା ନିର୍ଯ୍ୟାତନା ବରଣ କରିଛି । ଗାନ୍ଧିଜୀଙ୍କର ଅମର ଆତ୍ମା ପୃଥିବୀର ଏ କୋଣରୁ ସେ କୋଣ ଯାଏଁ ଭୁଲି ପ୍ରତି ହୃଦୟ ତନ୍ତ୍ରୀରେ ଆଜି ମଧ୍ୟ ସ୍ପର୍ଶ ଦେଉଛି ସେହି ବିପ୍ଳବ ପାଇଁ ଶକ୍ତି ସଞ୍ଚୟ କରିବାକୁ । ଭାରତ ସେହି ବିପ୍ଳବ ପୃଥିବୀ ତମାମ ଆଣିବା ପାଇଁ ପ୍ରସ୍ତୁତ ହେଉଛି ।

ଉତ୍ତର-କୋରିଆର ଯୁଦ୍ଧ ଯେ ଦକ୍ଷିଣ କୋରିଆ ସରକାର ପ୍ରଥମେ ଉତ୍ତର କୋରିଆ ଉପରେ ଆକ୍ରମଣ କଲେ । ତା'ପରେ ପ୍ରକୃତରେ ହୋଇଥିଲା ଉତ୍ତର-କୋରିଆ ନିଜେ ଆକ୍ରମଣ କରିବା ପୂର୍ବରୁ ଦକ୍ଷିଣ କୋରିଆର ଆକ୍ରମଣର ପ୍ରତିବାଦ କରିଥାନ୍ତା । କାଶ୍ମୀରରେ ଯେତେବେଳେ ଆକ୍ରମଣ ଆରମ୍ଭ ହୁଏ ପୃଥିବୀର ଶାନ୍ତି ଭଙ୍ଗ ନହେବା ପାଇଁ ଭାରତ କି ପ୍ରକାର ନୈତିକ-ଆଦର୍ଶ ଦେଖାଇଛି ବର୍ତ୍ତମାନ ତାହା ଅନୁଭବ କରିହୁଏ । ସମସ୍ତ ନୈତିକ ପ୍ରତିବାଦ ସତ୍ତ୍ୱେ ଯେତେବେଳେ ଆକ୍ରମଣ ବଢ଼ିବାକୁ ଲାଗିଲା, ଭାରତକୁ କାଶ୍ମୀର-ସୀମାନ୍ତରୁ ଆକ୍ରମଣକାରୀଙ୍କ ବାହାର କରି ଦେବାପାଇଁ କେବଳ ଅସ୍ତ୍ର ଧରିବାକୁ ପଡ଼ିଲା ।

ନୀତିବାଦ ହେଉ, ଲକ୍ଷ୍ୟ ହେଉ, ତାହା ଯେତେ ସତ୍ୟ, ଯେତେ ନିର୍ମଳ ହେଉ ପଛେ ତାକୁ ହାସଲ କରିବା ପନ୍ଥା ମଧ୍ୟ ନୀତିଅନୁରୂପ ସତ୍ୟ ହେବା ପ୍ରୟୋଜନ । ନଚେତ୍ ସେ ହାସଲରେ ସ୍ଥିରତା ରହେ ନାହିଁ । ସେଥିରେ ମାର୍କସ୍‌ଦର୍ଶନ ଯେତେ ସତ୍ୟ ହେଉନା କାହିଁକି ତାହା ପ୍ରୟୋଗକାରୀମାନଙ୍କର କ୍ରିୟାକଳାପ ଦ୍ୱାରା ଏପରି ସଙ୍କଟ ଆଡ଼କୁ ଅଗ୍ରସର ହେଉଛି ଯେ ଦିନେ ନା ଦିନେ ସେ ଭଲ ଦର୍ଶନ ଆଗରୁ ଲୋକ ବିଶ୍ୱାସ ତୁଟି ଯାଇପାରେ, ବେଳେବେଳେ ମନରେ ଏହି ଭାବ ଆସିଯାଏ ।

ସର୍ବହରାର ଏକାଧିନାୟକତ୍ୱ ସମଗ୍ର ମାନବ ସମାଜର ଏକମାତ୍ର ଚରମଲକ୍ଷ୍ୟ ବୋଲି ତ ଆଉ କେହି କରି କହିବା ଲଦ ଦେଇ ହେବ ନାହିଁ ? ଯେଉଁ ଲକ୍ଷ୍ୟଟି ହାସଲ କରିବା ପାଇଁ କେତେକ ପନ୍ଥା ମଧ୍ୟରୁ ତାହା ଗୋଟିଏ ପନ୍ଥା, ତା'ର ହେଉଛି ମନୁଷ୍ୟ ସମଷ୍ଟି ଉପରେ ମନୁଷ୍ୟସମଷ୍ଟିର ସମ-ଅଧିନାୟକତ୍ୱ । କୌଣସି ଗୋଟିଏ ଅଂଚଳ ଦ୍ୱାରା ସର୍ବହରାର ଏକାଧିନାୟକତ୍ୱ ଦେଇ ପୃଥିବୀରେ ଚଳାଇବାକୁ ସେ ଲକ୍ଷ୍ୟର ପ୍ରତିଷ୍ଠା ଯେ ପୃଥିବୀ ପକ୍ଷେ କି ଭୀଷଣ ପରିଣାମ ସୃଷ୍ଟି କରିବ, ମତବାଦ ଅନ୍ଧ ପକ୍ଷେ ତା ବୁଝିବା ସହଜ କ'ଣ କଷ୍ଟକର ହୋଇଛି ? ପୃଥିବୀ ବ୍ୟାପୀ ପରିବର୍ତ୍ତନ ଆଣିବାକୁ ହେଲେ ସମଗ୍ର ଅଂଚଳର ପୃଥିବୀବାସୀ ସଂଗଠିତ ହୋଇ ତାହା କରିବାକୁ ହକ୍‌ଦାର, କିନ୍ତୁ ସେ ମହା-ଅଭିଯାନ ପାଇଁ ମହାତ୍ମାଗାନ୍ଧୀଙ୍କର ଅହିଂସା-ବିପ୍ଳବ ପ୍ରେରଣା ଦେଇ ନ ଥିଲେ ତାହାର ସାଫଲ୍ୟ ଉପରେ ମଧ୍ୟ ସନ୍ଦେହ ରହିଛି । ମତବାଦ ପଟଳରେ ଆଖି ବାନ୍ଧି ସତେ କ'ଣ ଆମେ ଦେଖି ପାରୁନ, ହଁ କେଉଁ ଅମେ ପୃଥିବୀ ଉପରେ ରହୁଛୁ ?

ସମାପ୍ତ

# ଚତୁରଙ୍ଗ ନିୟମାବଳୀ

**ଲେଖକ ଲେଖିକା ମାନଙ୍କ ପ୍ରତି:—**

(୧) ପ୍ରବନ୍ଧାଦି କାଗଜର ଗୋଟିଏ ପାଖରେ ପରିଷ୍କାର ଓ ସ୍ପଷ୍ଟ ଭାବରେ ଲେଖାହେବା ବାଞ୍ଛନୀୟ।

(୨) ଉପାଦେୟ ଲେଖା ପ୍ରକାଶ ପାଇ ନ ପାରିଲେ ସୁଦ୍ଧା ଫେରସ୍ତ ଦିଆଯାଏ ନାହିଁ।

(୩) ସମ୍ବାଦର ଆଦାନ ପ୍ରଦାନ ପାଇଁ ପ୍ରତି ଲେଖାର ଶେଷରେ ଲେଖକଙ୍କର ନାମ ଓ ସମ୍ପୂର୍ଣ୍ଣ ଠିକଣା ରହିବା ନିତାନ୍ତ ଆବଶ୍ୟକ।

**ଗ୍ରାହକ ମାନଙ୍କ ପ୍ରତି:—**

(୧) ଚତୁରଙ୍ଗର ବାର୍ଷିକ, ଷାଣ୍ମାସିକ ଏବଂ ପ୍ରତି ସଂଖ୍ୟାର ମୂଲ୍ୟ ଯଥାକ୍ରମେ ଛଅଟଙ୍କା, ତିନିଟଙ୍କା-ଚାରିଅଣା ଓ ଦଶଅଣା ମାତ୍ର। ଗ୍ରାହକ ଚାନ୍ଦା ଅଗ୍ରୀମ ଦେୟ।

(୨) ଚତୁରଙ୍ଗ ପ୍ରତି ଇଂରେଜୀ ମାସର ତା ୭ରିଖ ବେଳକୁ ପ୍ରକାଶ ପାଏ।

(୩) କୌଣସି କାରଣ ବଶତଃ ଗ୍ରାହକ ଯଥା ସମୟରେ ଚତୁରଙ୍ଗ ନ ପାଇଲେ ପତ୍ରଦ୍ୱାରା ପରିଚାଳକଙ୍କୁ ଜଣାଇବେ।

(୪) ଗ୍ରାହକ ଗ୍ରାହିକା ମାନେ ଅଳ୍ପଦିନ ପାଇଁ ସ୍ଥାନାନ୍ତରକୁ ଗଲେ ସ୍ଥାନୀୟ ପୋଷ୍ଟ ଅଫିସକୁ ଏବଂ ଦୀର୍ଘ ସମୟ ପାଇଁ ଗଲେ ପରିଚାଳକଙ୍କୁ ଜଣାଇଲେ ପତ୍ରିକା ସୁବିଧା ଅନୁସାରେ ପାଇ ପାରିବେ।

(୫) ଗ୍ରାହକ ମାନେ ଚାନ୍ଦା ବା ପରିଚାଳନା ସମ୍ପର୍କରେ ସମ୍ବାଦ ନିଜ ନିଜର ଗ୍ରାହକ ନମ୍ବର ଉଲ୍ଲେଖ କରି ନିମ୍ନ ଲିଖିତ ଠିକଣାରେ ପ୍ରେରଣ କରିବେ।

ପରିଚାଳକ, 'ଚତୁରଙ୍ଗ'
କୋଶଳ କଳାମଣ୍ଡଳ ପୋ: ବଲାଙ୍ଗିର

**ବିଜ୍ଞାପନ ହାର**

| | | |
|---|---|---|
| ପ୍ରତି ସଂଖ୍ୟା- | ଏକ ପୃଷ୍ଠାକୁ- | ଟ ୨୦୲ |
| ,, | ଅର୍ଦ୍ଧ ପୃଷ୍ଠାକୁ- | ଟ ୧୦୲ |
| | ଏକ ଚତୁର୍ଥାଂଶ ପୃଷ୍ଠାକୁ- | ଟ ୫୲ |

**ବିଜ୍ଞାପନ ବର୍ଷକ ପାଇଁ ରଖିଲେ**

| | | |
|---|---|---|
| ପ୍ରତି ସଂଖ୍ୟା | ପ୍ରତି ପୃଷ୍ଠାକୁ- | ଟ ୧୬୲ |
| ,, | ଅର୍ଦ୍ଧ ପୃଷ୍ଠାକୁ- | ଟ ୮୲ |
| | ଏକ ଚତୁର୍ଥାଂଶ ପୃଷ୍ଠାକୁ- | ଟ ୪୲ |

ମଲାଟ ପୃଷ୍ଠା ପାଇଁ ପ୍ରତି କ୍ଷେତ୍ରରେ ପାଞ୍ଚ ଟଙ୍କା ଅଧିକ

**ଏଜେଣ୍ଟ:** ଚତୁରଙ୍ଗର ବିକ୍ରି ପାଇଁ ଓଡ଼ିଶା ତଥା ଓଡ଼ିଶା ବାହାରେ ଶତକଡ଼ା ଟ ୨୫୲ ଟଙ୍କା କମିଶନ ହାରରେ ଏଜେଣ୍ଟ ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତି ନିୟମାବଳୀ ପାଇଁ ପରିଚାଳକଙ୍କ ନିକଟକୁ ପତ୍ର ଲେଖନ୍ତୁ।

## କନ୍‌ସେସନ୍

'ଚତୁରଙ୍ଗ'ର ଷ୍ଟକ୍‌ରେ ନିମ୍ନଲିଖିତ କେତେକ ଅବିକ୍ରିତ ସଂଖ୍ୟା ଅଦ୍ୟାବଧି ରହିଛି। [illegible] ଗ୍ରାହକର ବିକ୍ରି ନିମନ୍ତେ ନିମ୍ନଲିଖିତ ସୁଯୋଗ ଦେଉଛୁ।

(୧) 'ଚତୁରଙ୍ଗ' ୧ ମ ବର୍ଷର ୨ ମ ସଂଖ୍ୟାରୁ ୨ ୟ ବର୍ଷର ୬ଷ୍ଠ ସଂଖ୍ୟା ପର୍ଯ୍ୟନ୍ତ (ସ୍ୱତନ୍ତ୍ର ସଂଖ୍ୟା ସମେତ) ଯେଉଁମାନେ ପୂରା ଗୋଟିଏ ସେଟ୍ ନେବାକୁ ଚାହିଁବେ ସେମାନେ ପାଞ୍ଚଟଙ୍କା ମୂଲ୍ୟରେ ପାଇ ପାରିବେ।

(୨) ଉପର୍ଯ୍ୟୁକ୍ତ କୌଣସି ସଂଖ୍ୟା (ସ୍ୱତନ୍ତ୍ର ସଂଖ୍ୟା ବ୍ୟତୀତ) ୧ ମ ବର୍ଷର ୧ ମ ଓ ୩ ୟ, ୨ ୟ ବର୍ଷର ୨ ମ ଓ ୮ ମ ସଂଖ୍ୟା ଛଡ଼ା ଯେଉଁମାନେ ନେବାକୁ ଚାହିଁବେ ସେମାନେ ଖଣ୍ଡପ୍ରତି ଛଅଣା ଓ ସ୍ୱତନ୍ତ୍ର ସଂଖ୍ୟା ଏକ ଟଙ୍କା ଦରରେ ପାଇ ପାରିବେ। ଏକଟଙ୍କା ଚାରି ଅଣା ମାତ୍ର ପଠାଇଲେ ସ୍ୱତନ୍ତ୍ର ସଂଖ୍ୟା ରେଜିଷ୍ଟ୍ରି ଡାକରେ ପଠାଇ ଦିଆ ଯାଇପାରିବ।

ପରିଚାଳକ
'ଚତୁରଙ୍ଗ'

Digitized by srujanika@gmail.com

# ଗଣତନ୍ତ୍ର

ପ୍ରାକୃତିକ ଓଡ଼ିଆ ଭାଷା ଭାଷୀ ଅଂଚଳରେ ସତ୍ୟ ସମ୍ବାଦ ପରିବେଷଣ , ନିର୍ଭିକ ସମାଲୋଚନା ଓ ନିରପେକ୍ଷ ସାମ୍ବାଦିକତାର ଆଦର୍ଶ ନେଇ 'ଗଣତନ୍ତ୍ର' ଗୋଟିଏ ସାପ୍ତାହିକ ସମ୍ବାଦ ପତ୍ର ଭାବରେ ଗତ ଦେଢ଼ ବର୍ଷ ହେଲା କାର୍ଯ୍ୟ କରି ଆସୁଛି । ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗ ଉପରେ ଏହାର ଭବିଷ୍ୟତ ଉନ୍ନତି ନିର୍ଭର କରେ । ଆଜି କାଲି ପଲ୍ଲୀ ସମସ୍ୟାରେ ସମ୍ବାଦ ପତ୍ରର ଆବଶ୍ୟକତା ସମ୍ବନ୍ଧେ ଶିକ୍ଷିତ ଜନସାଧାରଣଙ୍କୁ ବୁଝାଇବାକୁ ଯିବା ଧୃଷ୍ଟତା ମାତ୍ର । ପତ୍ରିକାଟିର ବହୁଳ ପ୍ରଚାର ନିମନ୍ତେ ଓ ତାହା ଅଳ୍ପ ଦାମ୍ ପର ଅର୍ଥ ଅନାଟନ ଲୋକେ ସମସ୍ତେ ଆଗ୍ରହରେ ପାଇ ପାରିବା ନିମନ୍ତେ ବର୍ତ୍ତମାନ ସାପ୍ତାହିକ ଗଣତନ୍ତ୍ରର ବାର୍ଷିକ ଚାନ୍ଦା ଆଗାମୀ ଜୁଲାଇ ମାସ ଆରମ୍ଭରୁ କମାଇ ଦିଆଯାଉଛି । ସ୍ଥାନୀୟ ଗ୍ରାହକ ମାନେ ବାର୍ଷିକ ୨ ୩ ୯ ରେ ଓ ଡାକ ଯୋଗେ ନେବାକୁ ଇଚ୍ଛା କରୁଥିବା ଗ୍ରାହକ ମାନେ ବାର୍ଷିକ ୨ ୪ ୯ ରେ ପାଇ ପାରିବେ । ଆପଣ ଯଦି ଗ୍ରାହକ ହୋଇ ନ ଥାନ୍ତି ତେବେ ଆଜି ଗ୍ରାହକ ହୋଇ ପତ୍ରିକାଟିର ପ୍ରଚାରରେ ସାହାଯ୍ୟ କରନ୍ତୁ ।

ବିନୀତ

ମ୍ୟାନେଜର, ଗଣତନ୍ତ୍ର

---

# *Kalamandal Printing Press*

**P. O. BALANGIR, PATNA**

## OUR SPECIAL FETURES ARE

*QUALITY*

**PROMPTNESS**

SERVICE

## WE UNDERTAKE ALL KINDS OF

*Cash - memos, Bill, Vouchers, Letters, Invitation cards, Books Etc.*


Printed & Published by Jameswar Tripathy at the K.M. Press Balangir.

Digitized by srujanika@gmail.com